# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୩୦/୨୦୧୮ (୨୦ ପୃଷ୍ଠା) | Bhubaneswar, Tuesday, October 30/ 2018 | ★★★★★★

୪୪ଶ ଭାଗ ୩୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ରୋହିତ୍ ରାଜ୍: ଭାରତର ବୃହତ୍ ବିଜୟ**

ରୋହିତ ଶର୍ମା ଓ ଅମ୍ବାତି ରାୟୁଡୁଙ୍କ ଶତକ ସହାୟତାରେ ଭାରତ ସୋମବାର ଅନୁଷ୍ଠିତ ୪ର୍ଥ ଦିନିକିଆ କ୍ରିକେଟ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ୨୨୪ ରନରେ ପରାସ୍ତ କରିଛି। ୧୮

୦୯ **ପ୍ରାକ୍-ପରିଣୟ ଉତ୍ସବ ପାଳିଲେ ପ୍ରିୟଙ୍କା**

ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ନ୍ୟୁୟର୍କଠାରେ ରବିବାର ପ୍ରାକ୍-ପରିଣୟ ଉତ୍ସବ ପାଳନ କରିଛନ୍ତି।




DSPL-223

ODISHA INDIA'S BEST KEPT SECRET | BEATS FOR HOCKEY | ODISHA HOCKEY MEN'S WORLD CUP BHUBANESWAR 2018 | OMC | HOCKEY INDIA | nswis

#HWC2018 #Odisha2018

29001/13/0051/1819

ଓଡିଶା - ନିୟୁ ସାଉଥ୍ ୱେଲ୍ସ୍ ହକି ସିରିଜ୍

ଓଡିଶା ଏକାଦଶ ବନାମ୍ ନିୟୁ ସାଉଥ୍ ୱେଲ୍ସ୍ ଏକାଦଶ

କଳିଙ୍ଗ ହକି ଷ୍ଟାଡିୟମ

୧ ନଭେମ୍ବର ୨୦୧୮, ସନ୍ଧ୍ୟା ଘ ୬ ଟିକା

ନିଃଶୁଳ୍କ ପ୍ରବେଶ

ସୀମିତ ଉପଲବ୍ଧ

ପାସ୍ ଉପଲବ୍ଧ ସ୍ଥାନ ଓ ସମୟ:

୨୭-୩୧ ଅକ୍ଟୋବର, ସକାଳ ୧୦ ଘଟିକା- ସନ୍ଧ୍ୟା ୫ ଘଟିକା । ଗେଟ୍ ନଂ ୪, କଳିଙ୍ଗ ଷ୍ଟାଡିୟମ

Sports_odisha | sports.odisha | www.hockey.sportsodisha.gov.in




## ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା


ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ଏହା ଘନୀଭୂତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଜଗତ୍‌ସିଂହପୁର, କେନ୍ଦ୍ରାପଡା, ବାଲେଶ୍ୱର ଏବଂ ଭଦ୍ରକ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହିତ ରାଜ୍ୟର ଅନ୍ୟାନ୍ୟ ଭାଗରେ ମଧ୍ୟ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଉପକୂଳବର୍ତ୍ତୀ ଜିଲାଗୁଡିକରେ ଆକାଶ ମେଘାଚ୍ଛନ୍ନ ରହିଛି। ଉପକୂଳରେ ବାୟୁ ପ୍ରବାହ ବେଗ ବୃଦ୍ଧି ପାଇଛି। ଲଘୁଚାପକୁ ଦୃଷ୍ଟିରେ ରଖି ୨୯ ଓ ୩୦ ତାରିଖ ଦୁଇଦିନ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ତେବେ ଲଘୁଚାପ ପ୍ରଭାବ କମ୍ ରହୁଥିବାରୁ କେବଳ ଉପକୂଳ ଓଡିଶାର କେତେକ ଜିଲାରେ ଏହାର ପ୍ରଭାବ କମ୍ ରହିବ। ଅକ୍ଟୋବର ୩୧ ତାରିଖ ପରେ ପାଗରେ ପରିବର୍ତ୍ତନ ହେବ। ଶୀତ ପ୍ରକୋପ ବଢିବ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ରାଜ୍ୟରେ ଗତ କିଛିଦିନ ହେବ ଶୀତ ବଢୁଥିଲେ ମଧ୍ୟ ରାତିରେ ପାଗ ଥଣ୍ଡା ରହୁଛି। ମିଳିଥିବା ସୂଚନା ଅନୁଯାୟୀ କୋରାପୁଟରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡି ୧୪, ଫୁଲବାଣୀ ୧୫.୮ ଏବଂ ଟିଟିଲାଗଡରେ ସର୍ବନିମ୍ନ ତାପମାତ୍ରା ୧୬.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଲଘୁଚାପ ଯୋଗୁ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ହାଲକା ବର୍ଷା ହୋଇଛି। ପାରାଦୀପରେ ୧୧.୭ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି ୫.୭, ବାଲେଶ୍ୱର ୭ ଏବଂ ଭୁବନେଶ୍ୱରରେ ୧.୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

**ଲଘୁଚାପ**



## ■ ହାଇକୋର୍ଟ ପରିସର ଅଶାନ୍ତ
# ଆଇନଜୀବୀ ହାତାହାତି

କଟକ ଅଫିସ, ୨୯।୧୦

କଟକରେ ଆଇନଜୀବୀଙ୍କ ବିବାଦ ଚରମ ସୀମାରେ ପହଞ୍ଚିଛି। ହାଇକୋର୍ଟ ଇତିହାସରେ ଯାହା କେବେ ଘଟି ନ ଥିଲା କିମ୍ବା ଘଟିବ ବୋଲି ଆଶା କରାଯାଉ ନ ଥିଲା ତାହା ସୋମବାର ଘଟିଛି। ଅଶାନ୍ତ ହୋଇପଡିଥିଲା ଏହି ଜିରୋ ଟଲେରାନ୍ସ ଜୋନ୍। ସକାଳ ୧୦ଟାରେ ହାଇକୋର୍ଟ ପରିସରର ଦୃଶ୍ୟ କୌଣସି ରଣକ୍ଷେତ୍ରର ଦୃଶ୍ୟଠାରୁ କମ୍ ନ ଥିଲା। ଦୁଇପାର୍ଶ୍ୱରେ ବିଭକ୍ତ ଥିବା ଓକିଲମାନେ ପରସ୍ପରକୁ ମୁକାବିଲା କରିବା ମୁଦ୍ରାରେ ପ୍ରସ୍ତୁତ ଥିଲେ। ଗୋଟିଏ ପକ୍ଷ ହାଇକୋର୍ଟ ଭିତରକୁ ପଶିବାକୁ ଉଦ୍ୟମ କରୁଥିବା ବେଳେ ଅନ୍ୟ ଗୋଟିଏ ପକ୍ଷ ବିରୋଧ କରୁଥାନ୍ତି। ଆରମ୍ଭ ହେଲା ଧସ୍ତାଧସ୍ତି, ମୁଥ ମରାମରି। ଏଥିରେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ଆବାହକ ତଥା ଆଡଭୋକେଟ ମିଳନ କାନୁନ୍‌ଗୋ, ମୁଖ୍ୟ ଉପଦେଷ୍ଟା ଆଡଭୋକେଟ ଅସିମ ଅମିତାଭ ଦାସ, ସଦସ୍ୟ ଆଡଭୋକେଟ ଅନନ୍ତ ପଟ୍ଟନାୟକ ଓ ସରୋଜ ସାମଲଙ୍କ ସମେତ ୭ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଜଣେ ପୋଲିସ କନଷ୍ଟେବଳ ରହିଛନ୍ତି। ଆହତ କନଷ୍ଟେବଳ ହେଉଛନ୍ତି ସତ୍ୟନାରାୟଣ ଛୁଆଲସିଂ। ଚିକିତ୍ସା ନିମନ୍ତେ ତାଙ୍କୁ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ସେହିପରି ଆନ୍ଦୋଳନକାରୀଙ୍କ ପକ୍ଷରୁ ମହିଳା ଆଡଭୋକେଟ ବିଷ୍ଣୁପ୍ରିୟା ବେହେରା ଆହତ ହୋଇଥିବା ଖବର ମିଳିଛି। ଅନ୍ୟପକ୍ଷରେ ଏହି ଆନ୍ଦୋଳନରେ ମଙ୍ଗଳାବାଗ ଅଞ୍ଚଳର ସନ୍ତୋଷ ନିମାଇଁ ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସନ୍ତୋଷ ଶିଶୁଭବନ ଯାଉଥିବା ସମୟରେ ତାଙ୍କୁ କେତେଜଣ ଆଇନଜୀବୀ ନିଷ୍ଠୁର ମାଡ଼ ମାରିଥିବା ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି। ଝିମିଟି ଖେଳରୁ ମହାଭାରତ ଭଳି ଏହି ଘଟଣାକୁ ନେଇ ଏବେ ରାଜ୍ୟ ରାଜନୀତି ମଧ୍ୟ ଗରମ ହୋଇଉଠିଛି। ଦୁଇ ଆଇନଜୀବୀ ଗୋଷ୍ଠୀ ମୁହାଁମୁହିଁ ହେବାବେଳେ କେତେଜଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଆଉ କେତେଜଣ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ନାରାବାଜି କରିଥିଲେ। ମୁଖ୍ୟତଃ ଏହି ଘଟଣାରେ ବିଜେଡି ଓ ଭାଜପା ମୁହାଁମୁହିଁ ହୋଇଥିବା କୁହାଯାଉଛି।

ଏହି ଘଟଣା ଘଟୁଥିବାବେଳେ ଅନେକ ଆଇନଜୀବୀ ନିଷ୍କ୍ରିୟ ହୋଇ ଦେଖଣାହାରୀ ପାଲଟିଥିଲେ। ସେମାନଙ୍କ କହିବା ଅନୁଯାୟୀ, ଏହି ଆନ୍ଦୋଳନ ଯୋଗୁ ସାଧାରଣ ଲୋକ ହନ୍ତସନ୍ତ ହେବା ସହିତ ଅଧିକାଂଶ ଆଇନଜୀବୀ ନିଜର ରୋଜଗାର ହରାଇଛନ୍ତି। ସେମାନଙ୍କ ମତରେ, ଏହି ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିବାକୁ ହେଲେ କେବଳ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ସମାଧାନ କରିପାରିବେ। ତାଙ୍କ ବ୍ୟତୀତ ଅନ୍ୟ କୌଣସି ପକ୍ଷ ଯଥା ସରକାର, ପୋଲିସ କିମ୍ବା ତଦନ୍ତ କମିଶନ କିଛି କରିପାରିବେ ନାହିଁ। ସେଥିପାଇଁ ଅଧିକାଂଶ ଆଇନଜୀବୀ ଏବେ ମୁଖ୍ୟ ବିଚାରପତି କେଉଁଭଳି ପଦକ୍ଷେପ ନେବେ ତାହା ଦେଖିବାକୁ ଅପେକ୍ଷା କରିଛନ୍ତି।

ସୋମବାର ସକାଳ ୧୦ଟା। କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଓହରି ଯାଇଥିବା ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ☞ ପୃଷ୍ଠା-୪



ହାଇକୋର୍ଟ ପରିସରରେ ସୋମବାର ମୁହାଁମୁହିଁ ହୋଇଥିବା ଦୁଇ ଆଇନଜୀବୀ ଗୋଷ୍ଠୀ।

**୭ରୁ ଉର୍ଦ୍ଧ୍ୱ ଆହତ**

**ଆଜିର ସମ୍ପାଦକୀୟ**

**ବିରଳ ବିଚାର**

**ଆଜିର ମନ୍ତବ୍ୟ**

"ରାମ ମନ୍ଦିର ନିର୍ମାଣ ପ୍ରସଙ୍ଗରେ ହିନ୍ଦୁମାନେ ଅଧୈର୍ଯ୍ୟ ହୋଇପଡ଼ିଲେଣି ।
–ଗିରିରାଜ ସିଂ, କେନ୍ଦ୍ରମନ୍ତ୍ରୀ

**କିଛି ତଥ୍ୟ**

୨୦୧୭-୧୮ ମାର୍କେଟିଂ ବର୍ଷରେ ଦେଶରେ ଚିନି ଉତ୍ପାଦନ ସର୍ବୋଚ୍ଚ ସ୍ତରରେ ରହିବା ସହ ୩୨.୫ ନିୟୁତ ଟନ୍ ଛୁଇଁଛି।
– ଇଣ୍ଡିଆନ୍ ସୁଗାର ମିଲ୍ସ ଆସୋସିଏଶନ


BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in : Gold, Diamond & Silver
Gold 24 CT - ₹ 32,400/- 10gm.
Gold 22 CT - ₹ 31,000/- 10gm.
Silver Rate - ₹ 370/- /10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE | 29.10.2018 | Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 76 | 127 | 137 |
| BDK | 76 | 127 | 137 |
| BLS | 76 | 127 | 137 |
| ANG | 77 | 128 | 138 |

*Conditions Apply
Eggs Retail Price- 49/-Dozen
Issued in the Interest of Consumers


# ଜାଭା ସମୁଦ୍ରରେ ଖସିଲା ଲାୟନ୍ ଏୟାର: ୧୮୯ ମୃତ

ଜାକର୍ତ୍ତା/ନୂଆଦିଲ୍ଲୀ,୨୯।୧୦(ପି.ଟି.)

ଇଣ୍ଡୋନେସିଆରେ ପୁଣି ଏକ ବିପତ୍ତି ସଭିଙ୍କୁ ସ୍ତବ୍ଧ କରିଛି। ଯାତ୍ରୀବାହୀ ଲାୟନ୍ ଏୟାର ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଜାଭା ସମୁଦ୍ରରେ ଖସିପଡ଼ିବା ଯୋଗୁ ୧୮୯ ଜଣଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ମୃତକଙ୍କ ମଧ୍ୟରେ ଜଣେ ଭାରତୀୟ ପାଇଲଟ ଅଛନ୍ତି। ସେ ହେଉଛନ୍ତି ଦିଲ୍ଲୀ ନିବାସୀ ଭବ୍ୟେ ସୁନେଜା (୩୧)। ସେ ଜେଟି୬୧୦ ବିମାନର ଉଡ଼ାଣ କରୁଥିବାବେଳେ ଏହି ଦୁର୍ଘଟଣା ଘଟିଛି। ସମୁଦ୍ରର ଅଥଳ ଜଳରେ ବିମାନ ଖସିପଡ଼ିବା ପରେ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଯାଇଥିଲା। ଅନେକ ମାନବ ଦେହାବଶେଷ ମିଳିଥିବା ସୋମବାର ଉଦ୍ଧାରକାରୀ ଦଳ କହିଛନ୍ତି। ରାତି ତମାମ୍ ସନ୍ଧାନକାର୍ଯ୍ୟ ଜାରି ରହିବ।

ସୋମବାର ସକାଳେ ବୋଇଂ ୭୩୭ ମାକ୍ସ ୮ ବିମାନ ଇଣ୍ଡୋନେସିଆ ରାଜଧାନୀ ଜାକର୍ତ୍ତାରୁ ପାଙ୍ଗକଲ୍ ପିନାଙ୍ଗ୍ ସିଟି ଅଭିମୁଖେ ଉଡ଼ାଣ କରୁଥିଲା। ଉଡ଼ାଣ ଆରମ୍ଭ କରିବାର ୧୩ ମିନିଟ୍ ପରେ ଅର୍ଥାତ୍ ପାଖାପାଖି ୬ଟା ୩୦ରେ ତାହା ରାଡାର ବାହାରକୁ ଚାଲିଯାଇଥିଲା। ଅଚାନକ ବିମାନଟି କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଯିବାରୁ ତାହାର ସନ୍ଧାନ ଲାଗି ଅଭିଯାନ ଆରମ୍ଭ ହୋଇଗଲା। କେରାୱାଙ୍ଗ୍ ନିକଟରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇ ଜାଭା ସମୁଦ୍ରରେ ଖସିପଡ଼ିଥିବା ଜଣାପଡ଼ିଲା। ତେବେ ବିପଦ ଆଶଙ୍କା କରି ଉକ୍ତ ବିମାନକୁ ଜାକର୍ତ୍ତା ଫେରିଆସିବା ଲାଗି ସତର୍କ ସୂଚନା ଦିଆଯାଇଥିଲା। ବିଭିନ୍ନ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ତଥ୍ୟ ଅନୁଯାୟୀ ବିମାନଟି ଦ୍ରୁତବେଗରେ ☞ ପୃଷ୍ଠା-୪

**ଇଣ୍ଡୋନେସିଆରେ ବିମାନ ଦୁର୍ଘଟଣା**



- ଜାକର୍ତ୍ତାରୁ ପାଙ୍ଗକଲ୍ ପିନାଙ୍ଗ୍ ସିଟିକୁ ଉଡ଼ାଣ କରୁଥିଲା ବୋଇଂ ୭୩୭ ମାକ୍ସ ୮
- ୧୩ ମିନିଟ ପରେ ହେଲା ଅନ୍ତର୍ଦ୍ଧାନ
- ସମୁଦ୍ରରେ ଖସିପଡ଼ିଥିବା ଜଣାପଡ଼ିବା ପରେ ଚାଲିଛି ସନ୍ଧାନକାର୍ଯ୍ୟ
- ମିଳିଛି ଅନେକ ଦେହାବଶେଷ ଓ ବିମାନର ଭଗ୍ନାଂଶ
- ମୃତକଙ୍କ ମଧ୍ୟରେ ଅଛନ୍ତି ଭାରତୀୟ ପାଇଲଟ ସୁନେଜା


## ■ ବରଗଡ଼ରେ ବାଘ ମୃତ୍ୟୁ ଘଟଣା
# ମନ୍ତ୍ରୀ କହିଲେ କଲରାପତରିଆ

ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)

ବରଗଡ଼ ଜିଲା ଭଟ୍‌ଲି ବ୍ଲକ ଖଜୁରିଆ ଗ୍ରାମ ନିକଟ ଦାମୋଦରପଡ଼ା ଜଙ୍ଗଲରୁ ରବିବାର ଏକ ବାଘର ଗଳିତ ମୃତଦେହ ମାଟି ତଳୁ ଉଦ୍ଧାର କରାଯାଇଥିଲା। ତାହା ମହାବଳ ବାଘ ବୋଲି ସନ୍ଦେହ କରାଯାଉଥିବା ବେଳେ ସୋମବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ କଲରାପତରିଆ ବୋଲି କହିଛନ୍ତି। ଅନ୍ୟପକ୍ଷରେ ପିସିସିଏଫ୍ (ବନ୍ୟପ୍ରାଣୀ) ସନ୍ଦୀପ ତ୍ରିପାଠୀ କହିଛନ୍ତି, ବ୍ୟବଚ୍ଛେଦର ପ୍ରାଥମିକ ପରୀକ୍ଷାରୁ ତାହା କଲରାପତରିଆ ବାଘ ବୋଲି ଜଣାପଡ଼ିଛି। ଅଧିକ ଜାଣିବା ପାଇଁ ଡେରାଡୁନ୍‌ସ୍ଥିତ ୱାଇଲ୍ଡଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆକୁ ନମୁନା ପଠାଯାଇଛି। ରିପୋର୍ଟ ଆସିବା ପରେ ସବୁକିଛି ସ୍ପଷ୍ଟ ହୋଇଯିବ ବୋଲି ତ୍ରିପାଠୀ କହିଛନ୍ତି।

ତେବେ ଏହାକୁ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ତୀବ୍ର ନିନ୍ଦା କରିବା ସହ ଘଟଣାକୁ ଚପାଇ ଦେବାକୁ ଷଡ଼ଯନ୍ତ୍ର ଆରମ୍ଭ ହୋଇଥିବା ଅଭିଯୋଗ ଉଠାଇଛନ୍ତି। ଏଥିସହ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ବନ୍ୟପ୍ରାଣୀ ବିଶେଷଜ୍ଞ ଡ. ବିଶ୍ୱଜିତ୍ ମହାନ୍ତି କୁହନ୍ତି, ସୋମବାର ଉକ୍ତ ବାଘର ମୁଣ୍ଡକୁ ଘଟଣାସ୍ଥଳରୁ ଅଣାଯିବା ପରେ ବନ ବିଭାଗ ପକ୍ଷରୁ ବିଭିନ୍ନ ପାର୍ଶ୍ୱରୁ ଏକାଧିକ ଫଟୋ ଉଠାଯାଇଥିଲା। ସେଥିରୁ ଉକ୍ତ ମୁଣ୍ଡଟି ମହାବଳ ବାଘ ବୋଲି ଜଣାପଡୁଛି। କାରଣ ମହାବଳ ବାଘର ଆଖି ଉପରେ ଓ ତଳେ ଧଳା ଚିହ୍ନ ରହୁଥିବାବେଳେ କଲରାପତରିଆ ବାଘର ଏହା ନ ଥାଏ। ମିଳିଥିବା ମୁଣ୍ଡଟିରେ ମହାବଳ ବାଘର ସମସ୍ତ ଚିହ୍ନ ରହିଥିବା ଉକ୍ତ ଫଟୋରୁ ଜଣାପଡୁଛି। କିନ୍ତୁ ବନ ବିଭାଗ ଡେରଡୁନ୍ ରିପୋର୍ଟକୁ ଅପେକ୍ଷା କରିଛି। ପୁଣି ଘଟଣା ବହୁଦିନ ତଳୁ ଘଟିଥିଲେ ମଧ୍ୟ ସ୍ଥାନୀୟ ବନ ବିଭାଗ କିପରି ଜାଣିପାରିଲାନି। ଏଥିରୁ ଠିକ୍ ଭାବେ ପାଟ୍ରୋଲିଂ ହେଉ ନ ଥିବା, ଅଧିକାରୀ ଓ କର୍ମଚାରୀମାନେ କର୍ତ୍ତବ୍ୟରେ ଢେର୍ ଅବହେଳା କରୁଥିବାରୁ ଏଭଳି ବହୁ ବନ୍ୟପ୍ରାଣୀଙ୍କ ଜୀବନ ଯାଉଛି। ପୂର୍ବତନ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବିଜୟ କେତନ ପଟ୍ଟନାୟକ କୁହନ୍ତି, କଲରାପତରିଆ ହେଉ କିମ୍ବା ମହାବଳ ବାଘ ହେଉ ଦଣ୍ଡବିଧାନ ସମାନ ରହିଛି। ବଡ଼ କଥା ହେଲା ଏଭଳି ଅନେକ ଘଟଣା ଘଟୁଛି, କାର୍ଯ୍ୟାନୁଷ୍ଠାନ ଭୟରେ ଘଟଣାକୁ ଚପାଇ ଦିଆଯାଉଛି ବୋଲି ପଟ୍ଟନାୟକ କହିଛନ୍ତି।

- ଡେରାଡୁନ ପଠାଗଲା ନମୁନା
- କ୍ରାଇମବ୍ରାଞ୍ଚ ତଦନ୍ତ ଦାବିକଲେ ବିଶେଷଜ୍ଞ
- ଚପାଇ ଦେବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ





ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମିତ୍ତ ଅଧିକ ସଂଖ୍ୟକ ଭଲ ଡାକ୍ତର ଏବଂ ମେଡିକାଲ କଲେଜର ଆବଶ୍ୟକତା ରହିଛି ।

- ରାମନାଥ କୋବିନ୍ଦ, ରାଷ୍ଟ୍ରପତି



## ସଂକ୍ଷେପରେ

### 'ମୋଦିଙ୍କ ଭୁଲ ପାଇଁ କଶ୍ମୀରରେ ନିଆଁ ଜଳୁଛି'

ଉଜ୍ଜୟିନୀ,୨୯।୧୦(ପି.ଟି.)-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭୁଲ ପାଇଁ ଜମ୍ମୁ-କଶ୍ମୀରରେ ନିଆଁ ଜଳୁଛି। ମୋଦି ସରକାର ଆତଙ୍କବାଦୀଙ୍କ ପ୍ରବେଶ ପାଇଁ ବାଟ ଖୋଲିଛନ୍ତି। କଶ୍ମୀରରେ କୌଣସି ନେତା ଶହୀଦ ହୋଇନାହାନ୍ତି କେବଳ ସେନାର ଯବାନ ପ୍ରାଣବଳି ଦେଉଛନ୍ତି। ଏସବୁ କେବଳ ମୋଦିଙ୍କ ଭୁଲ ପାଇଁ ହୋଇଛି ବୋଲି



କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମଧ୍ୟପ୍ରଦେଶକୁ ଦୁଇ ଦିନିଆ ନିର୍ବାଚନୀ ଗସ୍ତରେ ଯାଇଥିବା ବେଳେ କହିଛନ୍ତି। ଏହି ସମୟରେ ରାହୁଲ ପ୍ରସିଦ୍ଧ ମହାକାଳେଶ୍ୱର ମନ୍ଦିର ଯାଇଥିଲେ। ତାଙ୍କୁ ଧୋତି ପିନ୍ଧି ମନ୍ଦିର ଭିତରେ ପୂଜା କରୁଥିବାର ଦେଖିବାକୁ ମିଳିଥିଲା। ତାଙ୍କ ସହିତ ରାଜ୍ୟ କଂଗ୍ରେସର ଦୁଇ ବରିଷ୍ଠ ନେତା କମଲ ନାଥ ଏବଂ ଜ୍ୟୋତିରାଦିତ୍ୟ ସିନ୍ଧିଆ ରହିଥିଲେ। ପୂର୍ବରୁ ରାହୁଲ ୨୦୧୦ରେ ମନ୍ଦିରକୁ ଆସିଥିଲେ ବୋଲି ଦଳୀୟ ନେତା କହିଛନ୍ତି। ରାହୁଲଙ୍କ ପୂର୍ବରୁ ଏହି ମନ୍ଦିରକୁ ତାଙ୍କ ଜେଜେ ମା' ଇନ୍ଦିରା ଗାନ୍ଧୀ, ବାପା ରାଜୀବ ଗାନ୍ଧୀ ଏବଂ ମା' ସୋନିଆ ଗାନ୍ଧୀ ମଧ ଆସିସାରିଛନ୍ତି। ମଧ୍ୟପ୍ରଦେଶ ଗସ୍ତ ଅବସରରେ ରାହୁଲ ମୋଦି ସରକାରଙ୍କୁ ଟାର୍ଗେଟ କରିଥିଲେ। ସେ କହିଥିଲେ, ସରକାର 'ୱାନ୍ ର୍ୟାଙ୍କ, ୱାନ୍ ପେନସନ୍' କଥା କହୁଛନ୍ତି। ପ୍ରକୃତରେ ଏହି ଯୋଜନା ଲାଗୁ କରାଯାଇନି। ପ୍ରଧାନମନ୍ତ୍ରୀ ମିଛ କଥା କହୁଛନ୍ତି। ୨୦୧୬ରେ ସେନା ପାକିସ୍ତାନରେ ସର୍ଜିକାଲ ଷ୍ଟ୍ରାଇକ କରିଥିବା କଥା ମୋଦି କହୁଛନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ସେହି ସୈନିକଙ୍କ ପାଇଁ କ'ଣ କରିଛନ୍ତି ତାହା କେବେ କହିନାହାନ୍ତି। ଏହାପରେ ସେ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କୁ ଟାର୍ଗେଟ କରି କହିଥିଲେ, ବିଜୟ ମାଲ୍ୟା ଦେଶ ଛାଡିବାର ୪୦ ମିନିଟ୍ ପୂର୍ବରୁ ଜେଟଲୀଙ୍କୁ ଭେଟିଥିଲେ। ସେଭଳି, ନୀରବ ମୋଦି ଏବଂ ମେହୁଲ ଚୋକସିଙ୍କ ଭଳି ଉଦ୍ୟୋଗପତି କୋଟି କୋଟି ଟଙ୍କା ନେଇ ଫେରାର ହେବା ଘଟଣା ଅର୍ଥମନ୍ତ୍ରୀ ଜାଣିଛନ୍ତି ବୋଲି ସେ କହିଛନ୍ତି।

### ନାଇଟ୍‌କ୍ଲବରେ ଗୁଳିମାଡ଼: ୭ ଆହତ

ରିଭରସାଇଡ୍,୨୯।୧୦(ପି.ଟି.)- କାଲିଫର୍ନିଆର ଦକ୍ଷିଣାଞ୍ଚଳରେ ଥିବା ଏକ ନାଇଟ୍‌କ୍ଲବ୍‌ରେ ଗୁଳିକାଣ୍ଡ ଘଟିଛି। ଏଥିରେ ୭ ଜଣ ଆହତ ହୋଇଛନ୍ତି। ରବିବାର ରାତିରେ ସେଭିଲ୍ଲା ନାଇଟ୍‌କ୍ଲବକୁ ବନ୍ଧୁକଧାରୀ ପ୍ରବେଶ କରି ଆଖିବୁଜା ଗୁଳିମାଡ଼ କରିଥିଲେ। ଘଟଣାସ୍ଥଳରେ ପୋଲିସ ଅଫିସର ପହଞ୍ଚି ପ୍ରଥମେ ୨ ଜଣ ଆହତଙ୍କୁ ଉଦ୍ଧାର କରିଥିଲେ। ପରେ ଗୁଳିମାଡ଼ର ଶିକାର ହୋଇଥିବା ଆଉ ୫ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତେବେ ସମସ୍ତଙ୍କ ଅବସ୍ଥା ସ୍ଥିର ରହିଛି ବୋଲି ପ୍ରେସ୍ ଏଣ୍ଟରପ୍ରାଇଜ୍‌ରୁ ରିପୋର୍ଟରୁ ପ୍ରକାଶ।

# ପୁଣି ଗଡ଼ିଲା ଅଯୋଧ୍ୟା ମାମଲା

ନୂଆଦିଲ୍ଲୀ,୨୯।୧୦(ପି.ଟି.)

ଅଯୋଧ୍ୟା ଜମି ବିବାଦକୁ ନେଇ ସୋମବାର ପୁଣି ବାତାବରଣ ଉଷ୍ମ ହୋଇଛି। ମାମଲାର ତ୍ୱରିତ୍ ଶୁଣାଣି କରିବାକୁ ସୋମବାର ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ହିନ୍ଦୁ ଏବଂ ମୁସଲମାନଙ୍କ ମଧ୍ୟରେ ବିବାଦୀୟ ଜମିକୁ ନେଇ ଚାଲିଥିବା ଟଣାଓଟରାର ସମାଧାନ ଲାଗି ଏକ 'ନିର୍ଦ୍ଦିଷ୍ଟ ଖଣ୍ଡପୀଠ' ଗଠନ ହେବ। ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ଥିବା ଏହି ମାମଲାର ଶୁଣାଣି କେବେ ହେବ, ତାହା ଉକ୍ତ ଖଣ୍ଡପୀଠ ସ୍ଥିର କରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସୁପ୍ରିମକୋର୍ଟଙ୍କ ସଦ୍ୟ ରାୟ ପରେ ହିନ୍ଦୁ ଗୋଷ୍ଠୀଗୁଡ଼ିକ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଲାଗି ସ୍ୱତନ୍ତ୍ର ଆଇନ ଆଣିବାକୁ ଦାବି କରିଛନ୍ତି। ଏନେଇ ଏକ ଅଧ୍ୟାଦେଶ ଜାରି କରାଯାଉ ବୋଲି ଭାଜପା ଓ ସଂଘ ପରିବାରରେ ସ୍ୱର ଉଠୁଥିବାବେଳେ ଅଦାଲତଙ୍କ ଚୂଡ଼ାନ୍ତ ରାୟ ପ୍ରକାଶ ହେବା ଯାଏ ଅପେକ୍ଷା କରିବାକୁ କଂଗ୍ରେସ ଓ ମୁସଲମାନ ଗୋଷ୍ଠୀ କହିଛନ୍ତି।

ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଦାବି ଦୀର୍ଘବର୍ଷ ହେଲା ଜୋର୍ ଧରିଛି। ୧୯୯୪ ଡିସେମ୍ବର ୬ରେ ଏଠାରେ ଥିବା ବାବ୍ରୀ ମସ୍‌ଜିଦ ଭଙ୍ଗ ହେବା ପରେ ବିବାଦ ଘନୀଭୂତ ହୋଇଛି ଏବଂ ମାମଲା ଅଦାଲତରେ ଗଡ଼ୁଛି। ଖୁବ୍‌ଶୀଘ୍ର ସମାଧାନର ବାଟ ବାହାର କରିବା ଲାଗି ବହୁ ଚର୍ଚ୍ଚିତ ଅଯୋଧ୍ୟା ମାମଲାର ନିତିଦିନିଆ ଶୁଣାଣି ସୋମବାରରୁ ଆରମ୍ଭ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ସେଭଳି ଘଟିଲା ନାହିଁ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଅଧ୍ୟକ୍ଷତା କରୁଥିବା ତିନି ଜଣିଆ ଖଣ୍ଡପୀଠ ମାମଲାର ତ୍ୱରିତ୍ ଶୁଣାଣି କରିବାକୁ ଅମଙ୍ଗ ହେବାରୁ ରାମ ଭକ୍ତଙ୍କ ଅପେକ୍ଷାର ଘଡ଼ି ପୁଣି ବଢ଼ିଯାଇଛି। ଜଷ୍ଟିସ୍ ଏସ୍.କେ. କୌଲ୍ ଏବଂ କେ.ଏମ୍. ଯୋଶେଫ୍ ସଦସ୍ୟ ଥିବା ଖଣ୍ଡପୀଠ କହିଛନ୍ତି ଯେ, କେଉଁ ମାମଲାକୁ ପ୍ରାଥମିକତା ଦିଆଯିବ ସୁପ୍ରିମକୋର୍ଟ ସେ ନିଷ୍ପତ୍ତି ନେବେ।



ନିର୍ମୋହୀ ଆଖଡ଼ା ସଦସ୍ୟ ମହନ୍ତ ଧରମ ଦାସ ଏବଂ ଏଆଇଏମ୍‌ପିଏଲ୍‌ବିର ଜାଫରୟାବ୍ ଜିଲାନି।

**ସୁପ୍ରିମକୋର୍ଟଙ୍କ ରାୟ**



- ଜମି ବିବାଦର ତ୍ୱରିତ ଶୁଣାଣି ହେବ ନାହିଁ
- ଜାନୁୟାରୀରେ ଶୁଣାଣି ନିଷ୍ପତ୍ତି
- ଅଧ୍ୟାଦେଶ ଆଣିବାକୁ ଭାଜପା, ଆର୍‌ଏସ୍‌ଏସ୍‌ର ଦାବି
- ରାୟ ଆସିବା ଯାଏ ସମସ୍ତେ ଅପେକ୍ଷା କରନ୍ତୁ: କଂଗ୍ରେସ

ତଦନୁଯାୟୀ ଅଯୋଧ୍ୟା ମାମଲାର ଶୁଣାଣି ଜାନୁୟାରୀ, ଫେବୃୟାରୀ କିମ୍ବା ମାର୍ଚ୍ଚରେ ହେବ ନିଷ୍ପତ୍ତି କୋର୍ଟ ନେବେ। ତେବେ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ସଂକ୍ରାନ୍ତରେ ଆଲ୍ଲାହାବାଦ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା ଏକାଧିକ ଆବେଦନ ଉପରେ ନିର୍ଦ୍ଦିଷ୍ଟ ଖଣ୍ଡପୀଠ ବିଚାର କରିବେ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।

ଅଯୋଧ୍ୟାର ୨.୭୭ ଏକର ବିଶିଷ୍ଟ ବିବାଦୀୟ ଜମିକୁ ନେଇ ଲାଗିରହିଛି ବିବାଦ। ଏହି ଜମିକୁ ତିନି ପକ୍ଷ ଅର୍ଥାତ୍ ସୁନ୍ନି ୱାକଫ୍ ବୋର୍ଡ, ନିର୍ମୋହୀ ଆଖଡ଼ା ଏବଂ ରାମଲଲ୍ଲା ମଧ୍ୟରେ ସମାନ ଭାବେ ବଣ୍ଟନ କରାଯାଉ ବୋଲି ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ରାୟ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ୧୪ ଆବେଦନ ହୋଇଛି। ଉତ୍ତରପ୍ରଦେଶ ସରକାର ଏବଂ ରାମଲଲା ସଙ୍ଗଠନ ପକ୍ଷରୁ ମାମଲା ପରିଚାଳନା କରୁଛନ୍ତି ସଲିସିଟର ଜେନେରାଲ ତୁଷାର ମେହଟା ଏବଂ ବରିଷ୍ଠ ଆଇନଜୀବୀ ସି.ଏସ୍. ବୈଦ୍ୟନାଥନ୍। ଦୀର୍ଘଦିନ ହେଲା ଅଯୋଧ୍ୟା ମାମଲା ପଡ଼ିରହିବା ଯୋଗୁ ବିବାଦ ଲାଗିରହୁଛି। ତେଣୁ ଏହାର ସମାଧାନ ଲାଗି ତୁରନ୍ତ କୋର୍ଟ ବିଚାର ଆରମ୍ଭ କରିବା ଉଚିତ ବୋଲି ମେହଟା ଏବଂ ବୈଦ୍ୟନାଥନ୍ ଯୁକ୍ତି ଦର୍ଶାଇଥିଲେ।

ଅଦାଲତଙ୍କ ଶୁଣାଣି ଶେଷ ହେବା କ୍ଷଣି ଜାତୀୟ ରାଜନୀତି ଜୋର୍ ଧରିଛି। ଆଗାମୀ ପାର୍ଲାମେଣ୍ଟ ଶୀତ ଅଧିବେଶନରେ କେନ୍ଦ୍ର ସରକାର ଅଯୋଧ୍ୟା ମାମଲାକୁ ନେଇ ଅଧ୍ୟାଦେଶ ଆଣନ୍ତୁ ବୋଲି ଭାଜପା ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଦାବି କରିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟକୁ ଅପେକ୍ଷା ନ କରି ୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ ଭଗବାନ ରାମଙ୍କ ଜନ୍ମଭୂମିରେ ରାମ ମନ୍ଦିର ନିର୍ମାଣ କରାଯିବା ଉଚିତ। ଏହାଦ୍ୱାରା ଏକତା ଏବଂ ସଂହତିର ବାତାବରଣ ସୃଷ୍ଟି ହୋଇପାରିବ ବୋଲି ଆର୍‌ଏସ୍‌ଏସ୍ ମୁଖପାତ୍ର ଅରୁଣ କୁମାର କହିଛନ୍ତି। ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ମଧ୍ୟ କୋର୍ଟଙ୍କ ରାୟ ଆସିବା ଯାଏ ଅପେକ୍ଷା କରିପାରିବ ନାହିଁ ବୋଲି କହିଛି। କଂଗ୍ରେସର ଚାପ ଯୋଗୁ ଏହି ମାମଲା ପଡ଼ିରହିଛି ବୋଲି ଭାଜପା ନେତା ବିନୟ କଟିୟାର ଏବଂ ସଞ୍ଜୀବ ବାଲିୟାନ କହିଛନ୍ତି। ତେବେ ନ୍ୟାୟପାଳିକା ଉପରେ କେନ୍ଦ୍ର ସରକାରଙ୍କ ପୂର୍ଣ୍ଣ ବିଶ୍ୱାସ ରହିଛି। ତଥାପି ଦେଶର ଅଗଣିତ ଜନତାଙ୍କ ଇଚ୍ଛାକୁ ଅଗ୍ରାଧିକାର ଦେଇ ଅଯୋଧ୍ୟା ମାମଲାର ତୁରନ୍ତ ଫଇସଲା ହେଉ ବୋଲି ସରକାର ଚାହୁଁଥିବା କେନ୍ଦ୍ର ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି। ଶିବସେନା କହିଛି ଯେ, ରାମ ମନ୍ଦିର ପ୍ରସଙ୍ଗ ଏକ ବିଶ୍ୱାସର କଥା। ସରକାର ଯଥାଶୀଘ୍ର ଏକ ଅଧ୍ୟାଦେଶ ଆଣନ୍ତୁ।

ଅନ୍ୟପକ୍ଷେ ଅଯୋଧ୍ୟା ପ୍ରସଙ୍ଗକୁ ନେଇ ଭାଜପା ଭୋଟବ୍ୟାଙ୍କ ରାଜନୀତି ବନ୍ଦ କରୁ ବୋଲି କଂଗ୍ରେସ କହିଛି। ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ କହିଛନ୍ତି ଯେ, ପ୍ରତି ପାଞ୍ଚ ବର୍ଷରେ ସାଧାରଣ ନିର୍ବାଚନ ପାଖେଇ ଆସିଲେ ଭାଜପା ଅଯୋଧ୍ୟା ବିବାଦକୁ ମୁଖ୍ୟ ପ୍ରସଙ୍ଗ ଭାବେ ଉତ୍ଥାପନ କରେ। କଂଗ୍ରେସର ପକ୍ଷ ସୁପ୍ରିମକୋର୍ଟରେ ଉପସ୍ଥାପନ କରାଯାଇଛି। ତେବେ ସୁପ୍ରିମକୋର୍ଟଙ୍କ ରାୟ ଆସିବା ଯାଏ ସମସ୍ତେ ଅପେକ୍ଷା କରିବା ଭଲ ହେବ। ସର୍ବୋଚ୍ଚ ଅଦାଲତଙ୍କ ରାୟକୁ କଂଗ୍ରେସ ସ୍ୱାଗତ କରିବ ବୋଲି ଦଳର ଅନ୍ୟତମ ନେତା ଆନନ୍ଦ ଶର୍ମା କହିଛନ୍ତି। ସେହିପରି ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ ଓୱାଇସି କେନ୍ଦ୍ରକୁ ଚେତାବନୀ ଦେଇଛନ୍ତି। ସରକାର ଅଧ୍ୟାଦେଶ ଆଣି ଦେଖାନ୍ତୁ। ଏହାର ପରିଣାମ ମଧ୍ୟ ସାମ୍ନା କରିବେ। ଭାଜପା ବାରମ୍ବାର ରାମ ମନ୍ଦିର ପ୍ରସଙ୍ଗକୁ ଅସ୍ତ୍ର କରୁଛି ବୋଲି ଓୱାଇସି କହିଛନ୍ତି।

ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ଆବେଦନକାରୀ ତଥା ସୁନ୍ନି ୱାକଫ୍ ବୋର୍ଡ ସଦସ୍ୟ ଇକ୍‌ବାଲ ଅନ୍‌ସାରୀ ସ୍ୱାଗତ ଜଣାଇଛନ୍ତି। ରାୟ ଆସିବା ଯାଏ ବୋର୍ଡ ଅପେକ୍ଷା କରିବ ବୋଲି ସେ କହିଛନ୍ତି। ଅଲ୍ ଇଣ୍ଡିଆ ମୁସ୍‌ଲିମ୍ ପର୍ସନାଲ ଲ ବୋର୍ଡ (ଏଆଇଏମ୍‌ପିଏଲ୍‌ବି) ମଧ୍ୟ କହିଛି ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ମାନ କରିବା ଉଚିତ।

## ଖାଲେଦା ଜିଆଙ୍କୁ ୭ ବର୍ଷ ଜେଲ୍

ଢାକା,୨୯।୧୦(ପି.ଟି.)



ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ୍ ଦଣ୍ଡାଦେଶ ଭୋଗୁଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କୁ ଲାଗିଛି ଶକ୍ତ ଝଟକା। ଆଉ ଏକ ଦୁର୍ନୀତି ମାମଲାରେ ସୋମବାର ଢାକାର ଏକ କୋର୍ଟ ତାଙ୍କୁ ୭ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଅନ୍ୟ ଦୋଷୀମାନଙ୍କୁ ମଧ୍ୟ ୧୦ ଲକ୍ଷ ଟାକା ଲେଖାଏ ଜରିମାନା ହୋଇଛି।

ସ୍ୱାମୀ ତଥା ବାଂଲାଦେଶର ଦିବଂଗତ ରାଷ୍ଟ୍ରପତି ଜଇଉର୍ ରହମନଙ୍କ ନାଁରେ ପରିଚାଳିତ ଦାତବ୍ୟ ସଂସ୍ଥାରୁ ୩,୭୫,୦୦୦ ଡଲାର ହଡ଼ପ କରିବା ଅଭିଯୋଗରେ ଖାଲେଦାଙ୍କ ବିରୋଧରେ ମାମଲା ହୋଇଥିଲା। ଦୋଷୀ ସାବ୍ୟସ୍ତ ହେବା ପରେ ଅଦାଲତ ତାଙ୍କୁ ଉପରୋକ୍ତ ସଜା ଶୁଣାଇଛନ୍ତି। ଢାକାର ନଜିମୁଦ୍ଦିନ୍ ରୋଡ୍‌ସ୍ଥିତ ପୁରୁଣା ସେଣ୍ଟ୍ରାଲ ଜେଲ୍‌ରେ ଏକ ଅସ୍ଥାୟୀ କୋର୍ଟରେ ବିଚାରପତି ମହମ୍ମଦ ଅଖତାରୁଜ୍ଜାମନ୍ ଏହି ଦଣ୍ଡବିଧାନ କରିଛନ୍ତି। ଡିସେମ୍ବରରେ ଦେଶରେ ସାଧାରଣ ନିର୍ବାଚନ ଥିବାରୁ ୭୩ ବର୍ଷୀୟା ଖାଲେଦାଙ୍କୁ ମିଳିଥିବା ଦଣ୍ଡାଦେଶ ତାଙ୍କ ଦଳ ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନ୍‌ପି)ର ପ୍ରଦର୍ଶନକୁ ପ୍ରଭାବିତ କରିବ ବୋଲି ଆଶଙ୍କା କରାଯାଉଛି। ଖାଲେଦା ଏବେ ଅସୁସ୍ଥ ଅଛନ୍ତି। ପ୍ରକାଶ ଯେ, ପରଲୋକ ଗତ ସ୍ୱାମୀଙ୍କ ନାଁ ନେଇ ଅନାଥ ଆଶ୍ରମର ବହୁ ଅର୍ଥ ହଡ଼ପ କରିଥିଲେ ଖାଲେଦା। ଏହି ମାମଲାରେ ଗତ ଫେବୃୟାରୀରେ ଦୋଷୀ ପ୍ରମାଣିତ ହେବା ପରେ ତାଙ୍କୁ ୫ ବର୍ଷ କାରାଦଣ୍ଡ ମିଳିଥିଲା।

## ଦାୟିତ୍ୱ ଗ୍ରହଣ କଲେ ରାଜପାକ୍ସେ

କଲମ୍ବୋ,୨୯।୧୦(ପି.ଟି.)



ଶ୍ରୀଲଙ୍କାର ବାହୁବଳୀ ନେତା ମହିନ୍ଦା ରାଜପାକ୍ସେ ସୋମବାର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ ପଦରୁ ରାନିଲ ୱିକ୍ରମ୍‌ସିଂହେ ବିଦା ହେବା ପରେ ଦେଶରେ ରାଜନୈତିକ ସଙ୍କଟ ଲାଗିରହିଥିବାବେଳେ ରାଜପାକ୍ସେ ଏଥିରେ ଆସୀନ ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସଚିବାଳୟରେ ବିଧିବ୍ୟବସ୍ଥା ଅନୁଯାୟୀ ସେ କାର୍ଯ୍ୟଭାର ଗ୍ରହଣ କରିଥିବା ଶ୍ରୀଲଙ୍କା ପିପୁଲ୍ସ ପାର୍ଟି ପକ୍ଷରୁ କୁହାଯାଇଛି।

ଦ୍ୱୀପରାଷ୍ଟ୍ରରେ ଶୁକ୍ରବାର ରାତିରେ ରାଜନୈତିକ ପାଣିପାଗ ହଠାତ୍ ବଦଳିଯାଇଥିଲା। ରାଷ୍ଟ୍ରପତି ମୈତ୍ରିପାଲ ସିରିସେନା ଅଚାନକ୍ ନିଷ୍ପତ୍ତି ନେଇ ପ୍ରଧାନମନ୍ତ୍ରୀ ପଦରୁ ୱିକ୍ରମ୍‌ସିଂହେଙ୍କୁ ବହିଷ୍କାର କରିଥିଲେ। ତାଙ୍କ ସ୍ଥାନରେ ରାଜପାକ୍ସେଙ୍କୁ ସେ ପ୍ରଧାନମନ୍ତ୍ରୀ କରିଥିଲେ। ୱିକ୍ରମ୍‌ସିଂହେ ଶକ୍ତି ପରୀକ୍ଷାର ସାମ୍ନା କରିବାକୁ ପ୍ରସ୍ତୁତ ଥିବା କହିବା ସହ ସ୍ୱତନ୍ତ୍ର ଅଧିବେଶନ ଡକାଇବାକୁ ଦାବି ଜଣାଇବାରୁ ସିରିସେନା ପାର୍ଲାମେଣ୍ଟକୁ ନଭେମ୍ବର ୧୬ ଯାଏ ମୁଲତବୀ ଘୋଷଣା କରିଥିଲେ। ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ଅସାମ୍ବିଧାନିକ ବୋଲି ୱିକ୍ରମ୍‌ସିଂହେଙ୍କ ସମେତ ଦେଶ ଓ ବିଦେଶର ଅନେକ ନେତା ମତବ୍ୟକ୍ତ କରିବା ସତ୍ତ୍ୱେ ସିରିସେନା ନଛୋଡ଼ବନ୍ଦା। ଏବେ ଶ୍ରୀଲଙ୍କାରେ ସାମ୍ବିଧାନିକ ବିଦ୍ରୋହ ଚାଲିଥିବା ସାଧାରଣରେ କୁହାଯାଉଛି। ସିରିସେନାଙ୍କୁ ନିଷ୍ପତ୍ତି ବଦଳାଇବା ଲାଗି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଏବଂ ଆମେରିକା ପରରାଷ୍ଟ୍ର ସଚିବ ପ୍ରମୁଖ ମଧ୍ୟ ଚାପ ପକାଉଛନ୍ତି।

## ବ୍ରାଜିଲର ନୂଆ ରାଷ୍ଟ୍ରପତି ବୋଲ୍‌ସୋନାରୋ

ସାଓ ପାଉଲୋ,୨୯।୧୦(ପି.ଟି.)



ଲାଟିନ୍ ଆମେରିକାର ସର୍ବବୃହତ୍ ଦେଶ ବ୍ରାଜିଲର ନୂଆ ରାଷ୍ଟ୍ରପତି ଭାବେ କଂଗ୍ରେସର ଏହି ଟାଣୁଆ ନେତା ଜୈର ବୋଲ୍‌ସୋନାରୋ ନିର୍ବାଚିତ ହୋଇଛନ୍ତି। ଏହି କଠୋରପନ୍ଥୀ ନେତା ଗଣତନ୍ତ୍ରକୁ ଧୂଳିସାତ୍ କରିଦେବେ ବୋଲି ନିର୍ବାଚନ ପୂର୍ବରୁ ଶୁଣିବାକୁ ମିଳୁଥିଲା। ଏସବୁ ଚେତାବନୀକୁ ବେଖାତିର କରି ବ୍ରାଜିଲର ଭୋଟରମାନେ ପୂର୍ବତନ ସେନା କ୍ୟାପ୍ଟେନ ବୋଲ୍‌ସୋନାରୋଙ୍କୁ ବିପୁଳ ଭୋଟ ଦେଇ ବିଜୟୀ କରିଛନ୍ତି। କଂଗ୍ରେସ ୨୭ ବର୍ଷ କ୍ୟାରିୟର କରିବା ସତ୍ତ୍ୱେ ନିଜକୁ ସେ ରାଜନୀତି ବାହାରେ ଥିବା ବ୍ୟକ୍ତି ଭାବେ କହିଆସୁଛନ୍ତି। ନିର୍ବାଚନୀ ବାତାବରଣରେ ତାଙ୍କୁ ବିରୋଧ କରିବା ଭଳିସ୍ୱର ଉଠିଥିଲେ ସୁଦ୍ଧା ସବୁ ଚ୍ୟାଲେଞ୍ଜକୁ ପ୍ରତିହତ କରି ବୋଲ୍‌ସୋନାରୋ ବିଶ୍ୱର ଶକ୍ତିଶାଳୀ ନେତା ଭାବେ ଉଭା ହୋଇଛନ୍ତି। ଦୀର୍ଘବର୍ଷ ହେଲା ଦେଖିବାକୁ ମିଳୁଥିବା ଦୁର୍ନୀତି, ଅର୍ଥନୈତିକ ସ୍ଥାଣୁତା ଏବଂ ହିଂସା ଆଦି ଯୋଗୁ ଲୋକେ ଅତିଷ୍ଠ ହୋଇପଡ଼ିଥିବା ବେଳେ ତାଙ୍କର ବିଜୟ ଏକ ପରିବର୍ତ୍ତନର ସ୍ୱର କହିଲେ ଅତ୍ୟୁକ୍ତି ହେବ ନାହିଁ। ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ବ୍ରାଜିଲର ସର୍ବବୃହତ୍ ସହର ସାଓ ପାଓଲୋରେ ଉତ୍ସବର ବାତାବରଣ ଦେଖିବାକୁ ମିଳିଛି। ବୋଲ୍‌ସୋନାରୋଙ୍କ ସମର୍ଥନରେ ୫୫% ଭୋଟ ମିଳିଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଫର୍ନାଣ୍ଡୋ ହଦାଦ୍‌ଙ୍କୁ ୪୫ ମତଦାତାଙ୍କ ସମର୍ଥନ ମିଳିଛି।

## ସାଧାରଣ ଯୁବକଙ୍କୁ ବିବାହ କଲେ ଜାପାନ ରାଜକୁମାରୀ



ଟୋକିଓ,୨୯।୧୦(ପି.ଟି.)-ଜାପାନର ଜଣେ ରାଜକୁମାରୀ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଟୋକିଓର ମେଇଜି ଧର୍ମପୀଠରେ ସୋମବାର ଜଣେ ସାଧାରଣ ଯୁବକଙ୍କୁ ସେ ଜୀବନସାଥୀ ଭାବେ ଗ୍ରହଣ କରିଛନ୍ତି। ୨୮ ବର୍ଷୀୟା ରାଜକୁମାରୀ ଆୟାକୋ ଏବଂ ୩୨ ବର୍ଷୀୟ କେଇ ମୋରିୟାଙ୍କ ବିବାହ ସମ୍ପନ୍ନ ହୋଇଛି। ଆୟାକୋ ହେଉଛନ୍ତି ଜାପାନ ସମ୍ରାଟଙ୍କ ସମ୍ପର୍କୀୟା। ଏକ ଶିପିଂ କମ୍ପାନୀରେ କାର୍ଯ୍ୟ କରୁଥିବା ମୋରିୟାଙ୍କ ସହ ତାଙ୍କର ବିବାହକୁ ନେଇ ବିଶ୍ୱବ୍ୟାପୀ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ଜାପାନରେ ପ୍ରଚଳିତ ପ୍ରଥା ଅନୁଯାୟୀ ରାଜକୁମାରୀମାନେ କୌଣସି ରାଜକୁମାରଙ୍କୁ ବିବାହ କଲେ ପରିବାରର ସଦସ୍ୟ ହୋଇ ରହିବେ। ସାଧାରଣ ଯୁବକଙ୍କୁ ବିବାହ କଲେ ରାଜ ପରିବାର ଛାଡ଼ି ଚାଲିଯିବାକୁ ସେ ବାଧ୍ୟ ହେବେ। ତେଣୁ ଆୟାକୋ ମଧ୍ୟ ଘର ଛାଡ଼ିବେ। ଜାପାନ ସମ୍ରାଟ ଆକିହିତୋଙ୍କ ବଡ଼ ନାତୁଣୀ ମଧ୍ୟ ୨୦୨୦ରେ ଜଣେ ସାଧାରଣ ଯୁବକଙ୍କୁ ବିବାହ କରିବେ।






■ ମୋଦି-ଆବେ ଦ୍ୱିପାକ୍ଷିକ ଆଲୋଚନା

## ୨+୨ ମନ୍ତ୍ରୀସ୍ତରୀୟ ଆଲୋଚନା ପାଇଁ ସହମତି

ଟୋକିଓ,୨୯।୧୦(ପି.ଟି.)

**ଭାରତ-ଜାପାନ ଏକାଧିକ ଚୁକ୍ତି ସ୍ୱାକ୍ଷର**

ଦ୍ୱିପାକ୍ଷିକ ସମ୍ପର୍କକୁ ନୂଆ ଶିଖରକୁ ନେବା ଲାଗି ଜାପାନ ଗସ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସୋମବାର ଜାପାନ ପ୍ରତିପକ୍ଷ ଶିଞ୍ଜୋ ଆବେଙ୍କ ସହ ବୈଠକ କରି ମୋଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସ୍ଥିତି ଏବଂ ଆଣବିକ ଆତଙ୍କବାଦ ବିପଦ ଆଦି ବିଷୟରେ ବ୍ୟାପକ ଆଲୋଚନା ପରେ ଉଭୟ ପକ୍ଷ ମଧ୍ୟରେ ଅନେକ ଚୁକ୍ତି ସ୍ୱାକ୍ଷର ହୋଇଛି। ତନ୍ମଧ୍ୟରେ ହାଇସ୍ପିଡ୍ ରେଳ ପ୍ରକଳ୍ପ ଏବଂ ଦୁଇଦେଶର ନୌସେନା ମଧ୍ୟରେ ସହଯୋଗିତା ସାମିଲ ଅଛି। ଭାରତ ଏବଂ ଜାପାନର ବୈଦେଶିକ ଏବଂ ପ୍ରତିରକ୍ଷା ମନ୍ତ୍ରୀଙ୍କ ମଧ୍ୟରେ ୨+୨ ଆଲୋଚନା ପାଇଁ ମଧ୍ୟ ଦୁଇ ନେତା ସହମତ ହୋଇଛନ୍ତି। ଗତମାସ ଆମେରିକା ସହ ମଧ୍ୟ ଭାରତ ସମାନ ବୁଝାମଣା କରିଥିଲା। ଆବେଙ୍କ ସହ ଆଲୋଚନା ବ୍ୟାପକ ତଥା ଫଳପ୍ରଦ ଥିଲା। ଅର୍ଥନୈତିକ ସମ୍ପର୍କ ବଢ଼ାଇବା ଏବଂ ପ୍ରତିରକ୍ଷା ଓ ନିରାପତ୍ତା ସଂକ୍ରାନ୍ତରେ ସହଯୋଗିତା ବୃଦ୍ଧି ଆଦି ଦିଗ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା ବୋଲି ମୋଦି ଟୁଇଟ୍ କରିଛନ୍ତି। ଦ୍ୱିପାକ୍ଷିକ ଆଲୋଚନା ବାଦ୍ ସୋମବାର ମୋଦି ଏବଂ ଆବେ ଅନେକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଭାରତ ବ୍ୟାପକ ପରିବର୍ତ୍ତନକାରୀ ସୋପାନରେ ଅବତୀର୍ଣ୍ଣ ହୋଇଛି ବୋଲି ମୋଦି କହିଛନ୍ତି। ଏଥିସହିତ ନୂଆ ଭାରତ ଗଠନ ଲାଗି ଜାପାନରେ ଥିବା ଭାରତୀୟଙ୍କୁ ସେ ଆମନ୍ତ୍ରଣ କରିଛନ୍ତି।



ଜମ୍ମୁ-କଶ୍ମୀରର ଗ୍ରୀଷ୍ମ ରାଜଧାନୀ ଶ୍ରୀନଗରରେ ସୋମବାର ଆତଙ୍କବାଦୀ ଆକ୍ରମଣ ଘଟିଛି। ସୀମା ସୁରକ୍ଷା ବଳ (ବିଏସ୍ଏଫ୍)ର ଏକ ଟିମ୍‌କୁ ଟାର୍ଗେଟ କରି ଗୁଳିମାଡ଼ କରିବାରୁ ୫ ଯବାନ ଆହତ ହୋଇଛନ୍ତି। ପାନ୍ଥ ଚୌକ୍‌ଠାରେ ସନ୍ଧ୍ୟା ୬ଟା ୧୫ରେ ଏହି ଆକ୍ରମଣ ଘଟିଥିବା ପୋଲିସ ସୂଚନା ଦେଇଛି। ଆହତ ଯବାନମାନେ ୧୬୩ଶ ବାଟାଲିୟନ୍‌ରେ ମୁତୟନ ଥିଲେ। ଆକ୍ରମଣ ପରେ ସୁରକ୍ଷାକର୍ମୀମାନେ ଉକ୍ତ ଅଞ୍ଚଳକୁ ଘେରାବନ୍ଦୀ କରି ତଲାସି ଚଳାଇଛନ୍ତି।




PLEDGE 'PLASTIC-FREE' ODISHA

Naveen Jindal
Industrialist

#PlasticFreeOdisha

ଧରିତ୍ରୀ DHARITRI TEAM


## ସଂକ୍ଷେପରେ

### ଝାରସୁଗୁଡ଼ା ବିମାନ ବନ୍ଦର ଆଜି ବି ଉଡ଼ିଲାନି ବିମାନ

ଝାରସୁଗୁଡ଼ା ଅଫିସ,୨୯।୧୦

ଆନ୍ଦୋଳନ ହେଲା, ବିମାନବନ୍ଦର ଆଗରେ ଧାରଣା ଦିଆଗଲା, ନେତା ଅନଶନରେ ବସିଲେ, ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଗଲା। ଏପରିକି ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଏୟାର ଓଡ଼ିଶାକୁ କାରଣଦର୍ଶାଅ ନୋଟିସ୍ ଜାରି କରିବା ସତ୍ତ୍ୱେ ଫଳ ଶୂନ୍ୟ ଦେଖିବାକୁ ମିଳୁଛି। ପୂର୍ବ ସୂଚନା ମୁତାବକ ସୋମବାରଠାରୁ ଝାରସୁଗୁଡ଼ାରୁ ବିମାନ ଚଳାଚଳ ହେବ ବୋଲି କୁହାଯାଉଥିଲା। କିନ୍ତୁ ସୋମବାର ମଧ ଏୟାର ଓଡ଼ିଶାର ଦେଖା ମିଳିଲାନି। ବାସ୍ତବରେ ଝାରସୁଗୁଡ଼ାରୁ ଆଉ ବିମାନ ଉଡିବ କି ନାହିଁ ସେ ବାବଦରେ କେହି ବି କହିପାରୁନାହାନ୍ତି। କାରଣ ବିମାନ ସେବା ବନ୍ଦ ନେଇ ଏୟାର ଓଡ଼ିଶା କର୍ତ୍ତୃପକ୍ଷ ଝାରସୁଗୁଡ଼ା ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ କୌଣସି ସୂଚନା ଦେଇନାହାନ୍ତି। କେବଳ ବୈଷୟିକ ସମସ୍ୟା ରହିଥିବା ଦର୍ଶାଇ ବିମାନ ସେବା ବନ୍ଦ ରଖିଛନ୍ତି। ଅନ୍ୟପକ୍ଷେ ଏୟାର ଓଡ଼ିଶାର ଟିକେଟ୍ କାଉଣ୍ଟର ବନ୍ଦ ହୋଇଯାଇଛି, ସମସ୍ତ କର୍ମଚାରୀ ଝାରସୁଗୁଡ଼ାରୁ ଉଭାନ ହୋଇଯାଇଛନ୍ତି। ଏଯାଏ ଟିକେଟ୍ ବୁକିଂ ପାଇଁ ଅନଲାଇନ୍ ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକ କେବଳ ଆଶା ଓ ଆଶଙ୍କାରେ ରହିଛନ୍ତି।




## ପାକିସ୍ତାନରେ ବସ୍ ଦୁର୍ଘଟଣା: ୧୮ ମୃତ


ଇସଲାମାବାଦ, ୨୯।୧୦(ପି.ଟି.)

ପାକିସ୍ତାନର ଉତ୍ତର ଖେବର ପାଖତୁନଖ୍ୱାରେ ଏକ ମିନି ବସ୍ ନଦୀ ମଧ୍ୟକୁ ଖସି ପଡିବାରୁ ୧୮ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩ମହିଳା ଏବଂ ଜଣେ ଶିଶୁ ରହିଛନ୍ତି। ରବିବାର ରାତିରେ ରାୱଲପିଣ୍ଡିରୁ ପୂର୍ବ ପଞ୍ଜାବକୁ ଏହି ବସ୍‌ଟି ଯାଉଥିବା ବେଳେ ଦ୍ରୁତ ଗତି ଯୋଗୁ ଡ୍ରାଇଭର ଭାରସାମ୍ୟ ହରାଇ ବସିଥିଲେ। ଫଳରେ ବସ୍‌ଟି ସିଧା ଯାଇ ଏକ ନଦୀ ମଧ୍ୟକୁ ଖସି ପଡିଥିଲା। ଦୁର୍ଘଟଣା ପରେ ମୃତଦେହଗୁଡ଼ିକୁ ଉଦ୍ଧାର କରାଯାଇ ନିକଟସ୍ଥ ହସ୍ପିଟାଲକୁ ପଠାଇ ଦିଆଯାଇଛି। ତେବେ ଏହି ଦୁର୍ଘଟଣାରେ ଜଣେ ମହିଳା ବର୍ତ୍ତିଯାଇଛନ୍ତି।

## ନିଷ୍କ୍ରିୟ ପୋଲିସ

ଭୁବନେଶ୍ୱର,୨୯।୧୦(ସ୍ୱ.ପ୍ର.)

ଓଡ଼ିଶା ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ୨୮।୧୦।୨୦୧୮ରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଏକ ଚିଠି ପଠାଇଥିଲେ। ଏଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ, ଆଇନଜୀବୀଙ୍କ ଆନ୍ଦୋଳନକୁ ଦୃଷ୍ଟିରେ ରଖି ହାଇକୋର୍ଟ ପରିସର ଭିତର ଏବଂ ବାହାର ଚାରିପାର୍ଶ୍ୱରେ କଡ଼ାକଡ଼ି ନିରାପତ୍ତା ବ୍ୟବସ୍ଥା କରାଯାଉ। ଚିଠିରେ ଆହୁରି କୁହାଯାଇଛି ଯେ ବିଚାରପତିମାନଙ୍କର ବ୍ୟକ୍ତିଗତ ସୁରକ୍ଷା ସହିତ କୋର୍ଟକୁ ଆସୁଥିବା ଜନସାଧାରଣଙ୍କ ସୁରକ୍ଷା ଦାୟିତ୍ୱ ପୋଲିସ ନେବା ଅତ୍ୟନ୍ତ ଆବଶ୍ୟକ। ପୋଲିସ ମହାନିର୍ଦ୍ଦେଶକଙ୍କୁ ଏଭଳି ପତ୍ର ଦିଆଯିବା ସତ୍ତ୍ୱେ ଓଡ଼ିଶା ହାଇକୋର୍ଟ ପରିସର ଭିତରେ ସୋମବାର ଗଣ୍ଡଗୋଳ ସମୟରେ ପୋଲିସର ସମ୍ପୂର୍ଣ୍ଣ ନିଷ୍କ୍ରିୟତା ପର୍ଯ୍ୟବେକ୍ଷକମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ଆନ୍ଦୋଳନକାରୀଙ୍କୁ ଉତ୍ସାହିତ କରିବା ସହିତ ପୋଲିସ ରାଜନୈତିକ ଖେଳରେ ସାମିଲ ହେଉଛି ବୋଲି ଏଥିରୁ ସ୍ପଷ୍ଟ ଜଣାପଡୁଛି। ଏ ନେଇ ପୋଲିସ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ସେମାନେ ଉତ୍ତର ଦେଉଛନ୍ତି ଯେ, ସବୁ ପ୍ରସ୍ତୁତି କରିସାରିଥିବା ସତ୍ତ୍ୱେ ହାଇକୋର୍ଟଙ୍କ ତରଫରୁ ମୌଖିକ ଭାବେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ପୋଲିସ ମୌଖିକ ନିର୍ଦ୍ଦେଶ ସମ୍ପର୍କରେ ଦେଉଥିବା ମତ ସମ୍ପୂର୍ଣ୍ଣ ଅସତ୍ୟ ବୋଲି ପର୍ଯ୍ୟବେକ୍ଷକ ମହଲରେ ମତ ପ୍ରକାଶ ପାଇଛି।



ORISSA HIGH COURT : CUTTACK

Letter No.10932 dated 28.10.2018

From:
Dr. A.K. Mishra,
Registrar General,
Orissa High Court, Cuttack.

To
The Director General of Police,
Odisha, Cuttack.

Sir,

I am directed to say that in view of the intensification of the lawyers stir, the law and order situation in and around the Orissa High Court premises is required to be maintained. Further, the access of Hon'ble Judges to the Court as well as the staff and litigant public should be secured from all corners of the Court's premises.

In the above circumstance, I am to request you to take all possible measures to meet the above contingency and also to provide safety and security to all concerned.

Yours sincerely,
(Dr. A.K. Mishra)

Memo. No. [illegible] Dated
Copy forwarded to the Commissioner of Police, Bhubaneswar-Cuttack, Police Commissionerate, Bhubaneswar for information and necessary action.

Registrar General

Memo. No. Dated
Copy forwarded to the Deputy Commissioner of Police, Cuttack for information and necessary action.

Registrar General

ପୋଲିସ ମହାନିର୍ଦ୍ଦେଶକଙ୍କୁ ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ଦେଇଥିବା ଚିଠିର ନକଲ।

## ସୁନ୍ଦରୀକୁ ଟ୍ରାଙ୍କୁଲାଇଜ ଉଦ୍ୟମ ଜାରି: ମଧ୍ୟପ୍ରଦେଶରୁ ଆସିଲେ ୨ ବିଶେଷଜ୍ଞ

ବନ୍ତଲା, ୨୯।୧୦(ଡି.ଏନ.ଏ.)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟବାସୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳାଇଥିବା ବାନ୍ଧବଗଡ ବାଘୁଣୀ 'ସୁନ୍ଦରୀ'କୁ ଟ୍ରାଙ୍କୁଲାଇଜ କରିବାକୁ ୬ ଦିନ ହେଲା ଉଦ୍ୟମ ଜାରି ଥିଲେ ବି ଏହା ସଫଳ ହୋଇପାରୁନି। ବାଘୁଣୀକୁ ଟ୍ରାଙ୍କୁଲାଇଜ କରିବାକୁ ସୋମବାର ମଧ୍ୟପ୍ରଦେଶର ଦୁଇ ଜଣ ନିଶ୍ଚେତକ ବିଶେଷଜ୍ଞ ଅନୁଗୋଳରେ ପହଞ୍ଚିଛନ୍ତି। ମଧ୍ୟପ୍ରଦେଶର ପେଞ୍ଚ ଓ ବାନ୍ଧବଗଡ଼ ବ୍ୟାଘ୍ର ପ୍ରକଳ୍ପରୁ ଆସିଥିବା ଏହି ବିଶେଷଜ୍ଞ ଟିମ୍‌ରେ ସନ୍ଦୀପ ଅଗ୍ରୱାଲ ଓ ଅଖିଳେଶ ମିଶ୍ର ରହିଛନ୍ତି। ଅପରାହ୍ନରେ ଉଭୟେ ଅନୁଗୋଳ ବନ ବିଭାଗ ବଙ୍ଗଳାରେ ପହଞ୍ଚିବା ପରେ 'ସୁନ୍ଦରୀ'ର ଗତିବିଧି ଉପରେ ଆଲୋଚନା ହୋଇଥିଲା। ମଙ୍ଗଳବାର ସକାଳେ ସେମାନେ ସାତକୋଶିଆକୁ ଯିବେ। ମଧ୍ୟପ୍ରଦେଶରୁ ଆଉ ଦୁଇ ବିଶେଷଜ୍ଞ ଖୁବ୍‌ଶୀଘ୍ର ଆସି ପହଞ୍ଚିବେ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ବାଘୁଣୀ ସୋମବାର ଅସନବାହାଳ ଜଙ୍ଗଲ ଭିତରେ ଥିବା ଡିଏଫ୍‌ଓ ରାମସ୍ୱାମୀ ପି ପ୍ରକାଶ କରିଛନ୍ତି।


IDBI BANK SUVIDHA HOME LOAN

ସୁବିଧାଜନକ । ପ୍ରତିଯୋଗିତାମୂଳକ । ପାରଦର୍ଶୀ ।

15 BPS ପର୍ଯ୍ୟନ୍ତ ଛାଡ଼ ଉଚ୍ଚ କ୍ରେଡିଟ୍ ସ୍କୋର୍ ଥିବା ଗ୍ରାହକମାନଙ୍କ ପାଇଁ

ବ୍ୟାଲାନ୍ସ ଟ୍ରାନ୍ସଫର୍ / ପିଏମ୍ଏୱାଇ ଉପରେ କୌଣସି ପ୍ରୋସେସିଂ ଚାର୍ଜେସ୍ ନାହିଁ ।

₹ 35 ଲକ୍ଷ ପର୍ଯ୍ୟନ୍ତର ଲୋନ୍ ପାଇଁ କମ୍ ସୁଧ ।

IDBI BANK
Bank Aisa Dost Jaisa

CIN: L65190MH2004GOI148838
www.idbi.com


# ପ୍ରାକ୍ ବିପର୍ଯ୍ୟୟ ସୂଚନା ବ୍ୟବସ୍ଥାର ଶୁଭାରମ୍ଭ

## ■ ସର୍ବାଧିକ ଦୁର୍ବିପାକ ସତ୍ତ୍ୱେ ଓଡ଼ିଶାର ବିକାଶ ହାର ଅଧିକ - ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)

ଦେଶରେ ଓଡ଼ିଶା ହେଉଛି ସର୍ବାଧିକ ପ୍ରାକୃତିକ ଦୁର୍ବିପାକ ପ୍ରପୀଡିତ ରାଜ୍ୟ। ପ୍ରାୟ ପ୍ରତିବର୍ଷ ଆମକୁ ବିଭିନ୍ନ ବିପର୍ଯ୍ୟୟକୁ ସାମ୍ନା କରିବାକୁ ପଡୁଛି। ତଥାପି ଦେଶ ତଥା ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ବିକାଶ ହାର ଅଧିକ ରହିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୋମବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିବା ସହ ପ୍ରାକ୍ ବିପର୍ଯ୍ୟୟ ସତର୍କ ସୂଚନା ଓ ମୋବାଇଲ୍ ମେସେଜ୍ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି।

ଚଳିତବର୍ଷର ବିଷୟବସ୍ତୁ ଥିଲା 'ସାମାଜିକ ଗଣମାଧ୍ୟମ ଓ ବିପର୍ଯ୍ୟୟ ମୁକବିଲା'। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି ଯୋଗଦେଇ କହିଲେ, ଆମର ଏହି ପ୍ରାକ୍ ବିପର୍ଯ୍ୟୟ ସୂଚନା ବ୍ୟବସ୍ଥା ସମଗ୍ର ଭାରତ ବର୍ଷରେ ପ୍ରଥମ। ଓଡ଼ିଶାର ସାଧାରଣ ଜନତାଙ୍କ ଧନଜୀବନର ସୁରକ୍ଷା ପାଇଁ ଏହା ଏକ ପ୍ରତିଶ୍ରୁତି ବଦ୍ଧତାର ନିଦର୍ଶନ ବୋଲି ସେ ମତବ୍ୟକ୍ତ କରିଥିଲେ। ବିପର୍ଯ୍ୟୟ ପରିଚାଳନା ବିଭାଗର ଶାସନ ସଚିବ ବିଷ୍ଣୁପଦ ସେଠୀ ଯୋଗଦେଇ ଏହି ବ୍ୟବସ୍ଥାର କାର୍ଯ୍ୟକାରିତା ସମ୍ପର୍କରେ କହିଲେ, ରାଜ୍ୟର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ବା ସମୁଦ୍ରରେ ମତ୍ସ୍ୟଜିବୀ ଓ ଜନସାଧାରଣଙ୍କ ଧନ ଜୀବନ ସୁରକ୍ଷା ପାଇଁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଏଥିପାଇଁ ୪୮୦ କିଲୋମିଟର ଓଡ଼ିଶା ଉପକୂଳ ଅଞ୍ଚଳରେ ୧୨୨ଟି ଆଲର୍ଟ ସାଇରନ୍ ଟାୱାର ପ୍ରତିଷ୍ଠା କରାଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା, ବାତ୍ୟା, ସୁନାମି ସମ୍ପର୍କରେ ରାଜ୍ୟ ଜରୁରିକାଳୀନ ନିୟନ୍ତ୍ରଣ କକ୍ଷରୁ ଏହି ସମସ୍ତ ଟାୱାର ଦ୍ୱାରା ଏକ ସମୟରେ ଜନସାଧାରଣଙ୍କୁ ତତ୍‌କ୍ଷଣାତ୍ ପ୍ରାକ୍ ସୂଚନା ପ୍ରଦାନ କରାଯାଇପାରିବ। ଅତ୍ୟାଧୁନିକ ଜ୍ଞାନ କୌଶଳରେ ସ୍ଥାପନ ହୋଇଥିବା ଏହି ଟାୱାରଗୁଡ଼ିକ ସାଇରନ୍ ବଜାଇ ସତର୍କ କରାଇବ। ଗୋଟିଏ ଟାୱାରର ସାଇରନ୍ ପ୍ରାୟ ଦେଢ଼ କିଲୋମିଟର ରାଡିୟସ୍ ଭିତରେ ରହିବ। ଏହି ପ୍ରକଳ୍ପଟି ରାଜ୍ୟର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଆଦି ୬ ଜିଲାର ୨୨ ବ୍ଲକ, ୧୪ ମତ୍ସ୍ୟ ଅବତରଣ କେନ୍ଦ୍ର, ୧୧୩ ବହୁମୁଖୀ ଆଶ୍ରୟସ୍ଥଳୀରେ ସ୍ଥାପନ କରାଯାଇଛି। ସେହିଭଳି ମୋବାଇଲ ଏସ୍ଏମ୍ଏସ୍ ମାଧ୍ୟମରେ ବିପର୍ଯ୍ୟୟ ସଂକ୍ରାନ୍ତରେ ପ୍ରାକ୍ ସତର୍କ ସୂଚନା ପ୍ରଦାନ କରାଯିବ। ଏହି ପ୍ରକଳ୍ପ ପାଇଁ ୭୫.୦୯ କୋଟି ଖର୍ଚ୍ଚ ହୋଇଛି।

ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ତିତ୍‌ଲି ବାତ୍ୟାଜନିତ ବର୍ଷା ଓ ପାହାଡ଼ ଧସିବା ଯୋଗୁ ମୃତକଙ୍କ ପ୍ରତି ଗଭୀର ଶୋକ ପ୍ରକାଶ କରିବା ସହ ଉଦ୍ଧାର କାର୍ଯ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍, ଫାୟାର ସର୍ଭିସ, ଓଏଫ୍‌ଡିସି ଓ ସାମାଜିକ ଅନୁଷ୍ଠାନଗୁଡ଼ିକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିପର୍ଯ୍ୟୟ ମୁକାବିଲା ସଂକ୍ରାନ୍ତ ଏକ ପ୍ରଦର୍ଶନୀକୁ ସେ ଉଦ୍‌ଘାଟନ କରିଥିଲେ। ଏଥିସହ ବାତ୍ୟା ପୀଡ଼ାତଙ୍କୁ ସହାୟତାର ହାତ ବଢ଼ାଇଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନକୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିବା ସହ ଦୁଇଟି ପୁସ୍ତକ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଆର୍. ବାଲ୍‌କ୍ରିଷ୍ଣନ୍ ପ୍ରମୁଖ ଉପସ୍ଥିତ ଥିଲେ।




ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

■ ସତର୍କ କରିବ ୧୨୨ଟି ଆଲର୍ଟ ସାଇରନ୍ ଟାୱାର

■ ଏସ୍ଏମ୍ଏସ୍ ଜରିଆରେ ମିଳିବ ସୂଚନା


बैंक ऑफ़ बड़ौदा Bank of Baroda

କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର କ୍ଷେତ୍ର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ

ବ୍ୟାଙ୍କ ଅଫ ବରୋଦା ଏହାର ଶାଖା ଖୋଲିବା ପାଇଁ ଦୁଇ ବିଡ୍ ବ୍ୟବସ୍ଥା ମାଧ୍ୟମରେ ନିମ୍ନଲିଖିତ ସ୍ଥାନରେ ଲିଜ୍ ଭିତ୍ତିରେ ଆବଶ୍ୟକ କରୁଥିବା ଗୃହ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରୁଅଛି । ଗୃହ ତଳ ମହଲାରେ ହୋଇଥିବା ଆବଶ୍ୟକ।

ଭିଏସ୍ଏସ୍ ନଗର, ଭୁବନେଶ୍ୱର | ୧୭୦୦ ରୁ ୨୦୦୦
ଜିଲ୍ଲା: ଖୋର୍ଦ୍ଧା | ବର୍ଗଫୁଟ

ସବିଶେଷ ବିବରଣୀ ନିମନ୍ତେ ଆମ୍ଭର ୱେବସାଇଟ www.bankofbaroda.com ର ଟେଣ୍ଡର ବିଭାଗକୁ ଲଗ୍ ଅନ୍ କରନ୍ତୁ କିମ୍ବା ୦୬୭୪-୨୪୨୧୨୧୦ରେ ଯୋଗାଯୋଗ କରନ୍ତୁ । ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ: ୨୦.୧୧.୨୦୧୮ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ।

ଉପ-ମହାପ୍ରବନ୍ଧକ


## ■ ୩୪ ଜେଲରେ ଖୋଲିଲା କ୍ୟାମ୍ପ୍

## ୨୭୯ଙ୍କୁ ମିଳିଲା ଜାମିନ

**କଟକ ଅଫିସ,୨୯।୧୦:** ଆଇନଜୀବୀଙ୍କୁ ପୋଲିସ ମାଡ ମାରିବା ଘଟଣାକୁ ନେଇ ହାଇକୋର୍ଟରେ ଆଇନଜୀବୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଦୁଇ ମାସ ଧରି ଆନ୍ଦୋଳନ ଚାଲୁ ରହିଥିବା ବେଳେ ଏହାକୁ ସମର୍ଥନ ଜଣାଇ ସାରା ରାଜ୍ୟର ଅନ୍ୟ କୋର୍ଟଗୁଡ଼ିକରେ ଆଇନଜୀବୀମାନେ ମଧ କାର୍ଯ୍ୟ ବନ୍ଦ କରିଛନ୍ତି। ଫଳରେ ଜେଲରେ ଥିବା ଅଭିଯୁକ୍ତମାନଙ୍କୁ ଜାମିନ ମିଳି ପାରୁ ନ ଥିବା ବେଳେ ଜେଲରେ କଏଦୀମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶାର ୩୪ ଜେଲରେ ସୋମବାର କ୍ୟାମ୍ପ କୋର୍ଟ ଖୋଲାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଏହି କ୍ୟାମ୍ପ୍ କୋର୍ଟ ଗୁଡ଼ିକରେ ୫୦୦ ମାମଲାର ବିଚାର ହୋଇଥିବା ବେଳେ ୨୭୯ ଜଣଙ୍କୁ ଜାମିନ୍ ପ୍ରଦାନ କରାଯାଇଛି। ସେଥିମଧ୍ୟରେ କେନ୍ଦ୍ରାପଡା ଜେଲରୁ ସର୍ବାଧିକ ୧୫୭ ଜଣ ଅଭିଯୁକ୍ତଙ୍କୁ ଜାମିନ ମିଳିଥିବାବେଳେ ଚୌଦ୍ୱାର ଜେଲରୁ ୫୬, କରଞ୍ଜିଆରୁ ୨୯, ବଡ଼ବିଲରୁ ୯, ଜଗତ୍‌ସିଂହପୁରରୁ ୮, ରାଇରଙ୍ଗପୁରରୁ ୭, ସୋର, ଚମ୍ପୁଆ, ଆନନ୍ଦପୁର ଜେଲରୁ ୪ ଜଣ ଲେଖାଏ, ଭୁବନେଶ୍ୱର ଝାରପଡ଼ାରୁ ଜଣେ ଅଭିଯୁକ୍ତ ଜାମିନ୍ ମିଳିଛି।


पंजाब नैशनल बैंक ...भरोसे का प्रतीक ! | ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ... ଭରସାର ପ୍ରତୀକ !

୧୧୧-ଏ, ଷ୍ଟେସନ୍ ସ୍କୋୟାର, ଭୁବନେଶ୍ୱର-୭୫୧୦୦୧, ଫୋନ: ୦୬୭୪-୨୫୩୧୭୯୪

ଦଖଲ ନୋଟିସ୍ (ସ୍ଥାବର/ଅସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, ଷ୍ଟେସନ୍ ସ୍କୋୟାର ଶାଖା, ଭୁବନେଶ୍ୱର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପକ୍ଷରୁ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ-୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ ଦର୍ଶିତ ଅର୍ଥରାଶି ସହିତ ସମ୍ପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ନୋଟିସ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ବକେୟା ଦେୟ ପୈଠ କରିବାରେ ବିଫଳ ହେବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ଦଖଲକୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା ଓ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ଏହି ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, ଷ୍ଟେସନ୍ ସ୍କୋୟାର ଶାଖା, ଭୁବନେଶ୍ୱର**ଠାରେ ନିମ୍ନ ଦର୍ଶିତ ଅର୍ଥରାଶି ସହ ସମ୍ପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଯୁକ୍ତ ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ ନିମନ୍ତେ ଉତ୍ତରଦାୟୀ ରହିବେ ।

| କ୍ର. ନଂ | ଆକାଉଣ୍ଟ ନଂ. / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଡିମାଣ୍ଡ / ଦଖଲ ନୋଟିସ୍‌ର ତାରିଖ | ଡ଼ିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶିର ପରିମାଣ | ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|---|
| ୧. | ଆକାଉଣ୍ଟ ନଂ.: ୦୫୫୩୦୦ଏନ୍‌ଏଫ୍୦୦୦୦୧୧୭୨ /ଋଣଗ୍ରହୀତା: ମେସର୍ସ ଅଙ୍କିତ ହୋଟେଲ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ କଙ୍କନା ଦାସ, ପ୍ଲଟ୍ ନଂ.: ୭୪(ଅଂଶ), ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା | ୨୭.୦୭.୨୦୧୮ / ୨୬.୧୦.୨୦୧୮ | ତା.୩୦.୦୬.୨୦୧୮ ସୁଦ୍ଧା ଟ.୨୦,୬୫,୧୫୨.୦୫ + ସେବାବଦ ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ | ବନ୍ଧକ ଥିବା ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି, ଗଚ୍ଛିତ ଥିବା କଞ୍ଚା ମାଲ୍ ଏବଂ ବୁକ୍ ଡେବ୍‌ଟ୍ସ |

ତାରିଖ: ୨୯.୧୦.୨୦୧୮, ସ୍ଥାନ : ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ





इस दिवाली शोर या संगीत

SAREGAMA CARVAAN

5000 पुराने गानो का एक नया तोहफा



ଧରିତ୍ରୀ DHARITRI

Quiz No.16

Puja Quiz- 2018

Main Sponsor TVS

Co-Sponsors CENTRAL Nikon

☑ Tick mark the box which is correct

୧. ଭାରତର ନେପୋଲିୟନ କାହାକୁ କୁହାଯାଏ ?
କ. ଚନ୍ଦ୍ରଗୁପ୍ତ ☐ ଖ. ସମୁଦ୍ରଗୁପ୍ତ ☐ ଗ. କୌଟିଲ୍ୟ ☐ ଘ. କେଉଁଟି ନୁହେଁ ☐

୨. ଅଜନ୍ତା ଓ ଏଲୋରା ଗୁମ୍ଫା କେଉଁ ରାଜ୍ୟରେ ଅବସ୍ଥିତ ?
କ. ମହାରାଷ୍ଟ୍ର ☐ ଖ. ରାଜସ୍ଥାନ ☐ ଗ. ଉତ୍ତର ପ୍ରଦେଶ ☐ ଘ. କେଉଁଟି ନୁହେଁ ☐

୩. ବୁଲନ୍ଦ ଦରୱାଜା କେଉଁଠାରେ ଅବସ୍ଥିତ ?
କ. ଦିଲ୍ଲୀ ☐ ଖ. ଫତେପୁର ସିକ୍ରି ☐ ଗ. ପୁଣେ ☐ ଘ. କେଉଁଟି ନୁହେଁ ☐

୪. ଅନ୍ତର୍ଜାତୀୟ ରେଡ୍‌କ୍ରସ୍ ମୁଖ୍ୟାଳୟ କେଉଁଠାରେ ଅବସ୍ଥିତ ?
କ. ନ୍ୟୁୟର୍କ ☐ ଖ. ଲଣ୍ଡନ ☐ ଗ. ଜେନେଭା ☐ ଘ. କେଉଁଟି ନୁହେଁ ☐

୫. ୟୁ.ଏସ୍.ଏ.ର ଜାତୀୟ ଖେଳ କେଉଁଟି ?
କ. ପୋଲୋ ☐ ଖ. ବେସ୍ ବଲ ☐ ଗ. ବ୍ୟାଡମିଣ୍ଟନ୍ ☐ ଘ. କେଉଁଟି ନୁହେଁ ☐

Participant's Name:........................
Address:........................
........................
Education ........................
Mobile........................ Age:............
E-mail:........................

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.

*Conditions apply

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 16
B-15, Industrial Estate, Rasulgarh, Bhubaneswar-10

TVS Apache RTR 160 4V
India's Most Powerful 160cc Motorcycle



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ଗୁଗୁଲି
ପରିବାରବର୍ଗ


ଶିବାଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

## automobile

### SALE

JCB Machine Excavators 22T, 20T, 12T, 10T, 8T & loader- 2dX, 3dX, JCB Compactor, JCB loadall available for sale and hire. Contact immediately: 9556240228, 9937292015. email: kttbbsr@gmail.com. D-9047

Alto, WagonR, Swift, Dzire, Vento, Indigo, Scorpio, Nishan Micra, Ford Figo, Ford Fiesta, Xcent, Santro, i10, i20, Sail, Beat, Spark, Inova, Honda Amaze, Honda City, Mahindra Logan, Mahindra Verito and many more for sale. Contact: 7440000832, 8599005885. D-9138

## real estate

### SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64349

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

3BHK flats for sale at IRC Village. Contact: 7978906474, 9090968894, 9090959351. D-9101

Duplex core house ranging Rs. 95,00,000/- land area 2000 sqft., construction 2800 sqft., 4BHK at Pokhariput, Bhubaneswar. Contact: 9861125539, 9040521173. D-63398

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64357

Sunderpada Hitech-Plaza ପାଖରେ ଘରବାରି well developed plot @870/- ରେ ମିଳୁଅଛି। 8328930985. D-65137

Bunaglow at Damana Square behind Clubtown Apartment, land area 1600 sqft., construction 2400 sqft. Contact: 7978906474, 9090968894, 9090959351. D-9102

One BHK flat for sale near Seabeach, Puri with modern facilities. Contact: 0674-2561050, 8260011011. D-8871

Independent Bungalow at Krupajal Engineering College near Uttara Square, land area 1500 sqft., construction 2300 sqft. Contact: 7978906474, 9090968894, 9090959351. D-9103

3BHK duplex at Atala (Hanspal) and BDA approved duplex at Hanspalsquare, Bhubaneswar. 9438419823, 9437286655. D-65043

**First time in Bhubaneswar a new mega plotting project at Mouza Barimunda. Psqft- 400/- with gharabari having 30' project road (boundary wall free) puja offer. 9937542232.** D-64358

ଭୁବନେଶ୍ୱର ଓ ପୁରୀରେ ପ୍ଲଟ୍, ଘର ବା ଆପାର୍ଟମେଣ୍ଟ ବିକ୍ରୟ ବା କ୍ରୟ ପାଇଁ ଯୋଗାଯୋଗ କରନ୍ତୁ। 8917452354, 9776404801. D-9142

ଭୁବନେଶ୍ୱର ତହସିଲ ଅଧୀନ ଧଉଳିଛକରୁ ମାତ୍ର 8 କିଲୋମିଟର ଦୂରରେ ଅତିଶୀଘ୍ର ଘରକରିବା ଯୋଗ୍ୟ ଘରବାଡି ପ୍ଲଟ୍ ବର୍ଗଫୁଟକୁ ମାତ୍ର 340 ଟଙ୍କା। 9438109040, 8917452354. D-9143

## construction

Construct your building in finished house contact: 9937064680. D-27282

## GENERAL

### SALE

All machineries working, lathes, shapping, drillings, slottings, powerhacksaw, weldings, benchgrinders, handgrinders etc. Contact: 9437385951. Pragati Engineering works, BBSR. D-9042

## to-let

5000 sqft. for new godown at Bhagwanpur Industrial Estate, Patrapada near Hotel South City. 9437026351. D-9137

3 bedroom duplex in Forest Park near Airport Road. 9437561144. D-35839

## healthcare

Fully refreshed/ relaxed body massage by expert therapist, Shastrinagar. 7377984773. D-64190

Rejuvenate and Ayurvedic full body massage by smart therapist. 9114402304. D-64188

Pamper yourself this Mansoon profesional massage. Contact Purple Orchid. 9776598888. D-64189

Experience full body massage with us by experts. Enquiry: 7377048581. D-65128

Newly open herbal full body massage with refreshment well trained therapist. 7381239385. D-64625

Refresh your body with smart and expert therapist. Contact: 6370668486. D-65130

Herbal full body massage by smart/ expert therapist. Contact: 8338067247. D-65131

All type of full body massage by expert therapist. 7609005923. D-65132

Newly opening ayurvedic body massage smart therapist, Shree herbal. 7750020754. D-65134

Saishree ayurvedic full body massage ladies & gents. Contact: 7438896074. D-64626

Improving your health, skincare though expert therapist, excellent offfer. 9668374480. D-65129

Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

## education

Schools interested in activity based online school/ student exchange program may contact ceo@thedigitalteacher.in or calling: 8985288290. D-9133

## astrology

ଜାତକ, ବାସ୍ତୁ, ହସ୍ତରେଖା ବିଚାରଦ୍ୱାରା ଷ୍ଟେନ୍, କବଚ, ଯନ୍ତ୍ରରେ ସମସ୍ୟା ସମାଧାନ। 9861121063. D-63924

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

## ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଶ୍ରୀମତୀ ପ୍ରତିଭା ପାଣିଗ୍ରାହୀ**

ଅଷ୍ଟମ ମାସିକ ଶ୍ରାଦ୍ଧଦିବସ ଉପଲକ୍ଷେ ସ୍ୱାମୀ- ପ୍ରଭାତ ସୁନ୍ଦର ପାଣିଗ୍ରାହୀ, ଜ୍ୟେଷ୍ଠପୁତ୍ର- ଜିତେନ୍ ପାଣିଗ୍ରାହୀ, କନିଷ୍ଠପୁତ୍ର- ରୋଷନ ପାଣିଗ୍ରାହୀ, କନ୍ୟା- ସ୍ମୃତି ପାଣିଗ୍ରାହୀ, ପୁତ୍ରବଧୂ- ଶୁଭଯାନି, ରଶ୍ମିପ୍ରଭା, ଜ୍ୱାଇଁ- ସୀମାଞ୍ଚଳ ପଣ୍ଡା, ପୌତ୍ରାଦି- ସୌମ୍ୟାଶ୍ରୀ, ଶୁଭାଶିଷ, ଅନନ୍ୟା, ଆର୍ଯ୍ୟନ୍, ରିଶିତା, ବନ୍ଧୁ- କିରଣକାନ୍ତ ପାଣିଗ୍ରାହୀ, ରଜନୀରାଣୀ ପଣ୍ଡା, ଆଶିଷ ପାଣିଗ୍ରାହୀ, ଅସୀମା ପାଣିଗ୍ରାହୀ, ଅରୁଣକାନ୍ତ ପାଣିଗ୍ରାହୀ, ପ୍ରମଦା ପାଣିଗ୍ରାହୀ, ମୌସୁମୀ ପାଣିଗ୍ରାହୀ, ବର୍ଷା ପାଣିଗ୍ରାହୀ, ଆଦିତ୍ୟ ପାଣିଗ୍ରାହୀ, ଭାଇ- ଦୁର୍ଗାପ୍ରସନ୍ନ ସାହୁ, ଭାଉଜ- ଆରତି ସାହୁ ଏବଂ ପରିବାରବର୍ଗ ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।

ଧ-୬୩୭୩୪

## ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଏଅମରେନ୍ଦ୍ର ପତି (ଅଖୁ)**

ହାଉସିଂ ବୋର୍ଡ କଲୋନୀ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଆବିର୍ଭାବ : ୧୨.୦୬.୧୯୭୪
ତିରୋଧାନ: ୨୧.୧୦.୨୦୧୬
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ତ୍ରୀ, ପୁଅ, ଝିଅ ଓ ପରିବାରବର୍ଗ

ଧ-୯୧୪୬

## ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ଏ ପଣ୍ଡିତ ସୋମନାଥ ଭଟ୍ଟମିଶ୍ର ଶର୍ମା**

ଆବିର୍ଭାବ: ୧୫।୦୭।୧୯୩୩
(ଭାଦ୍ରବ ଶୁକ୍ଳ ଷଷ୍ଠୀ)
ତିରୋଧାନ: ୩୦।୧୦।୨୦୧୭
(କାର୍ତ୍ତିକ ଶୁକ୍ଳ ଦଶମୀ)
ଖୁଣ୍ଟିଆ ସାହି, ପୁରୀ

ଆପଣ ଜଣେ ଶିକ୍ଷାବିତ୍, ମୁକ୍ତି ମଣ୍ଡପ ପଣ୍ଡିତ ସଭାର ସଦସ୍ୟ ଥିଲେ। ଆପଣଙ୍କ ନିଷ୍ଠା, ତ୍ୟାଗ ଆମପାଇଁ ପ୍ରେରଣାର ଉତ୍ସ। ଆପଣଙ୍କ ଆଶୀର୍ବାଦ ସଦାସର୍ବଦା ଆମ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପରିବାର ଓ ବନ୍ଧୁବର୍ଗ। ଧ-୬୩୭୩୩

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଏ ବୈକୁଣ୍ଠ ନାଥ ତ୍ରିପାଠୀ**

ଅବସରପ୍ରାପ୍ତ ଓ.ଏ.ଏସ୍. (ଆର)
ଆବିର୍ଭାବ: ୦୧।୦୪।୧୯୪୯
ତିରୋଧାନ: ୧୯।୧୦।୨୦୧୮
(ବିଜୟା ଦଶମୀ)
ପୂର୍ତ୍ତ ବିଭାଗ ଲେନ୍, ନୟାଗଡ଼
ଶୋକାକୁଳ ତ୍ରିପାଠୀ
ପରିବାରବର୍ଗ।

ଧ-୯୧୪୪

## ୫ମ ସ୍ୱନକ୍ଷତ୍ର ଉତ୍ସବ



(ଗୁଗୁଲି)

**ଆଶ୍ୱସ୍ତି ପଣ୍ଡା**

ପିତା- ଦ୍ୟୁତିକୃଷ୍ଣ ପଣ୍ଡା
ମାତା- ସୁସ୍ମିତା ନନ୍ଦ
ନୀଳାଦ୍ରି ବିହାର, ଭୁବନେଶ୍ୱର
ଶୁଭେଚ୍ଛା ସହ: ନନ୍ଦ ପରିବାର ଓ ବନ୍ଧୁବାନ୍ଧବ। ଧ-୬୧୫୦୨

## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**Arnab**

At- Radhadeipur, Po- Kharinga, Dist.- Jajpur

ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୁମକୁ ଦୀର୍ଘାୟୁ କରିବା ସହିତ ତୁମ ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ। ଶୁଭେଚ୍ଛା ସହ: ବାପା- ଅମର କୁମାର ଗନ୍ତାୟତ, ମା- ଗୁଣଲତା ଗନ୍ତାୟତ, ବନ୍ଧୁ ଓ ପରିବାରବର୍ଗ। ଧ-୯୧୪୧

## 1st Birthday Wish



**Shivansh Baral**

E.B- 774, Badagada,
Brit Colony, BBSR

ଶୁଭେଚ୍ଛା ସହ: ବଡପାପା, ମାମା, ଅଜା, ମାମୁ, ମାଈଁ, ଜେଜେବାପା, ଜେଜେମା ଓ ପରିବାରବର୍ଗ। ଧ-୯୧୪୫

ପ୍ରଥମ ପୃଷ୍ଠାରୁ...

## ଆଇନଜୀବୀ...

ସଦସ୍ୟମାନେ ମାର୍ଚ୍ଚ କରି ହାଇକୋର୍ଟ ଅଭିମୁଖେ ଯାଇଥିଲେ। ହାଇକୋର୍ଟ ମୁଖ୍ୟ ଫାଟକ ନିକଟରେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସଦସ୍ୟମାନେ ପହଞ୍ଚିବା ପରେ ଆରମ୍ଭ ହୋଇଥିଲା ଭୟଙ୍କର ପରିସ୍ଥିତି। ଆନ୍ଦୋଳନକୁ ସମର୍ଥନ କରୁଥିବା ହାଇକୋର୍ଟ ବାର୍ ଆସୋସିଏଶନର ସଦସ୍ୟମାନେ ଆନ୍ଦୋଳନରୁ ଓହରିଥିବା ଆଇନଜୀବୀମାନଙ୍କୁ ବିରୋଧ କରିଥିଲେ। ମୁଖ୍ୟ ଫାଟକ ପାଖରେ ଦୁଇ ପକ୍ଷର ଆଇନଜୀବୀଙ୍କ ମଧ୍ୟରେ ଧସ୍ତାଧସ୍ତି, ଠେଲାପେଲା ଆରମ୍ଭ ହୋଇଥିଲା। ୪୦ରୁ ୪୫ ମିନିଟ୍ ଧରି ଉଭୟ ପକ୍ଷ ମଧ୍ୟରେ ନାରାବାଜି ଓ ଧସ୍ତାଧସ୍ତି ଚାଲିଥିଲା। ଘଟଣାସ୍ଥଳରେ ୨୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିଲେ ମଧ୍ୟ ସେମାନେ ନାଚାର ଥିଲେ। ଏହି ସମୟରେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ଆବାହକ କାନୁନଗୋ କୋର୍ଟ ଭିତରକୁ ପଶିବାକୁ ଉଦ୍ୟମ କରୁଥିବା ବେଳେ ଆନ୍ଦୋଳନକୁ ସମର୍ଥନ କରୁଥିବା ଆଇନଜୀବୀମାନେ କାନୁନଗୋଙ୍କୁ ଆକ୍ରମଣ କରିଥିଲେ। ମୁଥ ମାଡ଼ ଓ ଧକ୍କାରେ କାନୁନଗୋ ତଳେ ପଡ଼ିଯାଇଥିଲେ।

ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ଉପଦେଷ୍ଟା ଅସିମ ଅମିତାଭ ଦାସ କହିଛନ୍ତି ଯେ, ଘଟଣାକୁ ନେଇ ଆମେ ଲୋକଙ୍କ ପାଖକୁ ଯିବୁ। ଲୋକଙ୍କୁ ଆଇନସେବାରୁ ବଞ୍ଚିତ କରିବା ପାଇଁ କିଭଳି ଚକ୍ରାନ୍ତ କରାଯାଉଛି ସେ ସମ୍ପର୍କରେ ଅବଗତ କରାଇବୁ। ଏହି ଘଟଣା ପଛରେ ବିରୋଧୀ ରାଜନୈତିକ ଦଳର ନେତାମାନଙ୍କ ପ୍ରଚ୍ଛନ୍ନ ଭୂମିକା ରହିଛି ବୋଲି ସେ ଅଭିଯୋଗ କରିଛନ୍ତି।

ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ସତ୍ୟବ୍ରତ ମହାନ୍ତି କହିଛନ୍ତି ଯେ, ଗଣତାନ୍ତ୍ରିକ ପଦ୍ଧତିରେ ଆମେ ଓକିଲଙ୍କ ପାଇଁ ନ୍ୟାୟ ମାଗିଛୁ। ମାତ୍ର ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ବିଜୁ ଯୁବ ବାହିନୀ ଜରିଆରେ ଗଣ୍ଡଗୋଳ କରିବାକୁ ଉଦ୍ୟମ କରିଛି। ଏହା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଆମେ କୌଣସି ରାଜନୈତିକ ଦଳ ସହିତ ନାହୁଁ। ଓକିଲଙ୍କ ସହିତ ଥିଲୁ ଏବଂ ରହିବୁ। ମଙ୍ଗଳବାର ହାଇକୋର୍ଟ ବାର ଆସୋସିଏଶନର ସାଧାରଣ ପରିଷଦ ବୈଠକ ବସିବ। ସେଥିରେ ଯାହା ନିଷ୍ପତ୍ତି କରାଯିବ ସେହି ଅନୁଯାୟୀ କାର୍ଯ୍ୟ କରାଯିବ ବୋଲି ମହାନ୍ତି କହିଛନ୍ତି।

ଘଟଣାକୁ ନେଇ ଲାଲବାଗ ଥାନାରେ ପୃଥକ୍ ୨ଟି ମାମଲା ରୁଜୁ କରାଯାଇଛି। ଡିସିପି ଅଖିଳେଶ୍ୱର ସିଂଙ୍କ ସୂଚନା ଅନୁଯାୟୀ, କନଷ୍ଟେବଲ ଛୁଆଲସିଂ ଆଡଭୋକେଟ ଜେନେରାଲଙ୍କ ସୁରକ୍ଷା ଦାୟିତ୍ୱରେ ଥିଲେ। ମାତ୍ର କେତେଜଣ ଆଇନଜୀବୀ ଛୁଆଲସିଂଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହା ପରେ ଘଟଣାସ୍ଥଳରୁ ଛୁଆଲସିଂଙ୍କୁ ପୋଲିସ ଉଦ୍ଧାର କରିଥିଲା। ଛୁଆଲସିଂଙ୍କ ଏତଲା କ୍ରମେ ଲାଲବାଗ ଥାନାରେ ଆଇପିସି ଧାରା ୩୩୨, ୩୬୫, ୨୯୪, ୩୯୫ ଅନୁଯାୟୀ ୧୬୬/୨୦୧୮ ନମ୍ବରରେ ମାମଲା ରୁଜୁ କରାଯାଇଛି। ସେହିପରି ଆହତ ସନ୍ତୋଷଙ୍କ ଅଭିଯୋଗ କ୍ରମେ ଆଇପିସି ଧାରା ୩୪୧, ୩୨୩, ୩୨୫, ୪୨୭, ୨୯୪, ୫୦୬, ୩୬୫ ଓ ୩୯୫ ଅନୁଯାୟୀ ୧୬୭/୨୦୧୮ ନମ୍ବରରେ ଏକ ମାମଲା ରୁଜୁ କରାଯାଇଛି।

ସୂଚନାଥାଉ କି, ଅଗଷ୍ଟ ୨୮ ତାରିଖରେ ହାଇକୋର୍ଟ ଆଡଭୋକେଟ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ଚାଉଳିଆଗଞ୍ଜ ଥାନା ଅଧୀନ ନୂଆବଜାର ନିକଟରେ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଦୋଷୀ ପୋଲିସମାନଙ୍କୁ ୩୦୭ ଦଫାରେ ଗିରଫ କରିବା ଦାବିରେ ଓକିଲମାନେ ଅଗଷ୍ଟ ୨୯ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିଲେ। ଏହାକୁ ନେଇ ଗତ ୨ ମାସ ମଧ୍ୟରେ ଅନେକ ଘଟଣା ଘଟିଛି। ତେବେ ଗତ ଶନିବାର ହଠାତ୍ ଏହି ଆନ୍ଦୋଳନ ଭିନ୍ନ ମୋଡ ନେଇଥିଲା। ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସଦସ୍ୟମାନେ ଆନ୍ଦୋଳନରୁ ଓହରିଯିବାକୁ ନିଷ୍ପତ୍ତି ନେଇଥିଲେ। ଏପରିକି ସୋମବାରଠାରୁ ସେମାନେ କୋର୍ଟକାର୍ଯ୍ୟରେ ଯୋଗଦେବେ ବୋଲି ଘୋଷଣା କରିଥିଲେ। ଫଳରେ ବିବାଦ ପୋଲିସ-ଆଇନଜୀବୀଙ୍କ ମଧ୍ୟରେ ନ ରହି ସିଧା ଆଇନଜୀବୀ-ଆଇନଜୀବୀଙ୍କ ମଧ୍ୟରେ କେନ୍ଦ୍ରୀଭୂତ ହୋଇଥିଲା।

ଅନ୍ୟପକ୍ଷରେ ଆଇନଜୀବୀ-ପୋଲିସଙ୍କ ମଧ୍ୟରେ ଉପୁଜିଥିବା ବିବାଦକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାର ଶୁଣାଣି ସୋମବାର ହୋଇପାରିନାହିଁ। ମାତ୍ର ଆଡଭୋକେଟ ଦେବୀପ୍ରସାଦ ପଟ୍ଟନାୟକଙ୍କ ପକ୍ଷରୁ ରୁଜୁ କରାଯାଇଥିବା ମାମଲାର ଶୁଣାଣି ଜଷ୍ଟିସ ସି.ଆର୍. ଦାସଙ୍କ କୋର୍ଟରେ ହୋଇଥିଲା। ମାମଲାର ଶୁଣାଣି କରି ଚାର୍ଜଶିଟ ଦାଖଲ ସମ୍ପର୍କରେ ପୋଲିସକୁ କୋର୍ଟ ତଥ୍ୟ ମାଗିଛନ୍ତି।

## ଜାଭା ସମୁଦ୍ରରେ...

ଉଡ଼ାଣ କରିବାବେଳେ ହଠାତ୍ ଅଦୃଶ୍ୟ ହୋଇଯାଇଥିଲା। ତାହା ସମୁଦ୍ର ଜଳରେ ପଡ଼ିଥିବା ଅନେକ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଯାତ୍ରୀ ଏବଂ କ୍ରିଉ ସଦସ୍ୟଙ୍କୁ ମିଶାଇ ୧୮୯ ଜଣଙ୍କ ମଧ୍ୟରୁ ଜଣେ ବି ବଞ୍ଚିବା ସମ୍ଭାବନା ନାହିଁ ବୋଲି ଉଦ୍ଧାର ସଂସ୍ଥାର ନିର୍ଦ୍ଦେଶକ ବାମ୍ବାଙ୍ଗ୍ ସୂର୍ଯ୍ୟୋ କହିଛନ୍ତି। ବିମାନ ଉଡ଼ାଣ କରୁଥିବା କ୍ୟାପ୍‌ଟେନ ସୁନେଜା ଏବଂ ସହ-ପାଇଲଟ ହାର୍ଭେନୋଙ୍କ ମୃତ୍ୟୁ ଘଟିଛି ବୋଲି ଇଣ୍ଡୋନେସିଆର ପରିବହନ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। ଉକ୍ତ ବିମାନରେ ଜଣେ ଇଟାଲୀୟ ନାଗରିକ ମଧ୍ୟ ଥିଲେ।

ବେଲିତୁଙ୍ଗ୍ ଦ୍ୱୀପ ନିକଟରେ ଥିବା ପାଙ୍ଗ୍‌କଲ ପିନାଙ୍ଗ୍ ସିଟି ହେଉଛି ପର୍ଯ୍ୟଟନର ଏକ ଗନ୍ତବ୍ୟ ସ୍ଥଳୀ। ଏଠାକୁ ଦେଶ ବିଦେଶରୁ ପର୍ଯ୍ୟଟକ ଛୁଟି ଆସନ୍ତି। ସୋମବାର ମଧ୍ୟ ସେଠାକୁ ଅନେକ ପର୍ଯ୍ୟଟକ ବିମାନରେ ଯାତ୍ରା କରୁଥିଲେ। କିନ୍ତୁ ଏହା ସେମାନଙ୍କ ପାଇଁ ଶେଷ ଯାତ୍ରା ହୋଇଯାଇଛି। ଦୁର୍ଘଟଣା ପରେ ଜାଭା ସମୁଦ୍ରରେ ଉଦ୍ଧାର କାର୍ଯ୍ୟ ଜୋରଦାର ଚାଲିଛି। ୪୦ ସମୁଦ୍ର ବୁଡ଼ାଳିଙ୍କ ସମେତ ପାଖାପାଖି ୧୫୦ ଜଣ ଉଦ୍ଧାରକାରୀ ଏହି ଅପରେଶନରେ ସାମିଲ ହୋଇଛନ୍ତି। ବିମାନ ଖସିପଡ଼ିଥିବା ସମୁଦ୍ର ଭାଗରେ ଇନ୍ଧନ ଭାସୁଥିବା ଭିଡିଓ ଫୁଟେଜ୍‌ରେ ଦେଖିବାକୁ ମିଳିଛି। ସେହିପରି ବିମାନର ଭଗ୍ନାବଶେଷ ମଧ୍ୟ ମିଳିଥିବା କୁହାଯାଉଛି। ସେଥିରେ ଲାୟନ ଏୟାରର ଲୋଗୋ ରହିଛି।

ଦୁର୍ଘଟଣା ପରେ ପାଙ୍ଗ୍‌କଲ ପିନାଙ୍ଗ୍‌ର ମୁଖ୍ୟ ବିମାନବନ୍ଦର କାନ୍ଦ ବୋବାଳିରେ ଫାଟି ପଡ଼ିଥିଲା। ସମ୍ପର୍କୀୟଙ୍କୁ ନେବା ଲାଗି ଏଠାରେ ଅପେକ୍ଷାରତ ଲୋକେ ହଠାତ ବିମାନ ଦୁର୍ଘଟଣା ସମ୍ପର୍କରେ ଖବର ପାଇବା ପରେ ପରସ୍ପରକୁ ଧରି କାନ୍ଦୁଥିବାର ଦୃଶ୍ୟ ଅତ୍ୟନ୍ତ ହୃଦୟବିଦାରକ ଥିଲା। ଇଣ୍ଡୋନେସିଆର ଜାତୀୟ ପରିବହନ ନିରାପତ୍ତା କମିଟି (ଏନ୍‌ଟିଏସ୍‌ସି) ସୂଚନା ଅନୁଯାୟୀ ଉକ୍ତ ବିମାନରେ ୧୭୮ ବୟସ୍କ ଯାତ୍ରୀଙ୍କ ସମେତ ୩ ପିଲା, ୨ ପାଇଲଟ ଏବଂ ୬ କ୍ୟାବିନ କ୍ରିଉ ସଦସ୍ୟ ଥିଲେ।

କମ୍ ମୂଲ୍ୟରେ ନିର୍ମିତ ବୋଇଂ ୭୩୭ ମାକ୍ସ ବିମାନର ଯନ୍ତ୍ରାଂଶ ମଜଭୁତ ନ ଥିବାରୁ ଏଭଳି ବିପତ୍ତି ଦେଖିବାକୁ ମିଳିଛି ବୋଲି ଅଭିଯୋଗ ହୋଇଛି। କିନ୍ତୁ ଏହାକୁ ଏୟାରଲାଇନ୍ ପକ୍ଷରୁ ଖଣ୍ଡନ କରାଯାଇଛି। ଲାୟନ ଏୟାର ମୁଖ୍ୟ ଏଡୱାର୍ଡ ସିରେଟ୍ କହିଛନ୍ତି ଯେ, ଗତ ଅଗଷ୍ଟରେ ଉକ୍ତ ବିମାନ ସର୍ଭିସ୍ ପାଇଁ ଯାଇଥିଲା। ଏଥିରେ ଥିବା କେତେକ ଯାନ୍ତ୍ରିକ ସମସ୍ୟାର ସମାଧାନ ହୋଇଥିଲା। ତା'ଛଡ଼ା ପାଇଲଟ ସୁନେଜା ଏବଂ ସହ-ପାଇଲଟ ହାର୍ଭେନୋ ଯଥାକ୍ରମେ ୬୦୦୦ ଏବଂ ୫୦୦୦ ଘଣ୍ଟା ବିମାନ ଉଡ଼ାଣ କରିସାରିଛନ୍ତି। ନିକଟରେ ଉଭୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ ହୋଇଥିଲା। ଏଡ୍‌ୱାର୍ଡ ଆହୁରି କହିଛନ୍ତି, ବାଲିରେ ଅବତରଣ କରିବା ପରେ ଉକ୍ତ ବିମାନରେ କେତେକ ଯାନ୍ତ୍ରିକ ସମସ୍ୟା ଦେଖାଦେଇଥିଲା। ଇଞ୍ଜିନିୟରମାନେ ତାହାକୁ ସଜାଡ଼ିବା ପରେ ବିମାନଟି ଜାକର୍ତ୍ତା ଫେରିଥିଲା ଏବଂ ଏହାପରେ ପାଙ୍ଗ୍‌କଲ ପିନାଙ୍ଗ୍ ଅଭିମୁଖେ ଉଡ଼ାଣ କରିଥିଲା। ପ୍ରକାଶ ଯେ, ୨୦୧୫ ଅଗଷ୍ଟରେ ଇଣ୍ଡୋନେସିଆର ତ୍ରିଗାନା ବିମାନ ପପୁଆଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୫୪ ଜଣଙ୍କ ପ୍ରାଣହାନି ହୋଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବିଭିନ୍ନ ପ୍ରକାରର ସମସ୍ୟା ବିଜଡ଼ିତ ରହି କାର୍ଯ୍ୟହାନି, ମନସ୍ତାପ ଓ ବିବାଦରେ ଲିପ୍ତ ରହିପାରନ୍ତି। ପାରିବେଶିକ କୁପ୍ରଭାବରେ ସ୍ୱାସ୍ଥ୍ୟ ଓ ପୂର୍ବ ଶତ୍ରୁତା ସମ୍ପର୍କିତ ଚିନ୍ତା କରିବେ। ଅବଶ୍ୟ ଆନୁଷ୍ଠାନିକ କାମରେ ସଫଳତା ପାଇବାରେ କୌଣସି ଅସୁବିଧା ହେବ ନାହିଁ। ତଥାପି ଭ୍ରାତୃ ସମ୍ପର୍କ, ଅର୍ଥପ୍ରାପ୍ତି, ଯାତ୍ରା ଓ ଆଲୋଚନା ଫଳପ୍ରଦ ହୋଇପାରେ।

**ବୃଷ** ଆପଣ ଅନ୍ୟମାନଙ୍କୁ ମନେଇ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ଚେଷ୍ଟାକରି ସଫଳ ହେବେ। କିନ୍ତୁ କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ କଥା ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ନିକଟ ଅତୀତରେ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। ଶିଳ୍ପ,ବାଣିଜ୍ୟ,ବ୍ୟବସାୟ ଓ ପରିବହନରୁ ଭଲ ଲାଭ ପାଇବେ।

**ମିଥୁନ** କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଅଟକି ରହିଥିବା କାମ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା, ଯାତ୍ରା ପାଇଁ ଦିନଟି ବହୁତ ଭଲ। ଅପରାହ୍ନେ ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ କେତେକାଂଶରେ ଉପକୃତ ହେବେ।

**କର୍କଟ** ରାହୁଙ୍କ କୁପ୍ରଭାବରେ ଅଶାନ୍ତ ମନ ନେଇ ଟିକିଏ ଟିକିଏ କଥାରେ ବିରକ୍ତି ପ୍ରକାଶ କଲେ ପାରିବାରିକ ସମସ୍ୟା ବଢ଼ିଯିବ। ବନ୍ଧୁଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବେ। ଆତ୍ମୀୟମାନଙ୍କ ପରାମର୍ଶ ନେଇ କାମ କଲେ ଉପକୃତ ହେବେ।

**ସିଂହ** ପୂର୍ବରୁ କଳହକୁ ନେଇ ନିଜର ଆତ୍ମୀୟ ଓ ପାଖ ପଡ଼ୋଶୀଙ୍କ ସହ ସମ୍ପର୍କ ଭଲ ରହିବ ନାହିଁ। ବିଳମ୍ବରେ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନହେବାରୁ ମନସ୍ତାପ କରିପାରନ୍ତି। ସମସ୍ୟାର ସରଳ ସମାଧାନ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନାରମ୍ଭ କିମ୍ବା ଚୁକ୍ତିପତ୍ର ସ୍ୱାକ୍ଷରିତ ହେବା ସୂଚନା ରହିଛି।

**କନ୍ୟା** ପୂର୍ବ ବିବାଦକୁ କେନ୍ଦ୍ରକରି କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ସାମାଜିକ କ୍ଷେତ୍ରରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିପାରନ୍ତି। ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ଡାକ୍ତରଙ୍କ ପରାମର୍ଶ ପାଇଁ ଆପଣଙ୍କୁ ଦୌଡ଼ିବାକୁ ପଡ଼ିପାରେ।

**ତୁଳା** ପାରିବାରିକ ଆଲୋଚନାରେ ସହକର୍ମୀ କିମ୍ବା ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ଅତ୍ୟଧିକ ପରିଶ୍ରମ ଜନିତ ସାମୟିକ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। କାର୍ଯ୍ୟହାସଲ ପରିପ୍ରେକ୍ଷୀରେ ବିଶେଷ ଅର୍ଥ ବ୍ୟୟ କରି ଦୁଃଖିତ ହେବେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଲେଖାପଢ଼ା, ନିର୍ମାଣ, ଗବେଷଣାରୁ ପ୍ରଶଂସିତ ହୋଇପାରନ୍ତି।

**ବିଛା** କର୍ମକ୍ଷେତ୍ରରେ ମିତ୍ର ବନ୍ଧୁମାନଙ୍କ ଦ୍ୱାରା ଅର୍ଥ ଓ ସମ୍ମାନ ଲାଭ କରିବେ। ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତିରୋଧ ଏବଂ ପରୋକ୍ଷ ଶତ୍ରୁତା କାମକୁ ବିଶୃଙ୍ଖଳିତ କରିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟାକଲେ ଉପକୃତ ହେବେ।

**ଧନୁ** ପରିବାର ସହ ପ୍ରତ୍ୟୁଷ ଯାତ୍ରାରେ ବନ୍ଧୁମିଳନ ସାଙ୍ଗକୁ ମୂଲ୍ୟବାନ୍ ଦ୍ରବ୍ୟ ପ୍ରାପ୍ତିର ସମ୍ଭାବନା ରହିଛି। ଅଫିସରେ କିମ୍ବା ରାସ୍ତାରେ ଜଣେ ବନ୍ଧୁଙ୍କୁ ମିଶି ଗୁରୁତ୍ୱ ପୂର୍ଣ୍ଣ ଆଲୋଚନା କରିବା ଦ୍ୱାରା ସୁଫଳ ମିଳିପାରିବ। ଭାବପ୍ରବଣତାର ବଶବର୍ତ୍ତୀ ହୋଇ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲାଭଳି କାମ କରିବା ଠିକ୍ ହେବ ନାହିଁ।

**ମକର** ଯାତ୍ରା ସମୟରେ କୌଣସି ଅପରିଚିତ ବ୍ୟକ୍ତି ସାହାଯ୍ୟ ଦ୍ୱାରା କାମ ହାସଲ କରିବାର ମଉକା ପାଇପାରିବେ। ଆଲୋଚନା ପରିସରରେ ଯୁକ୍ତିତର୍କ କାରଣରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ଅନ୍ୟମାନଙ୍କ ସହଯୋଗ ଅଭାବରୁ ଅଫିସରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**କୁମ୍ଭ** ବନ୍ଧୁ,ସହକର୍ମୀ, ପଡ଼ୋଶୀଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ୍ୟ ସେମାନଙ୍କ ଭୁଲ୍ ଧାରଣାକୁ ବଦଳାଇପାରିବେ ନାହିଁ। ପାରିବାରିକ, ବ୍ୟବସାୟିକ, ସାମାଜିକ, ନୂତନ ପ୍ରକଳ୍ପ, ସମ୍ପର୍କିତ ଯୋଜନାକୁ କାର୍ଯ୍ୟକାରୀ କରାଇନେବେ। ଆକସ୍ମିକ ଭାବେ ବସ୍ତ୍ରଭୂଷଣ, ଅର୍ଥ ଓ ସମ୍ମାନ ଲାଭ କରିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧାର ସମ୍ମୁଖୀନ ହେବେ।

**ମୀନ** ଆଜି କର୍ମକ୍ଷେତ୍ରରେ ସହଜ ଓ ସୁବିଧାରେ କାମ ହାସଲ କରିବେ। ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବା କ୍ଷେତ୍ରରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ବ୍ୟବସାୟ, ବାଣିଜ୍ୟ, ପରିବହନ ମାନ୍ଦା ହେବ ନାହିଁ। ପରିବହନ, ନିର୍ମାଣ ଓ ସଭାସମିତିରେ ସଫଳତା ହାସଲ କରିବେ। ପରୋକ୍ଷ ଶତ୍ରୁତା ମନକୁ ବିଚଳିତ କରିପାରେ।

ଆଜି କାର୍ତ୍ତିକ କୃଷ୍ଣ ଷଷ୍ଠୀ ଯୁକ୍ତ ସପ୍ତମୀ, ଅକ୍ଟୋବର ୩୦ ତାରିଖ, ମଙ୍ଗଳବାର, ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ। ଦିବା ଘ୮ ।୦୭ମି. ଗତେ ଘ୧୦ ।୨୦ମି. ମଧ୍ୟେ, ଘ୧୧ ।୫୫ମି. ଗତେ ଘ୧ ।୩୦ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୨୦ମି. ଗତେ ଘ୧୧ ।୫୩ମି. ମଧ୍ୟେ, ଘ୨ ।୫୫ମି. ଗତେ ଘ୪ ।୩୦ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୨ ।୨୦ମି. ଗତେ ଘ୩ ।୪୫ମି. ମଧ୍ୟେ ରାହୁକାଳ।

uti UTI Mutual Fund
Haq, ek behtar zindagi ka.
10 YEARS

# ୟୁଟିଆଇ ସ୍ୱତନ୍ତ୍ର

## ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

## ନିବେଶ: ସଞ୍ଚୟର ନୂଆ ନାମ!

### ସଅଳ ନିବେଶ ଆରମ୍ଭ କରିବା ପାଇଁ ସଅଳ ସଞ୍ଚୟ ଆରମ୍ଭ କରନ୍ତୁ

ଜୀବନର ଝଡ଼ଝଞ୍ଜା ପାଇଁ ନିଜ ଆୟରୁ କିଛି ଅଂଶ ସାଇତି ରଖିବା ଏକ ସାଧାରଣ କଥା। କିନ୍ତୁ, ନିଜ ଟଙ୍କାକୁ ବ୍ୟାଙ୍କ ଖାତାରେ ରଖିବା କିମ୍ବା ନିବେଶ କରିବା ତାହାକୁ ଘରେ ତକିଆ ତଳେ ରଖିବାଠାରୁ ଭଲ। ଏହା ଆପଣଙ୍କୁ ପ୍ରତିଫଳ ଯୋଗାଇବ ଏବଂ ଆପଣଙ୍କ ଆବଶ୍ୟକତା ସମୟରେ କାମରେ ଆସିବ। ଆର୍ଥିକ ଯୋଜନାକାରୀମାନଙ୍କ ପ୍ରାୟତଃ କହିଥାନ୍ତି ଯେ ନିଜ ୩-୬ ମାସର ଖର୍ଚ୍ଚକୁ ସଞ୍ଚୟ ଆକାରରେ ରଖାଯିବା ଆବଶ୍ୟକ।

ତତ୍ପର ଟିପ୍ସ: ଲିକ୍ୱିଡ୍ ଫଣ୍ଡରେ ନିୟମିତ ସିଷ୍ଟୋମାଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି) ମାଧ୍ୟମରେ ନିବେଶ କରନ୍ତୁ।

ଆଜି ହେଉଛି ଅନ୍ତର୍ଜାତୀୟ ସଞ୍ଚୟ ଦିବସ। ଏହା 'ମିତବ୍ୟୟିତା' ଦିବସ ଭାବେ ମଧ୍ୟ ଜଣାଶୁଣା। ୧୯୨୪ ମସିହାରେ ମିଲାନ, ଇଟାଲୀଠାରେ ପ୍ରଥମ ଅନ୍ତର୍ଜାତୀୟ ସଞ୍ଚୟ କଂଗ୍ରେସ ସମୟରେ ଏହାର ଶୁଭାରମ୍ଭ କରାଯାଇଥିଲା। ତାହା ପରଠାରୁ, ଅନେକ ସଞ୍ଚୟକାରୀ ନିବେଶକକୁ ପରିଣତ ହୋଇସାରିଛନ୍ତି। ତଥାପି, ଅନେକ ଅଛନ୍ତି ଯେଉଁମାନେ ସଞ୍ଚୟକୁ ନିବେଶର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ ଭାବେ ମାନିବାରେ ବିଫଳ ହେଉଛନ୍ତି।

### ମ୍ୟୁଚୁଆଲ ଫଣ୍ଡ ସହିତ ଟିକସ ସଞ୍ଚୟ କରନ୍ତୁ

ମ୍ୟୁଚୁଆଲ ଫଣ୍ଡ ସହିତ, ଆପଣ କେବଳ ଭବିଷ୍ୟତ ପାଇଁ ସଞ୍ଚୟ କରି ନ ଥାନ୍ତି, ଆପଣ ଟିକସ ମଧ୍ୟ ସଞ୍ଚୟ କରିଥାନ୍ତି। ଯଦି ଆପଣ ଇକ୍ୱିଟି ଲିଙ୍କ୍‌ଡ ସେଭିଂସ୍ ସ୍କିମ୍ (ଇଏଲ୍‌ଏସ୍‌ଏସ୍)ରେ ନିବେଶ କରିବେ ତେବେ ₹୧.୫ ଲକ୍ଷ ପର୍ଯ୍ୟନ୍ତ ନିବେଶ ରାଶି ଆପଣଙ୍କ ଟିକସଯୋଗ୍ୟ ଆୟରୁ ହ୍ରାସିତ ହୋଇପାରିବ।

ତତ୍ପର ଟିପ୍ସ: ନିଜର ଦୀର୍ଘମିଆଦୀ ଲକ୍ଷ୍ୟଗୁଡ଼ିକୁ ହାସଲ କରିବା ପାଇଁ ତିନିବର୍ଷର ଲକ୍-ଇନ୍ ଅବଧିରୁ ଅଧିକ ସମୟ ପାଇଁ ନିବେଶକୁ ବଜାୟ ରଖନ୍ତୁ।

### ସଞ୍ଚୟ ଓ ନିବେଶ ପଛକୁ ପଛ କରନ୍ତୁ

ଆପଣ ନିବେଶ କଲେ, ଆପଣଙ୍କ ଟଙ୍କା ବୃଦ୍ଧି ପାଇଥାଏ। ଆପଣଙ୍କ ଜରୁରିକାଳୀନ ପାଣ୍ଠି ଉର୍ଦ୍ଧ୍ୱରେ ଆପଣଙ୍କ ସଞ୍ଚୟ ମୁଦ୍ରାସ୍ଫୀତିକୁ ପରାମଜିତ କରିବା ଏବଂ ଆପଣଙ୍କ ଆର୍ଥିକ ଲକ୍ଷ୍ୟକୁ ହାସଲ କରିବାରେ ସହାୟକ ହେବ। ମୁଦ୍ରାସ୍ଫୀତି ହାରରୁ ଉର୍ଦ୍ଧ୍ୱରେ ରିଟର୍ନ ପାଇବା ପାଇଁ ନିୟମିତ ଭାବେ ନିବେଶ କରନ୍ତୁ ।

ତତ୍ପର ଟିପ୍ସ: ମୁଦ୍ରାସ୍ଫୀତିକୁ ପରାଜିତ କରିବା ତଥା ଧନ ସୃଷ୍ଟି କରିବା ନିମନ୍ତେ ଦୀର୍ଘମିଆଦୀ ନିବେଶ ପାଇଁ ବିବିଧକୃତ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡ (ଏମ୍‌ଏଫ୍) ରେ ନିବେଶ କରନ୍ତୁ।

### ଆପଣ ₹୫୦୦ ଭଳି କମ୍ ଅର୍ଥରାଶି ନିବେଶ କରିପାରିବେ

ନିବେଶ କରିବା ପାଇଁ ଅଧିକ କିଛି ସଞ୍ଚୟ କରି ନ ପାରିଲେ ମଧ୍ୟ ନିରୁତ୍ସାହିତ ହୁଅନ୍ତି ନାହିଁ। ଆପଣ ଏକ ଏସ୍‌ଆଇପିରେ ମାସିକ ୫୦୦ ଭଳି କମ୍ ଅର୍ଥରାଶିରୁ ନିବେଶ ଆରମ୍ଭ କରିପାରିବେ। ଅଧିକନ୍ତୁ, ଷ୍ଟେପ୍-ଅପ୍ ଏସ୍‌ଆଇପିଗୁଡ଼ିକ ସମୟ ସହିତ ଆପଣଙ୍କ ଏସ୍‌ଆଇପି ଅଂଶଦାନକୁ ବୃଦ୍ଧି କରିବାର ଅନୁମତି ଦେଇଥାଏ।

ତତ୍ପର ଟିପ୍ସ: ଆପଣଙ୍କ ଆୟ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ନିଜର ଏସ୍‌ଆଇପି ରାଶିକୁ ବୃଦ୍ଧି କରିବା ବିଜ୍ଞତାର ପରିଚୟ।

### ଟଙ୍କାର ସମୟ ମୂଲ୍ୟକୁ ବୁଝନ୍ତୁ

ଆଜି ଆପଣଙ୍କ ନିକଟରେ ଥିବା ଟଙ୍କାର ମୂଲ୍ୟ ଭବିଷ୍ୟତରେ ସେହି ପରିମାଣର ଟଙ୍କାର ମୂଲ୍ୟ ଅପେକ୍ଷା ଅଧିକ। ଏହାର କାରଣ ହେଉଛି ସମ୍ଭାବ୍ୟ ଉପାର୍ଜନ କ୍ଷମତା। ନିଜ ସଞ୍ଚୟକୁ ଆପଣ ଯେତେଶୀଘ୍ର ନିବେଶ କରିବେ, ଆପଣ ସେତେ ଅଧିକ ସଂଗୃହୀତ କରିପାରିବେ, କମ୍ପାଉଣ୍ଡିଂର ଶକ୍ତିକୁ ଧନ୍ୟବାଦ।

ତତ୍ପର ଟିପ୍ସ: ଦୀର୍ଘମିଆଦୀ ନିବେଶକୁ ପ୍ରାଧାନ୍ୟ ଦିଅନ୍ତୁ। ନିଜ ଏସ୍‌ଆଇପିଗୁଡ଼ିକୁ ବନ୍ଦ କରନ୍ତୁ ନାହିଁ।

₹500

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

### ଏହାପରେ କ'ଣ?

ନିବେଶର ଫଳକୁ ଅମଳ କରିବା ପୂର୍ବରୁ ପ୍ରଥମେ ଆପଣଙ୍କୁ ସଞ୍ଚୟ କରିବାକୁ ହେବ। ଆସନ୍ତୁ କେତୋଟି ଟିପ୍ସ ଉପରେ ନଜର ପକାଇବା ଯାହା ଆପଣଙ୍କୁ ସହଜରେ ଟଙ୍କା ସଞ୍ଚୟ କରିବାରେ ସାହାଯ୍ୟ କରିପାରିବ।

## ସଞ୍ଚୟ ଉପରେ ୫ଟି ଟିପ୍‌ସ ଯାହାକୁ ଆପଣ ଅଣଦେଖା କରିବା ଉଚିତ୍ ନୁହେଁ

''ଟଙ୍କା ବଞ୍ଚାଅ ଆଉ ଟଙ୍କା ତୁମକୁ ବଞ୍ଚାଇବ।''
-ଜାମାଇକାର ଏକ ପ୍ରସିଦ୍ଧ ପ୍ରବାଦ

ଏହି ଅଦଳ-ବଦଳ ଆପଣଙ୍କ ନିଜର ସ୍ୱାର୍ଥକୁ ବେଶ୍ ସୁହାଇବ।

### ଟିପ୍ ୧ — ସଞ୍ଚୟର ସ୍ପଷ୍ଟ ଲକ୍ଷ୍ୟ ସ୍ଥିର କରନ୍ତୁ

**କାହିଁକି:** କୌଣସି ଜିନିଷ ପାଇଁ ସଞ୍ଚୟ କରିବାର ଲକ୍ଷ୍ୟ ନ ଥିଲେ ଆପଣ ସଞ୍ଚୟ କରିବା ପାଇଁ ପ୍ରେରିତ ହେବେନାହିଁ। ମନରେ ସ୍ପଷ୍ଟ ଲକ୍ଷ୍ୟ ଥିଲେ ସଞ୍ଚୟ କରିବା ସହଜ ହୋଇଯାଏ।

**କରନ୍ତୁ:** ନିଜର ସ୍ୱଳ୍ପମିଆଦୀ, ମଧ୍ୟମ-ମିଆଦୀ ଓ ଦୀର୍ଘମିଆଦୀ ଲକ୍ଷ୍ୟଗୁଡ଼ିକୁ ପୃଥକ୍ ଭାବେ ଲେଖିରଖନ୍ତୁ। ଏହା ନିଜ ସମ୍ବଳକୁ ପ୍ରଭାବୀ ଢଙ୍ଗରେ ଆବଣ୍ଟିତ କରିବାରେ ସହାୟତା କରିଥାଏ।

### ଟିପ୍ ୨ — ନିୟମିତ ସଞ୍ଚୟ କରନ୍ତୁ

**କାହିଁକି:** କେବେ କେମିତି ସଞ୍ଚୟ କଲେ ଆପଣଙ୍କ ଆର୍ଥିକ ଭବିଷ୍ୟତ ସୁରକ୍ଷିତ ହେବନାହିଁ। ଏକ ନିୟମିତ ସଞ୍ଚୟ ଅଭ୍ୟାସ ଦୀର୍ଘମିଆଦୀ ଲକ୍ଷ୍ୟରେ ମହତ୍ତ୍ୱପୂର୍ଣ୍ଣ ପାର୍ଥକ୍ୟ ଆଣିପାରିବ।

**କରନ୍ତୁ:** ନିଜର ସିଷ୍ଟୋମାଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି) ଆରମ୍ଭ କରନ୍ତୁ। ଏହା ଆପଣଙ୍କୁ ପ୍ରତିମାସରେ ଏକ ପୂର୍ବ-ନିର୍ଦ୍ଧାରିତ ଅର୍ଥରାଶି ସଞ୍ଚୟ ଓ ନିବେଶ କରିବା ଲାଗି ପ୍ରୋତ୍ସାହିତ କରିଥାଏ।

### ଟିପ୍ ୩ — ଏକ ବଜେଟ ତିଆରି କରନ୍ତୁ

**କାହିଁକି:** ବଜେଟ ଆପଣଙ୍କୁ ନିଜର ଚଳିତ ତଥା ସମ୍ଭାବ୍ୟ ଆୟ ଓ ଖର୍ଚ୍ଚର ସ୍ପଷ୍ଟ ଚିତ୍ର ପ୍ରଦାନ କରିଥାଏ। ଏହା ଆପଣଙ୍କୁ ନିଜ ଖର୍ଚ୍ଚର ପ୍ରାଧାନ୍ୟତା ନିର୍ଦ୍ଧାରଣରେ ସହାୟତା କରିଥାଏ। ଯାହାଫଳରେ ଆପଣ ଜଣେ ସତର୍କ ବ୍ୟୟୀ ହୋଇଯାଆନ୍ତି।

**କରନ୍ତୁ:** ପ୍ରଯୁକ୍ତିବିଦ୍ୟାର ଭରପୂର ଲାଭ ଉଠାନ୍ତୁ – ବଜେଟ ତିଆରି ପାଇଁ ଅନ୍‌ଲାଇନ୍ ବଜେଟିଂ ସାଧନ କିମ୍ବା ମୋବାଇଲ ଆପ୍ଲିକେଶନ୍ ବ୍ୟବହାର କରନ୍ତୁ।

### ଟିପ୍ ୪ — ଖର୍ଚ୍ଚଗୁଡ଼ିକର ରେକର୍ଡ ରଖନ୍ତୁ

**କାହିଁକି:** ଆପଣଙ୍କ ସାଧାରଣ ନିତିଦିନିଆ ଖର୍ଚ୍ଚଗୁଡ଼ିକ ମଧ୍ୟ ଆପଣଙ୍କୁ ସମୟ ସହିତ ଆର୍ଥିକ ସମସ୍ୟାରେ ପକାଇପାରେ। ଏହି ଖର୍ଚ୍ଚଗୁଡ଼ିକ ଉପରେ ନଜର ରଖିବା ଥରେ ଆରମ୍ଭ କରିଦେଲେ ଆପଣ ନିଜର ଖର୍ଚ୍ଚ ଅଭ୍ୟାସକୁ ବୁଝିପାରିବେ ଓ କୌଣସି ଅନାବଶ୍ୟକ ଖର୍ଚ୍ଚକୁ ଏଡ଼ାଇପାରିବେ।

**କରନ୍ତୁ:** ସାଧାରଣ ତଥା ଅଫିସ୍‌ରେ ଲଞ୍ଚ ଅର୍ଡର କରିବା ଓ ଚାଲିବା ବଦଳରେ ଟ୍ୟାକ୍ସି ନେବା ଭଳି ଥରକ ପାଇଁ କରିଥିବା ଖର୍ଚ୍ଚର ରେକର୍ଡ ରଖନ୍ତୁ ।

### ଟିପ୍ ୫ — ଜରୁରିକାଳୀନ ପରିସ୍ଥିତି ପାଇଁ ସଞ୍ଚୟ କରନ୍ତୁ

**କାହିଁକି:** ଜରୁରିକାଳୀନ ପରିସ୍ଥିତି ଆପଣଙ୍କ ସଞ୍ଚୟକୁ ପୋଛି ନେଇଯାଇପାରେ। ସେ ଦୃଷ୍ଟିରୁ ଆପଣ ସତର୍କ ହୋଇ ଅନିଶ୍ଚିତତା ଲାଗି ସଞ୍ଚୟ କରିବା ଉଚିତ। ଆଜି ସ୍ମାର୍ଟ ହୋଇ ସଞ୍ଚୟ କଲେ ଭବିଷ୍ୟତରେ ଆପଣ ବହୁତ କିଛି ସଞ୍ଚୟ କରିପାରିବେ।

**କରନ୍ତୁ:** ଜରୁରିକାଳୀନ ପରିସ୍ଥିତି ପାଇଁ ନିଜ ମାସିକ ଆୟର ଛୋଟିଆ ଅଂଶକୁ ଅଲଗା କରି ରଖନ୍ତୁ, ପାଣ୍ଠିକୁ ତ୍ୱରିତ ଭାବେ ବୃଦ୍ଧି କରିବା ପାଇଁ ତାହାକୁ ନିବେଶ କରନ୍ତୁ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

### କ୍ୟୁଆର୍ କୋଡ୍ ଡାଉନ୍‌ଲୋଡ୍ ଓ ସ୍କାନ୍ କରିବାର ପଦ୍ଧତି:

୧) ନିଜ ଫୋନ୍‌ରେ କ୍ୟୁଆର୍ କୋଡ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ ।
୨) ଆପ୍‌କୁ ଚଲାନ୍ତୁ ଓ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ ।
୩) ଆପଣଙ୍କ ସ୍ମାର୍ଟଫୋନ୍ କୋଡ୍‌କୁ ପଢ଼ିବ ଓ ଆପଣଙ୍କୁ ଗନ୍ତବ୍ୟସ୍ଥଳୀରେ ପହଞ୍ଚାଇବ ।

ନିଜ ପାଇଁ ସ୍ଥିର କରିଥିବା ସମସ୍ତ ମାଇଲଖୁଣ୍ଟରେ ପହଞ୍ଚିବା ଲାଗି ଆପଣଙ୍କୁ କେତେ ପରିମାଣର ଅର୍ଥରାଶି ନିବେଶ କରିବାକୁ ହେବ ତାହା ହିସାବ କରିବା ନିମନ୍ତେ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ।

ମ୍ୟୁଚୁଆଲ୍ ଫଣ୍ଡଗୁଡ଼ିକୁ ନେଇ ମନରେ କିଛି ପ୍ରଶ୍ନ ରହିଛି କି? ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ ଓ ତାହାକୁ ଆମ ନିକଟକୁ ପଠାନ୍ତୁ।

ଆପଣଙ୍କ ସହରରେ ଆୟୋଜିତ ହେଉଥିବା କୌଣସି କାର୍ଯ୍ୟକ୍ରମ ନିମନ୍ତେ ପଞ୍ଜୀକୃତ ହେବା ଲାଗି ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ ।

## ବିଶେଷଜ୍ଞ କୁହନ୍ତି



ବିଶେଷଜ୍ଞ ଉତ୍ତର ଦେଇଛନ୍ତି
ଟି.ଏଲ୍.ଏନ୍. ପାତ୍ର
ଆର୍ଥିକ ପରାମର୍ଶଦାତା

**ଜଣେ ପାଠକ ଆମକୁ ପଚାରିଛନ୍ତି: ଏସ୍‌ଆଇପିଗୁଡ଼ିକ ନିବେଶକଙ୍କଠାରେ ସଞ୍ଚୟର ଶୃଙ୍ଖଳିତ ଅଭ୍ୟାସ କିପରି ବିକଶିତ କରିଥାଏ?**

ରିସ୍କର ଦିଗକୁ ନେଇ ଯେଉଁମାନେ ଉଦ୍‌ବିଗ୍ନ ସେମାନେ ଏସ୍‌ଆଇପି ମାଧ୍ୟମରେ ବିଭିନ୍ନ ପ୍ରକାରର ମ୍ୟୁଚୁଆଲ ଫଣ୍ଡରେ ନିବେଶ କରି ଦେଖିପାରନ୍ତି। ବିଶୁଦ୍ଧ ଇକ୍ୱିଟି ଫଣ୍ଡର ବିକଳ୍ପ ବାଛିବା ପରିବର୍ତ୍ତେ, ଆପଣ ସ୍ୱଳ୍ପ ରିସ୍କ ଦିଗ ଥିବା କମ୍ ଅସ୍ଥିର ସ୍କିମ୍‌ଗୁଡ଼ିକୁ ଚୟନ କରିପାରନ୍ତି। ଇକ୍ୱିଟିର ଲାଭ ସହିତ ନିବେଶର ଏକ ଶୃଙ୍ଖଳିତ ଆର୍ଥିକ ମାର୍ଗ ଯୋଗାଉଥିବା ସ୍କିମ୍‌ଗୁଡ଼ିକୁ ମଧ୍ୟ ଆପଣ ପରୀକ୍ଷା କରି ଦେଖିପାରନ୍ତି। ସୁତରାଂ, ମ୍ୟୁଚୁଆଲ ଫଣ୍ଡରେ ଏସ୍‌ଆଇପି ହେଉଛି ଦୀର୍ଘମିଆଦରେ ସମ୍ଭାବ୍ୟ ପ୍ରତିଫଳ ଉପାର୍ଜନ କରିବାର ଅନ୍ୟତମ ଉପାୟ। ଏସ୍‌ଆଇପି ପ୍ରକୃତରେ ସଞ୍ଚୟରେ ଛୋଟ ଏବଂ ନିବେଶ ପାଇଁ ଏକ ବଡ଼ ମାର୍ଗ ଅଟେ। ଏଥିପାଇଁ, ଆପଣଙ୍କୁ କେବଳ ନିଜଠାରେ ନିୟମିତ ସଞ୍ଚୟର ଭଲ ଅଭ୍ୟାସ ବିକଶିତ କରିବାକୁ ହେବ।

## ଗୁରୁ କୁହନ୍ତି



କେଳୁ ଚରଣ ସ୍ୱାଇଁ
ଆର୍ଥିକ ପରାମର୍ଶଦାତା

**ମ୍ୟୁଚୁଆଲ ଫଣ୍ଡ ସହିତ ମୁଁ କିପରି ଟିକସ ସଞ୍ଚୟ କରିପାରିବି?**

ଚଳିତ ଆର୍ଥିକ ବର୍ଷ ପାଇଁ ନିଜର ଟିକସ ସମ୍ପର୍କିତ ନିବେଶଗୁଡ଼ିକୁ ଚୂଡ଼ାନ୍ତ କରି ନ ଥିବା ବ୍ୟକ୍ତିମାନଙ୍କ ପାଇଁ ଟିକସ ଯୋଜନା ସ୍କିମ୍‌ଗୁଡ଼ିକରେ ନିବେଶ କରିବା ଏକ ପ୍ରାଧାନ୍ୟତାରେ ପରିଣତ ହୋଇଥାଏ। ଟିକସ ଯୋଜନା ପାଇଁ ସର୍ବସାଧାରଣ ଭବିଷ୍ୟନିଧି ପାଣ୍ଠି (ପିପିଏଫ୍), ମେଡି-କ୍ଲେମ୍ ଏବଂ ମିଆଦୀ ଜୀବନ ବୀମାରେ ନିବେଶ କରିବା ବ୍ୟତୀତ, ଜଣେ ଇକ୍ୱିଟି ଲିଙ୍କ୍‌ଡ ସେଭିଂ ସ୍କିମ୍ (ଇଏଲ୍‌ଏସ୍‌ଏସ୍)କୁ ମଧ୍ୟ ବିଚାରକୁ ନେବା ଉଚିତ। ଲୋକପ୍ରିୟ ଭାବେ ଟିକସ ସଞ୍ଚୟ ପାଣ୍ଠି ଭାବେ ଜଣାଶୁଣା ଇଏଲ୍‌ଏସ୍‌ଏସ୍ ହେଉଛି ଅନ୍ୟତମ ଟିକସ ସଞ୍ଚୟ ମାଧ୍ୟମ ଯାହା ଧାରା ୮୦ସି ଅଧୀନରେ କାଟ ପାଇଁ ଯୋଗ୍ୟ ହୋଇଥାଏ। ଇଏଲ୍‌ଏସ୍‌ଏସ୍ ହେଉଛି ଏକ ସ୍ୱଭାବଗତ ବିବିଧକୃତ ମ୍ୟୁଚୁଆଲ ଫଣ୍ଡ ଇକ୍ୱିଟି ସ୍କିମ୍ ଯାହା ଟିକସ ବିରତି ସହିତ ଆସିଥାଏ ଏବଂ ନିବେଶ ତାରିଖରୁ ତିନିବର୍ଷର ଲକ୍-ଇନ୍ ଅବଧି ଆବଶ୍ୟକ କରିଥାଏ। ଯଦି ଆପଣ ସିଷ୍ଟୋମାଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି) ମାଧ୍ୟମରେ ଇଏଲ୍‌ଏସ୍‌ଏସ୍‌ରେ ନିବେଶ କରନ୍ତି, ତେବେ ପ୍ରତ୍ୟେକ ନିବେଶ ତାହାର ସମ୍ପୃକ୍ତ ନିବେଶ ତାରିଖରୁ ତିନିବର୍ଷ ପାଇଁ ଲକ୍‌ଡ-ଇନ୍ ହୋଇ ରହିବ।

## ସ୍ୱତନ୍ତ୍ର କୁମାର ବୁଝାନ୍ତି: ମାନସିକ ହିସାବରକ୍ଷା

ସରଳ ଶବ୍ଦରେ କହିବାକୁ ଗଲେ, ମାନସିକ ହିସାବରକ୍ଷା ହେଉଛି ଟଙ୍କାକୁ ବିଭିନ୍ନ ଖାତା ପାଇଁ ବର୍ଗୀକୃତ କରିବା ଓ ସେଗୁଡ଼ିକ ପ୍ରତି ଭିନ୍ନ ଆଚରଣ ପ୍ରଦର୍ଶନ କରିବାର ଲୋକମାନଙ୍କର ପ୍ରବୃତ୍ତି। ଏହା ବିଭିନ୍ନ ମାନଦଣ୍ଡରେ ପର୍ଯ୍ୟବସିତ ହୋଇପାରିବ ଯେପରିକି:

### ଟଙ୍କାର ଉତ୍ସ

ଯଦି ଆପଣଙ୍କୁ କେହିଜଣେ ସମ୍ପର୍କୀୟ ଉପହାର ଆକାରରେ ଦେଇଥିବା ଟଙ୍କାକୁ ଖର୍ଚ୍ଚ କରିବାର ଥାଏ, ଆପଣ ତାହାକୁ ନିର୍ବାଧରେ ନିଜର ମନପସନ୍ଦ ଜିନିଷଗୁଡ଼ିକ ଉପରେ ଖର୍ଚ୍ଚ କରିବେ।

ଅନ୍ୟପକ୍ଷରେ, ଯଦି ଆପଣଙ୍କୁ ନିଜର କଷ୍ଟୋପାର୍ଜିତ ଟଙ୍କା – ନିଜ ଦରମାକୁ ଖର୍ଚ୍ଚ କରିବାର ଥାଏ, ଆପଣ ଅପେକ୍ଷାକୃତ ଅଧିକ ସାବଧାନତା ଅବଲମ୍ବନ କରିବେ।

### ଟଙ୍କାର ବାଞ୍ଛିତ ଉପଯୋଗ

ଧରନ୍ତୁ, ଆପଣ ଏକ ଫୋନ୍ କିଣିବା ପାଇଁ ନିୟମିତ ଭାବେ ଟଙ୍କା ସଞ୍ଚୟ କରୁଛନ୍ତି, ଆଉ ସେହି ସମୟରେ ଆପଣଙ୍କ ଉପରେ କ୍ରେଡିଟ୍ କାର୍ଡ ଦେୟ ବକେୟା ଅଛି। କିନ୍ତୁ ଆପଣ ବକେୟା ଦେୟ ପୈଠ କରିବା ପାଇଁ ଏହି ସଞ୍ଚୟ ରାଶିକୁ ଉପଯୋଗ ନ କରିବା ଲାଗି ନିଷ୍ପତ୍ତି ନିଅନ୍ତି।

### ନିର୍ଣ୍ଣାୟକ ରେଖା

ଆପଣ ଯେହେତୁ ବିଶ୍ୱାସ କରୁଛନ୍ତି ଯେ ବିଭିନ୍ନ ଉତ୍ସ/ବିଭିନ୍ନ ଉପଯୋଗ ପାଇଁ ଉଦ୍ଦିଷ୍ଟ ଟଙ୍କା ଅଣ-ଅଦଳବଦଳଯୋଗ୍ୟ ଅଟେ କିମ୍ବା ପରସ୍ପର ସହ ବିନିମୟଯୋଗ୍ୟ ନୁହେଁ, ତେଣୁ ଆପଣ ଆର୍ଥିକ ଦୃଷ୍ଟିରୁ ଅନୁଚିତ ନିର୍ଣ୍ଣୟ ନେଉଛନ୍ତି।

ନିୟମିତ ଭାବେ ଏବଂ ବ୍ୟବସ୍ଥିତ ଭାବେ ସଞ୍ଚୟ କରିବା ଭଲ କଥା।

ହେଲେ, ଟଙ୍କା ସଞ୍ଚୟ ନିମନ୍ତେ ମାନସିକ ହିସାବରକ୍ଷାର ପକ୍ଷପାତିତାକୁ ନିଜର ଆର୍ଥିକ ସ୍ୱଚ୍ଛଳତାକୁ ପ୍ରଭାବିତ କରିବାକୁ ଦିଅନ୍ତୁ ନାହିଁ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

**ନିୟମିତ ସଞ୍ଚୟ ଓ ନିବେଶରେ ଏସ୍‌ଆଇପି ଆପଣଙ୍କୁ ସାହାଯ୍ୟ କରିଥାଏ!**

ଆର୍ଥିକ ଭାବେ ଶୃଙ୍ଖଳିତ ହେବା ପାଇଁ ଏବେ ବି ବିଳମ୍ବ ହୋଇନାହିଁ - ଆଜି ହିଁ ଆରମ୍ଭ କରନ୍ତୁ!

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: info@beswatantra.com ରେ ■ ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ ।
■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com

f LIVE ପିଲାମାନଙ୍କ ପାଇଁ ଆର୍ଥିକ ସ୍ୱାଧୀନତା ଉପରେ ଅଧିକ ସୂଚନା ପାଇଁ, ୧୪ ନଭେମ୍ବର ୨୦୧୮ ଅପରାହ୍ନ ୫.୦୦ ଘଟିକା ପରଠାରୁ ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ୍ ଲାଇଭ୍‌ରେ ଟ୍ୟୁନ୍ କରନ୍ତୁ ଏବଂ 'ନିଜ ଶିଶୁ ଓ ସେମାନଙ୍କ ଏସ୍‌ଆଇପିକୁ ଏକାଠି ବଢ଼ିବାକୁ ଦିଅନ୍ତୁ' ଲାଇଭ୍ ଶୋ' ଦେଖନ୍ତୁ।

**ପରବର୍ତ୍ତୀ ସଂସ୍କରଣରେ:** ଆପଣଙ୍କ ସନ୍ତାନ ପାଇଁ ସବୁଠାରୁ ଶ୍ରେଷ୍ଠ ଉପହାର ହେଉଛି ଏକ ଆର୍ଥିକ ଦୃଷ୍ଟିରୁ ସୁରକ୍ଷିତ ଜୀବନର ଉପହାର। ଆସନ୍ତା ସଂସ୍କରଣରେ, ନିଜ ସନ୍ତାନକୁ ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ କରିବାର ବିଭିନ୍ନ ଉପାୟଗୁଡ଼ିକ ଉପରେ ନଜର ପକାଇବା।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ ।





ୟୁଟିଆଇ ରେଗୁଲାର ସେଭିଂସ୍ ଫଣ୍ଡ

ଏପରି ଫଣ୍ଡରେ ନିବେଶ କରନ୍ତୁ ଯାହା କି ଋଣ ଏବଂ ଇକ୍ୱିଟୀ ଇନ୍‌ଷ୍ଟ୍ରୁମେଣ୍ଟ୍‌ସର ଏକ ସମ୍ମିଶ୍ରଣ ଅଟେ, ଯେଉଁଥିରେ ଉଚ୍ଚ ମାନର ଡେବ୍‌ଟ ଇନ୍‌ଷ୍ଟ୍ରୁମେଣ୍ଟ୍‌ସ ଆପଣଙ୍କ ପାଇଁ ନିୟମିତ ଆୟ ଉତ୍ପନ୍ନ କରିବାରେ ସାହାଯ୍ୟ କରେ ଏବଂ ଇକ୍ୱିଟୀ ଦ୍ୱାରା ମୂଳଧନ ବୃଦ୍ଧି କରିବାରେ ସାହାଯ୍ୟ ମିଳେ ।

ନିବେଶ ପାଇଁ ସିଷ୍ଟମେଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ ପଦ୍ଧତି ଉପଲବ୍ଧ ଅଟେ ।

ଆବଧିକ ଉଠାଣ ପାଇଁ ସିଷ୍ଟମେଟିକ୍ ୱିଥ୍‌ଡ୍ରଲ୍ ପ୍ଲାନ୍ ପରି ମାର୍ଗ ବି ଉପଲବ୍ଧ ଅଟେ ।

ଆପଣଙ୍କ ମ୍ୟୁଚୁଆଲ୍ ଫଣ୍ଡ ଡିଷ୍ଟ୍ରିବ୍ୟୁଟରଙ୍କ ସହିତ ସମ୍ପର୍କ କରନ୍ତୁ ବା 8655019940 ରେ ଏକ ମିସ୍‌ଡ କଲ୍ ଦିଅନ୍ତୁ ।

SMS "UTIRSF" to 5676756 | www.utimf.com

ୟୁଟିଆଇ ରେଗୁଲାର ସେଭିଂସ୍ ଫଣ୍ଡ ଏକ ଓପନ୍ ଏଣ୍ଡେଡ୍ ହାଇବ୍ରିଡ୍ ସ୍କିମ୍ ଅଟେ ଯାହା ମୁଖ୍ୟତଃ ଡେବ୍‌ଟ ଇନ୍‌ଷ୍ଟ୍ରୁମେଣ୍ଟ୍‌ସରେ ନିବେଶ କରୁଛି ।

ଏହି ଉତ୍ପାଦ ଏପରି ନିବେଶକଙ୍କ ପାଇଁ ଉପଯୁକ୍ତ ଅଟେ ଯିଏ ନିମ୍ନଲିଖିତ ପାଇଁ ଇଚ୍ଛୁକ ଅଟନ୍ତି:*
- ଦୀର୍ଘକାଳୀନ ପୁଞ୍ଜି ବୃଦ୍ଧି ଏବଂ ମଧ୍ୟମ ଅବଧି ନିୟମିତ ଆୟ
- ଇକ୍ୱିଟୀ ଇନ୍‌ଷ୍ଟ୍ରୁମେଣ୍ଟ୍‌ସରେ ନିବେଶ (ଅଧିକତମ-25%) ଏବଂ ନିଶ୍ଚିତ ଆୟ ସିକ୍ୟୁରିଟିଜ୍ (ଋଣ ଓ ମୁଦ୍ରା ବଜାର ସିକ୍ୟୁରିଟିଜ୍)

*ଏହି ଉତ୍ପାଦ ସେମାନଙ୍କ ପାଇଁ ଉପଯୁକ୍ତ ଅଟେ କି ନାହିଁ ଯଦି ସନ୍ଦେହ ଥାଏ ନିବେଶକମାନେ ସେମାନଙ୍କ ବିତ୍ତୀୟ ପରାମର୍ଶଦାତାଙ୍କ ସହିତ ପରାମର୍ଶ କରିବା ଉଚିତ।



ବିନିଯୋଗକାରୀମାନେ ବୁଝନ୍ତି ଯେ ସେମାନଙ୍କ ସିଦ୍ଧାନ୍ତ ମଧ୍ୟମ ଧରଣର ଉଚ୍ଚ ଆପଦରେ ରହିବ।

ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ସମସ୍ତ ଯୋଜନା ସମ୍ବନ୍ଧିତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢନ୍ତୁ।

ସବୁକିଛି ଲାଗି- ଏପରି କି ସବୁଠାରୁ ବସ୍ତୁଗତ ଉଦ୍ଦେଶ୍ୟ ପୂରଣ ଲାଗି-ଭଗବାନଙ୍କ ଉପରେ ଦୃଢ଼ବିଶ୍ୱାସ ଓ ଆସ୍ଥା ରଖ। ତା'ହେଲେ ସବୁ ଠିକ୍ ହୋଇଯିବ।
-ଶ୍ରୀମା



# ବିରଳ ବିଚାର

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଡେପୁଟୀ ଗଭର୍ନର ବିରଳ ଆଚାର୍ଯ୍ୟ ଅକ୍ଟୋବର ୨୭ରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ବେଳେ କହିଥିଲେ ଯେ, କେନ୍ଦ୍ର ସରକାର କେନ୍ଦ୍ରୀୟ ବ୍ୟାଙ୍କର ସ୍ୱାୟତ୍ତତାରେ ହସ୍ତକ୍ଷେପ ବନ୍ଦ କରିବା ଦରକାର। ତାହା ନ ହେଲେ ଦେଶ ଦୀର୍ଘମିଆଦୀ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବ। ଆର୍‌ବିଆଇର ଜଣେ ବରିଷ୍ଠ ଅଧିକାରୀ ଏଭଳି ମତ ଦେବା ପରେ ଅର୍ଥନୀତି ସହ ଜଡ଼ିତ ମହଲରେ ଆଲୋଡ଼ନ ସୃଷ୍ଟି ହୋଇଛି। ଅକ୍ଟୋବର ୨୯ରେ ବିରଳଙ୍କ କଥାରୁ ଖିଅ ଟାଣି ଆର୍‌ବିଆଇ କର୍ମଚାରୀ ସଂଘ ମଧ୍ୟ ସଂସ୍ଥାର ସ୍ୱାୟତ୍ତତା ଦାବି କରିଛି।

ଆଶା କରାଯାଏ, ଆର୍‌ବିଆଇ, କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ), ମୁଖ୍ୟ ଭିଜିଲାନ୍ସ କମିଶନ (ସିଭିସି), ନିର୍ବାଚନ କମିଶନ (ଇସି) ଭଳି ଗଣତନ୍ତ୍ରକୁ ଜୀବିତ ରଖିବା ପାଇଁ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାଗୁଡ଼ିକ ସ୍ୱାଧୀନତା ପାଇବା ଦରକାର । ହେଲେ କିଛି ବର୍ଷ ହେବ କୌଣସି କାରଣ ଯୋଗୁ ସଂସ୍ଥାଗୁଡ଼ିକର ସ୍ୱାୟତ୍ତତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିକଟରେ ସିବିଆଇର ୧ ଓ ୨ ନମ୍ବର ସ୍ଥାନରେ ଥିବା ଅଧିକାରୀଙ୍କ ମଧ୍ୟରେ ବାଦବିବାଦ ଦେଖାଦେଇ ଯେଉଁ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି, ତାହା ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଏବେ ବିରଳ ଯେଉଁ ପ୍ରସଙ୍ଗ ଉଠାଇଛନ୍ତି ସମାନ ଧରଣର ଅଭିଯୋଗ ଆର୍‌ବିଆଇର ତତ୍କାଳୀନ ଗଭର୍ନର ରଘୁରାମ ରାଜନ ଉଠାଇଥିଲେ। ସରକାରୀ ଚାପରୁ ଆର୍‌ବିଆଇ ମୁକ୍ତ ହେବା ନେଇ ସେ ସ୍ୱର ଉତ୍ତୋଳନ କରିବାରୁ ତାଙ୍କୁ ବହୁ ହିନସ୍ତା ହେବାକୁ ପଡ଼ିଥିଲା। ତଥାପି ସେ ଭାରତୀୟ ଅର୍ଥନୀତିକୁ ଏକ ନୂଆ ଦିଗ ଦେଖାଇଥିଲେ। ବର୍ତ୍ତମାନ ବିରଳ କହିଛନ୍ତି ଯେ, କେନ୍ଦ୍ର ସରକାର ଟି-୨୦ ମ୍ୟାଚ ଭଳି ସ୍ୱଳ୍ପଦୃଷ୍ଟି ନେଇ ଆର୍ଥିକ ନୀତି ପ୍ରଣୟନ କରୁଛନ୍ତି। ସରକାରଙ୍କ ଏଭଳି ପଦକ୍ଷେପ ଅର୍ଥନୀତିକୁ ଧ୍ୱଂସ କରିଦେବ। ଅନ୍ୟପକ୍ଷରେ ଆର୍‌ବିଆଇ ଦୀର୍ଘକାଳୀନ ପଦକ୍ଷେପ ନେଇ ନୀତି ଘୋଷଣା କରେ ଓ ଟେଷ୍ଟ ମ୍ୟାଚ ଭଳି ନିଷ୍ପତ୍ତି ନେଇଥାଏ ବୋଲି ସେ କହିଛନ୍ତି। ବିରଳଙ୍କ କଥାରୁ ବୁଝିବାକୁ ହେବ ଯେ, ନିଶ୍ଚିତ ଭାବେ ଆର୍‌ବିଆଇ ସରକାରଙ୍କଠାରୁ ଚାପର ସମ୍ମୁଖୀନ ହେଉଛି। ବିରଳ କ୍ରିକେଟ ସମ୍ପର୍କିତ ଉଦାହରଣ ଦେବା ପଛରେ କୌତୂହଳ ନୁହେଁ, ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଦିଗ ରହିଛି। ଅର୍ଥନୀତି ସମ୍ପର୍କରେ ବୁଝିବାର କ୍ଷମତା ସାଧାରଣ ନାଗରିକଙ୍କର ନାହିଁ। ବିଶେଷକରି ବିମୁଦ୍ରୀକରଣ ଏବଂ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବା ପରେ ଭାରତୀୟ ଅର୍ଥନୀତିରେ ଯେଉଁ ଅଭୂତପୂର୍ବ ସଙ୍କଟ ଦେଖାଦେଇଛି, ତାହାର ପ୍ରତିଫଳନ ନିତିଦିନ ତୈଳ ଦର ବୃଦ୍ଧି ସହ ପ୍ରତ୍ୟେକ ଦିନ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ସ୍ଥିତି ସଚେତନ ଅର୍ଥନୀତିଜ୍ଞଙ୍କୁ ମଧ୍ୟ ବିଚଳିତ କରିଦେଲାଣି। ଏବେ ଯେଉଁ ସ୍ୱଳ୍ପ ପରିମାଣର ତୈଳ ଦର ହ୍ରାସ ପାଇଛି, ତାହା ଅତ୍ୟନ୍ତ ଅସ୍ଥାୟୀ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଆର୍‌ବିଆଇ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ହୋଇଥିବାରୁ ମୁଦ୍ରା ନୀତି ପ୍ରଣୟନଠାରୁ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ପରିଚାଳନା କରିଥାଏ। ସରକାର ନିଜର ରାଜନୈତିକ ଲକ୍ଷ୍ୟ ପୂରଣ କରିବା ସକାଶେ ଲୋକପ୍ରିୟ ଯୋଜନା କରିଥାଆନ୍ତି। ତାହା ଦ୍ୱାରା ସ୍ୱଳ୍ପ ସମୟ ପାଇଁ ହୁଏତ ଲୋକେ ଖୁସି ହୋଇପାରନ୍ତି। କିନ୍ତୁ ବାସ୍ତବ ସତ୍ୟକୁ ସାମ୍ନା କରାଯିବା ଦରକାର। କେନ୍ଦ୍ରୀୟ ବ୍ୟାଙ୍କକୁ ଅଧିକ ସ୍ୱାୟତ୍ତତା ଦିଆଗଲେ ଦେଶବାସୀ ଦୀର୍ଘମିଆଦୀ ସୁଫଳ ପାଇପାରନ୍ତେ। ଏହାଦ୍ୱାରା ବିଶେଷକରି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଉପରେ ନିୟନ୍ତ୍ରଣ ରହିପାରିବ। ଏଥିସହିତ ହୀରା ବ୍ୟବସାୟୀ ନୀରବ ମୋଦି, ମେହୁଲ ଚୋକ୍ସି ଓ ରୋଟୋମାକ୍ ପେନ୍ ପ୍ରମୋଟର ବିକ୍ରମ କୋଠାରୀଙ୍କ ଭଳି ଠକ ଲୋକ ସୃଷ୍ଟି ହୋଇପାରିବେ ନାହିଁ। ବର୍ତ୍ତମାନ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ମୋଟ ଅନାଦାୟ ଋଣ (ଏନ୍‌ପିଏ) ପରିମାଣ ଦେଖିଲେ ୧୦ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱକୁ ଚାଲିଯାଇଛି। ଫଳରେ ମଦ ବ୍ୟବସାୟୀ ବିଜୟ ମାଲ୍ୟା, ଷ୍ଟର୍ଲିଂ ବାୟୋଟେକ୍ ନିର୍ଦ୍ଦେଶକ ନିତୀନ ସନ୍ଦେଶରାଙ୍କ ଭଳି ବ୍ୟକ୍ତି ବ୍ୟାଙ୍କ ଅର୍ଥ ନେଇ ବିଦେଶରେ ଅୟସ କରିବାର ସୁଯୋଗ ପାଉଛନ୍ତି। ଆର୍‌ବିଆଇକୁ ସେଭଳି ସ୍ୱାୟତ୍ତତା ମିଳିଲେ ବ୍ୟାଙ୍କଗୁଡ଼ିକର ଋଣଭାର କମିବା ସହ ଅନ୍ତର୍ଜାତୀୟ ନିବେଶକମାନେ ଏଠାକୁ ଆସି କାର୍ଯ୍ୟ କରିବାକୁ ସାହସ ପାଇପାରନ୍ତେ।

୨୦୧୬ ନଭେମ୍ବର ୮ରେ କେନ୍ଦ୍ର ସରକାର ବିମୁଦ୍ରୀକରଣ ଘୋଷଣା କରିବା ପରେ ଆଶା କରାଯାଉଥିଲା ଦେଶର କଳାଧନ ହଟିବା ସହ ଭାରତୀୟ ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ଆସିବ। କିନ୍ତୁ ଦେଖାଗଲା ଯେ, ନିଷିଦ୍ଧ ପୁରୁଣା ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌ର ୯୯.୩ ପ୍ରତିଶତ ଟଙ୍କା ଆର୍‌ବିଆଇକୁ ଫେରିଆସିଥିଲା। ଅର୍ଥାତ୍ ଏଥିରୁ ବୁଝିବାକୁ ହେବ ଯେ ଏହି ବିପୁଳ ପରିମାଣର ଅର୍ଥ କଳାଧନ ଭାବେ ଗଚ୍ଛିତ ନ ଥିଲା। ବାକି ଯେଉଁ ୦.୭ ପ୍ରତିଶତ ରହିଲା ତାହା ବିଭିନ୍ନ କାରଣ ଯଥା, ଚିରା ନୋଟ୍ ବା ଅନ୍ୟ ଭାବେ ନଷ୍ଟ ହୋଇଯାଇଥିବା କିମ୍ବା ଜନସାଧାରଣ ଫେରାଇପାରି ନ ଥିବା ଭାବେ ପରିଗଣିତ ହୋଇପାରେ। ବିଶେଷଜ୍ଞମାନେ ମତ ଦେଇଛନ୍ତି, ସରକାରଙ୍କ ଏଭଳି ଅଚାନକ ନିଷ୍ପତ୍ତି ଅର୍ଥନୀତିରେ ଅସ୍ୱାଭାବିକତା ସୃଷ୍ଟି କଲା। ଆର୍‌ବିଆଇ ଏସବୁ ଦେଖି କିଛି ନ କରିପାରିବା ଦର୍ଶାଉଛି ଯେ, ଏହା ଉପରେ ସରକାରଙ୍କ ନିୟନ୍ତ୍ରଣ ସମ୍ପୂର୍ଣ୍ଣ ଭାବେ ରହିଛି। ଗଭର୍ନର ଉର୍ଜିତ ପଟେଲ ଏନ୍‌ପିଏ ଓ ନୀରବ ମୋଦି ପ୍ରସଙ୍ଗରେ ଅଧିକ କ୍ଷମତା ସପକ୍ଷରେ ମତ ଦେଇଥିଲେ। ଏବେ ପାର୍ଲାମେଣ୍ଟର ଫାଇନାନ୍ସ କମିଟି ସମ୍ମୁଖରେ ତୃତୀୟ ଥର ପାଇଁ ଉର୍ଜିତ ହାଜର ହୋଇ ବିମୁଦ୍ରୀକରଣ ଉପରେ ମତ ଦେବାର ଅଛି। କିନ୍ତୁ ସେହି ବିମୁଦ୍ରୀକରଣ ସମୟରେ ସେ କେବଳ ଜଣେ ସାଧାରଣ କର୍ମଚାରୀ ହୋଇ ରହିବାକୁ ପସନ୍ଦ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୋପକୁ ଭୟ କରି ଦେଶର ଅର୍ଥନୀତିକୁ ତଳିତଳାନ୍ତ କରିବାରେ ନୀରବ ସହଯୋଗ କରିଥିଲେ।

ଏଭଳି ପରିସ୍ଥିତିର ପୁନରାବୃତ୍ତିକୁ ରୋକିବା ପାଇଁ ଏବେ ଅର୍ଥନୀତିର ମଙ୍ଗଳ ଦୃଷ୍ଟିରୁ ଡେପୁଟୀ ଗଭର୍ନର ବିରଳ ଆଚାର୍ଯ୍ୟ ଯେଉଁ ପ୍ରସଙ୍ଗ ଉଠାଇଛନ୍ତି, ତାହାକୁ ଗମ୍ଭୀରତାର ସହ ବିଚାର କରାଯିବା ଦରକାର।

## ଚିରନ୍ତନୀ

ଶୁଖାଇ ଦେଇ ନୟନ-ଜଳ    ମରମ ତଳେ ଜାଳି ଅନଳ
ଭୁଲିଛି ସବୁ ବେଦନା ସୁଖ    ଲୁହାରେ କିଳି ଛାତି
ନ ମାନି ଖରା ବରଷା ଦିନ ରାତି।    (କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | D | | | | | B | C | | | 4 | | | 8 | 9 |
| 2 | | | | B | 0 | | | 4 | 7 | | D | 5 | | 1 |
| | | | | | 2 | | 8 | 6 | | B | | | 4 | 7 |
| 1 | | | | | | | | | 9 | | | | | A |
| | E | 6 | | | 5 | | | | | | | D | | |
| D | C | | | 6 | 1 | | | 3 | | | | B | | |
| | | | | 0 | 8 | | | D | | | | | | |
| | A | 7 | | | | | | | | | | 8 | C | |
| B | | | | | 7 | 1 | | | 2 | | | 9 | | |
| | | | D | | | 9 | 0 | A | C | | B | 3 | 7 | 5 |
| E | | 9 | 8 | | | 5 | | | 4 | | 6 | | | |
| | 1 | 8 | | | A | C | | | | | | | | D |
| | | | 2 | | | | | | | 9 | | | 0 | |
| | | | | | D | | E | 7 | | | | C | 1 | |
| | 6 | | | | | | D | 0 | | A | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | C | 3 | 4 | 0 | 6 | 8 | 5 | 9 | 7 | A | E | 1 | B | D |
| D | 1 | B | E | A | 5 | 6 | 2 | 3 | C | 9 | 4 | 7 | 8 | 0 |
| 0 | 4 | 6 | C | D | 8 | 7 | B | E | 5 | 2 | 1 | A | 3 | 9 |
| A | 7 | 8 | 9 | 2 | 3 | 1 | 0 | 4 | 6 | D | B | C | E | 5 |
| E | 9 | 5 | 1 | 7 | B | C | D | A | 0 | 3 | 8 | 6 | 4 | 2 |
| 7 | D | 0 | 2 | 8 | E | 5 | 1 | C | 3 | B | A | 4 | 9 | 6 |
| 5 | 8 | E | 7 | B | 9 | 3 | 6 | 0 | 4 | 1 | D | 2 | C | A |
| 6 | 3 | 1 | D | 5 | A | 9 | 4 | 8 | 2 | 7 | C | B | 0 | E |
| C | 2 | 9 | 6 | 4 | 1 | B | A | D | E | 5 | 0 | 8 | 7 | 3 |
| 4 | B | A | 0 | 3 | C | E | 7 | 2 | 8 | 6 | 9 | 5 | D | 1 |
| 8 | 0 | D | A | 6 | 2 | 4 | 9 | 1 | B | C | 3 | E | 5 | 7 |
| 3 | 5 | C | B | 1 | 0 | 2 | 8 | 7 | 9 | E | 6 | D | A | 4 |
| B | 6 | 4 | 3 | E | 7 | D | C | 5 | A | 0 | 2 | 9 | 1 | 8 |
| 1 | E | 2 | 5 | 9 | 4 | A | 3 | B | D | 8 | 7 | 0 | 6 | C |
| 9 | A | 7 | 8 | C | D | 0 | E | 6 | 1 | 4 | 5 | 3 | 2 | B |

ଗତକାଲିର ଉତ୍ତର

# ବୈଦେଶିକ ଗୋଇନ୍ଦା ସଂସ୍ଥା

ଶରତ ଚନ୍ଦ୍ର ମିଶ୍ର

ନିଜ ଦେଶର ବୈଦେଶିକ ନୀତି ପ୍ରଣୟନ, ଦେଶରକ୍ଷା ପ୍ରସ୍ତୁତି, ବୈଦେଶିକ ବାଣିଜ୍ୟ ନୀତି ଓ ସର୍ବୋପରି ଜାତୀୟ ସୁରକ୍ଷା ନିମନ୍ତେ ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ଦେଶ ଅନ୍ୟ ଦେଶଗୁଡ଼ିକର ଘଟଣା ପ୍ରବାହ, ସାମରିକ ସ୍ଥିତି, ନିଜ ଦେଶ ପ୍ରତି ଆଭିମୁଖ୍ୟ ଆଦି ପ୍ରତି ନଜର ରଖିବା ଆବଶ୍ୟକ। ଅନ୍ୟ ଦେଶଗୁଡ଼ିକରେ ଦୂତାବାସ ଥାଏ ଓ କୌଣସି ଦେଶ ସହିତ କୂଟନୈତିକ ସମ୍ପର୍କ ନ ଥିଲେ ଅବା ଛିନ୍ନ ହୋଇଯାଇଥିଲେ ପଡ଼ୋଶୀ ଦେଶର ଦୂତାବାସ ମାଧ୍ୟମରେ ଏସବୁ ସମ୍ବନ୍ଧରେ ଖବର ସଂଗ୍ରହ କରାଯାଏ। ଗୋପନ ଖବର ସଂଗ୍ରହ ଓ ଅନ୍ୟ ଦେଶର ଘଟଣା ପ୍ରବାହକୁ ପ୍ରଭାବିତ କରିବା ନିମନ୍ତେ କୂଟନୀତିଜ୍ଞ ବ୍ୟତୀତ ଗୋଇନ୍ଦା ଅଧିକାରୀଙ୍କ ଆବଶ୍ୟକତା ଅନୁଭୂତ ହୁଏ। ସେଥିଯୋଗୁ ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ଦେଶର ବୈଦେଶିକ ଗୋଇନ୍ଦା ସଂସ୍ଥା ରହିଛି। ଦ୍ୱିତୀୟ ମହାଯୁଦ୍ଧ ପରେ ଆମେରିକା ସରକାର ଏଫ୍‌ବିଆଇ ହାତରୁ ବୈଦେଶିକ ଗୋଇନ୍ଦା କାର୍ଯ୍ୟ ନବଗଠିତ ସିଆଇଏ ଉପରେ ନ୍ୟସ୍ତ କଲେ। ବ୍ରିଟିଶ ସରକାରଙ୍କ M15 ଓ M16 ନାମରେ ଦୁଇଟି ସଂସ୍ଥା ଅଛି। ଗୋଟିଏ ଆଭ୍ୟନ୍ତରୀଣ ଓ ଅନ୍ୟଟି ବୈଦେଶିକ ଗୋଇନ୍ଦା ଦାୟିତ୍ୱ ସମାପନ କରେ।

ଆମ ଦେଶରେ ସ୍ୱାଧୀନତା ପରେ ଇଣ୍ଟେଲିଜେନ୍ସ ବ୍ୟୁରୋ-ଆଇବି ଉଭୟ ଆଭ୍ୟନ୍ତରୀଣ ଓ ବୈଦେଶିକ ଗୋଇନ୍ଦା କାର୍ଯ୍ୟ ଦାୟିତ୍ୱରେ ଥିଲା। ଚାଇନା ସହିତ (୧୯୬୨) ଯୁଦ୍ଧ ସମୟରେ ଆଇବି ଚାଇନା ସମ୍ବନ୍ଧୀୟ ସମସ୍ତ ତଥ୍ୟ ସଂଗ୍ରହରେ ସଫଳ ହୋଇପାରିନାହିଁ ବୋଲି ଅନୁଭବ ହେବାରୁ ୧୯୬୮ରେ ଏକ ବୈଦେଶିକ ଗୋଇନ୍ଦା ସଂସ୍ଥା ସୃଷ୍ଟି ହେଲା। ସେ ସମୟରେ ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଓ ମୋରାରଜୀ ଦେଶାଇ ଉପପ୍ରଧାନମନ୍ତ୍ରୀ ଥିଲେ। ସଂସ୍ଥା ଗଠନର ଦାୟିତ୍ୱ ଆଇବିର ଯୁଗ୍ମ ନିର୍ଦ୍ଦେଶକ ରାମେଶ୍ୱର ନାଥ କାଓଙ୍କ ଉପରେ ନ୍ୟସ୍ତ ହେଲା। ସଂସ୍ଥାର ନାମକରଣ ହେଲା 'ଗବେଷଣା ଓ ବିଶ୍ଳେଷଣ ଶାଖା (R&AW)'। ଏହି ନୂତନ ସଂସ୍ଥାକୁ ନିଜ ଅଧୀନ କରିବାକୁ ଉଭୟ ବୈଦେଶିକ ଓ ଦେଶରକ୍ଷା ମନ୍ତ୍ରଣାଳୟ ଆଗ୍ରହ ପ୍ରକାଶ କରିଥିଲେ ହେଁ ଏହା କ୍ୟାବିନେଟ ସେକ୍ରେଟାରିଏଟ୍‌ର ଅଂଶବିଶେଷ ହୋଇ ପ୍ରଧାନମନ୍ତ୍ରୀଙ୍କ ଖୋଦ୍ ନିୟନ୍ତ୍ରଣାଧୀନ ହୋଇ ରହିଲା। ଏହି ସଂସ୍ଥାକୁ ବର୍ତ୍ତମାନ ୫୦ ବର୍ଷ ପୂର୍ଣ୍ଣ ହୋଇଛି। ଏହି ସଂସ୍ଥାର କାର୍ଯ୍ୟକଳାପକୁ ଗୋପନୀୟ ରଖାଯାଏ। ସଂସ୍ଥାର ଜଣେ ପୂର୍ବତନ ମୁଖ୍ୟ ଏ.ଏସ୍. ସୁଦ, ଦୁଇଜଣ ପୂର୍ବତନ ବରିଷ୍ଠ ଅଧିକାରୀ ବି. ରମଣ, ମେଜର ଜେନେରାଲ ଭି.କେ. ସିଂହ ଏହାମଧ୍ୟରେ ସଂସ୍ଥାରେ ନିଜର ଅଭିଜ୍ଞତା ଓ କାର୍ଯ୍ୟକାଳ ସମ୍ବନ୍ଧରେ ପୁସ୍ତକ ରଚନା କରିଛନ୍ତି ଓ ଆମେରିକାର ଭାରତ-ପାକିସ୍ତାନ ବିଶେଷଜ୍ଞ ଷ୍ଟିଫେନ କୋହେନ ମଧ୍ୟ କିଛି ଲେଖା ପ୍ରକାଶ କରିବା ଫଳରେ କେତେକ ତଥ୍ୟ ଲୋକଲୋଚନକୁ ଆସିଛି। ଏ ଲେଖକ ଏହି ସଂସ୍ଥାରେ ୧୨ ବର୍ଷ କାଳ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଥିଲା ଓ ତତ୍‌ସମ୍ବନ୍ଧୀୟ ଗୋପନୀୟତାର ଶପଥ ମଧ୍ୟ ନେଇଥିଲା। ତେଣୁ ଏ ପ୍ରବନ୍ଧ କେବଳ ପ୍ରକାଶିତ ତଥ୍ୟ ଆଲୋଚନା କରିବାରେ ସୀମିତ ରହିବ।

ଏ ସଂସ୍ଥା ଗଠନ ସମୟରେ ଇନ୍ଦିରା ଗାନ୍ଧୀ ସଂସ୍ଥାମୁଖ୍ୟ ଆର.ଏନ୍. କାଓଙ୍କୁ କ୍ୟାବିନେଟ ସେକ୍ରେଟାରିଏଟ୍‌ରେ ଅତିରିକ୍ତ ସଚିବ ପଦବୀ ପ୍ରଦାନ କରି ଏହାକୁ ଏକ ନିଚ୍ଛକ ପୋଲିସ ସଂସ୍ଥା ନ କରିବାକୁ ପରାମର୍ଶ ଦେଇଥିଲେ। କାଓ ପ୍ରଥମେ ଆଇବିର ବୈଦେଶିକ ଗୋଇନ୍ଦା ବିଭାଗର ଅଧିକାରୀ, କେତେଜଣ ମିଲିଟାରୀ ଅଫିସର, ଅଳ୍ପ କେତେଜଣ ଆଇଏଏସ୍ ଓ ଆଇଏଫ୍‌ଏସ୍ ଅଫିସର, କେତେଜଣ ବୈଜ୍ଞାନିକ, ଜଣେ ଫରେଷ୍ଟ ଅଫିସର, ଟେଲି କମ୍ୟୁନିକେଶନ ଅଧିକାରୀ, ଜଣେ ପୋଷ୍ଟାଲ ସର୍ଭିସ୍ ଅଫିସର ଓ ଅଳ୍ପ କେତେଜଣ ଅର୍ଥନୀତିଜ୍ଞଙ୍କୁ ନେଇ ସଂସ୍ଥା ଆରମ୍ଭ କରିଥିଲେ। କେତେକ ଯୁବ ଅଧିକାରୀଙ୍କୁ ସିଧାସଳଖ ନିଯୁକ୍ତି ଦିଆହୋଇଥିଲା।

ସଂସ୍ଥା ଗଠନର ପ୍ରଥମ ଦଶନ୍ଧିରେ ବାଂଲାଦେଶ ଯୁଦ୍ଧ, ସିକ୍କିମର ଭାରତ ସହିତ ମିଶ୍ରଣ, ଦେଶର ଆଣବିକ କାର୍ଯ୍ୟକ୍ରମରେ ଗୋପନୀୟତା ରକ୍ଷା, ଆଫଗାନିସ୍ତାନରେ ଆମର ପ୍ରଭାବ ବୃଦ୍ଧି ଓ ଦକ୍ଷିଣ ଆଫ୍ରିକାର ତତ୍କାଳୀନ ବର୍ଣ୍ଣବୈଷମ୍ୟ ନୀତି ବିରୋଧରେ ସେ ଦେଶରେ ଓ ପାର୍ଶ୍ୱବର୍ତ୍ତୀ ଦେଶଗୁଡ଼ିକରେ ଆନ୍ଦୋଳନକୁ ପ୍ରୋତ୍ସାହନ ପ୍ରଦାନରେ 'ର' ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ସଂସ୍ଥାର ଏହି କ୍ରମବର୍ଦ୍ଧିଷ୍ଣୁ ପ୍ରଭାବ ପ୍ରତି ବୈଦେଶିକ ମନ୍ତ୍ରଣାଳୟ ଓ ଆଇବି ବିମୁଖ ଥିଲେ ଏବଂ ୧୯୭୭ ମସିହାରେ ଜନତା ସରକାର ଗଠନ ପରେ ଏହାର ପକ୍ଷଚ୍ଛେଦ ଆରମ୍ଭ ହେଲା। ଏହା ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରୁଛି ଓ ଇନ୍ଦିରା ଗାନ୍ଧୀଙ୍କୁ ରାଜନୈତିକ ସମର୍ଥନ ପ୍ରଦାନ କରୁଛି ବୋଲି ଜନତା ଦଳର ନେତାମାନେ ଅଭିଯୋଗ କରୁଥିଲେ। କାଓ ପଦଚ୍ୟୁତ ହେଲେ ଓ ତାଙ୍କର ଉତ୍ତରାଧିକାରୀ ଶଙ୍କରନ ନାୟାରଙ୍କ ପଦବୀକୁ ସଚିବରୁ ଡାଇରେକ୍ଟର କରିଦିଆଯିବାରୁ ସେ ସଂସ୍ଥା ଛାଡ଼ିଲେ। ସଂସ୍ଥାର ବଜେଟ ଓ କର୍ମଚାରୀ ସଂଖ୍ୟା ୨୦% ହ୍ରାସ କରିଦିଆଗଲା ଓ ପାକିସ୍ତାନରେ ଚାପ ସୃଷ୍ଟି କରୁଥିବା କେତେକ 'ର' କାର୍ଯ୍ୟକ୍ରମକୁ ଅନୈତିକ କହି ବନ୍ଦ କରିଦିଆଗଲା। 'ର'ରେ ନୂତନ ରକ୍ତର ସଞ୍ଚାର ହେଲାନାହିଁ। ୧୯୭୭ ମସିହାର କର୍ମଚାରୀ ହ୍ରାସ ନୀତି ପରେ ପ୍ରଥମ କରି ୧୯୭୯ ଜାନୁୟାରୀରେ ମୁଁ ଯୋଗଦେଲି। ଅନେକ ଅଭିଜ୍ଞ ଅଧିକାରୀ ନିଜ ରାଜ୍ୟ ଓ ମନ୍ତ୍ରଣାଳୟକୁ ଫେରିଗଲେ। ମୋରାରଜୀ ଦେଶାଇଙ୍କ ପ୍ରତି କୃତଜ୍ଞ ପାକିସ୍ତାନ ପରବର୍ତ୍ତୀ କାଳରେ ତାଙ୍କୁ ପାକିସ୍ତାନର ସର୍ବୋଚ୍ଚ ବେସାମରିକ ସମ୍ମାନରେ ଭୂଷିତ କରିଥିଲା।

ଚାଇନା ଓ ପାକିସ୍ତାନର ଗତିବିଧି ଲକ୍ଷ୍ୟ 'ର'ର ମୁଖ୍ୟ କାର୍ଯ୍ୟ। କେଉଁ ଦେଶରୁ ଓ କିପରି ପାକିସ୍ତାନ ଅସ୍ତ୍ରଶସ୍ତ୍ର ଓ ଆଣବିକ ଉପାଦାନ ପ୍ରାପ୍ତ ହୁଏ, ତାହା କିପରି ବନ୍ଦ, ହ୍ରାସ ବା ବିଳମ୍ବ କରାଯାଇପାରିବ ସେଥିପ୍ରତି 'ର' ନଜର ରଖିଥାଏ। ବିଶେଷଜ୍ଞମାନଙ୍କ ମତରେ ନିଜର ଦକ୍ଷତା ଓ ଜ୍ଞାନ ବୃଦ୍ଧି ନିମନ୍ତେ 'ର' ଆମେରିକାର ସିଆଇଏ ଓ ଇସ୍ରାଏଲ୍‌ର ଗୋଇନ୍ଦା ସଂସ୍ଥା ମୋସାଡ୍ ସହିତ ସମ୍ପର୍କ ରକ୍ଷା କରେ।

ଖଲିସ୍ଥାନ ଆନ୍ଦୋଳନ ତୀବ୍ରରୂପ ଦେବା ନିମନ୍ତେ ପାକିସ୍ତାନ ଖଲିସ୍ଥାନୀମାନଙ୍କୁ ସାହାଯ୍ୟ କରୁଥିଲା। 'ର' ପାକିସ୍ତାନରେ ନିଜର କାର୍ଯ୍ୟକ୍ରମ ବଳରେ ପାକିସ୍ତାନୀ ଶାସକ ଗୋଷ୍ଠୀ ଉପରେ ଚାପ ସୃଷ୍ଟିକରି ସେମାନଙ୍କୁ ଖଲିସ୍ଥାନୀଙ୍କୁ ସାହାଯ୍ୟ କରିବାରୁ ନିବୃତ୍ତ କରାଇପାରିଥିଲା। ଏହି ଚାପ ସୃଷ୍ଟିକାରୀ କାର୍ଯ୍ୟକ୍ରମଗୁଡ଼ିକୁ ୧୯୯୭ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଆଇ.କେ. ଗୁଜରାଲ ଅନୈତିକ ବିବେଚନା କରି ବନ୍ଦ କରିଦେଲେ। ପାକିସ୍ଥାନ ଚାପମୁକ୍ତ ହୋଇଗଲା ଓ କଶ୍ମୀର ଅଞ୍ଚଳରେ ଆତଙ୍କବାଦ ବୃଦ୍ଧି ପାଇଲା।

କାର୍‌ଗିଲ ଯୁଦ୍ଧ ସମୟରେ 'ର' ସମସ୍ତ ତଥ୍ୟ ପ୍ରଦାନ କରିନାହିଁ ବୋଲି ଦେଶରକ୍ଷା ବାହିନୀ ଅଭିଯୋଗ କରେ ଓ 'ର' ଏହାକୁ ଖଣ୍ଡନ କରି ତଥ୍ୟ ଯୋଗାଇଛି ବୋଲି ପ୍ରମାଣ ପ୍ରଦାନ କରେ। ସରକାର ଏହାର ସବିଶେଷ ତଦନ୍ତ ନିମନ୍ତେ କାର୍‌ଗିଲ ସମୀକ୍ଷା କମିଟି ଗଠନ କଲେ। କମିଟି ଦେଶର ଗୋଇନ୍ଦା ସଂସ୍ଥାଗୁଡ଼ିକ ପରସ୍ପର ସହିତ ସହଯୋଗିତା ରକ୍ଷା କରୁନାହାନ୍ତି ବୋଲି ମତ ଦେଇ ଏକ ଆମେରିକାର ଜାତୀୟ ସୁରକ୍ଷା ସଂସ୍ଥା ଅନୁକରଣରେ ସମସ୍ତ ପ୍ରକାର ବୈଷୟିକ ଗୋଇନ୍ଦା ତଥ୍ୟ ସଂଗ୍ରହ ଓ ବିଶ୍ଳେଷଣ ନିମନ୍ତେ NTRO ସଂସ୍ଥା ଗଠନ ଲାଗି ସୁପାରିସ କଲେ। ଦେଶରକ୍ଷା ବାହିନୀ ନିମନ୍ତେ Defence Intelligence Agency ସୃଷ୍ଟି ହେଲା।

ଦେଶରେ ଅନେକ ଗୋଇନ୍ଦା ସଂସ୍ଥା ଅଛି। ତନ୍ମଧ୍ୟରୁ ଆଇବି ଓ 'ର' ସବୁଠାରୁ ପ୍ରଭାବଶାଳୀ। ସବୁ ଗୋଇନ୍ଦା ସଂସ୍ଥା ପରସ୍ପର ମଧ୍ୟରେ ସହଯୋଗିତା ରଖି କାର୍ଯ୍ୟ କରିବା ଆବଶ୍ୟକ। 'ର' ନିମନ୍ତେ ଏକ Research and Analysis Service ସୃଷ୍ଟି ହୋଇଥିଲେ ମଧ୍ୟ ଏହା UPSC ମାଧ୍ୟମରେ ନିଯୁକ୍ତ ହେଉ ନ ଥିବାରୁ, ଏହାର ଗୁଣାତ୍ମକ ମାନ ପ୍ରତି ଧ୍ୟାନ ଦିଆଯିବା ଦରକାର। ଅନ୍ୟ ସମସ୍ତ ବିଭାଗରୁ ପ୍ରତିନିଯୁକ୍ତି ଦେବା ଆବଶ୍ୟକ। ଫଳରେ 'ର' ବିଭାଗର ବିଶ୍ଳେଷଣାତ୍ମକ ମାନ ବୃଦ୍ଧି ପାଇବ। 'ର' ଏଜେଣ୍ଟମାନଙ୍କର ବିଦେଶୀ ଭାଷା ଶିକ୍ଷା କରିବା ଓ ଆଞ୍ଚଳିକ ବିଶେଷଜ୍ଞ ସୃଷ୍ଟି କରିବାରେ ଉଦ୍ୟମ ହେବା ଆବଶ୍ୟକ। ପୋଲିସ ଅଫିସରଙ୍କ ସଂଖ୍ୟା ବିଭାଗରେ ଏକ ତୃତୀୟାଂଶରୁ ଅଧିକ ହେବା ଅନୁଚିତ। କାରଣ ପୋଲିସ ଅଫିସରଙ୍କର ଆତ୍ମପ୍ରକ୍ଷେପ ବ୍ୟକ୍ତିତ୍ୱ ଓ ଗୋଇନ୍ଦା ଅଧିକାରୀଙ୍କର ଆତ୍ମବିଲୋପ ବ୍ୟକ୍ତିତ୍ୱଠାରୁ ଭିନ୍ନ। ଯେଉଁ ପୋଲିସ ଅଫିସରମାନେ ସେଠାକୁ ଯିବେ ତାଙ୍କର ଗୋଇନ୍ଦା କାର୍ଯ୍ୟର ଅଭିଜ୍ଞତା ଓ ସେ ପ୍ରକାର ବ୍ୟକ୍ତିତ୍ୱ ଥିବା ଆବଶ୍ୟକ। ଶେଷରେ ଦେଶର କୂଟନୈତିକ ସେବା ଓ ବିଦେଶରେ ଗୋଇନ୍ଦା କାର୍ଯ୍ୟର ଆବଶ୍ୟକତାର ବାସ୍ତବତାକୁ ଉପଲବ୍ଧି କରିବା ଆବଶ୍ୟକ।

ମୋ-୯୯୩୭୪୨୨୫୨୧

# ନିଃସଙ୍ଗତା ଓ ଜୀବନ

ଅଲେଖ ଚନ୍ଦ୍ର ମିଶ୍ର

ପ୍ରଖ୍ୟାତ ଇଂରାଜୀ କବି ଆଲେକଜାଣ୍ଡାର ପୋପ୍‌ଙ୍କର ଲୋକପ୍ରିୟ କବିତା 'ଓଡ୍ ଅନ୍ ସଲିଟ୍ୟୁଡ'ର ପଂକ୍ତିଟିଏ ହେଲା ''ଦସ୍ ଲେଟ୍ ମିଲର ଅନ୍‌ସିନ୍ ଅନ୍‌ନୋନ୍ ଦସ୍ ଅନ୍‌ଲାମେଣ୍ଟେଡ ଲେଟ୍ ମି ଡାଏ, ଷ୍ଟିଲ ଫ୍ରମ୍ ଦ ୱାର୍ଲଡ ନଟ୍ ଏ ଷ୍ଟୋନ୍ ଟେଲ୍ ହୋୟାର ଆଇ ଲାଏ।'' (ଏହିପରି ଅଦୃଷ୍ଟ, ଅଜ୍ଞାତ ଭାବରେ ମତେ ବଞ୍ଚିବାକୁ ଦିଅ। ଏହିପରି ମରିଯାଏ ଯେପରି ମୋ ପାଇଁ କେହି ଶୋକ କରିବେନି। ମୃତ୍ୟୁ ପରେ ବି ମୋର ସମାଧି ବନେଇବନି କାରଣ ତାହା ମୋର ଅବସ୍ଥିତିକୁ ସୂଚେଇଦେବ।) କେତେ ନୈରାଶ୍ୟର ଅଭିବ୍ୟକ୍ତି, କେତେ ଅଭିମାନଭରା ଅଭିଳାଷର ସଙ୍କେତ ଦିଏ ଏହି ପଦ୍ୟାଂଶଟି। ମଣିଷ କେଉଁ ସ୍ତରରେ ପହଞ୍ଚିଲେ ଏହିଭଳି ଭାବାବେଗର ବାଣୀ ମୁଖରୁ ତା'ର ନିଃସୃତ ହୁଏ, ସେ କଥା ଚିନ୍ତାକଲେ ଆଖିଆଗରେ ଭାସିଯାଏ ଏକ ନିଃସଙ୍ଗ ଜୀବନର ଅଲୋଡ଼ା ପ୍ରତିଛବି। ଏହାର କେତେକ କାରଣ ହେଲା ଦେଶ ବା ଗୃହତ୍ୟାଗ, ବାସସ୍ଥାନ ପରିବର୍ତ୍ତନ, କ୍ରୋଧବଶତଃ ପ୍ରିୟଜନକୁ ହରେଇବା, ଯୌଥ ପରିବାର ଭାଙ୍ଗିବା, ପ୍ରଭୂତ ଧନସମ୍ପତ୍ତିର ଅଧିକାରୀ ହୋଇ ଆତ୍ମୀୟଙ୍କଠାରୁ ଦୂରେଇଯିବା ଇତ୍ୟାଦି। ଏହାଛଡା ପରିତ୍ୟକ୍ତ, ପ୍ରତ୍ୟାଖ୍ୟାତ, ଅବିବାହିତ, ମୃତଦାର, ବିଧବା, ନିଃସନ୍ତାନ, କିନ୍ନର ପ୍ରମୁଖ ଏକୁଟିଆ ଜୀବନ ବିତେଇବାକୁ ବାଧ୍ୟ ହୋଇଥାନ୍ତି। ଏହାର ଅନ୍ୟ ଏକ ହେତୁ ହେଲା ସ୍ୱାର୍ଥ। ସ୍ୱାର୍ଥାନ୍ଧ ଲୋକ କେବଳ ନିଜ ଛଡା ଆଉ କିଛି ଭାବେନା ଏବଂ ଶେଷରେ ଅବହେଳାର ଶିକାର ହୋଇ ଅକଥନୀୟ ଯାତନା ଭୋଗ କରେ। ପ୍ରିୟଜନଙ୍କର ଅକାଳ ବିୟୋଗ ବେଳେ ବେଳେ ବି ଲୋକକୁ ଏକା କରିଦିଏ।

ଜୀବନର ପ୍ରଥମ ତିନି ସୋପାନ (ଶୈଶବ, ଯୌବନ, ପ୍ରୌଢ଼ାବସ୍ଥା)ରେ ଦୃଢ଼ ମାନସିକ ଶକ୍ତି ଓ ଶାରୀରିକ ସାମର୍ଥ୍ୟ ଯୋଗୁ ହୁଏ ତ ଏକଲାପଣକୁ ମଣିଷ ହେୟଜ୍ଞାନ କରେ। ମାତ୍ର ଅଲକ୍ଷ୍ୟରେ ଏକ ଅଭାବବୋଧର ଗ୍ଲାନି ମନ ଭିତରେ ତା'ର ଦାନା ବାନ୍ଧୁଥାଏ, ଯାହାର ପୁଞ୍ଜିଭୂତ ପ୍ରଭାବ ତା'ର ଚତୁର୍ଥ ସୋପାନ (ବାର୍ଦ୍ଧକ୍ୟ)କୁ ବିପର୍ଯ୍ୟସ୍ତ କରିଦିଏ। କାରଣ ସେତେବେଳେ ତା'ର ଅନ୍ୟର ସାହାରା ଆବଶ୍ୟକ ହୁଏ। ନିଃସଙ୍ଗତା ହେତୁ ଘୋର ମାନସିକ ଅସନ୍ତୁଳନର ଶିକାର ହୋଇ ପୃଥିବୀର ଅନେକ ସେଲିବ୍ରିଟି ଚରମ ପଦକ୍ଷେପକୁ ଆପଣେଇଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ୨୦୧୭ରେ ପ୍ରକାଶିତ ରିପୋର୍ଟ ଅନୁସାରେ ସାରା ପୃଥିବୀରେ ଆତ୍ମହତ୍ୟା କରୁଥିବା (ବାର୍ଷିକ ହାରାହାରି ୮ ଲକ୍ଷ) ଲୋକଙ୍କ ମଧ୍ୟରୁ ଶତକଡା ୫୦ ଏକାକୀ ରହୁଥିବା ଲୋକ।

ନିଃସଙ୍ଗ ଜୀବନ ଏକ ଦାରୁଣ ଅଭିଶାପ ସଦୃଶ। ପାରିବାରିକ ବନ୍ଧନ ବା ସାମାଜିକ ସମ୍ପର୍କରୁ ବଞ୍ଚିତ ହେବା ଏକ କଠୋର ଶାସ୍ତି। ସେଥିପାଇଁ କେଉଁ ଅନାଦିକାଳରୁ କାରାବାସ, ନିର୍ବାସନ, ଦେଶାନ୍ତର, ଏକଘରିଆ, ନିଆଁପାଣି ବନ୍ଦ, ବାସନ୍ଦ ଇତ୍ୟାଦି ଦଣ୍ଡବିଧିର ଅଂଶବିଶେଷ ହୋଇ ରହିଆସିଛି। ନିର୍ଜନତାର ଭୟାବହତା ଉପରେ ଆଧାରିତ ଦୁଇଟି ମହାକାବ୍ୟ ଏବେ ବି ପାଠକ ହୃଦୟରେ ଶିହରଣ ସୃଷ୍ଟିକରେ। ସେଥିରୁ ଗୋଟିଏ ହେଲା କାଳିଦାସଙ୍କର ଅମର କୃତି 'ମେଘଦୂତମ୍', ଯେଉଁଥିରେ କୁବେରଙ୍କ ଦ୍ୱାରା ଶାପଗ୍ରସ୍ତ ଯକ୍ଷ କିପରି ନିଜ ବାସସ୍ଥାନ ଅଳକାପୁରୀରୁ ବିଚ୍ୟୁତ ହୋଇ ମର୍ତ୍ତ୍ୟ (ରାମଗିରି)ରେ ଏକାକୀ ଅବସ୍ଥାନ କରୁଥିଲା ବେଳେ ନିଜ ପ୍ରିୟଜନଙ୍କର ସ୍ମୃତିରେ ଲୋତକ ଢାଳୁଥିଲା, ତାହାର ଦୁଃଖଦ ବର୍ଣ୍ଣନା କରାଯାଇଛି। ଅନ୍ୟଟି ହେଲା ସାରା ପୃଥିବୀରେ ଚହଳ ସୃଷ୍ଟି କରିଥିବା ପ୍ରଖ୍ୟାତ ଇଂରେଜ କବି ଉଇଲିୟମ୍ କାଓପର୍‌ଙ୍କ ରଚିତ 'ଦ ସଲିଟ୍ୟୁଡ୍ ଅଫ୍ ଆଲେକଜାଣ୍ଡାର ସେଲକାର୍କ', ଯେଉଁଥିରେ ନିଜର ସାଙ୍ଗସାଥୀଙ୍କ ଦ୍ୱାରା ପରିତ୍ୟକ୍ତ ହୋଇ ଏକ ଭୟଙ୍କର ନିର୍ଜନ ଦ୍ୱୀପରେ (ଜୁଆନ ଫର୍ନାଡେଜ) ମୃତ୍ୟୁ ସହ ସଂଗ୍ରାମ କରୁଥିବା ସ୍କଟିସ୍ ନାବିକ ସେଲକାର୍କ ନିଜର ପରିଜନଙ୍କୁ ମନେପକେଇ ନିତି ଲୁହ ଢାଳୁଥିଲେ। ଯେଉଁ ପ୍ରିୟଲୋକ ବଞ୍ଚିଥିବା ବେଳେ ମଣିଷ ତାଙ୍କୁ ଅବହେଳା କରିବାର ପରିଣାମ ବୁଝେନା, ତା'ର ଦେହାନ୍ତ ପରେ ଆଜୀବନ ତାଙ୍କୁ ଝୁରି ହେଉଥାଏ।

କୌଣସି କାରଣରୁ ଏକା ହୋଇଯାଇଥିବା ଲୋକ ନିମ୍ନୋକ୍ତ କେତୋଟି କଥା ପ୍ରତି ଦୃଷ୍ଟିଦେଲେ ତାଙ୍କର ଦୁଃଖଭାର ଲାଘବ ହୋଇପାରେ। ଯାହାର ନିଜର କେହି ନାହିଁ, ସେ ପରକୁ ଆପଣାର କରିବାକୁ ଚେଷ୍ଟା କରିବା ଉଚିତ। କାରଣ ପରଲୋକ ଅନେକ ସମୟରେ ଆପଣାଠୁ ଅଧିକ ହୋଇଥାନ୍ତି। ଧାର୍ମିକ ବା ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପୂଜାପାର୍ବଣ ଇତ୍ୟାଦି ସାମୂହିକ କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ ହେଲେ ଭଲ। ଲେଖିବା, ପଢିବାରେ ସମୟ କଟେଇଲେ ଅଯଥା ଚିନ୍ତାରୁ ମୁକ୍ତି ମିଳେ। କୌଣସି ଆଶ୍ରମ ବା ଜରାନିବାସରେ ରହୁଥିଲେ ସେଠାକାର ଅନ୍ତେବାସୀଙ୍କ ସହିତ ସୁସମ୍ପର୍କ ରଖିଲେ ସମୟ ସହଜରେ କଟିଯାଏ। ଅତୀତର କୌଣସି ଦୁଃଖଦ ଘଟଣା ମନେପଡିଲେ, ମନକୁ ଅନ୍ୟ ପ୍ରସଙ୍ଗ ଆଡକୁ ଟାଣିନେବା ବିଧେୟ। ଭଗବତ୍ ଚିନ୍ତା ଏକ ଉତ୍କୃଷ୍ଟ ଉପାୟ। କ୍ରୋଧ ସମ୍ବରଣ କଲେ ଅନେକ ସମସ୍ୟା ଦୂରେଇଯାଏ। ଏ କ୍ଷେତ୍ରରେ ଶାସ୍ତ୍ରବାଣୀ ହେଲା- 'ଏକଃ ସ୍ୱାଦୁ ନ ଭୁଞ୍ଜୀତ ଏକଶ୍ଚାର୍ଥାନ୍ ନ ଚିନ୍ତୟେତ୍। ଏକୋ ନ ଗଚ୍ଛେଦଧ୍ୱାନଂ ନୈକ ଶୁପ୍ତେସୁ ଜାଗୃୟାତ୍।' ଅର୍ଥାତ୍, ସ୍ୱାଦୁ ପଦାର୍ଥଟିଏ ଏକା ଖାଇବନି, ଏକା ଅର୍ଥଚିନ୍ତା କରିବନି, ଏକାକୀ ବାଟ ଚାଲିବନି, ସମସ୍ତେ ଶୋଇଥିବା ବେଳେ ଏକାକୀ ଜାଗ୍ରତ ରହିବନି।

ସାରଦାଶ୍ରୀ, ୯୦୪ ଶାସ୍ତ୍ରୀନଗର, ୟୁନିଟ୍-୪,
ଭୁବନେଶ୍ୱର, ମୋ-୯୪୩୮୬୭୩୮୯୮

## ଏଇ ଭାରତରେ

ନବଜାତ ଶିଶୁ ସନ୍ତାନକୁ ପାଖରେ ରଖି ଦାୟିତ୍ୱ ସମ୍ପାଦନ କରିବା କଷ୍ଟକର ହେଲେ ବି ତାହାକୁ କାର୍ଯ୍ୟରେ ପରିଣତ କରିଛନ୍ତି ଝାନ୍‌ସୀର କଟୱାଲି ଥାନାର କନଷ୍ଟେବଲ ଅର୍ଚ୍ଚନା ଜୟନ୍ତ(୩୦)। ସେ ରିସେପ୍‌ଶନ ଡେସ୍କ ପାର୍ଶ୍ୱରେ ଶିଶୁକନ୍ୟାକୁ ଶୁଆଇ କାର୍ଯ୍ୟ କରୁଥିବାର ଦୃଶ୍ୟ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାପରେ ଚର୍ଚ୍ଚାର ବିଷୟ ହୋଇଛି। ଉତ୍ତରପ୍ରଦେଶର ଡିଜିପି ତାଙ୍କୁ ନିଜ ଜିଲା ଆଗ୍ରାକୁ ବଦଳି କରିଦେଇ ମହାନତାର ପରିଚୟ ଦେଇଛନ୍ତି। କାରଣ ସେ ଶିଶୁ ସନ୍ତାନକୁ ପରିବାର ଯତ୍ନରେ ଛାଡିପାରିବେ। ଏଥିସହିତ ପୋଲିସ ଆଇଜି ତାଙ୍କୁ ୧,୦୦୦ଟଙ୍କା ପୁରସ୍କାର ଦେଇଛନ୍ତି। ଡିଜିପି ଜାଣିବାକୁ ପାଇଲେ, ଅର୍ଚ୍ଚନା କଠିନ ପରିଶ୍ରମୀ। ତାଙ୍କର ଶିଶୁକନ୍ୟା ଜନ୍ମ ହୋଇଥିଲେ ବି ସେ ଶିଶୁଯତ୍ନକାଳୀନ ଛୁଟି ନେଇନାହାନ୍ତି। କାରଣ ସେ କର୍ତ୍ତବ୍ୟ କରିବାକୁ ପସନ୍ଦ କରନ୍ତି। ଅର୍ଚ୍ଚନା ୨୦୧୬ରୁ ଝାନ୍‌ସୀରେ ପୋଷ୍ଟିଂ ହେଲେଣି। ତାଙ୍କ ୧୦ବର୍ଷର ବଡଝିଅ କାନପୁରରେ ଶାଶୁଶ୍ୱଶୁରଙ୍କ ସହିତ ରହୁଛି। ତାଙ୍କ ସ୍ୱାମୀ ଗୁରଗାଓଁରେ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ତେଣୁ ତାଙ୍କୁ ଆଗ୍ରା ବଦଳି କଲେ ସେ କୃତଜ୍ଞ ହେବେ ବୋଲି ଡିଜିପିଙ୍କୁ ଜଣାଇବା ପରେ ବଦଳି ଆଦେଶ ତୁରନ୍ତ କାର୍ଯ୍ୟକାରୀ ହୋଇଥିଲା। ଦୀର୍ଘଦିନରୁ ମାତାପିତା ଏବଂ ସ୍ୱାମୀଙ୍କୁ ଦେଖା କରିପାରି ନ ଥିବା ଅର୍ଚ୍ଚନା ଏବେ ଖୁସି, କାରଣ ସେମାନଙ୍କ ସହିତ ସେ ଦୀପାବଳି ପାଳନ କରିପାରିବେ। ତାଙ୍କ ୧୦ବର୍ଷର ଝିଅକୁ ମଧ୍ୟ ସେ ଆଗ୍ରାକୁ ନେଇଆସିଛନ୍ତି। ସବୁ ସଦସ୍ୟଙ୍କ ଗହଣରେ ତାଙ୍କ ପରିବାର ଏବେ ହସିଲା ପୂରିଲା ପରି ଲାଗିବ ବୋଲି ଅର୍ଚ୍ଚନା ପ୍ରକାଶ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

### ୩୦ ଅକ୍ଟୋବର ୧୯୯୩

- ତୁର୍କୀ ଓ ଇରାନ ସୀମାନ୍ତରେ କୁର୍ଦ୍ଦିଶ ବିଦ୍ରୋହୀ ଓ ତୁର୍କୀ ସରକାରୀ ସେନାଙ୍କ ମଧ୍ୟରେ ଲାଗିଥିବା ଘମାଘୋଟ ସଂଘର୍ଷରେ ୬୭ଜଣ ପ୍ରାଣ ହରାଇଥିବାର ସରକାରୀ ଭାବେ ପ୍ରକାଶ କରାଯାଇଛି।
- ଦ୍ୱିପାକ୍ଷିକ ବାଣିଜ୍ୟ ଓ ପାରସ୍ପରିକ ସହଯୋଗକୁ ବୃଦ୍ଧି କରିବା ନିମନ୍ତେ ଭାରତ ଓ ନେଦରଲାଣ୍ଡ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।

## ପାଠକ ଶ୍ରେଷ୍ଠ ବିଚାରକ

### ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ମହାଶୟ,

ଓଡ଼ିଶା ସରକାର କେନ୍ଦୁଝର ଜିଲାରେ ଏକ ୫୦୦ ଶଯ୍ୟାବିଶିଷ୍ଟ ଡାକ୍ତରଖାନା ସାଙ୍ଗକୁ ଏକଶତ ଆସନ ବିଶିଷ୍ଟ ଏକ ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେଇଥିବାରୁ ମୁଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଉଛି। ନିର୍ମାଣାଧୀନ ଭେଷଜ ମହାବିଦ୍ୟାଳୟକୁ କେନ୍ଦୁଝର ରାଜ୍ୟର ପ୍ରତିଷ୍ଠାତା ରାଜା ଜ୍ୟୋତି ଭଞ୍ଜଦେଓଙ୍କ ନାମରେ ନାମିତ କରିବା ପାଇଁ ଅନୁରୋଧ କରୁଛି। ଏହା ସହିତ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଆଗାମୀ ଶିକ୍ଷାବର୍ଷରେ ଯେପରି ଡାକ୍ତରୀ ଛାତ୍ରୀଛାତ୍ର ନାମ ଲେଖାଇ ପାରିବେ, ସେଥିପାଇଁ ଗୁରୁତ୍ୱ ଦେବାକୁ ପ୍ରଶାସନକୁ ଅନୁରୋଧ।

ଡମ୍ବରୁଧର ଘଣା, କେନ୍ଦୁଝର

### ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବାରେ ସୁଧାର ଆସୁ

ବିଭିନ୍ନ ସମୟରେ ଆମ୍ବୁଲାନ୍ସ ନ ଯିବା ଯୋଗୁ ଓ ରାସ୍ତାଘାଟର ଅସୁବିଧା ହେତୁ ଆସନ୍ନପ୍ରସବା ମହିଳାମାନଙ୍କୁ ଖଟିଆରେ ବୁହାଇ ନଈନାଳ ପାର ହୋଇ ମେଡିକାଲ ଆଣିବା ଘଟଣା ଦେଖିବାକୁ ମିଳୁଛି। ଶବକୁ ସାଇକେଲରେ ବା ଟ୍ରଲିରେ ବୁହାଇ ଅଣାହେବା ଘଟଣା ଆମକୁ ଲଜ୍ଜା ଲାଗୁଛି। ଡାକ୍ତରମାନେ ଗ୍ରାମାଞ୍ଚଳରେ ରହି ରୋଗୀସେବାକୁ ନିଜର ନୈତିକ ଦାୟିତ୍ୱ ବୋଲି ଭାବୁନାହାନ୍ତି। ତେଣୁ ରୋଗୀର ମୃତ୍ୟୁକୁ ନେଇ କେଉଁଠି ନା କେଉଁଠି ବିବାଦ ମୁଣ୍ଡ ଟେକୁଛି। ଏଣୁ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ଦିଗରେ ସରକାର ଯତ୍ନବାନ୍ ହୁଅନ୍ତୁ।

ବିନୋଦ ଚନ୍ଦ୍ର ଜେନା, ପାରଳାଖେମୁଣ୍ଡି, ଗଜପତି

### ଜନମଙ୍ଗଳ ରାଷ୍ଟ୍ରରେ ଶୋଷଣ

ଭାରତ ପରି ଜନମଙ୍ଗଳ ରାଷ୍ଟ୍ରରେ ନିର୍ବାଚିତ ପ୍ରତିନିଧିମାନେ ନିଜ ନିଜର ଦରମା, ଭତ୍ତା, ପେନ୍‌ସନକୁ ନିଜେ ସ୍ଥିର କରିଚାଲିଛନ୍ତି। ଯେଉଁ ନାଗରିକ ନିଜ ଗୋଡ଼ରେ ନିଜେ ଠିଆ ହେବାକୁ ଚେଷ୍ଟା କରୁଛି, ସରକାର ତା' ଉପରେ ଜିଜିଆ କର ଭଳି ଗୋଟିଏ ପରେ ଗୋଟିଏ ଅମାନବୀୟ ଟିକସ ବସାଇ ଚାଲିଛନ୍ତି। ପେଟ୍ରୋଲ ଡିଜେଲ ଉପରେ ଟିକସ ବୃଦ୍ଧି କରି ଦରବୃଦ୍ଧି କରାଯାଉଛି ଏବଂ କୁହାଯାଉଛି ଏଥିରୁ ମିଳୁଥିବା ପାଣ୍ଠିରେ ଜନସାଧାରଣଙ୍କ ପାଇଁ ଜନମଙ୍ଗଳ କାର୍ଯ୍ୟ କରାଯାଉଛି। ଅଥଚ ଲୋକପ୍ରତିନିଧିମାନଙ୍କର ଦରମା ଭତ୍ତା, ଗସ୍ତଖର୍ଚ୍ଚ ବୃଦ୍ଧି କରାଯାଉଛି। କିନ୍ତୁ ଗରିବ ଓ ମଧ୍ୟବିତ୍ତ ଲୋକଙ୍କୁ ଶୋଷଣ କରାଯାଉଛି।

ଦେବେନ୍ଦ୍ର କୁମାର ପରିଡ଼ା, ନନ୍ଦିଗ୍ରାମ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଆତ୍ମସମର୍ପଣ କଲେ ୨୦ ମାଓବାଦୀ

**ମାଲକାନଗିରି,୨୯।୧୦(ଡି.ଏନ.ଏ.):** ମାଲକାନଗିରି ଜିଲା ପୋଡଶୀ ଛତିଶଗଡ ରାଜ୍ୟ ଆରକ୍ଷୀ ଅଧୀକ୍ଷକ ଅଭିଷେକ ମିନାଙ୍କ ନିକଟରେ ସୋମବାର ଜଣେ ଦୁର୍ଦ୍ଧାନ୍ତ ମାଓବାଦୀଙ୍କ ସମେତ ୨୦ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ନାମରେ ସରକାରଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଏହି ମାଓବାଦୀମାନେ ବିଭିନ୍ନ ହିଂସାରେ ଜଡିତ ଥିବା ଆରକ୍ଷୀ ଅଧୀକ୍ଷକ ମିନା କହିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ଘର ସୁକୁମା ଜିଲାର କାରିଗୁଣ୍ଡମ ଅଞ୍ଚଳରେ ବୋଲି ଜଣାପଡିଛି।

### ପାରଳା ଗଣମୃତ୍ୟୁ ମାମଲାର ଶୁଣାଣି ଘୁଞ୍ଚିଲା

**ପାରଳାଖେମୁଣ୍ଡି,୨୯।୧୦(ସ୍ୱ.ପ୍ର.):** ପାରଳା ଗଣମୃତ୍ୟୁ ମାମଲାର ଶୁଣାଣି ସୋମବାର ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ହେବାର ଥିଲା। ତେବେ ଏହି ଶୁଣାଣିକୁ ଆସନ୍ତା ଡିସେମ୍ବର ୨୦ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ମାନବାଧିକାର କମିଶନର ବୀରକିଶୋର ମିଶ୍ରଙ୍କ ଅବସର ପରେ ସେହି ସ୍ଥାନ ଖାଲି ପଡ଼ିଛି। ତେଣୁ ଶୁଣାଣି ଘୁଞ୍ଚାଇ ଦିଆଯାଇଥିବା ପାରଳା ରାଜପ୍ରାସାଦର ତତ୍କାଳୀନ ମ୍ୟାନେଜର ମୃତା ଅନଙ୍ଗମଞ୍ଜରୀ ପାତ୍ରଙ୍କ ଭାଇ ଅମୂଲ୍ୟ ପାତ୍ର କହିଛନ୍ତି। ଏପର୍ଯ୍ୟନ୍ତ ସେ ନ୍ୟାୟ ପାଇପାରିନଥିବା ଅମୂଲ୍ୟ ପ୍ରକାଶ କରିଛନ୍ତି।

# ନଭେମ୍ବର ୧୧ରୁ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ

## ■ ଖୋଲିଲା ସେଣ୍ଟ୍ରାଲ କଣ୍ଟ୍ରୋଲ ରୁମ୍

**ଭୁବନେଶ୍ୱର,୨୯।୧୦(ବ୍ୟୁରୋ)**

ଆସନ୍ତା ନଭେମ୍ବର ୧୧ରୁ ୧୫ ତାରିଖ ମଧ୍ୟରେ ଭୁବନେଶ୍ୱରଠାରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଅନୁଷ୍ଠିତ ହେବ। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଜୋରଦାର ପ୍ରସ୍ତୁତି ମଧ୍ୟ ଚାଲିଛି। କନ୍‌କ୍ଲେଭ ସମ୍ପର୍କିତ ବିଭିନ୍ନ ସମସ୍ୟା ସହିତ ଯୋଗଦେଉଥିବା ପ୍ରତିନିଧିମାନଙ୍କୁ ବିଭିନ୍ନ ସୂଚନା ଦେବା ପାଇଁ ସୋମବାର ଠାରୁ ସେଣ୍ଟ୍ରାଲ କଣ୍ଟ୍ରୋଲ ରୁମ କାର୍ଯ୍ୟକ୍ଷମ ହୋଇଛି। ଟେଲିଫୋନ ନମ୍ବର ୧୮୦୦୩୪୫୭୧୧୧ ଜରିଆରେ ଏବଂ mio2018@investo-disha.org ମାଧ୍ୟମରେ ଯୋଗାଯୋଗ କରି ପାରିବେ । ଏହା ଏବେ ଆସ୍ଥାୟୀ ଭାବେ ସଚିବାଳୟଠାରେ କାର୍ଯ୍ୟକ୍ଷମ ହୋଇଛି। ନଭେମ୍ବର ୯ ତାରିଖରୁ ଜନତା ମଇଦାନରେ କାର୍ଯ୍ୟକ୍ଷମ ହେବ। ସେ ସମୟରେ ୯୫୫୬୩୪୮୦୦ ଜରିଆରେ ଫୋନ କରି ସମସ୍ୟାର ସମାଧାନ ତଥା ବିଭିନ୍ନ ସୂଚନା ପାଇ ପାରିବେ। ମେକ୍ ଇନ୍ କନ୍‌କ୍ଲେଭ ପ୍ରସ୍ତୁତି ନେଇ ସୋମବାର ସଚିବାଳୟଠାରେ ଶିଳ୍ପମନ୍ତ୍ରୀ ଅନନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ସୂଚନା ଦିଆଯାଇଛି। କନ୍‌କ୍ଲେଭରେ ଦକ୍ଷତା ବିକାଶ ବିଭାଗ ପକ୍ଷରୁ ୩୬ ଘଣ୍ଟିଆ ସ୍ମାର୍ଟ ହକଥନ ଅନୁଷ୍ଠିତ ହେବ। ଏଥିରେ ଯୋଗ ଦେବା ପାଇଁ ବିଭିନ୍ନ ବୈଷୟିକ କଲେଜ ଓ ବିଶ୍ୱବିଦ୍ୟାଳୟରୁ ୪ ହଜାର ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨୯୩ ଜଣଙ୍କୁ ୯୩ଟି ଗ୍ରୁପରେ ବିଭକ୍ତ କରାଯାଇଛି। ଏହି ହକଥନ ନଭେମ୍ବର ୧୩ ତାରିଖ ସକାଳ ୯ଟାରୁ ଆରମ୍ଭ ହୋଇ ୧୪ ତାରିଖ ସକାଳ ୧୦ଟା ଯାଏ ଚାଲିବ। ହକଥନରୁ ଯେଉଁ ନିର୍ଯ୍ୟାସ ବାହାରିବ ନଭେମ୍ବର ୧୫ତାରିଖ କନ୍‌କ୍ଲେଭରେ ଉପସ୍ଥାପନ କରାଯିବ। ନଭେମ୍ବର ୯ ତାରିଖ ସୁଦ୍ଧା ଏଥିରେ ଯୋଗ ଦେଉଥିବା ପ୍ରତିନିଧିଙ୍କର ଅନଲାଇନ ଅନୁମୋଦନ କାର୍ଯ୍ୟ ଶେଷ କରିବାକୁ ଶିଳ୍ପମନ୍ତ୍ରୀ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ନୋଡାଲ ଅଫିସରମାନଙ୍କର ନାମ ଶିଳ୍ପ ବିଭାଗକୁ ତୁରନ୍ତ ପ୍ରଦାନ କରିବାକୁ ବିଭିନ୍ନ ବିଭାଗକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ନିର୍ଦ୍ଦେଶ ଦେଇଛନ୍ତି। ଏହି କନ୍‌କ୍ଲେଭ ୫ ଦିନ ଧରି ଚାଲିବ। ଏଥିରେ ଦେଶ ବିଦେଶରୁ ବହୁ ପୁଞ୍ଜିନିବେଶକାରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

# ପଲିଥିନ କଟକଣା: ଆଜିଠୁ ଚଢ଼ାଉ

**ଭୁବନେଶ୍ୱର,୨୯।୧୦(ବ୍ୟୁରୋ)**

ପଲିଥିନ ଓ ପ୍ଲାଷ୍ଟିକ ତିଆରି ଜିନିଷ ରଖିଥିବା ବ୍ୟବସାୟୀ ଓ ଉତ୍ପାଦନକାରୀ ସାବଧାନ। ପଲିଥିନକୁ ନଷ୍ଟ କରିବା କିମ୍ବା ଏହାର ବିକଳ୍ପ କରିବାକୁ ରାଜ୍ୟ ସରକାର ମାସେ ସମୟ ଦେଇଥିଲେ। ଅକ୍ଟୋବର ୨୯ ତାରିଖରେ ଏହି ସମୟ ସୀମା ଶେଷ ହୋଇଯାଇଛି। ପରିବେଶ (ସୁରକ୍ଷା) ଆଇନ ୧୯୮୬ ଅନୁଯାୟୀ ମଙ୍ଗଳବାର ଠାରୁ ଚଢାଉ ଆରମ୍ଭ ହେବ। ଏ ନେଇ ଜଙ୍ଗଲ ଓ ପରିବେଶ ବିଭାଗ ୬ ଜିଲାପାଳ ଓ ୫ ମହାନଗର ନିଗମ କମିଶନରଙ୍କୁ ଚିଠି ଲେଖି ଜଣାଇ ଦେଇଛି। ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଉ ଥିବାରୁ ରାଜ୍ୟ ସରକାର ରାଜ୍ୟକୁ ପଲିଥିନ ମୁକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ସହରାଞ୍ଚଳରୁ ଏହି ପଦକ୍ଷେପ ଆରମ୍ଭ ହୋଇଛି।

ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଠାରୁ ପ୍ରଥମ ପର୍ଯ୍ୟାୟରେ ୫ଟି ମହାନଗର ନିଗମ ସହିତ ପୁରୀ ସହରରେ ପଲିଥିନ ବ୍ୟବହାରକୁ ନିଷେଧ କରାଯାଇଛି। ସେପ୍ଟେମ୍ବର ୨୮ ତାରିଖରେ ପଲିଥିନ ବ୍ୟବହାର ଉପରେ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିଲା। କଟକଣା ଜାରି ହେବା ପରେ କୌଣସି ବ୍ୟକ୍ତି ନିଜେ କିମ୍ବା ଅନ୍ୟ କାହାଦ୍ୱାରା ଜାଣିକରି ହେଉ କିମ୍ବା ଅନ୍ୟ ମାଧ୍ୟମରେ ପଲିଥିନ ବିକ୍ରି, ବ୍ୟବସାୟ, ଉତ୍ପାଦନ, ଆମଦାନୀ, ଗଚ୍ଛିତ, ବ୍ୟବହାର କିମ୍ବା ବଣ୍ଟନ କରି ପାରିବେ ନାହିଁ। କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ଏବଂ ପୁରୀ ସହରରେ ଏହି କଟକଣା ଲାଗୁ କରାଯାଇଛି।

୫୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ, ୨୦୦ ମିଲିଲିଟରରୁ କମ ପାଣିବୋତଲ, ଥର୍ମୋକୁଲ, ପ୍ଲାଷ୍ଟିକ ଚାମଚ, କପ, ପ୍ଲେଟ, ଗ୍ଲାସ, ଥାଳିଆ, ପାଣି ପାଉଚ ଆଦି ସାମଗ୍ରୀ ଉପରେ କଟକଣା ଜାରି କରାଯାଇଛି। କୌଣସି ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ ପଲିଥିନ ବ୍ୟବହାର କରି ପାରିବେ ନାହିଁ। ସେଥିପାଇଁ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। କଟକଣା ଉଲ୍ଲଂଘନକାରୀଙ୍କୁ ୧୦ ହଜାର ଟଙ୍କା ଜରିମାନା ସହ ୧ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡର ବ୍ୟବସ୍ଥା ରହିଛି। ଚଢାଉ କଡାକଡି କରାଯିବ ବୋଲି ପରିବେଶ ନିର୍ଦ୍ଦେଶକ କେ. ମୁରୁଗୁସେନ କହିଛନ୍ତି।

## ■ ଚାକିରି ଦେବାକୁ କହି ମହିଳା ଚାଲାଣ

# ୫ ଜଣଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

**କଟକ ଅଫିସ୍, ୨୯।୧୦**

ପୁରୀ ଜିଲାର ଜଣେ ମହିଳାଙ୍କୁ ଚାକିରି ଦେବାର ପ୍ରଲୋଭନ ଦେଖାଇ ମଧ୍ୟପ୍ରଦେଶରେ ବିକ୍ରି କରିବା ଘଟଣାର ପର୍ଦ୍ଦାଫାଶ କରିଛି କ୍ରାଇମବ୍ରାଞ୍ଚ। ଯୁବତୀ ଚାଲାଣ କରୁଥିବା ଏକ ଗ୍ୟାଙ୍ଗକୁ ଠାବ କରିବା ସହ ସୋମବାର ୫ ଜଣଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ସେମାନେ ହେଲେ ପୁରୀ ଜିଲାର ରାମ କ୍ରିଷ୍ଣା(୩୮), ମିନା ଦାସ, ମନୋରମା ବାରିକ୍ ଓରଫ ଜତି, ବିଦୁ ବେହେରା ଓରଫ୍ ଖତି, ପ୍ରଭାତୀ ସାହୁ। ଅଭିଯୁକ୍ତମାନଙ୍କ ଆଉ କେତେକ ଘଟଣାରେ ସମ୍ପୃକ୍ତି ଥିବା କ୍ରାଇମବ୍ରାଞ୍ଚ ସନ୍ଦେହ କରି ପଚରାଉଚରା ଜାରିରଖିଛି।

ବିକ୍ରି ହୋଇଥିବା ମହିଳା ଜଣକ ପୁରୀ ସଦର ଥାନା ଅଞ୍ଚଳରେ ରହୁଥିଲେ। ତାଙ୍କ ଘର ନିକଟସ୍ଥ ଏକ ଗାଁରେ ରହୁଥିଲେ ମଧ୍ୟପ୍ରଦେଶ ଅଞ୍ଚଳର ରାମ କ୍ରିଷ୍ଣା। ଉଭୟଙ୍କ ମଧ୍ୟରେ ଦେଖା ସାକ୍ଷାତ୍ ହୋଇଥିଲା। ମହିଳାଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେ ଚାକିରି ଖୋଜୁଥିବା ରାମ ଜାଣିବାକୁ ପାଇଥିଲେ। ଫଳରେ ରାମ ମହିଳାଙ୍କୁ ହାଇଦ୍ରାବାଦରେ ଏକ କମ୍ପାନୀରେ ଭଲ ଦରମାରେ ଚାକିରି ଦେବାକୁ କହିଥିଲେ। ଏଥିରେ ରାଜି ହେବା ପରେ ରାମ ମହିଳାଙ୍କୁ ହାଇଦ୍ରାବାଦ ନେବାକୁ କହି ମଧ୍ୟପ୍ରଦେଶର ଗୁନା ଜିଲା ଅଶୋକନଗର ଥାନା ଅନ୍ତର୍ଗତ ଜନତା ଗାଁକୁ ନେଇ ଯାଇଥିଲେ। ସେଠାରେ ମହିଳା ଜଣକ ବିବାହ କରି ନ ଥିବା କହି

**୫୫ହଜାର ଟଙ୍କାରେ ମଧ୍ୟପ୍ରଦେଶରେ ବିକିଥିଲେ**

ଦଶରଥ ସିଂ ନାମକ ଜଣେ ବ୍ୟକ୍ତିଙ୍କୁ ୫୫ ହଜାର ଟଙ୍କାରେ ବିକି ଦେଇଥିଲେ। ପରେ ରାମ ଟଙ୍କା ନେଇ ଓଡ଼ିଶା ପଳାଇ ଆସିଥିଲେ। ଦଶରଥ ଉକ୍ତ ମହିଳାଙ୍କୁ ବିବାହ କରିବାକୁ କହିବାରୁ ସେ ବିବାହ କରିଥିବା ଏବଂ ତାଙ୍କର ୪ଟି ସନ୍ତାନ ଥିବା କହିଥିଲେ। ହେଲେ ଦଶରଥ ତାଙ୍କ କଥା ନ ଶୁଣି ତାଙ୍କୁ ଜବରଦସ୍ତି ବିବାହ କରିବା ସହ ଶାରୀରିକ ସମ୍ପର୍କ ରଖିଥିଲେ। କିଛି ଦିନ ପରେ ମହିଳା ଜଣକ ଫୋନରେ ତାଙ୍କ ପରିବାର ଲୋକ ସବୁକଥା ଜଣାଇଥିଲେ। ପରିବାର ଲୋକ ମଧ୍ୟପ୍ରଦେଶ ଯାଇ ମହିଳାଙ୍କୁ ଛାଡିବା ପାଇଁ କହିଥିଲେ ମଧ୍ୟ ଦଶରଥ ତାଙ୍କୁ ଛାଡି ନ ଥିଲେ। ଫଳରେ ମହିଳାଙ୍କ ପରିବାର ଲୋକେ ପୁରୀ ସଦର ଥାନାରେ ଅଭିଯୋଗ କରିଥିଲେ। ପୁରୀ ସଦର ପୋଲିସର ହସ୍ତକ୍ଷେପ ଫଳରେ ଦଶରଥ ମହିଳାଙ୍କୁ ଛାଡିଥିଲେ। ମହିଳା ଜଣକ ଘରକୁ ଫେରିବା ପରେ ଅକ୍ଟୋବର ୨୮ରେ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଆଇପିସି ଦଫା ୩୬୫, ୩୬୬, ୩୭୦, ୧୨୦-ବି ଅନୁଯାୟୀ ଏକ ମାମଲା(୨୨/୧୮)ରୁଜୁ ହୋଇଥିଲା। କ୍ରାଇମବ୍ରାଞ୍ଚର ଡିଏସ୍‌ପି ନିଳିମା ପଣ୍ଡା ଘଟଣାର ତଦନ୍ତ କରିବା ସହ ମୁଖ୍ୟ ଅଭିଯୁକ୍ତ ରାମଙ୍କ ସହ ଅନ୍ୟ ୪ ଜଣଙ୍କୁ ଗିରଫ କରିଥିଲା।

# ବାଇକ୍-ଟାଟା ସୁମୋ ଧକ୍କା: ୩ ମୃତ

**ଗୋଷାଣି/ରାୟଗଡ଼ (ଗଜପତି), ୨୯।୧୦(ଡି.ଏନ.ଏ.)**

ଗଜପତି ଜିଲା ରାୟଗଡ ବ୍ଲକ ଅନ୍ତର୍ଗତ ବଡଗାଁନିକଟରେ ସୋମବାର ସନ୍ଧ୍ୟାରେ ଏକ ବାଇକ୍ ଓ ଟାଟା ସୁମୋ ମଧ୍ୟରେ ଧକ୍କା ଘଟିଛି। ଫଳରେ ୩ଜଣଙ୍କ ଜୀବନ ଯାଇଛି। ବାଇକ୍‌ରେ ନିଆଁ ଲାଗି ଜଣେ ଜୀବନ୍ତ ଦଗ୍ଧ ହୋଇଯାଇଥିବାବେଳେ ଅନ୍ୟ ୨ଜଣଙ୍କର ଟାଟା ସୁମୋ ଧକ୍କାରେ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଗାରାବନ୍ଧ ଥାନା ଅଧୀନ ଗଣ୍ଡାହାତୀ ଅଞ୍ଚଳ ନିକଟ ତାମତରା ଗ୍ରାମର ବଳରାମ ଶବର (୪୦), ବିକୁ ଶବର (୪୦) ଏବଂ ଲେମ୍ବା ଶବର (୩୦)। ମୃତକମାନଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ଦାବି ନେଇ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ରାସ୍ତାରୋକୋ କରିଥିଲେ।

ସୂଚନା ଅନୁଯାୟୀ, ପାରଳାଖେମୁଣ୍ଡିରୁ ରାୟଗଡ ଅଭିମୁଖେ ଏକ ଟାଟା ସୁମୋ (ନଂ. ଓଡି ୧୧ଇ ୦୯୦୪) ଆସୁଥିଲା। ଏହି ସମୟରେ ବଳରାମ, ବିକୁ ଓ ଲେମ୍ବା ଗୋଟିଏ ବାଇକ୍‌ରେ ନିଜ ଗ୍ରାମରୁ ପାରଳାଖେମୁଣ୍ଡି ଯାଉଥିଲେ। ସନ୍ଧ୍ୟା ପ୍ରାୟ ୬ଟାରେ ବଡଗାଁ ଛକ ନିକଟରେ ଗାଡ଼ି ଦୁଇଟି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ପ୍ରଚଣ୍ଡ ଆଘାତ ଯୋଗୁ ବାଇକ୍‌ରେ ନିଆଁ ଲାଗିଯିବାରୁ ତାହା ହୁତହୁତ ହୋଇ



ପୋଡ଼ିଯାଇଥିବା ବାଇକ୍।

■ ନିଆଁ ଲାଗି ଜଳିଗଲା ବାଇକ୍

■ ଜଣେ ଜୀବନ୍ତ ଦଗ୍ଧ, ଛିଟିକି ପଡ଼ି ୨ ଜୀବନ ଗଲା

■ କ୍ଷତିପୂରଣ ଦାବିରେ ଅଞ୍ଚଳବାସୀଙ୍କ ରାସ୍ତାରୋକୋ

ଜଳିଥିଲା। ଏଥିରେ ବିକୁ ଜଳିଯାଇଥିଲେ। ବଳରାମ ଓ ଲେମ୍ବା ସୁମୋ ଧକ୍କାରେ ରାସ୍ତାକୁ ଛିଟିକି ପଡ଼ିବାରୁ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ରାସ୍ତା ଅବରୋଧ କରିଥିଲେ। ଏଥିଯୋଗୁ ରାୟଗଡ-ପାରଳାଖେମୁଣ୍ଡି ରାସ୍ତାରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଖବର ପାଇ ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ର, ଗୁରାଣ୍ଡି ଥାନା ଆଇଆଇସି ପି.ଏସ୍.ରାଓ ଏବଂ ରାୟଗଡ ଥାନାଧିକାରୀ କରୁଣାକର ମୁର୍ମୁ ପହଞ୍ଚି ଅବରୋଧକାରୀଙ୍କୁ ବୁଝାଶୁଝା କରିଥିଲେ। ଅନ୍ୟପକ୍ଷେ ବାଇକ୍‌ଟି ପୋଡ଼ିଯାଇଥିବାରୁ ତା'ର ନମ୍ବର ଜଣାପଡ଼ିନାହିଁ। ଅନିଲ କୁମାର ସାହୁଙ୍କ ନାମରେ ଟାଟା ସୁମୋ ଗାଡ଼ିଟି ରହିଥିବା ପୋଲିସ କହିଛି। ଗାଡ଼ିରେ ୬ଜଣ ଯାତ୍ରୀ ଥିଲେ ଓ ସେମାନଙ୍କ ମଧ୍ୟରୁ ୨ଜଣ ଓହ୍ଲାଇ ପାଖ ବିଲ ଦେଇ ଦୌଡ଼ି ପଳାଉଥିବା ବେଳେ ପୋଲିସ ଗୋଡ଼ାଇ ଦୁହିଁଙ୍କୁ କାବୁ କରି ଅଟକ ରଖିଛି।

### ବିଲ୍ଟ ପେପର ମିଲ୍ ଖୋଲିଲା
### ୧୫ ଦିନ ପରେ ଉତ୍ପାଦନ

**ଜୟପୁର,୨୯।୧୦(ନି. ପ୍ର.)**

ଦୀର୍ଘ ୪ ମାସ ହେବ ବନ୍ଦ ହୋଇ ରହିଥିବା ବିଲ୍ଟ ପେପର ମିଲ ସୋମବାରଠାରୁ ପୁଣି ଖୋଲା ହୋଇଛି। ଫଳରେ ୫ ହଜାର କର୍ମଚାରୀ ଉପକୃତ ହୋଇଛନ୍ତି। ଗେଟ୍ ଖୋଲା ହୋଇଥିଲେ ବି ପେପର ଉତ୍ପାଦନ ହୋଇନାହିଁ। ଉତ୍ପାଦନ ପାଇଁ ଆଉ ୧୫ ଦିନ ଲାଗିବା ନେଇ ସୂଚନା ଦିଆଯାଇଛି। ସୋମବାର କର୍ମଚାରୀମାନେ ମିଲ୍‌କୁ ଯାଇ ନିଜ ନିଜ ବିଭାଗର ଦେଖାଶୁଣା କରିଛନ୍ତି। ମିଲ ଖୋଲିବା ନେଇ ବିଲ୍ଟ ପେପର ମିଲ୍‌ର ସିଜିଏମ୍ ଏବଂ ୟୁନିଟ୍ ମୁଖ୍ୟଙ୍କ ତରଫରୁ ନୋଟିସ୍ ଜାରି କରାଯାଇଛି। ମିଲ୍‌ର ୩ଟି ସଂଘ କମ୍ପାନୀର ସମସ୍ତ ନିୟମକୁ ମାନିବାକୁ ପ୍ରସ୍ତୁତ ଥିବାବେଳେ ବିଏମ୍‌ଏସ୍ ନିୟମ ନ ମାନି ଆନ୍ଦୋଳନ କରିବାରୁ ମିଲ ଖୋଲିବା ସନ୍ଦେହ ପ୍ରକାଶ ପାଇଥିଲା। କିନ୍ତୁ ମିଲ୍‌କୁ ୩ଟି ସଂଘ ସମର୍ଥନ ଦେଉଥିବାରୁ ମିଲ ସ୍ୱାର୍ଥ ଓ କର୍ମଚାରୀ ଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଏମଏସ୍ ମଧ୍ୟ ମିଲ କର୍ତ୍ତୃପକ୍ଷଙ୍କୁ ଗତ ୨୧ ତାରିଖରେ ସମର୍ଥନ ପତ୍ର ଦେଇଥିଲେ। ମିଲ ଚାହୁଁଥିବା ୪ଟି ସଂଘର ସମର୍ଥନ ପତ୍ର ପାଇବା ପରେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ କମ୍ପାନୀ ନିଷ୍ପତ୍ତି ନେଇ ମିଲ ଖୋଲିଥିବା ଜଣାପଡ଼ିଛି।







## ସଂକ୍ଷେପରେ

### ଏସ୍‌ସି, ଏସ୍‌ଟି ଆଇନକୁ ବିରୋଧ
## ଓବିସି ଆଣ୍ଡ୍ ଜେନେରାଲ କାଟାଗୋରୀ ପକ୍ଷରୁ ଆଜି ଭାରତ ବନ୍ଦ ଡାକରା

ଭୁବନେଶ୍ୱର, ୨୯।୧୦ (ବ୍ୟୁରୋ): ଏସ୍‌ସି/ଏସ୍‌ଟି କଳା ନିୟମ ପ୍ରତ୍ୟାହାର ଦାବିରେ ଓବିସି ଏବଂ ଜେନେରାଲ ବର୍ଗ ପକ୍ଷରୁ ମଙ୍ଗଳବାର ଭାରତ ବନ୍ଦ ଡାକରା ଦିଆଯାଇଛି। ଭାରତରେ ସାଧାରଣ ଏବଂ ଓବିସି ବର୍ଗ ବିରୋଧରେ ଏସ୍‌ସି/ଏସ୍‌ଟି ନିର୍ଯାତନା ନିବାରଣ ଆଇନକୁ ହଟାଇବା ଦାବିରେ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯିବ। ଏଥିରେ ୟୁଥ୍ ଫର୍ ଇକ୍ୱାଲିଟି, ବିଶ୍ୱଶକ୍ତି ପାର୍ଟି, ଇଣ୍ଡିଆ ଏଗେନ୍‌ଷ୍ଟ ରିଜର୍ଭେଶନ, କଳିଙ୍ଗ ନ୍ୟାଶନାଲ ଫ୍ରଣ୍ଟ, ରୁଦ୍ର ନାରାୟଣ ସେନା ଓ ଅନ୍ୟ କେତେକ ସଙ୍ଗଠନ ସାମିଲ ହୋଇପାରନ୍ତି ବୋଲି ଓବିସି ଆଣ୍ଡ୍ ଜେନେରାଲ କାଟାଗୋରୀ ମୁଖ୍ୟ ଜେନେରାଲ ଦୀନବନ୍ଧୁ ଷଡ଼ଙ୍ଗୀ କହିଛନ୍ତି। ସେ ଏ ସଂକ୍ରାନ୍ତରେ ଭୁବନେଶ୍ୱର ଡିସିପିଙ୍କୁ ଏକ ପତ୍ର ଲେଖି ଶାନ୍ତିଶୃଙ୍ଖଳା ବଜାୟ ରଖିବା ଓ ଅଘଟଣ ଏଡ଼ାଇବା ପାଇଁ ଆବଶ୍ୟକ ସୁରକ୍ଷା ବନ୍ଦୋବସ୍ତ କରିବା ସକାଶେ ଅନୁରୋଧ କରିଛନ୍ତି।

### ଅର୍ଥମନ୍ତ୍ରୀଙ୍କ ବାତ୍ୟା ପ୍ରଭାବିତ ରାୟଗଡ଼ ବ୍ଲକ ଗସ୍ତ
# ‘୩ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ହେବ’

ପାରଳାଖେମୁଣ୍ଡି/ ରାୟଗଡ଼ (ଗଜପତି), ୨୯।୧୦(ସ୍ୱ.ପ୍ର./ ଡି.ଏନ.ଏ.)

- କେନ୍ଦ୍ର ସରକାରଙ୍କଠାରୁ ଟଙ୍କାଟିଏ ମିଳି ନ ଥିବା ଦୁଃଖଦାୟକ
- କ୍ଷୟକ୍ଷତି ଅନୁଧ୍ୟାନ ସହ ବିପନ୍ନଙ୍କୁ କମ୍ବଳ ବାଣ୍ଟିଲେ ମନ୍ତ୍ରୀ

ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା ସୋମବାର ବାତ୍ୟା ପ୍ରଭାବିତ ଗଜପତି ଜିଲା ଗସ୍ତରେ ଆସି ସର୍ବାଧିକ କ୍ଷତିଗ୍ରସ୍ତ ରାୟଗଡ ବ୍ଲକ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ରାୟଗଡ ବ୍ଲକରେ ୩ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି। ସେହିପରି ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାର ୨୫୦ କୋଟି ଟଙ୍କା ଖର୍ଚ୍ଚ କରିସାରିଥିବାବେଳେ କେନ୍ଦ୍ର ସରକାରଙ୍କଠାରୁ ଟଙ୍କାଟିଏ ବି ମିଳି ନ ଥିବା ଦୁଃଖଦାୟକ ବୋଲି ସେ ପ୍ରକାଶ କରିଛନ୍ତି।

ମନ୍ତ୍ରୀ ବେହେରା ରାୟଗଡ ବ୍ଲକ ଗଣ୍ଡାହାତୀ ପଞ୍ଚାୟତର ପଦ୍ମପୁର, ଅଡାଗାଁ ସମେତ କଇଁପୁର ପଞ୍ଚାୟତ କାର୍ଯ୍ୟାଳୟ ଓ ଆଶ୍ରମ ସ୍କୁଲ ପରିଦର୍ଶନ କରିଥିଲେ । ପଦ୍ମପୁର ଓ ଅଡାଗାଁରେ କ୍ଷତିଗ୍ରସ୍ତଙ୍କ ସହ ଆଲୋଚନା କରି ସେମାନଙ୍କ ଅଭିଯୋଗ ଶୁଣିଥିଲେ। ସେଠାରେ ଶତାଧିକ ଲୋକଙ୍କୁ


ମନ୍ତ୍ରୀ ଶଶିଭୂଷଣ ବେହେରା ଜଣେ ମହିଳାଙ୍କୁ କମ୍ବଳ ପ୍ରଦାନ କରୁଛନ୍ତି।

କମ୍ବଳ ବାଣ୍ଟିଥିଲେ । କଇଁପୁର ଗ୍ରାମ ବୁଲି କ୍ଷୟକ୍ଷତି ଦେଖି ଥିଲେ । ପରେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ଯାଇ ରିଲିଫ ସାମଗ୍ରୀ ବିଷୟରେ ପଚାରି ବୁଝିଥିଲେ। ଆଶ୍ରମ ସ୍କୁଲ ଯାଇ ଛାତ ଓ ଅନ୍ୟାନ୍ୟ କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ। ସେଠାରୁ ପାରଳାଖେମୁଣ୍ଡି ଫେରି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଏଥିରେ ଜିଲାପାଳ ଅନୁପମ ଶାହା ପୁନରୁଦ୍ଧାର, ଥଇଥାନ, ରିଲିଫ ବଣ୍ଟନ ସଂକ୍ରାନ୍ତ ବିବରଣୀ ଉପସ୍ଥାପନ କରିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ବେଳେ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ଡି.କେ.ସିଂ, ଶକ୍ତି ସଚିବ ହେମନ୍ତ ଶର୍ମା, ସ୍ୱତନ୍ତ୍ର ରିଲିଫ ଯୁଗ୍ମ କମିଶନର ପ୍ରଭାତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରେ ଖବରଦାତାମାନଙ୍କୁ ଅର୍ଥମନ୍ତ୍ରୀ କହିଥିଲେ ଯେ, ବାତ୍ୟାରେ ଗଜପତି ଜିଲାରେ ବ୍ୟାପକ କ୍ଷୟକ୍ଷତି ଓ ଜୀବନହାନୀ ଘଟିଛି । ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଛି। ଏହି ଅବସରରେ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷ ଅନ୍ତର୍ଯାମୀ ଗମାଙ୍ଗ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ବରିଷ୍ଠ ବିଜେଡି ନେତା ପ୍ରଦୀପ କୁମାର ପାଣିଗ୍ରାହୀ, ପୂର୍ବତନ ବିଧାୟକ କେ.ନାରାୟଣ ରାଓ, ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ, ଯୁବ ସଭାପତି ପି.କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାପ ଥିଲା ପୁଅ ସଭାରେ ଜିଣେ**
**ବୁଦ୍ଧି ଥିବା ପୁଅ ପୋଷଇ ପଣେ ।**

ବାପାର ସାହାଯ୍ୟ ସମର୍ଥନ ପାଇଲେ ପୁଅର ସାହସ ଦ୍ୱିଗୁଣିତ ହୋଇଯାଏ। ଉତ୍ସାହ ପ୍ରେରଣା ପାଇଲେ ନିଜକୁ ହେୟ ମନେ ନ କରି ଆଗକୁ ବଢ଼ି ଚାଲିଥାଏ ଓ ତା’ର ଆତ୍ମବଳ, ଆତ୍ମବିଶ୍ୱାସ ବଢ଼ିଯିବା ସହ ସବୁ କ୍ଷେତ୍ରରେ ବିଜୟ ଲାଭ କରିବାର ସମ୍ଭାବନା ବଢ଼ିଯାଇଥାଏ। ସେହିପରି ବୁଦ୍ଧିମନ୍ତ ପୁଅ ଯେକୌଣସି ଉପାୟରେ ମଧ୍ୟ ନିଜ ପରିବାର ପ୍ରତିପୋଷଣ କରିବାକୁ ସମର୍ଥ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବଣ ନାଶ କଲା ବାଉଁଶ**
**ବାଟ ନାଶ କଲା ଟୁପୁରୁ ପାଣି**
**ଘର ନାଶ କଲା ପୁରୁଷ ।**

ବାଉଁଶ ମୂଳରେ ଅନ୍ୟ କିଛି ଗଛ ଉଧାଏ ନାହିଁ। ଝିପି ଝିପି ବରଷାରେ ବାଟ ଚାଲିବା କଷ୍ଟକର ହୋଇଯାଇଥାଏ। ସେହିପରି ଜାର ପୁରୁଷ ଯୋଗୁ ଘରର ପତନ ଘଟିବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

### ଫୁଲବାଣୀ କୋର୍ଟ ମାଲ୍‌ଖାନାରୁ ଚୋରି
## ବନ୍ଧୁକ ଦେଖାଇ ଲୁଟିନେଲେ ଗଞ୍ଜେଇ

ଫୁଲବାଣୀ ଅଫିସ, ୨୯।୧୦


ମାଲଖାନା ଝରକା ଭାଙ୍ଗି ଗଞ୍ଜେଇ ଲୁଟି ନେଇଛନ୍ତି ଦୁର୍ବୃତ୍ତ।

ଫୁଲବାଣୀ ଜିଲା କୋର୍ଟ ପରିସରରୁ ଚୋରି ହୋଇଛି। ରାତ୍ର ଜଗୁଆଳିଙ୍କୁ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ମାଡ଼ ମାରି ବସ୍ତା ବସ୍ତା ଜବତ ଗଞ୍ଜେଇ ଲୁଟି ନେଇଛନ୍ତି। ଏହି ଘଟଣାକୁ ନେଇ ପୋଲିସ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ ଉଠିଛି। ସହରରେ ଚର୍ଚ୍ଚା ଜୋର ଧରିଛି। ପୋଲିସ ଏ ପର୍ଯ୍ୟନ୍ତ କାହାରିକୁ ଧରିବାରେ ସକ୍ଷମ ହୋଇନାହିଁ। କୋର୍ଟର ରେଜିଷ୍ଟ୍ରାର ଅଭିଜିତ ପଲେଇଙ୍କ ଅଭିଯୋଗକ୍ରମେ ଟାଉନ ଥାନା ପୋଲିସ ନଂ.୧୯୪/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଜିଲା କୋର୍ଟ ରାତ୍ରି ଜଗୁଆଳି କୃଷ୍ଣଚନ୍ଦ୍ର ପ୍ରଧାନ ଓ କାହ୍ନୁଚରଣ ନାୟକ ରବିବାର କୋର୍ଟ ପରିସରରେ ଡ୍ୟୁଟିରେ ଥିଲେ। ରାତି ପ୍ରାୟ ୨ଟାରେ ଏକ ଶବ୍ଦ ଶୁଣି କୋର୍ଟ ପଛ ପାଖକୁ ଯାଇଥିଲେ। ଏହି ସମୟରେ ୬/୭ ଜଣ ବ୍ୟକ୍ତି କୋର୍ଟ ମାଲଖାନା ଝରକା ଭାଙ୍ଗି ଗଞ୍ଜେଇ ବସ୍ତା ସବୁ ବାହାର କରି ପଛ ପାଖରେ ଥିବା ପଡିଆରେ ରଖୁଥିବା ଦେଖିବାକୁ ପାଇଥିଲେ। କୃଷ୍ଣ ଓ କାହ୍ନୁ ପାଟି କରିବାରୁ ସେମାନେ ଆକ୍ରମଣ କରିବାକୁ ଗୋଡାଇ ଥିଲେ। ଗୁଳି କର ବୋଲି ଜଣେ ଦୁର୍ବୃତ୍ତ କହିବାରୁ କାହ୍ନୁ ଓ କୃଷ୍ଣ କୋର୍ଟ ପରିସରକୁ ଚାଲିଆସି ଥାନାକୁ ଫୋନ କରିଥିଲେ। ହେଲେ ଫୋନ ଲାଗି ନ ଥିଲା। ପରେ ସେମାନେ କୌଶଳ କ୍ରମେ ସେଠାରୁ ଥାନାକୁ ଯାଇ ଖବର କରିଥିଲେ। ଥାନାରେ ଖବରଦେବା ପରେ ଉଭୟେ ପୁଣି କୋର୍ଟକୁ ଆସିଥିଲେ ଓ କୋର୍ଟ ପଛପଟ ପଡିଆରେ ୬ ବସ୍ତା ଗଞ୍ଜେଇ ରଖାଯାଇଥିବା ଦେଖିଥିଲେ। ପୋଲିସକୁ ଅପେକ୍ଷା କରିଥିବା ସମୟରେ ୩ଟି ବାଇକରେ କିଛି ଲୋକ ଆସି ସେମାନଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। କୃଷ୍ଣ ସେଠାରୁ ଦୌଡି ଆସି ଅଫିସ ଛାତ ଉପରକୁ ଚଢି ଯାଇଥିବା ବେଳେ ଦୁର୍ବୃତ୍ତମାନେ କାହ୍ନୁଙ୍କୁ ଆକ୍ରମଣ କରିବା ପାଇଁ ପଡିଆ ଭିତରେ ଗୋଡାଇଥିଲେ। ଫଳରେ ସେ ଦୌଡି ପଳାଇ ଆସିଥିଲେ। ଏହି ସମୟରେ ଦୁର୍ବୃତ୍ତ ଗଞ୍ଜେଇ ବସ୍ତା ନେଇ ଚାଲିଯାଇଥିଲେ ବୋଲି ଛାତ ଉପରେ ଥାଇ ଦେଖିଥିବା ପୋଲିସ ଆଗରେ ଉଭୟେ ପ୍ରକାଶ କରିଛନ୍ତି। ଏସବୁ ଭିତରେ ପ୍ରାୟ ୧୫ ମିନିଟ ପରେ ପୋଲିସ ଆସିଥିଲା। ଆଖ ପାଖରେ ଖୋଜାଖୋଜି କରିବ। ପରେ ଏକ ଗଞ୍ଜେଇ ବସ୍ତା ମିଳିଥିଲା। ରାତ୍ର ଜଗୁଆଳି କୃଷ୍ଣ ଏ ନେଇ ଜିଲା କୋର୍ଟ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇବା ପରେ କୋର୍ଟ ରେଜିଷ୍ଟ୍ରାର ଅଭିଜିତ ପଲେଇ ଟାଉନ ଥାନାରେ ଏତଲା ଦେଇଥିଲେ। ସଦର ଏସଡିପିଓ ସୁରେନ୍ଦ୍ର ନାଥ ମୁର୍ମୁଙ୍କୁ ଘଟଣା ବିଷୟରେ ପଚାରିବାରୁ ସୋମବାର ସକାଳୁ ସନ୍ଧାନୀ କୁକୁର ନେଇ ଅନୁସନ୍ଧାନ କରାଯାଇଛି। ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି ବୋଲି ବୋଲି କହିଛନ୍ତି।

### ବାରିମୂଳ ସବ୍‌ଜେଲରେ କ୍ୟାମ୍ପ୍‌କୋର୍ଟ
## ୧୫୭ ଜଣଙ୍କୁ ଜାମିନ

କେନ୍ଦ୍ରାପଡା ଅଫିସ, ୨୯।୧୦

କେନ୍ଦ୍ରାପଡା ଜିଲା ବାରିମୂଳ ସବ୍‌ଜେଲରେ ବିଚାର ବିଭାଗ ପକ୍ଷରୁ ସୋମବାର କ୍ୟାମ୍ପ୍‌କୋର୍ଟ ଆରମ୍ଭ ହୋଇଛି । ଜିଲାର ସମସ୍ତ ଜଜ୍ ଏହି କ୍ୟାମ୍ପ୍‌କୋର୍ଟରେ ଯୋଗଦେଇ ପ୍ରଥମ ଦିନରେ ଜାମିନଯୋଗ୍ୟ ମାମଲାଗୁଡିକର ଶୁଣାଣି ଆରମ୍ଭ କରିଛନ୍ତି। ଏହି ଅବସରରେ ୧୫୭ ଜଣ ବିଚାରାଧୀନ କଏଦୀଙ୍କ ମାମଲା ଶୁଣାଣି କରାଯାଇ ସେମାନଙ୍କୁ ଜାମିନ ପ୍ରଦାନ କରାଯାଇଛି। ଅଭିଯୁକ୍ତମାନେ ପିଆର ବଣ୍ଡରେ ସବ୍‌ଜେଲରୁ ମୁକୁଳି ଥିବା ଜେଲର ସରୋଜ କୁମାର ବିଶ୍ୱାଳ କହିଛନ୍ତି। ସବ୍‌ଜେଲ ପରିସରରେ କ୍ୟାମ୍ପ୍‌କୋର୍ଟ ପାଇଁ ୩ଟି କୋଠରିର ବ୍ୟବସ୍ଥା କରାଯାଇ ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଉଛି। ସୂଚନାଯୋଗ୍ୟଯେ, ଏହି ସବ୍‌ଜେଲରେ ୧୯୦ ଜଣ କଏଦୀଙ୍କ ରହିବା ପାଇଁ ବ୍ୟବସ୍ଥା ଥିବା ବେଳେ ସୋମବାର ସୁଦ୍ଧା ମୋଟ ୪୫୭ ଜଣ କଏଦୀ ରହିଥିବା ଜଣାଯାଇଛି। ଏଥିଯୋଗୁ ପୂର୍ବରୁ ବନବିଭାଗ ଦ୍ୱାରା ଗିରଫ ହୋଇଥିବା ମୋଟ ୧୪୧ ଅଭିଯୁକ୍ତଙ୍କ ମଧ୍ୟରୁ ୪୯ ଜଣଙ୍କୁ ସ୍ଥାନ ଅଭାବ ଦର୍ଶାଇ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ଗତ ଅଗଷ୍ଟ ୨୯ରୁ ଓକିଲଙ୍କ ଆନ୍ଦୋଳନ ଯୋଗୁ କୋର୍ଟ କାର୍ଯ୍ୟ ବନ୍ଦ ରହିଛି । ଫଳରେ ବିଭିନ୍ନ ଜେଲରେ ବିଚାରାଧୀନ କଏଦୀଙ୍କ ସଂଖ୍ୟା ଆଶାତୀତଭାବେ ବୃଦ୍ଧି ପାଇଛି। ଏଥିଯୋଗୁ ଜେଲ ପରିସରରେ ବିଶୃଙ୍ଖଳା ସୃଷ୍ଟି ହେବା ସହ କଏଦୀଙ୍କ ରହିବାକୁ ନେଇ ସମସ୍ୟା ସୃଷ୍ଟି ହୋଇଥିଲା । ବିଭିନ୍ନ ଜେଲରେ କଏଦୀଙ୍କ ରହଣୀକୁ ନେଇ ଏଭଳି ସମସ୍ୟା ସୃଷ୍ଟି ହେବାରୁ ଏନେଇ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ବିଭିନ୍ନ ଜେଲ ପରିସରରେ କ୍ୟାମ୍ପକୋର୍ଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

## ପଦଯାତ୍ରାରେ ବାହାରିଲେ ଚାଷୀ, ଅଟକାଇ ପାରିନି ପୋଲିସ୍

ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)

ପ୍ରାଇସ୍, ପ୍ରେଷ୍ଟିଜ୍ ଏବଂ ପେନ୍‌ସନ ଦାବିରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଆସନ୍ତା ମାସ ୫ତାରିଖରେ ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନଠାରେ ହେବାକୁ ଥିବା ସମାବେଶ ପାଇଁ ଅନୁମତି ମିଳିନାହିଁ। ଏପରି କି ସୋମବାରଠାରୁ ବାଲୁଗାଁ ଏବଂ ଯାଜପୁର ଜିଲାରୁ ପଦଯାତ୍ରାରେ ଆସିବାକୁ ଥିବା ଚାଷୀଙ୍କୁ ମଧ୍ୟ ରାଜ୍ୟ ସରକାର ଅନୁମତି ଦେଇ ନାହାନ୍ତି। ମାତ୍ର ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶକୁ ଖାତିର ନ କରି ଚାଷୀମାନେ ବିଭିନ୍ନ ଅଞ୍ଚଳରୁ ଚାଲିକରି ଆସିବା ସମୟରେ ପୋଲିସ୍ ସେମାନଙ୍କୁ ରାସ୍ତାରେ ଅଟକାଇବାକୁ ଚେଷ୍ଟା କରି ସଫଳ ହୋଇ ନ ଥିବା ଜଣାପଡିଛି।

ସୂଚନା ମୁତାବକ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ରସଲପୁର ବ୍ଲକର କୁଆଖିଆ ବଜାରରୁ ଭୁବନେଶ୍ୱର ଅଭିମୁଖେ ପଦଯାତ୍ରା ଆରମ୍ଭ ହୋଇଛି। ଏହାକୁ ଭଣ୍ଡୁର କରିବା ଲାଗି ପୋଲିସ ପ୍ରଶାସନ ଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟାନ୍ୟ ଜିଲାରୁ ଆସୁଥିବା ଚାଷୀଙ୍କୁ ପୋଲିସ ରାସ୍ତାରେ ଅଟକାଇ ରଖିଥିବା ସୂଚନା ମିଳିଛି। ଚାଷୀମାନେ ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ଜାଣିବାପରେ ସୋମବାର ପୂର୍ବାହ୍ନ ୧୧ଟାରେ ବାରବାଟୀ ବଜାରରେ ଏକଜୁଟ ହୋଇଥିଲେ। ସବୁ ଜାଗାରେ ପୋଲିସ୍‌କୁ ଜଗାଇ ଦିଆଯାଇଥିବା ବେଳେ ଚାଷୀମାନେ ରାସ୍ତା ବଦଳାଇ ବାରବାଟୀ ବଜାରଠାରେ ପହଞ୍ଚିଥିଲେ। ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କରଞ୍ଜିଆ, ନୀଳଗିରି, ବାରିପଦା ଆଦି ସ୍ଥାନରୁ ଚାଷୀମାନେ ଆଗୁଆ ଆସି ଗୋପନୀୟ ସ୍ଥାନରେ ଲୁଚି ରହିଥିଲେ। ଟ୍ରକରେ ଚାଷୀମାନଙ୍କୁ ଅଣାଯାଇ ଏକ ଗୋପନୀୟ ସ୍ଥାନରେ ରଖାଯାଇଥିଲା। ପ୍ରାୟ ୨୦ହଜାର ଚାଷୀ ଏକାଠି ହୋଇଥିବା ଦେଖିବାପରେ ପୋଲିସ ଆଶ୍ଚର୍ଯ୍ୟ ହୋଇଯାଇଥିଲା। ଚାଷୀମାନେ ସେଠାରୁ ପଦଯାତ୍ରାରେ ବାହାରି ଆସିଥିବା ଜଣାପଡିଛି।

ସେହିପରି ପୂର୍ବ ସୂଚନା ମୁତାବକ ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ପୁରୀ ଓ ନୟାଗଡ ଜିଲାରୁ ଚାଷୀମାନେ ଆସି ବାଲୁଗାଁ ରେଳ ଷ୍ଟେସନଠାରେ ଏକତ୍ରିତ ହୋଇ ପଦଯାତ୍ରାରେ ବାହାରିଛନ୍ତି। ପ୍ରାୟ ୫ହଜାର ଚାଷୀ ଏହି ପଦଯାତ୍ରାରେ ସାମିଲ ହୋଇଛନ୍ତି। ଏମାନଙ୍କୁ ରୋକିବାରେ ପୋଲିସ ପ୍ରଶାସନ ବିଫଳ ହୋଇଛି। ଏହି ପଦଯାତ୍ରା ବର୍ତ୍ତମାନ ନାଚୁଣୀଠାରେ ପହଞ୍ଚିଛି। ରାସ୍ତାରେ ପୋଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିବା ଜଣାପଡିଛି। ଏନେଇ ନବ ନିର୍ମାଣ କୃଷକ ସଙ୍ଗଠନର ମୁଖ୍ୟ ଅକ୍ଷୟ କୁମାର କହିଛନ୍ତି ଯେ, ଚାଷୀଭାଇମାନେ ସ୍ୱତଃସ୍ଫୂର୍ତ୍ତଭାବେ ଆସି ଆମ ପୂର୍ବ ସୂଚନା ମୁତାବକ ଏକତ୍ରିତ ହୋଇଛନ୍ତି। ସେମାନଙ୍କୁ ରାସ୍ତାରେ ପୋଲିସ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନାହିଁ। ଏହି ପଦଯାତ୍ରା ଚାଲିବ, ଯେଉଁଠାରେ ପୋଲିସ ଅଟକାଇବ ସେଠାରେ ଆନ୍ଦୋଳନ ହେବ ବୋଲି ସେ କହିଛନ୍ତି।


ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବାହାରିଥିବା ଚାଷୀଙ୍କ ପଦଯାତ୍ରା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|---|
| | 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678 8337956019

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538 8901770631

କଣ ଆପଣ ଅସୁବିଧାରେ ଅଛନ୍ତି କି? ଅଲଇଣ୍ଡିଆ ଖୋଲା ଚାଲେଞ୍ଜ ୨ ଘଣ୍ଟାରେ ୧୦୦% ସମାଧାନ କାମ ନହେଲେ ଟଙ୍କା ଫେରସ୍ତ ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଉତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ? କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୁରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଳେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମି, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524 9599270336

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ- 7991052261 7991052595

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603 7064382081

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline: 18002126755
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

Dhanlaxmi Financial Services
(Govt Registered)
(Regd No - odhR009742)
ଆଧାରକାର୍ଡ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ଗାଡ଼ି, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାରର ଋଣ ସହଜ କିସ୍ତିରେ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ।
2% ସୁଧ 40% ସରକାରୀ ସବ୍‌ସିଡି ଯୋଗାଯୋଗ କରନ୍ତୁ
6397482193 9138702512
74/8, Taraan, Punjab

SMS JOB
Send SMS, Earn MONEY
A-TEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୩୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike SIM + 20,000/- Advance
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
8809132432 7370994270

ଫାଇନାନ୍ସ
Ashoka Finance ଋଣ ଧମାକା
ସରକାରୀ ଯୋଜନା ଅଧୀନରେ ଋଣ ମାତ୍ର 1350/- ଟଙ୍କାରେ (1 ଲକ୍ଷ - ୨0 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ, 60% ରିହାତି। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହଋଣ, ବ୍ୟବସାୟ ସବୁ ଋଣ 48 ଘଣ୍ଟାରେ ସରକାରୀ ବ୍ୟାଙ୍କରୁ (ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି)
7900883466 8743042068
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109 7750060137
Email Id- ramcogroup283@gmail.com

Dhanlaxmi Financial Services, Govt Approved, Regd. No.- od6789dh45 ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ମହିଳା ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କଗୁଡ଼ିକ ଦ୍ୱାରା ପାଆନ୍ତୁ 72 ଘଣ୍ଟାରେ 1% ସୁଧ, 50% Govt. Subsidy (50,000 - 95 ଲକ୍ଷ ପର୍ଯ୍ୟନ୍ତ ଋଣ)
For more detail contact:
07302107165
Mail id: dhanlaxmifin1991@gmail.com
J-6, B-Block, Jiwan Park, New Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731 9996602452



"କାହାଣୀର ଯଥାର୍ଥ ଉପସ୍ଥାପନ ଦ୍ୱାରା ଏହା ଦର୍ଶକଙ୍କ ନିକଟରେ ପହଞ୍ଚିପାରିବ ।
– ସୋନି ରାଜଦାନ୍, ବଲିଉଡ୍ ଅଭିନେତ୍ରୀ



## [ଇତିହାସର ଆଇନାରେ]

### ଅକ୍ଟୋବର ୩୦ରେ ପ୍ରମୁଖ ଘଟଣା

୧୯୮୩ ଅକ୍ଟୋବର ୩୦ରେ ଆର୍ଜେଣ୍ଟିନାରେ ସାଧାରଣ ନିର୍ବାଚନ ହୋଇଥିଲା। ୭ ବର୍ଷର ସାମରିକ ଶାସନ ଶେଷ ହୋଇ ସାମ୍ବିଧାନିକ ନୀତି ପ୍ରଣୟନ କରାଯାଇଥିଲା। ୧୯୭୬ରେ ସେଠାରେ ସାମରିକ ଶାସନ ଲାଗୁ କରାଯାଇଥିଲା।

୨୦୧୫ ଅକ୍ଟୋବର ୩୦ରେ ରୋମାନିଆର ରାଜଧାନୀ ବୁଚାରେଷ୍ଟର ଏକ ନାଇଟ୍ କ୍ଲବରେ ଅଗ୍ନିକାଣ୍ଡ ହୋଇଥିଲା। ସେଥିରେ ୬୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୪୭ ଆହତ ହୋଇଥିଲେ। ଏହା ଦେଶରେ ସବୁଠାରୁ ବଡ ଦୁର୍ଘଟଣା ଥିଲା। ମେଟାଲକୋର ବ୍ୟାଣ୍ଡ 'ଗୁଡ୍‌ବାୟ୍ ଟୁ ଗ୍ରାଭିଟି'ର କନସର୍ଟ ବେଳେ ଏହି ଦୁର୍ଘଟଣା ଘଟିଥିଲା।

# ପ୍ରଦୂଷିତ ବାୟୁ: ୯୮% ଶିଶୁ ପ୍ରଭାବିତ

**ନୂଆଦିଲ୍ଲୀ:** ନିମ୍ନ ଓ ମଧ୍ୟମ ଆୟକାରୀ ଦେଶଗୁଡିକର ୫ବର୍ଷରୁ କମ୍ ବୟସର ୯୮%ଶିଶୁ ପ୍ରଦୂଷିତ ବାୟୁ ଯୋଗୁ ଆକ୍ରାନ୍ତ ହେଉଥବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି। ଭାରତ ଭଳି ଦେଶ ଏଥିରେ ଅନ୍ତର୍ଭୁକ୍ତ। ସୋମବାର ଉକ୍ତ ସଂଗଠନ ଦ୍ୱାରା ପ୍ରକାଶିତ ରିପୋର୍ଟ 'ଏୟାର ପଲ୍ୟୁଶନ୍ ଆଣ୍ଡ ଚାଇଲ୍ଡ ହେଲ୍‌ଥ: ପ୍ରେସ୍କ୍ରାଇବିଙ୍ଗ୍ କ୍ଲିନ୍ ଏୟାର' ଶୀର୍ଷକରେ କୁହାଯାଇଛି ୨୦୧୬ରେ ବିଷାକ୍ତ ବାୟୁ ପ୍ରଭାବରେ



୧୫ବର୍ଷରୁ କମ୍ ବୟସର ପ୍ରାୟ ୬ଲକ୍ଷ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ନିମ୍ନ ଓ ମଧ୍ୟମ ଆୟକାରୀ ଦେଶଗୁଡିକରେ ଘରେ ରୋଷେଇ ଧୂଆଁ ଏବଂ ବାହାର ପ୍ରଦୂଷିତ ବାୟୁ ପ୍ରଭାବରେ ୫ବର୍ଷରୁ କମ୍ ବୟସର ୫୦%ରୁ ଶିଶୁ ଶ୍ୱାସନଳୀ ସଂକ୍ରମଣରେ ଆକ୍ରାନ୍ତ ହୋଇଛନ୍ତି। ଭାରତ ଭଳି କେତେକ ଦେଶରେ ଏଥିପାଇଁ ଶିଶୁମୃତ୍ୟୁ ଅଧିକ ସଂଖ୍ୟାରେ ହେଉଥିବା ଉକ୍ତ ରିପୋର୍ଟରେ ପ୍ରକାଶ ପାଇଛି। ୫ବର୍ଷରୁ କମ୍ ୯୮% ଶିଶୁ ପିଏମ୍୨.୫ ମାତ୍ରା ଦ୍ୱାରା ପ୍ରଭାବିତ।

# ଇଞ୍ଜିନ୍ ବିହୀନ ଟ୍ରେନ୍ ଅନାବରଣ

**ଚେନ୍ନାଇ:** ୧୦୦କୋଟି ଟଙ୍କା ବ୍ୟୟରେ ଏବଂ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଦେଶର ପ୍ରଥମ ଇଞ୍ଜିନ୍ ବିହୀନ ଟ୍ରେନ୍ ଉଦ୍‌ଘାଟିତ ହୋଇଛି। ଏହାକୁ ରେଲୱେ ବୋର୍ଡ ଅଧ୍ୟକ୍ଷ ଅଶ୍ୱିନି ଲୋହାନି ସୋମବାର ଅନାବରଣ କରିଥିଲେ। ଏହା ଉଚ୍ଚ ଜ୍ଞାନକୌଶଳଭିତ୍ତିକ ଏବଂ ଏଥିରେ ସ୍ୱୟଂଚାଳିତ ବ୍ୟବସ୍ଥା ରହିଛି। ଲୋହାନି ସବୁଜ ପତାକା ହଲାଇବା ପରେ ଉକ୍ତ





ଧଳା ରଙ୍ଗର ଟ୍ରେନ୍‌ଟି ଇଣ୍ଟିଗ୍ରାଲ୍ କୋଚ୍ ଫ୍ୟାକ୍ଟ୍ରି (ଆଇସିଏଫ୍)ରେ କିଛି ଗଜ ଗଡିଥିଲା। ଏହା ହେଉଛି ଦେଶର ପ୍ରଥମ ଇଞ୍ଜିନ୍ ବିହୀନ ଟ୍ରେନ୍ 'ଟ୍ରେନ୍ ୧୮'। ୧୬ ବଗି ବିଶିଷ୍ଟ ଏହି ଟ୍ରେନ୍‌ରେ ଶତାବ୍ଦୀ ଭଳି ଯାତ୍ରୀ ପରିବହନକାରୀ ଦକ୍ଷତା ରହିଛି।

# ପ୍ରାକ୍-ପରିଣୟ ଉତ୍ସବ ପାଳିଲେ ପ୍ରିୟଙ୍କା

**ନ୍ୟୁୟର୍କ:** ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କର ଆମେରିକୀୟ ପପ୍ ଗାୟକ ନିକ୍ ଜୋନ୍‌ସଙ୍କ ସହିତ ଶୁଭ ପରିଣୟ ଅନୁଷ୍ଠିତ ହେବାକୁ ଯାଉଛି। କିନ୍ତୁ ତା ପୂର୍ବରୁ ପ୍ରିୟଙ୍କା ଏଠାରେ ରବିବାର ଏକ ପ୍ରାକ୍ ଉତ୍ସବ ପାଳନ କରିଛନ୍ତି। ନ୍ୟୁୟର୍କ ନଗରୀର ଟିଫାନିସ୍ ବ୍ଲୁ ବକ୍ସ କାଫେରେ ୩୬ବର୍ଷ ବୟସ୍କା ପ୍ରିୟଙ୍କା ଷ୍ଟାରପ୍ଲେସ୍ ମାର୍କିସା ବସ୍ତ୍ର ପରିଧାନ କରି ନିଜର ଘନିଷ୍ଠ ବନ୍ଧୁଙ୍କ ଗହଣରେ ଅତ୍ୟନ୍ତ ଚିତ୍ତାକର୍ଷକ ଦେଖାଯାଉଥିଲେ। ପ୍ରିୟଙ୍କାଙ୍କ ଘନିଷ୍ଠ ବାନ୍ଧବୀ ମୁବିନା ରାଟନ୍‌ସେ ଏବଂ ଅଞ୍ଜୁଲା ଆଚାରିୟାଙ୍କ ଦ୍ୱାରା ଏହି ପାର୍ଟି ଆୟୋଜନ କରାଯାଇଥିଲା। ପ୍ରିୟଙ୍କାଙ୍କ ଭାବି ଦେଢ଼ଶୁର କେଭିନ ଜୋନ୍‌ସ, ତାଙ୍କ ପତ୍ନୀ ଡାନିଏଲେ ଜୋନ୍‌ସ ଏବଂ ସେମାନଙ୍କ କନ୍ୟା ଆଲେନା ଏହି ଉତ୍ସବରେ ଅଂଶଗ୍ରହଣ କରିଥିଲେ। ପାର୍ଟିରେ ପ୍ରିୟଙ୍କା ଅତ୍ୟନ୍ତ ଉତ୍ସାହିତ ଜଣାପଡୁଥିଲେ। ପ୍ରିୟଙ୍କା ସଜେଇ ହୋଇଥିବାର ଫଟୋ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ବଲିଉଡ୍ ସଙ୍ଗୀତ ତାନରେ ଡିଜେ ବାଜିଥିଲା ଏବଂ ଅନେକ ଅତିଥି ତାଳେ ତାଳେ ନୃତ୍ୟ କରିଥିଲେ। ପ୍ରିୟଙ୍କାଙ୍କ ସମ୍ମାନାର୍ଥେ ତାଙ୍କ ବାନ୍ଧବୀମାନେ ମଧ୍ୟ ବକ୍ତୃତା ଦେଇଥିଲେ। ଭାରତରେ ଆସନ୍ତା ଡିସେମ୍ବରରେ ପ୍ରିୟଙ୍କା ଏବଂ ଜୋନ୍‌ସଙ୍କ ମଧ୍ୟରେ ହାତଗଣ୍ଠି ପଡିବାକୁ ଯାଉଛି। ଉକ୍ତ ଦମ୍ପତି କିଛିଦିନ ହେଲା ନ୍ୟୁୟର୍କରେ ଅୟସ କରୁଛନ୍ତି। ଚଳିତବର୍ଷ ଜୁଲାଇରେ ପ୍ରିୟଙ୍କାଙ୍କ ମୁମ୍ବାଇସ୍ଥିତ ବାସଭବନରେ ପାରମ୍ପରିକ ରୋକା (ନିର୍ବନ୍ଧ) ଉତ୍ସବ ଅନୁଷ୍ଠିତ ହୋଇଥିଲା।





ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ।। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୦ | ୨୦.୮ |
| ଚାନ୍ଦବାଲି | ୨୬.୭ | ୨୧.୮ |
| କଟକ | ୨୮.୬ | ୧୯.୫ |
| ପାରାଦ୍ୱୀପ | ୨୬.୦ | ୨୨.୮ |
| ଭୁବନେଶ୍ୱର | ୩୦.୨ | ୨୦.୯ |
| ଗୋପାଳପୁର | ୩୧.୪ | ୨୨.୪ |
| ପୁରୀ | ୩୦.୬ | ୨୨.୪ |
| ଅନୁଗୋଳ | ୩୦.୭ | ୧୭.୬ |
| ବାରିପଦା | ୨୭.୬ | ୨୨.୪ |
| ଝାରସୁଗୁଡ଼ା | ୩୧.୫ | ୧୮.୦ |
| କେନ୍ଦୁଝର | ୨୭.୭ | ୧୮.୦ |
| ସମ୍ବଲପୁର | ୩୧.୬ | ୧୮.୮ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୩.୧ | ୧୯.୬ |
| ତାଲଚେର | ୩୨.୫ | ୧୯.୩ |
| ଭବାନୀପାଟଣା | ୨୯.୦ | ୧୬.୫ |
| ବଲାଙ୍ଗୀର | ୩୧.୬ | ୧୬.୭ |
| କୋରାପୁଟ | ୨୯.୨ | ୧୪.୦ |
| ଫୁଲବାଣୀ | ୨୭.୨ | ୧୫.୮ |
| ଟିଟିଲାଗଡ଼ | ୩୦.୫ | ୧୬.୫ |
| ମାଲକାନଗିରି | ୩୩.୮ | --- |
| ସୋନପୁର | ୩୨.୨ | ୧୮.୦ |
| ଦାରିଙ୍ଗିବାଡ଼ି | --- | ୧୪.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍


ପୂର୍ବ ତଟ ରେଳପଥ

ଲିଙ୍ଗରାଜ ଟେମ୍ପୁଲ ରୋଡ଼ ପାସେଞ୍ଜର ହଲ୍ଟ ନିମନ୍ତେ ରେତଙ୍ଗ-ଭୁବନେଶ୍ୱର ଷ୍ଟେସନ ମଧ୍ୟରେ ହଲ୍ଟ ଏଜେଣ୍ଟ ନିଯୁକ୍ତି ପାଇଁ ଅଧିସୂଚନା

ସଂ.G.51.P.H./LGTR, ତା. 25.10.2018ରିଖ

ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ରେତଙ୍ଗ ଏବଂ ଭୁବନେଶ୍ୱର ଷ୍ଟେସନ ମଧ୍ୟରେ ଲିଙ୍ଗରାଜ ଟେମ୍ପୁଲ ରୋଡ଼ ପାସେଞ୍ଜର ହଲ୍ଟ ଷ୍ଟେସନ ଠାରେ ଟିକଟ ବିକ୍ରୟ ନିମନ୍ତେ ପାସେଞ୍ଜର ହଲ୍ଟ ଏଜେଣ୍ଟ ଭାବେ ନିଯୁକ୍ତି ପାଇଁ ଆଗ୍ରହୀ ବ୍ୟକ୍ତିବିଶେଷଙ୍କ ଠାରୁ ଆବେଦନପତ୍ର ଆମନ୍ତ୍ରଣ କରାଯାଉଛି ।

ହଲ୍ଟ ଏଜେଣ୍ଟଙ୍କୁ ପ୍ରଦାନଯୋଗ୍ୟ କମିଶନ ନିମ୍ନାନୁଯାୟୀ ହେବ :

ମାସିକ ଟିକଟ ବିକ୍ରୟ ପରିମାଣ ଏବଂ ପ୍ରାପ୍ୟ କମିଶନ : • ଟ.1-15,000/- : 15%, • ଟ.15,001 - 50,000/- : 12%,• ଟ.50,001 - 1,00,000/- : 9%,• ଟ.1,00,001 - 2,00,000/- : 6%, • ଟ.2,00,001 ଏବଂ ତଦୂର୍ଦ୍ଧ୍ୱ : 3% ।

ସୁରକ୍ଷା ଜମା ରାଶି : ଟ.2,500/-(ସୁରକ୍ଷା ଜମା ବାବଦକୁ ଟ.2,000/- + ରେଳବାଇ ସାମଗ୍ରୀ ମୂଲ୍ୟର 50% ବାବଦକୁ ଟ.500/-) ।

କିପରି ଆବେଦନ କରିବେ : ଆବାସ ଦୃଷ୍ଟିକୋଣରୁ ଯୋଗ୍ୟତା ଥିବା ପ୍ରାର୍ଥୀମାନେ ଉପରୋକ୍ତ ପାସେଞ୍ଜର ହଲ୍ଟ ନିମନ୍ତେ ସାଧା କାଗଜରେ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼, ପୋଷ୍ଟ : ଜଟଣୀ, ଜିଲ୍ଲା : ଖୋର୍ଦ୍ଧା, ପିନ୍-752050ଙ୍କ ଠିକଣାରେ ଆବେଦନ କରିପାରିବେ ଏବଂ କାର୍ଯ୍ୟାଳୟରେ ଏହି ଉଦ୍ଦେଶ୍ୟରେ ରଖା ଯାଇଥିବା ବାକ୍ସରେ ପକାଇ ପାରିବେ । ଡାକ ସେବା କିମ୍ବା କୌଣସି ଅନ୍ୟ ସେବା ମାଧ୍ୟମରେ ଆସିଥିବା ଆବେଦନପତ୍ର ଗୁଡ଼ିକୁ ଗ୍ରହଣ କରାଯିବ ନାହିଁ ।

ଉପଯୁକ୍ତ ଭାବେ ଫର୍ମାଟ୍ ଅନୁଯାୟୀ ପୂରଣ କରାଯାଇଥିବା ଆବେଦନପତ୍ର ଗୁଡ଼ିକ ଏହି କାର୍ଯ୍ୟାଳୟରେ ତା.21.11.2018ରିଖ (ବୁଧବାର) 1500 ଘଟିକା ସୁଦ୍ଧା କିମ୍ବା ତା' ପୂର୍ବରୁ ପହଞ୍ଚିବା ଆବଶ୍ୟକ । ଯଦି ଅନ୍ତିମ ଦିବସ ଅର୍ଥାତ ତା.21.11.2018ରିଖ ଦିନ ଛୁଟି ଦିବସ ହୋଇଥାଏ କିମ୍ବା ଘୋଷିତ ହୁଏ, ତେବେ ଆବେଦନପତ୍ର ଗୁଡ଼ିକ ପରବର୍ତ୍ତୀ କାର୍ଯ୍ୟ ଦିବସର ସେହି ସମୟ ମଧ୍ୟରେ ଗ୍ରହଣ କରାଯିବ ।

ରେଳବାଇ ପ୍ରଶାସନ ଯେକୌଣସି ଆବେଦନକୁ କୌଣସି କାରଣ ନ ଦର୍ଶାଇ ଗ୍ରହଣ କିମ୍ବା ଅଗ୍ରାହ୍ୟ କରିବାର ଅଧିକାର ନିଜ ପାଖରେ ସଂରକ୍ଷିତ ରଖିଛନ୍ତି ।

ସବିଶେଷ ବିବରଣୀ, ନିୟମ ଏବଂ ସର୍ତ୍ତାବଳୀ ତଥା ଦରଖାସ୍ତ ଫର୍ମାଟ ୱେବ୍‌ସାଇଟ୍ : www.eastcoastrail.indianrailways.gov.in ରେ ଉପଲବ୍ଧ ହେବ ।

PR - 371/J/18-19 ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ(ସମନ୍ୱୟ), ଖୋର୍ଦ୍ଧା ରୋଡ଼



DSPL-216

# ବିଶ୍ୱ ମିତବ୍ୟୟିତା ଦିବସ ଉପଲକ୍ଷେ ବାର୍ତ୍ତା



### ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆନନ୍ଦର ବିଷୟ ଏହି କି ଦେଶର ଅନ୍ୟାନ୍ୟ ରାଜ୍ୟଭଳି ଆମ ରାଜ୍ୟରେ ମଧ୍ୟ ଅକ୍ଟୋବର ୩୦ ତାରିଖକୁ ବିଶ୍ୱ ମିତବ୍ୟୟିତା ଦିବସ ରୂପେ ପାଳନ କରାଯାଉଛି । ଏହି ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରୁଛି ।

ସ୍ୱଳ୍ପ ସଞ୍ଚୟ ଯୋଜନାଗୁଡ଼ିକ ସମାଜର ପ୍ରତ୍ୟେକ ବର୍ଗଙ୍କ ପାଇଁ ବେଶ୍ ସରଳ ଏବଂ ସୁରକ୍ଷିତ ବୋଲି ପ୍ରମାଣିତ । ଏହି ଜମା ଯୋଜନାରେ ପୁଞ୍ଜି ନିବେଶ କରି ଜନସାଧାରଣ ନିଜର ଭବିଷ୍ୟତ ଆର୍ଥିକସ୍ଥିତି ସୁଦୃଢ଼ କରିବାର ସୁଯୋଗ ନିଅନ୍ତୁ । ନିୟମିତ ସଞ୍ଚୟ ଭବିଷ୍ୟତ ପାଇଁ ଆର୍ଥିକ ନିରାପତ୍ତା ପ୍ରଦାନ କରିବା ସହିତ ଯେକୌଣସି ଜରୁରୀ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ସ୍ୱଳ୍ପ ସଞ୍ଚୟକୁ ଲୋକପ୍ରିୟ କରାଇବା ଦିଗରେ ବିଶେଷ ସହାୟକ ହୋଇପାରିଛି ।

ମିତବ୍ୟୟିତା ଆଚରଣ ପୂର୍ବକ ଆର୍ଥିକ ସ୍ୱାବଲମ୍ବନତା ହାସଲ କରିବା ଆଜିର ଦିନରେ ସମସ୍ତଙ୍କର ସଂକଳ୍ପ ହେଉ ।

ଆମ ସମସ୍ତଙ୍କର ମିଳିତ ସହଯୋଗ ଓ ନିଷ୍ଠାପର ଉଦ୍ୟମ ଦ୍ୱାରା ବିଶ୍ୱ ମିତବ୍ୟୟିତା ଦିବସ ପାଳନର ଉଦ୍ଦେଶ୍ୟ ସାଧିତ ହେବ ବୋଲି ମୁଁ ଆଶା କରୁଛି ।

(ଗଣେଶୀ ଲାଲ)



### ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଆନନ୍ଦର କଥା ପ୍ରତିବର୍ଷ ପରି ଚଳିତ ବର୍ଷ ଅକ୍ଟୋବର ମାସ ୩୦ ତାରିଖ ଦିନ ବିଶ୍ୱ ମିତବ୍ୟୟିତା ଦିବସ ପାଳନ କରାଯାଉଛି ।

ବ୍ୟକ୍ତିର ଆର୍ଥିକ ବିକାଶ ପାଇଁ ମିତବ୍ୟୟିତା ଏକାନ୍ତ ଅପରିହାର୍ଯ୍ୟ । ଅନାବଶ୍ୟକ ଖର୍ଚ୍ଚକୁ ଯଥାସମ୍ଭବ କମାଇ ବଳକା ଅର୍ଥକୁ ସୁରକ୍ଷିତ ସଞ୍ଚୟ ଯୋଜନାରେ ବିନିଯୋଗ କରି ରଖିଲେ ତାହା ବ୍ୟକ୍ତି ବିଶେଷଙ୍କର ଆର୍ଥିକ ସୁରକ୍ଷା ସହ ଦେଶର ଅଭିବୃଦ୍ଧିରେ ସହାୟକ ହୋଇଥାଏ । ଏ ଦୃଷ୍ଟିରୁ ଡାକଘର ତଥା ବ୍ୟାଙ୍କ ମାଧ୍ୟମରେ ପ୍ରଚଳିତ ସ୍ୱଳ୍ପ ସଞ୍ଚୟ ଯୋଜନା ଏକ ଅଗ୍ରଣୀ ଭୂମିକା ବହନ କରିଛି । ଏଠାରେ ସଞ୍ଚିତ ଜମାରାଶି ସମ୍ପୂର୍ଣ୍ଣ ସୁରକ୍ଷିତ ତଥା ନିରାପଦ ଅଟେ । ଏହି ଯୋଜନା ବ୍ୟକ୍ତି ବିଶେଷକୁ ମିତବ୍ୟୟି କରିବା ସଙ୍ଗେ ସଙ୍ଗେ ଆର୍ଥିକ ସ୍ୱଚ୍ଛଳତା ଏବଂ ସୁରକ୍ଷା ପ୍ରଦାନ କରିଥାଏ । ରାଷ୍ଟ୍ର ନିର୍ମାଣରେ ମଧ୍ୟ ଏହା ବିଶେଷ ସହାୟକ ହୋଇଥାଏ ।

ରାଜ୍ୟ ସରକାରଙ୍କ ତରଫରୁ ସ୍ୱଳ୍ପ ସଞ୍ଚୟ ଜମାକାରୀମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରୋତ୍ସାହନ ଯୋଜନା ପ୍ରଚଳନ କରାଯାଇଅଛି । ଏହି ଅବସରରେ ରାଜ୍ୟବାସୀଙ୍କୁ ମୋର ନିବେଦନ ଯେ, ସେମାନେ ବିଭିନ୍ନ ସ୍ୱଳ୍ପ ଯୋଜନାରେ ଅର୍ଥ ବିନିଯୋଗ କରି ନିଜର ଆର୍ଥିକ ଉନ୍ନତିକୁ ସୁନିଶ୍ଚିତ କରନ୍ତୁ ।

ବିଶ୍ୱ ମିତବ୍ୟୟିତା ଦିବସର ମୁଁ ସଫଳତା କାମନା କରୁଅଛି ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)



### ମାନ୍ୟବର ଅର୍ଥ ମନ୍ତ୍ରୀଙ୍କ ବାର୍ତ୍ତା

ଅକ୍ଟୋବର ୩୦ ତାରିଖରେ ଆମ ଦେଶର ସବୁ ରାଜ୍ୟରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହେଉଅଛି । ଏହି ଉପଲକ୍ଷେ ଓଡିଶାବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।

ଆର୍ଥିକ ବିକାଶ କ୍ଷେତ୍ରରେ ସ୍ୱଳ୍ପ ସଞ୍ଚୟର ଭୂମିକା ଅନନ୍ୟ । ବ୍ୟକ୍ତିର ଆର୍ଥିକ ସ୍ୱଚ୍ଛଳତା ଏବଂ ସୁରକ୍ଷିତ ଭବିଷ୍ୟତ ପାଇଁ ସ୍ୱଳ୍ପ ସଞ୍ଚୟ ଯୋଜନା ଏକ ସରଳ ଏବଂ ପ୍ରକୃଷ୍ଟ ମାଧ୍ୟମ । ଏହାର ଆକର୍ଷଣୀୟ ସୁଧହାର ଏବଂ ବିଭିନ୍ନ ସୁରକ୍ଷିତ ଜମା ଯୋଜନା ପ୍ରତ୍ୟେକଙ୍କୁ ଆକୃଷ୍ଟ କରିଥାଏ । ତେଣୁ ଦୈନନ୍ଦିନ ଖର୍ଚ୍ଚରେ ମିତବ୍ୟୟିତା ଅବଲମ୍ବନ କରି ସଞ୍ଚୟକୁ ଅଭ୍ୟାସରେ ପରିଣତ କରିବା ଆଜିର ସଙ୍କଳ୍ପ ହେଉ । ଏହି ଅଭ୍ୟାସ ବ୍ୟକ୍ତିର ଭବିଷ୍ୟତ ଜୀବନକୁ ସୁଖମୟ ଏବଂ ସହଜ କରିବାରେ ବିଶେଷ ସହାୟକ ହୋଇଥାଏ ।

ସ୍ୱଳ୍ପ ସଞ୍ଚୟ ଯୋଜନାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ପ୍ରଚଳନ କରିଛନ୍ତି । ଏଥିରେ ବର୍ଷକୁ ୨୪୨୮ ଗୋଟି ଆକର୍ଷଣୀୟ ଆର୍ଥିକ ପୁରସ୍କାରର ବ୍ୟବସ୍ଥା କରାଯାଇଅଛି । ପ୍ରଥମ ପୁରସ୍କାରର ମୂଲ୍ୟ ୫ ଲକ୍ଷ ଟଙ୍କା ରହିଥିବାବେଳେ, ସର୍ବନିମ୍ନ ପୁରସ୍କାର ମୂଲ୍ୟ ୨୦୦୦ ଟଙ୍କା ରହିଅଛି ।

ଏଣୁ ଓଡ଼ିଶାର ସମସ୍ତ ଭାଇଭଉଣୀଙ୍କୁ ମୋର ଅନୁରୋଧ, ସେମାନେ ସ୍ୱଳ୍ପ ସଞ୍ଚୟ ଯୋଜନାରେ ସକ୍ରିୟ ଅଂଶ ଗ୍ରହଣ କରି ନିଜର ଆର୍ଥିକ ସ୍ଥିତିକୁ ସୁରକ୍ଷିତ କରିବା ସଂଗେ ସଂଗେ ରାଜ୍ୟ ଓ ଦେଶର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।

ଏହି ଅବସରରେ ମୁଁ ବିଶ୍ୱ ମିତବ୍ୟୟିତା ଦିବସର ସଫଳତା କାମନା କରୁଅଛି ।

(ଶଶିଭୂଷଣ ବେହେରା)

05001/13/0022/1819



## ଜେନେରାଲ ମାଇନର୍ ୟୁନିଟ୍ (ଜିଏମ୍‌ୟୁ)ଗୁଡ଼ିକରେ କ୍ୟାଟେରିଂ ସେବା ଯୋଗାଣ

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (କମର୍ସିଆଲ୍), ଚକ୍ରଧରପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ **"ବାମରା, ମନୋହରପୁର, ରାଜଖରସୁଆଁ, ସିନି, ଚାଇଁବାସା, ବଡ଼ବିଲ, ନୋଆମୁଣ୍ଡି, ବଡ଼ଜାମଦା, ବାଂଶପାଣି, କଣ୍ଡ୍ରା, ଗଡ଼ପୋଷ, ବାଗ୍‌ଡିହି, ଗୋଏଲକେରା, ବଳଦା ରୋଡ୍, ରାଇରଙ୍ଗପୁର, ବଡ଼ବାମ୍ବୁ ଓ ଅସାନବୋନିଠାରେ ଜେନେରାଲ୍ ମାଇନର୍ ୟୁନିଟ୍ (ଜିଏମ୍‌ୟୁ)ଗୁଡ଼ିକରେ କ୍ୟାଟେରିଂ ସେବା ଯୋଗାଇବା"** ପାଇଁ ବ୍ୟକ୍ତିବିଶେଷ/ଭାଗୀଦାରି ସଂସ୍ଥା/କମ୍ପାନୀ/ପଞ୍ଜୀକୃତ ଏକକ ମାଲିକାନାଧୀନ ସଂସ୍ଥା/ସମବାୟ/ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କଠାରୁ ପ୍ରତିଯୋଗିତାମୂଳକ, ଖୋଲା ଏକକ ପ୍ୟାକେଟ୍ ଟେଣ୍ଡର ପ୍ରଣାଳୀରେ ଜଉମୁଦଦିଆ ଟେଣ୍ଡର ଆହ୍ୱାନ କରୁଛନ୍ତି। **ବିବରଣୀ ବିଡ୍ କାଗଜପତ୍ରରେ ଅଛି।** କାର୍ଯ୍ୟର ପରିସର ଏବଂ ଟର୍ମସ୍ ଅଫ୍ ରେଫରେନ୍ସ ଭାଗ-କ ରେ ପ୍ରଦାନ କରାଯାଇଛି। **ବିଡ୍ କାଗଜପତ୍ର:** ଆଗ୍ରହୀ ବିଡର୍‌ମାନେ ବିଡ୍ କାଗଜପତ୍ର କ୍ରୟ କରିପାରିବେ ଯାହା **ତା୩୦।୧୧।୨୦୧୮ରିଖ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟଦିବସରେ ୧୦.୦୦ ଘଟିକାରୁ ୧୭.୦୦ ଘଟିକା** ମଧ୍ୟରେ ବ୍ୟକ୍ତିଗତ ଭାବେ ନିମ୍ନପ୍ରଦତ୍ତ ଠିକଣାରେ ରେଲୱେ କାର୍ଯ୍ୟାଳୟରୁ ହାସଲ କରାଯାଇପାରିବ, ଏଥିପାଇଁ ନିମ୍ନଲିଖିତ ଆକାରରେ **ଟ.୨,୯୫୦/- (ଦୁଇ ହଜାର ନଅଶହ ପଚାଶ ମାତ୍ର) (୧୮% ଜିଏସ୍‌ଟି ଅନ୍ତର୍ଭୁକ୍ତ)**ର ଅଣ-ଫେରସ୍ତଯୋଗ୍ୟ କାଗଜପତ୍ର ଦେୟ ପୈଠ କରିବାକୁ ହେବ (କ) ଫାଇନାନ୍ସିଆଲ୍ ଆଡ୍‌ଭାଇଜର୍ ଆଣ୍ଡ ଚିଫ୍ ଆକାଉଣ୍ଟସ୍ ଅଫିସର, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ ରିଚ୍, କୋଲକାତା-୪୩ଙ୍କ ସପକ୍ଷରେ ଭାରତରେ ଯେକୌଣସି ଅନୁସୂଚିତ ବ୍ୟବସାୟିକ ବ୍ୟାଙ୍କରେ ଡ୍ର କରାଯାଇଥିବା ତଥା କୋଲକାତାରେ ପୈଠଯୋଗ୍ୟ ଡିମାଣ୍ଡ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍, (ଖ) ଚକ୍ରଧରପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥର ଯେକୌଣସି ରେଳ ଷ୍ଟେଶନ/ଡିଭିଜନାଲ କ୍ୟାଶ୍ ଅଫିସ୍‌ରେ ନଗଦ ଜମା ଏବଂ ଏହା ସପକ୍ଷରେ ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା ଏବଂ ଦାଖଲର ଧାର୍ଯ୍ୟ ତାରିଖ ଦର୍ଶାଯାଇଥିବା ମୂଳ ନଗଦ ରସିଦ୍/ମନି ରିସିପ୍ଟ। ବିଡ୍ କାଗଜପତ୍ର ୱେବ୍‌ସାଇଟ୍ **www.ser.indianrailways.gov.in**ରୁ ଡାଉନ୍‌ଲୋଡ୍ ମଧ୍ୟ କରାଯାଇପାରିବ ଏବଂ ବିଡ୍‌ଗୁଡ଼ିକୁ ଡାଉନ୍‌ଲୋଡ୍ ହୋଇଥିବା କାଗଜପତ୍ରରେ ବିଡିଂ ମୂଲ୍ୟ ବାବଦରେ ଏକ ପୃଥକ୍ ଡିମାଣ୍ଡ ଡ୍ରାଫ୍ଟ ସହିତ ଦାଖଲ କରାଯାଇପାରିବ, ଅନ୍ୟଥା ଅଫର୍‌କୁ ବିଧିବଦ୍ଧ ଭାବେ ନାକଚ କରିଦିଆଯିବ। **ଅମାନତ ରାଶି:** ବିଡ୍ ସହିତ ଭାରତର ଯେକୌଣସି ଅନୁସୂଚିତ ବ୍ୟାଙ୍କରେ ଡ୍ର କରାଯାଇଥିବା ବ୍ୟାଙ୍କ ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଆବଶ୍ୟକୀୟ ମୂଲ୍ୟର ଅମାନତ ରାଶି ସଂଲଗ୍ନ କରାଯିବା ଆବଶ୍ୟକ। **ବିଡ୍ ପ୍ରାପ୍ତି:** ଜଉମୁଦଦିଆ ବିଡ୍‌ଗୁଡ଼ିକୁ **ତା୦୩।୧୨।୨୦୧୮ରିଖ ୧୫.୦୦ ଘଟିକା** ସୁଦ୍ଧା ନିମ୍ନପ୍ରଦତ୍ତ ଠିକଣାରେ ଏହି ଉଦ୍ଦେଶ୍ୟ ପାଇଁ ରଖାଯାଇଥିବା ବାକ୍ସରେ ପକାଯାଇପାରିବ। ବିଡ୍‌ଗୁଡ଼ିକୁ ସେହିଦିନ **୧୫.୩୦ ଘଟିକାରେ** ଅଂଶଗ୍ରହଣ ପାଇଁ ଇଚ୍ଛୁକ ବିଡର ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ। ଏଥିପାଇଁ ସଂସ୍ଥାର ଏକ ପ୍ରାଧିକାର ପତ୍ର ଆବଶ୍ୟକ ହେବ। ବିଡ୍‌କୁ ବାକ୍ସରେ ପକାଇବାର ଜିମା ବିଡରଙ୍କ ଉପରେ ରହିବ। ୧୫.୦୦ ଘଟିକା ପରେ ପ୍ରାପ୍ତ ବିଡ୍‌ଗୁଡ଼ିକ ବିଳମ୍ବିତ ବିଡ୍ କୁହାଯିବ ଏବଂ ସେଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ବିଡ୍‌କୁ ଗ୍ରହଣ/ନାକଚ କରିବାର ଅଧିକାର ରେଳପଥ ନିକଟରେ ସଂରକ୍ଷିତ। ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ବିଡ୍‌କୁ ବିଡ୍ କାଗଜପତ୍ରରେ ପ୍ରଦତ୍ତ ମୂଲ୍ୟାୟନ ମାନଦଣ୍ଡ ଭିତ୍ତିରେ ମୂଲ୍ୟାୟନ କରାଯିବ। ବିଡର/ଟେଣ୍ଡରଦାତାଙ୍କ ଦ୍ୱାରା ପ୍ରାଇସ୍ ବିଡ୍‌ରେ କୋଟ୍ କରାଯାଇଥିବା ଟେଣ୍ଡର ଅଫର୍‌କୁ "ସାଂକେତିକ/ଅସ୍ଥାୟୀ" ଭାବେ ବିଚାର କରାଯିବ। ମନୋନୀତ ବିଡର୍/ଟେଣ୍ଡରମାନେ ବ୍ୟବସାୟ ଆରମ୍ଭର ଛଅ (୬) ମାସ ମଧ୍ୟରେ ଏକ ଜଏଣ୍ଟ ସେଲ୍‌ସ ଆସେସ୍‌ମେଣ୍ଟ ମାଧ୍ୟମରେ ସ୍ଥିର ହେବାକୁ ଥିବା ବାର୍ଷିକ ବିକ୍ରୟ କାରବାରର @୧୨% କିମ୍ବା ଗୃହୀତ ଟେଣ୍ଡର ଅଫର୍ (ବିଡ୍/ଏସ୍‌ବିଡି ରାଜିନାମା ଅନୁଯାୟୀ), ଯାହା ଅଧିକ ହେଉଥିବ, ବାର୍ଷିକ ଲାଇସେନ୍ସ ଦେୟ ଗ୍ରହଣ କରିବା ପାଇଁ ବାଧ ହେବେ (କ୍ର.ସଂ. ୧ ଓ ୨-ବିଏମ୍‌ବି, କ୍ର.ସଂ. ୩ - ଏମ୍‌ଓୟୁ, କ୍ର.ସଂ. ୬ - ସିବିଏସ୍‌ଏ, କ୍ର.ସଂ. ୭ - ବିବିଏନ୍, କ୍ର.ସଂ. ୧୩ - କେଏନ୍‌ଡି ଏବଂ କ୍ର.ସଂ. ୧୪ - ଜିପିଏଚ୍‌କୁ ଛାଡ଼ି)। **ଯୋଗାଯୋଗ ଠିକଣା: ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (କମର୍ସିଆଲ୍), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର, ପିନ୍-୮୩୩୧୦୨, ଜିଲ୍ଲା: ସିଂହଭୂମ (ପଶ୍ଚିମ), ଝାଡ଼ଖଣ୍ଡ, ଟେଲି: ୦୬୫୮୭-୨୩୮୦୬୭, ଫାକ୍ସ: ୦୬୫୮୭-୨୩୮୦୮୯, ଇ-ମେଲ୍: srdcm@ckp.railnet.gov.in** (PR-860)

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହିତ ସେବା କରୁ



## ସ୍ପେଶାଲ ମାଇନର୍ ୟୁନିଟ୍ (ଏସ୍ଏମ୍‌ୟୁ)ଗୁଡ଼ିକରେ କ୍ୟାଟେରିଂ ସେବା ଯୋଗାଣ

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (କମର୍ସିଆଲ୍), ଚକ୍ରଧରପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ **"ରାଜଗାଙ୍ଗପୁର, ମନୋହରପୁର, ଆଦିତ୍ୟପୁର, ରାଜଖରସୁଆଁ, ସିନି, କାଲୁଙ୍ଗା, ଚାଇଁବାସା, ବଡ଼ବିଲ, ବଣ୍ଡମୁଣ୍ଡା, ଝିଙ୍କପାଣି, କଣ୍ଡ୍ରା, ବୀରମିତ୍ରପୁର, ପାନପୋଷ, ବିସ୍ରା, ଗହ୍ଲାରିଆ, ମାଲୁକା, ନୂଆଗାଁ ଏବଂ ଗୋବିନ୍ଦପୁରଠାରେ ସ୍ପେଶାଲ ମାଇନର୍ ୟୁନିଟ୍ (ଏସ୍ଏମ୍‌ୟୁ)ଗୁଡ଼ିକରେ କ୍ୟାଟେରିଂ ସେବା ଯୋଗାଇବା"** ପାଇଁ ବ୍ୟକ୍ତିବିଶେଷ/ଭାଗୀଦାରି ସଂସ୍ଥା/କମ୍ପାନୀ/ପଞ୍ଜୀକୃତ ଏକକ ମାଲିକାନାଧୀନ ସଂସ୍ଥା/ସମବାୟ/ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କଠାରୁ ପ୍ରତିଯୋଗିତାମୂଳକ, ଖୋଲା ଏକକ ପ୍ୟାକେଟ୍ ଟେଣ୍ଡର ପ୍ରଣାଳୀରେ ଜଉମୁଦଦିଆ ଟେଣ୍ଡର ଆହ୍ୱାନ କରୁଛନ୍ତି। **ବିବରଣୀ ବିଡ୍ କାଗଜପତ୍ରରେ ଅଛି।** କାର୍ଯ୍ୟର ପରିସର ଏବଂ ଟର୍ମସ୍ ଅଫ୍ ରେଫରେନ୍ସ ଭାଗ-କ ରେ ପ୍ରଦାନ କରାଯାଇଛି। **ବିଡ୍ କାଗଜପତ୍ର:** ଆଗ୍ରହୀ ବିଡର୍‌ମାନେ ବିଡ୍ କାଗଜପତ୍ର କ୍ରୟ କରିପାରିବେ ଯାହା **ତା୦୬।୧୨।୨୦୧୮ରିଖ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟଦିବସରେ ୧୦.୦୦ ଘଟିକାରୁ ୧୭.୦୦ ଘଟିକା** ମଧ୍ୟରେ ବ୍ୟକ୍ତିଗତ ଭାବେ ନିମ୍ନପ୍ରଦତ୍ତ ଠିକଣାରେ ରେଲୱେ କାର୍ଯ୍ୟାଳୟରୁ ହାସଲ କରାଯାଇପାରିବ, ଏଥିପାଇଁ ନିମ୍ନଲିଖିତ ଆକାରରେ **ଟ.୨,୯୫୦/- (ଦୁଇ ହଜାର ନଅଶହ ପଚାଶ ମାତ୍ର) (୧୮% ଜିଏସ୍‌ଟି ଅନ୍ତର୍ଭୁକ୍ତ)**ର ଅଣ-ଫେରସ୍ତଯୋଗ୍ୟ କାଗଜପତ୍ର ଦେୟ ପୈଠ କରିବାକୁ ହେବ (କ) ଫାଇନାନ୍ସିଆଲ୍ ଆଡ୍‌ଭାଇଜର୍ ଆଣ୍ଡ ଚିଫ୍ ଆକାଉଣ୍ଟସ୍ ଅଫିସର, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ ରିଚ୍, କୋଲକାତା-୪୩ଙ୍କ ସପକ୍ଷରେ ଭାରତରେ ଯେକୌଣସି ଅନୁସୂଚିତ ବ୍ୟବସାୟିକ ବ୍ୟାଙ୍କରେ ଡ୍ର କରାଯାଇଥିବା ତଥା କୋଲକାତାରେ ପୈଠଯୋଗ୍ୟ ଡିମାଣ୍ଡ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍, (ଖ) ଚକ୍ରଧରପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥର ଯେକୌଣସି ରେଳ ଷ୍ଟେଶନ/ଡିଭିଜନାଲ କ୍ୟାଶ୍ ଅଫିସ୍‌ରେ ନଗଦ ଜମା ଏବଂ ଏହା ସପକ୍ଷରେ ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା ଏବଂ ଦାଖଲର ଧାର୍ଯ୍ୟ ତାରିଖ ଦର୍ଶାଯାଇଥିବା ମୂଳ ନଗଦ ରସିଦ୍/ମନି ରିସିପ୍ଟ। ବିଡ୍ କାଗଜପତ୍ର ୱେବ୍‌ସାଇଟ୍ **www.ser.indianrailways.gov.in**ରୁ ଡାଉନ୍‌ଲୋଡ୍ ମଧ୍ୟ କରାଯାଇପାରିବ ଏବଂ ବିଡ୍‌ଗୁଡ଼ିକୁ ଡାଉନ୍‌ଲୋଡ୍ ହୋଇଥିବା କାଗଜପତ୍ରରେ ବିଡିଂ ମୂଲ୍ୟ ବାବଦରେ ଏକ ପୃଥକ୍ ଡିମାଣ୍ଡ ଡ୍ରାଫ୍ଟ ସହିତ ଦାଖଲ କରାଯାଇପାରିବ, ଅନ୍ୟଥା ଅଫର୍‌କୁ ବିଧିବଦ୍ଧ ଭାବେ ନାକଚ କରିଦିଆଯିବ। **ଅମାନତ ରାଶି:** ବିଡ୍ ସହିତ ଭାରତର ଯେକୌଣସି ଅନୁସୂଚିତ ବ୍ୟାଙ୍କରେ ଡ୍ର କରାଯାଇଥିବା ବ୍ୟାଙ୍କ ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଆବଶ୍ୟକୀୟ ମୂଲ୍ୟର ଅମାନତ ରାଶି ସଂଲଗ୍ନ କରାଯିବା ଆବଶ୍ୟକ। **ବିଡ୍ ପ୍ରାପ୍ତି:** ଜଉମୁଦଦିଆ ବିଡ୍‌ଗୁଡ଼ିକୁ **ତା୦୭।୧୨।୨୦୧୮ରିଖ ୧୫.୦୦ ଘଟିକା** ସୁଦ୍ଧା ନିମ୍ନପ୍ରଦତ୍ତ ଠିକଣାରେ ଏହି ଉଦ୍ଦେଶ୍ୟ ପାଇଁ ରଖାଯାଇଥିବା ବାକ୍ସରେ ପକାଯାଇପାରିବ। ବିଡ୍‌ଗୁଡ଼ିକୁ ସେହିଦିନ **୧୫.୩୦ ଘଟିକାରେ** ଅଂଶଗ୍ରହଣ ପାଇଁ ଇଚ୍ଛୁକ ବିଡର ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ। ଏଥିପାଇଁ ସଂସ୍ଥାର ଏକ ପ୍ରାଧିକାର ପତ୍ର ଆବଶ୍ୟକ ହେବ। ବିଡ୍‌କୁ ବାକ୍ସରେ ପକାଇବାର ଜିମା ବିଡରଙ୍କ ଉପରେ ରହିବ। ୧୫.୦୦ ଘଟିକା ପରେ ପ୍ରାପ୍ତ ବିଡ୍‌ଗୁଡ଼ିକ ବିଳମ୍ବିତ ବିଡ୍ କୁହାଯିବ ଏବଂ ସେଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ବିଡ୍‌କୁ ଗ୍ରହଣ/ନାକଚ କରିବାର ଅଧିକାର ରେଳପଥ ନିକଟରେ ସଂରକ୍ଷିତ। ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ବିଡ୍‌କୁ ବିଡ୍ କାଗଜପତ୍ରରେ ପ୍ରଦତ୍ତ ମୂଲ୍ୟାୟନ ମାନଦଣ୍ଡ ଭିତ୍ତିରେ ମୂଲ୍ୟାୟନ କରାଯିବ। ବିଡର/ଟେଣ୍ଡରଦାତାଙ୍କ ଦ୍ୱାରା ପ୍ରାଇସ୍ ବିଡ୍‌ରେ କୋଟ୍ କରାଯାଇଥିବା ଟେଣ୍ଡର ଅଫର୍‌କୁ "ସାଂକେତିକ/ଅସ୍ଥାୟୀ" ଭାବେ ବିଚାର କରାଯିବ। ମନୋନୀତ ବିଡର୍/ଟେଣ୍ଡରମାନେ ବ୍ୟବସାୟ ଆରମ୍ଭର ଛଅ (୬) ମାସ ମଧ୍ୟରେ ଏକ ଜଏଣ୍ଟ ସେଲ୍‌ସ ଆସେସ୍‌ମେଣ୍ଟ ମାଧ୍ୟମରେ ସ୍ଥିର ହେବାକୁ ଥିବା ବାର୍ଷିକ ବିକ୍ରୟ କାରବାରର @୧୨% କିମ୍ବା ଗୃହୀତ ଟେଣ୍ଡର ଅଫର୍ (ବିଡ୍/ଏସ୍‌ବିଡି ରାଜିନାମା ଅନୁଯାୟୀ), ଯାହା ଅଧିକ ହେଉଥିବ, ବାର୍ଷିକ ଲାଇସେନ୍ସ ଦେୟ ଗ୍ରହଣ କରିବା ପାଇଁ ବାଧ ହେବେ (କ୍ର.ସଂ. ୧ ଓ ୨-ଜିପି, କ୍ର.ସଂ. ୩ ଓ ୪ - ଏମ୍‌ଓୟୁ, କ୍ର.ସଂ. ୫ - ଏଡିଟିପି, କ୍ର.ସଂ. ୧୦ ଓ ୧୧ - ସିବିଏସ୍‌ଏ, କ୍ର.ସଂ. ୧୨ - ବିବିଏନ୍, କ୍ର.ସଂ. ୧୩ - ବିଏନ୍‌ଡିଏମ୍, କ୍ର.ସଂ. ୧୪ - ଜେଏନ୍‌କେ, କ୍ର.ସଂ. ୧୫ - କେଏନ୍‌ଡି ଏବଂ କ୍ର.ସଂ. ୧୬ - ବିଆର୍‌ଏମ୍‌ପିକୁ ଛାଡ଼ି)। **ଯୋଗାଯୋଗ ଠିକଣା: ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (କମର୍ସିଆଲ୍), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର, ପିନ୍-୮୩୩୧୦୨, ଜିଲ୍ଲା: ସିଂହଭୂମ (ପଶ୍ଚିମ), ଝାଡ଼ଖଣ୍ଡ, ଟେଲି: ୦୬୫୮୭-୨୩୮୦୬୭, ଫାକ୍ସ: ୦୬୫୮୭-୨୩୮୦୮୯, ଇ-ମେଲ୍: srdcm@ckp.railnet.gov.in** (PR-859)

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହିତ ସେବା କରୁ



CLASSIFIED DISPLAY




ଦୀପାବଳି ଧମାକା | ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଆଦର୍ଶ ଫାଇନାନ୍ସ
୪୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ | ଆଗେ କାମ - ପରେ ଦାମ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବ୍ୟବସାୟ, ଚାଷ, ରାଶନ କାର୍ଡ, ଆଧାର କାର୍ଡ, କୃଷି
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ - ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
2% ସୁଧ - 40% ରିହାତି | କମ୍ କାଗଜପତ୍ର କାମ
ଯୋଗାଯୋଗ କରନ୍ତୁ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ | Connaught Place, Delhi.
Call : 73106-12716, 89794-48754

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି ।
ସ୍ପେଶାଲିଷ୍ଟ, ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର ।
9650446732 9971793786

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୧% ସମାଧାନ ପାଆନ୍ତୁ
କାମ ନହେଲେ ପଇସା ଫେରସ୍ତ, କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସଂପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନକରିବା ଘରେହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ ।
ବାବା ଆଲାମ ଖାନ | ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠ୍‌କରଣୀ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765-8512004851



ଯେଉଁମାନେ କୌଣସି ମତ ପ୍ରକାଶ କରନ୍ତି ନାହିଁ, ସେମାନଙ୍କର ସଦ୍‌ଗୁଣର ମୂଲ୍ୟ ମନୁଷ୍ୟ ସମାଜ ପାଇଁ କିଛି ହେଲେ ନାହିଁ।
- ଆବ୍ରାହମ୍ ଲିଙ୍କନ



# ହାଇକୋର୍ଟ ପରିସରରେ ଆଇନଜୀବୀ ମୁହାଁମୁହିଁ ହେବା ସମୟର ଦୃଶ୍ୟ





ଆଇନଜୀବୀମାନେ ହାତାହାତି ହେବା ବେଳେ ଆହତ ଯୁବକ ସନ୍ତୋଷ ନିମାଇଁଙ୍କୁ ପୋଲିସ ଉଦ୍ଧାର କରି ନେଉଛି।








ଦୁଇ ଆଇନଜୀବୀ ଗୋଷ୍ଠୀ ମୁହାଁମୁହିଁ ହେବା ସମୟରେ ନୀରବଦ୍ରଷ୍ଟା ସାଜିଥିବା ପୋଲିସ।

## ଆଇନଜୀବୀ ଆନ୍ଦୋଳନ ନେଇ ଜୋର୍ ଧରିଲା ରାଜନୀତି

# ରାଜ୍ୟ ସରକାରଙ୍କୁ ବିରୋଧୀଙ୍କ ଟାର୍ଗେଟ



କଂଗ୍ରେସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ତାରାପ୍ରସାଦ ବାହିନୀପତି ରାଜ୍ୟ ସରକାରଙ୍କ ବିରୋଧରେ କହୁଛନ୍ତି।

ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)

ରାଜ୍ୟରେ ପ୍ରାୟ ଦୁଇ ମାସ ହେବ ଚାଲିଥିବା ଓକିଲ ଆନ୍ଦୋଳନରେ ଏବେ ନୂଆ ମୋଡ ଆସିଛି। ଓକିଲ ଗୋଷ୍ଠୀ ବର୍ତ୍ତମାନ ଦୁଇଭାଗରେ ପରିଣତ ହୋଇଯାଇଛନ୍ତି। ରବିବାର ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସମ୍ପୃକ୍ତ ଆଇନଜୀବୀମାନେ ଆନ୍ଦୋଳନରୁ ଓହରି ସୋମବାର କାର୍ଯ୍ୟରେ ଯୋଗଦେବାକୁ ଯିବାବେଳେ ହାଇକୋର୍ଟ ପରିସରରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଛି। ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଆନ୍ଦୋଳନକୁ ମଧ୍ୟ ତୀବ୍ରତର କରାଯାଇଛି। ଅନ୍ୟପଟେ ଏହାକୁ ନେଇ ରାଜନୈତିକ ବାକ୍‌ଯୁଦ୍ଧ ମଧ୍ୟ ଆରମ୍ଭ ହୋଇଯାଇଛି। ଆସନ୍ତା ୨ତାରିଖ ସୁଦ୍ଧା ରାଜ୍ୟ ସରକାର ଏହାର ସମାଧାନ କରନ୍ତୁ ନଚେତ୍ କଂଗ୍ରେସ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ ଅପାରଗ କହି ତୀବ୍ର ସମାଲୋଚନା କରିଛନ୍ତି। କଂଗ୍ରେସ ମୁଖ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ, ଓକିଲମାନଙ୍କ ଆନ୍ଦୋଳନ ୨ମାସ ଧରି ଚାଲିବା କାରଣରୁ ରାଜ୍ୟବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଲେଣି। ଛୋଟମୋଟ ମାମଲାରେ ଗିରଫ ହୋଇ ଜେଲ୍ ଯାଇଥିବା ଲୋକମାନେ ବେଲ୍ ପାଇପାରୁ ନାହାନ୍ତି। ରାଜ୍ୟର ବିଚାର ବିଭାଗ ଅଚଳ ଏବଂ ସ୍ଥାଣୁ ପାଲଟିଗଲାଣି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାୟୀ। ଗୃହ ବିଭାଗ ଏବଂ ଆଇନ୍ ବିଭାଗର ଦାୟିତ୍ୱହୀନତା କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସୋମବାର ହାଇକୋର୍ଟ ପରିସରରେ ବିଜେଡି ଏବଂ ଭାଜପା ଦଳ ମଧ୍ୟରେ ମାରପିଟ ହେଲା। ରାଜ୍ୟ ସରକାର ଗଣତନ୍ତ୍ରର ହତ୍ୟା କରୁଛନ୍ତି। ଓକିଲମାନଙ୍କୁ ରାଜନୈତିକ ବିଚ୍ଛେଦ ଭିତରକୁ ଟାଣିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଜେଡି ଲିଗାଲ ସେଲ୍ ଅତ୍ୟନ୍ତ ଅପରିପକ୍ୱ ବ୍ୟବହାର ପ୍ରଦର୍ଶନ କରିଛି। ଆସନ୍ତା ୨ ତାରିଖ ସୁଦ୍ଧା ରାଜ୍ୟ ସରକାର ଓକିଲମାନଙ୍କ ସହ ବସି ସମାଧାନର ରାସ୍ତା ନ କାଢିଲେ କଂଗ୍ରେସ ରାଜ ରାସ୍ତାକୁ ଓହ୍ଲାଇବ ବୋଲି ତାରା ଚେତାବନୀ ଦେଇଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଏହା ଏକ ବଡ ଦୁଃଖଦାୟକ ଘଟଣା। ଦୀର୍ଘ ଦିନ ଧରି ହାଇକୋର୍ଟ ବନ୍ଦ ରହିଛି। ଆମେ ବାରମ୍ବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏଥିରେ ହସ୍ତକ୍ଷେପ କରି ଘଟଣାର ସମାଧାନ କରିବାକୁ ଅନୁରୋଧ କରୁଛୁ। ବିଜେଡି ଲିଗାଲ୍ ସେଲ୍ ଏଥିରେ ମତ ପରିବର୍ତ୍ତନ କରି ବିଶୃଙ୍ଖଳା କରିବା ଦୁର୍ଭାଗ୍ୟଜନକ। ଓଡିଶାରେ ଏବେ ଶାସନ ଚାଲିବା ଭଳି ମନେହେଉ ନାହିଁ। ହାଇକୋର୍ଟ ବନ୍ଦ, ସ୍କୁଲ, କଲେଜ ବନ୍ଦ। ଏଠି ତେବେ କିଭଳି ଶାସନ ଚାଲିଛି। ମୁଖ୍ୟମନ୍ତ୍ରୀ ନୀରବଦ୍ରଷ୍ଟା ନ ସାଜି ତୁରନ୍ତ ଏହାର ସମାଧାନ କରନ୍ତୁ ବୋଲି ନିରଞ୍ଜନ କହିଛନ୍ତି। ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ଓକିଲମାନଙ୍କ ଏତେଦିନ ଆନ୍ଦୋଳନ ପରେ ରାଜ୍ୟ ସରକାର ଏହାର ସମାଧାନ କରିବା ବଦଳରେ ସେମାନଙ୍କ ମଧ୍ୟରେ ଫାଟ ସୃଷ୍ଟି କରିଛନ୍ତି। ଆଜିର ବିବାଦ ପାଇଁ ସମ୍ପୂର୍ଣ୍ଣରୂପେ ସରକାର ଦାୟୀ। ଓକିଲମାନଙ୍କ ବିବାଦ ସମାଧାନ କରିବାରେ ବିଫଳ ହେବାପରେ ସରକାର ହିଂସା ପରାୟଣ ହୋଇଛନ୍ତି। ହାଇକୋର୍ଟ ପରିସରରେ ବିବାଦ ଚାଲିଥିବାବେଳେ ବିଜୁ ଯୁବ ବାହିନୀ ସଦସ୍ୟ କିଛି ଓକିଲଙ୍କୁ ଆକ୍ରମଣ କରିଥିବା ସମୀର ଅଭିଯୋଗ କରିଛନ୍ତି। ଯଦି ସରକାର ଓକିଲମାନଙ୍କ ମଧ୍ୟରେ ଏକତା ବଜାୟ ରଖିବାକୁ ଚାହୁଁଛନ୍ତି ତେବେ ତୁରନ୍ତ ଆନ୍ଦୋଳନର ସ୍ଥାୟୀ ସମାଧାନ କରନ୍ତୁ ବୋଲି ସମୀର କହିଛନ୍ତି। ବରିଷ୍ଠ ନେତା ବିଜୟ ମହାପାତ୍ର ପାଲଟା ଓକିଲମାନଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ, ଓଡିଶା ହାଇକୋର୍ଟର ଗରିମା ଓ ମର୍ଯ୍ୟାଦା ରହିଛି। ଏହାକୁ ବଞ୍ଚାଇ ରଖିବା ହେଉଛି ସବୁ ବର୍ଗର ଓକିଲମାନଙ୍କ ଦାୟିତ୍ୱ। ମାତ୍ର ସବୁ କଥାର ସୀମା ଟପିଲାଣି। କାଳବିଳମ୍ବ ନ କରି ଏହି ଘଟଣାର ସମାଧାନ କରିବା ପାଇଁ ରାଜ୍ୟ ଆଇନମନ୍ତ୍ରୀ ଏବଂ ସଚିବ ଓକିଲମାନଙ୍କ ସହ ଆଲୋଚନା କରନ୍ତୁ ବୋଲି ମହାପାତ୍ର କହିଛନ୍ତି। ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି ଯେ, ସେଠାରେ ବିଜୁ ଯୁବ ବାହିନୀ ସଦସ୍ୟ ଯିବା କଥା ଉଠାଇ ଭାଜପା ଘଟଣାର ରାଜନୀତୀକରଣ କରୁଛି। ସୋମବାର ସେଠାକୁ କେତେଜଣ ଆଇନଜୀବୀ, ଲ କଲେଜ ଛାତ୍ର ଏବଂ ଅନ୍ୟ କିଛି ଛାତ୍ର ଯାଇଥିଲେ। ତାହା ମଧ୍ୟରେ ବିଜୁ ଯୁବ ବାହିନୀ କଥା କାହିଁକି ଯୋଡାଯାଉଛି। ଭାଜପା ଏଭଳି କହି ରାଜନୀତି କରୁଛି। ଓକିଲଙ୍କ ଆନ୍ଦୋଳନ ପଛରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହାତଥିବା ପ୍ରତାପ ଅଭିଯୋଗ କରଛନ୍ତି।

# କ'ଣ କୁହନ୍ତି ଏମାନେ...

ଆଇନଜୀବୀ ଆନ୍ଦୋଳନ ଏବେ ରାଜ୍ୟରେ ପ୍ରମୁଖ ପ୍ରସଙ୍ଗ ପାଲଟିଛି। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର ଏକ ସ୍ୱତନ୍ତ୍ର ଗରିମା ରହିଛି। ମାତ୍ର ଏବେ ଆଇନଜୀବୀମାନଙ୍କ ମଧ୍ୟରେ ବିବାଦ ହାଇକୋର୍ଟ ଇତିହାସରେ ପ୍ରଥମ ଘଟଣା ପାଲଟିଛି। ଏହି ଘଟଣାକୁ ନେଇ ସାଧାରଣରେ ମତାମତ ଲୋଡାଯାଇଥିଲା।

### ବିଜେଡିକୁ ଅଯଥାରେ ନିନ୍ଦିତ କରିବାକୁ ଚେଷ୍ଟା କରାଯାଉଛି



ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ରାଜ୍ୟବାସୀ ନ୍ୟାୟିକ ସୁବିଧା ପାଇପାରୁ ନ ଥିବାରୁ ବିଜେଡି ଲିଗାଲ ସେଲ କାର୍ଯ୍ୟରେ ଯୋଗଦେବାକୁ ନିଷ୍ପତ୍ତି ନେଇଥିଲା। ଏହି ନିଷ୍ପତ୍ତିରେ ବିଜେଡିର କିଛି ଭୂମିକା ନାହିଁ। ରାଜ୍ୟବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଲିଗାଲ ସେଲ ନେଇଥିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଠିକ୍। ଏହି ଘଟଣାରେ ବିଜେଡି ରାଜନୀତି କରୁଛି ବୋଲି ଯେଉଁମାନେ କହୁଛନ୍ତି ସେମାନେ ଅଯଥାରେ ବିଜେଡିକୁ ନିନ୍ଦିତ କରିବାକୁ ଚେଷ୍ଟା କରୁଛନ୍ତି।

–ଦେବାଶିଷ ସାମନ୍ତରାୟ, ବିଧାୟକ

### ସରକାର ହାଇକୋର୍ଟଙ୍କୁ କାର୍ଯ୍ୟକ୍ଷମ କରାନ୍ତୁ



ସରକାର ଧୃତରାଷ୍ଟ୍ର ଭୂମିକାରେ ନ ରହି ଦିବ୍ୟଦ୍ରଷ୍ଟା ସଞ୍ଜୟଙ୍କ ଭୂମିକାକୁ ଓହ୍ଲାଇବା ଦରକାର। ରାଜ୍ୟରେ ଆଇନସେବା ଠପ ହୋଇଯାଇଛି। ଜନଗଣଙ୍କ ବୃହତ୍ତର ସ୍ୱାର୍ଥକୁ ଆଖିଆଗରେ ରଖି ଓକିଲ ବିବାଦର ସମାଧାନ କରି ହାଇକୋର୍ଟକୁ କାର୍ଯ୍ୟକ୍ଷମ କରିବା ଉଚିତ।

– ବଦ୍ରିନାରାୟଣ ଦାସ, ସମ୍ପାଦକ, ସିପିଆଇଏମ୍, କଟକ ଜିଲା

### ରାଜନୀତି ନ ପଶୁ



ଓକିଲଙ୍କ ଆନ୍ଦୋଳନରେ ରାଜନୀତି ପଶିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରାଜନୈତିକ ଊର୍ଦ୍ଧ୍ୱରେ ରହି ଏହାର ସମାଧାନ ହେବା ଉଚିତ। ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରିବା ଆବଶ୍ୟକ।

– ଶୁଭେନ୍ଦୁ ମହାନ୍ତି, ଯୁବନେତା, କଟକ

### ପୋଲିସ ପ୍ରତି ସରକାର କାହିଁକି କୋହଳ



ମାତ୍ର ୪ରୁ ୫ ଜଣ ପୋଲିସଙ୍କ ପାଇଁ ଆଜି ଏଭଳି ପରିସ୍ଥିତି। ସାଧାରଣରେ ଜଣେ ଓକିଲଙ୍କୁ ପୋଲିସ ଯେଉଁଭଳି ମାଡ଼ ମାରିଲା ତାହା ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ବିଡମ୍ବନା। ଆଇନଶୃଙ୍ଖଳା ରକ୍ଷା ଦାୟିତ୍ୱରେ ଥିବା ଖାକି ପୋଷାକଧାରୀମାନେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି। ତେଣୁ ଦୋଷୀ ପୋଲିସମାନଙ୍କୁ ତୁରନ୍ତ ଗିରଫ କରି ଏହି ବିବାଦରେ ଅନ୍ତ ଘଟାଇବା ପାଇଁ ସରକାର ଆଗଭର ହୁଅନ୍ତୁ।

– ଶର୍ମିଷ୍ଠାରାଣୀ ନନ୍ଦ, ସାମାଜିକ କର୍ମୀ

### ଲୋକଙ୍କ ସ୍ୱାର୍ଥ ଉପରେ ଗୁରୁତ୍ୱ ଦିଆଯାଉ



ଉଭୟ ଓକିଲ ଓ ସରକାର ଏଥିପ୍ରତି ଯତ୍ନବାନ ହୁଅନ୍ତୁ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଆଇନ ସେବା ପାଇବା ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର। ମାତ୍ର ୨ ମାସ ହେବ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଲୋକେ ନାନା ହଇରାଣ ହରକତ ହେଉଛନ୍ତି। ତେଣୁ ଲୋକଙ୍କ ସ୍ୱାର୍ଥ ଉପରେ ଗୁରୁତ୍ୱ ଦେଇ ଏହାର ସମାଧାନ କରାଯିବା ଏକାନ୍ତ ଆବଶ୍ୟକ।

– ରାଧାମାଧବ ଦାସ, ଆଇନ ଛାତ୍ର, ମଧୁସୂଦନ ଆଇନ ମହାବିଦ୍ୟାଳୟ

### ସମାଧାନର ବାଟ ବାହାର କରିବା ଉଚିତ



ଗଣତନ୍ତ୍ର ରାଷ୍ଟ୍ରରେ ନ୍ୟାୟ ଲାଗି ଆନ୍ଦୋଳନ କରିବା ଅଧିକାର ସମସ୍ତଙ୍କର ରହିଛି। ଯଦି ଏହା ଦ୍ୱାରା ସାଧାରଣ ଜନତା ଉପେକ୍ଷିତ ହୁଅନ୍ତି, ତେବେ ଆନ୍ଦୋଳନକାରୀ ଏଥିପ୍ରତି ଚିନ୍ତନ କରିବା ଆବଶ୍ୟକ। ଦୁଇ ମାସ ହେଲାଣି ଆଇନଜୀବୀଙ୍କ ଆନ୍ଦୋଳନ ଚାଲିଛି। ଏହାଦ୍ୱାରା ଜନତା ହଇରାଣ ହେଉଛନ୍ତି। ଏନେଇ ରାଜ୍ୟ ସରକାର ତୁରନ୍ତ ଆଇନଜୀବୀମାନଙ୍କ ସହ ଆଲୋଚନା କରିବା ଆବଶ୍ୟକ। ଏହାର ସମାଧାନର ବାଟ ବାହାର କରିବା ଉଚିତ। କୋର୍ଟ କାର୍ଯ୍ୟ ବନ୍ଦ ହେବା ଦ୍ୱାରା କେବଳ ଜନତା ନୁହଁନ୍ତି ସରକାରୀ କାର୍ଯ୍ୟ ମଧ୍ୟ ବନ୍ଦ ରହିଛି।

– ସୂର୍ଯ୍ୟ ନାରାୟଣ ରଥ, ସାମାଜିକ କର୍ମୀ, ପୁରୀ

### ଆନ୍ଦୋଳନର ଆବଶ୍ୟକତା ରହିଛି



ଏହା ଏକ ସ୍ପର୍ଶକାତର ବିଷୟ। ଶାସକ ଦଳ ନେତାଙ୍କୁ ଅଣ୍ଡାମାଡ଼ ହେଲେ ୩୦୭ ଦଫା ଲାଗୁଛି। ପୋଲିସ ମାଡ଼ରେ ଲହୁଲୁହାଣ ହୋଇଥିବା ଆଇନଜୀବୀଙ୍କ କ୍ଷେତ୍ରରେ କୋହଳ ଦଫା କାହିଁକି? ଏହାର ସମାଧାନ ଲାଗି ସରକାର ଚାହୁଁ ନାହାନ୍ତି। ଆଇନଜୀବୀଙ୍କ ପ୍ରତି ହୋଇଥିବା ଅନ୍ୟାୟ ବରଦାସ୍ତ କରାଯିବ ନାହିଁ। ଏଭଳି ଘଟଣା ବାରମ୍ବାର ଘଟୁଛି। ଅଥଚ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଆଇନଜୀବୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ଆନ୍ଦୋଳନର ଆବଶ୍ୟକତା ରହିଛି।

– ବିଶ୍ୱଭୂଷଣ ବାରିକ, ଆଇନଜୀବୀ, ପୁରୀ

### ଆଇନଜୀବୀ ମାନେ ଚିନ୍ତା କରିବା ଉଚିତ



ଦୁଇ ମାସ ଧରି କୋର୍ଟ କାର୍ଯ୍ୟ ବନ୍ଦ ରହିଛି। ଆଇନଜୀବୀଙ୍କ ଆନ୍ଦୋଳନ ଯୋଗୁ ସାଧାରଣ ଜନତା ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୈତିକତା ଦୃଷ୍ଟିରୁ ଆଇନଜୀବୀମାନେ ଏଥିପ୍ରତି ଚିନ୍ତା କରିବା ଉଚିତ। ଏହାଦ୍ୱାରା ସେମାନେ ମଧ୍ୟ କ୍ଷତିଗ୍ରସ୍ତ ହେଉଛନ୍ତି। ଆଗାମୀ ଦିନରେ ଆଇନଜୀବୀମାନେ ସାଧାରଣ ଜନତାଙ୍କ ଆସ୍ଥା ଓ ବିଶ୍ୱାସ ମଧ୍ୟ ହରାଇ ବସିବେ। ସମୂହ ସ୍ୱାର୍ଥ ଦୃଷ୍ଟିରୁ ଆଇନଜୀବୀମାନେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ସମାଧାନ ବାଟ ବାହାର କରିବା ଉଚିତ।

– ପ୍ରୀତିଶ ମହାନ୍ତ, ସାମାଜିକ କର୍ମୀ, ପୁରୀ



ଯେଉଁ ଲୋକ ଉଚ୍ଚୋଟ ବଳରେ ସବୁକିଛି କିଣିବାକୁ ଚେଷ୍ଟା କରେ, ଦିନେ ସେ ଦେଖିବ ଯେ ତା' ବିବେକଟି ମଧ୍ୟ ବିକ୍ରି ହୋଇଯାଇଛି।
- ମାର୍କୋ ପୋଲୋ





'ଦି ପ୍ରାଇଡ୍ ଆଣ୍ଡ ଗ୍ଲୋରି ଅଫ୍ ବାଲିଯାତ୍ରା'ର ଉଦ୍‌ଘାଟନୀ ଉତ୍ସବରେ ନୃତ୍ୟ ପରିବେଷଣ କରୁଛନ୍ତି ଇଣ୍ଡୋନେସିଆର ଦୁଇ କଳାକାର।

### 'ଦି ପ୍ରାଇଡ୍ ଆଣ୍ଡ ଗ୍ଲୋରି ଅଫ୍ ବାଲିଯାତ୍ରା' ଉଦ୍‌ଘାଟିତ

# ଓଡ଼ିଶାର କଳା, ସଂସ୍କୃତି ଇଣ୍ଡୋନେସିଆକୁ ସମୃଦ୍ଧ କରିଛି

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)



ଅନ୍ୟ ଅତିଥିଙ୍କ ଗହଣରେ ଇଣ୍ଡୋନେସିଆ ପର୍ଯ୍ୟଟନ ମନ୍ତ୍ରୀ କୋମଙ୍ଗ ମହାବୀର(ମଝି)।

ପ୍ରାଚୀନ କଳିଙ୍ଗ ଏବଂ ସୁଦୂର ଇଣ୍ଡୋନେସିଆର ବାଲିଦ୍ୱୀପ ମଧ୍ୟରେ ଥିବା ନୌବାଣିଜ୍ୟ ଇତିହାସ ଅନେକ ପ୍ରଥା ଓ ପରମ୍ପରାର ବାହକ। ଓଡ଼ିଶାର ପ୍ରାଚୁର୍ଯ୍ୟ ଇତିହାସ ଓ ନୌବାଣିଜ୍ୟ ପରମ୍ପରାର ଏହା ମୂକସାକ୍ଷୀ। ଯେଉଁ ପରମ୍ପରାକୁ ଚିରଦିନ ପାଇଁ ଲୋକଙ୍କ ମନରେ ଉଜ୍ଜୀବିତ କରି ରଖିବାକୁ ଆଜି ପାଳନ ହେଉଛି ବିଶ୍ୱପ୍ରସିଦ୍ଧ ବାଲିଯାତ୍ରା। ଓଡ଼ିଶାର ନୌବାଣିଜ୍ୟ ଇତିହାସ ଏବଂ ଇଣ୍ଡୋନେସିଆର ବାଲି ସହିତ ଥିବା ଆମର ବାଣିଜ୍ୟିକ ସମ୍ପର୍କକୁ ନେଇ ପ୍ରତିବର୍ଷ ଏହି ଲୋକପ୍ରିୟ ଉତ୍ସବ ପାଳନ କରାଯାଉଥିବା ବେଳେ ଏହାକୁ ଆଉ ପାଦେ ଆଗକୁ ନେଇ 'ଦି ପ୍ରାଇଡ୍ ଆଣ୍ଡ ଗ୍ଲୋରି ଅଫ୍ ବାଲିଯାତ୍ରା' ଭୁବନେଶ୍ୱରଠାରେ ଉଦ୍‌ଘାଟିତ ହୋଇଯାଇଛି। 'ରିସୋର୍ସ ଇଣ୍ଡିକା: ରୁଟ୍‌ସ ଆଣ୍ଡ ରିଭିଲେସନ୍ସ' ପକ୍ଷରୁ ଏମ୍ବାସି ଅଫ୍ ଦି ରିପବ୍ଲିକ୍ ଇଣ୍ଡୋନେସିଆର ସହଯୋଗରେ ଆୟୋଜିତ ଏହି ଉତ୍ସବ ସୋମବାର ସ୍ଥାନୀୟ ଏକ ହୋଟେଲରେ ଆରମ୍ଭ ହୋଇଛି।

ଆସନ୍ତା ନଭେମ୍ବର ୩ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବର ଉଦ୍‌ଘାଟନୀ ସମାରୋହରେ ଇଣ୍ଡୋନେସିଆ ପର୍ଯ୍ୟଟନ ମନ୍ତ୍ରୀ କୋମଙ୍ଗ ମହାବୀର ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ, ବାଲିଯାତ୍ରା ଭଳି ଏକ ମହାନ୍ ପରମ୍ପରାରେ ଇଣ୍ଡୋନେସିଆ ଅଂଶ ହୋଇପାରିଥିବାରୁ ନିଜକୁ ଗର୍ବିତ ଅନୁଭବ କରୁଛି। ଓଡ଼ିଶା ଏଭଳି ଏକ ରାଜ୍ୟ, ଯାହାର ଉତ୍କୃଷ୍ଟ କଳା, ସଂସ୍କୃତି ଓ ପରମ୍ପରା ଇଣ୍ଡୋନେସିଆକୁ ଅନେକାଂଶରେ ସମୃଦ୍ଧ କରିଛି। ଏହି ଉତ୍ସବ ଇଣ୍ଡୋନେସିଆରେ ଭାରତୀୟ ସଂସ୍କୃତିର ପ୍ରଭାବ ସମ୍ପର୍କରେ ପ୍ରଚାର ପ୍ରସାର କରିପାରିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ରିସୋର୍ସ ଇଣ୍ଡିକାର ନିର୍ଦ୍ଦେଶକ ସୁଦୀପ ସେନ୍ ଯୋଗଦେଇ କହିଥିଲେ, 'ଦି ପ୍ରାଇଡ୍ ଆଣ୍ଡ ଗ୍ଲୋରି ଅଫ୍ ବାଲିଯାତ୍ରା' ବାଲିଯାତ୍ରାର ବ୍ୟବସାୟ ଏବଂ ଅନୁଭୂତିକୁ ପୁଣିଥରେ ମନେ ପକାଇବାର ଏକ ପ୍ରୟାସ। ଏହା ଭାରତୀୟମାନଙ୍କୁ ପୁଣିଥରେ ଇଣ୍ଡୋନେସିଆ ଦେଖିବାର ସୁଯୋଗ ଦେବ, ଯାହାକି ଉପନିବେଶବାଦ ସମୟରେ ଇଷ୍ଟ ଇଣ୍ଡିଜ୍ ବା ଗ୍ରେଟର ଇଣ୍ଡିଆ ନାମରେ ପରିଚିତ ଥିଲା। ଅତୀତରେ ସାଧବ ପୁଅ ବା ଓଡ଼ିଆ ନୌବାଣିଜ୍ୟ ଯାତ୍ରୀମାନେ ବର୍ଷକୁ ଥରେ ବାଲିଯାତ୍ରା କରିବାର ଇତିହାସ ରହିଛି। ଏହି ନୌବାଣିଜ୍ୟ ପ୍ରଥା ଦକ୍ଷିଣ ଏସିଆରେ ଭାରତୀୟ ସଂସ୍କୃତିର ପ୍ରଭାବ ପକାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ସେ କହିଥିଲେ। ଏହି ଅବସରରେ ପରିବେଷିତ ଇଣ୍ଡୋନେସିଆ ଓ ବାଲିର ପାରମ୍ପରିକ ବାଲିନିଜ୍ ନୃତ୍ୟ ମୁଖ୍ୟ ଆକର୍ଷଣ ସାଜିଥିଲା। ସେହିଭଳି ସ୍ୱତନ୍ତ୍ର ଫଟୋ ପ୍ରଦର୍ଶନୀ ଆୟୋଜିତ ହେବା ସହ କଫି ଟେବଲ୍ ବୁକ୍ ଏବଂ ଡକ୍ୟୁମେଣ୍ଟାରୀ ଫିଲ୍ମ ମଧ୍ୟ ପ୍ରଦର୍ଶିତ ହୋଇଥିଲା।

**ଇଣ୍ଡୋନେସିଆକୁ ସ୍ୱତନ୍ତ୍ର ହେରିଟେଜ୍ ଟୁର୍ ପ୍ୟାକେଜ୍‌ର ଶୁଭାରମ୍ଭ**

ଏଥିସହ ଇଣ୍ଡୋନେସିଆକୁ 'ପ୍ରାଇଡ୍ ଆଣ୍ଡ ଗ୍ଲୋରି ଅଫ୍ ବାଲିଯାତ୍ରା ହେରିଟେଜ୍ ଟୁର୍' ପ୍ୟାକେଜ୍‌ର ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମ ସ୍ଥଳରେ ବାଲିନିଜ୍ ଫୁଡ୍ ଫେଷ୍ଟିଭାଲ ଆୟୋଜିତ ହୋଇଥିଲା, ଯେଉଁଥିରେ ଇଣ୍ଡୋନେସିଆ ଓ ବାଲିରୁ ଆସିଥିବା ସେଫ୍‌ମାନେ ସେଠାକାର ପାରମ୍ପରିକ ଖାଦ୍ୟ ପରଷିଥିଲେ।

୨୦୧୩ ନଭେମ୍ବରରେ କଟକ ବାଲିଯାତ୍ରାରେ ଏହି ପ୍ରକଳ୍ପର ଶୁଭାରମ୍ଭ କରାଯାଇଥିଲା। ଓଡ଼ିଶା ଷ୍ଟେଟ୍ ମ୍ୟାରିଟାଇମ୍ ମ୍ୟୁଜିୟମ୍, ଇନ୍‌ଟାକ୍ ଏବଂ ଇଣ୍ଡୋନେସିଆ ପର୍ଯ୍ୟଟନ ସହଯୋଗରେ ଏହା ଅନୁଷ୍ଠିତ ହୋଇଥିଲା। ପରେ ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ କଲ୍‌ଚରାଲ ରିଲେସନ୍ସ, ଏସିଆଟିକ୍ ସୋସାଇଟି, ଇନ୍‌ଟାକ୍, ନୂଆଦିଲ୍ଲୀରେ ଅବସ୍ଥାପିତ ଏମ୍ବାସି ଅଫ୍ ଦି ରିପବ୍ଲିକ୍ ଇଣ୍ଡୋନେସିଆ ଏବଂ ଇଣ୍ଡୋନେସିଆ ପର୍ଯ୍ୟଟନ ପକ୍ଷରୁ ନୂଆଦିଲ୍ଲୀ, କୋଲ୍‌କାତା ଓ ବାଲିରେ ଏହି ପ୍ରକଳ୍ପ ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଲୋମଶ ନାବାଳିକା ପାଇଲେ ନୂଆ ଚେହେରା

କଟକ ଅଫିସ,୨୯।୧୦

କଟକ ଏସ୍‌ସିବି ମେଡିକାଲରେ ପ୍ଲାଷ୍ଟିକ ସର୍ଜରୀ ଚିକିତ୍ସା ପରେ ଜଣେ ଲୋମଶ ନାବାଳିକା ପାଇଛନ୍ତି ନୂଆ ଚେହେରା। କଟକ ବୟାଳିଶିମୌଜା ଅଞ୍ଚଳର ଉକ୍ତ ନାବାଳିକାଙ୍କ ମୁହଁର କିଛି ଭାଗରେ ଲୋମ ମାଡିଥିବାରୁ ଚିନ୍ତିତ ଥିଲେ ତାଙ୍କ ପରିବାର ଲୋକେ। ଏମିତିକି ମୁହଁରେ ଲୋମ ମାଡିଯାଇ କଦାକାର ଦେଖାଯାଉଥିବାରୁ ନାବାଳିକା ଜଣକ ସ୍କୁଲ ଯିବାକୁ ଅମଙ୍ଗ ହେଉଥିଲେ ବୋଲି ତାଙ୍କ ମା' କହିଛନ୍ତି। ନାବାଳିକାଙ୍କ ବାପା ମାନସିକ ରୋଗୀ ହୋଇଥିବାରୁ ଝିଅର ଚିକିତ୍ସା ପାଇଁ ମା' ସକ୍ଷମ ନ ଥିଲେ। ପରବର୍ତ୍ତୀ ସମୟରେ ଏହି ଖବର ଜିଲା ଆଇନସେବା ପ୍ରାଧିକରଣ ପାଇବା ପରେ ନାବାଳିକାଙ୍କୁ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲରେ ଗତ ୨୪ ସେପ୍ଟେମ୍ବରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ସମୟରେ ଆଇନ ସେବା ପ୍ରାଧିକରଣ ପକ୍ଷରୁ ପାରାଲିଗାଲ ଭଲ୍ୟୁଣ୍ଟର ବିଭୂତି ଭୂଷଣ ରାୟଙ୍କୁ ନାବାଳିକାଙ୍କ ପାଖରେ ନିୟୋଜିତ କରାଯାଇଥିଲା। ଏସ୍‌ସିବି ପ୍ଲାଷ୍ଟିକ ସର୍ଜରୀ ବିଭାଗର ଡାକ୍ତର ବିଭୂତି ଭୂଷଣ ନାୟକଙ୍କ ତତ୍ତ୍ୱାବଧାନରେ ନାବାଳିକାଙ୍କ ମୁହଁରୁ ସମ୍ପୂର୍ଣ୍ଣ ଲୋମ କଢାଯାଇଛି। ସେ ସୁସ୍ଥ ହୋଇ ସୋମବାର ଏସ୍‌ସିବିରୁ ଡିସଚାର୍ଜ ହୋଇଛନ୍ତି।

### ହକି ବିଶ୍ୱକପ୍‌କୁ ଆକୃଷ୍ଟ ପାଇଁ

# ଡିସେମ୍ବରରେ ପୁରୀରେ ସିଟି ଫେଷ୍ଟିଭାଲ

ପୁରୀ ଅଫିସ,୨୯।୧୦

- ୩ ଦିନ ନାଚ, ଗୀତରେ କମ୍ପିବ ବେଳାଭୂମି
- ମୁମ୍ବାଇରୁ ଆସିବେ କଳାକାର
- ୫ ହଜାର ଦର୍ଶକ ବସିବା ଲାଗି ହେବ ବ୍ୟବସ୍ଥା

ଆସନ୍ତା ନଭେମ୍ବର ୨୮ରୁ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ପୁରୁଷ ହକି ବିଶ୍ୱକପ। ଦେଶ ବିଦେଶରୁ ପର୍ଯ୍ୟଟକ ଏବଂ ହକିପ୍ରେମୀଙ୍କୁ ଆକୃଷ୍ଟ କରିବା ଲାଗି ରାଜ୍ୟ ସରକାର ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ତନ୍ମଧ୍ୟରୁ ସିଟି ଫେଷ୍ଟିଭାଲ ହେଉଛି ଅନ୍ୟତମ। ରାଜଧାନୀ ଭୁବନେଶ୍ୱର ସମେତ କଟକ ଏବଂ ପୁରୀରେ ଏହି ଫେଷ୍ଟିଭାଲ ଆୟୋଜନ ଲାଗି ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମର ରୂପରେଖ ସଂକ୍ରାନ୍ତରେ ବିଧିବଦ୍ଧ ଭାବେ କିଛି ଚୂଡ଼ାନ୍ତ ହୋଇ ନ ଥିବା ବେଳେ ସୋମବାର ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ବଲୱନ୍ତ ସିଂ (ଆଇଏଏସ୍) ପୁରୀ ଗସ୍ତରେ ଆସି ସିଟି ଫେଷ୍ଟିଭାଲ ନିମନ୍ତେ ଅନୁଧ୍ୟାନ କରିଛନ୍ତି। ଫେଷ୍ଟିଭାଲ ଆୟୋଜନ ଲାଗି ଜାଗା ବୁଲିବା ସହ ଏଥିରେ କିପରି ବହୁ ସଂଖ୍ୟାରେ ପର୍ଯ୍ୟଟକ ଓ ହକିପ୍ରେମୀ ଯୋଗଦେଇ ପାରିବେ ସେ ନେଇ ଜିଲାର ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ମିଳିଥିବା ସୂଚନା ମୁତାବକ, ଆପାତତଃ ଏହି ସିଟି ଫେଷ୍ଟିଭାଲ ଡିସେମ୍ବର ୯, ୧୦ ଓ ୧୧ ତାରିଖ ତିନିଦିନ ଧରି ପୁରୀ ବେଳାଭୂମିରେ ଅନୁଷ୍ଠିତ ହେବ। ମେ ଫେୟାର ହୋଟେଲ ପଛ ପାର୍ଶ୍ୱ ହୃଦୟ ଯୋଜନାରେ ହୋଇଥିବା ବାଙ୍କୀ ମୁହାଣ ପାର୍କ ଓ ତତ୍‌ସଂଲଗ୍ନ ଅଞ୍ଚଳରେ ଏହା ଆୟୋଜିତ ହେବ। ପ୍ରାୟ ୫,୦୦୦ ଦର୍ଶକ ବସିବା ଲାଗି ବ୍ୟବସ୍ଥା କରାଯିବ। ରାଜ୍ୟର ଲୋକପ୍ରିୟ କଳାକାର, କଣ୍ଠଶିଳ୍ପୀଙ୍କ ସହ ମୁମ୍ବାଇରୁ ମଧ୍ୟ କଳାକାରମାନେ ଏଥିରେ ଯୋଗଦେବା ଲାଗି ଯୋଜନା ପ୍ରସ୍ତୁତ ହେଉଛି। ବିଶେଷକରି ୩ ଦିନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ କମ୍ପିବ ପୁରୀ ବେଳାଭୂମି। ଭୁବନେଶ୍ୱରକୁ ହକି ବିଶ୍ୱକପ ଦେଖିବାକୁ ଆସିଥିବା ବିଭିନ୍ନ ଦେଶର କ୍ରୀଡ଼ାପ୍ରେମୀ, ପର୍ଯ୍ୟଟକ, କ୍ରୀଡ଼ାବିତ୍ ଏବଂ ସାଧାରଣ ଜନତା କିପରି ଏଥିପ୍ରତି ଅଧିକ ଆକୃଷ୍ଟ ହୋଇପାରିବେ ତାହା ଉପରେ ବିଶେଷ ଗୁରୁତ୍ୱ ଦେବେ ରାଜ୍ୟ ସରକାର। ଫେଷ୍ଟିଭାଲ ଲାଗି ବରିଷ୍ଠ ଆଇଏଏସ୍ ଅଧିକାରୀ ବଲୱନ୍ତ ସିଂ ବେଳାଭୂମି ବୁଲିବା ସମୟରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ଏନ୍‌ଫୋର୍ସ ଅଫିସର ଶ୍ୟାମସୁନ୍ଦର ମହାପାତ୍ର, ଜିଲା କ୍ରୀଡ଼ା ଅଧିକାରୀ ନାରାୟଣ ବେହେରା, ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।








@ ପ୍ରୀତିରଞ୍ଜନ



@ ଦୀପ୍ତିରଞ୍ଜନ



@ ବିଶ୍ୱଜିତ୍



@ ସୁରେନ୍ଦ୍ର



@ ସସ୍ମିତା



@ ମୃଦୁଳି



@ ଆଶ୍ରିତା



@ ଲକ୍ଷ୍ମୀନାରାୟଣ

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩୦ ଅକ୍ଟୋବର, ୨୦୧୮



ଯେଉଁମାନେ ଲୋକଙ୍କର ମଙ୍ଗଳ ପାଇଁ କାମ କରିଯାଉଥାନ୍ତି, ସେମାନେ କେବେହେଲେ ଅନ୍ୟମାନଙ୍କର ପ୍ରଶଂସା ପାଇଁ ଅପେକ୍ଷା ରଖନ୍ତି ନାହିଁ।
-ସିଡ୍ନୀ ସେଲଡନ୍



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ତ୍ରୁଟିପୂର୍ଣ୍ଣ ଆଟ୍ରୋସିଟି ଆଇନ ପ୍ରତ୍ୟାହାର ଦାବିରେ ଓବିସି ଓ ସାଧାରଣ ବର୍ଗ ପକ୍ଷରୁ ବିକ୍ଷୋଭ ଏବଂ ଭାରତ ବନ୍ଦ ପାଳନ, ହୋଟେଲ କ୍ରାଉନ୍ ନିକଟ, ସକାଳ ୭ଟା।
- ରୁଦ୍ରନାରାୟଣ ସେନା ପକ୍ଷରୁ ବିକ୍ଷୋଭ, ସିଆର୍‌ପି ଛକ, ସକାଳ ୭ଟା ୩୦।
- ଏବିଭିପି ପକ୍ଷରୁ ମିଶନ ସାହସୀ କାର୍ଯ୍ୟକ୍ରମ, ବରମୁଣ୍ଡା ପଡ଼ିଆ, ସକାଳ ୯ଟା।
- 'ନ୍ୟାଶନାଲ ବିଲ୍ଡିଂ କୋଡ୍ ଅଫ୍ ଇଣ୍ଡିଆ ୨୦୧୬' ଉପରେ ଦୁଇଦିନିଆ ଜାତୀୟ କର୍ମଶାଳା, ଦି ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ବନ ଉନ୍ନୟନ ନିଗମ ଅବସରପ୍ରାପ୍ତ ଅଧିକାରୀ/କର୍ମଚାରୀ କଲ୍ୟାଣ ସମିତିର ରାଜ୍ୟସ୍ତରୀୟ ସମ୍ମିଳନୀ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଇଲେକ୍ସନ ୱାଚ୍ ପକ୍ଷରୁ କର୍ମଶାଳା, ହୋଟେଲ କଳିଙ୍ଗ ଅଶୋକ, ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟଗୁଡ଼ିକରେ ସ୍ୱାସ୍ଥ୍ୟ, ପରିମଳ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଉପରେ ବୈଠକ, ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ସିଆର୍‌ପି, ବରମୁଣ୍ଡା, ପୂର୍ବାହ୍ନ ୧୦ଟା।
- ଏସ୍‌ଆଇସିସି ବିଜ୍‌ନେସ୍ କନ୍‌କ୍ଲେଭ-୨୦୧୮, ସାଇ ଇଣ୍ଟରନ୍ୟାଶନାଲ କଲେଜ ଅଫ୍ କମର୍ସ, ପୂର୍ବାହ୍ନ ୧୧ଟା।
- ଶହୀଦନଗର ସାମାଜିକ ସାଂସ୍କୃତିକ ପରିଷଦ ପକ୍ଷରୁ ୧୮ତମ ଗଜଲକ୍ଷ୍ମୀ ପୂଜା ସମାପନ ଓ ବିସର୍ଜନ, ଶହୀଦନଗରସ୍ଥିତ ପୂଜାମଣ୍ଡପ ନିକଟ, ପୂର୍ବାହ୍ନ ୧୧ଟା।
- 'ସୌରଜଳନିଧି' ଯୋଜନା ସହିତ ଏହାର ୱେବ୍ ପୋର୍ଟାଲ ଲୋକାର୍ପଣ, ସଚିବାଳୟର ତୃତୀୟ ମହଲା ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା ୪୫।
- ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା ପକ୍ଷରୁ ବାର୍ଷିକ ମୃତ୍ତିକା ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟନ, ପ୍ରଦର୍ଶନୀ ପଡ଼ିଆ, ସନ୍ଧ୍ୟା ୬ଟା।
- କସ୍ତୁରବା ନାରୀମହଲ ଆନୁକୂଲ୍ୟରେ କୁମାର ଉତ୍ସବ ଓ ନାରୀମହଲ ବାର୍ଷିକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ଫ୍ରେଣ୍ଡସ୍ କ୍ଲବ ଲକ୍ଷ୍ମୀପୂଜା ସମିତି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ୟୁନିଟ୍-୯, ଫ୍ରେଣ୍ଡସ୍ କ୍ଲବ ପଡ଼ିଆ, ସନ୍ଧ୍ୟା ୬ଟା।
- ଭାରତୀୟ ବିପଣନ କେନ୍ଦ୍ର ଓ ସ୍ୱଦେଶୀ ଜାଗରଣ ମଞ୍ଚ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ସ୍ୱଦେଶୀ ମେଳା, କ୍ଲବ ଟାଉନ୍ ପଡ଼ିଆ, ପଟିଆ, ସନ୍ଧ୍ୟା ୬ଟା।
- ଗୁରୁ ପଙ୍କଜ ଓଡ୍ର ସଂସ୍କୃତି ଏକାଡେମୀ ପକ୍ଷରୁ ଆଦି ଗୁରୁ ପଙ୍କଜ ଚରଣ ଦାସ ପୁରସ୍କାର ପ୍ରଦାନ ଉତ୍ସବ ଉଦ୍‌ଘାଟନ, ଭଞ୍ଜ କଳାମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ସୁକନ୍ୟା ଭାରତୀୟ ସାଂସ୍କୃତିକ ଟ୍ରଷ୍ଟର ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରାମେଶ୍ୱର ସମ୍ମାନ ପ୍ରଦାନ ଉତ୍ସବ, ମହାଲକ୍ଷ୍ମୀ ପୂଜା କମିଟି, ମାଉସୀ ମା' ଛକ, ରାମେଶ୍ୱର ପାଟଣା, ରାତି ୭ଟା ୩୦।

# ବନ୍ଦ ଘରେ ନାବାଳିକାଙ୍କୁ ବଳାତ୍କାର

- ଦୁଇଦିନ ପରେ ବି ଅଭିଯୁକ୍ତଙ୍କୁ ଧରୁନି ପୋଲିସ
- ସହଯୋଗ କରିଥିବା ଭିଣୋଇ ଅଟକ
- ମାମଲାକୁ ଚାପି ଦେବାକୁ ଉଦ୍ୟମ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ନୟାପଲ୍ଲୀ ଥାନା ସାଲିଆସାହି ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ସ୍ୱର୍ଣ୍ଣକାତର ଘଟଣାକୁ ଦୁଇଦିନ ବିତିଯାଇଥିବାବେଳେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରିନି। ତେବେ ଏଥିରେ ସହଯୋଗ କରିଥିବା ଭିଣୋଇଙ୍କୁ ସୋମବାର ଥାନାରେ ଅଟକ ରଖି ପଚରାଉଚରା କରୁଥିବାବେଳେ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରିଛି। ଏନେଇ ମାମଲା ନଂ.୪୯୧/୧୮ ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନାଧିକାରୀ ଉମାକାନ୍ତ ପ୍ରଧାନ କହିଛନ୍ତି। ଅନ୍ୟପକ୍ଷରେ ପୋଲିସର ତଦନ୍ତକୁ ନେଇ ପୀଡ଼ିତାଙ୍କ ପରିବାର ଲୋକେ ପ୍ରଶ୍ନ ଉଠାଇଛନ୍ତି। ମାମଲାକୁ ଚାପି ଦେବାକୁ ଉଦ୍ୟମ ହେଉଥିବା ସେମାନେ କହିଛନ୍ତି। ଏପଟେ ଲୋକଲଜ୍ଜ୍ୟା ଭୟରେ ପୀଡ଼ିତା ଜଣକ ଘରୁ ବାହାରି ପାରୁନାହାନ୍ତି। ସାହିଲୋକେ ତାଙ୍କ ସହ ପରିବାର ଲୋକଙ୍କୁ ଟାହି ଟାପରା କରୁଥିବା ପୀଡ଼ିତା ଜଣକ କହିଛନ୍ତି।

ମାମଲାରୁ ପ୍ରକାଶ, ନାବାଳିକାଙ୍କ ପରିବାର ଲୋକେ କୌଣସି କାମରେ ବାହାରକୁ ଯାଇଥିଲେ। ଶନିବାର ରାତି ପ୍ରାୟ ୭ଟାରେ ନାବାଳିକା ଜଣକ ଘରେ ଏକୁଟିଆ ଥିବାବେଳେ ସାଲିଆସାହି ନୀଳଚକ୍ରନଗର ଅଞ୍ଚଳରେ ରହୁଥିବା ଗଞ୍ଜାମର ଟୁକୁନା ନାୟକ ଓ ତାଙ୍କ ଭିଣୋଇ ସେଠାରେ ପହଞ୍ଚିଥିଲେ। ଟୁକୁନା ଘର ଭିତରକୁ ପଶି ନାବାଳିକାଙ୍କୁ ବଳାତ୍କାର କରିଥିଲେ। ତାଙ୍କ ଭିଣୋଇ କବାଟ ବନ୍ଦ କରି ବାହାରେ ଜଗି ରହିଥିଲେ। ନାବାଳିକା ଜଣକ ଚିତ୍କାର କରିବାରୁ ଦୁହେଁ ଫେରାର ହୋଇଯାଇଥିଲେ। ଖବର ପାଇ ନାବାଳିକାଙ୍କ ମା' ଓ ବାପା ପହଞ୍ଚି ଘଟଣା ସମ୍ପର୍କରେ ଜାଣିବା ପରେ ରବିବାର ଦିନ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଚୁପ୍ ବସିଲା। ସୋମବାର ସକାଳୁ ମାମଲାର ଆପୋସ ସମାଧାନ ପାଇଁ ଅଭିଯୁକ୍ତଙ୍କ ପରିବାର ଲୋକେ ଚେଷ୍ଟା କରିଥିଲେ। ଏପରିକି ପୋଲିସ ଅଭିଯୁକ୍ତଙ୍କୁ ସହଯୋଗ କରିଥିବା ଭିଣୋଇଙ୍କୁ ଉଠାଇ ନେବା ପରେ ମଧ୍ୟ ମୁକୁଳାଇବା ପାଇଁ ଉଦ୍ୟମ ହୋଇଥିଲା ବୋଲି ପୀଡ଼ିତାଙ୍କ ପରିବାର ଲୋକେ କହିଛନ୍ତି। ଅଭିଯୁକ୍ତ ଟୁକୁନା ଏଠାରେ ରହି ଦିନ ମଜୁରିଆ ଭାବେ କାର୍ଯ୍ୟ କରନ୍ତି। କିଛିଦିନ ହେବ ସେ ତାଙ୍କ ଉପରେ ନଜର ରଖୁଥିଲେ ବୋଲି ପୀଡ଼ିତା ଜଣକ କହିଛନ୍ତି।




ଚିଟ୍‌ଫଣ୍ଡ ଦୁର୍ନୀତିର ସିବିଆଇ ତଦନ୍ତରେ ଶିଥିଳତା ବିରୋଧରେ ପ୍ରତିବାଦ ଓ ବ୍ଲାକରୋଜ ବୁଡି ଘଟଣାରେ ତଦନ୍ତକୁ ତ୍ୱରାନ୍ୱିତ କରିବା ଦାବିରେ ସୋମବାର ସିବିଆଇ କାର୍ଯ୍ୟାଳୟ ସମ୍ମୁଖରେ ସିଭିଲ ସୋସାଇଟି ପକ୍ଷରୁ ବିକ୍ଷୋଭ।

# ଦଣ୍ଡପାଣି ଥିଲେ ପ୍ରକୃତ ସାଧୁ



ଶ୍ୟାମାଶଙ୍କର ମଠରେ ସୋମବାର ଆୟୋଜିତ ଶ୍ରଦ୍ଧାସୁମନ କାର୍ଯ୍ୟକ୍ରମ।

ପୁରୁଣା ଭୁବନେଶ୍ୱର, ୨୯।୧୦(ଡି.ଏନ.ଏ.)

ଧରିତ୍ରୀର ପୂର୍ବତନ ପ୍ରକାଶକ ସ୍ୱର୍ଗତ ଦଣ୍ଡପାଣି ମିଶ୍ର ଥିଲେ ଜଣେ ପ୍ରକୃତ ସାଧୁ। ସର୍ବଦା ସେ ସତ୍ୟ, ଅହିଂସାକୁ ପ୍ରାଧାନ୍ୟ ଦେଉଥିଲେ। ଗୃହସ୍ଥ ହୋଇଥିଲେ ମଧ୍ୟ ତାଙ୍କ ନିକଟରେ ସାଧୁର ସମସ୍ତ ଗୁଣ ପରିସ୍ଫୁଟ ହୋଇଥାଏ। ସୋମବାର ଦଣ୍ଡପାଣିଙ୍କ ୪ର୍ଥ ଶ୍ରାଦ୍ଧଦିବସ ଅବସରରେ ସ୍ଥାନୀୟ ହାଟସାହି ସ୍ଥିତ ଶ୍ୟାମାଶଙ୍କର ମଠ ପରିସରରେ ଆୟୋଜିତ ଶ୍ରଦ୍ଧାସୁମନ କାର୍ଯ୍ୟକ୍ରମରେ ଅତିଥିମାନେ ଏଭଳି କହିଥିଲେ। ମଠ ପରିଚାଳକ ଅରୁଣ କୁମାର ଗାଙ୍ଗୁଲିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କିଙ୍କର ଗୋବିନ୍ଦ ଦାସ, ସୁଦର୍ଶନ ମହାରାଜ, ଭରତ ମଣ୍ଡଳ, ମହେଶ୍ୱର ଯୋଗୀ, ରାମରତନ ପାଠକ, ନିରଞ୍ଜନ ମହାପାତ୍ର, ଭବେଶ ପାଣିଗ୍ରାହୀ, କୃପାସିନ୍ଧୁ ପାତ୍ର ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ଭୀମଟାଙ୍ଗିସ୍ଥିତ ସହଯୋଗ ପାଠାଗାର ପରିସରରେ ଆୟୋଜିତ ସ୍ମୃତିସଭାରେ ଅତିଥିମାନେ ଦଣ୍ଡପାଣିଙ୍କ ବିରଳ ବ୍ୟକ୍ତିତ୍ୱକୁ ସ୍ମୃତିଚାରଣ କରାଯାଇଥିଲା। ସଭାରେ ଇଞ୍ଜିନିୟର ବିଶ୍ୱମ୍ଭର ବେହେରା ସଭାପତିତ୍ୱ କରିଥିଲେ। ପଣ୍ଡିତ ଲୋକନାଥ ମହାପାତ୍ର, ଡ. ଧରଣୀଧର ନାୟକ, ଭବାନୀକାନ୍ତ ମିଶ୍ର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସ୍ୱର୍ଗତ ମିଶ୍ରଙ୍କ ନାତି ଦେବ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

## ନିଜକୁ ଖବରଦାତା କହି ଯୁବକ ଫାଣ୍ଡିରେ ହଟହଟା

ବାଲିଅନ୍ତା,୨୯।୧୦(ଡି.ଏନ୍.ଏ.)

ନିଜକୁ ଖବରଦାତା କହି ଭୁବନେଶ୍ୱର ତମାଣ୍ଡୋ ଅଞ୍ଚଳର ଜଣେ ଯୁବକ ପାହାଳ ଫାଣ୍ଡିରେ ହଟହଟା ହୋଇଛନ୍ତି। ମିଳିଥିବା ସୂଚନାନୁଯାୟୀ, ଜଣେ ମହିଳାଙ୍କ ଅଭିଯୋଗକ୍ରମେ ପିସିଆର ଭ୍ୟାନ୍ ରୁଦ୍ରପୁର ଅଞ୍ଚଳରେ ରହୁଥିବା ଜଣେ ଦିବ୍ୟାଙ୍ଗଙ୍କୁ ଫାଣ୍ଡିକୁ ଆଣିଥିଲା। ଖବର ପାଇ ଉକ୍ତ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଜଣେ ସମ୍ପର୍କୀୟ ଯୁବକ ଫାଣ୍ଡିରେ ପହଞ୍ଚି ତାଙ୍କୁ କାହିଁକି ଥାନାରେ ଆଣି ଅଟକ ରଖିଛ ବୋଲି ପ୍ରଶ୍ନ କରିବା ସହ ପାଟିତୁଣ୍ଡ କରିଥିଲେ। ନିଜକୁ ଖବରଦାତା ବୋଲି ପରିଚୟ ଦେଇ ଯୁବକ ଜଣକ ବ୍ୟକ୍ତିଙ୍କୁ ଛାଡ଼ି ଦେବା ପାଇଁ ପୋଲିସକୁ ଧମକ ଓ ଗାଳିଗୁଲଜ ଦେଇଥିଲେ। ଫଳରେ ପୋଲିସ ତାଙ୍କୁ ଅଟକ ରଖିଥିଲା। ସୋମବାର ଯୁବକ ନିଜର ଭୁଲ ବୁଝିପାରିଥିବାରୁ ଏକ ଅଣ୍ଡରଟେକିଂ ଲେଖିବା ସହ ୫୦୦ଟଙ୍କା ଜରିମାନା ଆଦାୟ ପରେ ତାଙ୍କୁ ଛଡ଼ାଯାଇଥିବା ପାହାଳ ଫାଣ୍ଡି ଅଧିକାରୀ ଓମ୍ ପ୍ରକାଶ ମହାନ୍ତି କହିଛନ୍ତି।

# ଅଜିତ ଦାସଙ୍କୁ 'ନାଟପୁରୁଷ' ସମ୍ମାନ



ଭୁବନେଶ୍ୱର,୨୯।୧୦(ବ୍ୟୁରୋ):

'ନୃତ୍ୟାଞ୍ଜଳି' ମହୋତ୍ସବ ସୋମବାର ଭଞ୍ଜକଳା ମଣ୍ଡପଠାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର ଓ ସମ୍ମାନିତ ଅତିଥିଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଡ. କମଳକାନ୍ତ ମିଶ୍ର ଓ ସଂସ୍କୃତି ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଡ. ସୁମନ ଦାସ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଆ ଚଳଚ୍ଚିତ୍ର ଓ ନାଟ୍ୟ ଜଗତର ପ୍ରବାଦ ପୁରୁଷ ଅଜିତ ଦାସଙ୍କୁ 'ନାଟପୁରୁଷ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥି ସହିତ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ନାଟକ ବିଭାଗ ଟପ୍ପର ଜଗଦୀଶ ପ୍ରସାଦ ମହାରଣାଙ୍କୁ ପୂର୍ଣ୍ଣଚନ୍ଦ୍ର ମଙ୍ଗରାଜ ସମ୍ମାନ ସହ ଏକ ବର୍ଷ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଶିଷ୍ଟ ନୃତ୍ୟ ଗୁରୁ ପୁଷ୍ପରଞ୍ଜନ ମଙ୍ଗରାଜ ଓ ଗୁରୁ ବିଜୟ କୁମାର ଦାଶ ଅଷ୍ଟଶମ୍ଭୁ ପରିବେଷଣ କରିଥିଲେ। ପରେ ପରେ ସତଭିଷା ଦାଶ ଏକକ ନୃତ୍ୟ ପରିବେଷଣ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ଗୁରୁ ପୁଷ୍ପରଞ୍ଜନ ମଙ୍ଗରାଜଙ୍କ ଦ୍ୱାରା ଲିଖିତ ନାଟକ 'ଅନ୍ଧଗଳି'। ଏହାକୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଏବଂ ବିଶିଷ୍ଟ ନାଟ୍ୟଶିଳ୍ପୀ ନବୀନ ପରିଡ଼ା ପରିବେଷଣ କରିଥିଲେ।

# ହାଇଟେକ୍ ହସ୍ପିଟାଲରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ହାଇଟେକ ହସ୍ପିଟାଲରେ ସୋମବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ଖବରପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ତେବେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ମୁତାବକ, ସକାଳ ୬ଟା ୧୫ରେ ହାଇଟେକ ହସ୍ପିଟାଲର ଦ୍ୱିତୀୟ ମହଲାରେ ଥିବା ଫିଜିଓଥେରାପି ଘରେ ହଠାତ୍ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା। ଫୋମ୍, ରବର, ପ୍ଲାଇ ଆଦିରେ ନିଆଁ ଲାଗିଥିବାରୁ ପ୍ରବଳ ଧୂଆଁ ହୋଇ ଚାରିଆଡ଼କୁ ବ୍ୟାପିଯିବାରୁ ଆତଙ୍କ ଖେଳିଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଝରକା ଓ କବାଟ ଭାଙ୍ଗି ଧୂଆଁକୁ ବାହାରକୁ ବାହାର କରିବା ସହ ନିଆଁକୁ ଆୟତ୍ତ କରିଥିଲେ।

# ରେଭେନ୍‌ଶା କୁଳପତିଙ୍କୁ ବି.କେ. ବଚୱତ ସ୍ମାରକୀ ଆଜୀବନ ସମ୍ମାନ

କଟକ ଅଫିସ, ୨୯।୧୦–



ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଇଶାନ କୁମାର ପାତ୍ରଙ୍କୁ ମିଳିଛି ମର୍ଯ୍ୟାଦାଜନକ ବି.କେ ବଚୱତ ସ୍ମାରକୀ ଆଜୀବନ ସମ୍ମାନ। ଇଣ୍ଡିଆନ ଏକାଡେମୀ ଅଫ ନ୍ୟୁରୋସାଇନ୍ସ(ଆଇଏଏନ୍) ପକ୍ଷରୁ ସୋମବାର ବାର୍ଷିକ ସାଧାରଣ ପରିଷଦ ବୈଠକ ଓ ସ୍ୱତନ୍ତ୍ର ଉତ୍ସବ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ନାୟୁ ବିଜ୍ଞାନ କ୍ଷେତ୍ରରେ ଗବେଷଣା କରିଥିବା ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପାତ୍ରଙ୍କୁ ଆଇଏଏନ୍ ସମ୍ବର୍ଦ୍ଧିତ କରିଛି। ସୂଚନାଥାଉ କି, ନ୍ୟାଶନାଲ ଏକାଡେମୀ ଅଫ ସାଇନ୍ସ, ଇଣ୍ଡିଆନ ଏକାଡେମୀ ଅଫ ନ୍ୟୁରୋସାଇନ୍ସ ସମେତ ଅନ୍ତର୍ଜାତୀୟ ସ୍ତରରୁ ମଧ୍ୟ ପ୍ରଫେସର ପାତ୍ର ସମ୍ମାନିତ ହୋଇଛନ୍ତି। ୧୫ଟି ପ୍ରମୁଖ ରିସର୍ଚ୍ଚ ପେପର ଶେଷ କରିଥିବାବେଳେ ଜାତୀୟ, ଅନ୍ତର୍ଜାତୀୟ ସ୍ତରର ଜର୍ନାଲରେ ୮୫ଟି ସନ୍ଦର୍ଭ ଉପସ୍ଥାପନ କରିଛନ୍ତି। ଜୈବ ବିଜ୍ଞାନ ଓ ସ୍ନାୟୁ ବିଜ୍ଞାନ କ୍ଷେତ୍ରରେ ୨୩ଟି ଜାତୀୟ ସ୍ତରର ସେମିନାର ମଧ୍ୟ ଆୟୋଜନ କରିଛନ୍ତି ପ୍ରଫେସର ପାତ୍ର। ଏହି ସମ୍ମାନ ନିମନ୍ତେ ସେ ନିଜ ପରିବାର ସଦସ୍ୟ ଓ ସହକର୍ମୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଜୁଆଆଡ୍ଡାରେ ଚଢ଼ାଉ: ୯ ଗିରଫ, ଲକ୍ଷାଧିକ ଟଙ୍କା ଜବତ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ଭୁବନେଶ୍ୱରରେ ଦିନକୁ ଦିନ ଜୁଆଖେଳ ବୃଦ୍ଧି ପାଉଥିବା ବେଳେ ଏହାକୁ ରୋକିବାକୁ ପୋଲିସ ତତ୍ପରତା ଦେଖାଇଛି। ସୋମବାର ଖାରବେଳନଗର ଥାନା ଅଞ୍ଚଳରେ ଚାଲିଥିବା ଏକ ଜୁଆଆଡ୍ଡାରେ ପୋଲିସ ଚଢାଉ କରି ୯ ଜଣଙ୍କୁ ଗିରଫ କରିବା ସହ ଲକ୍ଷାଧିକ ଟଙ୍କା ଜବତ କରିଛି। ସୂଚନା ଅନୁଯାୟୀ, ଖାରବେଳନଗର ଥାନା ଅଞ୍ଚଳରେ ଏକ ବଡଧରଣର ଜୁଆଆଡ୍ଡା ଚାଲିଥିବା ବେଳେ କେତେକ ଅସାମାଜିକ ବ୍ୟକ୍ତିଙ୍କ ଭିଡ ଜମିବା ନେଇ କମିଶନରେଟ ପୋଲିସର କ୍ୱିକ ଆକ୍ସନ ଟିମ (କ୍ୟୁଏଟି) ନିକଟରେ ଖବର ପହଞ୍ଚିଥିଲା। ଏନେଇ ସୋମବାର ଅପରାହ୍ନରେ କ୍ୟୁଏଟି ଟିମ ଓ ଖାରବେଳ ନଗର ଥାନା ପୋଲିସ ମିଳିତ ଚଢାଉ କରି ଜୁଆଆଡ୍ଡାରୁ ତାସ, କାଲକୁଲେଟର ଓ ମୋବାଇଲ ସମେତ ଏକ ଲକ୍ଷ ୩୯ ହଜାର ଟଙ୍କା ଜବତ କରାଯାଇଛି। ଏଥିରେ କେତେଜଣ ଫେରାର ଥିବାବେଳେ ୯ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ କୌଣସି ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ତଦନ୍ତ ହେଉଛି। ପଚରାଉଚରା ପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଜ୍ଞାନେନ୍ଦ୍ର ସାହୁ କହିଛନ୍ତି।

■ ମହିଳାଙ୍କ ମନ୍ଦିର ପ୍ରବେଶ ଅଧିକାର ପ୍ରସଙ୍ଗ କେବଳ ବାହାନା

# ଦେଶର ସଂହତି, ସଦ୍‌ଭାବ କ୍ଷୁଣ୍ଣ କରିବାକୁ ଉଦ୍ୟମ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ମହିଳାଙ୍କ ମନ୍ଦିର ପ୍ରବେଶ ଅଧିକାର ପ୍ରସଙ୍ଗକୁ ଆଳ କରି ବର୍ତ୍ତମାନ ସମୟରେ ସାମ୍ପ୍ରଦାୟିକ ଶକ୍ତିଗୁଡ଼ିକ ନିଜର ଉପସ୍ଥିତି ଓ ଶକ୍ତି ବୃଦ୍ଧି କରିବାକୁ ଉଦ୍ୟମ କରୁଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ଅନୁପାଳନକୁ ବିରୋଧ କରିବା ଆଳରେ ଜାଣିଶୁଣି ଜନ ଅସନ୍ତୋଷ ସୃଷ୍ଟି କରାଯାଉଛି। ଦେଶର ସଂହତି ଓ ସଦ୍‌ଭାବକୁ କ୍ଷୁଣ୍ଣ କରିବା ପାଇଁ ଉଦ୍ୟମ ହେଉଛି। ଏଥିପ୍ରତି ଦେଶବାସୀ ସତର୍କ ରହିବା ଉଚିତ। ଦେଶର ପ୍ରଗତିଶୀଳ ବ୍ୟକ୍ତିମାନେ ଏଥିପ୍ରତି ସତର୍କ ରହି ଜନସାଧାରଣଙ୍କୁ ସଚେତନ କରାଇବା ଉଚିତ ବୋଲି ଏଠାରେ ମତପ୍ରକାଶ ପାଇଛି। ସିଟିଜେନ୍ସ ଫୋରମ୍ ପକ୍ଷରୁ ସୋମବାର ୟୁନିଟ୍-୩ସ୍ଥିତ ଶ୍ରମିକ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ମାସିକ ଆଲୋଚନାଚକ୍ର 'ମହିଳାମାନଙ୍କ ମନ୍ଦିର ପ୍ରବେଶ ଅଧିକାର ଓ # ମି-ଟୁ' ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖି ବକ୍ତାମାନେ ଏହା କହିଛନ୍ତି।

ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥି ଓ ବୁଦ୍ଧିଜୀବୀମାନେ ଧାର୍ମିକ ପ୍ରସଙ୍ଗରେ ରାଷ୍ଟ୍ର ସମ୍ପୃକ୍ତ ହେବା ଅନୁଚିତ ବୋଲି ମତ ଦେଇଥିଲେ। ସେମାନେ କହିଥିଲେ, ପ୍ରଗତିଶୀଳ ବ୍ୟକ୍ତି ଓ ଅନୁଷ୍ଠାନଗୁଡ଼ିକ ଏ ସମ୍ପର୍କରେ ଦେଶବାସୀଙ୍କୁ ସଚେତନ କରାଇବା ଆବଶ୍ୟକ। ଦେଶର ଅସଲ ସମସ୍ୟାଗୁଡ଼ିକର ସମାଧାନ କରିବା ଉପରେ ସରକାର ଗୁରୁତ୍ୱ ଦେବା ଉଚିତ। ତାହା ନ କରି ଧାର୍ମିକ ପ୍ରସଙ୍ଗରେ ରାଷ୍ଟ୍ର ସମ୍ପୃକ୍ତ ହେବା ଠିକ୍ ନୁହେଁ ବୋଲି ବକ୍ତାମାନେ କହିଥିଲେ। ସେହିଭଳି # ମି-ଟୁ ପ୍ରସଙ୍ଗରେ ଆଲୋଚନା କରି କହିଥିଲେ, ଅସଦାଚରଣର ପ୍ରତିବାଦ କରାଯାଉ। କିନ୍ତୁ ଏହାକୁ ପ୍ରତିଶୋଧର ଅସ୍ତ୍ର ଭାବେ କେହି ଯେପରି ବ୍ୟବହାର ନ କରନ୍ତି, ସେଥିପ୍ରତି ସମସ୍ତେ ଗୁରୁତ୍ୱ ଦେବା ଆବଶ୍ୟକ। ସିଟିଜେନ୍ସ ଫୋରମ୍ ସଭାପତି ଡା. ମଧୁସୂଦନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା କମିଶନର ପୂର୍ବତନ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି, ସର୍ବଶ୍ରୀ ତୁଷାରକାନ୍ତ, ବସନ୍ତ ମାଝି, କୃଷ୍ଣ ନାୟକ, ବାଘାମ୍ବର ପଟ୍ଟନାୟକ, ସରଳ ଦାସ, ବାସନ୍ତୀ ଆଚାର୍ଯ୍ୟ, ଦାଶରଥୀ ସେନାପତି, ଅବିନାଶ ନାୟକ, ନିତ୍ୟାନନ୍ଦ ସାହୁ, ରଙ୍ଗାଚରଣ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସିଟିଜେନ୍ସ ଫୋରମ୍ ଆବାହକ ତଥା ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ପ୍ରାରମ୍ଭିକ ସୂଚନା ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

■ ଆଇନଜୀବୀଙ୍କ ମଧ୍ୟରେ ଫାଟ ସୃଷ୍ଟି ଉଦ୍ୟମକୁ ବିରୋଧ

# ଦୁଇଦିନ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଲା ଭୁବନେଶ୍ୱର ବାର୍

ଭୁବନେଶ୍ୱର,୨୯।୧୦(ବ୍ୟୁରୋ) –

କଟକରେ ଆଇନଜୀବୀ ଓ ପୋଲିସ ମଧ୍ୟରେ ବିବାଦକୁ ନେଇ ଦୁଇମାସ ହେବ ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଚାଲିଥିବା କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ଫାଟ ସୃଷ୍ଟି ହୋଇଛି। ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସଦସ୍ୟ ଓ କର୍ମକର୍ତ୍ତା ଥିବା ବହୁ ଆଇନଜୀବୀ ଆନ୍ଦୋଳନରୁ ଓହରିଯାଇଛନ୍ତି। ସୋମବାର ସେମାନେ କାର୍ଯ୍ୟରେ ଯୋଗଦେବାକୁ ଯାଉଥିବାବେଳେ ଦୁଇଗୋଷ୍ଠୀ ମଧ୍ୟରେ ତୁମୁଳ କାଣ୍ଡ ଘଟିଥିଲା। ତେବେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଆଇନଜୀବୀଙ୍କ ମଧ୍ୟରେ ଫାଟ ସୃଷ୍ଟି କରିଥିବା ଅଭିଯୋଗ ଆଣି ଏହାକୁ ତୀବ୍ର ନିନ୍ଦା କରିଛି ଭୁବନେଶ୍ୱର ବାର୍ ଆସୋସିଏଶନ। ବୈଠକ ବସି ଘଟଣାର ପ୍ରତିବାଦ କରାଯିବା ସହ ଦୁଇ ଦିନ କାର୍ଯ୍ୟବନ୍ଦ ଆନ୍ଦୋଳନ ନିଷ୍ପତ୍ତି ନିଆଯାଇଛି।




ବୈଠକରେ ଭୁବନେଶ୍ୱର ଓକିଲ ସଂଘର ସଭାପତି ଦୁର୍ଗାମାଧବ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ସେ କହିଛନ୍ତି, ଓକିଲମାନେ ଯେ କୌଣସି ଦଳକୁ ସମର୍ଥନ କରନ୍ତୁ ସେଥିରେ କିଛି ଆପତ୍ତି ନାହିଁ। କିନ୍ତୁ ସେମାନେ ସେମାନଙ୍କ ଦଳୀୟ ଆଭିମୁଖ୍ୟ ତାଙ୍କ ଭିତରେ ରଖନ୍ତୁ। ଆଇନଜୀବୀଙ୍କ ମଧ୍ୟରେ ଏକତା ରହିବା ଦରକାର। ଏପରି ରାଜନୈତିକ ଷଡ଼ଯନ୍ତ୍ର ବନ୍ଦ କରାଯିବା ଦରକାର। ଭୁବନେଶ୍ୱର ଓକିଲଙ୍କ ମଧ୍ୟରେ ରହିଥିବା ଏକତାକୁ କୌଣସି ରାଜନୈତିକ ଦଳ କ୍ଷୁଣ୍ଣ କରିପାରିବ ନାହିଁ। ସରକାର ଦୁଇଦିନ ମଧ୍ୟରେ ଘଟଣାରେ ହସ୍ତକ୍ଷେପ କରି ସମାଧାନ ବାହାର କରିବା ଦରକାର ବୋଲି ସେ କହିଛନ୍ତି।

## ଦୋକାନ ଜଳିଗଲା

ବାରଙ୍ଗ,୨୯।୧୦(ଡି.ଏନ୍.ଏ.)

ଚନ୍ଦକା ଥାନା ଅଧୀନ ଦାରୁଠେଙ୍ଗ ଗ୍ରାମମୁଣ୍ଡ ବସଷ୍ଟାଣ୍ଡ ନିକଟରେ ଥିବା ମିଟୁ ପ୍ରଧାନଙ୍କ ପାନ ଓ ଭେରାଇଟି ଷ୍ଟୋରରେ ନିଆଁ ଲାଗିଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନାନୁଯାୟୀ, ସବୁଦିନ ଭଳି ରବିବାର ରାତିରେ ମିଟୁ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। ବିଳମ୍ବିତ ରାତିରେ କେହି ତାଙ୍କ ଦୋକାନରେ ନିଆଁ ଲଗାଇ ଦେଇଥିବା ଖବର ପାଇ ଘଟଣାସ୍ଥଳରେ ଆସି ପହଞ୍ଚିଥିଲେ। ଦୋକାନ ଭିତରେ ଥିବା ସମସ୍ତ ସାମଗ୍ରୀ ପୋଡିଯାଇଥିବା ବେଳେ ତାହାର ମୂଲ୍ୟ ପ୍ରାୟ ୩୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ମିଟୁ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

■ ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସରେ ସଚେତନତା

# ଜୀବନଶୈଳୀ ପରିବର୍ତ୍ତନ ମସ୍ତିଷ୍କ ପକ୍ଷାଘାତର କାରଣ

ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)


ଜୀବନଶୈଳୀରେ ପରିବର୍ତ୍ତନ ଯୋଗୁ ଯୁବକମାନେ ମଧୁମେହ ରୋଗ ସହିତ ଉଚ୍ଚରକ୍ତ ଚାପ ଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଉଚ୍ଚ ରକ୍ତଚାପ ଅଧିକ ହେଲେ ମସ୍ତିଷ୍କ ପକ୍ଷାଘାତରେ ରୋଗୀ ଆକ୍ରାନ୍ତ ହୁଅନ୍ତି ବୋଲି ବିଆର-ଲାଇଫ୍ କଳିଙ୍ଗ ହସ୍ପିଟାଲର ବରିଷ୍ଠ ସ୍ନାୟୁରୋଗ ବିଶେଷଜ୍ଞ ଡା. ଅମିତାଭ ରଥ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ପ୍ରତିବର୍ଷ ଅକ୍ଟୋବର ୨୯କୁ ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବିଆର-ଲାଇଫ୍ କଳିଙ୍ଗ ହସ୍ପିଟାଲ ଏବଂ ଭାରତୀୟ ଡାକ ପକ୍ଷରୁ ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ଅବସରରେ ଓଡ଼ିଶାରେ ପ୍ରଥମ କରି କର୍ପୋରେଟର ମାଇଁ ଷ୍ଟାମ୍ପର ଶୁଭାରମ୍ଭ କରାଯାଇଛି। ଏହି ଷ୍ଟାମ୍ପ ଜରିଆରେ ମସ୍ତିଷ୍କ ପକ୍ଷାଘାତ ଉପରେ ଲୋକଙ୍କୁ ସଚେତନ କରାଯାଇ ପାରିବ। ପୋଷ୍ଟ ମାଷ୍ଟର ଜେନେରାଲ (ଓଡ଼ିଶା ସର୍କଲ)ର ସନ୍ତୋଷ କୁମାର କମିଲାଙ୍କ ସହିତ ହସ୍ପିଟାଲର ଡା. ରଥ, ମୁଖ୍ୟ କାର୍ଯ୍ୟନିର୍ବାହୀ ଡା. ଆଲୋକ ଲୋଧ ପ୍ରମୁଖ ଷ୍ଟାମ୍ପକୁ ଉନ୍ମୋଚନ କରିଛନ୍ତି। ଏହା ସାରା ବିଶ୍ୱରେ ମସ୍ତିଷ୍କ ପକ୍ଷାଘାତ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ ବୋଲି ପୋଷ୍ଟ ମାଷ୍ଟର ଜେନେରାଲ କମିଲା କହିଛନ୍ତି। ମସ୍ତିଷ୍କ ପକ୍ଷାଘାତ ରୋଗୀଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ କରିବା ପାଇଁ କଳିଙ୍ଗ ହସ୍ପିଟାଲ ମସ୍ତିଷ୍କ ପକ୍ଷାଘାତ ୟୁନିଟ୍ କରିଛି। ସରକାରଙ୍କ ବିଭିନ୍ନ ପ୍ରକାର ଯୋଜନା ହସ୍ପିଟାଲରେ କାର୍ଯ୍ୟକାରୀ ଦ୍ୱାରା ମସ୍ତିଷ୍କ ପକ୍ଷାଘାତ ସହିତ ଅନ୍ୟ ଜଟିଳ ରୋଗର ମଧ୍ୟ ଚିକିତ୍ସା ବ୍ୟବସ୍ଥା ରହିଛି ବୋଲି ହସ୍ପିଟାଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଡା. ଲୋଧ କରିଛନ୍ତି।

### କର୍ପୋରେଟ ମାଇଁ ଷ୍ଟାମ୍ପ ଶୁଭାରମ୍ଭ




କାର୍ଯ୍ୟକ୍ରମରେ କର୍ପୋରେଟର ମାଇଁ ଷ୍ଟାମ୍ପର ଶୁଭାରମ୍ଭ କରାଯାଉଛି।



ଯେଉଁ କାର୍ଯ୍ୟ ଦ୍ୱାରା ନିଜର ମଙ୍ଗଳ ସଙ୍ଗେ ସଙ୍ଗେ ଅନ୍ୟର ମଙ୍ଗଳ ହୋଇଯାଉଥାଏ,
ସେ କାର୍ଯ୍ୟକୁ ଖୋଜି ବାହାର କରିବା କମ୍ ସୌଭାଗ୍ୟର କଥା ନୁହେଁ।
- ଜନାଥନ୍ ଏଡ୍‌ୱାର୍ଡସ୍

## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ମୃତ୍ୟୁ

**ଯାଁଳା,୨୯।୧୦(ଡି.ଏନ.ଏ.):** ଯାଁଳା ଫାଣ୍ଡି ଅଞ୍ଚଳରେ ୨୬ ତାରିଖ ରାତି ୯ଟା ୪୦ରେ ଗୋହିରା ଛକଠାରେ ଛିଡା ହୋଇଥିବା ଜଣେ ଅଜଣା ବ୍ୟକ୍ତି ଓ ଜଣେ ବାଇକ୍ ଚାଳକଙ୍କୁ ଅଜଣା ଗାଡି ଧକ୍କା ଦେଇଥିଲା। ଫଳରେ ଅଜଣା ବ୍ୟକ୍ତି ଓ ବାଇକ୍ ଚାଳକ ଆହତ ହୋଇଥିଲେ। ବାଇକ୍ ଚାଳକ ଜଣକ ଏବେ ବି ଏମ୍ସରେ ଚିକିତ୍ସାଧୀନ ଅଛନ୍ତି। ଅଜଣା ବ୍ୟକ୍ତି ଜଣଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ପରେ ଏସସିବିରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅଜଣା ବ୍ୟକ୍ତି ଜଣକର ସୋମବାର ମୃତ୍ୟୁ ଘଟିଛି। ଫାଣ୍ଡି ପୋଲିସ ଉପସ୍ଥିତିରେ ତାଙ୍କର ବ୍ୟବଚ୍ଛେଦ କରାଯାଇଥିଲା।

### ଦୁର୍ନୀତି ନିବାରଣ ଶପଥ ପାଠ

**ଖୋର୍ଦ୍ଧା ଅଫିସ,୨୯।୧୦:** ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଦୁର୍ନୀତି ନିବାରଣ ନେଇ ଶପଥ ପାଠ କରାଯାଇଛି। ଏଥିରେ ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଭାଗ ନେଇଥିଲେ। ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପିଡି ସରୋଜ ମିଶ୍ର, ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକ ଉପସ୍ଥିତ ଥିଲେ।

### ଟାୟାର ଜାଳି ରାସ୍ତାରୋକୋ କଲେ ଆଇନଜୀବୀ

**ଖୋର୍ଦ୍ଧା ଅଫିସ,୨୯।୧୦:** ଓଡିଶା ହାଇକୋର୍ଟ ବାର ଆସୋସିଏଶନକୁ ସମର୍ଥନ ଜଣାଇ ବାଣପୁର ବାର ଆସୋସିଏଶନ ପକ୍ଷରୁ ସ୍ଥାନୀୟ କୋର୍ଟ ସମ୍ମୁଖରେ ଟାୟାର ଜାଳି ରାସ୍ତାରୋକୋ ସୋମବାର କରିଥିଲେ। ବାର ଆସୋସିଏଶନ ସଭାପତି ଗୌରୀଶଙ୍କର ଷଡଙ୍ଗୀଙ୍କ ନେତୃତ୍ୱରେ ସୋମବାର ପୂର୍ବାହ୍ନରେ ଆଇନଜୀବୀମାନେ କୋର୍ଟ କାର୍ଯ୍ୟରେ ଅସହଯୋଗ କରିଥିଲେ। ଓକିଲ ସଂଘର ସଭାପତି ଷଡଙ୍ଗୀ ଉପୁଜିଥିବା ଘଟଣାକୁ ନିନ୍ଦା କରିବା ସହ ଅନିର୍ଦ୍ଦିଷ୍ଟକାଳ ପାଇଁ ଆଇନଜୀବୀମାନେ କୋର୍ଟ କାର୍ଯ୍ୟରୁ ନିବୃତ୍ତ ରହିବେ ବୋଲି କହିଛନ୍ତି। ଅନ୍ୟପକ୍ଷେ ଓଡ଼ିଶା ହାଇକୋର୍ଟ ବାର ଆସୋସିଏଶନ୍‌କୁ ସମର୍ଥନ ଜଣାଇ ଖୋର୍ଦ୍ଧା କୋର୍ଟ ମଙ୍ଗଳବାର ଓ ବୁଧବାର ବନ୍ଦ ରହିବ ବୋଲି କୁହାଯାଇଛି।

### ଯୁବକଙ୍କ ଆତ୍ମହତ୍ୟା

**ବେଗୁନିଆ/ବୋଲଗଡ,୨୯।୧୦ (ଡି.ଏନ.ଏ.):** ବୋଲଗଡ ବ୍ଲକ ଗେଡିଆପଲୀ ପାଟଣା ଗ୍ରାମର ଜଣେ ଯୁବକ ରବିବାର ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ବିଶ୍ୱଜିତ ପଣ୍ଡା(୩୨)। ପୋଲିସ ସୂଚନା ଅନୁସାରେ, ସବୁଦିନ ଭଳି ବିଶ୍ୱଜିତ ରାତିରେ ଖାଇ ସାରି ଶୋଇଥିଲେ। ସକାଳୁ ଦେଖିଲା ବେଳକୁ ବିଶ୍ୱଜିତ ବେକରେ ଲୁଗା ଲଗାଇ ଶୋଇବା କୋଠରିରେ ଝୁଲୁଛନ୍ତି। ପରିବାର ଲୋକେ ତାଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଖବରପାଇ ଧଳାପଥର ଫାଣ୍ଡି ପୋଲିସ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ସ୍ୱାମୀଙ୍କ ମୃତଦେହ ସତ୍କାର ପାଇଁ ମଙ୍ଗଳସୂତ୍ର ବିକିଲେ

**କଟକ ଅଫିସ, ୨୯।୧୦:** ସ୍ୱାମୀଙ୍କ ମୃତଦେହ ସତ୍କାର ପାଇଁ ଜଣେ ସ୍ତ୍ରୀଙ୍କୁ ୪୦୦ ଟଙ୍କାରେ ନିଜର ରୂପା ମଙ୍ଗଳସୂତ୍ର ବିକ୍ରି କରିବାକୁ ପଡ଼ିଛି। ଖବର ପାଇ ସାମାଜିକ କର୍ମୀ ଅଭିମନ୍ୟୁ ଦାସ ନିଜ ଉଦ୍ୟମରେ ଖାନ୍‌ନଗର ମଶାଣୀରେ ମୃତଦେହ ସତ୍କାର କରିଛନ୍ତି। ଖୋର୍ଦ୍ଧା ଜିଲା ପଦନପୁର ଅଞ୍ଚଳର କାବୁଲି ନାୟକ ଓ ତାଙ୍କ ସ୍ତ୍ରୀଙ୍କ ମଧରେ କଳହ ଲାଗିବାରୁ ୧୮ ଦିନ ତଳେ କାବୁଲି ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ପ୍ରଥମେ ତାଙ୍କୁ ଖୋର୍ଦ୍ଧା ଡାକ୍ତରଖାନା ଓ ପରେ ଭୁବନେଶ୍ୱର ଏମ୍ସ୍‌କୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ଶନିବାର ରାତିରେ କାବୁଲିଙ୍କର ମୃତ୍ୟୁ ଘଟିଥିଲା। କାବୁଲିଙ୍କ ପରିବାର କହିଲେ, ସ୍ତ୍ରୀ ମିତା, ପୁଅ ରାହୁଲ (୭) ଓ ଗଣେଶ (୫)। ପାଖରେ ଅର୍ଥ ନ ଥିବାରୁ ମିତା ମଙ୍ଗଳସୂତ୍ର ୪୦୦ ଟଙ୍କାରେ ବିକ୍ରି କରି ସ୍ୱାମୀଙ୍କ ମୃତଦେହ ସତ୍କାର ପାଇଁ କଟକ ଫେରିଥିଲେ। ଅଭିମନ୍ୟୁ ଖବର ପାଇବା ପରେ ସୋମବାର କାବୁଲିଙ୍କ ମୃତଦେହକୁ ଖାନ୍‌ନଗର ମଶାଣିରେ ଦାହ କରିଛନ୍ତି।

## ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ବଢୁଛି ଦାଦାଗିରି

# ବିଧାୟକଙ୍କ ନାଁ କହି ମାଗିଲେ ୫ ଲକ୍ଷ

**ଖୋର୍ଦ୍ଧା ଅଫିସ,୨୯।୧୦**

ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଦାଦାଗିରି ବଢ଼ିବାରେ ଲାଗିଛି। ବିଭିନ୍ନ ସମୟରେ ଶିଳ୍ପଗୁଡିକଠାରୁ ଦାଦାବଟି ଆଦାୟ ହେଉଛି। କେତେଜଣ ଲୋକ ପ୍ରତିନିଧି, ସରକାରୀ ଅଧିକାରୀ ଓ ପେସାଦାର ଅପରାଧୀ ଏହି ଚାନ୍ଦା ନିଜ ପୋଷା ଗୁଣ୍ଡାଙ୍କ ଦ୍ୱାରା ଆଦାୟ କରୁଥିବାର ଅଭିଯୋଗ ରହିଛି। ଗଣ୍ଡଗୋଳକୁ ଏଡାଇବା ଓ ବିପଦ ନେବାକୁ ଅନେକ ଶିଳ୍ପ ପସନ୍ଦ ନ କରି ଚୁପଚାପ ଚାନ୍ଦା ଦେଉଥିବାରୁ ଅଭିଯୋଗ ବାହାରକୁ ଆସୁନି। ଯଦି ପ୍ରତିବାଦର ସ୍ୱର ଉଠେ, ତେବେ ଗଣ୍ଡଗୋଳ ହେଲେ ଘଟଣା ଜଣାପଡେ। ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ନୂଆ କରି ଶିଳ୍ପ ନିର୍ମାଣ କରୁଥିବା ଅଶୋକ କୁମାର ନାୟକଙ୍କୁ ଜଣେ ବିଧାୟକଙ୍କ ନା କହି ୫ ଲକ୍ଷ ଟଙ୍କା ଚାନ୍ଦା ମାଗିଥିଲେ। ଚାନ୍ଦା ନ ଦେଲେ ଶିଳ୍ପ କରାଇ ଦିଆଯିବନି ବୋଲି ଚେତାବନୀ ଦିଆଯାଇଥିଲା। ଚାନ୍ଦା ନ ଦେଇ କାମ କଲେ ମାରପିଟ କରି କନ୍ଦଳ ସୃଷ୍ଟି କରାଯିବ ବୋଲି ଧମକ ବି ଦିଆଯାଇଥିଲା। ହେଲେ ଧମକକୁ ନ ଡରି ନାୟକ ଶିଳ୍ପ ନିର୍ମାଣ କାର୍ଯ୍ୟ ଚାଲୁ ରଖିଥିଲେ। ଏଭଳିସ୍ଥଳେ ବିଧାୟକଙ୍କ ୪ ଜଣ ସମର୍ଥକ ୨ ବାଇକ୍ ଯୋଗେ ସୋମବାର ମଧ୍ୟାହ୍ନ ୧୨ଟା୪୫ରେ ନିର୍ମାଣ ଚାଲୁଥିବା ସ୍ଥାନକୁ ଆସି ଚାନ୍ଦା ନ ଦେବାରୁ ଗାଳିଗୁଲଜ କରିଥିଲେ। ଏପରି କି ମାରପିଟ କଲେ। ଉକ୍ତ ଯୁବକମାନଙ୍କ ମାଡରେ ଅଶୋକଙ୍କ ସମେତ ଅନନ୍ତ କୁମାର ସାମନ୍ତସିଂହାର ନାମକ ଜଣେ କର୍ମଚାରୀ ଆହତ ହୋଇଛନ୍ତି। ମାରପିଟ୍ ପରେ ପୁଣି ଧମକ ଦେଇଛନ୍ତି ଏବେ ସମୟ ଅଛି। ୫ ଲକ୍ଷ ନ ଦେଲେ ଶିଳ୍ପ କରାଇ ଦେବୁନାହିଁ ବୋଲି ପୁଣି ଧମକ ଦେଇଛନ୍ତି। ଥାନା ଓ ଫାଣ୍ଡିକୁ ଅଭିଯୋଗ କରିଲେ ଲାଭ କିଛି ହେବନାହିଁ ବୋଲି ରୋକଠୋକ୍ ଶୁଣାଇ ସାରିଛନ୍ତି। ଗଲେ ପରିସ୍ଥିତି ଭଲ ହେବନାହିଁ। ଶିଳ୍ପ ତ ହେବ ନାହିଁ ବରଂ ଜୀବନ ମଧ ରହିବନି ବୋଲି ଚେତବାନୀ ରହିଛି। ଏ ନେଇ ଅଶୋକ ଟାଉନ ଥାନାରେ ଅଭିଯୋଗ କରିବା ସହ ଜିଲାପାଳ ଓ ଏସ୍‌ପିଙ୍କୁ ମଧ ଫେରାଦ ହୋଇଛନ୍ତି। ଅନ୍ୟପକ୍ଷେ ଚାନ୍ଦା ମାଗୁଥିବା ଯୁବକମାନେ ୨ ମାସ ଧରି ତାଙ୍କୁ ହଇରାଣ କରି ଆସୁଛନ୍ତି। ସେମାନଙ୍କ ନା ଦେବା ସହ ଗୋଟିଏ ବାଇକ୍‌ର ନମ୍ବର ମଧ ଦେଇଛନ୍ତି। ଯାହାକି ପୋଲିସର ତଦନ୍ତରେ ସହାୟକ ହେବ ବୋଲି କହିଛନ୍ତି। ଅନ୍ୟପକ୍ଷେ ପ୍ରଶ୍ନ ଉଠିଛି ଯେଉଁ ବିଧାୟକଙ୍କ ଛତ୍ରଛାୟା ତଳେ ଗୁଣ୍ଡାମାନେ ରହି ଦାଦାବଟି ମାଗୁଛନ୍ତି ସେନେଇ ମଧ ଉଲ୍ଲେଖ କରିଛନ୍ତି। ହେଲେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରିନାହିଁ। ଏଣୁ ପୋଲିସ କେତେଦୂର ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେଉଛି ତାହା ଦେଖିବାକୁ ରହିଲା।

### ଚାନ୍ଦା ନ ଦେବାରୁ ମାରପିଟ, ଗାଳିଗୁଲଜ

#### ଫି ନ ଦେଲେ ଜୀବନ ପ୍ରତି ବିପଦ

ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ନକଲି ରିଶଦ୍‌ରେ ପାର୍କିଂ ଫି ଆଦାୟ ଚାଲିଛି। ସ୍ଥାନୀୟ ଫାଣ୍ଡି ପୋଲିସ ବିଭିନ୍ନ ସମୟରେ ବେଆଇନ ପାର୍କିଂ ଫି ଆଦାୟ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଏହା ଉପରେ ଲଗାମ ଲାଗିପାରିନି ବରଂ ଏହା ବଢ଼ି ଚାଲିଛି। ପାର୍କିଂ ଫି ନ ଦେଲେ ଜୀବନ ସୁରକ୍ଷିତ ନୁହେଁ। ଫି ଦେଉ ନ ଥିବା ଯାନବାହନ କର୍ମଚାରୀ ବିଭିନ୍ନ ସମୟରେ ଆକ୍ରମଣର ଶିକାର ହେଉଛନ୍ତି। ଜୀବନ ସୁରକ୍ଷିତ ନ ଥିବାରୁ ଚାନ୍ଦା ଦେଇ ଅନେକ ଯାନବାହନ କର୍ମଚାରୀ ଚୁପ ରହୁଛନ୍ତି। ସେହିପରି ଦାଦାବଟି ନ ଦେଲେ ବୋମାମାଡ କରି ପୋଡାଜଳା କରାଯାଉଥିବା ନଜୀର ବି ଅଛି। ପ୍ରାୟ ୨ ବର୍ଷ ତଳେ ସୋମନାଥପୁର ଅଞ୍ଚଳରେ ଚାନ୍ଦା ନ ଦେବାରୁ ଏକ କ୍ରଶର ଉପରେ ବାରମ୍ବାର ବୋମାମାଡ ହୋଇଥିଲା।



ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

## ବିପର୍ଯ୍ୟୟ ପ୍ରଶମନ ଦିବସ

**ଖୋର୍ଦ୍ଧା ଅଫସ,୨୯।୧୦**


ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ କରାଯାଇଛି। ଏଥିରେ ବିପର୍ଯ୍ୟୟ ପରିଚାଳନା ଓ ଗଣମାଧ୍ୟମର ଭୂମିକା ଉପରେ ଆଲୋଚନା ହୋଇଥିଲା। ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ ମିଶ୍ର, ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଉପଜିଲାପାଳ ସରୋଜ ସାହୁ, ଜିଲା ଆପଡକାଳୀନ ଅଧିକାରୀ, ଜିଲା ସୂଚନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ପୂର୍ବାହ୍ନରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହାକୁ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ।

## ଟ୍ରେନ ଟ୍ରାକ୍‌ରେ ଅନଧିକାର ପ୍ରବେଶ ରୋକିବାକୁ ରେଲ୍‌ୱେର ପଦକ୍ଷେପ

**ଭୁବନେଶ୍ୱର,୨୯।୧୦**

ପୂର୍ବତଟ ରେଳପଥ ପରିସୀମା ଅଧୀନରେ ଥିବା ଟ୍ରେନ ଲାଇନ୍‌ରେ ଅନଧିକାର ପ୍ରବେଶ ଏବଂ ବେଆଇନ ଭାବେ ରେଳ ଧାରଣା ଅତିକ୍ରମକୁ ରୋକିବା ଲାଗି ରେଲ୍‌ୱେ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିଲାଗି ରେଲୱେ ପକ୍ଷରୁ ଏକ ଅଭିଯାନ ଆରମ୍ଭ ହୋଇଛି। ଏହାକୁ ରୋକିବା ଲାଗି ରେଲୱେ ଏହାର ଅଧିକାରୀଙ୍କୁ ସଜାଗ ରଖିଥିବା ପ୍ରକାଶ କରିଛି। ରେଲୱେ ଅଧିନିୟମ ୧୯୮୯ ମୁତାବକ ଅତ୍ୟାବଶ୍ୟକ ପଦକ୍ଷେପ ନେବାକୁ ଆର୍‌ପିଏଫ୍‌ଙ୍କୁ ପରାମର୍ଶ ଦିଆଯାଇଛି। ରେଲୱେ ଅଧିନିୟମ ୧୯୮୯ର ଧାରା ୧୪୭ ଅନୁସାରେ ରେଳ ଧାରଣାରେ ଅନଧିକାର ପ୍ରବେଶ ଏକ ଦଣ୍ଡନୀୟ ଅପରାଧ। ଏଥିଲାଗି ୬ ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ କିମ୍ବା ୧ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଲାଗୁ ହେବ।

ରେଳଧାରଣାରେ ଯେକୌଣସି ପ୍ରକାରର ଅନଧିକାର ପ୍ରବେଶ ରୋକିବା ଲାଗି କିଛି ମାସ ତଳେ ସମସ୍ତ ଛୋଟ ଷ୍ଟେଶନ ଏବଂ ପାସେଞ୍ଜର ହଲ୍ଟଗୁଡିକରେ





ଫୁଟ୍ ଓଭର ବ୍ରିଜର ବ୍ୟବସ୍ଥା ନିମନ୍ତେ ପୂର୍ବତଟ ରେଳପଥ ପକ୍ଷରୁ ପ୍ରସ୍ତାବ ସମ୍ପର୍କରେ ଘୋଷଣା କରାଯାଇଛି। ଗୋଟିଏ ପ୍ଲାଟ୍‌ଫର୍ମରୁ ଅନ୍ୟ ଏକ ପ୍ଲାଟ୍‌ଫର୍ମ କିମ୍ବା ଷ୍ଟେଶନର ଗୋଟିଏ ପାର୍ଶ୍ୱରୁ ଅନ୍ୟ ଏକ ପାର୍ଶ୍ୱକୁ ଯିବା ଆସିବା ଲାଗି ଏହି ଫୁଟ୍ ଓଭରବ୍ରିଜଗୁଡିକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଜଗୁଆଳି ବିହୀନ ଲେଭଲ କ୍ରସିଂଗୁଡିକୁ ହଟାଇବା ଦିଗରେ ରେଲୱେର ଭୂମିକା ପ୍ରଶଂସାଯୋଗ୍ୟ। ପୂର୍ବତଟ ରେଳପଥ ପକ୍ଷରୁ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ ନିର୍ମାଣ, ଲେଭଲ୍ କ୍ରସିଂଗୁଡିକରେ କର୍ମଚାରୀ ନିଯୁକ୍ତି ମାଧମରେ ସମସ୍ତ ଜଗୁଆଳି ବିହୀନ ଲେଭେଲ୍ କ୍ରସିଂଗୁଡିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଯାଇଥିବା ରେଲ୍‌ୱେ ପକ୍ଷରୁ ସୂଚନା ରହିଛି।

## ଫେସ୍‌ବୁକ୍‌ରେ ଅଶ୍ଳୀଳ ମନ୍ତବ୍ୟ ପ୍ରେରଣ

# କାର୍ଯ୍ୟାନୁଷ୍ଠାନ ଦାବିରେ ଥାନା ଘେରାଉ

**ଟାଙ୍ଗୀ(ଖୋର୍ଦ୍ଧା),୨୯।୧୦(ଡି.ଏନ.ଏ.)**

ବିଜୁ ଯୁବବାହିନୀର ମହିଳା ସଦସ୍ୟାମାନଙ୍କ ପ୍ରତି ହାଟ୍‌ସଆପ୍ ଓ ଫେସ୍‌ବୁକ୍‌ରେ ଅଶ୍ଳୀଳ ମନ୍ତବ୍ୟ ପ୍ରେରଣ କରାଯାଉଥିବା ବାରମ୍ବାର ଅଭିଯୋଗ ହେଉଛି। ତେବେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ସୋମବାର ଅପରାହ୍ନରେ ଯୁବବାହିନୀର ଶତାଧିକ ମହିଳା ଓ ପୁରୁଷ ଟାଙ୍ଗୀ ଥାନାକୁ ପ୍ରାୟ ୨ଘଣ୍ଟା ଧରି ଘେରାଉ କରି ରଖିଥିଲେ। ଉଲ୍ଲେଖଯୋଗ୍ୟ, ବିଗତ ୩ ମାସ ଧରି ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ନୂଆଗଡ଼ ପଞ୍ଚାୟତର ନିର୍ବାଚିତ ମହିଳା ପ୍ରତିନିଧି ଓ ସଦସ୍ୟାମାନଙ୍କୁ ସାମାଜିକ ଗଣମାଧମଗୁଡ଼ିକରେ ଅଶାଳୀନ ମନ୍ତବ୍ୟ ପ୍ରେରଣ ନେଇ ଥାନା, ଜିଲାପାଳ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରାଯାଉଛି। ନକଲି ଆଇଡିରୁ ଏଭଳି ଅଶ୍ଳୀଳ ବାର୍ତ୍ତା ବା କମେଣ୍ଟ ସବୁ ଆସୁଥିବାରୁ ଏହା ବିରୋଧରେ ପଦକ୍ଷେପ ନିମନ୍ତେ ଯୁବବାହିନୀ ତରଫରୁ ଅଗଷ୍ଟ ୨୯ରେ ଏକ ଲିଖିତ ଏତଲା ଟାଙ୍ଗୀ ଥାନାରେ ଦିଆଯାଇଥିଲା। ଅଭିଯୋଗ ଅନୁସାରେ ୨୫୯/୨୦୧୮ନଂରେ ମାମଲା ରୁଜୁ ହୋଇଥିବା ଥାନା ସୂତ୍ରରୁ ଜଣାପଡିଛି। ତେଣୁ ଟାଙ୍ଗୀ ଥାନା ଘେରାଉ କରି ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଯୁବବାହିନୀ ଦାବି କରିଛି। ଯୁବବାହିନୀର ଶତାଧିକ ମହିଳା ଓ ପୁରୁଷ ଦୀର୍ଘସମୟ ଧରି ଥାନା ଘେରାଉ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ସନ୍ଧ୍ୟା ପରେ ଏହି ଧାରଣାକୁ ସ୍ଥଗିତ ରଖାଯାଇଛି।




ବିଜୁବାହିନୀର ସଦସ୍ୟମାନେ ଥାନା ଘେରାଉ କରିଛନ୍ତି।

## ବିଭିନ୍ନ ଦାବି ନେଇ ଗାଁ ସାଥୀ ସଂଘ ବୈଠକ

**ବୋଲଗଡ଼,୨୯।୧୦(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ୍ ବାଙ୍କୋଇସ୍ଥିତ ତାରେଶ୍ୱରଦେବଙ୍କ ମନ୍ଦିର ନିକଟରେ ଗାଁ ସାଥୀ (ମେଟ୍)ମିଳିତ କ୍ରିୟାନୁଷ୍ଠାନ କମିଟିର ବୈଠକ ଅନୁଷ୍ଠିତ ହୋଇଛି। ସୋମବାର ବ୍ଲକ୍ ଶାଖା ସଂଘର ସଭାପତି ଶୁଭେନ୍ଦୁ କୁମାର ମତଗଜସିଂହଙ୍କ ଆବାହକତ୍ୱରେ ସେମାନଙ୍କର ବିଭିନ୍ନ ଦାବି ବୈଠକରେ ଉପସ୍ଥାପିତ ହୋଇଥିଲା। ଗାଁ ସାଥିଙ୍କ ଡାଟାବେସ୍ କରାଯିବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ଅନ୍ତର୍ଭୁକ୍ତ ୧୫୫ ପ୍ରକାର କାର୍ଯ୍ୟଗୁଡିକରେ ସେମାନଙ୍କୁ ସାମିଲ କରାଯିବା ଆଦି ଦାବି ହୋଇଥିଲା। ନଭେମ୍ବର ୧୪ ସୁଦ୍ଧା ଦାବି ପୂରଣ ନ ହେଲେ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରାଯିବା ପ୍ରସ୍ତାବ ବୈଠକରେ ଅନୁମୋଦନ ହୋଇଛି। ସଂଘର ଖୋର୍ଦ୍ଧା ଜିଲା ସଭାପତି ସରୋଜ କୁମାର ରଥଙ୍କ ସମେତ ବ୍ଲକ୍‌ର ଗାଁ ସାଥୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## 'ଅଧିକାରୀମାନେ ଓଡ଼ିଆ ଭାଷାକୁ ସମ୍ମାନ ଦିଅନ୍ତୁ'

**ଟାଙ୍ଗୀ(ଖୋର୍ଦ୍ଧା),୨୯।୧୦(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଆ ଭାଷାର ପ୍ରସାରଣ ଓ ଲୋକ ପ୍ରିୟତା ଲାଗି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି। ରାଜ୍ୟ ସଚିବାଳୟ ସମେତ ବିଭିନ୍ନ ନିର୍ଦ୍ଦେଶାଳୟରେ କାର୍ଯ୍ୟରତ ପଦସ୍ଥ ପ୍ରଶାସନିକ ଅଧିକାରୀମାନେ ଭାଷା ପ୍ରତି ସମ୍ମାନ ପ୍ରଦର୍ଶନ କରୁ ନ ଥିବା ଅଭିଯୋଗ ହୋଇଛି। ଏହି ନିର୍ଦ୍ଦେଶନାମାକୁ ଯଦି ପଦସ୍ଥ ଅଧିକାରୀମାନେ ସମ୍ମାନ ପ୍ରଦର୍ଶନ ପୂର୍ବକ କାର୍ଯ୍ୟକାରୀ କରନ୍ତେ ତେବେ ଅଧସ୍ତନ କର୍ମଚାରୀଙ୍କ ଉପରେ ଏହାର ସୁପ୍ରଭାବ ପଡ଼ିପାରନ୍ତା। ସମସ୍ତ ସରକାରୀ ଚିଠିପତ୍ରର ଆଦାନପ୍ରଦାନ ଓ ନାମଫଳକ ଓଡ଼ିଆରେ ଲେଖାଯିବ ବୋଲି ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ଏହା କେବଳ ରେକର୍ଡପତ୍ରରେ ହିଁ ସୀମିତ ରହିଥିବା ବେଳେ ଇଂଲିଶ ଭାଷା ପ୍ରୟୋଗ କରାଯାଉଛି। ନିର୍ଦ୍ଦେଶନାମା ଖିଲାପକାରୀଙ୍କ ବିରୋଧରେ ଦଣ୍ଡବିଧାନ କରାଯିବା ଆବଶ୍ୟକ। ଓଡ଼ିଆ ଭାଷାକୁ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀ ବ୍ୟବହାର କରି ଆମ ମାତୃଭାଷାକୁ ସମ୍ମାନ ଦେବା ଉଚିତ ବୋଲି ସାଧାରଣରେ ଦାବି ହେଉଛି।

## ନଭେମ୍ବର ୨୬ରେ ପଲ୍ଲିଶ୍ରୀ ମେଳା

**ଖୋର୍ଦ୍ଧା ଅଫିସ,୨୯।୧୦**

ଖୋର୍ଦ୍ଧା ସହରର ହାବେଳି ପଡିଆରେ ପ୍ରଥମ ଥର ପାଇଁ ପଲ୍ଲିଶ୍ରୀ ମେଳା ନଭେମ୍ବର ୨୬ରେ ଉଦ୍‌ଘାଟନ ହେବ। ଏହା ୭ ଦିନ ଧରି ଚାଲିବ। ଓରମାସ ଆନୁକୂଲ୍ୟରେ ଅନୁଷ୍ଠିତ ମେଳାରେ ୧୫୦ ଷ୍ଟଲ ପଡିବ। ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର, ପିଡି ସରୋଜ ମିଶ୍ର, ଓରମାସର ସହକାରୀ ନିର୍ଦ୍ଦେଶକ ନିଗମ ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଳବାଇରେ ହାତୀପଲ: ଘଉଡାଇଲେ ଗ୍ରାମବାସୀ

**ଖୋର୍ଦ୍ଧା ଅଫିସ,୨୯।୧୦**

ଖୋର୍ଦ୍ଧା ବନଖଣ୍ଡ ଗୋଳବାଇରେ ଏକ ୧୫ ଜଣିଆ ହାତୀପଲ ୭ ଦିନ ହେଲା ଆତଙ୍କ ରଚାଇଛନ୍ତି। ସ୍ଥାନୀୟ ଲୋକ ହାତୀ ଘଉଡାଇବା ପାଇଁ ବନ ବିଭାଗକୁ ବାରମ୍ବାର ଅବଗତ କରୁଥିଲେ ମଧ ସୁଫଳ ପାଇଲେ ନାହିଁ। ଶେଷରେ ଗାଁର ଲୋକେ ଏକତ୍ରିତ ହୋଇ ନିଆଁ ହୁଳା ବାଡି ଧରି ରାତି ଉଜାଗର ରହି ହାତୀ ଘଉଡାଇବାରେ ଲାଗି ପଡିଛନ୍ତି। ହାତୀମାନେ ଗଙ୍ଗାପଡା ମୁଣ୍ଡିଆରେ ରହୁଛନ୍ତି। ପ୍ରତିଦିନ ଗୋଳବାଇ ଅଞ୍ଚଳକୁ ଆସି ଧାନ ଫସଲ ଖାଇବା ସହ ନଷ୍ଟ କରୁଛନ୍ତି।



ରାତିରେ ଗୋଳାବାଇ ଗ୍ରାମବାସୀ ହାତୀ ଘଉଡ଼ାଉଛନ୍ତି।

## ସରକାରୀ କଟକଣାକୁ ମାନିଲେନି କୃଷକ ସଙ୍ଗଠନ


# ପଦଯାତ୍ରାରେ ଭୁବନେଶ୍ୱର ଆସିଲେ ୫ହଜାର ଚାଷୀ

**ବାଲୁଗାଁ,୨୯।୧୦(ଡି.ଏନ.ଏ.)**

ସରକାରଙ୍କ କଟକଣାକୁ ରାଜ୍ୟ ନବ ନିର୍ମାଣ କୃଷକ ସଂଗଠନ ଗ୍ରହଣ କରିନାହିଁ। ପୂର୍ବ ଡାକରା କ୍ରମେ ସୋମବାର ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ପୁରୀ ଓ ନୟାଗଡ଼ ଜିଲାରୁ ଚାଷୀମାନେ ଖୋର୍ଦ୍ଧା ଜିଲା ବାଲୁଗାଁ ରେଳ ଷ୍ଟେଶନରେ ଏକତ୍ରିତ ହୋଇ ଏଠାରୁ ଏକ ବିଶାଳ ପଦଯାତ୍ରାରେ ଭୁବନେଶ୍ୱର ଅଭିମୁଖେ ବାହାରିଛନ୍ତି। ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଚାଷୀ ଏହି ପଦଯାତ୍ରାରେ ସାମିଲ ହୋଇଥିବା ବେଳେ ଏମାନଙ୍କୁ ରୋକିବା ଦିଗରେ ପୋଲିସ ପ୍ରଶାସନ ବିଫଳ ହୋଇଛି।

୨୦ବର୍ଷ ବୟସରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ୫୦୦୦ ଟଙ୍କା ଲେଖାଏ ସୁରକ୍ଷା ଭତ୍ତା ଏବଂ ଏଥିପାଇଁ ୩୬ଲକ୍ଷ ଚାଷୀ ପରିବାରଙ୍କୁ ୨୧୬୦୦କୋଟି ଟଙ୍କାର ଅନୁଦାନ ପ୍ରଦାନ, ଚାଷୀମାନଙ୍କୁ ସୁରକ୍ଷା ଓ ସମ୍ମାନ, ଫସଲ ବୀମା, ଆମଦାନୀ ଫସଲର ଉପଯୁକ୍ତ ମୂଲ୍ୟ ଆଦି କୃଷକ ସଂଗଠନର ଦାବି ରହିଛି।

ପ୍ରକାଶ ଥାଉକି, ଚାଷୀଙ୍କର ରାଜପଥରେ ଏହି ପଦଯାତ୍ରାକୁ ସରକାର ଅନୁମତି ପ୍ରଦାନ କରି ନ ଥିଲେ। କିନ୍ତୁ ଏହି କଟକଣାକୁ ଭ୍ରୁକ୍ଷେପ ନ କରି ସୋମବାର ସକାଳେ ବାଲୁଗାଁ ଷ୍ଟେଶନ୍‌କୁ ବିଭିନ୍ନ ଜିଲାରୁ ହଜାର ହଜାର ଚାଷୀଙ୍କ ଆଗମନ ହୋଇଥିଲା। ସେମାନଙ୍କ ମଧ୍ୟରୁ ୩୨ଜଣ ଚାଷୀଙ୍କୁ ପୋଲିସ ବାଲୁଗାଁ ଥାନାକୁ ଆଣି ଅଟକ ରଖି ପରେ ଛାଡି ଦେଇଥିଲା। ପରବର୍ତ୍ତୀ ସମୟରେ ଷ୍ଟେଶନ ପରିସରରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସରକାରଙ୍କ କୃଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରାଯିବା ସହ ସରକାର ବିରୋଧୀ ସ୍ଲୋଗାନ ଦିଆଯାଇଥିଲା। ବାଲୁଗାଁ ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆଇଆଇସି ଶରତ ଚନ୍ଦ୍ର ପାତ୍ର, ଟାଙ୍ଗି, ବାଣପୁର, ଜଙ୍କିଆ ପୋଲିସ କର୍ମଚାରୀଙ୍କ ସମେତ ୧ପ୍ଲାଟୁନ୍ ଫୋର୍ସ ଓ ଆରପିଏଫ୍ ଉପସ୍ଥିତ ରହି କୃଷକଙ୍କୁ ଏହି ସମାବେଶରୁ ନିବୃତ୍ତ ରଖିବା ପାଇଁ ବିଫଳ ହୋଇଥିଲେ। ଏତେ ସଂଖ୍ୟକ କୃଷକଙ୍କୁ ସାମନା କରିବା ପୋଲିସ ପାଇଁ ସମ୍ଭବ ନ ଥିଲା। ଏହା ପରେ କୃଷକ ସଂଗଠନର ଏକ ବିଶାଳ ଶୋଭାଯାତ୍ରା ଭୁବନେଶ୍ୱର ଅଭିମୁଖେ ବାହାରିଥିଲା। ଅକ୍ଟୋବର ୨୯ତାରିଖରୁ ବାଲୁଗାଁରୁ ଏହି ପଦଯାତ୍ରା ଆରମ୍ଭ ହୋଇ ନଭେମ୍ବର ୫ ତାରିଖରେ ଭୁବନେଶ୍ୱର ଠାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟା ସୁଦ୍ଧା ୧୬ନଂ ଜାତୀୟ ରାଜପଥର ନାରୁଣୀ ଠାରେ ପଦଯାତ୍ରା ପହଞ୍ଚିଛି। ସେଠାରେ ରାତ୍ରି ଯାପନ ପରେ ମଙ୍ଗଳବାର ସକାଳୁ ପୁଣି ପଦଯାତ୍ରା ଭୁବନେଶ୍ୱର ଅଭିମୁଖେ ବାହାରିବ। ତେବେ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଯେଉଁଠି ଅଟକାଇବା ପାଇଁ ପ୍ରଚେଷ୍ଟା କରାଯିବ ଏବଂ ସେଠାରେ ଯେଉଁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟିହେବ ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ନବ ନିର୍ମାଣ ସଂଗଠନର ନେତୃବୃନ୍ଦ ଚେତାବନୀ ଦେଇଛନ୍ତି।



ଚାଷୀମାନଙ୍କୁ ଷ୍ଟେଶନରେ ପୋଲିସ ଅଟକାଇଛି।

## ଖୋର୍ଦ୍ଧାରୋଡ୍ ଷ୍ଟେଶନରେ ରେଳରୋକୋ

**ଜଟଣୀ,୨୯।୧୦(ଡି.ଏନ.ଏ.)**

ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଖୋର୍ଦ୍ଧାରୋଡ଼ ରେଳ ଷ୍ଟେଶନରେ ସୋମବାର ରେଳରୋକୋ ଆନ୍ଦୋଳନ କରାଯାଇଥିଲା। ପୁରୀ–ଗୁଣୁପୁର ପାସେଞ୍ଜର ଟ୍ରେନ୍‌କୁ ଚାଷୀମାନେ ଅଟକାଇ ରଖିଥିଲେ। ଭୁବନେଶ୍ୱରରେ ହେବାକୁ ଥିବା ସମାବେଶରେ ଯୋଗଦେବାକୁ ଯାଉଥିବା ସଙ୍ଗଠନର ସଦସ୍ୟମାନଙ୍କୁ ବିଭିନ୍ନ ସ୍ଥାନରେ ପୋଲିସ ଅଟକାଇ ରଖିବା ପ୍ରତିବାଦରେ ଏଠାରେ ଏହି ଆନ୍ଦୋଳନ କରାଯାଇଥିଲା। ଘଟଣାସ୍ଥଳକୁ ଆର୍‌ପିଏଫ୍ ଓ ରେଲୱେ ପୋଲିସ ପହଞ୍ଚି ରେଳ ଧାରଣା ଉପରୁ ଆନ୍ଦୋଳନକାରୀଙ୍କୁ ଉଠାଇବା ପରେ ଅଧଘଣ୍ଟା ବିଳମ୍ବରେ ଟ୍ରେନ୍ ଚଳାଚଳ ଆରମ୍ଭ କରିଥିଲା। ଏହି ଘଟଣାରେ ସାଇ ଲକ୍ଷ୍ମୀ ପ୍ରସାଦ ପଲେଇ, ମହମ୍ମଦ ମନୱର ଅଲ୍ଲୀ, ମଧୁସ୍ମିତା ସାମଲ, ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ପ୍ରଶାନ୍ତ ପ୍ରଧାନଙ୍କୁ ରେଲୱେ ଆକ୍ଟରେ ଆର୍‌ପିଏଫ୍ ଗିରଫ କରି ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଥିଲେ। ଆର୍‌ପିଏଫ୍ ଥାନାରେ ମାମଲା ରୁଜୁ ହୋଇଛି।



ନବନିର୍ମାଣ କୃଷକ ସଂଘର ସଦସ୍ୟମାନେ ରେଳରୋକୋ କରିଛନ୍ତି।

## ନବାଗତ ଶିକ୍ଷାର୍ଥୀଙ୍କୁ ସ୍ୱାଗତ

**ବୋଲଗଡ଼,୨୯।୧୦(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ୍ ବାଙ୍କୋଇସ୍ଥିତ କେପିଏଏନ୍ କଲେଜ ଶିକ୍ଷା ବିଭାଗର ନବାଗତ ଯୁକ୍ତ୩ ପ୍ରଥମ ସେମିଷ୍ଟାର ଶିକ୍ଷାର୍ଥୀମାନଙ୍କୁ ସ୍ୱାଗତ କରାଯାଇଛି। ଏହି ଅବସରରେ ସୋମବାର ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱାଗତ ଉତ୍ସବ ସଭାରେ ଅଧକ୍ଷ ରମେଶ ଚନ୍ଦ୍ର ସାମନ୍ତରାୟ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ କଲେଜର ପ୍ରତିଷ୍ଠାତା ସମ୍ପାଦିକା କୁମୁଦିନୀ ଜୟସିଂହ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଶାନ୍ତ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ହରପ୍ରିୟା ଦାଶ, ଅଧ୍ୟାପକ ସରୋଜ କୁମାର ମିଶ୍ର, ଦିଲୀପ କୁମାର ପଣ୍ଡା, ପୀତବାସ ମିଶ୍ର, ଜୟ ପ୍ରକାଶ ମିଶ୍ର ଓ ସୁକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉକ୍ତ ୫୭ ନବାଗତ ଶିକ୍ଷାର୍ଥୀଙ୍କୁ ୩ୟ ଏବଂ ୫ମ ସେମିଷ୍ଟାର ଶିକ୍ଷାର୍ଥୀମାନେ ପଠନ ସାମଗ୍ରୀ ସହିତ ଫୁଲତୋଡା ପ୍ରଦାନ ପୂର୍ବକ ଶୁଭେଚ୍ଛା ଜଣାଇଥିଲେ। ଦେବୀପ୍ରସାଦ ମିଶ୍ର, ଉପେନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ଦଳାଇ, ଶାନ୍ତିଲତା ଚଣ୍ଡ ଓ ଇତିନି ପଣ୍ଡା ପ୍ରମୁଖ ବରିଷ୍ଠ ଶିକ୍ଷାର୍ଥୀ ନୂତନ ଶିକ୍ଷାର୍ଥୀଙ୍କୁ ନୈତିକ ଉପଦେଶ ପ୍ରଦାନ କରିଥିଲେ।

## ■ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଦାବି

# ୧୨ ଘଣ୍ଟା ଭଦ୍ରକ ବନ୍ଦ

**ଭଦ୍ରକ ଅଫିସ,୨୯।୧୦**

ଭଦ୍ରକରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଜିଲା ଉନ୍ନୟନ ସଂଘର୍ଷ ସମିତି, ମେଡିକାଲ କଲେଜ ସଂଗ୍ରାମୀ ସେନା ସୋମବାର ବନ୍ଦ ଡାକରା ଦେଇଥିଲା। ଏହାକୁ ସମର୍ଥନ ଜଣାଇ ଜିଲାରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଫଳରେ ଜିଲା ମୁଖ୍ୟାଳୟ ସମେତ ସମସ୍ତ ବ୍ଲକ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଏଥିସହ ମୁଖ୍ୟ ବଜାର, ସ୍କୁଲ, କଲେଜ ସହ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନକୁ ମଧ୍ୟ ବନ୍ଦ ରଖାଯାଇଥିଲା। ସେହିପରି ଜିଲାରେ ସମସ୍ତ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା।

୧୬ ନମ୍ବର ଜାତୀୟ ରାଜପଥରେ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଂଗଠନ ପକ୍ଷରୁ ସକାଳ ୬ରୁ ଭଣ୍ଡାରିପୋଖରୀ ଆଖୁଆପଦା ନିକଟରୁ ଜିଲା ବର୍ଡର କୁହାଯାଉଥିବା ରାଣୀତାଲ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଗାଡ଼ିମୋଟରକୁ ବନ୍ଦ କରାଯାଇଥିଲା। ସେହିଭଳି ଭଦ୍ରକ ଷ୍ଟେଶନ ନିକଟରେ ୨ଟି ଲୋକାଲ ଟ୍ରେନ୍ ସମ୍ମୁଖରେ ଆନ୍ଦୋଳନକାରୀମାନେ ୨ଘଣ୍ଟା ପ୍ରତିବାଦ କରିବାରୁ ଭଦ୍ରକ-ବ୍ରହ୍ମପୁର ଡିଏମ୍ୟୁ ଓ ଯାଜପୁର-ଖଡ଼ଗପୁର ଡିଏମ୍ୟୁ ବାତିଲ୍ ହୋଇଥିଲା। ଉପଜିଲାପାଳଙ୍କ କାର୍ଯ୍ୟାଳୟ ତଥା କୋର୍ଟ ଫାଟକରେ ତାଲା ପଡ଼ିଥିବାବେଳେ ବିଚାରପତିମାନେ ଭିତରକୁ ଯିବାକୁ ଚାହିଁବାରୁ ଆନ୍ଦୋଳନକାରୀମାନେ ଛାଡ଼ି ନ ଥିଲେ। ଫଳରେ ବିଚାରପତିମାନେ ପୋଲିସ ସୁରକ୍ଷା ବଳୟରେ ଫେରିଥିଲେ। ଜାତୀୟ ରାଜପଥର ବନ୍ତ ଛକ ପୋଲ ଉପରେ ଆନ୍ଦୋଳନକାରୀଙ୍କ ସହ ପୋଲିସର ମୁହାଁମୁହିଁ, ଯୁକ୍ତିତର୍କ ପରିସ୍ଥିତି ସୃଷ୍ଟି ହୋଇଥିଲା। ଜିଲାପାଳ ଆନ୍ଦୋଳନ ସ୍ଥଳକୁ ଆଲୋଚନା ପାଇଁ ଆସିବାକୁ ଆନ୍ଦୋଳନକାରୀମାନେ ଅଡ଼ି ବସିଥିଲେ। କିନ୍ତୁ ଜିଲାପାଳ ବନ୍ତ ଛକ ପୋଲ ଉପରକୁ ଆସିବାକୁ ମନା କରିବାରୁ ଆନ୍ଦୋଳନକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗାଡ଼ି ଚଳାଚଳ ବନ୍ଦ ରହିବାରୁ ଯାତ୍ରୀମାନେ ହଇରାଣ ହୋଇଥିଲେ। ଫଳରେ ନିର୍ଦ୍ଧାରିତ ସମୟର ୩ ଘଣ୍ଟା ପୂର୍ବରୁ ଅପରାହ୍ନ ୩ଟାରୁ ରାସ୍ତାରୋକୋ ପ୍ରତ୍ୟାହୃତ କରାଯାଇଥିଲା। ବୁଧବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ତାଲା ପକାଯାଇ ପ୍ରତିବାଦ କରାଯିବ। ସରକାରୀସ୍ତରରେ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ବିଧିବଦ୍ଧ ଘୋଷଣା କରା ନ ଯିବା ପର୍ଯ୍ୟନ୍ତ ଭଦ୍ରକବାସୀ ଆନ୍ଦୋଳନ ଜାରି ରଖିବେ ବୋଲି ମେଡିକାଲ କଲେଜ ସଂଗ୍ରାମୀ ସେନା ଆବାହକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଚେତାବନୀ ଦେଇଛନ୍ତି। ବିଭିନ୍ନ ରାଜନୈତିକ ଦଳ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ବନ୍ଦ ସମୟରେ ଜରୁରିକାଳୀନ ସେବାକୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇଥିଲା। ତେବେ ବନ୍ଦ ପାଳନ ସମୟରେ ବିଜେଡିର କାଁ ଭାଁ ନେତାଙ୍କୁ ବାଦ୍ ଦେଲେ ଛାମୁଆ ନେତାମାନଙ୍କୁ ଦେଖିବାକୁ ମିଳି ନ ଥିଲା। ଶାସକ ବିଜେଡିର ଏଭଳି କରଛଡ଼ା ନୀତିକୁ ଜିଲାବାସୀ ନାପସନ୍ଦ କରିଛନ୍ତି। ଜିଲାର ସମୂହ ସ୍ୱାର୍ଥ ପାଇଁ ଆନ୍ଦୋଳନରେ ବିଜେଡି ନେତାଙ୍କ ଅନୁପସ୍ଥିତିକୁ ସର୍ବସାଧାରଣରେ ନାପସନ୍ଦ କରାଯାଇଛି।


ବନ୍ତ ଛକ ଏନ୍ଏଚ୍ ଉପରେ ରାସ୍ତାରୋକୋ।

- ■ ୨ ଘଣ୍ଟା ରେଳରୋକୋ, ୯ ଘଣ୍ଟା ରାଜପଥ ଅବରୋଧ
- ■ ଆଲୋଚନା ପାଇଁ ଆସିଲେନି ଜିଲାପାଳ
- ■ ଜିଲାପାଳଙ୍କ କାର୍ଯ୍ୟାଳୟରେ ତାଲା ପକାଇବାକୁ ଚେତାବନୀ

## ଇମାମ୍ଙ୍କ ସ୍ତ୍ରୀଙ୍କୁ ବଳାତ୍କାର

**ମୁଜାଫରନଗର,୨୯।୧୦(ପି.ଟି.)**

ଦିଲ୍ଲୀସ୍ଥିତ ଏକ ମସ୍‌ଜିଦର ଇମାମ୍ଙ୍କ ସ୍ତ୍ରୀ ଯୌନ ଉତ୍ପୀଡ଼ନର ଶିକାର ହୋଇଛନ୍ତି। ଦିଅର ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଉତ୍ତରପ୍ରଦେଶ (ୟୁପି)ର ମୁଜାଫରନଗର ଜିଲା ଅନ୍ତର୍ଗତ ଧାନଦେବା ଗ୍ରାମସ୍ଥିତ ବାସଭବନରେ ରବିବାର ଏହି ଘଟଣା ଘଟିଛି। ଇମାମ୍ଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ତାଙ୍କ ଭାଇ ଏହି କାଣ୍ଡ ଭିଆଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ପୀଡ଼ିତା ଅଭିଯୋଗ ଆଣିବା ପରେ ଥାନାରେ ଏତଲା ରୁଜୁ କରି ।ଇନା ପାଇଁ ତାଙ୍କୁ ପଠାଇଦିଆଯାଇଥିଲା। ଏହି ଘଟଣା ପ୍ରଘଟ ହେବା ପରେ ପୀଡ଼ିତାଙ୍କୁ ସ୍ୱାମୀ ଛାଡ଼ପତ୍ର ନୋଟିସ ଦେଇଛନ୍ତି ବୋଲି ପୋଲିସ ସୂଚନା ଦେଇଛି।

## ଭୀମା-କୋରେଗାଓଁ ମାମଲା

## ଚାର୍ଜଶିଟ୍ ଦାଖଲ ପାଇଁ ମହାରାଷ୍ଟ୍ର ପୋଲିସକୁ ମିଳିଲା ମହଲତ

**ନୂଆଦିଲ୍ଲୀ,୨୯।୧୦(ପି.ଟି.)**

ଭୀମା-କୋରେଗାଓଁ ହିଂସା ମାମଲାରେ ସୋମବାର ମହାରାଷ୍ଟ୍ର ପୋଲିସକୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି ସୁପ୍ରିମକୋର୍ଟ। ଅଭିଯୁକ୍ତ ସାମାଜିକ କର୍ମୀଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ ପାଇଁ ପୋଲିସକୁ ଡିସେମ୍ବର ୧ ପର୍ଯ୍ୟନ୍ତ ମହଲତ ଦେଇଛନ୍ତି ସୁପ୍ରିମକୋର୍ଟ। ନିର୍ଦ୍ଧାରିତ ସମୟ ଭିତରେ ତଦନ୍ତ ରିପୋର୍ଟ ଦାଖଲ ନ ହେବା ଯାଏ ଅଭିଯୁକ୍ତଙ୍କୁ ଜାମିନ ମିଳିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ସିଆର୍‌ପିସିରେ ଥିବା ବ୍ୟବସ୍ଥା ଅନୁଯାୟୀ ସଙ୍ଗିନ ମାମଲାର ୯୦ ଦିନ ମଧ୍ୟରେ ଅଭିଯୋଗପତ୍ର ଦାଖଲ ନ ହେଲେ ବିଳମ୍ବତା କାରଣ ଦର୍ଶାଇ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରାଯାଇପାରିବ।


ଦିନିକିଆ ଢେଙ୍କାନାଳ ଜିଲା ଗସ୍ତ ଅବସରରେ ଯୋରନ୍ଦା ମହିମା ଗାଦିରେ ସାଧୁ ସନ୍ନ୍ୟାସୀଙ୍କ ଗହଣରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍।

## ■ ଚିଲିକାରେ ହେଲିକପ୍ଟର ଉଡ଼ାଣ ଘଟଣା

# ହେଙ୍ଗର ଖୋଲିଲା, ହେଲିକପ୍ଟର ସିଲ୍

**ପୁରୀ ଅଫିସ, ୨୯।୧୦**

ଚିଲିକା ଉପରେ ବିପଜ୍ଜନକ ଭାବେ ହେଲିକପ୍ଟର ଉଡ଼ାଣ ଘଟଣାରେ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) କ୍ଲିନଚିଟ୍ ଦେବା ପରେ ସୋମବାର ପୁରୀ ପୋଲିସ ହେଙ୍ଗରରୁ ସିଲ୍ ଖୋଲିଛି। ପୁରୀ ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରକୁ ଯାଇ ଇମ୍ପାର ସିଲ୍ ହୋଇଥିବା ହେଙ୍ଗରକୁ ଖୋଲିଛନ୍ତି। କିନ୍ତୁ ଚିଲିକା ଉପରେ ଉଡିଥିବା ରବିନ୍‌ସନ୍ ଆର-୪୪ ହେଲିକପ୍ଟରକୁ ସିଲ୍ କରିଛନ୍ତି। ଏହି ଘଟଣାର ତଦନ୍ତ ଚାଲିଥିବାରୁ ଉକ୍ତ ହେଲିକପ୍ଟରକୁ ସିଲ୍ କରାଯାଇଥିବା ଭୁବନେଶ୍ୱରଠାରେ ଏସ୍‌ଡିପିଓ ଗଣମାଧ୍ୟମକୁ କହିଛନ୍ତି।

ସୂଚନା ଯୋଗ୍ୟ, ଚିଲିକାର ଅରଖକୁଦା ତଥା ନୂଆମୁହାଣ ଇଲାକାରେ ସେପ୍ଟେମ୍ବର ୧୫ରେ ସି ପ୍ଲେନ ଉଡିଥିବା ଚର୍ଚ୍ଚା ହୋଇଥିଲା। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ଙ୍କ ଏତଲାକୁ ଭିତ୍ତିକରି ଅରଖକୁଦା ସାମୁଦ୍ରିକ ଥାନା ପୋଲିସ ଗତ ସେପ୍ଟେମ୍ବର ୧୭ରେ ୨୭୭, ୨୭୮, ୩୩୬, ୪୩୧ଦଫା, ୧୧ ଏୟାରକ୍ରାଫ୍ଟ ଆକ୍ଟ ୧୯୩୪ ବଳରେ ଏକ କେସ (ନଂ. ୧୬/୧୮) ରୁଜୁ କରିଥିଲା। ତଦନ୍ତରୁ ଇମ୍ପାର ହେଲିକପ୍ଟର ରବିନ୍‌ସନ୍ ଆର-୪୪ ଉଡିଥିବା ଜଣାପଡିଥିଲା। ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଉକ୍ତ ହେଲିକପ୍ଟର ଉଡାଣ କରିଥିବା ବେଳେ ଅଭିଜିତ ଆୟର ମିତ୍ର ଏବଂ ଆରତୀ ଟିକୋ ଯାତ୍ରୀ ରହିଥିଲେ। ପୁରୀ ପୋଲିସ ଏହି ଘଟଣାର ତଦନ୍ତ କରି ସେପ୍ଟେମ୍ବର ୧୭ ରାତିରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଥିବା ଇମ୍ପାର ହେଙ୍ଗରକୁ ସିଲ୍ କରିଥିଲା। ଅନ୍ୟପକ୍ଷରେ ପୁରୀ ପୋଲିସ ଡିଜିସିଏକୁ ଚିଠି ଲେଖିଥିଲା। ଡିଜିସିଏ ଏହି ଘଟଣାର ତଦନ୍ତ କରି ଗତ ୨୫ତାରିଖରେ ବୈଜୟନ୍ତଙ୍କୁ କ୍ଲିନଚିଟ୍ ଦେଇଥିଲା। ଡିଜିସିଏର କ୍ଲିନଚିଟ୍ ପରେ ୪୨ ଦିନ ଧରି ସିଲ୍ ହୋଇ ରହିଥିବା ଇମ୍ପା ହେଙ୍ଗରକୁ ପୋଲିସ ଖୋଲିଛି। ସେଥିରେ ଥିବା ୨ ହେଲିକପ୍ଟରକୁ ପୋଲିସ ମୁକ୍ତ କରିଥିବା ବେଳେ ଉଡିଥିବା ହେଲିକପ୍ଟରକୁ ସିଲ୍ କରିଛି। ଚିଲିକାରେ କେତେ ଉଚ୍ଚତାରେ ଉକ୍ତ ହେଲିକପ୍ଟର ଉଡିଛି ସେ ସଂକ୍ରାନ୍ତରେ ପୁରୀ ପୋଲିସ ଡିଜିସିଏଙ୍କୁ ତଥ୍ୟ ମାଗିଛି।

# ଲୁଟିନେଲେ ୪ ଲକ୍ଷ ୮୦ ହଜାର

**ତାଳଚେର/ଅନୁଗୋଳ, ୨୯।୧୦ (ନି.ପ୍ର.)**

ଅନୁଗୋଳ ସହର ସହ ତାଳଚେର ଅଞ୍ଚଳରୁ ସୋମବାର ଲୁଟେରାମାନେ ୪ଲକ୍ଷ ୮୦ ହଜାର ଟଙ୍କା ଲୁଟି ନେଇଛନ୍ତି। ତାଳଚେରରେ ହୋଇଥିବା ଲୁଟ୍ ନେଇ ଥାନାରେ ଅଭିଯୋଗ ହୋଇଥିବା ବେଳେ ଅନୁଗୋଳ ସହରରୁ ଲୁଟ୍ ସଂକ୍ରାନ୍ତରେ ପୋଲିସ ନିକଟରେ ଅଭିଯୋଗ ହୋଇନାହିଁ।

ପ୍ରକାଶ ଯେ, ପୋଲିସ ଛାଉଣୀ ମଧ୍ୟରେ ଥିବା ତାଳଚେର ହାଟତୋଟାସ୍ଥିତ ବ୍ଲକ ଅଫିସ ନିକଟରୁ ଲିଙ୍ଗରାଜ ଖଣିର ଷ୍ଟୋର କିପର ରାଜେନ୍ଦ୍ର ଶତପଥୀଙ୍କ ବାଇକ୍ ଡିକି ଖୋଲି ଲୁଟେରାମାନେ ୩ ଲକ୍ଷ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ତାଳଚେର ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଶତପଥୀ ହାଟତୋଟା ଷ୍ଟେଟବ୍ୟାଙ୍କ ଶାଖାରୁ ୩ ଲକ୍ଷ ଟଙ୍କା ଉଠାଇ ନିଜ ବାଇକ୍ ଡିକିରେ ରଖି ଘରକୁ ଯାଉଥିଲେ। ମଧ୍ୟାହ୍ନ ୧୨ଟା ବେଳେ ଭାଜପାର ବ୍ଲକ ଘେରାଉ ଥିବାରୁ ବ୍ଲକ ଓ ପୋଷ୍ଟ ଅଫିସ ଅଞ୍ଚଳରେ ବ୍ୟାପକ ଫୋର୍ସ ମୁତୟନ ହୋଇଥିଲା। ଏହି ସମୟରେ ସେ ବ୍ଲକ ନିକଟ ପୋଷ୍ଟ ଅଫିସ ସମ୍ମୁଖରେ ବାଇକ୍ ରଖି ଭିତରକୁ ଯାଇଥିଲେ। ମାତ୍ର ୧ ମିନିଟ୍ ଭିତରେ ଫେରି ଡିକିରେ ଟଙ୍କା ନ ଥିବା ଦେଖିବାକୁ ପାଇଥିଲେ। ସେହିପରି ନାଲ୍‌କୋ ଅଞ୍ଚଳର ବସନ୍ତ ସାହୁ ମଧ୍ୟାହ୍ନରେ ଅନୁଗୋଳ ସହର ଶଙ୍କର ସିନେମା ରୋଡ ନିକଟରେ ଥିବା ଏଚ୍‌ଡିଏଫ୍‌ସି ବ୍ୟାଙ୍କରୁ ୧ ଲକ୍ଷ ୮୦ ହଜାର ଟଙ୍କା ଉଠାଇ ଫେରିବା ସମୟରେ ଦୁଇ ଦୁର୍ବୃତ୍ତ ବ୍ୟାଗ୍ ଝାମ୍ପି ନେଇ ପଳାଇ ଯାଇଥିଲେ। ଏହାଛଡ଼ା ରବିବାର ବିଳମ୍ବିତ ରାତିରେ ସହରରେ ଥିବା ବିଭିନ୍ନ ଦୋକାନ ସହ ପୂଜା ମଣ୍ଡପରୁ ଚୋରି ହୋଇଥିବା ସୂଚନା ମିଳିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ପୋଲିସ ନିକଟରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଥାନା ଅନୁଗୋଳ ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି।

# ଟାର୍ଗେଟରେ ୫ ବିଧାୟକ

**ମାଲକାନଗିରି, ୨୯।୧୦ (ଡି.ଏନ.ଏ.)**

**ସୀମାନ୍ତରେ ମାଓବାଦୀ ପୋଷ୍ଟର**



ମାଲକାନଗିରି ଜିଲା ସୀମାନ୍ତବର୍ତ୍ତୀ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଜିଲାରେ ପୁଣି ଲାଲବାହିନୀର ପୋଷ୍ଟର ଦେଖିବାକୁ ମିଳିଛି। ଏଥିରେ ମାଓବାଦୀମାନେ ପୁନର୍ବାର ଲୋକ ପ୍ରତିନିଧି ଓ ବିଧାୟକଙ୍କୁ ହତ୍ୟା ଧମକ ଓ ଚେତାବନୀ ଦେଇଛନ୍ତି। ଗାଲିକୋଣ୍ଡା ଦଳ ପକ୍ଷରୁ ଏହି ପୋଷ୍ଟର ଲଗାଯାଇଥିବା ଜଣାପଡିଛି। ଗତମାସରେ ଆରୁକୁ ବିଧାୟକ, ଓ ଅନ୍ୟ ଜଣେ ପୂର୍ବତନ ବିଧାୟକଙ୍କୁ ମାଓବାଦୀମାନେ ସ୍ପଷ୍ଟ ଦିବାଲୋକରେ କୋରାପୁଟ ଜିଲା ପାଡୁଆଠାରେ ମାତ୍ର ୧୫ ମିଟର ଦୂରରୁ ହତ୍ୟା କରିଥିଲେ। ବକ୍ସାଇଟ୍ ଖଣି ଖନନ ଓ ଅବାଧରେ କ୍ୱାରି ଲିଜ୍ ନେଇ ଆଦିବାସୀଙ୍କୁ ବିସ୍ଥାପିତ କରୁଥିବାରୁ ସେମାନଙ୍କୁ ଏପରି ହତ୍ୟା କରାଯାଇଥିବା ମାଓବାଦୀମାନେ ସଫେଇ ଦେଇଥିଲେ । ତେବେ ପୁନର୍ବାର ଲାଲବାହିନୀ ପକ୍ଷରୁ ମନ୍ତ୍ରୀ ଓ ବିଧାୟକଙ୍କୁ ଟାର୍ଗେଟ୍ କରି ପୋଷ୍ଟର ମରାଯାଇଛି। ମନ୍ତ୍ରୀ ଆଇ.ଏନ୍. ପାତ୍ର, ଆନାକାପାଲି ବିଧାୟକ ପିଲା ଗୋବିନ୍ଦ, ଚୋଡବରମ୍ ବିଧାୟକ କେ.ଏସ୍.ଏନ୍. ରାଜୁ, ପର୍ବତନ ମନ୍ତ୍ରୀ ଗେଡା ଈଶ୍ୱରୀ ଏବଂ ମଣିକୁମାରୀଙ୍କ ନାମ ପୋଷ୍ଟରରେ ଉଲ୍ଲେଖ ରହିଛି। ଏହି ନେତାମାନେ ବକ୍ସାଇଟ୍ ଖଣି ଖନନକୁ ସମର୍ଥନ କରି କମ୍ପାନୀଙ୍କ ସହ ଚୁକ୍ତି କରିବା ସହ ଏହି ଅଞ୍ଚଳରେ ଆଦିବାସୀମାନଙ୍କ ଜଙ୍ଗଲ ଜମିଗୁଡିକ ହାତେଇ ଖଣି ଖନନ ନାମରେ ଲୋକଙ୍କୁ ବସ୍ଥାପିତ କରିବା ପାଇଁ ଯୋଜନା କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଏଥିସହ ଏହି ବିଧାୟକମାନେ ନିଜେ ଆଦିବାସୀ ହୋଇ କିଭଳି ଆଦିବାସୀଙ୍କ କ୍ଷତି କରିବାକୁ ଯୋଜନା କରୁଛନ୍ତି ସେନେଇ ପ୍ରଶ୍ନ ଉଠାଇଛନ୍ତି। ଏହି ଅଞ୍ଚଳରେ କଫି ଚାଷକୁ ଆଦିବାସୀଙ୍କୁ ହସ୍ତାନ୍ତର କରିବାକୁ ମଧ୍ୟ ପୋଷ୍ଟରରେ ଉଲ୍ଲେଖ ରହିଛି। ପୋଷ୍ଟର ପାଇବା ପରେ ବିଶାଖାପାଟଣା ଗ୍ରାମାଞ୍ଚଳ ଏସ୍.ପି. ରାହୁଲଦେବ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ମନ୍ତ୍ରୀ, ବିଧାୟକଙ୍କ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଏସ୍‌ଓପି ପାଳନ ପାଇଁ ମଧ୍ୟ କୁହାଯାଇଛି।


No. XXXV-28

## ଓଡ଼ିଶା ସରକାର
## ନୟାଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଘୋଷଣା

File No. XIV–20/2018 700 Dated : 16.08.2018

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ବୁଗୁଡା, ଥାନା- ଦଶପଲ୍ଲା ନଂ-୧୯୬, ତହସିଲ- ଦଶପଲ୍ଲା, ଜିଲ୍ଲା- ନୟାଗଡରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଖୋରଧା ରୋଡ-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୬୯୩୬, ତା. ୧୮.୦୮.୨୦୧୭ ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ବୁଗୁଡା ଥାନା- ଦଶପଲ୍ଲା ନଂ-୧୯୬, ଜିଲ୍ଲା-ନୟାଗଡ ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ କମିଶନର- ପୁନର୍ବାସ ଓ ଥଇଥାନ ଦ୍ୱାରା ଧାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ, ଏଥି ସହିତ ସଂଲଗ୍ନ କରାଗଲା। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.nayagarh.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ନୟାଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା : ନୟାଗଡ ତହସିଲ : ଦଶପଲ୍ଲା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବୁଗୁଡା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୬୦.୦୩୦ | ୩୬.୯୯୦ | ଏଥି ସହିତ ସଂଲଗ୍ନ |

### ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା : ନୟାଗଡ ତହସିଲ : ଦଶପଲ୍ଲା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବୁଗୁଡା | ଉକ୍ତ ମୌଜାରେ ପ୍ରଯୁଜ୍ୟ ଅଟେ। | | | | | | |

ଅଧିସୂଚନାର ବୈଧ ତାରିଖ :

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ନୟାଗଡ

### ଜମିର ତାଲିକା
ଗ୍ରାମ- ବୁଗୁଡା, ତହସିଲ- ଦଶପଲ୍ଲା, ଥାନା- ଦଶପଲ୍ଲା ନଂ ୧୯୬, ଜିଲ୍ଲା- ନୟାଗଡ

ବ୍ୟକ୍ତିଗତ ଜମି :

| କ୍ରମିକ ସଂଖ୍ୟା | ଖତିଆନ ନଂ | ପ୍ଲଟ ନଂ | ମୋଟ ରକବା | ଅର୍ଜିତ ରକବା | କିସମ | ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧ | ୨୪୨ | ୦.୮୦୦ | ୦.୪୫୦ | ଶାରଦ-୩ | ଅନାଦି ବିଶି, ବଂଶି ବିଶି ପି- ସଉରିଆ ବିଶି |
| ୨ | | ୨୪୬ | ୧.୨୩୦ | ୦.୩୧୦ | ଶାରଦ-୩ | |
| ୩ | | ୨୫୦ | ୧.୪୬୦ | ୧.୦୨୦ | ଶାରଦ-୩ | |
| ୪ | | ୨୯୦ | ୦.୨୨୦ | ୦.୨୨୦ | ଘରବାରି | |
| ୫ | | ୨୯୧ | ୦.୦୬୦ | ୦.୦୬୦ | ଘରବାରି | |
| ୬ | | ୨୯୨ | ୦.୨୧୦ | ୦.୨୧୦ | ଘରବାରି | |
| ୭ | | ୨୯୩ | ୦.୦୨୦ | ୦.୦୨୦ | ଘରବାରି | |
| ୮ | | ୨୯୪ | ୦.୦୪୦ | ୦.୦୪୦ | ଘରବାରି | |
| ୯ | | ୨୯୫ | ୦.୨୦୦ | ୦.୨୦୦ | ଘରବାରି | |
| ୧୦ | | ୨୯୬ | ୦.୧୯୦ | ୦.୧୯୦ | ଘରବାରି | |
| ୧୧ | | ୨୯୭ | ୦.୧୪୦ | ୦.୧୪୦ | ଘରବାରି | |
| ୧୨ | | ୩୩୯ | ୧.୭୦୦ | ୦.୯୫୦ | ଶାରଦ-୩ | |
| ୧୩ | | ୩୪୦ | ୦.୧୬୦ | ୦.୧୬୦ | ତଇଳା-୨ | |
| ୧୪ | | ୩୪୧ | ୦.୧୫୦ | ୦.୧୫୦ | ଶାରଦ-୩ | |
| ୧୫ | | ୨୩୮ | ୦.୧୮୦ | ୦.୧୮୦ | ଶାରଦ-୩ | |
| ୧୬ | | ୨୩୯ | ୦.୪୩୦ | ୦.୪୩୦ | ଶାରଦ-୧ | |
| ୧୭ | | ୨୪୧ | ୦.୧୧୦ | ୦.୧୧୦ | ଶାରଦ-୩ | |
| ୧୮ | | ୨୪୭ | ୦.୧୫୦ | ୦.୧୫୦ | ତଇଳା-୨ | |
| ୧୯ | ୬ | ୩୨୭ | ୦.୧୨୦ | ୦.୦୬୦ | ପତିତ | ଦୁଷ୍ମନ୍ତ କୁମାର ଜେନା, ପି- ମଧୁସୂଦନ ଜେନା |
| ୨୦ | ୭ ୧୬/୧୭ ୧୬/୪୧ | ୧୯୮ | ୦.୪୬୦ | ୦.୩୨୦ | ଶାରଦ-୨ | ଦୁଷ୍ମନ୍ତ କୁମାର ଜେନା, ସୁକାନ୍ତ କୁମାର ଜେନା, ଶ୍ରୀମନ୍ତ କୁମାର ଜେନା, ସୁଶାନ୍ତ କୁମାର ଜେନା, ହେମନ୍ତ କୁମାର ଜେନା, ପି- ମଧୁସୂଦନ ଜେନା, ଚିତ୍ତରଞ୍ଜନ କର, ପି- ଲକ୍ଷ୍ମଣ କର, ଦୁର୍ଗାମଣି କର, ସ୍ୱା- ଲକ୍ଷ୍ମଣ କର, ନଳିନୀ କୁମାରୀ ଭଞ୍ଜ, ସ୍ୱା- ଅଶୋକ କୁମାର ଭଞ୍ଜ |
| ୨୧ | | ୨୮୩ | ୦.୯୨୦ | ୦.୮୫୦ | ବଗାୟତ-୨ | |
| ୨୨ | | ୧୯୭ | ୦.୪୮୦ | ୦.୨୪୦ | ଶାରଦ-୩ | |
| ୨୩ | ୧୦ | ୨୮୬ | ୦.୦୪୦ | ୦.୦୪୦ | ଘରବାରି | ଫକିର ଚରଣ ଦାଶ, ପି- ଉଚ୍ଛବ ଦାଶ |
| ୨୪ | ୧୬/୮୮ | ୨୮୬/୫୧୬ | ୦.୧୭୦ | ୦.୧୭୦ | ଘରବାରି | ସନ୍ତୋଷ କୁମାର ଦାଶ, ପି- ବୁଧିଆ ଦାଶ |
| ୨୫ | ୧୬/୮୭ | ୨୮୬/୫୧୫ | ୦.୧୫୦ | ୦.୧୫୦ | ଘରବାରି | ସୁଶାନ୍ତ କୁମାର ଦାଶ, ପି- ଫକିର ଚରଣ ଦାଶ |
| ୨୬ | ୧୧ | ୧୯୪ | ୦.୩୧୦ | ୦.୨୪୦ | ଶାରଦ-୩ | ବଂଶି ବିଶି, ପି- ସଉରିଆ ବିଶି |
| ୨୭ | | ୨୮୦ | ୦.୨୮୦ | ୦.୦୭୦ | ପତିତ | |
| ୨୮ | | ୨୮୧ | ୦.୦୮୦ | ୦.୦୨୦ | ପତିତ | |
| ୨୯ | ୧୩ | ୧୯୨ | ୦.୫୧୦ | ୦.୫୧୦ | ତଇଳା-୨ | ମନ୍ଦାକିନି ରାଉଳ, ସ୍ୱା- ଚରଣ ରାଉଳ |
| ୩୦ | | ୬୨/୩୭୮ | ୩.୫୫୦ | ୧.୧୦୦ | ତଇଳା-୨ | |
| ୩୧ | ୧୪ ୧୬/୧୬ ୧୬/୩୬ ୧୬/୨୪ ୧୬/୧୫ | ୩୫ | ୦.୨୨୦ | ୦.୦୫୦ | ଶାରଦ-୩ | ମଧୁସୂଦନ ଜେନା, ପି- ଜଗନ୍ନାଥ ଜେନା, ବିଶ୍ୱରଞ୍ଜନ ମିଶ୍ର, ପି- ହାଡିବନ୍ଧୁ ମିଶ୍ର, ପଞ୍ଚାନନ ରାଉଳ, ପି- ବିଦ୍ୟାଧର ରାଉଳ, ମନ୍ଦାକିନି ଦେଇ, ସ୍ୱା- ଚରଣ ରାଉଳ, ପଦ୍ମାବତୀ ବାରିକ, ସ୍ୱା- ସୁରେନ୍ଦ୍ରନାଥ ବାରିକ |
| ୩୨ | | ୧୯୬ | ୦.୮୦୦ | ୦.୩୦୦ | ଶାରଦ-୩ | |
| ୩୩ | | ୩୨୯ | ୦.୨୪୦ | ୦.୦୭୦ | ଘରବାରି | |
| ୩୪ | | ୩୨୯/୩୮୪ | ୦.୫୮୦ | ୦.୨୫୦ | ଘରବାରି | |
| ୩୫ | | ୨୮୪ | ୦.୨୦୦ | ୦.୨୦୦ | ଘରବାରି | |
| ୩୬ | | ୩୨୪/୩୮୯ | ୦.୦୬୦ | ୦.୦୬୦ | ରାସ୍ତା | |
| ୩୭ | | ୩୫୩ | ୦.୬୩୦ | ୦.୦୨୦ | ତଇଳା | |
| ୩୮ | ୧୬ | ୨୮୫ | ୦.୨୬୦ | ୦.୨୬୦ | ଘରବାରି | ହାଲୁରୀ ଦାସ, ପି- ଉଚ୍ଛବ ଦାସ |
| ୩୯ | ୧୬/୬ | ୩୨୮ | ୦.୩୬୦ | ୦.୦୧୦ | ତଇଳା-୨ | ବୁଧିଆ ନାଏକ, ପି- ନଟିଆ ନାଏକ |
| ୪୦ | ୧୬/୧୫ | ୨୮୭ | ୦.୩୬୦ | ୦.୩୬୦ | ଘରବାରି | ପଦ୍ମାବତୀ ବାରିକ, ସ୍ୱା- ସୁରେନ୍ଦ୍ରନାଥ ବାରିକ |
| ୪୧ | | ୩୨୩ | ୦.୧୨୦ | ୦.୧୨୦ | ଘରବାରି | |
| ୪୨ | ୧୬/୧୧୬ | ୩୨୯/୩୮୭ | ୦.୫୭୦ | ୦.୨୦୦ | ଘରବାରି | ବିଶ୍ୱରଞ୍ଜନ ମିଶ୍ର, ପି- ହାଡିବନ୍ଧୁ ମିଶ୍ର |
| ୪୩ | ୧୬/୨୪ | ୧୯୫ | ୨.୪୫୦ | ୧.୩୪୦ | ଶାରଦ-୩ | ମନ୍ଦାକିନି ଦେଇ, ସ୍ୱା- ଚରଣ ରାଉଳ |
| ୪୪ | | ୧୯୨/୩୮୫ | ୦.୩୯୦ | ୦.୩୯୦ | ତଇଳା-୨ | |
| ୪୫ | | ୧୯୫/୩୯୨ | ୦.୦୫୦ | ୦.୦୫୦ | ପତିତ | |
| ୪୬ | ୧୬/୨୫ ୧୬/୨୮ ୧୬/୨୬ | ୨୬୬ | ୧.୮୮୦ | ୧.୧୦୦ | | ଦୁଷ୍ମନ୍ତ କୁମାର ଜେନା, ପି- ମଧୁସୂଦନ ଜେନା, ସୁଶାନ୍ତ କୁମାର ଜେନା, ପି- ମଧୁସୂଦନ ଜେନା |
| ୪୭ | | ୩୪୯ | ୦.୦୯୦ | ୦.୦୯୦ | ଶାରଦ-୩ | ସୁକାନ୍ତ କୁମାର ଜେନା, ପି- ମଧୁସୂଦନ ଜେନା |
| ୪୮ | | ୩୪୩ | ୨.୨୨୦ | ୧.୮୫୦ | ଶାରଦ-୩ | |
| ୪୯ | | ୩୪୮ | ୦.୧୪୦ | ୦.୧୪୦ | ଶାରଦ-୩ | |
| ୫୦ | | ୨୪୮ | ୦.୦୮୦ | ୦.୦୮୦ | ଶାରଦ-୩ | |
| ୫୧ | | ୨୪୨/୩୮୮ | ୦.୨୬୦ | ୦.୨୬୦ | ଶାରଦ-୩ | |
| ୫୨ | | ୩୪୭ | ୦.୨୬୦ | ୦.୨୬୦ | ଶାରଦ-୩ | |
| ୫୩ | | ୩୫୦ | ୦.୬୦୦ | ୦.୫୦୦ | ଶାରଦ-୩ | |
| ୫୪ | | ୩୦୩ | ୦.୫୫୦ | ୦.୫୫୦ | ତଇଳା-୨ | |
| ୫୫ | | ୩୦୬ | ୦.୧୧୦ | ୦.୧୧୦ | ତଇଳା-୨ | |
| ୫୬ | | ୩୦୭ | ୦.୦୭୦ | ୦.୦୭୦ | ତଇଳା-୨ | |
| ୫୭ | | ୩୦୪ | ୦.୬୧୦ | ୦.୬୧୦ | ତଇଳା-୨ | |
| ୫୮ | | ୩୦୫ | ୦.୪୬୦ | ୦.୪୬୦ | ତଇଳା-୨ | |
| ୫୯ | | ୨୪୯ | ୦.୧୫୦ | ୦.୧୫୦ | ତଇଳା-୨ | |
| ୬୦ | | ୩୧୯ | ୧.୪୪୦ | ୧.୪୪୦ | ତଇଳା-୨ | |
| ୬୧ | | ୩୨୦ | ୦.୦୫୦ | ୦.୦୫୦ | ତଇଳା-୨ | |
| ୬୨ | | ୨୯୮ | ୦.୧୪୦ | ୦.୧୪୦ | ତଇଳା-୨ | |
| ୬୩ | | ୨୯୯ | ୦.୨୬୦ | ୦.୨୬୦ | ତଇଳା-୨ | |
| ୬୪ | | ୩୦୦ | ୦.୫୪୦ | ୦.୫୪୦ | ତଇଳା-୨ | |
| ୬୫ | | ୩୧୫ | ୦.୨୧୦ | ୦.୨୧୦ | ଘରବାରି | |
| ୬୬ | | ୩୧୬ | ୦.୧୧୦ | ୦.୧୧୦ | ଘରବାରି | |
| ୬୭ | | ୩୦୮ | ୦.୦୮୦ | ୦.୦୮୦ | ଘରବାରି | |
| ୬୮ | | ୩୨୨ | ୦.୦୩୦ | ୦.୦୩୦ | ଘରବାରି | |
| ୬୯ | | ୨୮୮ | ୦.୪୦୦ | ୦.୪୦୦ | ଘରବାରି | |
| ୭୦ | | ୨୮୯ | ୦.୨୮୦ | ୦.୨୮୦ | ଘରବାରି | |
| ୭୧ | | ୩୧୩ | ୦.୩୨୦ | ୦.୩୨୦ | ଘରବାରି | |
| ୭୨ | | ୩୧୪ | ୦.୬୭୦ | ୦.୬୭୦ | ଘରବାରି | |
| ୭୩ | | ୩୧୮ | ୦.୧୪୦ | ୦.୧୪୦ | ବଗାୟତ-୩ | |
| ୭୪ | | ୩୪୨ | ୦.୦୨୦ | ୦.୦୨୦ | ଜଳାଶୟ-୧ | |
| ୭୫ | ୧୬/୨୭ | ୨୧୬ | ୦.୬୦୦ | ୦.୦୧୦ | ଶାରଦ-୩ | ଶ୍ରୀମନ୍ତ କୁମାର ଜେନା, ପି- ମଧୁସୂଦନ ଜେନା |
| ୭୬ | | ୧୭୯ | ୦.୧୮୦ | ୦.୧୮୦ | ତଇଳା-୨ | |
| ୭୭ | | ୧୮୩ | ୦.୧୮୦ | ୦.୧୮୦ | ତଇଳା-୨ | |
| ୭୮ | | ୨୧୭ | ୦.୧୨୦ | ୦.୦୧୦ | ତଇଳା-୨ | |
| ୭୯ | | ୧୭୭ | ୦.୩୫୦ | ୦.୧୨୦ | ତଇଳା-୨ | |
| ୮୦ | | ୧୭୬ | ୦.୦୮୦ | ୦.୦୮୦ | ତଇଳା-୨ | |
| ୮୧ | | ୧୭୮ | ୦.୧୩୦ | ୦.୧୩୦ | ତଇଳା-୨ | |
| ୮୨ | ୧୬/୨୮ | ୩୫୨ | ୦.୨୭୦ | ୦.୨୧୦ | ଶାରଦ-୩ | ସୁଶାନ୍ତ କୁମାର ଜେନା, ପି- ମଧୁସୂଦନ ଜେନା |
| ୮୩ | | ୩୫୧ | ୦.୭୯୦ | ୦.୧୧୦ | ତଇଳା-୨ | |
| ୮୪ | | ୩୩୦ | ୦.୩୭୦ | ୦.୧୮୦ | ଘରବାରି | |
| ୮୫ | ୧୬/୩୧ | ୨୩୬ | ୧.୪୮୦ | ୦.୧୭୦ | ଶାରଦ-୩ | ହେମନ୍ତ କୁମାର ଜେନା, ପି- ମଧୁସୂଦନ ଜେନା |
| ୮୬ | | ୩୩୪ | ୦.୮୮୦ | ୦.୭୧୦ | ଘରବାରି | |
| ୮୭ | | ୩୩୩ | ୦.୦୪୦ | ୦.୦୪୦ | ଘରବାରି | |
| ୮୮ | ୧୬/୭୮ | ୩୪୫ | ୦.୫୦୦ | ୦.୩୬୦ | ତଇଳା-୨ | ଇଚ୍ଛା କୁମାରୀ ମଲିକ, ସ୍ୱା- ଦଶରଥ ମଲିକ |
| ୮୯ | ୧୬/୭୯ ୧୬/୩୩ ୧୬/୩୭ ୧୬/୮୦ ୧୬/୮୧ | ୧୫୬ | ୦.୮୦୦ | ୦.୪୫୦ | ଶାରଦ-୩ | ଜଗନ୍ନାଥ ସାହୁ, ପି- ମହାଦେବ ସାହୁ, ରଘୁନାଥ ବେହେରା, ପି- କୀର୍ତ୍ତନ ବେହେରା, ହରିହର ମୁଦୁଲି, ସଞ୍ଜୁ ମୁଦୁଲି, ପି- ବାସୁ ମୁଦୁଲି |
| ୯୦ | | ୧୬୫ | ୧.୫୦୦ | ୧.୩୩୦ | ତଇଳା-୨ | |
| ୯୧ | | ୧୬୪ | ୧.୧୪୦ | ୦.୩୮୦ | ତଇଳା-୨ | |
| ୯୨ | | ୧୬୮ | ୦.୫୬୦ | ୦.୫୬୦ | ତଇଳା-୨ | |
| ୯୩ | | ୩୧୧ | ୦.୫୬୦ | ୦.୫୬୦ | ଘରବାରି | |
| ୯୪ | | ୩୧୨ | ୦.୨୦୦ | ୦.୨୦୦ | ଘରବାରି | |
| ୯୫ | | ୧୭୨ | ୦.୧୦୦ | ୦.୧୦୦ | ପତିତ | |
| ୯୬ | | ୧୭୩ | ୦.୦୪୦ | ୦.୦୪୦ | ପତିତ | |
| ୯୭ | | ୧୭୦ | ୦.୨୩୦ | ୦.୨୩୦ | ଶାରଦ-୩ | |
| ୯୮ | | ୩୧୦ | ୦.୦୪୦ | ୦.୦୪୦ | ଘରବାରି | |
| ୯୯ | | ୧୮୪ | ୦.୩୮୦ | ୦.୩୮୦ | ପତିତ | |
| ୧୦୦ | ୧୬/୮୦ | ୧୮୪/୪୯୬ | ୦.୨୦୦ | ୦.୨୦୦ | ପତିତ | |
| ୧୦୧ | ୧୬/୩୮ ୧୬/୪୦ ୧୬/୮୫ ୧୬/୮୬ | ୨୮୪ | ୦.୩୭୦ | ୦.୩୭୦ | ଘରବାରି | ବସନ୍ତ କୁମାର ଷଡଙ୍ଗୀ, ପି- ମୋହନ ଷଡଙ୍ଗୀ, ସୁଦର୍ଶନ ସାହୁ, ପି- ମଧୁସୂଦନ ସାହୁ, ବାସନ୍ତୀ ଷଡଙ୍ଗୀ, ସ୍ୱା- ବସନ୍ତ କୁମାର ଷଡଙ୍ଗୀ |
| ୧୦୨ | ୧୬/୨୮ | ୩୪୬ | ୧.୫୯୦ | ୦.୨୮୦ | ତଇଳା-୨ | ସୁଶାନ୍ତ କୁମାର ଜେନା, ପି- ମଧୁସୂଦନ ଜେନା |
| ୧୦୩ | ୧୬/୬ ୧୬/୭ ୧୬/୮ ୧୬/୯ ୧୬/୧୦ ୧୬/୧୧ ୧୬/୧୨ | ୨୬୧ | ୫.୮୮୦ | ୦.୩୨୦ | ତଇଳା-୨ | ବୁଧିଆ ନାଏକ, ପି- ନଟିଆ ନାଏକ, ବାଲୁଙ୍କି କଅଁର, ପି- ଇନ୍ଦ୍ର କଅଁର, ସୁରେନ୍ଦ୍ର କଅଁର, ପି-ପଗର କଅଁର, ପରବାସିଆ ନାଏକ, ପି- ବିଶୁନୁ ନାଏକ, ତ୍ରିନାଥ କଅଁର, ଦେବରାଜ କଅଁର, ପଞ୍ଚୁ କଅଁର, ପି- ବିଶ୍ରାମ କଅଁର |
| ୧୦୪ | ୧୬/୪୩ | ୩୬ | ୦.୧୨୦ | ୦.୦୮୦ | ଶାରଦ-୨ | ଭରତ ମଲିକ, ପ୍ରଫୁଲ୍ଲ ଚନ୍ଦ୍ର ମଲିକ, ପି- ହାଡିଚନ୍ଦ୍ର ମଲିକ |
| | | ମୋଟ | ୫୩.୬୬୦ | ୩୧.୩୭୦ | | |

ବ୍ୟକ୍ତିଗତ ଜମିର ଗୋଚର ବଦଳି

| କ୍ରମିକ ସଂଖ୍ୟା | ଖତିଆନ ନଂ | ପ୍ଲଟ ନଂ | ମୋଟ ରକବା | ଅର୍ଜିତ ରକବା | କିସମ | ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୭ | ୨୭୫ | ୬.୩୭୦ | ୫.୬୨୦ | ତଇଳା-୨ | ଦୁଷ୍ମନ୍ତ କୁମାର ଜେନା, ସୁକାନ୍ତ କୁମାର ଜେନା, ଶ୍ରୀମନ୍ତ କୁମାର ଜେନା, ସୁଶାନ୍ତ କୁମାର ଜେନା, ହେମନ୍ତ କୁମାର ଜେନା, ପି- ମଧୁସୂଦନ ଜେନା, ସୁରସେନ ସାହୁ, ପି- ମଧୁସୂଦନ ସାହୁ, ଅନନ୍ଦ ପ୍ରସାଦ ଡାକୁଆ, ପି- ବିଶ୍ୱନାଥ ଡାକୁଆ, ରଞ୍ଜିତ କୁମାର ମିଶ୍ର, ପି- ନବ କିଶୋର ମିଶ୍ର |
| | | ମୋଟ | ୬.୩୭୦ | ୫.୬୨୦ | | |

| | |
|---|---|
| ବ୍ୟକ୍ତିଗତ ଜମି | ୩୧.୩୭୦ |
| ବ୍ୟକ୍ତିଗତ ଜମିର ଗୋଚର ବଦଳି | ୫.୬୨୦ |
| ମୋଟ | ୩୬.୯୯୦ |

ସ୍ୱା./- ଭୂ-ଅର୍ଜନ ମଣ୍ଡଳ ଅଧିକାରୀ,
ଖୋରଧା ରୋଡ-ବଲାଙ୍ଗୀର ନୂତନ ଓସାରିଆ, ରେଳପଥ ପ୍ରକଳ୍ପ, ନୟାଗଡ

24009/14/0017/1819

ଜମ୍ମୁ-କଶ୍ମୀରରେ ସୋମବାର ଭୂକମ୍ପ ହୋଇଛି । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୫.୩ ଥିବା ଜଣାପଡ଼ିଛି । ରାତି ୮ଟା ୧୩ରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଉତ୍ପତ୍ତିସ୍ଥଳରେ ୧୦ କି.ମି. ଗଭୀରତାରେ ଭୂକମ୍ପ ହୋଇଛି ବୋଲି ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ କୁହାଯାଇଛି । ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି ।

# ସଚିବାଳୟରେ ଟେଲିଫୋନ୍ ସେବା ବ୍ୟାହତ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ସଚିବାଳୟର ବିଭିନ୍ନ ଦପ୍ତରରେ ବିଏସ୍ଏନ୍ଏଲ୍ ଲ୍ୟାଣ୍ଡଲାଇନ ସଂଯୋଗ ଦିଆଯାଇଛି । ଏହା ବ୍ୟତୀତ ସମସ୍ତ ଶାସନ ସଚିବ, ଅଧିସ୍ତନ ଅଧିକାରୀ ଓ ବିଭିନ୍ନ ବିଭାଗର ପ୍ରତ୍ୟେକ ଶାଖାରେ ଟେଲିଫୋନ୍ ବ୍ୟବସ୍ଥା ରହିଛି । ହେଲେ ରାଜ୍ୟ ପ୍ରଶାସନର ଏହି ନାଭିକେନ୍ଦ୍ରରେ ଟେଲିଫୋନ୍ ସେବା ଏକରକମ ଠପ୍ ହୋଇଥିବା ବିଭିନ୍ନ ବିଭାଗୀୟ ସୂତ୍ରରୁ ଜଣାପଡିଛି । ପ୍ରତ୍ୟେକ ବିଭାଗରେ କରାଯାଇଥିବା ଅତିରିକ୍ତ ଟେଲିଫୋନ୍ ବ୍ୟବସ୍ଥା ପାଇଁ ସଚିବାଳୟର ୫ନଂ. ଗେଟ୍ ନିକଟରେ ଏକ ଇଲେକ୍ଟ୍ରୋନିକ ପ୍ରାଇଭେଟ୍ ଅଟୋମେଟିକ୍ ବ୍ରାଞ୍ଚ ଏକ୍ସଚେଞ୍ଜ(ଇ.ପି.ଏ.ବି.ଇ)ର ବ୍ୟବସ୍ଥା କରାଯାଇଛି । ପୂର୍ବରୁ ଏହି ଏକ୍ସଚେଞ୍ଜକୁ ଭାରତ ସରକାରଙ୍କ ସଂସ୍ଥା ଇଣ୍ଡିଆନ ଟେଲିଫୋନ୍ ଇଣ୍ଡଷ୍ଟ୍ରିଜ(ଆଇ.ଟି.ଆଇ)ସ୍ଥାପନକରିବା ସହ ପରିଚାଳନା ଦାୟିତ୍ୱ ନେଇଥିଲା ।

ସଚିବାଳୟରେ ଟେଲିଫୋନ୍ ସେବାରେ ବାରମ୍ବାର ବ୍ୟାଘାତ ହେବା ସାଙ୍ଗକୁ ଧାର୍ଯ୍ୟ ସମୟ ମଧ୍ୟରେ ବିପର୍ଯ୍ୟସ୍ତ ସେବାକୁ ପୁନଃସ୍ଥାପନ ନ କରିବାର ଅଭିଯୋଗ ବାରମ୍ବାର ହେଲା । ତେଣୁ ରାଜ୍ୟ ସରକାର ତାହାକୁ ହଟାଇ ବିଏସ୍ଏନ୍ଏଲ୍ କମ୍ପାନୀକୁ ଏହାର ସ୍ଥାପନା ଓ ପରିଚାଳନା ଦାୟିତ୍ୱ ଦେଇଛନ୍ତି । ବର୍ତ୍ତମାନ ଉକ୍ତ ଇପିଏବିଇ ଦାୟିତ୍ୱ ବାଣିଜ୍ୟ ବିଭାଗରୁ କଢାଯାଇ ଇଲେକ୍ଟ୍ରୋନିକ୍ ଓ ସୂଚନା, ପ୍ରଯୁକ୍ତି ବିଦ୍ୟା(ଇ ଆଣ୍ଡ ଆଇଟି) ବିଭାଗକୁ ଦିଆଯାଇଛି । ଏହି ବିଭାଗ ସଚିବାଳୟ ପରିସରରେ ନ ଥିବାରୁ ଇପିଏବିଇ ସେବା ଠିକ୍ ଭାବେ ପରିଚାଳନା କରାଯାଉ ନ ଥିବା ଏକାଧିକ କର୍ମଚାରୀ ଅଭିଯୋଗ କରିଛନ୍ତି । ଏହା ଦ୍ୱାରା ଟେଲିଫୋନ୍ ସେଟ୍ ଲାଇନ ସମ୍ପର୍କିତ ସମସ୍ୟା ଦୀର୍ଘଦିନ ଧରି ସଜଡ଼ା ଯାଉନାହିଁ । ଫଳରେ ବିଭିନ୍ନ ବିଭାଗରେ ଅବସ୍ଥାପିତ ଇପିଏବିଇ ଟେଲିଫୋନ୍ ସେବା ଅଚଳ ହୋଇ ପଡିରହିଛି । ନିୟମ ମୁତାବକ ଅଭିଯୋଗ ପାଇବାର ୨୪ ଘଣ୍ଟା ମଧ୍ୟରେ ଟେଲିଫୋନ୍ ସେବା ପୁନଃସ୍ଥାପନ କରିବାର କଥା । ହେଲେ ଉପରୋକ୍ତ ବ୍ୟବସ୍ଥାଗତ ଅସୁବିଧା କାରଣରୁ ଟେଲିଫୋନ୍‌ଜନିତ ଅଭିଯୋଗ ସପ୍ତାହେରୁ ଅଧିକ ସମୟ ପଡିରହୁଛି ।

ଏ ସମ୍ପର୍କିତ ଅଭିଯୋଗ ଶୁଣିବାକୁ ପୂର୍ବରୁ ବାଣିଜ୍ୟ ବିଭାଗର ସ୍ୱତନ୍ତ୍ର କର୍ମଚାରୀ ନିୟୋଜିତ ହେଉଥିଲେ । ଏବେ ସେ ବ୍ୟବସ୍ଥାକୁ କମ୍ପାନୀ ହାତକୁ ଟେକି ଦିଆଯାଇଛି । ନିଜ ନାମକୁ ଗୋପନ ରଖି ଜଣେ ସଚିବାଳୟ କର୍ମଚାରୀ କହିଛନ୍ତି ଯେ, ମାସକୁ ଅନ୍ୟୂନ ଦେଢ଼ଲକ୍ଷ ଟଙ୍କା ଏ ବାବଦରେ ରାଜ୍ୟ ସରକାରଙ୍କ ତହବିଲରୁ ଖର୍ଚ୍ଚ କରାଯାଉଛି । ହେଲେ ସଚିବାଳୟର ବିଭିନ୍ନ ଶାଖାରେ ଟେଲିଫୋନ୍ ସେବା ସୁବ୍ୟବସ୍ଥିତ ହୋଇପାରୁନାହିଁ । ସଚିବାଳୟର ସମସ୍ତ ଶାଖାରେ ଟେଲିଫୋନ୍ ସେବା ପହଞ୍ଚାଇବା ପାଇଁ କମ୍ପାନୀ ଏକ ଉଚ୍ଚ କ୍ଷମତାସମ୍ପନ୍ନ ଏକ୍ସଚେଞ୍ଜ ସ୍ଥାପନର ୧୦ ବର୍ଷ ବିତିଯାଇଛି । ହେଲେ ଅନେକ ଶାଖାକୁ ଟେଲିଫୋନ୍ ସେବା ସୁବ୍ୟବସ୍ଥିତ ଢଙ୍ଗରେ ପହଞ୍ଚିନାହିଁ । ଯଦି ରାଜ୍ୟ ପ୍ରଶାସନର ନାଭିକେନ୍ଦ୍ର ସଚିବାଳୟର ଟେଲିଫୋନ୍ ବ୍ୟବସ୍ଥା ଏପରି, ତେବେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ସରକାରୀ ଅଫିସ କଥା ସହଜରେ ଅନୁମେୟ ।

# ବାରମ୍ବାର ଅଚଳ ହେଉଛି ଇ-ଡେସ୍‌ପାଚ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ସରକାରଙ୍କ ଇ-ଡେସ୍‌ପାଚ ବାରମ୍ବାର ଅଚଳ ହୋଇପଡୁଛି । ଫଳରେ ବିଭିନ୍ନ ବିଭାଗରେ ନିଆଯାଉଥିବା ପଦକ୍ଷେପ ଏବଂ ତଥ୍ୟକୁ ଜନସାଧାରଣ ଆଉ ଜାଣିପାରୁନାହାନ୍ତି । ଏହାକୁ ଜାଣିଶୁଣି ଅଚଳ କରି ଦିଆଯାଉଛି ନା ବିଭାଗର ତଥ୍ୟଗୁଡ଼ିକ ଗଣମାଧ୍ୟମ ଦ୍ୱାରା ପ୍ରକାଶିତ ହେଉଥିବା ଜାଣି ଏହାକୁ ଅଚଳ କରି ଦେଉଛନ୍ତି । ବିଭାଗଗୁଡ଼ିକ ସେମାନଙ୍କର ଦୈନିକ ଚିଠିକୁ ଆଉ ଅପ୍‌ଲୋଡ୍ କରୁନାହାନ୍ତି । ଏଭଳି ପଦକ୍ଷେପ ଦ୍ୱାରା ବିଭାଗର କ'ଣ ଉଦ୍ଦେଶ୍ୟ ରହିଛି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି ।

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଦକ୍ଷତା ବିକାଶ, ଗୃହ ବିଭାଗ ଏବଂ ରାଜସ୍ୱ ବିଭାଗ ପରି ସମୁଦାୟ ୩୬ ବିଭାଗ ରହିଛି । ଏ ସବୁ ବିଭାଗ ପକ୍ଷରୁ ଦୈନନ୍ଦିନ କିଛିନା କିଛି ପଦକ୍ଷେପ ଗ୍ରହଣ କରାଯାଉଛି । ଯେଉଁସବୁ ପଦକ୍ଷେପ ଗ୍ରହଣ କରାଯାଉଛି, ତାହାକୁ ବିଭାଗ ଇ-ଡେସ୍‌ପାଚ୍‌ରେ ଅପ୍‌ଲୋଡ କରିବାର ନିୟମ ରହିଛି, ଯାହାଦ୍ୱାରା ଜନସାଧାରଣଙ୍କ ପାଖରେ ସରକାରଙ୍କ ସମସ୍ତ ତଥ୍ୟ ପହଞ୍ଚି ପାରିବ । ପୂର୍ବରୁ ସାଧାରଣ ଜନତା ୱେବ୍‌ସାଇଟ୍(www.edodisha.gov.in)ମାଧ୍ୟମରେ ବିଭାଗର ସବୁ ତଥ୍ୟ ଜାଣିପାରୁଥିଲେ । ବିଭାଗ ପକ୍ଷରୁ କ'ଣ ନୂଆ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି, ତାହାକୁ ରାଜ୍ୟବାସୀ ଘରେ ବସି ଜାଣୁଥିଲେ । କିନ୍ତୁ ସରକାରଙ୍କ କେତେକ ବିଭାଗ ଇ-ଡେସ୍‌ପାଚ୍‌ରେ ଆଉ ଦୈନିକ ତଥ୍ୟକୁ ଅପ୍‌ଲୋଡ କରୁନାହାନ୍ତି ବୋଲି ଅଭିଯୋଗ ହୋଇଛି ।

ଏପରି କି, ଏକ ସପ୍ତାହ ହେବ ଇ-ଡେସ୍‌ପାଚ ସାଇଟ୍‌କୁ ଯାଇ କୌଣସି ନିର୍ଦ୍ଦିଷ୍ଟ ବିଭାଗର ରିସିଭ୍ଡ ଏବଂ ଡେସ୍‌ପାଚ ବଟମ୍‌କୁ କ୍ଲିକ୍ କଲେ ଏରର ଆସୁଛି । ପ୍ରତିଦିନ ଇ-ଡେସ୍‌ପାଚ ଖୋଲୁଥିବା ଜଣେ ସରକାରୀ କର୍ମଚାରୀ ଏସ୍. ଦାଶ କୁହନ୍ତି, ୨ ମାସ ତଳେ ଏହିଭଳି ୧୦ ଦିନ ଧରି ଇ-ଡେସ୍‌ପାଚ ଅଚଳ ହୋଇ ପଡିଥିଲା । ସେତେବେଳେ ସରକାରଙ୍କ ପକ୍ଷରୁ ମେଣ୍ଟେନାନ୍ସ ଚାଲିଥିବା ସଫେଇ ଦିଆଯାଇଥିଲା । ଏବେ ଇ-ଡେସ୍‌ପାଚରେ କୌଣସି ତ୍ରୁଟି ଥିବା ସରକାରଙ୍କ ପକ୍ଷରୁ ଦର୍ଶାଯାଇନାହିଁ । ତେବେ କାହିଁକି ଏକ ସପ୍ତାହ ଧରି ଏହା ଅଚଳ ହୋଇଥିଲା ବୋଲି ଦାଶ ପ୍ରଶ୍ନ କରିଛନ୍ତି । କିନ୍ତୁ ସୋମବାର ସନ୍ଧ୍ୟା ୬ଟାରେ ପରେ ଏହା ଖୋଲୁଥିବା ଦାଶ କୁହନ୍ତି ।

୩୬ ବିଭାଗ ମଧ୍ୟରୁ ଗୃହ ଏବଂ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ବିଏମ୍‌ସି ଏବଂ ବିଡିଏ ନାଁକୁ ୨ ବର୍ଷ ହେଲା ଜାଣିଶୁଣି କାଟି ଦିଆଯାଇଛି । ଫଳରେ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଏମ୍‌ସି ଏବଂ ବିଡିଏ ପାଇଁ ଯେଉଁସବୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଉଛି ତାହା ସହରବାସୀଙ୍କ ଦୃଷ୍ଟିକୁ ଅଣାଯାଉନାହିଁ । ରାଜ୍ୟରେ ୮ ଉନ୍ନୟନ କର୍ତ୍ତୃପକ୍ଷ ରହିଛି । ୭ ଉନ୍ନୟନ କର୍ତ୍ତୃପକ୍ଷ ନାଁ ନଗର ଉନ୍ନୟନ ବିଭାଗ ଇ-ଡେସ୍‌ପାଚରେ ରହିଛି । କିନ୍ତୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ନାଁକୁ କାଟିଦିଆଯାଇଛି । ସେହିପରି ୫ ମହାନଗର ନିଗମ ମଧ୍ୟରୁ ୪ଟିର ନାଁ ଉନ୍ନୟନ ବିଭାଗ ଇ-ଡେସ୍‌ପାଚରେ ରହିଛି । ଅର୍ଥାତ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନାଁକୁ କାଟି ଦିଆଯାଇଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁସାରେ, ବିଏମ୍‌ସି ଏବଂ ବିଡିଏର ଜଣେ ଉଚ୍ଚପଦସ୍ଥ ଅଧିକାରୀ ଗୃହ ଏବଂ ନଗର ଉନ୍ନୟନ ବିଭାଗକୁ ବିଏମ୍‌ସି, ବିଡିଏ ନାଁକୁ ଇ-ଡେସ୍‌ପାଚରୁ କାଟିଦେବାକୁ କହିଛନ୍ତି । ଆଉ କେତେକ ବିଭାଗ ଇ-ଡେସ୍‌ପାଚରେ ତାଙ୍କ ଦୈନିକ ଚିଠିଗୁଡ଼ିକୁ ଅପ୍‌ଲୋଡ କରୁନାହାନ୍ତି । ୧୦ଟି ବିଭାଗର ରିସିଭ୍ଡ ବଟମକୁ କ୍ଲିକ୍ କଲେ ୫ ମାସ ତଳର ଚିଠି ଦେଖାଉଛି ।

# ବାଇକ୍‌ରେ ବୁହା ହେଲା ମୃତଦେହ

ରସୁଲପୁର,୨୯।୧୦(ଡିଏନଏ)

**ମିଳିଲାନି ଆମ୍ବୁଲାନ୍ସ**

ମୃତଦେହ ନେବାକୁ ମନା କରିଦେଲେ ଅଟୋ ଚାଳକ । ଆମ୍ବୁଲାନ୍ସରେ ନେଲେ ହଜାରେ ଟଙ୍କା ଡିପୋଜିଟ କରିବାକୁ ପଡ଼ିବ ବୋଲି ଫାର୍ମାସିଷ୍ଟ ଶୁଣାଇଦେଲେ । ଫଳରେ ଅନ୍ୟ କୌଣସି ଉପାୟ ନ ପାଇ ମୃତଦେହକୁ ପରିବାର ଲୋକେ ବାଇକ୍‌ରେ ଘରକୁ ନେଇଯାଇଥିଲେ । ଯାଜପୁର ଜିଲା ରସୁଲପୁର ବ୍ଲକ ଅଞ୍ଚଳରେ ଏଭଳି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ଏହି ଘଟଣା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ମହାପ୍ରୟାଣ ଯୋଜନାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ପ୍ରକାଶ ଯେ, ରସୁଲପୁର ବ୍ଲକ ସୁଆଁସାହି ଗ୍ରାମର ନାରାୟଣ ମଲିକ(୭୫)ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ି ଯାଇଥିଲା । ତାଙ୍କୁ ପୁଅ ନଟବର ଓ ସ୍ତ୍ରୀ କାମିନୀ ଚିକିତ୍ସା ପାଇଁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଫଳରେ ସାଙ୍ଗରେ ଆସିଥିବା ଅଟୋବାଲା ମୃତବ୍ୟକ୍ତିଙ୍କୁ ନେବାକୁ ମନା କରିଥିଲେ । ପରେ ପରିବାର ଲୋକେ ଜଣେ ଫାର୍ମାସିଷ୍ଟଙ୍କୁ ଭେଟି ମୃତଦେହ ନେବାକୁ ବ୍ୟବସ୍ଥା କରିବା ପାଇଁ ଅନୁରୋଧ କରିଥିଲେ । ଆମ୍ବୁଲାନ୍ସରେ ମୃତଦେହ ବୋହିଲେ ୧୦୦୦ ଟଙ୍କା ଡିପୋଜିଟ୍ କରିବାକୁ ପଡିବ ବୋଲି ଫାର୍ମାସିଷ୍ଟ କହିଥିଲେ । ମାତ୍ର ସେମାନେ ଗରିବ ହୋଇଥିବାରୁ ଟଙ୍କା ପୈଠ କରି ନ ପାରି ବାଧ୍ୟ ହୋଇ ମୃତଦେହକୁ ବାଇକ୍‌ରେ ବୋହି ଘରକୁ ଆଣିଥିଲେ ବୋଲି କହିଛନ୍ତି । ଡାକ୍ତର ଓ ଡାକ୍ତରଖାନା କର୍ମଚାରୀଙ୍କ ତ୍ରୁଟି ଯୋଗୁ ପୁଣି ମୃତଦେହ ପ୍ରତି ଅସମ୍ମାନ କରାଯାଇଥିବା ଅଭିଯୋଗ ଉଠିଛି ।

## BHUBANESWAR MUNICIPAL CORPORATION

**No. 35815 COMPETITIVE BIDDING THROUGH e-Procurement Dt.27/10/18**

**NOTICE INVITING TENDER**
**Bid Reference No. BMC-EED-II/08 (EL)/2018-19,Dt.27.10.2018**

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** in conformity with the Detailed Tender Call Notice are invited by the Executive Engineer-II, BMC for execution of the works mentioned in the tender call notice.

Only the Bid Reference **No. (BMC-EED-II/08(EL)/2018-19)** should be written clearly over (superscribed) the envelop containing the bid documents to be submitted by each intending bidder vide Cl.4 below of "Information for the Intending Bidders" of this Notice. Nowhere on the envelop the bidders should write Work Name & its Sl. No. failing which, such bids shall be rejected outrightly and will not be opened for evaluation. Such envelops shall be refunded on demand with proper acknowledgement. The affidavit to be submitted/furnished by the intending bidders should feature Name of the Work and/or its Sl. No. In case of any mis-match or inconsistency or contradict among different clauses/conditions/instructions/information furnished in this tender call notice or in the DTCN, then necessary clarification shall be issued by BMC on specific request without compromising the transparency and intention of BMC behind this tendering process.

In order to keep pace with the recent developments and simplifications of tendering procedures, BMC Division No-II has been pursuing through various reforms. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. Clarifications required, if any, on any matter related to this tender notice, shall be furnished by an authorized officer, Sri Ajit Kumar Behera AEE (Tel. No.9437292355) (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **08** Nos.
2. Place of Execution : Different locations of Bhubaneswar Municipal Corporation
3. Estimated Cost of Individual Work : **Rs. 110635/- to Rs. 481473/-**
4. Eligible Class of Contractors –: Registered Contractors from **ELBO** of H.V & M.V as indicated against each work in DTCN.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from **11.00 AM on dt.29.10.2018 to 5 P.M on dt.06.11.2018** for online bidding.
7. Bids received online will be opened at **11 A.M on dt.09.11.2018.**
8. The bidder must possess valid Compatible **Digital Signature Certificate (DSC).**
9. The DTCN and the tender call notice for **8** Nos. of work can be seen in the e-procurement portal https://www.tendersodisha.gov.in.

**On behalf of Commissioner, BMC, Bhubaneswar**
**Executive Engineer,BMC Division No.-II**

Progress Through Partnership for a Better Bhubaneswar

## ODISHA HYDRO POWER CORPORATION LTD.

OHPC
ISO 9001, 14001 & OHSAS 18001 Certified Company

(A Government of Odisha Undertaking)
Regd. Off.: Odisha State Police Housing & Welfare Corporation Building, Vanivihar Chouk, Janpath, Bhoinagar, Bhubaneswar - 751 022, Ph. : (0674) 2542983, 2542802, 2545526, 2542826, Fax: (0674) 2542102.
E-mail: **ohpc.co@gmail.com**, Website: **www.ohpcltd.com** **CIN: U40101OR1995SGC003963**

**ADVERTISEMENT NO.OHPC: HQ: HRD: RECTT: 01/2018** **Dated: 29/10/2018**

**CAREER OPPORTUNITIES FOR YOUNG PROFESSIONALS**

**The Corporation intends to recruit young, bright and energetic Professionals as Diploma Engineer Trainees (DETs), Graduate Engineer Trainees (GETs) & Management Trainees (MTs) in various disciplines.**

Odisha Hydro Power Corporation Limited (OHPC), an ISO 9001:2008 certified Gold rated state PSU (with installed capacity of 2063.5 MW) is a professionally managed leading profit-making State Power Utility having 6 (six) projects within the state and one inter-State Project. The Corporation offers challenging work environment & invites applications from young and dynamic professionals for the following posts at various Units and Project sites:

| Posts | Electrical | Civil | Mechanical | I&C | IT | HRD | Finance | Legal | PR | Secretarial | Environment |
|---|---|---|---|---|---|---|---|---|---|---|---|
| DET | 16 | 04 | 03 | - | - | - | - | - | - | - | - |
| GET / MT | 24 | 10 | 09 | 02 | 06 | 07 | 11 | 01 | 01 | 01 | 01 |

**Important Dates :-**
The Commencement of Online registration & payment of application fee - **10.11.2018.**
Last date for payment of application fee (Online/ Offline Challan) - **01.12.2018.**
The last date for submission of Online application in complete shape - **05.12.2018.**
The detailed advertisement including eligibility conditions, online submission of application and other conditions are available in the company's website – **www.ohpcltd.com**

**Director (HRD)**

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, CENTRAL CIRCLE (R&B) NIRMAN SOUDHA, PHASE-II, 2ND FLOOR, BHUBANESWAR

Mail ID: seccbbsr@gmail.com

**E-Procurement Tender Call Notice No. 15 of 2018-19**

No. 5268 (Estg.) Bhubaneswar the 23rd Oct'2018

**No. 761-B:-** The Superintending Engineer, Central Circle (R&B) Bhubaneswar on behalf of the Governor of Odisha invites percentage rate bids for two no. road works to be received in online bidding, double cover system for construction works as detailed in https://tendersorissa.gov.in. The details of bid documents will be available in the above website from 4.00PM of 02.11.2018 to 5.00PM of 16.11.2018. The bidders must possess compatible Digital Signature Certificate of Class II or III. Bids received online shall be opened at 11.00AM of 17.11.2018 in the Office of the Superintending Engineer, Central Circle (R&B) Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the website.

*Sd./- Er. R.K. Sahu*
*Superintending Engineer*
*Central Circle (R&B) Bhubaneswar*

34005/11/0029/1819

## GOVERNMENT OF ODISHA
## SUPERINTENDING ENGINEER
## PHULBANI (R&B) CIRCLE, PHULBANI

**No.763-B:-** **E-mail-sernbphulbani@gmail.com**

**2nd Corrigendum to Tender Call Notice vide Bid Identification No.SE-(R&B)-PLB-06 /2018-19. No. 1221 Dtd.04.10.2018.**

**No - 1338 //** **Dated- 27 / 10/ 2018**

The following changes are made in respect of the Bid Identification No.SE-(R&B)-PLB-06/2018-19.

1) Date and Time of sale and receipt of Bids: From 10.00 AM of 03.11.2018 to 5.00PM of 17.11.2018.
2) Last Date for Submission of Bid:- 5.00PM of dtd. 17.11.2018.
3) Date of Opening of the Bid ; 11.00 AM of 19.11.2018.

The other terms & conditions stipulated in the Original tender call notice for all other works remain unchanged.

**Superintending Engineer**
**Phulbani (R&B) Circle, Phulbani**

**34129/11/0013/1819**

## OFFICE OF THE TAHASILDAR, SADAR, CUTTACK

**No. 7217** **Date: 29.10.2018**

The details of corrigendum published vide letter No-7213 Dt. 29.10.2018 against the sealed proposal for Event Management at Baliyatra-2018 published on Dt. 06.10.2018 in Odiya daily "Samaj" and "Dharitri".
Please refer website www.cuttack.nic.in.

**Sd./-**
**Tahasildar, Sadar, Cuttack**

## ପ୍ରଗତି ପଥେ ପଞ୍ଚାୟତ ସମିତି, ରାଜଗାଙ୍ଗପୁର

**Letter No. : 1515 , Date : 29.10.2018**

**MGNREGA**

୧. ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନ : ଗ୍ରାମାଞ୍ଚଳରେ ଥିବା ପ୍ରତ୍ୟେକ ପରିବାର ଅଣକୁଶଳୀ ଶ୍ରମ କରିବାକୁ ଇଚ୍ଛୁକ ସମସ୍ତ ସାବାଳକ ସଦସ୍ୟ ମାନଙ୍କୁ ଗୋଟିଏ ଆର୍ଥିକ ବର୍ଷରେ ୧୦୦ ଦିନର ନିଶ୍ଚିତ କାର୍ଯ୍ୟ ଯୋଜନା ।
୨. ସ୍ଥାନାନ୍ତରକୁ ରୋକିବା ପାଇଁ ଗାଁରେ ବ୍ୟବହାର ଉପଯୋଗୀ ଏବଂ ଦୀର୍ଘସ୍ଥାୟୀ ସମ୍ପଦ ସୃଷ୍ଟି ନିମନ୍ତେ ଚଳିତ ଆର୍ଥିକ ବର୍ଷରେ ୩୨୬୪୭୦ ଶ୍ରମ ଦିବସ ସୃଷ୍ଟି ନିମନ୍ତେ କାର୍ଯ୍ୟ କରାଯାଇ ଅଛି । ତନ୍ମଧ୍ୟରୁ ଅଦ୍ୟାବଧି ୧୯୫୫୫୮ ଶ୍ରମ ଦିବସ ସୃଷ୍ଟି କରାଯାଇଛି ।
୩. ଗ୍ରାମୀଣ ଜୀବନ ଜୀବିକାର ସୁରକ୍ଷାରେ ଉନ୍ନତି ଆଣିବା ପାଇଁ ୨୭୯ ଗୋଟି ସେଚ କୂପ ନିର୍ମାଣ କରିବା ପାଇଁ କାର୍ଯ୍ୟ ଧାର୍ଯ୍ୟ କରାଯାଇଛି । ତନ୍ମଧ୍ୟରୁ ଅଦ୍ୟାବଧି ୧୪୦ଟି ସମ୍ପୂର୍ଣ୍ଣ ହୋଇଅଛି । ପ୍ରତ୍ୟେକ ପଞ୍ଚାୟତରେ ଏକ ବଡ ପୋଖରୀ ଏବଂ ଖେଳ ପଡିଆ ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ କରାଯାଇଛି ।

**ସାମାଜିକ ସୁରକ୍ଷା ଏବଂ ଦିବ୍ୟାଙ୍ଗ ସଶକ୍ତୀକରଣ ବିଭାଗ**

୪. ଇନ୍ଦିରା ଗାନ୍ଧୀ ଜାତୀୟ ପେନ୍‌ସନ ଓ ମଧୁବାବୁ ପେନ୍‌ସନ ଯୋଜନାରେ ୯୪୩୫୨ ହିତାଧିକାରୀଙ୍କୁ ଟ. ୩୦୦/୫୦୦ଙ୍କା ଅନୁଦାନ ପ୍ରଦାନ କରାଯାଉଛି ।
୫. ଭୀମ ଭୋଇ ସାମର୍ଥ୍ୟ ଅଭିଯାନ ଯୋଜନାରେ ଆର୍ଥିକ ବର୍ଷ ୨୦୧୭-୧୮ରେ ମୋଟ ୬୪୭ ଜଣ ଦିବ୍ୟାଙ୍ଗ ଚିହ୍ନଟ କରାଯାଇ ପ୍ରମାଣ ପତ୍ର ସହିତ ୩୧ ଜଣକୁ ଦିବ୍ୟାଙ୍ଗ ପାଇଁ ଉଦ୍ଦିଷ୍ଟ ଆଶା ବାଡ଼ି, ତିନିଚକିଆ ସାଇକଲେ ଇତ୍ୟାଦି ସୁବିଧା ସୁଯୋଗ ପ୍ରଦାନ କରାଯାଇଛି ।
୬. ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୪୩ଜଣଙ୍କୁ ସହାୟତା ରାଶି ଟ. ୨୦,୦୦୦ଙ୍କା ଲେଖାଏଁ ପ୍ରଦାନ କରାଯାଇଛି ।
୭. ଚଳିତ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କା ଘର ଯୋଜନାରେ ୧୯୪୭ ଜଣଙ୍କ ଗୃହ ନିର୍ମାଣ ସଂପୂର୍ଣ୍ଣ କରିବାକୁ ଲକ୍ଷ୍ୟଧାର୍ଯ୍ୟ ଥିବାବେଳେ, ଅଦ୍ୟାବଧି ୧୦୧୭ ଜଣଙ୍କ ଗୃହ ନିର୍ମାଣ କାର୍ଯ୍ୟ ସରିଛି ।
୮. ଖାଉଟି ସୁରକ୍ଷା ଯୋଜନାରେ ଅନ୍ତର୍ଗତ ୨୩୪୩୬ ଜଣଙ୍କୁ କାର୍ଡ ବଣ୍ଟନ କରାଯାଇଛି । ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ୨୪୭୯ ଜଣକୁ ଖାଉଟି କାର୍ଡ ବଣ୍ଟନ କରାଯାଇଛି । ସର୍ବମୋଟ ଜାତୀୟ ଖାଦ୍ୟ ସୁରକ୍ଷାରେ ୯୧,୧୬୦ ଜଣକୁ ସଂଯୋଗ କରାଯାଇ ଅଛି ।

**Sd./- Block Development Officer, Rajgangpur**

## ODISHA INDUSTRIAL INFRASTRUCTURE DEVELOPMENT CORPORATION

idco Your power to grow | ODISHA NEW OPPORTUNITIES
(A Government of Odisha Undertaking)
IDCO Towers, Janpath, Bhubaneswar - 751022

Tender Call Notice No. BBSR/ELECT/E-3955/18-19/4847 Dtd: 25.10.2018

**TENDER CALL NOTICE**

| | | |
|---|---|---|
| Name of the Work | : | Service connection arrangements for Power supply to Convention Centre of North Odisha University, Baripada |
| Estimated Cost of the Work | : | Rs. 7,18,802.00 |
| Period of Completion | : | 15 (Fifteen) days |
| EMD Amount | : | Rs. 7,000.00 |
| Cost of Bid Document | : | Rs. 4,000.00 + 720.00 (GST @ 18%) |
| Date of Availability of Tender | : | 01.11.2018 to 05.11.2018 up to 11.00 hrs to 16.00 hrs. |
| Last Date of Submission of Tender | : | Upto 15.00 Hrs. of 09.11.2018 |
| Date of Opening of Tender | : | At 16.00 Hrs. on 09.11.2018 |
| Procurement Officer | : | Divisional Head (Electrical), IDCO, Bhubaneswar |

Further details can be seen from the IDCO website **www.idco.in** or, contact Er. S.C. Sahoo, Manager (Electrical) at Tel. No. (0674) 2541766 during office hours.

**Sd/-**
**D.H. (Electrical), IDCO, Bhubaneswar**

## OFFICE OF THE HEADMASTER
## KASTURABA GANDHI BALIKA VIDYALAYA, SINDHIGUDA

**BLOCK- NANDAHANDI, DIST.- NABARANGPUR, PIN- 764063**
Cell- 9439085100 (HM), E-mail: kgbvsindhiguda@rediffmail.com

Letter No. 68/2018 Date: 29.10.2018

ଶିକ୍ଷା ଅଧିକାର

**TENDER CALL NOTICE**

Sealed tenders are invited from the registered / reputed firms who having valid PAN, GST registration for supply of reading writing materials & dress materials to KGBV, Sindhiguda, Block- Nandahandi, Dist- Nabarangpur. Bids should be submitted in the envelope duly marked on the top **"Tender for supply of reading writing materials & dress materials"** to the Headmistress, KGBV, Sindhiguda, Block- Nandahandi, Nabarangpur during office hours by 5.00 PM of Dt.29.11.18. The bid document shall be opened at 10.00 AM on Dt.30.11.18 in the office of the Headmistress, KGBV, Sindhiguda, Nabarangpur in the presence of the bidders or their authorized representatives. Any SMC member / official staffs related to the KGBV not allowed to participate as a bidder in tender process invited at KGBV level. The KGBV purchase committee reseves the right to accept or reject the tender in whole or in part without assigning any reason thereof. The terms and conditions for the tender can be downloaded from the official website **http://www.opepa.in** and **nabarangpur.nic.in**.

**Sd./- Headmistress, K.G.B.V., Sindhiguda, Block- Nandahandi**

## କଟକ ଉନ୍ନୟନ କର୍ତ୍ତୃପକ୍ଷ

C.D.A
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 7 ରେ ପ୍ଲଟ ନଂ - G/36 ଟିକୁ ଶ୍ରୀ ବିଷ୍ଣୁ ଚରଣ ମହାରଣା, ପିତା - ⁄ କାଶୀନାଥ ମହାରଣା, ସା - ଚାନ୍ଦପୁର, ପୋ - ବଂଶ, ଥା - ନାଉଗାଁ, ଜିଲ୍ଲା - ଜଗତସିଂହପୁରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ବିଷ୍ଣୁ ଚରଣ ମହାରଣା ଉକ୍ତ ପ୍ଲଟ ସହିତ ଗୃହଟିକୁ ରକ୍ତଗତ ସମ୍ପର୍କ ଆଧାରରେ ତାଙ୍କ କନ୍ୟା ଶ୍ରୀମତୀ ନିର୍ମଳା ମହାରଣା, ସ୍ୱା - ଶ୍ରୀ ବ୍ରଜ କିଶୋର ସ୍ୱାଇଁ, ସା - ଖଇରାଙ୍ଗ, ପୋ - ଆଶ୍ରମପାଟଣା, ଥା/ଜିଲ୍ଲା - ଜଗତସିଂହପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି । ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ, ତାହାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଲିଖିତ ଭାବେ ଜଣାଇବେ । ତତ୍ ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

**ସଚିବ**

## OFFICE OF THE UTKAL SANGEET MAHAVIDYALAYA, BHUBANESWAR

**No. 1136 / USM., Dated 26.10.2018**

**WALK-IN-INTERVIEW**

**No.28-RR:-** A Walk-In-Interview for empanelment of Guest Lecturer in the Department of Odissi Dance, Chhow Dance & Hindustani Vocal of Utkal Sangeet Mahavidyalaya, Bhubaneswar one each will be held on Dt. 08.11.2018 at 2 P.M. to onwards in the Principal chamber/ Computer room/ Conference Hall of Utkal Sangeet Mahavidyalaya, BBSR. The engagement shall be purely on temporary basis with a consolidated remuneration of Rs. 400/- per class subject to maximum ceiling of Rs. 15,600/- per month. Those who have secured 55% of marks at the P.G. Level in the subject concerned shall be allowed to appear at the Interview. The interested candidates are required to report with original and photocopies of certificates, mark sheets, publications, experience and other details two hours before the scheduled time of interview.

The engagement through empanelment shall be purely temporary and for the academic session, 2018-19. The engagement can be terminated at any point of time without assigning any reason thereof. The engagement shall not confer, in any way, any right on the selected candidate to have a claim for regularization of his/her engagement.

No T.A./D.A. will be paid for attending the Interview. The undersigned reserves the right to cancel the interview without assigning any reason thereof.

03011/11/0002/1819 **Sd./- Principal**

## Government of Odisha, e-Procurement Notice

**INVITATION FOR BIDS (IFB)**

**Bid Identification No. S.E.Dkl.(R&B) 07/2018-19**

Email Id- sedklpwd@gmail.com
Letter No. / Dt.

**No. 759-B:-** The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road & Building works as detailed in the table below:

1. Name of the work : Road & Building works
2. No. of works : 5 (Five) Nos.
3. Estimated Cost : Rs.1,15,35,681/- to Rs.3,79,23,857/-
4. Cost of tender paper : Rs 10,000.00
5. Class of contractor : 'B', 'A' & Special Class
6. Period of Completion of work : 05 (Five) to 11 (Eleven) Calendar months
7. Date and time of availability of bid Document in the website : From Dt.31.10.2018 to 16.00 hours of Dt.14.11.2018
8. Date of opening of bid : Dt.15.11.2018 at 15.30 hours

The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

*Superintending Engineer*
*Dhenkanal (R&B) Circle, Dhenkanal*

34132/11/0015/1819

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ରସଂଖ୍ୟା- **27795**/ ଭୁ.ଉ.କ., ଭୁବନେଶ୍ୱର ତା୧୨।୧୦।୨୦୧୮ରିଖ
KNL-419/93

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗ ନଗର ପ୍ଲଟେଡ୍ ଡେଭେଲପ୍‌ମେଣ୍ଟ ସ୍କିମ୍ ଅନ୍ତର୍ଗତ LIG Plot No. K4-391କୁ ଶ୍ରୀ ଜଗନ୍ନାଥ ସେଠୀ, ପିତା- ରଣୀ ଚରଣ ସେଠୀ (ମୃତ), ଗ୍ରାମ- ପଦ୍ମପୁର, ପୋ.ଅ.- ପଦ୍ମପୁର, ଥାନା- ପାଟକୁରା, ଜିଲ୍ଲା- କେନ୍ଦ୍ରାପଡ଼ାଙ୍କ ନାମରେ ଆବଣ୍ଟନ କରାଯାଇଅଛି । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଜଗନ୍ନାଥ ସେଠୀ ଉକ୍ତ ଆବଣ୍ଟିତ ପ୍ଲଟ୍‌କୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଦିବାକର ବେହେରା, ପିତା- ଦୁର୍ଯ୍ୟୋଧନ ବେହେରା, ଗ୍ରାମ- ସୁମପୁର, ପୋ.ଅ.- ସୁମପୁର, ଥାନା- ବୋଲଗଡ଼, ଜିଲ୍ଲା- ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା./- ଆବଣ୍ଟନ ଅଧିକାରୀ-୨

## GOVT. OF ODISHA
## OFFICE OF THE SUPERINTENDING ENGINEER
## K.B.K.MINOR IRRIGATION CIRCLE-I, BHAWANIPATNA

**'e' Procurement Notice**

**Bid Identification No. SEKBKMIC-I / 03 / 2018-19**
sekbkmi@yahoo.co.in

No. 2291 // KBKMIC-I Date – 26.10.2018

No.677-A: Bid documents consisting of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal **https://tendersodisha.gov.in**.

| | | |
|---|---|---|
| 1 | Name of the work | :- Renovation / Improvement work |
| 2 | No. of Works | :- 05 ( Five) Nos. |
| 3 | Estimated cost | :- Approximately from Rs.119.00 lakhs to Rs.189.36 lakhs |
| 4 | Period of completion | :- 04(Four) Calendar months |
| 5 | Date and Time of availability of bid documents in the portal | :- From 02.11.2018 (10.00 AM) to 17.11.2018 up to (5.00 PM) |
| 6 | Last date / time of receipt of bids in the portal | :- 17.11.2018 (5.00 PM) |
| 7 | Date of opening of Bid | :- 19.11.2018 at 11.00 A.M. onwards |
| 8 | Date of receipt of bid cost and bid security on online payment mode | :- **From dt.02.11.2018 to 17.11.2018 up to (5.00 PM)** |
| 9. | Date of Transparent Lottery (if cases arise) | :- **30.11.2018 at 11.00 A.M. onwards** |
| 10. | Name and address of the OIT | :- Superintending Engineer, K.B.K.M.I. Circle-I, Bhawanipatna |

** Further details can be seen from the e-Procurement market place **http://tendersodisha.gov.in**.

**Superintending Engineer**
**K.B.K.M.I.Circle-I, Bhawanipatna**

32267/11/0004/1819



# ଶିଶୁଙ୍କ ମାଲିସ ପାଇଁ ତେଲ...

ଶିଶୁ ପାଇଁ କେଉଁ ତେଲ ଭଲ, ତାହା ବାଛିବା ଲାଗି ମା'ମାନେ ଚିନ୍ତାରେ ପଡ଼ନ୍ତି। ଏଥିପାଇଁ ଡାକ୍ତରଙ୍କ ପରାମର୍ଶ ନେଇପାରିବେ। ତା'ଛଡ଼ା ଆପଣ ଚାହିଁଲେ ବହୁଦିନରୁ ଶିଶୁଙ୍କୁ ମାଲିସ କରିବା ଲାଗି ବ୍ୟବହାର କରାଯାଉଥିବା କେତୋଟି ତେଲ ମଧ୍ୟ ବାଛିପାରିବେ...

**ନଡ଼ିଆତେଲ:** ଖୁବ୍ ସହଜରେ ଏବଂ ସବୁବେଳେ ମିଳିପାରୁଥିବା ନଡ଼ିଆତେଲ ଶିଶୁଙ୍କ ମାଲିସ୍ ପାଇଁ ସବୁଠୁ ଭଲ ଅପ୍ସନ। କାରଣ ଏହା ଶିଶୁଙ୍କ ତ୍ୱଚା, କେଶ ଏବଂ ହାଡ଼ ଆଦିର ବିକାଶରେ ସାହାଯ୍ୟ କରିଥାଏ। ତା'ଛଡ଼ା ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି ଭାଇରାଲ୍ ଗୁଣ ଶିଶୁଙ୍କୁ ସଂକ୍ରମଣରୁ ରକ୍ଷା କରିଥାଏ। ସବୁଠୁ ବଡ଼ କଥା ହେଉଛି, ଏହାର ଶିଶୁଙ୍କ ତ୍ୱଚା ଉପରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ।

**ଆଲମଣ୍ଡ ତେଲ:** ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ଇ' ଭରି ରହିଛି। ତେଣୁ ଏହି ତେଲରେ ଶିଶୁଙ୍କୁ ମାଲିସ୍ କରିବା ଦ୍ୱାରା ନା କେବଳ ତାଙ୍କ ତ୍ୱଚା କୋମଳ ଏବଂ ସୁନ୍ଦର ହେବ ବରଂ ସେମାନଙ୍କ ହାଡ଼ ମଧ୍ୟ ମଜଭୁତ ହେବ।

**ଅଲିଭ୍ ତେଲ:** ଏହି ତେଲ ଶିଶୁଙ୍କ ପାଇଁ ବେଶ୍ ଉପକାରୀ। ବିଶେଷକରି ଯେଉଁ ଶିଶୁଙ୍କ କେଶ ଭଲ ଭାବେ ଉଠି ନ ଥାଏ ସେମାନଙ୍କ ମୁଣ୍ଡରେ ଏହାକୁ ମାଲିସ୍ କରିବା ଦ୍ୱାରା ଘନ କେଶ ଉଠିଥାଏ ବୋଲି ବିଶ୍ୱାସ କରାଯାଏ। ତା'ଛଡ଼ା ଏହାର ଅନ୍ୟାନ୍ୟ ଉପକାରିତା ଦୃଷ୍ଟିରୁ ଅଧିକାଂଶ ମା' ଏହି ତେଲରେ ଶିଶୁଙ୍କୁ ମାଲିସ୍ କରିବାକୁ ପସନ୍ଦ କରନ୍ତି।

**ସୋରିଷତେଲ:** ଏହି ତେଲ ସାଧାରଣତଃ ଖାଦ୍ୟ ପ୍ରସ୍ତୁତିରେ ବ୍ୟବହାର କରାଯାଇଥାଏ। ହେଲେ ଏହା ବେବି ମସାଜ୍ ଅଏଲ୍ ଭାବେ ମଧ୍ୟ ବେଶ୍ ଲୋକପ୍ରିୟ। ଏହା ଶିଶୁଙ୍କ ଶରୀରକୁ ଗରମ ରଖିବା ସହ ଥଣ୍ଡା, କାଶ ଭଳି ସମସ୍ୟାଠୁ ଦୂରେଇ ରଖେ। ବିଶେଷକରି ଶୀତଦିନେ ଏହି ତେଲ ଶିଶୁଙ୍କ ସୁରକ୍ଷା ପାଇଁ ସବୁଠୁ ଭଲ। ଏହା ଶିଶୁଙ୍କୁ ସଂକ୍ରମଣରୁ ବି ଦୂରେଇ ରଖିଥାଏ।



# ଆତ୍ମସମୀକ୍ଷା

ସମସ୍ତଙ୍କ ପ୍ରିୟଭାଜନ ହେବାକୁ କିଏ ବା ନ ଚାହେଁ। ସେଥିପାଇଁ ନିଜର ଉତ୍ତମ ବ୍ୟବହାର ଏବଂ କାର୍ଯ୍ୟକଳାପ ପ୍ରତି ସମସ୍ତେ ଗୁରୁତ୍ୱ ଦେଇଥାନ୍ତି। ତଥାପି ବି କିଛି ଗୁଣ କେତେଜଣଙ୍କୁ ଅନ୍ୟମାନଙ୍କ ନିକଟରେ ଅପ୍ରିୟ କରାଇଥାଏ। ତେବେ କେଉଁ ଗୁଣ ବା ଅଭ୍ୟାସ ନିଜ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣୁଛି କିମ୍ବା ଅନ୍ୟର ମାନସିକତାକୁ ପ୍ରଭାବିତ କରୁଛି ଆତ୍ମସମୀକ୍ଷା କରି ତାକୁ ସୁଧାରିବା ହିଁ ଜଣେ ଭଲ ମଣିଷର ପରିଚୟ...

ଅଧିକାଂଶ ମହିଳା ସାଧାରଣତଃ ସ୍ୱଭାବରେ ଗପୁଡ଼ି। ପଡ଼ୋଶୀ, ସାଙ୍ଗସାଥୀ, ସହକର୍ମୀ ହୁଅନ୍ତୁ କିମ୍ବା ପରିଚିତଙ୍କୁ ଏକାଠି ପାଇଲେ ମେଳିଯାଏ ସେମାନଙ୍କ ଗପସପରା; ଯାହାକି ସେମାନଙ୍କୁ ଖୁବ୍ ଆନନ୍ଦ ଦେଇଥାଏ ସତ ହେଲେ ଏହି ଗପିବା ଭିତରେ କେତେଜଣଙ୍କର କିଛି ଅଭ୍ୟାସ ହିଁ ସେମାନଙ୍କୁ ଅନ୍ୟମାନଙ୍କ ପ୍ରିୟଭାଜନ ହେବାରୁ ବଞ୍ଚିତ କରିଥାଏ। ତେବେ ଅଜାଣତରେ କରୁଥିବା କେଉଁ ଭୁଲ୍ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଉଛି ଆତ୍ମସମୀକ୍ଷା କରିବା ସହ ସାମାଜିକ ସମ୍ବନ୍ଧ ଖରାପ ହେବା ତଥା ଅନ୍ୟମାନେ ଆପଣଙ୍କଠାରୁ ଦୂରେଇବା ଆରମ୍ଭ କରିବା ପୂର୍ବରୁ ଏହାକୁ ସୁଧାରିବା ଆବଶ୍ୟକ....

**ଅନ୍ୟ କଥାରେ ମୁଣ୍ଡ ଖେଳାଇବା:** ଅନ୍ୟର ସୁଖ ଦୁଃଖରେ ଠିଆହେବା ଏବଂ ଯଥା ସମ୍ଭବ ସହଯୋଗ କରିବା ଜଣେ ଉତ୍ତମ ମଣିଷର କର୍ତ୍ତବ୍ୟ। ହେଲେ ଉପରେ ପଡି ଅନ୍ୟ କଥାରେ ମୁଣ୍ଡ ଖେଳାଇବାର ବଦଭ୍ୟାସ କେତେକଙ୍କ ଠାରେ ରହିଛି। ଅନ୍ୟ କେହି ନିଜ ବ୍ୟକ୍ତିଗତ ଜୀବନରେ ମୁଣ୍ଡଖେଳାଇବା ସମସ୍ତଙ୍କୁ ପସନ୍ଦ ନୁହେଁ। ତେଣୁ ଏପରି କରିବା ଦ୍ୱାରା ଅନ୍ୟମାନଙ୍କ ମନରେ ଆପଣଙ୍କ ପ୍ରତି ନକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ ଏବଂ ସେମାନେ ଆପଣଙ୍କଠାରୁ ଦୂରତ୍ୱ ରଖିବାକୁ ଚେଷ୍ଟା କରିପାରନ୍ତି।

**ପରଚର୍ଚ୍ଚା କରିବା:** କଥା କଥାରେ ସର୍ବଦା ଅନ୍ୟର ଉଦାହରଣ ଦେବା, ଅନ୍ୟର ଦୋଷ ତ୍ରୁଟି ଖୋଜିବୁଲିବା, ପଛରେ ତାଚ୍ଛଲ୍ୟ କରିବା ଏବଂ କିଏ କ'ଣ କରୁଛି ସେ ସମ୍ପର୍କରେ ଆଲୋଚନା କରିବା ମଧ୍ୟ କେତେଜଣଙ୍କ ବଦଭ୍ୟାସ । ହେଲେ ସର୍ବସମ୍ମୁଖରେ ଏହି ପରଚର୍ଚ୍ଚା ଯେ ସେମାନଙ୍କ ନିଜ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣୁଛି ଏକଥା ସେମାନେ ଭୁଲିଯାଆନ୍ତି। ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ନିବୃତ୍ତ ରଖିବା ହିଁ ବୁଦ୍ଧିମତ୍ତାର କାର୍ଯ୍ୟ।

**ଅଯଥା ଯୁକ୍ତି:** କଥା କଥାରେ ରାଗିବା, ଯୁକ୍ତିକରିବା, ଅନ୍ୟପକ୍ଷ ଶୁଣିବା ପରିବର୍ତ୍ତେ କେବଳ ନିଜ ମତ ରଖିବା ଏମିତିକି ବାକ୍‌ସଂଯମ ହରାଇ ଅନ୍ୟକୁ ମାନସିକ ସ୍ତରରେ ଆଘାତ ପହଞ୍ଚାଇବା ଭଳି ବଦଗୁଣ ବି ଅନେକଙ୍କଠାରେ ରହିଛି। ହେଲେ ଏପରି କରିବା ଦ୍ୱାରା ସମସ୍ତଙ୍କ ଦୃଷ୍ଟିରେ ଆପଣଙ୍କ ପ୍ରତି ଏକ ନକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ ଏବଂ ସମସ୍ତେ କଳିହୁଡି ବୋଲି ଘୃଣା ଦୃଷ୍ଟିରେ ଦେଖିଥାନ୍ତି। ତେଣୁ ଯଦି କେବେ ଅନ୍ୟମାନେ ଆପଣଙ୍କଠାରୁ ଦୂରତ୍ୱ ରକ୍ଷା କରୁଥିବା ଅନୁଭବ କରନ୍ତି ତେବେ ଆତ୍ମସମୀକ୍ଷା କରି ଏହାର କାରଣ ବୁଝିନ୍ତୁ ଏବଂ ଯଦି ନିଜର କ୍ରୋଧ ଭାବନା, ଅଯଥା ତର୍କକରିବା ଏବଂ ଆକ୍ରୋଶମୂଳକ ଆଚରଣ ଏଥିପାଇଁ ଦାୟୀ ବୋଲି ମନେହୁଏ ତେବେ ଏହାଠାରୁ ଦୂରେଇ ରୁହନ୍ତୁ।

**ଅନାବଶ୍ୟକ ପରାମର୍ଶ ଦେବା:** ଆବଶ୍ୟକ ସମୟରେ କାହାକୁ ଉଚିତ ପରାମର୍ଶ ଦେବା କୌଣସି ସହଯୋଗଠୁ କମ୍ ନୁହେଁ। ହେଲେ କେହି ପରାମର୍ଶ ଲୋଡ଼ିବା ପୂର୍ବରୁ ତାଙ୍କ ବ୍ୟକ୍ତିଗତ ଜୀବନରେ ଅଯଥାରେ ହସ୍ତକ୍ଷେପ କରିବା ଓ ଉପରେ ପଡି ପରାମର୍ଶ ଦେବା ଆଦୌ ଠିକ୍ ନୁହେଁ। ଏହାଦ୍ୱାରା କଥାର ଓଜନ କମିବା ସହ ଆପଣଙ୍କ ଉଚିତ ପରାମର୍ଶକୁ ବି ଅନ୍ୟମାନେ ଧୀରେ ଧୀରେ ହେୟଜ୍ଞାନ କରିବା ଆରମ୍ଭ କରିଦେବେ।

**ଆତ୍ମପ୍ରଶଂସା:** ସମାଜରେ ଏମିତି ଅନେକ ମହିଳା ଅଛନ୍ତି, ଯେଉଁମାନେ ନିଜର ପ୍ରଶଂସା ନିଜ ମୁହଁରେ ଗାଇବୁଲନ୍ତି। ଏଥିରେ ସେମାନେ ଏତେ ମଜ୍ଜିଯାଆନ୍ତି ଯେ, ସାଙ୍ଗରେ ଥିବା ଅନ୍ୟମାନଙ୍କ ସୁଖ, ଦୁଃଖ, ମାନସିକତା ଆଦି ଜାଣିବାକୁ ଚେଷ୍ଟା ମଧ୍ୟ କରନ୍ତି ନାହିଁ। ଏମିତିକି ଆତ୍ମପ୍ରଶଂସାରେ ବିଭୋର ହୋଇ ସେମାନେ ଅନ୍ୟକୁ କିଛି କହିବାର ସୁଯୋଗ ମଧ୍ୟ ଦିଅନ୍ତି ନାହିଁ। ଏଠାରେ ମନେରଖିବା ଆବଶ୍ୟକ ଯେ, କିଛି ଭଲ ଗୁଣ ଥିଲେ କିମ୍ବା କାର୍ଯ୍ୟ କଲେ ଆପେଆପେ ସଭିଙ୍କ ମୁହଁରୁ ପ୍ରଶଂସାର ସୁଅ ଛୁଟିଆସିବ। ହେଲେ ବାରମ୍ବାର ଆତ୍ମପ୍ରଶଂସା କରିବାଦ୍ୱାରା ନା କେବଳ ଆପଣ ପରିହାସର ପାତ୍ରୀ ହେବେ ବରଂ ଇଚ୍ଛା ନ ଥିବା ସତ୍ତ୍ୱେ ଯେଉଁମାନେ ଶିଷ୍ଟାଚାର ଦୃଷ୍ଟିରୁ ଆପଣଙ୍କ କଥା ଶୁଣୁଥିଲେ, ସେମାନେ ମଧ୍ୟ ଆପଣଙ୍କ ଠାରୁ ଦୂରେଇବା କିମ୍ବା ଅଣଦେଖା କରିବା ଆରମ୍ଭ କରିଦେବେ।

**ନିନ୍ଦା କରିବା:** କାହାର ଭଲ କାର୍ଯ୍ୟରେ ପ୍ରଶଂସା କରିବା ବଦଳରେ ଏଣୁତେଣୁ କହିବା କିମ୍ବା ସହି ନ ପାରି ନିନ୍ଦା କରିବା, ନିଜର କୌଣସି ଦୋଷତ୍ରୁଟି ଥିଲେ ତାହାକୁ ଅନ୍ୟ ମୁଣ୍ଡରେ ଲଦିଦେବା ଭଳି ମାନସିକତା ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣିପାରେ। ତେଣୁ ଅନ୍ୟର ପ୍ରଶଂସା କରିବା ଶିଖନ୍ତୁ। ହେଲେ ମନେରଖନ୍ତୁ କାମ ହାସଲ କରିବା ଉଦ୍ଦେଶ୍ୟରେ ମଧ୍ୟ କାହାକୁ ଅଯଥା ପ୍ରଶଂସା କରିବା ବି ଠିକ୍ ନୁହେଁ।

**ଥଟ୍ଟା କରିବା:** ଥଟ୍ଟା, ମଜା ବା ବ୍ୟଙ୍ଗାତ୍ମକ ଆଚରଣ ନିଶ୍ଚିତ ଭାବେ ସମସ୍ତଙ୍କୁ ଆକୃଷ୍ଟ କରିଥାଏ। କାରଣ ଏହା ସମସ୍ତଙ୍କ ପାଇଁ କିଛି ସମୟ ଖୁସିର ମାହୋଲ ସୃଷ୍ଟି କରିଥାଏ। ହେଲେ ଏହି ଥଟ୍ଟାମଜା ବି ସୀମା ଲଙ୍ଘିଲେ ସମ୍ପର୍କରେ ଫାଟ ସୃଷ୍ଟିହେବାର କାରଣ ସାଜିଥାଏ। ଏଣୁ ଥଟ୍ଟା ଆଳରେ କାହାକୁ ସର୍ବସମ୍ମୁଖରେ ପରିହାସ କରିବା, ଅପମାନିତ କରିବା, କଷ୍ଟ ଦେବା କିମ୍ବା ଅସୁବିଧାରେ ପକାଇବା ଭଳି କାର୍ଯ୍ୟ ଆଦୌ କରନ୍ତୁ ନାହିଁ।





## କ'ଣ କୁହନ୍ତି ଏମାନେ...



ରୋଜାଲିନ୍

**ରୋଜାଲିନ୍ ଶତପଥୀ**(ଶିକ୍ଷୟିତ୍ରୀ, ଭୀମପୁର, ପାହାଳ, ଖୋର୍ଦ୍ଧା)– ପ୍ରତ୍ୟେକ ମଣିଷ ପାଖରେ ଭଲ ସହ କିଛି ଖରାପ ଗୁଣ ଥାଏ। ହେଲେ ଯଦି ଜଣେ ଆତ୍ମସମୀକ୍ଷା କରି ନିଜ ଖରାପ ଗୁଣକୁ ଯଥା ସମୟରେ ସୁଧାରିପାରେ ସେ ସମସ୍ତଙ୍କର ପ୍ରିୟ ହୋଇପାରେ। ନିଜ କଥା କହିବି ଜାଣତରେ ଏଭଳି କିଛି କଥା କହେନାହିଁ ଯାହା କାହାର ମାନସିକତାକୁ ଆଘାତ କରିବ। ସେହିପରି କାହା ପଛରେ ଗପିବା, ପରିହାସ କରିବା କିମ୍ବା ଅନାବଶ୍ୟକ ପରାମର୍ଶ ଦେବାଠୁ ନିଜକୁ ଦୂରେଇ ରଖେ।



ସୁଜାତା

**ସୁଜାତା ନାୟକ**(ଗୃହିଣୀ, ଛତିଆ, ଯାଜପୁର)– ସମସ୍ତଙ୍କ ନିକଟରେ ଜଣେ ଭଲ ମଣିଷର ପରିଚୟ ସୃଷ୍ଟି କରିବା ଏବଂ ନିଜ ଆତ୍ମସମ୍ମାନ ବଜାୟ ରଖିବା ଏତେ ସହଜ ନୁହେଁ। ସେଥିପାଇଁ ନିଜ କାର୍ଯ୍ୟକଳାପ, ଆଚରଣ ଏବଂ ବିଶେଷକରି ବାକ୍‌ସଂଯମତା ପ୍ରତି ଧ୍ୟାନ ଦେବା ଜରୁରୀ ବୋଲି ମୁଁ ଭାବିଥାଏ। ତେଣୁ ଆତ୍ମପ୍ରଶଂସା କରିବା, ଅନ୍ୟମାନଙ୍କ କଥାରେ ମୁଣ୍ଡଖେଳେଇବା, ଅଯଥା ଯୁକ୍ତି କରିବା ଆଦି କାର୍ଯ୍ୟଠୁ ନିବୃତ୍ତ ରହିଥାଏ।

## ଘରୋଇ ଟିପ୍ସ



- ★ ବଦହଜମୀ ସମସ୍ୟା ଦୂର କରିବା ଲାଗି ଜିରା ସବୁଠୁ ଭଲ ପ୍ରାକୃତିକ ଔଷଧ। ଏହା ଖାଦ୍ୟ ହଜମରେ ସାହାଯ୍ୟ କରୁଥିବା ଏନ୍‌ଜାଇମ୍ ବୃଦ୍ଧି କରିଥାଏ।
- ★ ଜିରାରେ ପ୍ରଚୁର ପରିମାଣରେ ଆଇରନ୍ ରହିଛି। ତେଣୁ ଖାଦ୍ୟ ତାଲିକାରେ ଏହାକୁ ସାମିଲ କରିବା ଦ୍ୱାରା ଋତୁସ୍ରାବ ସମୟରେ ଅଧିକ ରକ୍ତସ୍ରାବ ଯୋଗୁ ଶରୀରରୁ ହେଉଥିବା ଆଇରନ୍ କ୍ଷୟ ଏବଂ ଏଥିନେଇ ହେଉଥିବା ଦୁର୍ବଳତା ଦୂର ହୋଇଥାଏ। ଏହା ହିମୋଗ୍ଲୋବିନ୍ ମାତ୍ରା ବଢାଇବାରେ ମଧ୍ୟ ସାହାଯ୍ୟ କରଥାଏ।
- ★ ଝାଡାବାନ୍ତି ହେଉଥିଲେ ତାହା ଦହି ସହ ୫ଗ୍ରାମ ଜିରା ପାଉଡର ମିଶାଇ ଖଶଇବା ଦ୍ୱାରା ସଙ୍ଗେ ସଙ୍ଗେ ଉପଶମ ମିଳିଥାଏ।
- ★ କେଶ ଝଡିବା କିମ୍ବା ନିର୍ଦ୍ଦିଷ୍ଟ କୌଣସି ଭାଗରୁ କେଶ କ୍ଷୟ ହୋଇ ଚନ୍ଦା ଦେଖାଯାଉଛି ତେବେ ଉକ୍ତ ସ୍ଥାନରେ କଳା ଜିରା ତେଲ ଲଗାନ୍ତୁ। କିଛି ଥର ଏପରି କରିବା ଦ୍ୱାରା କେଶ ଝଡିବା ବା ବନ୍ଦ ହୋଇଯିବ। ତା' ଛଡା ଏହା କେଶକୁ ଲମ୍ବା ଏବଂ ଘନ କରିବାରେ ସାହାଯ୍ୟ କରିଥାଏ।
- ★ ଋତୁସ୍ରାବରେ ଅନିୟମିତତା ଦେଖା ଦେଉଥିଲେ ଏକ ଗ୍ଲାସ୍ ପାଣିରେ ଏକ ଚାମ ଜିରା ମିଶାଇ ଫୁଟାନ୍ତୁ ଏବଂ ଥଣ୍ଡା କରି ଉକ୍ତ ପାଣିକୁ ପିଅନ୍ତୁ। ପ୍ରତିଦିନ ଏପରି କରବା ଦ୍ୱାରା ସମସ୍ୟା ଦୂର ହୋଇପାରିବ।

## ଖାଦ୍ୟ ରୁଚି

### ଆଳୁ ଟିକ୍କି




**ଆବଶ୍ୟକ ସାମଗ୍ରୀ:** ସିଝା ଆଳୁ ୪ ଟା, କଟା ଧନିଆପତ୍ର, କଞ୍ଚାଲଙ୍କା ୨ଟା, ଚାଟ୍ ମସଲା ଅଧା ଚାମଚ, ଗରମ ମସଲା ଅଧା ଚାମଚ, ଜିରା ଗୁଣ୍ଡ ଅଧାଚମଚ, ମଇଦା ଦୁଇ ବଡ଼ ଚାମଚ, ତେଲ, ପାଣି, ବ୍ରେଡ୍ ଗୁଣ୍ଡ, ଲୁଣ ସ୍ୱାଦାନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ:** ସିଝା ଆଳୁରୁ ଚୋପା ଛଡାଇ ସେଥିରେ ଲୁଣ, ଲଙ୍କା, ଧନିଆପତ୍ର ଏବଂ ସମସ୍ତ ମସଲାଗୁଣ୍ଡ ପକାଇ ଭଲ ଭାବେ ଚକଟି ଦିଅନ୍ତୁ। ଏହାକୁ ଛୋଟ ଛୋଟ ଗୋଲ କରି ହାତରେ ଅଳ୍ପ ଚାପି ଟିକ୍କି ପ୍ରସ୍ତୁତ କରି ରଖନ୍ତୁ। ଏକ ପାତ୍ରରେ ମଇଦାରେ ପାଣି ଗୋଳାନ୍ତୁ। ଚୁଲାରେ ପ୍ୟାନ୍ ବସାଇ ତେଲ ଗରମ କରନ୍ତୁ। ଗୋଲ କରି ରଖିଥିବା ଆଳୁ ଚକଟାକୁ ଗୋଳା ମଇଦାରେ ବୁଡାନ୍ତୁ ଏବଂ ବ୍ରେଡ୍ ଗୁଣ୍ଡରେ ଲଗାଇ ଛାଣନ୍ତୁ। ପ୍ରସ୍ତୁତ ହୋଗଲା ଆଳୁ ଟିକ୍କି। ଏହାକୁ ଚଟଣି କିମ୍ବା ସସ୍ ସହିତ ଗରମ ଗରମ ପରଷନ୍ତୁ।


## ସୌନ୍ଦର୍ଯ୍ୟ

# ଗ୍ଲିଟର ଆଇଶ୍ୟାଡୋ



ଆଇ ମେକ୍‌ଅପ୍ ମୁହଁକୁ ଅଧିକ ଆକର୍ଷଣୀୟ କରିଥାଏ; ଯେଉଁଥିପାଇଁ ଅଧିକାଂଶଙ୍କୁ ବିଭିନ୍ନ ପ୍ରକାର ଆଇ ବ୍ୟୁଟିପ୍ରଡକ୍ଟ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଯାହା ମଧ୍ୟରେ ବର୍ତ୍ତମାନ ଗ୍ଲିଟର ଆଇଶ୍ୟାଡୋ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି। ଯଦି ଆପଣ ବି ଏହାଦ୍ୱାରା ନିଜ ଆଖିର ସୌନ୍ଦର୍ଯ୍ୟ ବଢ଼ାଇବାକୁ ଚାହୁଁଛନ୍ତି ତେବେ ଜାଣିରଖନ୍ତୁ ଏହାକୁ ବ୍ୟବହାର କରିବାର କେତୋଟି ଉପାୟ...

- ❖ ଏହାକୁ ପ୍ରଥମଥର ଲଗାଉଥିଲେ କୌଣସି ବ୍ୟୁଟି ଏକ୍ସପର୍ଟଙ୍କଠାରୁ ଆପଣଙ୍କୁ କେଉଁ ଶ୍ୟାଡୋ ସୁଟ୍ କରିବ ପରାମର୍ଶ ନିଅନ୍ତୁ। ଠିକ୍ ବ୍ରାଣ୍ଡ ତଥା କ୍ୱାଲିଟି ସମ୍ପର୍କରେ ଜାଣିବା ଦ୍ୱାରା ନା କେବଳ ଆପଣଙ୍କ ଆଖି ଆକର୍ଷଣୀୟ ଲାଗିବ ବରଂ ସୁରକ୍ଷିତ ମଧ୍ୟ ରହିବ।
- ❖ ଗ୍ଲିଟର୍ ଆଇଶ୍ୟାଡୋ ସାଧାରଣତଃ ଅଧିକ ସାଇନିଂ ହୋଇଥିବାରୁ ଏହାକୁ ପାର୍ଟି, ଫଙ୍କଶନ୍ ଆଦି ସମୟରେ ଲଗାଇଲେ ଭଲ ଲାଗିଥାଏ। ତେଣୁ ଏଭଳି କୌଣସି ବିଶେଷ ଅବସର ଥିଲେ ନିଜ ଡ୍ରେସ୍ କଲର ସହ ମ୍ୟାଚ୍ କରୁଥିବା ଆଇଶ୍ୟାଡୋ ବାଛନ୍ତୁ। ଯଦି ତାହା ଉପଲବ୍ଧ ନାହିଁ ତେବେ ସବୁ ପୋଷାକର ରଙ୍ଗ ସହ ମ୍ୟାଚ୍ କରୁଥିବା ଭଳି ୟୁନିଭର୍ସାଲ ରଙ୍ଗ ଯଥା– ହ୍ୱାଇଟ୍, ସିଲ୍‌ଭର୍, ଗୋଲ୍ଡେନ୍ ଆଦି ବାଛନ୍ତୁ।
- ❖ ଆଇଶ୍ୟାଡୋ ଲଗାଇବା ପୂର୍ବରୁ ପ୍ରିମିୟର ଲଗାଇବାକୁ ଭୁଲନ୍ତୁ ନାହିଁ। ଏହାଦ୍ୱାରା ଗ୍ଲିଟରର ସୁନ୍ଦରତା ଆହୁରି ଅଧିକ ବଢ଼ିଯାଇଥାଏ ଏବଂ ଏହା ଦୀର୍ଘ ସମୟ ପାଇଁ ମଧ୍ୟ ରହିଥାଏ।
- ❖ ସେହିପରି ଯଦି ଆପଣ ବେସ୍ କଲର ଲଗାଇବା ପରେ ଏହାକୁ ବ୍ୟବହାର କରୁଛନ୍ତି ତେବେ ମେକ୍‌ଅପ୍ ଅପେକ୍ଷାକୃତ ଅଧିକ ଆକର୍ଷଣୀୟ ଲାଗିବ।
- ❖ ଗ୍ଲିଟର ଆଇଶ୍ୟାଡୋ କ୍ରିମ୍ ବେସ୍‌ଡ୍ ବାଛିଲେ ଭଲ। ଯଦି ନ ମିଳୁଛି ତେବେ ଭେସ୍‌ଲିନ୍ କିମ୍ବା ଜେଲ୍ ଲଗାଇବା ପରେ ଏହାକୁ ଲଗାନ୍ତୁ। ଏପରି କରିବା ଦ୍ୱାରା ଗ୍ଲିଟର ବୋଳିହୋଇ କିମ୍ବା ଛାଡ଼ିଯାଇ ମେକ୍‌ଅପ୍ ଖରାପ ହୋଇ ନ ଥାଏ ଏବଂ ଅପେକ୍ଷାକୃତ ଅଧିକ ସମୟ ମଧ୍ୟ ରହିଥାଏ।
- ❖ ଏହାକୁ ଲଗାଇବା ଲାଗି କ୍ୟୁ ଟିପ୍ କିମ୍ବା ଗ୍ଲିଟର ଆପ୍ଲିକେଟର ବ୍ୟବହାର କରନ୍ତୁ। ପ୍ରଥମେ ସିଙ୍ଗଲ କୋଟ୍ ଲଗାଇ ଦେଖନ୍ତୁ। ଠିକ୍ ଭାବେ ଲାଗିଲେ ଧୀରେ ଧୀରେ ଡବଲ କୋଟ୍ ଲଗାନ୍ତୁ।
- ❖ ମନେରଖନ୍ତୁ ଏହି ମେକ୍‌ଅପ୍ ଛଡ଼ାଇବା ସମୟରେ କେବଳ ମୁହଁ ଧୋଇବା ପରିବର୍ତ୍ତେ କଟନ୍‌ରେ ବେବି ଅଏଲ୍ କିମ୍ବା ମେକ୍‌ଅପ୍ ରିମୁଭରରେ ଧୀରେ ଧୀରେ ପୋଛନ୍ତୁ।



| Dollar | Sensex | Nifty | Gold | Silver |
|---|---|---|---|---|
| 73.45 (0.02) | 34,067.40 (718.09) | 10,074.25 (220.85) | 32,550 (₹0) | 39,500.00 (₹100) |



“ବଜାର ଟ୍ରେଣ୍ଡକୁ ଧ୍ୟାନରେ ରଖି ଗ୍ରାହକଙ୍କୁ ସୁଲଭ ମୂଲ୍ୟଯୁକ୍ତ ଉତ୍ପାଦ ଯୋଗାଣ ଉପରେ ଧ୍ୟାନ କେନ୍ଦ୍ରିତ କରୁଛୁ।
– ଲିଓ ଜୋସେଫ, ବରିଷ୍ଠ ନିର୍ଦ୍ଦେଶକ, ଏଚ୍‌ପି ଇଣ୍ଡିଆ



“ଦିଲ୍ଲୀ-ମୁମ୍ବାଇ ଶିଳ୍ପ କରିଡର ସହ ଅନ୍ୟ କ୍ଷେତ୍ରରେ ନିବେଶ ନେଇ ରୁଷିଆ ସହ ଆଲୋଚନା ଜାରି ରହିଛି।
– ସୁରେଶ ପ୍ରଭୁ, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ

## ସଂକ୍ଷେପରେ

### ପିଏନ୍‌ବି ମହାଦୁର୍ନୀତି ନୀରବ ମୋଦି ପଳାତକ ମାମଲାକୁ ବିରୋଧ କଲେ

**ନୂଆଦିଲ୍ଲୀ,୨୯-୧୦:** ହୀରା ବ୍ୟବସାୟୀ ନୀରବ ମୋଦିଙ୍କୁ ପଳାତକ ଅପରାଧୀ ଘୋଷଣା କରିବା ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପିଏମ୍‌ଏଲ୍‌ଏ ଅଦାଲତରେ ଆବେଦନ କରିଛନ୍ତି । ତେବେ ନୀରବ ଏହାକୁ ବିରୋଧ କରିଛନ୍ତି। ସେ ଏହି ମାମଲାକୁ ଖାରଜ କରିବା ଲାଗି ସ୍ୱତନ୍ତ୍ର ଅଦାଲତରେ ଆବେଦନ ଦାଖଲ କରିଛନ୍ତି। ବିଚାରପତି ଏମ.ଏସ୍ ଆଜମୀଙ୍କ ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ ଅଦାଲତରେ ସୋମବାର ନୀରବ ମୋଦି ନିଜ ଓକିଲଙ୍କ ମାଧ୍ୟମରେ ୧୦ଟି ଆବେଦନ କରିଛନ୍ତି। ଇଡି ପକ୍ଷରୁ ଦାଖଲ ଆବେଦନ ଆଇନସମ୍ମତ ନୁହେଁ ବୋଲି ମୋଦି ତାଙ୍କ ଆବେଦନରେ ଦର୍ଶାଇଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି ଯେ, ଆଇନାନୁଯାୟୀ ଏଭଳି ଆବେଦନ କେବଳ ଡାଇରେକ୍ଟର କିମ୍ବା ଡାଇରେକ୍ଟରଙ୍କ ଦ୍ୱାରା ଅଧିକୃତ ଡେପୁଟି ଡାଇରେକ୍ଟର ହିଁ କରିପାରିବେ। କିନ୍ତୁ ତାଙ୍କ ବିରୋଧରେ ଡେପୁଟି ଡାଇରେକ୍ଟର ଟି.ମହେଶ ଚନ୍ଦ୍ର ରେଡ୍ଡୀ ଆବେଦନ କରିଛନ୍ତି। ତାଙ୍କୁ ଏଥିପାଇଁ ଡାଇରେକ୍ଟର ଅଧିକୃତ କରିନାହାନ୍ତି। ଏହାଛଡା ଏ ସଂକ୍ରାନ୍ତରେ ଏକ ଅର୍ଡିନାନ୍ସ ବଳବତ୍ତର ଥିବା ବେଳେ ଉକ୍ତ ଆଇନ ଚଳିତବର୍ଷ ଜୁଲାଇ ୨୫ରେ ସଂସଦର ଅନୁମୋଦନ ଲାଭ କରିଛି। ଏଣୁ ଅର୍ଡିନାନ୍ସ କାର୍ଯ୍ୟକାରୀ ହେଉଥିବା ବେଳେ ଇଡିଙ୍କ ଆବେଦନ ଗ୍ରହଣୀୟ ହେବନି।

### ୭୫ ବିଲିୟନ ମୁଦ୍ରା ବିନିମୟ ଲାଗି ଭାରତ-ଜାପାନ ଚୁକ୍ତି

**ନୂଆଦିଲ୍ଲୀ,୨୯-୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଜାପାନ ପ୍ରତିପକ୍ଷ ସିଞ୍ଜୋ ଆବେଙ୍କ ଉପସ୍ଥିତିରେ ସୋମବାର ଭାରତ ଓ ଜାପାନ ମଧ୍ୟରେ ୭୫ ବିଲିୟନ ଡଲାର ମୁଦ୍ରା ବିନିମୟ ଚୁକ୍ତି ସ୍ୱାକ୍ଷର ହୋଇଛି। ଏହାଦ୍ୱାରା ବୈଦେଶିକ ମୁଦ୍ରାରେ ସ୍ଥିରତା ଆସିବା ସହିତ ଭାରତୀୟ ଆର୍ଥିକ ବଜାର ପ୍ରତି ନିବେଶକଙ୍କ ଭରସା ବୃଦ୍ଧି ପାଇବ। ମୁଦ୍ରା ବିନିମୟ ଚୁକ୍ତି ସ୍ୱାକ୍ଷର ଦ୍ୱାରା ଦୁଇ ଦେଶ ମଧ୍ୟରେ ଆର୍ଥିକ କ୍ଷେତ୍ରରେ ସହଯୋଗିତା ବୃଦ୍ଧି ପାଇବା ସହିତ ସମ୍ପର୍କ ଅଧିକ ଦୃଢ଼ୀଭୂତ ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ଆମେରିକାରେ ଡଲାର ଶକ୍ତିଶାଳୀ ହେବା କାରଣରୁ ନିବେଶକମାନେ ଭାରତ ସମେତ ବିକାଶଶୀଳ ଦେଶରୁ ସେମାନଙ୍କ ନିବେଶ ପ୍ରତ୍ୟାହାର କରିବା ଆରମ୍ଭ କରିଛନ୍ତି। ଟଙ୍କାର ମୂଲ୍ୟ ହ୍ରାସ କାରଣରୁ ଦେଶର ଚଳନ୍ତି ଜମା ନିଅଣ୍ଟ ପରିମାଣ ଏପ୍ରିଲ-ଜୁନ ତ୍ରୈମାସିକରେ ଜିଡିପିର ୨.୪%ରେ ପହଞ୍ଚିଛି।

### ଚାଇନାରୁ ଆମଦାନୀ ଲାଗି ୟୁଆନ ହେବ ମାଧ୍ୟମ

**ନୂଆଦିଲ୍ଲୀ,୨୯-୧୦:** ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ଦେଶକୁ ଅଧିକ ଡଲାର ଖର୍ଚ୍ଚ କରିବାକୁ ପଡୁଛି। ଏହି କାରଣରୁ ଡଲାର ବଦଳରେ ୟୁଆନ ଜରିଆରେ ପଡୋଶୀ ଦେଶ ଚାଇନାରୁ ସାମଗ୍ରୀ ଆମଦାନୀ ଲାଗି ଭାରତ ଏବେ ବିଚାର କରୁଛି। ଏହାଦ୍ୱାରା ଦୁଇ ଦେଶ ମଧ୍ୟରେ କାରବାର ଅଧିକ ସୁଗମ ହେବ ଏବଂ ଟଙ୍କା ମୂଲ୍ୟ ହ୍ରାସ ଜନିତ ବିପଦରୁ ଭାରତ ବେଶ୍ ସୁରକ୍ଷିତ ରହିପାରିବ। ଚାଇନାକୁ ରପ୍ତାନି ହେବାକୁ ଥିବା ଔଷଧ, ତୈଳବୀଜ ଏବଂ ଚିନିକୁ ଟଙ୍କା ମାଧ୍ୟମରେ କାରବାର କରିବାକୁ ଭାରତ ଏବେ ଚିନ୍ତା କରୁଛି। ଦୁଇ ଦେଶ ମଧ୍ୟରେ ମୁଦ୍ରା ବିନିମୟ ହୋଇପାରୁ ନ ଥିବାରୁ ଭାରତ ଓ ଚାଇନା ମଧ୍ୟରେ ଡଲାର ମାଧ୍ୟମରେ କାରବାର ହୋଇଥାଏ।

### ସେନସେକ୍ସ ୭୧୮ ପଏଣ୍ଟ ବୃଦ୍ଧି

**ମୁମ୍ବାଇ,୨୯-୧୦:** ଦୀପାବଳି ପୂର୍ବରୁ ସୋମବାର ଶେୟାର ବଜାରରେ ଜବରଦସ୍ତ ବୃଦ୍ଧି ପରିଲକ୍ଷିତ ହୋଇଛି। ସେନସେକ୍ସ ୭୧୮.୦୯ ପଏଣ୍ଟ(୨.୧୫%)ର ବୃଦ୍ଧି ସହିତ ୩୪,୦୬୭.୪୦ରେ ଏବଂ ନିଫ୍ଟି ୨୨୧.୩୦ ପଏଣ୍ଟ(୨.୨୧%) ମଜଭୁତ ସହିତ ୧୦,୨୫୧.୩୦ରେ ବନ୍ଦ ହୋଇଛି। ସକାଳେ ସେନସେକ୍ସ ବୃଦ୍ଧି ସହିତ ଖୋଲିଥିଲା। କିଛି ସମୟ ପରେ ଏଥିରେ ହ୍ରାସ ପରିଲକ୍ଷିତ ହୋଇଥିଲା। ଦ୍ୱିପ୍ରହର ପରେ ଅପରାହ୍ନ ୩ଟା ୧୮ ପରେ ସେନସେକ୍ସ ୭୩୨.୬୪ ଅର୍ଥାତ ୨.୨୦% ବୃଦ୍ଧି ସହିତ ୩୪,୦୪୪.୪୫ପଏଣ୍ଟରେ ପହଞ୍ଚି ଯାଇଥିଲା। ସେହିପରି ନିଫ୍ଟି ମଧ୍ୟ ୨୨୭.୬୫ ପଏଣ୍ଟ ଅର୍ଥାତ ୨.୨୭% ମଜଭୁତ ହୋଇ ୧୦,୨୫୭.୬୫ ପଏଣ୍ଟରେ ଟ୍ରେଡ ହୋଇଥିଲା। ଏହାର କିଛି ସମୟ ପରେ ଏକ ସମୟରେ ସେନସେକ୍ସରେ ୭୯୬ ପଏଣ୍ଟ ବୃଦ୍ଧି ଦେଖାଯାଇଥିଲା। ଘରୋଇ କ୍ଷେତ୍ରରେ ଅଗ୍ରଣୀ ବ୍ୟାଙ୍କ ଆଇସିଆଇସିଆଇ ବ୍ୟାଙ୍କ ଲାଭ କରିଥିବା ସୂଚନା ସେନସେକ୍ସ ବୃଦ୍ଧିର କାରଣ ହୋଇଥିଲା। ଫଳରେ ବ୍ୟାଙ୍କିଙ୍ଗ ସେକ୍ଟରର ପ୍ରାୟ ସମସ୍ତ ଶେୟାର ବୃଦ୍ଧି ପାଇଥିଲା।

# ଘନଉଛି ସରକାର-ଆର୍‌ବିଆଇ ମତଭେଦ

**ନୂଆଦିଲ୍ଲୀ,୨୯-୧୦**

କେନ୍ଦ୍ର ସରକାର ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ମଧ୍ୟରେ ମତଭେଦ ଚରମସୀମାରେ ପହଞ୍ଚିଗଲାଣି। ବିମୁଦ୍ରୀକରଣ ସମେତ ବିଭିନ୍ନ ପ୍ରସଙ୍ଗରେ ସୃଷ୍ଟି ହୋଇଥିବା ମତଭେଦର ପରିଣାମସ୍ୱରୂପ କେନ୍ଦ୍ର ସରକାର ଓ କେନ୍ଦ୍ରୀୟ ବ୍ୟାଙ୍କ ମଧ୍ୟରେ ସମ୍ପର୍କ ପ୍ରାୟତଃ ଛିନ୍ନ ହୋଇଛି। ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ସରକାର ଆର୍‌ବିଆଇର କାର୍ଯ୍ୟ ଉପରେ ହସ୍ତକ୍ଷେପ କରୁଥିବାରୁ ଏହାର ସ୍ୱାଧୀନତା କ୍ଷୁଣ୍ଣ ହେଉଛି। ଏହାଛଡ଼ା ଏନ୍‌ଡିଏ ସରକାର ରିଜର୍ଭ ବ୍ୟାଙ୍କର କ୍ଷମତା ସଙ୍କୁଚିତ କରିବା ଲାଗି ଉଦ୍ୟମ ଆରମ୍ଭ କରିବା ପରେ ଉର୍ଜିତ ପଟେଲ ଓ ଅନ୍ୟ ଅଧିକାରୀଙ୍କୁ ଏହା ଅସନ୍ତୁଷ୍ଟ କରିଛି। ରିଜର୍ଭ ବ୍ୟାଙ୍କ ଗଭର୍ନର ଉର୍ଜିତ ତାଙ୍କ ପୂର୍ବସୂରୀ ରଘୁରାମ ରାଜନଙ୍କ ଭଳି ଭୁଲ୍ ନ କରି ବରଂ ବିରଳ ଆଚାର୍ଯ୍ୟଙ୍କୁ ମୋହରା କରିଛନ୍ତି। ନିକଟରେ ଭିରାଲ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଆର୍‌ବିଆଇକୁ ଅଧିକ ସ୍ୱାୟତ୍ତତା ମିଳିବା ଉଚିତ ବୋଲି ଯୁକ୍ତି ବାଢ଼ିଛନ୍ତି। ତାଙ୍କର ଏହି ବକ୍ତବ୍ୟ ନିଆଁରେ ଘିଅ ଢାଳିବା ଭଳି ହୋଇଛି। ଉର୍ଜିତଙ୍କ ପରୋକ୍ଷ ଗୋଟିଚାଳନାରେ ଏନ୍‌ଡିଏ ସରକାର ବ୍ୟତିବ୍ୟସ୍ତ ହୋଇପଡ଼ିଛନ୍ତି।

କେନ୍ଦ୍ର ସରକାରଙ୍କ ଆର୍ଥିକ ନୀତିକୁ ରିଜର୍ଭ ବ୍ୟାଙ୍କ ବିରୋଧ କରୁଥିବାରୁ ଉର୍ଜିତ ଏବେ ସରକାରଙ୍କ କଣ୍ଟା ହେଲେଣି। ଏପରି ସ୍ଥିତିରେ ଆର୍‌ବିଆଇ ଗଭର୍ନରଙ୍କୁ ଆଉ ଦ୍ୱିତୀୟ ପାଳି ମିଳିବନି ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରେ ରାଜନ କେନ୍ଦ୍ର ସରକାରଙ୍କୁ ଖୋଲାଖୋଲି ସମାଲୋଚନା କରିବା ଆରମ୍ଭ କରି ଦେଇଥିଲେ। ଫଳରେ ସରକାର ତାଙ୍କର କାର୍ଯ୍ୟକାଳ ଦ୍ୱିତୀୟ ଥର ପାଇଁ ବଢ଼ାଇ ନ ଥିଲେ। ଅନ୍ୟପକ୍ଷରେ ମତଭେଦ ଏପରି ଚରମସୀମାରେ ପହଞ୍ଚିଗଲାଣି ଯେ, ତାଙ୍କୁ ଦ୍ୱିତୀୟ ପାଳି ମିଳିବନି ବୋଲି ଗଭର୍ନର ଉର୍ଜିତ ମଧ୍ୟ ଜାଣିସାରିଲେଣି। ଏହି କାରଣରୁ ସେ କେନ୍ଦ୍ର ସରକାରଙ୍କୁ ଆଉ ଖାତିର କରୁନାହାନ୍ତି।

ଚଳିତ ବର୍ଷ ଆରମ୍ଭରୁ ଆଜି ଯାଏ ପ୍ରାୟ ୬ଟି ଆର୍ଥିକ ପ୍ରସଙ୍ଗରେ ଆର୍‌ବିଆଇ ଏବଂ କେନ୍ଦ୍ର ସରକାର ଭିନ୍ନ ମତପୋଷଣ କରିଛନ୍ତି। ସୁଧ ହାର ହ୍ରାସ କରିବାକୁ କେନ୍ଦ୍ର ଚାହୁଁଥିବା ବେଳେ ଆର୍‌ବିଆଇ ଏହାକୁ ପ୍ରତ୍ୟାଖ୍ୟାନ କରିବା ସହିତ ଓଲଟା ଦୁଇଥର ବଢ଼ାଇ ଦେଲେ। ଏହାଦ୍ୱାରା ସରକାରଙ୍କ ଚିନ୍ତା ଆହୁରି ବଢ଼ିଯାଇଛି। ବିମୁଦ୍ରୀକରଣ ଯୋଗୁ ଦେଶରେ ନିଯୁକ୍ତି ହ୍ରାସ ପାଇଥିବା ବେଳେ ଉର୍ଜିତଙ୍କ ନିଷ୍ପତ୍ତି ପରିସ୍ଥିତିକୁ ଆହୁରି ଭୟାବହ କରିଛି। ଏହାକୁ ନେଇ କେନ୍ଦ୍ର ସରକାର ଏବେ ଗଭର୍ନରଙ୍କ ଉପରେ ଖପ୍ପା। ଏହାପରେ ଫେବୃୟାରୀ ୧୨ରେ ଆର୍‌ବିଆଇ ଏନ୍‌ପିଏ ଏବଂ ଋଣ ପୁନର୍ଗଠନ ନେଇ ନୂଆ ନିୟମ ସମ୍ପର୍କରେ ଏକ ସର୍କୁଲାର ଜାରି କଲେ। କେନ୍ଦ୍ରୀୟ ବ୍ୟାଙ୍କର ଏହି ପଦକ୍ଷେପ ଯୋଗୁ କେନ୍ଦ୍ର ସରକାରଙ୍କ ରାଗ ଚରମସୀମାରେ ପହଞ୍ଚିଯାଇଛି। ଏହା ପରେ ପରେ ନୀରବ ମୋଦି ମହାଦୁର୍ନୀତି ସାମନାକୁ ଆସିଲା। ରିଜର୍ଭ ବ୍ୟାଙ୍କର ଅଣଦେଖା ଯୋଗୁ ଏଭଳି ଦୁର୍ନୀତି ହୋଇପାରିଲା ବୋଲି କେନ୍ଦ୍ର ସରକାର କେନ୍ଦ୍ରୀୟ ବ୍ୟାଙ୍କ ଉପରେ ଦୋଷ ଲଦି ଦେଲେ। ଏଥିରେ କ୍ଷୁବ୍ଧ ଉର୍ଜିତ ସରକାରଙ୍କ ବିରୋଧରେ ଖୋଲାଖୋଲି ବିଦ୍ରୋହ ଘୋଷଣା କଲେ। ଏଭଳି ଘଟଣାକୁ ରୋକିବାକୁ ହେଲେ ଆର୍‌ବିଆଇକୁ ଏଥିପାଇଁ ଅଧିକ କ୍ଷମତା ମିଳିବା ଦରକାର ବୋଲି କହି କେନ୍ଦ୍ରକୁ ସେ ନ୍ୟୂନ କରିଦେଲେ। ଏହାପରେ ଏନ୍‌ବିଏଫସି ସଙ୍କଟକୁ ନେଇ ସରକାର ଓ ଆର୍‌ବିଆଇ ମଧ୍ୟରେ ଫାଟ ବଢ଼ିଛି। ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍ ଗ୍ରୁପ୍ କମ୍ପାନୀ ସୁଧ ପ୍ରଦାନରେ ବିଫଳ ହେବା ପରେ ନଗଦ ସଙ୍କଟ ଦୂର କରିବା ଲାଗି ସରକାର କେନ୍ଦ୍ରୀୟ ବ୍ୟାଙ୍କ ଉପରେ କ୍ରମାଗତ ଚାପ ପ୍ରୟୋଗ କରୁଛନ୍ତି। ଏହାକୁ ଆର୍‌ବିଆଇ ଶୁଣୁନି।

ଲାଭାଂଶ ପ୍ରଦାନ ମତଭେଦର ଅନ୍ୟତମ କାରଣ ହୋଇଛି। ଚଳିତ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟ ପରିମାଣ ହ୍ରାସ କରିବା ଲକ୍ଷ୍ୟରେ ସରକାର ଆର୍‌ବିଆଇଠାରୁ ଅଧିକ ଲାଭାଂଶ ମାଗିଲେ, ଯାହାକୁ ବୋର୍ଡ ସଦସ୍ୟ ନଚିକେତା ମୋର୍ ଖୋଲାଖୋଲି ବିରୋଧ କଲେ। ଫଳସ୍ୱରୂପ ସରକାର ତାଙ୍କୁ ବଦଳାଇ ଦେଲେ। ତାଙ୍କ ସ୍ଥାନରେ ଏସ୍ ଗୁରୁମୂର୍ତ୍ତି ଓ ଏସ୍ ମାରାଠେଙ୍କୁ ସରକାର ନିଯୁକ୍ତି ଦେଲେ। ଏହା ଉର୍ଜିତଙ୍କୁ କ୍ଷୁବ୍ଧ କରିଛି।

ଅନ୍ୟପକ୍ଷରେ ବିରଳ ଆଚାର୍ଯ୍ୟଙ୍କ ବକ୍ତବ୍ୟ ଉପରେ ପ୍ରତିକ୍ରିୟା ପ୍ରକାଶ କରି କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଛନ୍ତି ଯେ, ଆର୍‌ବିଆଇ ସମସ୍ତଙ୍କ କଥା ଶୁଣିବା ଉଚିତ। ଆର୍ଥିକ ପରିଚାଳନା ପାଇଁ କେନ୍ଦ୍ର ସରକାର ଆଉ ଏକ ସମାନ୍ତରାଳ ନିୟନ୍ତ୍ରକ ଗଠନ ଉଦ୍ୟମକୁ ମଧ୍ୟ ଆର୍‌ବିଆଇ ବିରୋଧ କରିଥିବା ଭିରାଲଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୋଇଛି। ତେବେ ସରକାରୀ ନେତୃତ୍ୱ ପକ୍ଷରୁ କୁହାଯାଉଛି ଯେ, ମତଭେଦକୁ କେନ୍ଦ୍ର ସରକାର ବନାମ କେନ୍ଦ୍ରୀୟ ବ୍ୟାଙ୍କ ଭାବେ ଗ୍ରହଣ କରିବା ଅନୁଚିତ୍ ହେବ।

### ମତଭେଦର ପ୍ରମୁଖ କାରଣ



- **ମାର୍ଚ୍ଚ-ଏପ୍ରିଲ ୨୦୧୭:** ସୁଧହାରକୁ ନେଇ ଆର୍‌ବିଆଇ, ସରକାରଙ୍କ ମତଭେଦ
- **ଫେବୃୟାରୀ ୧୨, ୨୦୧୮:** ଏନ୍‌ପିଏ ନେଇ ଆର୍‌ବିଆଇ ସର୍କୁଲାର ଜାରି କଲେ
- **ଫେବୃୟାରୀ:** ନୀରବ ମୋଦି ଘଟଣା ପାଇଁ ଆର୍‌ବିଆଇକୁ ଦୋଷ ଦେଲେ କେନ୍ଦ୍ର
- **ଏପ୍ରିଲ:** ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ନିୟନ୍ତ୍ରଣ ଲାଗି ଆର୍‌ବିଆଇ ଅଧିକ କ୍ଷମତା ଲୋଡ଼ିଲା, ସରକାର କହିଲେ ଯଥେଷ୍ଟ କ୍ଷମତା ମିଳିଛି
- **ଜୁଲାଇ:** ଦୁର୍ବଳ ବ୍ୟାଙ୍କ ପାଇଁ ସରକାର ନିୟମ କୋହଳ କରିବାକୁ ଚାହୁଁଥିଲେ
- **ଅଗଷ୍ଟ-ସେପ୍ଟେମ୍ବର:** ଏସ୍ ଗୁରୁମୂର୍ତ୍ତି, ଏସ୍ ମାରାଠେଙ୍କୁ ଆର୍‌ବିଆଇ ବୋର୍ଡରେ ନିଯୁକ୍ତ କରାଗଲା,ନଚିକେତା ମୋର୍ ବିଦା ହେଲେ
- **ସେପ୍ଟେମ୍ବର-ଅକ୍ଟୋବର:** ତୈଳ କମ୍ପାନୀଙ୍କୁ ସିଧାସଳଖ ଡଲାର ଦେବା, ଏନ୍‌ବିଏଫସିକୁ ଅଧିକ ପାଣ୍ଠି ଯୋଗାଣକୁ ନେଇ ଦ୍ୱନ୍ଦ୍ୱ

### ସ୍ୱାୟତ୍ତତାକୁ କର୍ମଚାରୀ ସଂଘର ସମର୍ଥନ

**ନୂଆଦିଲ୍ଲୀ,୨୯-୧୦:** ରିଜର୍ଭ ବ୍ୟାଙ୍କ ଡେପୁଟି ଗଭର୍ନର ବିରଳ ଆଚାର୍ଯ୍ୟଙ୍କ ବୟାନକୁ ନେଇ କର୍ମଚାରୀ ସଂଘ(ଏଆଇଆର୍‌ବିଇଏ) ସୋମବାର ଚିନ୍ତାବ୍ୟକ୍ତ କରିବା ସହିତ ଶୀର୍ଷ ବ୍ୟାଙ୍କର ସ୍ୱାୟତ୍ତତା ବଜାୟ ରହୁ ବୋଲି ଦାବି କରିଛନ୍ତି। ଅଲ୍ ଇଣ୍ଡିଆ ରିଜର୍ଭ ବ୍ୟାଙ୍କ ଏମ୍ପ୍ଲଇଜ ଆସୋସିଏଶନ ପକ୍ଷରୁ ସୋମବାର ଏକ ବିବୃତି ଜାରି କରି କୁହାଯାଇଛି ଯେ, କେନ୍ଦ୍ରୀୟ ବ୍ୟାଙ୍କକୁ ନ୍ୟୂନ ଦୃଷ୍ଟିରେ ଦେଖିବା ବିପଦକୁ ବରଣ କରିବା ସଙ୍ଗେ ସମାନ ହେବ। କେନ୍ଦ୍ର ସରକାର ଏଥିରୁ ନିବୃତ୍ତ ହେବା ଆବଶ୍ୟକ। କେନ୍ଦ୍ରୀୟ ବ୍ୟାଙ୍କ ଉପରେ ଚାପ ପ୍ରୟୋଗ କରିବା ଅପେକ୍ଷା ଉଭୟ ପକ୍ଷ ବୈଠକରେ ବସି ବିବାଦର ସମାଧାନ କରିବା ଆବଶ୍ୟକ। ଆର୍‌ବିଆଇ ଯାହା କିଛି କରୁଛି ଦେଶର ହିତକୁ ଦେଖି କରୁଛି ବୋଲି ବିବୃତିରେ କୁହାଯାଇଛି।

## ଟିଭିଏସ୍ ସ୍ପୋର୍ଟସର ସ୍ୱତନ୍ତ୍ର ଏଡିଶନ

**ଭୁବନେଶ୍ୱର,୨୯-୧୦**



ପାର୍ବଣ ଉପଲକ୍ଷେ ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ଏହାର ଅନ୍ୟତମ ପ୍ରମୁଖ ମଡେଲ ସ୍ପୋର୍ଟସର ସ୍ୱତନ୍ତ୍ର ଏଡିଶନ ବଜାରକୁ ଆସିଛି। ଏହା ଇଲେକଟ୍ରିକ୍ ଓ କିଟ୍ ଷ୍ଟାର୍ଟ ଆଲଏ ହ୍ୱିଲ୍ ଭାରିଆଣ୍ଟରେ ଉପଲବ୍ଧ ହେଉଛି। ମଡେଲଟିରେ ଗ୍ରାହକମାନେ ଲମ୍ବା ସିଟ୍ ଓ ଚଉଡା ପିଲିୟନ ହ୍ୟାଣ୍ଡେଲ ଲାଭ କରିପାରିବେ। ଏଥିରେ ଥିବା ଷ୍ଟାଇଲିସ ଡେକାଲ, ପ୍ରିମିୟମ ୩ଡି ଲୋଗୋ ଗାଡିକୁ ଆକର୍ଷଣୀୟ କରିପାରିଛି। ପ୍ରଥମ ଶ୍ରେଣୀର ନିରାପତ୍ତା ବୈଶିଷ୍ଟ୍ୟ ସିଙ୍କ୍ରୋନାଇଜ୍‌ଡ ବ୍ରେକିଂ ଟେକ୍ନୋଲୋଜି(ଏସ୍‌ବିଟି) ଏଥିରେ ରହିଛି। ଏହା ହେଉଛି ପ୍ରଥମ ୧୦୦ ସିସି ମୋଟର ସାଇକେଲ ଯେଉଁଥିରେ ଏଭଳି ଟେକ୍ନୋଲୋଜିକୁ ବ୍ୟବହାର କରାଯାଇଛି। ଉତ୍ସବ ସିଜନ୍‌ରେ ଟିଭିଏସ୍ ସ୍ପୋର୍ଟର ସ୍ୱତନ୍ତ୍ର ସଂସ୍କରଣକୁ ବଜାର ପ୍ରବେଶ କରାଇ ଅତ୍ୟନ୍ତ ଖୁସି ବୋଲି କମ୍ପାନୀର ମାର୍କେଟିଂ ଉପସଭାପତି ଅନିରୁଦ୍ଧ ହାଲ୍‌ଦାର ସୂଚନା ଦେଇଛନ୍ତି।

## ଟାଟା ମୋଟର୍ସର ହେକ୍ସା ଏକ୍ସଏମ୍ ପ୍ଲସ୍

**ଭୁବନେଶ୍ୱର,୨୯-୧୦**



ପ୍ରମୁଖ କମ୍ପାନୀ ଟାଟା ମୋଟର୍ସ ପକ୍ଷରୁ ବଜାରକୁ ଆସିଛି ନୂଆ ହେକ୍ସା ଏକ୍ସଏମ୍ ପ୍ଲସ୍। ଲାଇଫ୍ ଷ୍ଟାଇଲ ଏସ୍‌ୟୁଭି ବର୍ଗରେ ଉକ୍ତ ମଡେଲକୁ କମ୍ପାନୀ ବଜାରକୁ ଆଣିଛି। ମଡେଲଟିର ଏକ୍ସ ଶୋ'ରୁମ ଦିଲ୍ଲୀ ମୂଲ୍ୟ ୧୫.୨୭ ଲକ୍ଷ ଟଙ୍କା ରହିଛି। ପାର୍ବଣ ଉପଲକ୍ଷେ ଏହା ବଜାରକୁ ଆସିଥିବା ବେଳେ ଏଥିରେ ଗ୍ରାହକମାନେ ପ୍ରମୁଖ ଲକ୍ଜ୍ୟୁରି ଫିଚର ଲାଭ କରିପାରିବେ। ସହରୀ ଗ୍ରାହକଙ୍କୁ ନଜରରେ ରଖି କମ୍ପାନୀ ମଡେଲରେ ଷ୍ଟ୍ରାଇକିଂ ଏକ୍ସଟେରିୟର, ବିଳାସପୂର୍ଣ୍ଣ ଇଣ୍ଟେରିୟର, ଫ୍ରଣ୍ଟ ଫଗ୍ ଲ୍ୟାମ୍ପ, ରିଭର୍ସ ପାର୍କିଂ ସେନସର, କ୍ରୁଜ୍ କଣ୍ଟ୍ରୋଲ, ଅଟୋମେଟିକ୍ ହେଡ୍ ଲ୍ୟାମ୍ପ, ରେନ ସେନସିଂ ୱିପର ଭଳି ଅତ୍ୟାଧୁନିକ ବୈଶିଷ୍ଟ୍ୟ ପ୍ରଦାନ କରିଛି। ନୂଆ ମଡେଲ ଦ୍ୱାରା ଗ୍ରାହକଙ୍କ ଚାହିଦା ପୂରଣ ଦିଗରେ କାର୍ଯ୍ୟ କରୁଛୁ ବୋଲି କମ୍ପାନୀର ପାସେଞ୍ଜର ଭେହିକିଲ୍ ୟୁନିଟ୍ ସେଲ୍ସ ସର୍ଭିସ ଉପସଭାପତି ଏସ୍.ଏନ୍ ବର୍ମନ ସୂଚନା ଦେଇଛନ୍ତି।

## ତେଲ ଦର ହ୍ରାସରୁ ରିଲାଏନ୍ସକୁ ଝଟକା

- ଶୀର୍ଷ ସ୍ଥାନ ହରାଇଲା କମ୍ପାନୀ

**ନୂଆଦିଲ୍ଲୀ,୨୯-୧୦**



ମୁକେଶ ଅମ୍ବାନୀ

ପ୍ରାୟ ଏକ ଦଶନ୍ଧି ଧରି ବିଶ୍ୱରେ ସଫଳତା ହାସଲ କରିବା ପରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ ପେଟ୍ରୋଲିୟମ କାରବାରରେ ଦେଶରେ ବଡ଼ ଆହ୍ୱାନର ସମ୍ମୁଖୀନ ହୋଇଛି। ତେଲ ଦରରେ ରେକର୍ଡ ବୃଦ୍ଧି ଯୋଗୁ ସରକାର ପେଟ୍ରୋଲ ଓ ଡିଜେଲ ଦର ହ୍ରାସ କରିବା ଯୋଗୁ ରିଲାଏନ୍ସକୁ ଜୋରଦାର ଝଟକା ଲାଗିଛି। ଏହା ଏତେ ଗଭୀର ଯେ, ରିଲାଏନ୍ସକୁ ବଜାର ପୁଞ୍ଜୀକରଣ ମାମଲାରେ ଏକ ନମ୍ବର ସ୍ଥାନ ହରାଇବାକୁ ପଡିଛି। ଟାଟା କନସଲଟାନ୍ସି ସର୍ଭିସେସ୍ ପୁନର୍ବାର ତାକୁ ପଛରେ ପକାଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ବର୍ଷ ଯାକ ବିଦେଶରେ ତେଲ ବିକ୍ରି କରି ପ୍ରଚୁର ଅର୍ଥ ଉପାର୍ଜନ କଲା। ଅଥଚ ଏହା ଦେଶରେ ହେଉଥିବା କାରବାରକୁ ଅଣଦେଖା କଲା। ୪ତାରିଖରେ କେନ୍ଦ୍ର ସରକାର ତେଲ ଦର ଅଢ଼େଇ ଟଙ୍କା ହ୍ରାସ କରିବା ମାତ୍ରେ ଶେୟାର ବଜାରରେ ରିଲାଏନ୍ସର ଶେୟାର ଦର ୬.୯% ହ୍ରାସ ପାଇଥିଲା। ଅଗଷ୍ଟ ୨୮ର ରେକର୍ଡ ସ୍ତରଠାରୁ ଅଦ୍ୟାବଧି କମ୍ପାନୀର ମୂଲ୍ୟ ୨୦% କମିସାରିଛି। ଫଳରେ ରିଲାଏନ୍ସର ବଜାର ପୁଞ୍ଜୀକରଣ ୯୦.୪୭ ବିଲିୟନ ଡଲାର ହ୍ରାସ ପାଇଛି। ୬.୭ ଲକ୍ଷ କୋଟି ଟଙ୍କାର ବଜାର ପୁଞ୍ଜି ସହ ଟିସିଏସ୍ ପୁର୍ନବାର ଏକ ନମ୍ବର ସ୍ଥାନ ହାସଲ କରିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି, ଗ୍ରାହକଙ୍କ ଅସନ୍ତୋଷ ତଥା ଚାଷୀ ଆନ୍ଦୋଳନ ଦୃଷ୍ଟିରୁ କେନ୍ଦ୍ର ସରକାର ବାଧ୍ୟ ହୋଇ ତେଲ ଦର ହ୍ରାସ କଲେ। ଏହାର ପ୍ରଭାବ ରିଲାଏନ୍ସ ଉପରେ ପଡିଥିଲା।



## ଜୟପୁରରେ ନୂଆ ହ୍ୟୁଣ୍ଡାଇ ସାଣ୍ଟ୍ରୋର ବଜାର ପ୍ରବେଶ

**ଜୟପୁର ୨୯।୧୦(ନି .ପ୍ର)**

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ ହ୍ୟୁଣ୍ଡାଇ ସାଣ୍ଟ୍ରୋ ଜୟପୁର ଏଚ୍‌ଏସ୍‌ପିଏଲ ପକ୍ଷରୁ ଉନ୍ମୋଚିତ ହୋଇଛି। ମୁଖ୍ୟ ଅତିଥି ଭାବେ କୋରାପୁଟ ଆର୍‌ଟିଓ ପ୍ରଭାତ ଚନ୍ଦ୍ର ପ୍ରଧାନ, ଶୋ'ରୁମର ସ୍ୱତ୍ୱାଧିକାରୀ ଆଶିଷ ଅଗ୍ରୱାଲ, ରଜନିଶ ଅଗ୍ରୱାଲ ଉପସ୍ଥିତ ରହି ଏହି ମଡେଲକୁ ବଜାର ପ୍ରବେଶ କରାଇଥିଲେ। ୧୬ ବର୍ଷ ଧରି କମ୍ପାନି ଏହି କାରକୁ ସଫଳତା ସହ ବିକ୍ରି କରିବା ପରେ ୨୦୧୪ରୁ ପ୍ରତ୍ୟାହାର କରି ନେଇଥିଲା। ଏହା ପରେ ନିକଟରେ ଏହାକୁ ନୂଆ ରୂପରେ ବଜାରକୁ ଛଡାଯାଇଛି। ଦାମନଯୋଡି ଏସ୍‌ବିଆଇ ଶାଖାର ଡେପୁଟି ବ୍ରାଞ୍ଚ ମ୍ୟାନେଜର ନୁପୁର ମୌଳିକଙ୍କୁ ପ୍ରଥମ ଗ୍ରାହକଭାବେ ଏହି ମଡେଲର ଚାବି ପ୍ରଦାନ କରାଯାଇଥିଲା। ଏହି କାରର ବୁକିଂ ଚଳିତ ମାସ ଠାରୁ ଆରମ୍ଭ ହୋଇଛି।

## ପ୍ରିଆପ୍ରୁଭ କାର ଋଣରେ ଆଇସିଆଇସିଆଇର ୧୦୦% ଫାଇନାନ୍ସ ସୁବିଧା

**ଭୁବନେଶ୍ୱର,୨୯-୧୦**

ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ପ୍ରିଆପ୍ରୁଭ କାର ଋଣ କ୍ଷେତ୍ରରେ ସମ୍ପୂର୍ଣ୍ଣ ଫାଇନାନ୍ସ ସୁବିଧା ପ୍ରଦାନ କରାଯାଉଛି। ଏହା କାରର ଅନରୋଡ ମୂଲ୍ୟର ୧୦୦% ଫାଇନାନ୍ସ କରୁଛି। ଏହି ପଦକ୍ଷେପ ଅନ୍ତର୍ଗତ ଗ୍ରାହକମାନେ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ହାସଲ କରିପାରିବେ। ବ୍ୟାଙ୍କ ୪ ଘଣ୍ଟା ମଧ୍ୟରେ ଋଣ ମଞ୍ଜୁରୀ କରୁଛି। ପାର୍ବଣରେ ମନ ପସନ୍ଦର କାର କିଣିବାରେ ଏହା ସହାୟତା ପ୍ରଦାନ କରୁଛି। ଗ୍ରାହକଙ୍କୁ ଅଭିନବ ଉତ୍ପାଦ ତଥା ସେବା ଯୋଗାଣ ଲାଗି ଆଇସିଆଇସିଆଇ ବ୍ୟାଙ୍କ ପ୍ରତିଶ୍ରୁତିବଦ୍ଧ ବୋଲି ବ୍ୟାଙ୍କର ବରିଷ୍ଠ ମହାପ୍ରବନ୍ଧକ ରବି ନାରାୟଣନ ସୂଚନା ଦେଇଛନ୍ତି।

## ବାର୍ କାଉନସିଲ ଦ୍ୱାରା ଓକିଲଙ୍କୁ ଜାରି ଆଇଡି ଗ୍ରହଣୀୟ

**ନୂଆଦିଲ୍ଲୀ,୨୯-୧୦**



ସମ୍ପୃକ୍ତ ବାର୍ କାଉନସିଲ୍ ଦ୍ୱାରା ଓକିଲଙ୍କୁ ଜାରି କରାଯାଉଥିବା ଆଇଡି କାର୍ଡ ଟ୍ରେନ ଯାତ୍ରା ବେଳେ ଗ୍ରହଣୀୟ ହେବ ବୋଲି ଭାରତୀୟ ରେଳୱେ ବୋର୍ଡ ସୋମବାର ସ୍ପଷ୍ଟ କରିଛନ୍ତି। ବର୍ତ୍ତମାନ ରେଳୱେ ପକ୍ଷରୁ ୧୧ ପ୍ରକାର ପରିଚୟ ପତ୍ର ଯଥା ଆଧାର କାର୍ଡ, ସ୍କୁଲ ଓ କଲେଜ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ଆଇ-କାର୍ଡ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ୟୋଗ ଦ୍ୱାରା ଜାରି ଫଟୋ ଆଇଡେଣ୍ଟିକାର୍ଡ ଏବଂ ଅନ୍ୟାନ୍ୟ କାର୍ଡକୁ ଗ୍ରହଣ କରାଯାଉଛି। ଅନ୍‌ଲାଇନରେ ଟିକେଟ ବୁକିଂ କରିବା ତଥା ଟ୍ରେନରେ ଯାତ୍ରା କରିବା ବେଳେ ଯାତ୍ରୀଙ୍କ ନିକଟରେ ପରିଚୟପତ୍ର ରହିବା ବାଧ୍ୟତାମୂଳକ। କେରଳ ହାଇକୋର୍ଟ ଏ ସଂକ୍ରାନ୍ତରେ ଏକ ରାୟ ଦେଇଥିଲେ। ଓକିଲଙ୍କୁ ବାର୍ କାଉନସିଲ୍ ପକ୍ଷରୁ ଦିଆଯାଉଥିବା କାର୍ଡ ଗ୍ରହଣୀୟ ବୋଲି ହାଇକୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିବା ପରେ ରେଳୱେ ବୋର୍ଡ ଉକ୍ତ ନିଷ୍ପତ୍ତି ଘୋଷଣା କରିଛନ୍ତି।

## ଦୀପାବଳିରେ ମହାଶୁଭ ମାଳବ୍ୟ ଯୋଗ

**ଭୁବନେଶ୍ୱର,୨୯-୧୦**

୫୯ ବର୍ଷ ପରେ ଚଳିତ ବର୍ଷ ଦୀପାବଳିରେ ମାଳବ୍ୟ ଯୋଗର ବିଶେଷ ସଂଯୋଗ ପଡିଛି। ସୂର୍ଯ୍ୟ, ଚନ୍ଦ୍ର ଏବଂ ଶୁକ୍ର ଗ୍ରହର ଏକ ବିଶେଷ ସଂଯୋଗରେ ଏହା ପଡିଥାଏ। ଏହା ପୂର୍ବରୁ ଏଭଳି ଘଟଣା ୧୯୫୯ ନଭେମ୍ବର ପହିଲାରେ ଦିପାବଳି ଦିନ ଦେଖିବାକୁ ମିଳିଥିଲା। ଚଳିତ ବର୍ଷ ଦୀପାବଳି ନଭେମ୍ବର ୭ ବୁଧବାର ଦିନ ପଡୁଛି। ଏହା ପୂର୍ବରୁ ୨୦୦୧, ୨୦୧୧ ଏବଂ ୨୦୧୫ରେ ବୁଧବାର ଦିନ ଦୀପାବଳି ପଡିଥିଲା। ଜ୍ୟୋତିଷ ବିଶାରଦଙ୍କ ମୁତାବକ ମାଳବ୍ୟ ଯୋଗର ସଂଯୋଗ ଏବଂ ବୁଧବାର ଦିନ ସବୁ ବର୍ଗର ବ୍ୟବସାୟ ଏବଂ ନିଯୁକ୍ତି ଲାଗି ଏହା ଶୁଭ ଏବଂ ଲାଭଦାୟକ ହେବ।

### ସପ୍ତଯୋଗରେ ସାମଗ୍ରୀ କିଣିଲେ ଶୁଭ

ପଣ୍ଡିତ ଦିନେଶ ମିଶ୍ରାଙ୍କ ମୁତାବକ, ଦୀପାବଳି ଦିନ ସୂର୍ଯ୍ୟ ଏବଂ ଚନ୍ଦ୍ର ତୁଳା ରାଶିରେ ରହିବେ। ତୁଳା ରାଶିର ସ୍ୱାମୀ ଶୁକ୍ର। ଶୁକ୍ର ଐଶ୍ୱର୍ଯ୍ୟ କାରକ ଅଟନ୍ତି। ସେହିଭଳି ଦୀପାବଳିର ସମ୍ବନ୍ଧ ଧନ ଏବଂ ଐଶ୍ୱର୍ଯ୍ୟକାରକ। ୧୭ ଅକ୍ଟୋବର ବୁଧବାରରେ ସୂର୍ଯ୍ୟ ତୁଳା ରାଶିରେ ପ୍ରବେଶ କରିଥିବା ବେଳେ ଦୀପାବଳି ମଧ୍ୟ ବୁଧବାର ଦିନ ପଡୁଛି। ଏହି ଦିନ ଉତ୍ତମ ଯୋଗର ସଂଯୋଗ ପଡୁଥିବା ଜଣା ପଡିଛି। ସେହିଭଳି ଶାସ୍ତ୍ର ମୁତାବକ ଶୁକ୍ରଙ୍କୁ ଭୌତିକ ସୁଖର ସ୍ୱାମୀ ବୋଲି ବିଚାର କରାଯାଇଥାଏ। ସୂର୍ଯ୍ୟ, ଚନ୍ଦ୍ର ଏବଂ ଶୁକ୍ରର ତ୍ରିକୋଣୀୟ ସ୍ଥିତି ଯୋଗୁ ଏହି ତିନି ଗ୍ରହ ଉନ୍ନତ ଆଲୋକ ପ୍ରଦାୟକ ଅଟନ୍ତି। ଏଭଳି ସ୍ଥିତି ଯୋଗୁ ବ୍ୟବସାୟୀଙ୍କୁ କ୍ରୟ ବିକ୍ରୟ କ୍ଷେତ୍ରରେ ବିଶେଷ ଲାଭ ହେବ ବୋଲି ମିଶ୍ରା କହିଛନ୍ତି। ଅପରପକ୍ଷରେ ଲୋକଙ୍କ କ୍ରୟ ଶକ୍ତି ଏହି ସମୟରେ ବଢିବ।

ଯାନବାହନ, ଆଭୂଷଣ, ଆସବାବପତ୍ର, ବାସନ, ଇଲେକଟ୍ରୋନିକ୍ସ ସାମଗ୍ରୀ, ମୋବାଇଲ, ଘର ସାଜସଜ୍ଜା ସାମଗ୍ରୀ ଏବଂ ପୋଷାକପତ୍ର ଆଦି ବ୍ୟବସାୟରେ ଉନ୍ନତି ଦେଖାଯିବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ସେହିଭଳି ବିଜ୍ଞାନ କ୍ଷେତ୍ରରେ ଦେଶକୁ ସଫଳତା, ଲୋକଙ୍କ ଜୀବନ ସ୍ତରରେ ଉନ୍ନତି ହେବ। ୨୭ ଅକ୍ଟୋବରରେ ସର୍ବାର୍ଥ ସିଦ୍ଧି ଯୋଗ ପଡିଥିଲା। ୩୦ ଅକ୍ଟୋବରରେ ରବିଯୋଗ ସାରା ଦିନ ସହ ମଧ୍ୟ ରାତ୍ରି ୩ଟା ୫୨ ମିନିଟ ଯାଏ ରହିବ। ତ୍ରିପୁଷ୍କର ଯୋଗ ଦିନ ୧ଟା ପରଠାରୁ ମଧ୍ୟରାତ୍ର ୩ଟା ୫୨ ଯାଏ ରହିବ। ଜମି,ଘର,ବାହାନ କ୍ରୟ ଲାଗି ଏହା ବିଶେଷ ଭାବେ ଲାଭକାରୀ। ୨ ଏବଂ ୩ ତାରିଖରେ କୁମାର ଯୋଗ ପଡୁଛି। ଏହି ସମୟରେ ପୋଷାକ, ବେଡଶିଟ, ଚାନ୍ଦି, ବାସନ କିଣିବା ଭଲ ହେବ। ୩ ଏବଂ ୪ ନଭେମ୍ବର ତ୍ରିପୁଷ୍କର ଯୋଗ ୪ ତାରିଖ ରାତି ୯ଟା ୩୫ ମିନିଟ ଯାଏ ରହିବ। ସେହିଭଳି ୫ ନଭେମ୍ବରରେ ଧନତେରାଶ ପଡୁଛି ଯାହା ସୋମ ପ୍ରଦୋଷ ସହ ପ୍ରତ୍ୟେକ କ୍ରୟକୁ ଶୁଭ ବୋଲି ବିବେଚନା କରାଯାଏ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩୦ ଅକ୍ଟୋବର, ୨୦୧୮



“ୱେଷ୍ଟଇଣ୍ଡିଜ ବିପକ୍ଷ ଚତୁର୍ଥ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଆମେ ସମସ୍ତ ବିଭାଗରେ ଭଲ ପ୍ରଦର୍ଶନ କରି ରିଦିମ୍‌କୁ ଫେରିପାରିଛୁ ।

–ବିରାଟ କୋହଲି, ଭାରତୀୟ ଅଧିନାୟକ



“କୋଚ୍ ଜୁଲେନ ଲୋପ୍‌ଟେଗୁଇଙ୍କ ଭବିଷ୍ୟତ ନେଇ ଦଳର ଖେଳାଳିମାନଙ୍କୁ ଅନ୍ଧକାରରେ ରଖାଯିବା ଉଚିତ କାର୍ଯ୍ୟ ନୁହେଁ ।

–ସର୍ଗିଓ ରାମୋସ, ରିୟଲ ମାଡ୍ରିଡ୍ ଅଧିନାୟକ



## ସଂକ୍ଷେପରେ

### ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଲେ ଲିସେଷ୍ଟର ସିଟି ମାଲିକ



**ଲିସେଷ୍ଟର,୨୯।୧୦(ଏଏଫ୍‌ପି):** ଲିସେଷ୍ଟର ସିଟି ଫୁଟ୍‌ବଲ କ୍ଲବ ମାଲିକ ଭିଚାଇ ଶ୍ରୀଭାଦ୍ଧନାପ୍ରଭା ଏକ ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ପ୍ରିମିୟର ଲିଗ୍ ଫୁଟବଲ ଷ୍ଟାଡିୟମରୁ ଉଡାଣ ଆରମ୍ଭ କରିବା ବେଳେ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଭିଚାଇଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଥିବା କ୍ଲବ ପକ୍ଷରୁ ରବିବାର କୁହାଯାଇଛି। ଶନିବାର କିଙ୍ଗ ପାୱାର ଷ୍ଟାଡିୟମ୍‌ରେ ଦୁର୍ଘଟଣା ପରେ ଫୁଟ୍‌ବଲ ପ୍ରଶଂସକମାନେ ଶୋକ ପ୍ରକାଶ କରିଥିଲେ। ‘‘ଫୁଟ୍‌ବଲ ଜଗତ ଜଣେ ମହାନ ବ୍ୟକ୍ତିଙ୍କୁ ହରାଇଛି। ତାଙ୍କ ନେତୃତ୍ୱରେ ଲିସେଷ୍ଟର ସିଟି ଏକ ପରିବାର ଭଳି ଥିଲା। ତାଙ୍କ ବିୟୋଗରେ ଆମେ ଦୁଃଖିତ ଏବଂ ତାଙ୍କ ଲକ୍ଷ୍ୟ ପୂରଣ କରିବାକୁ ଉଦ୍ୟମ କରିବୁ’’ ବୋଲି କୁହାଯାଇଛି। ଷ୍ଟାଡିୟମ୍‌ରେ ମଙ୍ଗଳବାର ଶୋକ ସଭା ଆୟୋଜନ କରାଯିବ। ଏହି କାରଣରୁ ଚଳିତ ପ୍ରିମିୟର ଲିଗ୍‌ର କ୍ଲବର ଆଗାମୀ ମ୍ୟାଚ୍ ସ୍ଥଗିତ କରିଦିଆଯାଇଛି। କାର୍ଯ୍ୟସୂଚୀ ଅନୁଯାୟୀ ଲିସେଷ୍ଟର ସିଟି ତା’ର ପରବର୍ତ୍ତୀ ମ୍ୟାଚ୍‌ରେ ସାଉଥମ୍ପଟନ କ୍ଲବକୁ ଭେଟିଥାନ୍ତା।

### କ୍ରୀଡ଼ା ଘୋଷକ ଅମିୟ ଚାନ୍ଦଙ୍କୁ ମହାତ୍ମା ଗାନ୍ଧୀ ସମ୍ମାନ



**ଭୁବନେଶ୍ୱର, ୨୯।୧୦(ସ୍ପୋର୍ଟ୍ସ ବ୍ୟୁରୋ):** ୱେଷ୍ଟ ମିନିଷ୍ଟର ଲଣ୍ଡନର ମେମ୍ବର୍ସ ଓ ଷ୍ଟ୍ରେଞ୍ଜର୍ସ ହଲ୍‌ରେ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଫ୍ରେଣ୍ଡଶିପ୍ ସୋସାଇଟି ତରଫରୁ ଗତ ୨୫ରେ ଆୟୋଜିତ ‘ଗ୍ଲୋବାଲ ଆଚିଭର୍ସ କନ୍‌କ୍ଲେଭ’ର ସ୍ୱତନ୍ତ୍ର ଉତ୍ସବରେ ଓଡ଼ିଶାର ବରିଷ୍ଠ କ୍ରୀଡ଼ା ଘୋଷକ ଅମିୟ କୁମାର ଚାନ୍ଦଙ୍କୁ ଅନ୍ତର୍ଜାତୀୟସ୍ତରରେ ଉଲ୍ଲେଖନୀୟ ଅବଦାନ ଲାଗି ମହାତ୍ମା ଗାନ୍ଧୀ ସମ୍ମାନ ପ୍ରଦାନ କରାଯାଇଛି। ବୀରେନ୍ଦ୍ର ଶର୍ମା (ମେମ୍ବର ଅଫ୍ ପାର୍ଲାମେଣ୍ଟ, ହାଉସ୍ ଅଫ୍ କମନ୍ସ ଲଣ୍ଡନ) ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଭାରତର ପ୍ରଥମ କ୍ରୀଡ଼ା ଘୋଷକ ଭାବେ ଅମିୟଙ୍କୁ ବିଦେଶରେ ଏହି ଗ୍ଲୋବାଲ ସମ୍ମାନ ମିଳିଛି। ପୂର୍ବରୁ ଗତବର୍ଷ ନୂଆଦିଲ୍ଲୀଠାରେ ତାଙ୍କୁ ‘ବେଷ୍ଟ ସିଟିଜେନ ଅଫ୍ ଇଣ୍ଡିଆ’ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିଭଳି ଗତ ସେପ୍ଟେମ୍ବରରେ ଅମିୟଙ୍କୁ ନୂଆଦିଲ୍ଲୀଠାରେ ଭାରତ ରତ୍ନ ଏ.ପି.ଜେ. ଅବ୍ଦୁଲ କଲାମ ଓ ସମ୍ମାନ ଗ୍ଲୋରି ଇଣ୍ଡିଆ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ଚାନ୍ଦ ୧୯୮୭ରୁ ଜିଲା, ରାଜ୍ୟ, ଦେଶ ଓ ବିଦେଶରେ ଉତ୍ତମ କ୍ରୀଡ଼ା ଘୋଷକ ଭାବେ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାରେ ପ୍ରଶଂସିତ ହୋଇ ସମଗ୍ର ଭାରତରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଚାନ୍ଦ ଏହି ‘ଗ୍ଲୋବାଲ ମହାତ୍ମା ଗାନ୍ଧୀ ସମ୍ମାନ’କୁ ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଉତ୍ସର୍ଗ କରିଛନ୍ତି।

### ରାଧାରମଣ କ୍ଲବରେ ୪ ବାହାର ଖେଳାଳି ସାମିଲ

**କଟକ ଅଫିସ,୨୯।୧୦:** ଆସନ୍ତା ଦ୍ୱିତୀୟ ଡିଭିଜନ ଆଇ-ଲିଗ୍‌ରେ ରାଜ୍ୟର ଏକମାତ୍ର ଦଳ ଭାବେ ଅଂଶଗ୍ରହଣ କରିବ ରାଧାରମଣ କ୍ଲବ। ଏଥିନିମନ୍ତେ ଗତ ୨୬ ତାରିଖରୁ ସ୍ଥାନୀୟ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ କ୍ଲବ ପକ୍ଷରୁ ଖେଳାଳି ଚୟନ ପ୍ରକ୍ରିୟା ଜାରି ରହିଥିଲା। ୪ ଦିନର ଏହି ଶିବିରରେ ରାଜ୍ୟ ବାହାରୁ ୨୪ଜଣ ଖେଳାଳି ଯୋଗଦେଇଥିଲେ। ଏଥିମଧ୍ୟରୁ ୪ ଜଣଙ୍କୁ ଆସନ୍ତା ଦ୍ୱିତୀୟ ଡିଭିଜନ ଆଇ-ଲିଗ୍ ନିମନ୍ତେ ଦଳରେ ସାମିଲ କରାଯାଇଛି। ଏମାନେ ହେଲେ ପଞ୍ଜାବର ଭରିନ୍ଦର ସିଂ, ମୁମ୍ବାଇର ବିନୋଦ ପାଣ୍ଡେ ଓ ଆଇ-ଲିଗ୍ ଖେଳିଥିବା ମଣିପୁରର ଦୁଇ ଖେଳାଳି ଜେମ୍‌ସ ସିଂ ଓ ଗୋବିନ୍ଦ ସିଂ। ନଭେମ୍ବର ଦ୍ୱିତୀୟ ସପ୍ତାହରୁ ୨ୟ ପର୍ଯ୍ୟାୟ ଖେଳାଳି ଚୟନ ପ୍ରକ୍ରିୟା କରାଯିବ ବୋଲି କ୍ଲବ ସମ୍ପାଦକ ବିଶ୍ୱରଞ୍ଜନ ଘଡ଼େଇ କହିଛନ୍ତି । ମୁମ୍ବାଇ ଏଫ୍‌ସି, ଆଇଜଲ ଏଫ୍‌ସି, ଇଷ୍ଟବେଙ୍ଗଲ ଦଳର ସହକାରୀ କୋଚ୍ ରହିଥିବା ଅବ୍ଦୁଲ ସିଦ୍ଧିକ୍ ରାଧାରମଣ କ୍ଲବର ମୁଖ୍ୟ କୋଚ୍ ଦାୟିତ୍ୱରେ ରହିବା ସହ ଖେଳାଳି ଚୟନ କରୁଛନ୍ତି।

# ଭାରତର ତୃତୀୟ ବୃହତ୍ ବିଜୟ




**ମୁମ୍ବାଇ, ୨୯।୧୦**

ଶତକ ହାସଲ ସହ ରୋହିତ ଶର୍ମା ଓ ଅମ୍ବାତି ରାୟୁଡୁଙ୍କ ଦ୍ୱିଶତକୀୟ ଭାଗୀଦାରି ଏବଂ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଭାରତ ସୋମବାର ଏଠାରେ ଅନୁଷ୍ଠିତ ୪ର୍ଥ ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ବୃହତ୍ ବିଜୟ ହାସଲ କରିଛି। ୱେଷ୍ଟଇଣ୍ଡିଜକୁ ୨୨୪ ରନ୍‌ରେ ହରାଇ ବିରାଟ କୋହଲିଙ୍କ ଟିମ୍ ଇଣ୍ଡିଆ ୫ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୨-୧ରେ ଅଗ୍ରଣୀ ଲାଭ କରିଛି। ଦ୍ୱିତୀୟ ଦିନିକିଆ ଟାଇରେ ଶେଷ ହୋଇଥିଲା। ଏଠାରେ ଭାରତ ପକ୍ଷରୁ ଧାର୍ଯ୍ୟ ୩୭୮ ରନ୍ ବିଜୟ ଲକ୍ଷ୍ୟର ପିଛା କରି ୱେଷ୍ଟଇଣ୍ଡିଜ ୩୬.୨ ଓଭରରେ ୧୫୩ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ରନ୍ ଦୃଷ୍ଟିରୁ ଏକଦିବସୀୟରେ ଭାରତର ଏହା ତୃତୀୟ ବୃହତ୍ ବିଜୟ। ୨୦୦୭ରେ ପୋର୍ଟ ଅଫ୍ ସ୍ପେନ୍‌ଠାରେ ବର୍ମୁଡା ବିପକ୍ଷରେ ୨୫୭ ଏବଂ ୨୦୦୮ରେ କରାଚୀଠାରେ ହଂକଂ ବିପକ୍ଷରେ ୨୫୬ ରନ୍‌ର ବିଜୟ ଏହି ତାଲିକାର ଶୀର୍ଷ ଦୁଇସ୍ଥାନରେ ରହିଛି। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜ ପାଇଁ ଏହା ଦ୍ୱିତୀୟ ସର୍ବବୃହତ୍ ପରାଜୟ। ୨୦୧୫ରେ ସିଡ୍‌ନୀଠାରେ ଦକ୍ଷିଣ ଆଫ୍ରିକାଠାରୁ ୨୫୭ ରନ୍‌ରେ ପରାଜୟ ଦଳ ପାଇଁ ସର୍ବବୃହତ୍।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଭାରତ ଦମ୍‌ଦାର ଆରମ୍ଭ କରିଥିଲା। ଦୁଇ ଓପ୍‌ନର ରୋହିତ ଶର୍ମା ଓ ଶିଖର ଧାୱନ ୭୧ ବଲ୍‌ରୁ ୭୧ ରନ୍ କରି ଦଳର ବୃହତ୍ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ଭଲ ଆରମ୍ଭ କରିଥିଲେ ହେଁ ଏହି ମ୍ୟାଚ୍‌ରେ ଧାୱନଙ୍କୁ ଭାଗ୍ୟ ସାଥ୍ ଦେଇ ନ ଥିଲା। ସେ ୪୦ ବଲ୍‌ରୁ ୪ ଚୌକା ଓ ୨ ଛକା ସହାୟତାରେ ୩୮ ରନ୍ କରିଥିବାବେଳେ କେମୋ ପଲ୍‌ଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ଚମତ୍କାର ଫର୍ମରେ ଥିବା ଅଧିନାୟକ ବିରାଟ କୋହଲି କିନ୍ତୁ ବ୍ରାବୋର୍ନ ଷ୍ଟାଡିୟମ ଦର୍ଶକଙ୍କୁ ନିରାଶ କରିଥିଲେ। ସେ ଏଠାରେ ୧୭ ବଲ୍‌ରୁ ୧୬(୨ ଚୌକା) ରନ୍ କରି କେମର ରୋଚ୍‌ଙ୍କ ବଲ୍‌ରେ ସାଇ ହୋପ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ମାତ୍ର ୱେଷ୍ଟଇଣ୍ଡିଜ ବୋଲରମାନେ ଏହାର ଫାଇଦା ନେଇପାରି ନ ଥିଲେ। ରୋହିତ ଶର୍ମା ଓ ଅମ୍ବାତି ରାୟୁଡୁ ଶତକୀୟ ଇନିଂସ୍ ଖେଳି ଭାରତକୁ ବଡ଼ ସ୍କୋର ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ୩ୟ ଉଇକେଟ ଭାଗୀଦାରିରେ ଦୁହେଁ ୨୧୧ ରନ୍ ଯୋଗକରି ଦଳୀୟ ଇନିଂସ୍‌କୁ ୩୦୦ ଅତିକ୍ରମ କରାଇବା ସହ ୱେଷ୍ଟଇଣ୍ଡିଜ ଆଶାରେ ପାଣି ଭରି ଦେଇଥିଲେ। ରୋହିତ କ୍ୟାରିୟରର ୨୧ତମ ଦିନିକିଆ ଶତକ ହାସଲ କରିବା ସହ ୧୬୨ ରନ୍‌ର ବିଶାଳ ଇନିଂସ୍ ଖେଳିଥିଲେ। ୧୩୭ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଏହି ନିର୍ଭରଯୋଗ୍ୟ ଓପ୍‌ନର ନିଜ ଇନିଂସ୍ ମଧ୍ୟରେ ୨୦ ଚୌକା ଓ ୪ ଛକା ମାରିଥିଲେ। ୪୪ତମ ଓଭରର ୫ମ ବଲ୍‌ରେ ରୋହିତଙ୍କୁ ଆଉଟ୍ କରି ଆଶ୍ଲେ ନର୍ସ ୱେଷ୍ଟଇଣ୍ଡିଜକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ପୂର୍ବ ମ୍ୟାଚ୍‌ଗୁଡ଼ିକରେ ବଡ଼ ସ୍କୋର ହାସଲରୁ ବଞ୍ଚିତ ହୋଇ ଆସୁଥିବା ରାୟୁଡୁ ନିଜ ୪ ନମ୍ବର ସ୍ଥାନର ଯଥାର୍ଥତା ପ୍ରତିପାଦନ କରିଥିଲେ। ସେ ଦ୍ରୁତ ଇନିଂସ୍ ଖେଳିବା ସହ ଜୀବନର ୩ୟ ଏକଦିବସୀୟ ଶତକ ହାସଲ କରିଥିଲେ। ୮୧ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରାୟୁଡୁ ୮ ଚୌକା ଓ ୪ ଛକା ସହାୟତାରେ ଠିକ୍ ୧୦୦ ରନ୍ କରିଥିବାବେଳେ ଫାବିଆନ ଆଲେନଙ୍କ ଡାଇରେକ୍ଟ ଥ୍ରୋର ଶିକାର ହୋଇ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ ହୋଇଯାଇଥିଲେ। ଭେଟେରାନ ମହେନ୍ଦ୍ର ସିଂ ଧୋନୀ ଏଠାରେ ୧୫ ବଲ୍‌ରୁ ୨୩(୨ ଚୌକା) ରନ୍‌ର ଇନିଂସ୍ ଖେଳିଥିଲେ। ଶେଷଭାଗରେ କେଦାର ଯାଦବ ୧୬(୭ ବଲ, ୩ ଚୌକା) ଓ ରବୀନ୍ଦ୍ର ଜାଡେଜା ୭ ରନ୍‌ରେ ଅପରାଜିତ ରହି ଭାରତର ସ୍କୋରକୁ ୫୦ ଓଭରରେ ୩୭୭/୫ରେ ପହଞ୍ଚାଇଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ କେମର ରୋଚ୍ ୨ଟି ଏବଂ ଆଶ୍ଲେ ନର୍ସ ଓ କେମୋ ପଲ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ବିଶାଳ ଟାର୍ଗେଟ୍‌ର ପିଛା କରିଥିବା ୱେଷ୍ଟଇଣ୍ଡିଜ ବିନା ଲଢ଼େଇରେ ଆତ୍ମସମର୍ପଣ କରିଥିଲା। ସତର୍କତାର ସହ ଇନିଂସ୍ ଆରମ୍ଭ କରିଥିଲେ ହେଁ ଏହି ଭ୍ରମଣକାରୀ ଦଳ ୫ମ ଓଭରରେ ୨ଟି ଉଇକେଟ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ଆକ୍ରମଣାତ୍ମକ ଆଭିମୁଖ୍ୟ ପୋଷଣ କରି ୧୬ ବଲ୍‌ରୁ ୧୪(୧ ଚୌକା, ୧ ଛକା) ରନ୍ କରିଥିବା ଚନ୍ଦରପଲ ହେମରାଜଙ୍କୁ ଭୁବନେଶ୍ୱର କୁମାର ଆଉଟ କରିଥିବାବେଳେ ସାଇ ହୋପ୍ ରନ୍‌ଆଉଟ ହୋଇଯାଇଥିଲେ। ପରବର୍ତ୍ତୀ ଓଭରରେ କିରନ ପାୱେଲ ମଧ୍ୟ ରନ୍‌ଆଉଟ ହୋଇଥିଲେ। ଭେଟେରାନ ମାର୍ଲୋନ ସାମୁଏଲ୍ସ ୧୮ ଓ ଇନ୍ ଫର୍ମ ବ୍ୟାଟ୍ସମ୍ୟାନ ସିମରନ ହେଟମେର ୧୩ ରନ୍ କରି ଆଉଟ୍ ହେବାରୁ ୱେଷ୍ଟଇଣ୍ଡିଜର ବୃହତ୍ ପରାଜୟ ନିଶ୍ଚିତ ହୋଇଯାଇଥିଲା। ଶେଷଭାଗରେ ଅଧିନାୟକ ଜାସନ ହୋଲ୍ଡର ୭୦ ବଲ୍‌ରୁ ୫୪(୧ ଚୌକା, ୨ ଛକା) ରନ୍‌ରେ ଅପରାଜିତ ରହିବା ଦଳ ପାଇଁ ସାନ୍ତ୍ୱନା ସଦୃଶ ଥିଲା। ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ନ ପାରିବାରୁ ୱେଷ୍ଟଇଣ୍ଡିଜ ଇନିଂସ୍ ୩୬.୨ ଓଭରରେ ୧୫୩ ରନ୍‌ରେ ସୀମିତ ହୋଇଯାଇଥିଲା। ଭାରତ ପକ୍ଷରୁ ଖଲିଲ ଅହମ୍ମଦ ଓ କୁଲଦୀପ ଯାଦବ ୩ଟି ଲେଖାଏ ଏବଂ ଭୁବନେଶ୍ୱର ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ରୋହିତ ଶର୍ମା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୩୭୭/୫(ରୋହିତ-୧୬୨, ରାୟୁଡୁ-୧୦୦, ଧାୱନ-୩୮, ରୋଚ୍-୨/୭୪, ନର୍ସ-୧/୫୭, ପଲ୍-୧/୮୮)। ୱେଷ୍ଟଇଣ୍ଡିଜ ୩୬.୨ ଓଭରରେ ୧୫୩/ଅଲଆଉଟ (ହୋଲ୍ଡର-୫୪*, ଖଲିଲ-୩/୧୩, କୁଲଦୀପ-୩/୪୨, ଭୁବନେଶ୍ୱର-୧/୩୦, ଜାଡେଜା-୧/୩୯)।

### ରଣତୁଙ୍ଗା ଗିରଫ

**କଲମ୍ବୋ, ୨୯।୧୦ (ପି.ଟି.):** ଶ୍ରୀଲଙ୍କା ପେଟ୍ରୋଲିୟମ ମନ୍ତ୍ରୀ ତଥା କ୍ରିକେଟ କିମ୍ବଦନ୍ତୀ ଅର୍ଜୁନ ରଣତୁଙ୍ଗା ଏକ ଗୁଳିକାଣ୍ଡ ଘଟଣାରେ ସୋମବାର ଗିରଫ ହୋଇଛନ୍ତି। ଶ୍ରୀଲଙ୍କାରେ ଦେଖାଦେଇଥିବା ରାଜନୈତିକ ସଙ୍କଟ ରବିବାର ଉଗ୍ରରୂପ ନେଇଥିଲା। ୫୪ ବର୍ଷୀୟ ରଣତୁଙ୍ଗା ହେଉଛନ୍ତି ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେଙ୍କର ଜଣେ ଦୃଢ଼ ସମର୍ଥକ। ତାଙ୍କ ଦେହରକ୍ଷୀମାନେ କୌଣସି କାରଣରୁ ନୂଆ ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍ସେଙ୍କ ସମର୍ଥକଙ୍କ ଉପରେ ଗୁଳିଚାଳନା କରିଥିଲେ। ଏହି ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ କେତେଜଣ ଆହତ ହୋଇଛନ୍ତି। ସୂଚନାଯୋଗ୍ୟ, ରଣତୁଙ୍ଗାଙ୍କ ଅଧିନାୟକତ୍ୱରେ ଶ୍ରୀଲଙ୍କା ୧୯୯୬ରେ କ୍ରିକେଟ ବିଶ୍ୱକପ୍ ଜିତିଥିଲା।

### ବିଜୟ ମର୍ଚ୍ଚାଣ୍ଟ ଟ୍ରଫି: ମ୍ୟାଚ୍ ଅମୀମାଂସିତ

**କଟକ ଅଫିସ,୨୯।୧୦:** ସନ୍‌ସାଇନ୍ ଗ୍ରାଉଣ୍ଡରେ ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଓଡ଼ିଶା-ଝାଡ଼ଖଣ୍ଡ ମ୍ୟାଚ୍ ଅମୀମାଂସିତ ରହିଥିବା ବେଳେ ପ୍ରଥମ ଇନିଂସ୍ ଅଗ୍ରଣୀ ଯୋଗୁ ଝାଡ଼ଖଣ୍ଡକୁ ୩ ପଏଣ୍ଟ ମିଳିଛି। ଝାଡ଼ଖଣ୍ଡର ୩୧୫ ରନ୍ ଜବାବରେ ଓଡ଼ିଶା କୌଣସି ବଡ଼ ଭାଗୀଦାରି ସୃଷ୍ଟି କରି ନ ପାରି ୨୨୭ ରନ୍‌ରେ ଅଲଆଉଟ ହୋଇଛି। ଦଳ ପକ୍ଷରୁ ବିଶ୍ୱବିଭବ ମୁଦୁଲି ସର୍ବାଧିକ ୬୨ ରନ୍ କରିଛନ୍ତି। ଝାଡ଼ଖଣ୍ଡ ପକ୍ଷରୁ ଅଭିଷେକ ୫ଟି ଉଇକେଟ ଦଖଲ କରିଥିଲେ। ଝାଡ଼ଖଣ୍ଡ ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଆରମ୍ଭ କରି ବିନା ଉଇକେଟରେ ୩୧ ରନ୍ କରିଛି।

### ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ବିଜୟୀ

**କଟକ ଅଫିସ,୨୯।୧୦:** ବିଳାସପୁରର ସି.ଭି. ରମଣ ବିଶ୍ୱବିଦ୍ୟାଳୟରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କବାଡ଼ି ପ୍ରତିଯୋଗିତାରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ବାଳକ ଦଳ ସୋମବାର ବିଜୟୀ ହୋଇଛି। ଇନ୍ଦିରା ଗାନ୍ଧୀ ଟ୍ରାଇବାଲ ବିଶ୍ୱବିଦ୍ୟାଳୟକୁ ୫୩-୩୨ ପଏଣ୍ଟରେ ରେଭେନ୍‌ଶା ହରାଇଛି। ମଙ୍ଗଳବାର ଦ୍ୱିତୀୟ ମ୍ୟାଚ୍‌ରେ ଦଳ ରାୟପୁରର ମାଟ୍‌ସ ବିଶ୍ୱବିଦ୍ୟାଳୟକୁ ଭେଟିବ।

## ହାମିଲଟନ ପଞ୍ଚମ ଥର ବିଶ୍ୱ ଚାମ୍ପିୟନ



**ମେକ୍ସିକୋ ସିଟି, ୨୯।୧୦(ଏଏଫ୍‌ପି):** ମେକ୍ସିକାନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍‌ରେ ମାକ୍ସ ଭର୍ଷ୍ଟାପେନ ଚାମ୍ପିୟନ ହୋଇଛନ୍ତି। କିନ୍ତୁ ଏଥିରେ ଚତୁର୍ଥ ସ୍ଥାନ ଅଧିକାର ସହ ଲୁଇସ୍ ହାମିଲଟନ ୫ମ ଥର ପାଇଁ ଫର୍ମୁଲା ୱାନ ଡ୍ରାଇଭର୍ସ ବିଶ୍ୱ ଚାମ୍ପିୟନଶିପ୍ ଜିତିଛନ୍ତି। ଏହାଦ୍ୱାରା ସେ ଜୁଆନ ମାନୁଏଲ୍ ଫାଙ୍ଗିଓଙ୍କ ସମକକ୍ଷ ହୋଇପାରିଛନ୍ତି। ରବିବାର ଅନୁଷ୍ଠିତ ମେକ୍ସିକାନ ଫର୍ମୁଲା ୱାନ ଗ୍ରାଁ ପ୍ରିରେ ଚତୁର୍ଥ ସ୍ଥାନ ଅଧିକାର ସହିତ ସେ ଏହି ସଫଳତା ହାସଲ କରିଛନ୍ତି। ମର୍ସିଡିଜ୍‌ର ହାମିଲଟନ ତୃତୀୟ ଥର ପୋଡିୟମ ଫିନିଶ ବିନା ଡ୍ରାଇଭର୍ସ ଚାମ୍ପିୟନଶିପ୍ ଟାଇଟଲ ଜିତି ପାରିଛନ୍ତି। ଫାଙ୍ଗିଓ ହାମିଲଟନଙ୍କ ଆଗରେ ମାଇକେଲ ସୁମାକର ସର୍ବାଧିକ ୭ ଥର ବିଶ୍ୱ ଚାମ୍ପିୟନ ହୋଇପାରିଛନ୍ତି। ହାମିଲଟନ ଏହା ପୂର୍ବରୁ ୨୦୦୮, ୨୦୧୪, ୨୦୧୫ ଓ ୨୦୧୭ରେ ଚାମ୍ପିୟନଶିପ୍ ଜିତିଥିଲେ। ହାମିଲଟନ୍‌ଙ୍କ ଚାମ୍ପିୟନଶିପ୍ ପ୍ରତିଦ୍ୱନ୍ଦ୍ୱୀ ଥିଲେ ଫେରାରିର ସେବାଷ୍ଟିଆନ ଭେଟେଲ। ଚାମ୍ପିୟନଶିପ୍ ବିଜୟ ଦୌଡ଼ରେ ଆଶାକୁ ବଳବତ୍ତର ରଖିବା ଲାଗି ତାଙ୍କୁ ଏକ ବିଜୟର ଆବଶ୍ୟକତା ରହିଥିବା ବେଳେ ହାମିଲଟନଙ୍କୁ ଟପ୍ ୭ ବାହାରେ ରହିବା ଆବଶ୍ୟକ ଥିଲା। ରବିବାର ରେସ୍‌ରେ ଭେଟେଲ କିନ୍ତୁ ଦ୍ୱିତୀୟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିମି ରାଇକୋନେନ (ଫେରାରି) ତୃତୀୟ ସ୍ଥାନ ଅଧିକାର କରିଥିଲେ। ଫୋର୍ସ ଇଣ୍ଡିଆର ଏଷ୍ଟିବାନ ଓକନ ୧୧ତମ ସ୍ଥାନରେ ରହିଥିଲେ। ଟିମ୍‌ର ଅନ୍ୟତମ ଡ୍ରାଇଭର ସର୍ଗିଓ ପେରେଜ ରେସ୍ ଅଧାରୁ ରିଟାୟର୍ଡ ନେଇଯାଇଥିଲେ।

### ହେସନ କିଙ୍ଗ୍ସ ଇଲେଭେନ ମୁଖ୍ୟ କୋଚ୍

**ନୂଆଦିଲ୍ଲୀ, ୨୯।୧୦ (ପି.ଟି.):** ନ୍ୟୁଜିଲାଣ୍ଡର ପୂର୍ବତନ କୋଚ୍ ମାଇକ୍ ହେସନ ଆଇପିଏଲ ଫ୍ରାଞ୍ଚାଇଜ୍ କିଙ୍ଗ୍ସ ଇଲେଭେନ ପଞ୍ଜାବର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ସେ ଦୁଇ ବର୍ଷ ଧରି ଏହି ପଦବୀରେ ରହିବେ। ଅଷ୍ଟ୍ରେଲିଆର ବ୍ରାଡ୍ ହଜ୍‌ଙ୍କ ସ୍ଥାନରେ ତାଙ୍କୁ ଏହି ନିଯୁକ୍ତି ମିଳିଛି। ଇଂଲଣ୍ଡରେ ୨୦୧୯ ବିଶ୍ୱକପ୍ ହେବାକୁ ଆଉ ଏକ ବର୍ଷ ସମୟ ବାକି ରହିଥିବାବେଳେ ହେସନ ଜୁନ୍‌ରେ ନ୍ୟୁଜିଲାଣ୍ଡ କୋଚ୍ ପଦବୀରୁ ଓହରି ଯାଇଥିଲେ।

### ପ୍ରଦର୍ଶନୀ ମ୍ୟାଚ୍ ପାଇଁ ଉତ୍ସାହ

**ଭୁବନେଶ୍ୱର, ୨୯।୧୦ (କ୍ରୀଡ଼ା ପ୍ରତିନିଧି)**

ହକି ବିଶ୍ୱକପ ପୂର୍ବରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଓ ନ୍ୟୁ ସାଉଥ୍‌ୱେଲ୍ସ ମଧ୍ୟରେ ପ୍ରଦର୍ଶନୀ ହକି ମ୍ୟାଚ ନଭେମ୍ବର ୧ରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ମ୍ୟାଚ ଲାଗି ଦର୍ଶକଙ୍କ ପାଇଁ ମାଗଣାରେ ପାସ୍ ବଣ୍ଟନ ପ୍ରକ୍ରିୟା ଜାରି ରହିଛି। ପ୍ରତି ବ୍ୟକ୍ତିଙ୍କୁ ୨ଟି ଲେଖାଏ ପାସ୍ ଦିଆ ଯାଉଛି। ଓଡ଼ିଶାର ହକିପ୍ରେମୀ ଦର୍ଶକମାନେ ପ୍ରଦର୍ଶନୀ ମ୍ୟାଚ ପାଇଁ ଆଗ୍ରହ ପ୍ରକାଶ କରି ଲାଇନ୍‌ରେ ରହି ପାସ୍ ସଂଗ୍ରହ କରିଥିବା ପରିଲକ୍ଷିତ ହୋଇଛି। ନ୍ୟୁ ସାଉଥ୍‌ୱେଲ୍ସ ଦଳର ଖେଳାଳିମାନେ ଚଳିତମାସ ୩୧ରେ ଭୁବନେଶ୍ୱରରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ଓ ନ୍ୟୁ ସାଉଥ୍‌ୱେଲ୍ସ ମଧ୍ୟରେ ଦ୍ୱିତୀୟ ପ୍ରଦର୍ଶନୀ ମ୍ୟାଚ ୪ ତାରିଖରେ ରାଉରକେଲାସ୍ଥିତ ବିଜୁପଟ୍ଟନାୟକ ହକି ଷ୍ଟାଡିୟମରେ ଅନୁଷ୍ଠିତ ହେବ।

## ସେମିଫାଇନାଲରେ ଭାରତ

**କାଠମାଣ୍ଡୁ, ୨୯।୧୦(ପି.ଟି.)**

ଏଠାରେ ଚାଲିଥିବା ୧୫ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍‌ରେ ଭାରତୀୟ ଫୁଟ୍‌ବଲ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ସୋମବାର ଖେଳାଯାଇଥିବା ଗ୍ରୁପ୍ ପର୍ଯ୍ୟାୟର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଭାରତ ୪-୦ ଗୋଲରେ ଭୁଟାନକୁ ପରାସ୍ତ କରି ଅନ୍ତିମ-୪ରେ ପହଞ୍ଚିଛି। ଭାରତ ପକ୍ଷରୁ ଶୁଭୋ ପଲ ଡବଲ ଗୋଲସ୍କୋର କରିଥିବାବେଳେ ଓଡ଼ିଆ ଖେଳାଳି ଅମନ ଖାଲ୍‌କୋ ଓ ସୁବା କୁଶାଙ୍ଗ ଗୋଟିଏ ଲେଖାଏ ବଲ୍ ପ୍ରତିପକ୍ଷ ନେଟ୍ସ ମଧ୍ୟକୁ ପଠାଇବାରେ ସଫଳ ହୋଇଥିଲେ। ପୂର୍ବରୁ ଭାରତ ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନ ନିକଟରୁ ୨-୧ ଗୋଲରେ ହାରି ଅଭିଯାନ ଆରମ୍ଭ କରିଥିଲା।

କାଠମାଣ୍ଡୁର ଏଏନ୍‌ଏଫ୍‌ଏ କମ୍ପ୍ଲେକ୍ସରେ ଅନୁଷ୍ଠିତ ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଭାରତ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ମ୍ୟାଚ୍‌ର ୪ର୍ଥ ମିନିଟ୍‌ରେ ଶୁଭୋ ପ୍ରତିପକ୍ଷ ଗୋଲକିପର୍ ଗେଲଶେନ ଡୋର୍ଜିଙ୍କୁ ଚକ୍‌ମା ଦେଖାଇ ଭାରତକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ଏହାପରେ ଦ୍ୱିତୀୟାର୍ଦ୍ଧରେ ଭାରତ ଆଉ ୩ଟି ଗୋଲ କରିଥିଲା। ମ୍ୟାଚ୍‌ର ୬୬ତମ ମିନିଟ୍‌ରେ ସୁବାଙ୍କ ଚମତ୍କାର ଗୋଲ ବଳରେ ଭାରତ ୨-୦ରେ ଅଗ୍ରଣୀ ଲାଭ କରିଥିଲା। ୮୩ତମ ମିନିଟ୍‌ରେ ଶୁଭୋ ବ୍ୟକ୍ତିଗତ ୨ୟ ତଥା ଦଳ ପାଇଁ ୩ୟ ଗୋଲ ସ୍କୋର କରିଥିଲେ। ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ଶେଷହେବାକୁ ଆଉ ଗୋଟିଏ ମିନିଟ୍ ବାକି ରହିଥିବାବେଳେ ଓଡ଼ିଆ ଖେଳାଳି ଅମନ (୮୯ତମ ମିନିଟ୍) ଅନ୍ତିମ ଗୋଲ କରି ଭାରତକୁ ୪-୦ରେ ଏକପାଖିଆ ବିଜୟୀ କରାଇଥିଲେ।



ଓଡ଼ିଶା ଓ ନ୍ୟୁ ସାଉଥ୍‌ୱେଲ୍ସ ମଧ୍ୟରେ ପ୍ରଦର୍ଶନୀ ହକି ମ୍ୟାଚ ପାଇଁ ଦର୍ଶକମାନେ କଳିଙ୍ଗ ଷ୍ଟାଡ଼ିୟମ୍ ଗେଟ୍ ନିକଟରୁ ସୋମବାର ପାସ୍ ସଂଗ୍ରହ କରୁଛନ୍ତି।

## କିଟ୍‌ରେ ୫ ରଣଜୀ ଟ୍ରଫି ମ୍ୟାଚ

**ଭୁବନେଶ୍ୱର, ୨୯।୧୦(କ୍ରୀଡ଼ା ପ୍ରତିନିଧି)**

ଚଳିତ ବର୍ଷ କିଟ୍ କ୍ରିକେଟ ପଡ଼ିଆରେ ୫ଟି ରଣଜୀ ଟ୍ରଫି ମ୍ୟାଚ ଅନୁଷ୍ଠିତ ହେବ। ଏହା ମଧ୍ୟରେ ଓଡ଼ିଶା ୨ଟି ମ୍ୟାଚ ଖେଳିବ। ନଭେମ୍ବର ୧ରୁ ୪ ପର୍ଯ୍ୟନ୍ତ ଓଡ଼ିଶା ଓ ହରିୟାଣା ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହେବ। ନଭେମ୍ବର ୧୨ରୁ ୧୫ ପର୍ଯ୍ୟନ୍ତ ହେବାକୁଥିବା ମ୍ୟାଚରେ ଉତ୍ତର ପ୍ରଦେଶକୁ ଭେଟିବ ଓଡ଼ିଶା। ସିକ୍କିମ୍ କିଟ୍ ପଡ଼ିଆକୁ ହୋମ୍ ଗ୍ରାଉଣ୍ଡଭାବେ ବ୍ୟବହାର କରି ୩ଟି ମ୍ୟାଚ ଖେଳିବ। ଏହି ପରିପ୍ରେକ୍ଷୀରେ ଦଳ ନଭେମ୍ବର ୨୦ରୁ ୨୩ ଉତ୍ତରାଖଣ୍ଡ, ଡିସେମ୍ବର ୬ରୁ ୯ ପଣ୍ଡିଚେରୀ ଓ ୩୦ରୁ ଜାନୁୟାରୀ ୨ ପର୍ଯ୍ୟନ୍ତ ମେଘାଳୟ ବିପକ୍ଷରେ ମ୍ୟାଚ ଖେଳିବ। ପ୍ରକାଶ ଯୋଗ୍ୟ ଯେ ପୂର୍ବରୁ କିଟ୍‌ରେ ମୋଟ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ୨୦୧୬ ଅକ୍ଟୋବର ୬ରୁ ୯ ପର୍ଯ୍ୟନ୍ତ ହିମାଚଳ ପ୍ରଦେଶ ଓ ଆନ୍ଧ୍ର ପ୍ରଦେଶ ମ୍ୟାଚ ସହ ଏହି ପଡ଼ିଆ ରଣଜୀ ପଦାର୍ପଣ କରିଥିଲା। ସେହିବର୍ଷ ୨୦ରୁ ୨୩ ହାଇଦ୍ରାବାଦ-କେରଳ ଓ ୨୭ରୁ ୩୦ ତ୍ରିପୁରା-ଗୋଆ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୨୦୧୭ରେ ଏଠାରେ ଓଡ଼ିଶା ଓ ମଣିପୁର ମଧ୍ୟରେ ଗୋଟିଏ ମ୍ୟାଚ ନଭେମ୍ବର ୧ରୁ ୪ ପର୍ଯ୍ୟନ୍ତ ଖେଳାଯାଇଥିଲା।

“ ମହେଶ, ଲିଆଣ୍ଡର ଓ ରୋହନଙ୍କ ଭଳି ଖେଳାଳି ରହିଥିବା ବେଳେ ଦେଶର ନମ୍ବର ୱାନ ଡବଲ୍ସ ଖେଳାଳି ହେବା ମୋ ପାଇଁ ସୌଭାଗ୍ୟର ବିଷୟ ।

–ଡିଭିଜ ଶରନ, ଭାରତୀୟ ଟେନିସ୍ ଖେଳାଳି




“ ଇଣ୍ଡିଆନ ସୁପର ଲିଗ୍‌ରେ ଆମେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ମ୍ୟାଚ ଜିତିପାରି ନାହୁଁ। ମଙ୍ଗଳବାର ମୁମ୍ବାଇ ସିଟି ଏଫ୍‌ସି ବିପକ୍ଷରେ ଆମ ଭାଗ୍ୟ ବଦଳିବ ବୋଲି ଆଶା ।

–ଯୋସେଫ ଗୋମ୍ବାଉ, ଦିଲ୍ଲୀ ଡାଇନାମୋସ କୋଚ୍



# କୁସ୍ତି ଯୋଦ୍ଧା ଯୋଗେଶ୍ୱର



ଭୁବନେଶ୍ୱର, ୨୯।୧୦ (କ୍ରୀଡ଼ା ପ୍ରତିନିଧି): ଇମର୍ଜିଂ ସ୍ପୋର୍ଟ୍ସ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ପ୍ରଥମଥର ପାଇଁ ଆୟୋଜନ ହେବାକୁ ଯାଉଥିବା ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲର ଅନ୍ୟତମ ଆକର୍ଷଣ ରହିବେ ଭାରତର ତାରକା କୁସ୍ତି ଯୋଦ୍ଧା ଯୋଗେଶ୍ୱର ଦତ୍ତ। ସେ କୁସ୍ତିର ଇତିହାସ ଉପରେ ତାଙ୍କର ମତ ରଖିବେ। ଏସିଆର ସର୍ବପ୍ରଥମ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ନଭେମ୍ବର ୨ ଓ ୩ ତାରିଖ ଦୁଇଦିନଧରି ଅନୁଷ୍ଠିତ ହେବ। ଦେଶର ଯୁବପିଢ଼ି ପାଇଁ ଅଭିଜ୍ଞ ରେସଲର ଯୋଗେଶ୍ୱର ପ୍ରେରଣାର ଉତ୍ସ ବନିଯାଇଛନ୍ତି। ସାଧାରଣ ପରିବାରରୁ ଆସିଥିଲେ ମଧ୍ୟ ନିଜର ଅଧ୍ୟବସାୟ, କଠିନ ପରିଶ୍ରମ ଓ ଅଦମ୍ୟ ଇଚ୍ଛା ବଳରେ ବିଶ୍ୱ କ୍ରୀଡ଼ାରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ଅବଶ୍ୟ ଯୋଗେଶ୍ୱର ଏବେ କ୍ୟାରିୟରର ଅନ୍ତିମ ପର୍ଯ୍ୟାୟରେ ପଦାର୍ପଣ କରିଛନ୍ତି। ହରିୟାଣାର ସୋନିପତ୍‌ରେ ଜନ୍ମଗ୍ରହଣ କରିଥିବା ଯୋଗେଶ୍ୱର ୩୫ ବର୍ଷରେ ପଦାର୍ପଣ କରିଛନ୍ତି। ୫ ଫୁଟ ୬ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ ଏହି ରେସଲର ଭାରତ ପାଇଁ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। ସେ ପୁରୁଷ ୬୦ କେ.ଜି. ଫ୍ରିଷ୍ଟାଇଲ ବର୍ଗରେ ଏହି ପଦକ ହାସଲ କରି ଅଲିମ୍ପିକ୍ସରେ ଭାରତର ପଦକ ଅଭିଯାନକୁ ଜୋରଦାର କରିଥିଲେ। ଏଥି ସହିତ ସେ କେ.ଡି. ଯାଦବ (୧୯୫୨) ଓ ସୁଶୀଲ କୁମାର (୨୦୦୮, ୨୦୧୨)ଙ୍କ ପରେ ତୃତୀୟ ଭାରତୀୟ ରେସଲର ଭାବେ ଅଲିମ୍ପିକ୍ସ ପଦକ ହାସଲ କରିବାର ଗୌରବ ଅର୍ଜନ କରିଥିଲେ। ୨୦୧୩ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ଭାରତ ସରକାର ସମ୍ମାନିତ କରିଥିଲେ। ଅସାଧାରଣ ସଫଳତା ହାସଲ କରି ସେ ନିଜକୁ ଏକ ବିଶ୍ୱସ୍ତରୀୟ ରେସଲର ରୂପେ ପ୍ରତିଷ୍ଠିତ କରି ପାରିଥିଲେ। ୨୦୦୬ରେ ପିତାଙ୍କ ଦେହାନ୍ତ ହେବାର ମାତ୍ର ୯ ଦିନ ପରେ ସେ ବିମାନରେ କାତାର ରାଜଧାନୀ ଦୋହାରେ ପହଞ୍ଚିଥିଲେ ଓ ଏସିଆନ ଗେମ୍ସରେ ଅଂଶଗ୍ରହଣ କରିଥିଲେ। ଆଣ୍ଠୁ ଆଘାତ ସମସ୍ୟା ସତ୍ତ୍ୱେ ସବୁ ଶାରୀରିକ ସମସ୍ୟା ଓ ଭାବପ୍ରବଣତାକୁ ପଛରେ ପକାଇ ୬୦ କେ.ଜି. ବର୍ଗରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ। ୨୦୧୦ ଓ ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ବିଭିନ୍ନ ସମସ୍ୟା ସତ୍ତ୍ୱେ ସ୍ୱର୍ଣ୍ଣିମ ସଫଳତା ହାସଲ କରିଥିଲେ। ସେ ୨୦୧୪ ଏସିଆନ ଗେମ୍ସରେ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲେ। ସେହିପରି ୨୦୦୮ ଓ ୨୦୧୨ ଏସିଆନ୍ ଚାମ୍ପିୟନଶିପ୍‌ରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ସେ ସର୍ବାଧିକ ସଫଳତା ଅର୍ଜନ କରିଥିଲେ। ଏହି ଇଭେଣ୍ଟରେ ଯୋଗେଶ୍ୱର ୩ଟି ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ହାସଲ କରିଥିଲେ। ୨୦୦୩, ୨୦୦୫ ଓ ୨୦୦୭ ସଂସ୍କରଣରେ ସେ ସ୍ୱର୍ଣ୍ଣ ଓ ୨୦୦୫ ଗ୍ରୀକୋ–ରୋମାନ ୬୦ କେ.ଜି. ବର୍ଗରେ ରୌପ୍ୟ ଓ ୨୦୦୭ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ସେ ରୌପ୍ୟ ପଦକ ଜିତିଥିଲେ। କ୍ରୀଡ଼ାରେ ଅସାଧାରଣ କୃତିତ୍ୱ ପାଇଁ ତାଙ୍କୁ ୨୦୧୨ରେ ଭାରତ ସରକାର ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପ୍ରଦାନ କରିଥିଲେ। ୨୦୧୩ରେ ତାଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଥିଲା। କ୍ରୀଡ଼ାବିତ୍ ହିସାବରେ ଯୋଗେଶ୍ୱରଙ୍କ ସଫଳତା ଓ ବ୍ୟକ୍ତିତ୍ୱ ଆଗାମୀ ପିଢ଼ି ପାଇଁ ପ୍ରେରଣା ଦାୟକ।

EKAMRA SPORTS LITERARY FESTIVAL 2018

# ନେଦରଲାଣ୍ଡ ଦଳ




ଭୁବନେଶ୍ୱରରେ ହେବାକୁ ଯାଉଥିବା ପୁରୁଷ ହକି ବିଶ୍ୱକପ୍ ପାଇଁ ନେଦରଲାଣ୍ଡ ଦଳ ଘୋଷିତ ହୋଇଛି। କଳିଙ୍ଗ ଷ୍ଟାଡିୟମରେ ଏହି ମେଗା ପ୍ରତିଯୋଗିତା ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ‘‘ଆମେ ପେସାଦାର ଆଥ୍‌ଲେଟ ଏବଂ ଚାମ୍ପିୟନ ହେବା ଲକ୍ଷ୍ୟରେ ହିଁ ବିଶ୍ୱକପ୍ ଖେଳିବୁ। ମାତ୍ର ଏହି ମନୋଭାବ ନେଇ ଯେ କେବଳ ଆମେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବୁ ତା’ ନୁହେଁ, ଟାଇଟଲ ଜିତିବା ସମସ୍ତ ଦଳର ସ୍ୱପ୍ନ। ଅଂଶଗ୍ରହଣ କରୁଥିବା ସମସ୍ତ ଦଳ ଶକ୍ତିଶାଳୀ ହୋଇଥିବାରୁ ମୁକାବିଲା ଜୋର୍‌ଦାର ହେବ। ତେବେ ଆମେ ପୂର୍ବ ସଂସ୍କରଣଗୁଡ଼ିକ ଅପେକ୍ଷା ଏଥର ଉନ୍ନତ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିବୁ। ଦକ୍ଷତା, କୌଶଳରେ ଆମେ ଉଭୟ ଶାରୀରିକ ଓ ମାନସିକ ଦୃଢ଼ତା ଦେଖାଇବୁ। ଆମେ ଯଦି ତାହା କରିପାରିବୁ, ତେବେ ନିଶ୍ଚିତ ଟାଇଟଲ ଦାବିଦାର ହୋଇପାରିବୁ’’ ବୋଲି ନେଦରଲାଣ୍ଡ ମୁଖ୍ୟ କୋଚ୍ ମ୍ୟାକ୍ସ କାଲଡାସ ପ୍ରକାଶ କରିଛନ୍ତି। ଗତ ସଂସ୍କରଣର ଆୟୋଜକ ଅଷ୍ଟ୍ରେଲିଆ ନିକଟରୁ ହାରି ରନର୍ସଅପ୍ ରହିଥିବା ନେଦରଲାଣ୍ଡ ଏଥର ପୁଲ୍–ଡି’ରେ ଜର୍ମାନୀ, ମାଲେସିଆ ଓ ପାକିସ୍ତାନ ସହିତ ସ୍ଥାନ ପାଇଛି। ଡିସେମ୍ବର ୧ରେ ମାଲେସିଆ ବିପକ୍ଷରେ ଖେଳି ଦଳ ଅଭିଯାନ ଆରମ୍ଭ କରିବ। **ନେଦରଲାଣ୍ଡ ଦଳ:** ଗୋଲ୍‌କିପର: ପିର୍‌ମିନ ବ୍ଲାକ, ସାମ୍ ଭାନ ଡର୍ଭେନ। **ଡିଫେଣ୍ଡର:** ମିଙ୍କ୍ ଭାନ୍ ଡର୍ ୱିର୍ଡେନ, ସାଣ୍ଡର ବାର୍ଟ, ସାଣ୍ଡର ଡି ୱିଜିନ୍, ଫ୍ଲୋରିସ ୱର୍ଟେଲବୋଏର, ଗ୍ଲେନ ସ୍କୁରମ୍ୟାନ, ଲାର୍ସ ବାଲ୍‌କ। **ମିଡ୍‌ଫିଲ୍ଡର:** ସେଭ୍ ଭାନ୍ ଆସ୍, ବିଲି ବାକର, ଭାଲେଣ୍ଟିନ ଭର୍ଗା, ରବର୍ଟ କେମ୍ପରମ୍ୟାନ, ଜୋନାସ୍ ଡି ଜିଅସ୍। ଫର୍‌ୱାର୍ଡ: ମିର୍‌କୋ ପ୍ରୁୟସର, ଜେରୋନ୍ ହେର୍ଟଜବର୍ଗର, ବବ୍ ଡି ଭୁଗ୍‌ଡ, ଥିଏରୀ ବ୍ରିଙ୍କମ୍ୟାନ ଓ ଥିଜସ୍ ଭାନ ଡାମ୍। **ରିଜର୍ଭ ଖେଳାଳି:** ଜୋରିଟ କ୍ରୁନ, ଜୋଏପ ଡି ମୋଲ। ମୁଖ୍ୟ କୋଚ୍: ମ୍ୟାକ୍ସ କାଲ୍‌ଡାସ୍।

# ଟାଟା ଷ୍ଟିଲ୍ ହକି ବିଶ୍ୱକପ୍‌ର ଅଫିସିଆଲ ପାର୍ଟନର

ଭୁବନେଶ୍ୱର, ୨୯।୧୦(ସ୍ପୋର୍ଟ୍ସ ବ୍ୟୁରୋ)

ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ହେବାକୁ ଥିବା ମର୍ଯ୍ୟାଦାପୂର୍ଣ୍ଣ ପୁରୁଷ ହକି ବିଶ୍ୱକପ୍ ପାଇଁ ସୋମବାର ଟାଟା ଷ୍ଟିଲ୍‌କୁ ଏହାର ଅଫିସିଆଲ ପାର୍ଟନର ଭାବେ ମନୋନୀତ କରାଯାଇଛି। ଟାଟା ଷ୍ଟିଲ୍ ହେଉଛି ବିଶ୍ୱର ୧୦ମ ବୃହତ୍ ଇସ୍ପାତ ଉତ୍ପାଦନକାରୀ କମ୍ପାନୀ, ଯିଏ ଦେଶରେ କ୍ରୀଡ଼ାର ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ଟୁର୍ନାମେଣ୍ଟ ପାଇଁ ଟାଟା ଷ୍ଟିଲ୍‌କୁ ଅଫିସିଆଲ ପାର୍ଟନର କରାଯାଇଥିବାରୁ ହକି ଇଣ୍ଡିଆ ସିଇଓ ଏଲିନା ନର୍ମାନ ସ୍ୱାଗତ ଜଣାଇବା ସହ ଖୁସି ବ୍ୟକ୍ତ କରିଛନ୍ତି। ଆମେ ଅତି ଆନନ୍ଦର ସହିତ ସମ୍ମାନଜନକ ଓଡ଼ିଶା ପୁରୁଷ ହକି ବିଶ୍ୱକପ୍ ଭୁବନେଶ୍ୱର ୨୦୧୮ ପାଇଁ ଟାଟା ଷ୍ଟିଲ୍‌କୁ ଅନ୍ୟତମ ଅଫିସିଆଲ ପାର୍ଟନର ଭାବେ ଘୋଷଣା କରୁଛୁ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ହୋଇଥିବାରୁ ଏଥିରେ ସମସ୍ତଙ୍କ ସମ୍ପୃକ୍ତିର ଆବଶ୍ୟକତା ରହିଛି। ଟାଟା ଷ୍ଟିଲ୍‌ର ସହଯୋଗ ପାଇଁ ମୁଁ ଧନ୍ୟବାଦ ଦେବାକୁ ଚାହିଁବି। ଭବିଷ୍ୟତରେ ଭାରତୀୟ ହକି ପ୍ରତି ଏହିଭଳି ସହଯୋଗ ଜାରି ରହିବ ବୋଲି ମୁଁ ଆଶା କରୁଛି। ଏହି ପରିପ୍ରେକ୍ଷୀରେ ଟାଟା ଷ୍ଟିଲ୍ କର୍ପୋରେଟ୍ ସର୍ଭିସେସ୍‌ର ଭାଇସ୍ ପ୍ରେସିଡେଣ୍ଟ ସୁନୀଲ ଭାସ୍କରନ କହିଛନ୍ତି, ‘ଟାଟା ଷ୍ଟିଲ୍ ବର୍ଷ ବର୍ଷ ଧରି ହକି ସମେତ ବିଭିନ୍ନ କ୍ରୀଡ଼ାର ବିକାଶ ତଥା ପ୍ରସାର ଭିତ୍ତିଭୂମି ପ୍ରତିଷ୍ଠା କ୍ଷେତ୍ରରେ କାର୍ଯ୍ୟ କରିଆସୁଛି। ଭାରତରେ ଏକ ହକି ଏକାଡେମୀ ପ୍ରତିଷ୍ଠା କରିବାରେ ଟାଟା ଷ୍ଟିଲ୍ ହେଉଛି ଦେଶର ପ୍ରଥମ ପ୍ରାଇଭେଟ ସେକ୍ଟର କମ୍ପାନୀ। ଭାରତର ପୂର୍ବାଞ୍ଚଳରେ ପ୍ରଥମଥର ଲାଗି ହକି ବିଶ୍ୱକପ୍ ଆୟୋଜିତ ହେଉଛି। ହକି ବିଶ୍ୱକପ୍ ସହିତ ସଂଶ୍ଳିଷ୍ଟ ହୋଇ ଟାଟା ଷ୍ଟିଲ୍ ନିଜକୁ ଗର୍ବିତ ମନେକରୁଛି।’

DSPL-228



ସୌରଜଳନିଧି
କୃଷି କ୍ଷେତ୍ରରେ ଅକ୍ଷୟ ଶକ୍ତି ଉପଯୋଗ ପାଇଁ ଓଡ଼ିଶା ସରକାରଙ୍କର ନିଜସ୍ୱ ଯୋଜନା
ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା
‘ସୌରଜଳନିଧି’ ଯୋଜନା ସହିତ ଏହାର
ୱେବ୍ ପୋର୍ଟାଲ୍‌ର ଲୋକାର୍ପଣ
୩୦ ଅକ୍ଟୋବର ୨୦୧୮
ପୂର୍ବାହ୍ନ ୧୧:୪୫ ମିନିଟ୍
ତୃତୀୟ ମହଲା ସମ୍ମିଳନୀ କକ୍ଷ, ଓଡ଼ିଶା ସଚିବାଳୟ
ଯୋଜନାର ବିଶେଷତ୍ୱ
ବିଦ୍ୟୁତ୍ ଉପଲବ୍ଧ ନଥିବା କ୍ଷେତ୍ରରେ ଜଳସେଚନ ନିମନ୍ତେ ବିଶେଷ ଉପଯୋଗୀ ।
ଅତିରିକ୍ତ ୨,୫୦୦ ଏକର ଅଣ ଜଳସେଚିତ ଜମିକୁ ନିଶ୍ଚିତ ଜଳସେଚନ ସୁବିଧା ।
୫,୦୦୦ ଗୋଟି ସୌରଚାଳିତ ପାଣିପମ୍ପ ସେଟ୍ (୦.୫ ଏଚ୍.ପି.) ସରକାରୀ ରିହାତିରେ କୃଷକମାନଙ୍କୁ ଯୋଗାଇ ଦିଆଯିବ ।
01034/13/0067/1819
କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୩୦/୨୦୧୮ Bhubaneswar, Tuesday, October 30/ 2018

## ସଂକ୍ଷେପରେ

### ଅଭିଜିତ୍‌ଙ୍କ ଗିରଫଦାରି ପ୍ରତିବାଦରେ ଆରତି ଟିକୋଙ୍କ ଦସ୍ତଖତ ଅଭିଯାନ

**ପୁରୀ ଅଫିସ, ୨୯।୧୦:** ଓଡ଼ିଶା ଏବଂ କୋଣାର୍କ ପ୍ରତି ଅରୁଚିକର ମନ୍ତବ୍ୟ ଦେଇ ଏବେ ଜେଲ୍ ହାଜତରେ ଅଛନ୍ତି ଅଭିଜିତ ଆୟର ମିତ୍ର। ତାଙ୍କ ଗିରଫ ବେଆଇନ ବୋଲି ଦର୍ଶାଇ ତାଙ୍କ ସହଯୋଗୀ ଆରତି ଟିକୋ ଏକ ଦସ୍ତଖତ ଅଭିଯାନ ଆରମ୍ଭ କରିଛନ୍ତି। ଏକ ୱେବ୍‌ସାଇଟ୍ (change.org) ମାଧ୍ୟମରେ ଟିକୋ ଏହି ଅଭିଯାନ ଚଳାଇଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ, ବାକ୍ ସ୍ୱାଧୀନତା ଉଲ୍ଲଂଘନ ହେବା ଭଳି ଅଭିଜିତ କୌଣସି ମନ୍ତବ୍ୟ ଦେଇନାହାନ୍ତି। ସାମ୍ପ୍ରଦାୟିକ ବିଦ୍ୱେଷ ଏବଂ ହିଂସା ହେବା ଭଳି ସେ କୌଣସି ମତ ରଖିନାହାନ୍ତି। କିନ୍ତୁ ପୋଲିସ ତାଙ୍କ ବିରୋଧରେ ୨୯୫ ଏବଂ ୧୫୩ (କ) ଦଫା ଲଗାଇ ମାମଲା ରୁଜୁ କରିଛି। ଏହାପଛରେ ରାଜନୈତିକ ଷଡ଼ଯନ୍ତ୍ର ରହିଛି। ପୋଲିସ ରାଜନୈତିକ ଦଳ ଦ୍ୱାରା ପ୍ରଭାବିତ ହେବା ଭଳି ପଦକ୍ଷେପ ନେଉଛି। ଆରତିଙ୍କ ଏହି ଦସ୍ତଖତ ଅଭିଯାନରେ ଦେଶର ବୁଦ୍ଧିଜୀବୀ, ଐତିହାସିକ, ଖବରଦାତା, ସାଧାରଣ ଜନତା ସାମିଲ ହୋଇଛନ୍ତି। ପ୍ରାୟ ୨୫,୦୦୦ ଏଥିରେ ଦସ୍ତଖତ କରିସାରିଲେଣି।

## ■ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲା

# ୩୧ରେ ସୁପ୍ରିମ୍‌କୋର୍ଟରେ ଶୁଣାଣି

■୩ ଜଣିଆ ଖଣ୍ଡପୀଠରେ ହେବ ଶୁଣାଣି

■ସତ୍ୟପାଠ ଦାଖଲ ପାଇଁ ଦିଲ୍ଲୀରେ ନୀତି ପ୍ରଶାସକ

**ପୁରୀ ଅଫିସ,୨୯।୧୦**

ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲାର ଶୁଣାଣି ଆସନ୍ତା ୩୧ ତାରିଖରେ ସୁପ୍ରିମ୍‌କୋର୍ଟରେ ହେବ। ତିନିଜଣିଆ ଖଣ୍ଡପୀଠ ଏହି ଶୁଣାଣି କରିବେ। ପୂର୍ବରୁ ଏହି ମାମଲା ୨ ଜଣିଆ ଖଣ୍ଡପୀଠରେ ଶୁଣାଣି ହେଉଥିଲା। ବୁଧବାର ଜଷ୍ଟିସ ମଦନ ବି. ଲୋକୁର, ଜଷ୍ଟିସ ଏସ୍. ଅବ୍‌ଦୁଲ ନଜିର ଓ ଜଷ୍ଟିସ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରିବେ ବୋଲି ଜଣାପଡିଛି। ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଆଣିବା ଲାଗି ଆଇନଜୀବୀ ମୃଣାଳିନୀ ପାଢୀ ଗତ ଜୁନ୍ ୭ରେ ସୁପ୍ରିମ୍‌କୋର୍ଟରେ ମାମଲା ଦାଏର କରିଥିଲେ। ଜୁନ୍ ୮ରେ ୨ ଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରି ଦାନ, ଦକ୍ଷିଣା ଆଦାୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସୁପ୍ରିମ୍‌କୋର୍ଟ ପୁରୀ ଜିଲାଜଜ୍‌ଙ୍କୁ ରିପୋର୍ଟ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦେବା ସହ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଜୁଲାଇ ୫ରେ ସୁପ୍ରିମ୍‌କୋର୍ଟ ଏହାର ଶୁଣାଣି କରି ପୁରୀ ଜିଲା ଜଜ୍‌ଙ୍କ ସୁପାରିସ ଆଧାରରେ ୧୨ଟି ପ୍ରସ୍ତାବ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମାମଲା ୨ ଜଣିଆ ଖଣ୍ଡପୀଠରେ ଶୁଣାଣି ହେଉଥିବା ବେଳେ ସେପ୍ଟେମ୍ବର ୫ରେ ଉପରୋକ୍ତ ତିନିଜଣିଆ ଖଣ୍ଡପୀଠରେ ଏହାର ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ଶୁଣାଣି ବାତିଲ ହୋଇଥିଲା। ଏହାପରେ ଗତ ୨୪ ତାରିଖରେ ସୁପ୍ରିମ୍‌କୋର୍ଟରେ ଶ୍ରୀମନ୍ଦିର ସଂସ୍କାର ମାମଲାର ଶୁଣାଣି ହୋଇଥିଲା। ଏଥିରେ ପୁରୀ ହିଂସା ଓ ଜୋତା ପିନ୍ଧି ପୋଲିସ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବା ପ୍ରସଙ୍ଗ ଉପରେ ଶୁଣାଣି କରି ସୁପ୍ରିମ୍‌କୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଶୁଣାଣି ୨ ଜଣିଆ ଖଣ୍ଡପୀଠରେ ହୋଇଥିଲା। ଆସନ୍ତା ୩୧ ତାରିଖରେ ହେବାକୁ ଥିବା ଶୁଣାଣି ପୁନଶ୍ଚ ତିନିଜଣିଆ ଖଣ୍ଡପୀଠରେ ହେବ ବୋଲି ଧାର୍ଯ୍ୟ ହୋଇଛି। ଏହି ମାମଲାରେ କେନ୍ଦ୍ର ସଂସ୍କୃତି ସଚିବ, ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଜିଲାପାଳ ପକ୍ଷ ରହିଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସୁପ୍ରିମ୍‌କୋର୍ଟରେ ସତ୍ୟପାଠ ଦାଖଲ କରିବ। ଏଥିଲାଗି ନୀତି ପ୍ରଶାସକ ପ୍ରଦୀପ ଦାଶ ଦିଲ୍ଲୀରେ ଡେରା ପକାଇଛନ୍ତି। ଗତ ସେପ୍ଟେମ୍ବର ୨୭ ତାରିଖ ପରିଚାଳନା କମିଟି ବୈଠକର ନିଷ୍ପତ୍ତିକୁ ଭିତ୍ତିକରି ଶ୍ରୀମନ୍ଦିର ପ୍ରଶାସନ ସତ୍ୟପାଠ ଦାଖଲ କରିବ ବୋଲି ଜଣାପଡିଛି। ସୁପ୍ରିମ୍‌କୋର୍ଟ ଦେଇଥିବା ୧୨ଟି ପ୍ରସ୍ତାବ ଉପରେ ଶ୍ରୀମନ୍ଦିର ପ୍ରଶାସନ ସତ୍ୟପାଠ ଦାଖଲ କରିବ। ବଂଶାନୁକ୍ରମିକ ସେବାକୁ ନେଇ କି ସତ୍ୟପାଠ ଦାଖଲ ହେଉଛି ତାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଯଦି କୌଣସି ସେବକଙ୍କ ମୃତ୍ୟୁ ଘଟେ କିମ୍ବା କାହାକୁ ସେବାରୁ ବହିଷ୍କାର କରାଯାଏ ତେବେ ତାଙ୍କ ସ୍ଥାନରେ କିଭଳି ସେବକଙ୍କୁ ନିଯୁକ୍ତି କରାଯିବ ତାହାର ପ୍ରକ୍ରିୟା ଉପରେ ମଧ୍ୟ ସତ୍ୟପାଠ ଦାଖଲ ହୋଇପାରେ ବୋଲି କୁହାଯାଉଛି।

## ବେଦାନ୍ତ ଜମି, ରତ୍ନଭଣ୍ଡାର ଚାବି ମାମଲାର ଶୁଣାଣି

# ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ


**କଟକ ଅଫିସ, ୨୯।୧୦:** ପୁରୀରେ ବେଦାନ୍ତକୁ ୧୩୦୦ ଏକର ଜମି ରାଜ୍ୟ ସରକାର ବେଆଇନ ଭାବେ ପ୍ରଦାନ କରିଥିବା ନେଇ ଇଣ୍ଟର କଣ୍ଟିନେଣ୍ଟାଲ ଆସୋସିଏଶନ ଅଫ ଲୟର୍ସର ଅଧ୍ୟକ୍ଷ ଆଡଭୋକେଟ ଦେବାଶିଷ ମିଶ୍ର ଗତ ଜୁଲାଇରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କେଉଁ ଆଧାରରେ ରାଜ୍ୟ ସରକାର ବହୁମୂଲ୍ୟ ଜମି ବେଦାନ୍ତ ହାତକୁ ଟେକିଦେଇଛନ୍ତି ତା'ର ସିବିଆଇ ତଦନ୍ତ ପାଇଁ ସେ ନିବେଦନ କରିଥିଲେ। ସେହିପରି ଉକ୍ତ ପିଟିଶନରେ ଆଡଭୋକେଟ ମିଶ୍ର ମଧ୍ୟ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣାକୁ ଉଲ୍ଲେଖ କରିଥିଲେ। ମିଶ୍ର ପିଟିଶନରେ ଦର୍ଶାଇଥିଲେ ଯେ, ୧୯୮୫ ମସିହା ପରଠାରୁ ରତ୍ନଭଣ୍ଡାର ଚାବିକୁ ନେଇ ବିବାଦୀୟ ପରିସ୍ଥିତି ଉପୁଜିଥିଲା। ଶେଷରେ ପୁରୀ ଜିଲାପାଳଙ୍କ ଟ୍ରେଜେରିରୁ ଏହି ଚାବି ମିଳିଥିଲା। ତେବେ ୧୯୮୫ ମସିହାରୁ ଏହି ଚାବି ବ୍ୟବହାର କରାଯାଇ ନାହିଁ। ଫଳରେ ୧୯୮୫ରୁ ୨୦୧୮ ଦୀର୍ଘ ୩୩ ବର୍ଷ ମଧ୍ୟରେ ଜଗନ୍ନାଥଙ୍କୁ ମିଳିଥିବା ଧନରତ୍ନ କେଉଁଠି ରହୁଥିଲା ଏବଂ କେମିତି ରହୁଥିଲା ତାହାର ତଦନ୍ତ ମଧ୍ୟ ସିବିଆଇ ଦ୍ୱାରା କରିବା ପାଇଁ ଆଡଭୋକେଟ ମିଶ୍ର ସୁପ୍ରିମକୋର୍ଟଙ୍କୁ ନିବେଦନ କରିଥିଲେ। ଜୁଲାଇ ୨୦ରେ ମିଶ୍ରଙ୍କ ଆବେଦନର ପ୍ରାରମ୍ଭିକ ଶୁଣାଣି କରି ସୁପ୍ରିମକୋର୍ଟ ଓଡ଼ିଶା ହାଇକୋର୍ଟର ଦ୍ୱାରସ୍ଥ ହେବା ପାଇଁ ଆଡଭୋକେଟ ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ହୋଇଥିବା ମାମଲାର ଶୁଣାଣି ସୋମବାର ହାଇକୋର୍ଟରେ ଥିଲା। ଓକିଲ ଆନ୍ଦୋଳନକୁ ନେଇ ହାଇକୋର୍ଟରେ ସୋମବାର ଦିନତମାମ ଉତ୍ତେଜନାମୂଳକ ପରିସ୍ଥିତି ଲାଗି ରହିଥିଲେ ମଧ୍ୟ ଆଡଭୋକେଟ ମିଶ୍ର ସାଦା ପୋଷାକରେ ହାଇକୋର୍ଟ ଭିତରକୁ ପଶିଥିଲେ। ମାମଲାର ଶୁଣାଣି ହାଇକୋର୍ଟଙ୍କ ମୁଖ୍ୟ ଖଣ୍ଡପୀଠରେ ହୋଇଥିଲା। ଶୁଣାଣି କରି ଖଣ୍ଡପୀଠ ଓଡ଼ିଶା ସରକାରଙ୍କୁ ଉଭୟ ଘଟଣାରେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। କୋର୍ଟ ଦର୍ଶାଇଛନ୍ତି ଯେ, ଆବେଦନକାରୀ ଯେଉଁ ନିବେଦନ କରିଛନ୍ତି ତାହାକୁ କାହିଁକି ମଞ୍ଜୁର କରା ନ ଯିବ। ନଭେମ୍ବର ୨୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି।







୩୪
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେଉଁ କାର୍ଯ୍ୟ ଦ୍ୱାରା ନିଜର ମଙ୍ଗଳ ସଙ୍ଗେ ସଙ୍ଗେ ଅନ୍ୟର ମଙ୍ଗଳ ହୋଇଯାଉଥାଏ, ସେ କାର୍ଯ୍ୟକୁ ଖୋଜି ବାହାର କରିବା କମ୍ ସୌଭାଗ୍ୟର କଥା ନୁହେଁ।
-ଜନାଥନ୍ ଏଡ୍‌ୱର୍ଡସ୍



## ସଂକ୍ଷେପରେ

### ଯୋଡ଼ୁମୁ ପୋଖରୀରୁ କୁମ୍ଭୀର ଛୁଆ ଉଦ୍ଧାର



**ନରସିଂହପୁର,୨୯।୧୦(ସ୍ୱ.ପ୍ର.):** ନରସିଂହପୁର ପଶ୍ଚିମାଞ୍ଚଳ ବନବିଭାଗର ଶରଧାପୁର ଫରେଷ୍ଟ ବିଟି ଅଧୀନ ଯୋଡ଼ୁମୁ ଶିବ ମନ୍ଦିର ନିକଟରେ ଥିବା ପୋଖରୀରୁ ଏକ କୁମ୍ଭୀର ଛୁଆକୁ ସୋମବାର ବନ ବିଭାଗ ଉଦ୍ଧାର କରିଛି। ଗ୍ରାମବାସୀ କୁମ୍ଭୀର ଛୁଆକୁ ଦେଖି ଭୟଭୀତ ହେବାପରେ ବନ ବିଭାଗକୁ ଖବର ଦେଇଥିଲେ। ବନବିଭାଗ କର୍ମଚାରୀ ପହଞ୍ଚି ବହୁ ବାର ଜାଲ ବିଛାଇ କୁମ୍ଭୀର ଛୁଆକୁ ଧରିବା ପାଇଁ ଉଦ୍ୟମ କରିଥିଲେ ହେଁ ସଫଳ ହୋଇ ନ ଥିଲେ। ପରେ ପଶ୍ଚିମାଞ୍ଚଳ ରେଞ୍ଜ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଶରଧାପୁର ଫରେଷ୍ଟର ଶାନ୍ତନୁ କୁମାର ମାଝି ପୋଖରୀର ହୁଡା ହାଣୀ ପାଣି ନିଷ୍କାଷନ କରାଇବା ପରେ କୁମ୍ଭୀର ଛୁଆକୁ ଉଦ୍ଧାର କରାଯାଇଥିଲା। ଏହାପରେ ବାଲିପୁଟ ନିକଟ ମହାନଦୀର ସାତକୋଶିଆଗଣ୍ଡରେ ବନବିଭାଗ କର୍ମଚାରୀ କୁମ୍ଭୀର ଛୁଆକୁ ଛାଡିଥିଲେ। ଉଦ୍ଧାର ହୋଇଥିବା କୁମ୍ଭୀର ଛୁଆର ଲମ୍ବ ଚାରି ଫୁଟ୍ ଓ ଗୋଲେଇ ଦେଢ ଫୁଟ ହେବ। ଏହା ଗୋମୁଁହା ଜାତିର ବୋଲି ବନବିଭାଗ ସୂଚନା ଦେଇଛି।

### ଋଣ କରାଇଦେବାକୁ କହି ଠକିନେଲେ ୫୦ହଜାର, ଯୁବକ ଗିରଫ

**ଖୁଣ୍ଟୁଣୀ,୨୯।୧୦(ଡି.ଏନ୍.ଏ.):** ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ଋଣ କରାଇଦେବାକୁ କହି ୫୦ହଜାର ଟଙ୍କା ଠକି ନେଇଥିବା ଅଭିଯୋଗରେ ସୋମବାର ଗୁରୁଡିଝାଟିଆ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଜଗତସିଂହପୁର ଜିଲା ନାଉଗାଁ ଥାନା ଅନ୍ତର୍ଗତ ଅଲଣାହାଟ ବେଡାପଦ ଗ୍ରାମର କରୁଣାକର ଓଝା। ପୋଲିସ ସୂଚନା ଅନୁଯାୟୀ, ଗୁରୁଡିଝାଟିଆ ଥାନା ଅଧୀନ ସାଉରିଆ ଗ୍ରାମରେ କରୁଣାକର ପହଞ୍ଚି ଗତ ୭ଦିନ ହେବ ୫ଶହ ଟଙ୍କା ଦେଲେ ୫୦ହଜାର ଟଙ୍କା ଋଣ କରାଇଦେବ ବୋଲି ଲୋକଙ୍କ ପାଖରେ ବିଶ୍ୱାସ ଜନ୍ମାଇଥିଲେ। ୩ଦିନ ମଧ୍ୟରେ ଲୋନ ମିଳିଯିବ ବୋଲି କହି ସେ ପ୍ରାୟ ୫୦ହଜାର ଟଙ୍କା ଆଦାୟ କରିଥିଲେ। ଋଣ ନ ମିଳିବାରୁ ସୋମବାର ଗ୍ରାମର କେତେଜଣ ଲୋକ କରୁଣାକରଙ୍କୁ ପଚାରିବାରୁ ସେ ବ୍ୟାଙ୍କରୁ ଆସୁଛି ବୋଲି କହୁଥିବା ବେଳେ ସେମାନେ ତାକୁ କାବୁ କରି ନେଇ ପୋଲିସର ଜିମା ଦେଇଥିଲେ। ସାଉରିଆ ଗ୍ରାମର ଭବାନୀ ପଲେଇଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା(ନଂ. ୧୦୨/୧୮) ରୁଜୁ କରି କରୁଣାକରଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

### ବୃଦ୍ଧଙ୍କ ଆତ୍ମହତ୍ୟା

**ସାଲେପୁର,୨୯।୧୦(ଡି.ଏନ.ଏ.):** ସାଲେପୁର ଥାନା ପିକୋଳ ପଞ୍ଚାୟତ ୮ନଂ. ୱାର୍ଡ ଦଳିତ ସାହିର ଜଣେ ବୃଦ୍ଧ ସୋମବାର ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗ୍ରାମର କୁନା କାଣ୍ଡି(୫୫)। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ଡାକ୍ତରଖାନାକୁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ନଂ-୨୧/୧୮ ରୁଜୁ ହୋଇ ତଦନ୍ତ ଚାଲିଥିବା ଆଇଆଇସି ଦେବେନ୍ଦ୍ର କୁମାର ମଲିକ ସୂଚନା ଦେଇଛନ୍ତି।

### ହାଇଟେକ୍ ହସ୍ପିଟାଲରେ ଅଗ୍ନିକାଣ୍ଡ

**ଭୁବନେଶ୍ୱର,୨୯।୧୦(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ହାଇଟେକ ହସ୍ପିଟାଲରେ ସୋମବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ଖବରପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ତେବେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ମୁତାବକ, ସକାଳ ୬ଟା ୧୫ରେ ହାଇଟେକ ହସ୍ପିଟାଲର ଦ୍ୱିତୀୟ ମହଲାରେ ଥିବା ଫିଜିଓ ଥେରାପି ଘରେ ହଠାତ୍ ସର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା। ଫୋମ୍, ରବର, ପ୍ଲାଇ ଆଦିରେ ନିଆଁ ଲାଗିଥିବାରୁ ପ୍ରବଳ ଧୂଆଁ ହୋଇ ଚାରିଆଡ଼କୁ ବ୍ୟାପିଯିବାରୁ ଆତଙ୍କ ଖେଳିଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଝରକା ଓ କବାଟ ଭାଙ୍ଗି ଧୂଆଁକୁ ବାହାରକୁ ବାହାର କରିବା ସହ ନିଆଁକୁ ଆୟତ୍ତ କରିଥିଲେ।

## ■ ନରସିଂହପୁର ବ୍ଲକରେ ଜନଶୁଣାଣି ଶିବିର

# ଆସିଲେନି ଜିଲାପାଳ, ଅଭିଯୋଗକାରୀ ନିରାଶ

■ ହାଇକୋର୍ଟରେ ଓକିଲଙ୍କ ଆନ୍ଦୋଳନ ଯୋଗୁ ବ୍ୟସ୍ତ ରହିଲେ ଜିଲାପାଳ
■ ଅନ୍ୟ ଅଧିକାରୀ ଅଭିଯୋଗର ଶୁଣାଣି କଲେ

**ନରସିଂହପୁର,୨୯।୧୦(ସ୍ୱ.ପ୍ର.)**

କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ଦ୍ୱାରା ସୋମବାର ନରସିଂହପୁର ବ୍ଲକରେ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହେବାର ଥିଲା। ସେହି ଅନୁସାରେ ସମସ୍ତ ପ୍ରସ୍ତୁତି ହୋଇଥିଲା। ଜିଲାପାଳଙ୍କୁ ନିଜର ଦୁଃଖ ଜଣାଇବାକୁ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରୁ ଶତାଧିକ ଅଭିଯୋଗକାରୀ ଆସିଥିଲେ। ହେଲେ ସେମାନେ ଏଠାରେ ପହଞ୍ଚିବା ପରେ ଫଳ ଓଲଟା ହୋଇଥିଲା। ଜନଶୁଣାଣିକୁ ଜିଲାପାଳ ଆସିଲେନି। ଫଳରେ ଅନ୍ୟ ଅଧିକାରୀଙ୍କୁ ନେଇ ଦିନ ୧୧ ଟାରେ ଜନଶୁଣାଣି ଆରମ୍ଭ କରାଯାଇଥିଲା। ତେବେ ଜିଲାପାଳଙ୍କୁ ଗୁହାରି କରିବାକୁ ଆସିଥିବା ଅଭିଯୋଗକାରୀ ତାଙ୍କୁ ନ ପାଇ ନିରାଶ ହୋଇ ଫେରିଥିଲେ। ଜନଶୁଣାଣି ପାଇଁ ପ୍ରଶାସନ ପକ୍ଷରୁ ପ୍ରଚାର କରାଯାଇ ନ ଥିବାବେଳେ ଶତାଧିକ ଆବେଦନକାରୀ ରୁଣ୍ଡ ହୋଇ ନିଜର ନାମ ପଞ୍ଜୀକରଣ କରିଥିଲେ। ଅନେକ ବ୍ୟକ୍ତି ଗହଳି ଭିତରେ ନାମ ପଞ୍ଜୀକରଣ କରି ନ ପାରି ଅପେକ୍ଷାରେ ରହିଥିଲେ। ବ୍ଲକ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମୋଟ୍ ୪୪୦ ଅଭିଯୋଗ ଦାଖଲ ହୋଇଥିଲା।



ବ୍ଲକ କାର୍ଯ୍ୟାଳୟ ପରିସରରେ ଲୋକଙ୍କ ଅଭିଯୋଗର ଶୁଣାଣି କରାଯାଉଛି।

ହେଲେ ସେଥିରୁ କୌଣସି ଅଭିଯୋଗର ସୁଫଳ ଅଭିଯୋଗକାରୀଙ୍କୁ ମିଳିନାହିଁ। ଅନେକ ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ, ଅନଗ୍ରସର ଶିଶୁ ଓ ଅନ୍ୟ ଅଭିଯୋଗକାରୀ ଚାହିଁ ବସିଥିବାବେଳେ ଦିନ ୧ଟା୩୦ରେ ଭତ୍ତା ଓ ଇନ୍ଦିରା ଆବାସ ପାଇଁ ଅଭିଯୋଗ କରିଥିବା ଲୋକଙ୍କୁ ଘରକୁ ଫେରିଯିବାକୁ କୁହାଯାଇଥିଲା। ପରବର୍ତ୍ତୀ ସମୟରେ ଏହାର ସମାଧାନ କରାଯିବ ବୋଲି କୁହାଯିବା ସହ ଶୁଣାଣି ଶେଷ ହେଲା ବୋଲି ମାଇକ୍ ଯୋଗେ ସୂଚନା ଦିଆଯାଇଥିଲା। ଶିବିରରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତ, ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଉପଜିଲାପାଳ ଅମିୟ କୁମାର ସାହୁ, ବିଡିଓ ପ୍ରଶାନ୍ତ କୁମାର ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୬୦, ରେଡ୍‌କ୍ରସ ପାଣ୍ଠିରୁ ସହାୟତା ପାଇଁ ୩ଜଣ ଦରଖାସ୍ତ କରିଥିଲେ ହେଁ କାହାରିକୁ ଟଙ୍କାଟିଏ ଦିଆଯାଇନାହିଁ। ସେହିପରି ଜାତୀୟ ପରିବାର ମଙ୍ଗଳ ଯୋଜନା, ଭିନ୍ନକ୍ଷମ ଭତ୍ତା ଓ ଅନ୍ୟ ଭତ୍ତା ଯୋଜନାରେ କୌଣସି ଆର୍ଥିକ ସହାୟତା ଦିଆଯାଇ ନ ଥିବା ବ୍ଲକ ତରଫରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଅପରାହ୍ନ ୪ଟାରେ ଜିଲାପାଳ ଅଗ୍ରୱାଲ ନରସିଂହପୁରରେ ପହଞ୍ଚି ପ୍ରଥମେ ବ୍ଲକ କାର୍ଯ୍ୟାଳୟରେ ପାଇଖାନା କାମ ତଦାରଖ କରିବା ପରେ ତହସିଲ କାର୍ଯ୍ୟଳୟକୁ ଯାଇ ୨୦ ଜଣଙ୍କୁ ପଟ୍ଟା ପ୍ରଦାନ କରିଥିଲେ। ଏଥିରେ ତହସିଲଦାର ରାଜକିଶୋର ଜେନା, ଆଠଗଡ଼ ଉପଜିଲାପାଳ ଅମିୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜନ ଶୁଣାଣିରେ ନିରାଶ ହୋଇ ଫେରିଥିବା ଆଶାୟୀଙ୍କ ମନରେ ନୈରାଶ ଭାବ ଦେଖିବାକୁ ମିଳିଥିଲା। ତହସିଲ ମାଧ୍ୟମରେ ୫ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୪୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଜିଲାପାଳ ଅନୁପସ୍ଥିତ ସମ୍ପର୍କରେ ବିଡିଓ ତରାଇ କହିଛନ୍ତି, କଟକ ହାଇକୋର୍ଟ ପରିସରରେ ଓକିଲ ଆନ୍ଦୋଳନ ଯୋଗୁ ନିର୍ଦ୍ଧାରିତ ସମୟରେ ଜିଲାପାଳ ଓ କଟକ ଗ୍ରାମାଞ୍ଚଳ ଏସ୍‌ପି ଆସି ପାରିଲେନି।

## ହଷ୍ଟେଲରୁ ଛାତ୍ରୀ ନିଖୋଜ

**ସାଲେପୁର,୨୯।୧୦(ଡି.ଏନ.ଏ.)**

ଏକ ଘରୋଇ ହଷ୍ଟେଲରୁ ଜଣେ ଯୁକ୍ତ ୨ ବିଜ୍ଞାନ ଛାତ୍ରୀ ନିଖୋଜ ହୋଇଯାଇଛନ୍ତି। ଏ ନେଇ ସୋମବାର ଛାତ୍ରୀଙ୍କ ଭାଇ ସାଲେପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ନଂ-୨୫୩/୧୮ରୁଜୁ କରି ତଦନ୍ତ ଆରମ୍ଭ କରିଛି ବୋଲି ଆଇଆଇସି ଦେବେନ୍ଦ୍ର କୁମାର ମଲ୍ଲିକ ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ, ସାଲେପୁର ବଜାର ନିକଟରେ ଜଣେ ବ୍ୟକ୍ତି ଘରଭଡ଼ା ନେଇ ଏକ କୋଚିଂ ଇନ୍‌ଷ୍ଟିଚ୍ୟୁଟ୍ ଖୋଲିଛନ୍ତି। କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ ଯାଜପୁର ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ଏଠାରେ ରଖି କୋଚିଂ ଦେଉଛନ୍ତି। ଏହି କୋଚିଂ ସେଣ୍ଟରରେ କେନ୍ଦ୍ରାପଡ଼ା ଜିଲାର ଜଣେ ଛାତ୍ରୀ(୧୭) କୋଚିଂ ନେଉଥିଲେ। ଦଶହରା ଛୁଟି ଥିବାରୁ ସେ ଘରକୁ ଯାଇଥିଲେ। ଗତ ୨୬ ତାରିଖରେ ତାଙ୍କ ମା’ ଆଣି ଛାତ୍ରୀଙ୍କୁ ହଷ୍ଟେଲରେ ଛାଡି ଯାଇଥିଲେ। ସେହିଦିନ ସନ୍ଧ୍ୟାରେ ହଷ୍ଟେଲକୁ ଫୋନ୍ କରି ଝିଅ ସହ କଥା ହେବାକୁ ଚାହିଁଥିଲେ। କିନ୍ତୁ ଫୋନ୍ ରିସିଭ୍ କରିଥିବା ହଷ୍ଟେଲର ଜଣେ କର୍ମଚାରୀ କହିଥିଲେ ଯେ ଝିଅ ହଷ୍ଟେଲରେ ନାହିଁ, କେଉଁଆଡେ ପଳାଇଛି। ଏହାପରେ ଛାତ୍ରୀଙ୍କ ମା’ ଓ ଭାଇ ହଷ୍ଟେଲରେ ପହଞ୍ଚି ସିସିଟିଭି କ୍ୟାମେରା ଯାଞ୍ଚ କରିଥିଲେ। ସେଥିରେ ଛାତ୍ରୀ ହଷ୍ଟେଲ ବାହାରକୁ ଯିବା ସହ ରେଜିଷ୍ଟ୍ରାରରେ ସାଇନ୍ କରି ପୁଣି ହଷ୍ଟେଲକୁ ପ୍ରବେଶ କରିଥିବା ଚିତ୍ର ରହିଛି। ହଷ୍ଟେଲ ଭିତରକୁ ଯିବାପରେ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଏନେଇ ଛାତ୍ରୀଙ୍କ ଭାଇ ଥାନାରେ ଏକ ଅପହରଣ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଚାଲୁରଖିଥିଲେ ମଧ୍ୟ ଅଦ୍ୟାବଧି ଛାତ୍ରୀଙ୍କ ପତ୍ତା ପାଇନାହିଁ। ଅନ୍ୟପକ୍ଷରେ କୋଚିଂ ସେଣ୍ଟର ମାଲିକ କହିଛନ୍ତି, ଛାତ୍ରୀଙ୍କୁ ତାଙ୍କ ମା’ ଆଣି କୋଚିଂ ସେଣ୍ଟରରେ ଛାଡ଼ିଥିଲେ। ଏହା ପରେ ହଷ୍ଟେଲକୁ ନେବାକୁ କହିବାରୁ ସେ ଏକା ଚାଲିଯିବେ ବୋଲି କହିଥିଲେ। କୋଚିଂ ସେଣ୍ଟରଠାରୁ ହଷ୍ଟେଲ ୨୦୦ ମିଟର। ଛାତ୍ରୀ ହଷ୍ଟେଲକୁ ଯିବା ସମୟରେ ଅନ୍ୟ କେଉଁଆଡେ ଚାଲିଯାଇଛନ୍ତି। ଏ ସମ୍ପର୍କରେ ଆମେ ଜାଣିବା ପରେ ତାଙ୍କ ପରିବାର ସଦସ୍ୟଙ୍କୁ ଜଣାଇଥିଲୁ ବୋଲି ସେ କହିଛନ୍ତି।

## ■ ବର୍ଗିରାଜ ଗୋପାଳପୁର ଉପ୍ରା ବିଦ୍ୟାଳୟର ଶତବାର୍ଷିକ ସମାରୋହ

# ଶିକ୍ଷାନୁଷ୍ଠାନ ଗଢ଼ି ଉଠିଲେ ଅଞ୍ଚଳର ବିକାଶ ସମ୍ଭବ



ଶତବାର୍ଷିକ ସମାରୋହ ଉତ୍ସବରେ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟ ଅତିଥି ଉପସ୍ଥିତ।

**ମାହାଙ୍ଗା,୨୯।୧୦(ସ୍ୱ.ପ୍ର./ଡି.ଏନ୍.ଏ.)**

ମାହାଙ୍ଗା ବ୍ଲକ ଗୋପାଳପୁରସ୍ଥିତ ବର୍ଗିରାଜ ଗୋପାଳପୁର ଉପ୍ରା ବିଦ୍ୟାଳୟର ଶତବାର୍ଷିକ ସମାରୋହ ରବିବାର ରାତିରେ ଅନୁଷ୍ଠିତ ହୋଇଛି। ମାହାଙ୍ଗା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବର ଉଦ୍‌ଘାଟନ କରି କହିଥିଲେ, ଯେଉଁ ଅଞ୍ଚଳରେ ଶିକ୍ଷାନୁଷ୍ଠାନ ଗଢି ଉଠେ ସେ ଅଞ୍ଚଳର ବିକାଶ ସମ୍ଭବ ହୋଇଥାଏ। କାରଣ ସେହି ଶିକ୍ଷାନୁଷ୍ଠାନରୁ କୃତୀ ବିଦ୍ୟାର୍ଥୀ ସୃଷ୍ଟି ହୋଇ ଅଞ୍ଚଳର ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟରେ ସହାୟକ ହୋଇଥାନ୍ତି। ଉତ୍ସବ କମିଟି ସଭାପତି ପ୍ରସନ୍ନ ନାଥ ଶର୍ମାଙ୍କ ଅଧ୍ୟକ୍ଷତାରେ ବିଶିଷ୍ଟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ସେକ ମତଲୁବ ଅଲ୍ଲୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ସ୍ତମ୍ଭକାର ଅରୁଣ ପଣ୍ଡା, ସମ୍ମାନିତ ଅତିଥି ଇଂ କୁଳମଣି ପରିଡା, ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ କମଳିନୀ ଦେଇ ଓ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶନୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିଙ୍କ ଦ୍ୱାରା ଶତବାର୍ଷିକ ସ୍ମରଣିକା ‘ଶତ ସନ୍ତକ’କୁ ଉନ୍ମୋଚନ କରାଯାଇଥିଲା। କମିଟି ଉପସଭାପତି ପ୍ରକାଶ ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ କାଞ୍ଚନବାଳା ନାଥ ଶର୍ମା ବିବରଣୀ ପାଠ କରିଥିଲେ। କମିଟି କୋଷାଧ୍ୟକ୍ଷ ଗୌତମ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ପୁରାତନ ପ୍ରଧାନଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବୈଷ୍ଣବ ପାଣି ଗୀତିନାଟ୍ୟ ପରିବେଷଣ କରାଯାଇଥିଲା। ଉତ୍ସବରେ ଦୁଇ ପ୍ରମୁଖ ପ୍ରତିଦ୍ୱନ୍ଦୀ ମନ୍ତ୍ରୀ ଜେନା ଓ ପୂର୍ବତନ ମନ୍ତ୍ରୀ ଅଲ୍ଲୀଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା।

## ବାଙ୍କୀରେ ଭସାଣି ଉତ୍ସବ

**ବାଙ୍କୀ,୨୯।୧୦(ସ୍ୱ.ପ୍ର.)**

ଦୁର୍ଗାପୂଜା ଏବଂ କୁମାର ଉତ୍ସବ ଅବସରରେ କେନ୍ଦ୍ର ବାଙ୍କୀରେ ହୋଇଥିବା ବିଭିନ୍ନ ମୃଣ୍ମୟୀ ମୂର୍ତ୍ତିଙ୍କ ଭସାଣି ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ପୂଜା ସରିଥିଲେ ମଧ୍ୟ ବାଙ୍କୀ ମହୋତ୍ସବ ୨୪ରୁ ୨୮ ପର୍ଯ୍ୟନ୍ତ ଥିବାରୁ ସମସ୍ତ ମୂର୍ତ୍ତିଙ୍କୁ ରଖାଯାଇଥିଲା। ସକାଳୁ ବାଙ୍କୀର ୨୩ ପୂଜା କମିଟି ଦ୍ୱାରା ନିର୍ମିତ ମେଢ ଗୁଡିକୁ ଶୋଭାଯାତ୍ରାରେ ନିଆଯାଇଥିଲା। ଏହି ଶୋଭାଯାତ୍ରାରେ ପ୍ରଥମେ ନୃସିଂହ ପୂଜା କମିଟି ମେଢ ନେତୃତ୍ୱ ନେଇଥିଲା। ପ୍ରଚଳିତ ବିଧିଅନୁସାରେ ମହାଦେବ ପୂଜା କମିଟି ନେତୃତ୍ୱ ନେଇ ଆସୁଥିଲା। ତେବେ ସୋମବାର ହେତୁ ମହାଦେବଙ୍କ ମୂର୍ତ୍ତିକୁ ବିସର୍ଜନ କରାଯାଇନାହିଁ। ବୁଧବାର ତାଙ୍କ ଭସାଣି ହେବ। ନୃସିଂହ ପୂଜା କମିଟିର ପ୍ରମୋଦ ଚନ୍ଦ୍ର ମହାପାତ୍ର, ଲକ୍ଷ୍ମୀପୂଜା କମିଟିର ସରୋଜ ମହାପାତ୍ର, ଶାନ୍ତି ମାର୍କେଟ ପୂଜା କମିଟି ସଭାପତି ବିନିତ୍ ନାୟକ, ଲକ୍ଷ୍ମୀବଜାର ପୂଜା କମିଟିର ପ୍ରେମାନନ୍ଦ ବେହେରା, ଶାନ୍ତି ବଜାର ମେଢର ସୀତାରାମ ମହାପାତ୍ର, ଯୁବଜ୍ୟୋତି ପୂଜା କମିଟିର ବିଭୂତି ଭୂଷଣ ସାହୁ, ତାରିଣୀ ପୂଜା କମିଟିର କୃଷ୍ଣ ଚନ୍ଦ୍ର ସାହୁ, ମା’ଚର୍ଚ୍ଚିକା ପୂଜା କମିଟିର ସୁନୀଲ୍ ସାହୁ, ମେନରୋଡ୍ ପୂଜା କମିଟିର ପ୍ରହ୍ଲାଦ ପୃଷ୍ଟି, ଲକ୍ଷ୍ମୀବଜାର ମେଢର ଲକ୍ଷ୍ମଣ ପୃଷ୍ଟି ଏବଂ ଅନ୍ୟ ସମସ୍ତ ମଣ୍ଡପର ମେଢ ଏମାନଙ୍କ କର୍ମକର୍ତ୍ତାଙ୍କ ନେତୃତ୍ୱରେ ନିଆଯାଇ ସହର ପରିକ୍ରମା କରାଯାଇଥିଲା। ପରେ ଅକ୍ଷୟ ମାର୍ଗ ଦେଇ ଏନଏସି ଦ୍ୱାରା ନିର୍ମିତ ପୁରୁଣା କଲ୍ୟାଣ ମଣ୍ଡପସ୍ଥ ଅସ୍ଥାୟୀ ପୁଷ୍କରଣୀରେ ବିସର୍ଜନ କରାଯାଇଥିଲା। ବାଙ୍କୀ ଉପଖଣ୍ଡ ପୋଲିସ୍ ଅଧିକାରୀ ଓ ଥାନା ଅଧିକାରୀ ସମୀର କୁମାର ପଣ୍ଡା ଫୋର୍ସ ସହ ଉପସ୍ଥିତ ଥିଲେ।

## ଶିଉଳି ପ୍ରାଥମିକ ବିଦ୍ୟାଳୟ ସ୍ଥାନାନ୍ତରକୁ ବିରୋଧ



ଶିଉଳି ପ୍ରାଥମିକ ବିଦ୍ୟାଳୟ ସ୍ଥାନାନ୍ତରକୁ ବିରୋଧ କରି ଗ୍ରାମବାସୀ ପ୍ରତିବାଦ ପ୍ରଦର୍ଶନ କରୁଛନ୍ତି।

**ରଘୁନାଥପୁର, ୨୯।୧୦( ଡି.ଏନ.ଏ.)**

ନିଶ୍ଚିନ୍ତକୋଇଲି ବ୍ଲକ ମାଣପୁର ପଞ୍ଚାୟତରେ ଥିବା ଶିଉଳି ପ୍ରାଥମିକ ବିଦ୍ୟାଳୟଟି ରଘୁନାଥପୁର ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନରେ କାର୍ଯ୍ୟ କରିଆସୁଛି। ତେବେ ଏହି ବିଦ୍ୟାଳୟକୁ ବିରିଡି ବ୍ଲକ ଅରଣା ପଞ୍ଚାୟତରେ ଥିବା ପଟୁଆରୀ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ କରାଯାଉଥିବାରୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ଶିକ୍ଷା ବିଭାଗ ନିର୍ଦ୍ଦେଶ ମୁତାବକ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁବାଳା ରାଉତରାୟ ଓ ସହକାରୀ ଶିକ୍ଷୟିତ୍ରୀ କୁମୁଦିନୀ ଜେନା ଶନିବାର ଛାତ୍ରୀଛାତ୍ରଙ୍କ ରେକର୍ଡ ପତ୍ର ନେବାକୁ ବାହାରୁଥିବା ବେଳେ ଗ୍ରାମବାସୀ ସେମାନଙ୍କୁ ଅଟକ ରଖିଥିଲେ। ପରିଚାଳନା କମିଟି ସଭାପତି ଅଭୟ କୁମାର ପ୍ରଧାନ, ୱାର୍ଡ ସଭ୍ୟା ସୁଚିସ୍ମିତା ରାଉତରାୟ ଓ ଚକ୍ରଧର ମହାପାତ୍ର ପ୍ରମୁଖ କହିଛନ୍ତି ଯେ, ଶିକ୍ଷାବର୍ଷ ମଝିରେ ସ୍କୁଲ ସ୍ଥାନାନ୍ତର କରିବା ଠିକ୍ ନୁହେଁ। ଯେଉଁ ପଟୁଆରୀ ପ୍ରାଥମିକ ବିଦ୍ୟାଳୟକୁ ସ୍କୁଲ ସ୍ଥାନାନ୍ତର କରାଯାଇଛି, ଉକ୍ତ ସ୍କୁଲ ବାଟରେ ଗୋଟିଏ ପାର୍ଶ୍ୱରେ କେନାଲ ଏବଂ ଅନ୍ୟ ପାର୍ଶ୍ୱରେ ପାଣି ଭର୍ତ୍ତି ଯୋର ରହିଛି। ଏହା ପିଲାମାନଙ୍କ ପାଇଁ ବିପଦ ସାବ୍ୟସ୍ତ ହେବ। ଏ ସମ୍ପର୍କରେ ପୂର୍ବରୁ ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ଖବରପାଇ ପାଇକଣ କ୍ଲଷ୍ଟର ସିଆରସିସି ଶେଖ ଅବଦୁଲ ବୁରାହନ୍ ବିଦ୍ୟାଳୟରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିଲା। ତେଣୁ ସିଆରସିସି ଏ ସମ୍ପର୍କରେ ଏବିଇଓଙ୍କୁ ଜଣାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରାଉତରାୟ ରେକର୍ଡ ପତ୍ର ସ୍ଥାନାନ୍ତର କରି ପାରି ନ ଥିଲେ। ଗାଁରେ ଚାପା ଉତ୍ତେଜନା ପରିଲକ୍ଷିତ ହୋଇଛି। ଏ ସମ୍ପର୍କରେ ଜିଲାପାଳ, ଜିଲା ଶିକ୍ଷାଧିକାରୀ, ମାଧ୍ୟମିକ ଶିକ୍ଷା ଉପନିର୍ଦ୍ଦେଶକ ଓ ନିର୍ଦ୍ଦେଶକ ଏବଂ ଶିକ୍ଷା ସଚିବଙ୍କୁ ଡାକ ଯୋଗେ ଗ୍ରାମବାସୀ ଅବଗତ କରାଇଛନ୍ତି। ଶିଉଳି ପ୍ରାଥମିକ ବିଦ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର ନ କରିବାକୁ ନରେନ୍ଦ୍ର ପ୍ରଧାନ, ରଞ୍ଜନ ସେଠୀ, ଭବାନୀ ଶଙ୍କର ସ୍ୱାଇଁ, ସସ୍ମିତା ରାଉତ, କଳ୍ପନା ନାୟକ, ପୂର୍ଣ୍ଣିମା ମଲ୍ଲିକ ପ୍ରମୁଖ ନିବେଦନ କରିଛନ୍ତି।

## ଡାକ୍ତରଙ୍କୁ ମାଡ଼ ଘଟଣାରେ ଜଣେ ଗିରଫ

**ମାହାଙ୍ଗା,୨୯।୧୦(ସ୍ୱ.ପ୍ର.)**

ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗରେ ୨୭ ତାରିଖ ଦିନ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ନଡିଆସାହାସପୁର ଅଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ତନ୍ମୟ ବେହେରାଙ୍କୁ ମୃତକଙ୍କ ପରିବାର ଲୋକେ ମାଡ଼ ମାରିଥିଲେ। ଏ ନେଇ ଡା. ବେହେରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଛତିଆ ଅଞ୍ଚଳର ମୃତ ଭାଗିରଥିଙ୍କ ସାନ ପୁଅ ତ୍ରିଲୋଚନ (୩୩)ଙ୍କୁ ରବିବାର ରାତିରେ ଗିରଫ କରିଛି। ଏ ନେଇ ଏକ ମାମଲା ନଂ-୨୦୯/୧୮ ରୁଜୁ ହୋଇଛି।

ସୂଚନାଯୋଗ୍ୟ, ଛତିଆ ଅଞ୍ଚଳର ଭାଗୀରଥି ହୃଦ୍‌ଘାତ ଜନିତ ରୋଗରେ ଗୁରୁତର ହୋଇ ଏହି ଚିକିତ୍ସା କେନ୍ଦ୍ରକୁ ଆସିଥିଲେ। ଡା. ବେହେରା ତାଙ୍କୁ ଚିକିତ୍ସା କରିଥିଲେ। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ଡା. ବେହେରା ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଭାଗୀରଥି ସମ୍ପର୍କୀୟ ତାଙ୍କୁ ନେଇ ନ ଥିଲେ। ଫଳରେ ସେଠାରେ ଭାଗୀରଥିଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ଭାଗୀରଥିଙ୍କ ଦୁଇ ପୁଅ ଚିକିତ୍ସାରେ ଅବହେଳା ଅଭିଯୋଗ କରିବା ସହ ଡା. ବେହେରାଙ୍କୁ ମାଡ ମାରିଥିଲେ।

## ଟ୍ରେନ ଟ୍ରାକ୍‌ରେ ଅନଧିକାର ପ୍ରବେଶ ରୋକିବାକୁ ରେଲ୍‌ୱେର ପଦକ୍ଷେପ

**ଭୁବନେଶ୍ୱର,୨୯-୧୦**

ପୂର୍ବତଟ ରେଳପଥ ପରିସୀମା ଅଧୀନରେ ଥିବା ଟ୍ରେନ ଲାଇନ୍‌ରେ ଅନଧିକାର ପ୍ରବେଶ ଏବଂ ବେଆଇନ ଭାବେ ରେଳ ଧାରଣା ଅତିକ୍ରମକୁ ରୋକିବା ଲାଗି ରେଲ୍‌ୱେ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିଲାଗି ରେଲୱେ ପକ୍ଷରୁ ଏକ ଅଭିଯାନ ଆରମ୍ଭ ହୋଇଛି। ଏହାକୁ ରୋକିବା ଲାଗି ରେଲୱେ ଏହାର ଅଧିକାରୀଙ୍କୁ ସଜାଗ ରଖିଥିବା ପ୍ରକାଶ କରିଛି। ରେଲୱେ ଅଧିନିୟମ ୧୯୮୯ ମୁତାବକ ଅତ୍ୟାବଶ୍ୟକ ପଦକ୍ଷେପ ନେବାକୁ ଆର୍‌ପିଏଫ୍‌ଙ୍କୁ ପରାମର୍ଶ ଦିଆଯାଇଛି। ରେଲୱେ ଅଧିନିୟମ ୧୯୮୯ର ଧାରା ୧୪୭ ଅନୁସାରେ ରେଳ ଧାରଣାରେ ଅନଧିକାର ପ୍ରବେଶ ଏକ ଦଣ୍ଡନୀୟ ଅପରାଧ। ଏଥିଲାଗି ୬ ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ କିମ୍ବା ୧ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଲାଗୁ ହେବ।

ରେଳଧାରଣାରେ ଯେକୌଣସି ପ୍ରକାରର ଅନଧିକାର ପ୍ରବେଶ ରୋକିବା ଲାଗି କିଛି ମାସ ତଳେ ସମସ୍ତ ଛୋଟ ଷ୍ଟେଶନ ଏବଂ ପାସେଞ୍ଜର ହଲ୍ଟଗୁଡିକରେ ଫୁଟ୍ ଓଭର ବ୍ରିଜର ବ୍ୟବସ୍ଥା ନିମନ୍ତେ ପୂର୍ବତଟ ରେଳପଥ ପକ୍ଷରୁ ପ୍ରସ୍ତାବ ସମ୍ପର୍କରେ ଘୋଷଣା କରାଯାଇଛି। ଗୋଟିଏ ପ୍ଲାଟ୍‌ଫର୍ମରୁ ଅନ୍ୟ ଏକ ପ୍ଲାଟ୍‌ଫର୍ମ କିମ୍ବା ଷ୍ଟେଶନର ଗୋଟିଏ ପାର୍ଶ୍ୱରୁ ଅନ୍ୟ ଏକ ପାର୍ଶ୍ୱକୁ ଯିବା ଆସିବା ଲାଗି ଏହି ଫୁଟ୍ ଓଭରବ୍ରିଜଗୁଡିକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଜଗୁଆଳି ବିହୀନ ଲେଭଲ କ୍ରସିଂଗୁଡିକୁ ହଟାଇବା ଦିଗରେ ରେଲୱେର ଭୂମିକା ପ୍ରଶଂସାଯୋଗ୍ୟ। ପୂର୍ବତଟ ରେଳପଥ ପକ୍ଷରୁ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ ନିର୍ମାଣ, ଲେଭଲ୍ କ୍ରସିଂଗୁଡିକରେ କର୍ମଚାରୀ ନିଯୁକ୍ତି ମାଧ୍ୟମରେ ସମସ୍ତ ଜଗୁଆଳି ବିହୀନ ଲେଭେଲ୍ କ୍ରସିଂଗୁଡିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଯାଇଥିବା ରେଲ୍‌ୱେ ପକ୍ଷରୁ ସୂଚନା ରହିଛି।

# ବ୍ଲକ କାର୍ଯ୍ୟାଳୟ ଆଗରେ ଭାଜପାର ବିକ୍ଷୋଭ

**ନିଶ୍ଚିନ୍ତକୋଇଲି,୨୯।୧୦(ସ୍ୱ.ପ୍ର.)**



ଭାଜପା କର୍ମୀମାନେ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରୁଛନ୍ତି।

ଦୀର୍ଘଦିନ ହେବ ବିଜେଡି ଓଡ଼ିଶାକୁ ଶାସନ କରୁଛି। ଏହାଦ୍ୱାରା ରାଜ୍ୟ ସରକାରଙ୍କ ବିଭିନ୍ନ ସରକାରୀ ଦପ୍ତର ଏବେ ଦଳୀୟ କାର୍ଯ୍ୟାଳୟ ପାଲଟିଛି ଓ ଅଫିସରମାନେ ଏହାର ଠିକାଦାର ବନିଛନ୍ତି। ଫଳରେ ଓଡ଼ିଶାରେ ଦିନକୁ ଦିନ ଭ୍ରଷ୍ଟାଚାର, ଦୁର୍ନୀତି, ଲାଞ୍ଚ କାରବାର ବଢି ଚାଲିଛି। ଏପରି କି କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ରାଜ୍ୟବାସୀଙ୍କ ନିକଟରେ ପହଞ୍ଚାଇବାରେ ଦଳ ବାଧକ ସାଜିଛି। ଭାଜପା ରାଜ୍ୟ ସମ୍ପାଦକ ଦିଲୀପ ମଲିକ ସୋମବାର ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟ ଆଗରେ ବ୍ଲକ ଭାଜପା ପକ୍ଷରୁ ଦୁର୍ନୀତି ବିରୋଧରେ ହୋଇଥିବା ବିକ୍ଷୋଭ ସଭାରେ ଏହି ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ସାମଲଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ନିଶ୍ଚିନ୍ତକୋଇଲି ବଜାରରୁ ବାହାରି ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ପରେ ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସମ୍ପାଦକ ମଲିକ, ଜିଲା ଭାଜପା ସଭାପତି ଚୌଧୁରୀ ହେମନ୍ତ ସାହୁ, ଜିଲା ଉପସଭାପତି ଉଲ୍ଲାସ ଜେନା, ବରିଷ୍ଠ ନେତା ଚୌଧୁରୀ ପ୍ରଭାତ କେଶରୀ ମିଶ୍ର, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ହୃଷୀକେଶ ଜେନା, ଜିଲା ସମ୍ପାଦକ ଅଶୋକ ଦାସ, ବରିଷ୍ଠ ନେତା ଧରଣୀଧର ନାୟକ, ପ୍ରଫୁଲ୍ଲ ମହାପାତ୍ର, ଅଶୋକ ପଣ୍ଡା ଓ ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସରକାରଙ୍କ ଆମ ଗାଁ ଆମ ବିକାଶ ଯୋଜନା ଦିଗହରା ହୋଇଛି। ପଲ୍ଲୀସଭାକୁ ବାଦ ଦେଇ ମନ୍ତ୍ରୀ, ବିଧାୟକଙ୍କ ଚିଠାରେ କାମ କରାଯାଉଛି। ବିଜୁ ଯୁବବାହିନୀର ସଦସ୍ୟଙ୍କୁ ଦଳୀୟ ଆଧାରରେ ଚୟନ କରାଯାଇଛି। କେନ୍ଦ୍ରୀୟ ଯୋଜନାକୁ ଅପହଞ୍ଚ କରି ରାଜ୍ୟ ସରକାର ବାହାବାହା ପାଇଁ ନିଜସ୍ୱ ଯୋଜନା କରିଛନ୍ତି ବୋଲି ନେତୃମଣ୍ଡଳୀ କହିବା ସହ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ବିକ୍ଷୋଭ ପାଇଁ ବ୍ଲକ ପରିସରରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିବାରୁ ପୂର୍ବାହ୍ନରେ ବ୍ଲକ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଥିଲା।



ଯେଉଁମାନେ ଲୋକଙ୍କର ମଙ୍ଗଳ ପାଇଁ କାମ କରିଯାଉଥାନ୍ତି, ସେମାନେ କେବେହେଲେ ଅନ୍ୟମାନଙ୍କର ପ୍ରଶଂସା ପାଇଁ ଅପେକ୍ଷା ରଖନ୍ତି ନାହିଁ।
-ସିଡ୍ନୀ ସେଲଡନ୍



## ଆଜି କ'ଣ କେଉଁଠି

**କଟକ**

- ବିଶ୍ୱ ମିତବ୍ୟୟିତା ଦିବସ ପାଳନ ଅବସରରେ ଶୋଭାଯାତ୍ରା, ଇନ୍ଡୋର ଷ୍ଟାଡିୟମ୍, ସକାଳ ୯ଟା।
- ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ ପକ୍ଷରୁ ଜିଲାସ୍ତରୀୟ ଆଳଙ୍କାରିକ ଭାଷଣ ପ୍ରତିଯୋଗିତା, ରେଡ୍କ୍ରସ ଭବନ, ପୂର୍ବାହ୍ନ ୧୦ଟା ୩୦।
- 'ସଂଘୀୟ ବ୍ୟବସ୍ଥାରେ ସମନ୍ୱୟ ରକ୍ଷା ପାଇଁ ବିତ୍ତୀୟ ଆୟୋଗର ଭୂମିକା' ଶୀର୍ଷକ କର୍ମଶାଳା, ଅର୍ଥନୀତି ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ଅପରାହ୍ନ ୩ଟା।
- ଜ୍ଞାନମଣ୍ଡଳ ପାଠକ ସଂସଦ ପକ୍ଷରୁ 'ଏକ୍ ମୁଲାକାତ୍: ଦୀପକ କାନୁନ୍ଗୋ' ଶୀର୍ଷକ ଆଲୋଚନା, ଗାନ୍ଧୀ ଭବନ, ବାଖରାବାଦ, ସନ୍ଧ୍ୟା ୬ଟା।

# ଚୌଦ୍ୱାରରେ ହାତୀ ଉପଦ୍ରବ: ଫସଲ ନଷ୍ଟ

**ଚୌଦ୍ୱାର, ୨୯।୧୦(ଡି.ଏନ୍.ଏ.):**



- ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ
- ହାତୀ ଘଉଡେଇବାକୁ ବନ ବିଭାଗର ପଦକ୍ଷେପ

ଚୌଦ୍ୱାର ଅଞ୍ଚଳରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ଚୌଦ୍ୱାର ପୌରପାଳିକା ଅଧୀନ କପାଳେଶ୍ୱର ନୂଆସାହିର ପ୍ରହ୍ଲାଦ ସାହୁ ସୋମବାର ଭୋର ସମୟରେ ଘରୁ ପଦାକୁ ଆସିଥିବାବେଳେ ଏକ ହାତୀ ତାଙ୍କ ଘର ନିକଟ ଏଆରସି ପାଚେରୀ କଡ଼ରେ ଠିଆ ହୋଇଥିବା ଦେଖିଥିଲେ। ସେ ଡାକ ପକାଇବାରୁ ଆଖପାଖର ଲୋକେ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡ଼େଇବାକୁ ଚେଷ୍ଟା କରି ବିଫଳ ହେବାରୁ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଓ ଚୌଦ୍ୱାର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡେଇବାରୁ ସେ ନିକଟସ୍ଥ ବାଣୀପଦା ଗ୍ରାମଦେଇ ଛତିଶା ପାଟ ଆଡକୁ ପଳାଇ ଯାଇଥିଲା। ଅନ୍ୟପକ୍ଷରେ ୧୨ ଘରିଆ ହାତୀପଲ ପୌରପାଳିକାର ୧୩ ନଂ. ୱାର୍ଡ ପେପର ମିଲ୍ ନିକଟ ମହାନଦୀ କୂଳ ଚିଡ୍ରେଶ୍ୱର ଗହୀରରେ ପଶି ପ୍ରାୟ ୧୦ ଏକର ଫସଲ ନଷ୍ଟ କରିଛନ୍ତି। ସ୍ଥାନୀୟ ଲୋକେ ଏକତ୍ରିତ ହୋଇ ହାତୀପଲକୁ ଘଉଡ଼େଇବାରୁ ସେମାନେ ପେପର ମିଲ୍ର ଭଙ୍ଗା ପାଚେରୀ ଡେଇଁ ନିକଟସ୍ଥ ଜଙ୍ଗଲ ଭିତରକୁ ପଳାଇ ଯାଇଛନ୍ତି। ହାତୀମାନେ ପାଇକରାପୁରର ପ୍ରଭାକର ବେହେରା, ଜେନା ପାଟଣାର ବୈରାଗୀ ସାମଲ, ସଚ୍ଚି ସାମଲ, ଚିଡ୍ରେଶ୍ୱରର ଅଭି ସାହୁ, ପରିକ୍ଷୀତ ସାହୁ, ଗୋଡିପାଟଣାର ରମାକାନ୍ତ ବେହେରାଙ୍କ ଫସଲ ନଷ୍ଟ କରିବା ସହ ଧାନ ଖାଇଥିବା ଜଣାପଡିଛି। ଚୌଦ୍ୱାର ବନ ବିଭାଗ ପକ୍ଷରୁ ୧୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଗାଡି, ଲାଇଟ୍, ବାଣ ସହାୟତାରେ ବିଭିନ୍ନ ସ୍ଥାନରେ ଜଗି ରହିବା ସହିତ ହାତୀମାନଙ୍କୁ ଘଉଡେଇବା ବ୍ୟବସ୍ଥା କରୁଥିବା ବନପାଳ ରବି ନାରାୟଣ ମହାନ୍ତି ସୂଚନା ଦେଇଛନ୍ତି। ଚନ୍ଦକା ଜଙ୍ଗଲରୁ ଆସିଥିବା ଏହି ହାତୀପଲ ୩ ଭାଗରେ ବିଭକ୍ତ ହୋଇ ପାଇକରାପୁର, ମହାନଦୀର ନନ୍ଦୀକେଶରୀ ପଠା ଓ ଛତିଶା ନିକଟରେ ରହିଥିବାବେଳେ ସେମାନଙ୍କୁ ଠାବ କରାଯାଇଛି ବୋଲି ବନପାଳ ମହାନ୍ତି କହିଛନ୍ତି।

# ରେଭେନ୍ସା କୁଳପତିଙ୍କୁ ବି.କେ ବଚୱତ ସ୍ମାରକୀ ଆଜୀବନ ସମ୍ମାନ

**କଟକ ଅଫିସ, ୨୯।୧୦**




ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ଇଶାନ ପାତ୍ରଙ୍କୁ ସମ୍ମାନିତ କରାଯାଉଛି।

ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଇଶାନ କୁମାର ପାତ୍ରଙ୍କୁ ମିଳିଛି ମର୍ଯ୍ୟାଦାଜନକ ବି.କେ ବଚୱତ ସ୍ମାରକୀ ଆଜୀବନ ସମ୍ମାନ। ଇଣ୍ଡିଆନ ଏକାଡେମୀ ଅଫ ନ୍ୟୁରୋସାଇନ୍ସ(ଆଇଏଏନ୍) ପକ୍ଷରୁ ସୋମବାର ବାର୍ଷିକ ସାଧାରଣ ପରିଷଦ ବୈଠକ ଓ ସ୍ୱତନ୍ତ୍ର ଉତ୍ସବ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ନାୟୁ ବିଜ୍ଞାନ କ୍ଷେତ୍ରରେ ଗବେଷଣା କରିଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପାତ୍ରଙ୍କୁ ଆଇଏଏନ୍ ସମ୍ବର୍ଦ୍ଧିତ କରିଛି। ବିଭିନ୍ନ ବର୍ଗରୁ କୁଳପତି ପାତ୍ରଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ସୂଚନାଥାଉ କି, ପ୍ରଫେସର ବି.କେ ବଚୱତ ଆଇଏଏନ୍ର ପୂର୍ବତନ ସଭାପତି ତଥା ଭାରତର ଜଣେ ପ୍ରତିଷ୍ଠିତ ସ୍ନାୟୁ ବିଜ୍ଞାନୀ। ଭୁବନେଶ୍ୱରର ବିଜେବି କଲେଜରୁ ପ୍ରାଣୀ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ପ୍ରଫେସର ପାତ୍ର ହରିୟାଣାର କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର, ଏମ୍ଫିଲ ଓ ପିଏଚ୍ଡି ପାଠ୍ୟକ୍ରମ ଶେଷ କରିଥିଲେ। ପରେ ଭାରତରେ ପ୍ରଥମଥର ନିମନ୍ତେ ସ୍ନାୟୁ ବିଜ୍ଞାନ ପାଠ୍ୟକ୍ରମ ଖୋଲିଥିବା ମଧ୍ୟପ୍ରଦେଶର ଜିୱାଜି ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ ଓ ଗବେଷଣା ଆରମ୍ଭ କରିଥିଲେ। ନ୍ୟାଶନାଲ ଏକାଡେମୀ ଅଫ ସାଇନ୍ସ, ଇଣ୍ଡିଆନ ଏକାଡେମୀ ଅଫ ନ୍ୟୁରୋସାଇନ୍ସ ସମେତ ଅନ୍ତର୍ଜାତୀୟ ସ୍ତରରୁ ମଧ୍ୟ ପ୍ରଫେସର ପାତ୍ର ସମ୍ମାନିତ ହୋଇଛନ୍ତି। ୧୫ଟି ପ୍ରମୁଖ ରିସର୍ଚ୍ଚ ପେପର ଶେଷ କରିଥିବାବେଳେ ଜାତୀୟ, ଅନ୍ତର୍ଜାତୀୟ ସ୍ତରର ଜର୍ନାଲରେ ୮୫ଟି ସନ୍ଦର୍ଭ ଉପସ୍ଥାପନ କରିଛନ୍ତି। ଜୈବ ବିଜ୍ଞାନ ଓ ସ୍ନାୟୁ ବିଜ୍ଞାନ କ୍ଷେତ୍ରରେ ୨୩ଟି ଜାତୀୟ ସ୍ତରର ସେମିନାର ମଧ୍ୟ ଆୟୋଜନ କରିଛନ୍ତି ପ୍ରଫେସର ପାତ୍ର। ଏହି ସମ୍ମାନ ନିମନ୍ତେ ସେ ନିଜ ପରିବାର ସଦସ୍ୟ ଓ ସହକର୍ମୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସ୍ୱାମୀଙ୍କ ମୃତଦେହ ସତ୍କାର ପାଇଁ ମଙ୍ଗଳସୂତ୍ର ବିକିଲେ ସ୍ତ୍ରୀ

କଟକ ଅଫିସ, ୨୯।୧୦:ସ୍ୱାମୀଙ୍କ ମୃତଦେହ ସତ୍କାର ପାଇଁ ଜଣେ ସ୍ତ୍ରୀଙ୍କୁ ୪୦୦ ଟଙ୍କାରେ ନିଜର ରୂପା ମଙ୍ଗଳସୂତ୍ର ବିକ୍ରି କରିବାକୁ ପଡ଼ିଛି। ଏହି ଖବର ପାଇବା ପରେ ସାମାଜିକ କର୍ମୀ ଅଭିମନ୍ୟୁ ଦାସ ନିଜ ଉଦ୍ୟମରେ ଖାନ୍ନଗର ମଶାଣୀରେ ମୃତଦେହ ସତ୍କାର କରିଛନ୍ତି। ଖୋର୍ଦ୍ଧା ଜିଲା ପଦନପୁର ଅଞ୍ଚଳର କାବୁଲି ନାୟକ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହ ଲାଗିଥିଲା। ଏହାକୁ ନେଇ ୧୮ ଦିନ ତଳେ କାବୁଲି ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଚିକିତ୍ସା ପାଇଁ ଏସ୍ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ କାବୁଲିଙ୍କର ମୃତ୍ୟୁ ଘଟିଥିଲା। କାବୁଲିଙ୍କ ପରିବାର କହିଲେ, ସ୍ତ୍ରୀ ମିତା, ପୁଅ ରାହୁଲ (୭) ଓ ଗଣେଶ (୫)। ପାଖରେ ଅର୍ଥ ନ ଥିବାରୁ ମିତା ରବିବାର ଗାଁକୁ ଯାଇଥିଲେ। ସେଠାରେ ଅର୍ଥ ସଂଗ୍ରହ କରିବାରେ ବିଫଳ ହେବାରୁ ନିଜର ମଙ୍ଗଳସୂତ୍ରକୁ ବିକ୍ରି କରି ସ୍ୱାମୀଙ୍କ ମୃତଦେହ ସତ୍କାର ପାଇଁ କଟକ ଫେରିଥିଲେ। ଏହି ଖବର ଅଭିମନ୍ୟୁ ପାଇବା ପରେ ସୋମବାର କାବୁଲିଙ୍କ ମୃତଦେହକୁ ଖାନ୍ନଗର ମଶାଣିରେ ଦାହ କରିଛନ୍ତି।

## ଛାତ୍ର ସଂସଦ ନିର୍ବାଚନ ଦାବିରେ ବିକ୍ଷୋଭ




ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଛାତ୍ର କଂଗ୍ରେସର ପ୍ରତିନିଧିମାନେ।

**କଟକ ଅଫିସ,୨୯।୧୦**

ରାଜ୍ୟ ଛାତ୍ର କଂଗ୍ରେସ ପକ୍ଷରୁ ଛାତ୍ର ସଂସଦ ନିର୍ବାଚନ କରିବା ଦାବିରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କଟକ ଜିଲାପାଳଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସଂଯୋଜକ ନିରଞ୍ଜନ ଦାସଙ୍କ ନେତୃତ୍ୱରେ ସହରର ସମସ୍ତ ମହାବିଦ୍ୟାଳୟର ଛାତ୍ର କଂଗ୍ରେସ ସମର୍ଥିତ ଆଶାୟୀ ପ୍ରାର୍ଥୀ ଯୋଗଦେଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଛାତ୍ର ସଂସଦ ନିର୍ବାଚନ ଗତ ୧୧ତାରିଖରେ ହେବାକୁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଘୋଷଣା ହୋଇଥିଲା। ମାତ୍ର ତିତଲି ବାତ୍ୟା ଯୋଗୁ ଏହାର ପୂର୍ବଦିନ ଅର୍ଥାତ ୧୦ ତାରିଖରେ ନିର୍ବାଚନକୁ ବାତିଲ କରାଯାଇଥିଲା। ଏହି ନିଷ୍ପତ୍ତିକୁ ସମର୍ଥନ ଦିଆଯାଇଥିଲା, ମାତ୍ର ପରବର୍ତ୍ତୀ ସମୟରେ ନିର୍ବାଚନ କାହିଁକି କରାଯାଉନାହିଁ ବୋଲି ସଂଯୋଜକ ନିରଞ୍ଜନ ପ୍ରଶ୍ନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅଲେଖ କୁମାର ବେଉରା, ବିକି ଚକ୍ରବର୍ତ୍ତୀ, ଦେବାଶିଷ ମହାପାତ୍ର, ବ୍ରଜଭୂଷଣ ସାହୁ, ରଶ୍ମିରଞ୍ଜନ ପରିଡ଼ା, ବିଶ୍ୱଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର: ଯୁବକ କୋର୍ଟ ଚାଲାଣ

**ଟାଙ୍ଗୀ(କଟକ)୨୯।୧୦(ଡି.ଏନ୍.ଏ.)**

ଟାଙ୍ଗୀ ଥାନା ଅଞ୍ଚଳର ୧୨ ବର୍ଷୀୟା ଜନୈକା ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିବା ଘଟଣାରେ ସ୍ଥାନୀୟ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ଘନ ପିଙ୍ଗୁଆ। ଏ ନେଇ ଥାନାରେ ଆଇପିସିର ଦଫା ୩୭୬ଡି(ଏ) ଓ ପୋକ୍ସୋ ଆଇନ୍ ୬ ଧାରାରେ ଏକ ମାମଲା(ନଂ.୨୦୦/୧୮) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ନାବାଳିକା ଜଣଙ୍କ ଆଦିବାସୀ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ସ୍ଥାନୀୟ ଏକ ଆବାସିକ ବିଦ୍ୟାଳୟର ୫ମ ଶ୍ରେଣୀରେ ପଢନ୍ତି। ଛୁଟିରେ ସେ ଘରକୁ ଆସିଥିଲେ। ଘରେ ଥିବାବେଳେ ଘନଙ୍କ ଖରାପ ନଜର ତାଙ୍କ ଉପରେ ପଡିଥିଲା। ଗତ ୧୯ ତାରିଖ ଅପରାହ୍ନରେ ନାବାଳିକା ଘରେ ଏକୁଟିଆ ଥିବାର ସୁଯୋଗ ନେଇ ଘନ ତାଙ୍କୁ ଅପହରଣ କରିନେଇଥିଲେ। ଗତ ୨୦ ତାରିଖ ସକାଳ ସୁଦ୍ଧା ନାବାଳିକା ଘରକୁ ନ ଫେରିବାରୁ ତାଙ୍କ ମା' ଥାନାରେ ପହଞ୍ଚି ଘନ ଅପହରଣ କରି ନେଇଥିବା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ସେହି ରାତିରେ ନାବାଳିକା ଘରକୁ ଫେରି ଘନ ତାଙ୍କୁ ବଳାତ୍କାର କରିଥିବା ସମ୍ପର୍କରେ ମା'ଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ପରିବାର ଲୋକେ ପଚାରିବାରୁ ଘନଙ୍କ ପରିବାର ସଦସ୍ୟ ସେମାନଙ୍କୁ ଧମକ ଦେବା ସହ ଘଟଣାର ଆପୋସ ବୁଝାମଣା ପାଇଁ ଉଦ୍ୟମ କରିଥିଲେ। ହେଲେ ଏଥିରେ ନାବାଳିକାଙ୍କ ପରିବାର ସଦସ୍ୟ ରାଜି ନ ହେବାରୁ ଘନଙ୍କ ପରିବାର ଲୋକେ ଗ୍ରାମବାସୀଙ୍କୁ ମତାଇ ସେମାନଙ୍କୁ ନିଆଁପାଣି ବାସନ୍ଦ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଘଟଣାର ଆପୋସ ବୁଝାମଣା ନିମନ୍ତେ ବାଧ କରି ବିଫଳ ହେବା ପରେ ପୀଡ଼ିତା ପରିବାରକୁ ଧମକ ଦେବା ସହ ନିଆଁପାଣି ବାସନ୍ଦ କରିବା ଘଟଣାରେ ଦଫା ୫୦୬ ଓ ୩୪ଧାରା ସଂଯୋଗ କରାଯାଇଥିବା ଥାନାଧିକାରୀ ବିମଳ କୁମାର ବାରିକ କହିଛନ୍ତି।

## 'ବିପର୍ଯ୍ୟୟ ସମୟରେ ସୋସିଆଲ ମିଡିଆ ଭୟ ସୃଷ୍ଟି କରୁଛି'

**କଟକ ଅଫିସ,୨୯।୧୦**

କଟକ ମହାନଗର ନିଗମ (ସିଏମ୍ସି) ପକ୍ଷରୁ ସୋମବାର ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ୧୯୯୯ ମହାବାତ୍ୟା ଓ ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଆତ୍ମାର ସଦ୍ଗତି ନିମନ୍ତେ ମହମବତି ପ୍ରଜ୍ୱଳନ କରାଯିବା ସହ ନୀରବ ପ୍ରାର୍ଥନା କରାଯାଇଥିଲା। ସୋସିଆଲ ମିଡିଆରେ ଭୁଲ ତଥ୍ୟ ପ୍ରଚାର ଯୋଗୁ ବିପର୍ଯ୍ୟୟ ସମୟରେ ଲୋକେ ଅଯଥା ଭୟଭୀତ ହେଉଛନ୍ତି। ତେଣୁ ଏଭଳି ବିଭ୍ରାନ୍ତିକର ତଥ୍ୟ ପ୍ରଚାର ନ କରି ସୋସିଆଲ ମିଡିଆରେ ସତର୍କତା ସମ୍ପର୍କରେ ଠିକ ତଥ୍ୟ ପ୍ରସାର କରିବା ଆବଶ୍ୟକ ବୋଲି କେତେଜଣ କର୍ପୋରେଟର ମତବ୍ୟକ୍ତ କରିଥିଲେ। ବିପର୍ଯ୍ୟୟ ସମୟରେ ନିଜେ ପ୍ରଥମେ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବା ସହିତ ନିଜର ପଡ଼ୋଶୀମାନଙ୍କୁ ମଧ୍ୟ ଏ ଦିଗରେ ସହଯୋଗ କରିବା ଦରକାର ବୋଲି କହିଛନ୍ତି ୟୁଏନ୍ଡିପିର ରାଜ୍ୟ ମୁଖ୍ୟ ଆଭା ମିଶ୍ର। ସେହିଭଳି ସହରରେ ଜଳବନ୍ଦୀ ନ ହେବା ପାଇଁ ଜନସାଧାରଣ ନିଜେ ନାଳ, ନର୍ଦ୍ଦମାର ତଦାରଖ କରିବା ଆବଶ୍ୟକ ବୋଲି ମେୟର ମୀନାକ୍ଷୀ ବେହେରା କହିଛନ୍ତି। ନାଳ, ନର୍ଦ୍ଦମାଗୁଡିକର ସଫେଇ ଦାୟିତ୍ୱ ସିଏମ୍ସିର ହୋଇଥିବାବେଳେ ଏହାକୁ ଅଳିଆ, ଆବର୍ଜନାରେ ନ ପୋତିବା, ନିର୍ଗତ ଆବର୍ଜନାଗୁଡ଼ିକ ଯଥାସ୍ଥାନରେ ପକାଇବା ଦରକାର ବୋଲି କମିଶନର ଶରତ ଚନ୍ଦ୍ର ନାୟକ କହିଛନ୍ତି। କାର୍ଯ୍ୟକ୍ରମରେ ମେୟର ବେହେରା ପୌରୋହିତ୍ୟ କରିଥିବା ବେଳେ ସିଏମ୍ସିର ସମସ୍ତ ଅଧିକାରୀ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଓ କର୍ପୋରେଟର ଯୋଗଦେଇଥିଲେ।

## ଚୌଦ୍ୱାର ଜେଲରୁ ବାହାରିଲେ ୩୮ ଅଭିଯୁକ୍ତ

ଚୌଦ୍ୱାର, ୨୯।୧୦(ଡି.ଏନ୍.ଏ.): ଓକିଲମାନଙ୍କର କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ କୋର୍ଟ ବନ୍ଦ ରହିଛି। ଫଳରେ ବିଭିନ୍ନ ଆପରାଧିକ ଘଟଣାରେ ଗିରଫ ହେଉଥିବା ଅଭିଯୁକ୍ତମାନଙ୍କ ମାମଲାର ଶୁଣାଣି ହୋଇପାରୁନାହିଁ। ଜାମିନ୍ ନ ମିଳିବା ଯୋଗୁ ରାଜ୍ୟର ବିଭିନ୍ନ ଜେଲ୍ରେ କଏଦୀଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଛି। ଉକ୍ତ ସମସ୍ୟାକୁ ଆଖି ଆଗରେ ରଖି ଜେଲଗୁଡ଼ିକୁ ଯାଇ କଏଦୀମାନଙ୍କର ଜାମିନ୍ ବ୍ୟବସ୍ଥା କରିବାକୁ ହାଇକୋର୍ଟ ତରଫରୁ ଜିଲା ଜଜ୍ମାନଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ତଦନୁଯାୟୀ, ସୋମବାର ଚୌଦ୍ୱାର ଜେଲ୍ରେ ରହୁଥିବା ୫୬ ଜଣ କଏଦୀଙ୍କର ଜାମିନ୍ ମଞ୍ଜୁର କରାଯାଇଛି। ଜିଲା ଦୌରାଜଜ୍ ସତ୍ୟ ନାରାୟଣ ମିଶ୍ର, ଏସ୍ଡିଜେଏମ ଶୀତିକଣ୍ଠ ପ୍ରଧାନ, ଜେଏମ୍ଏଫସି ବର୍ଷା ଶର୍ମା ଚୌଦ୍ୱାର ଜେଲରେ ପହଞ୍ଚି ମୋଟ୍ ୫୬ ଜଣଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଜାମିନ୍ ପ୍ରଦାନ କରିଥିଲେ। ସୋମବାର ସେମାନଙ୍କ ମଧ୍ୟରୁ ୩୮ ଜଣଙ୍କୁ ଛଡାଯାଇଛି।

## ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚର ବିକ୍ଷୋଭ

**ଟାଙ୍ଗୀ(କଟକ)୨୯।୧୦ (ଡି.ଏନ୍.ଏ.):**

ଭୂମିହୀନଙ୍କୁ ଜମି ଓ ବାସଗୃହ ଯୋଗାଣ ଦାବିରେ ବସ୍ତିବାସିନ୍ଦା ମିଳିତ ମଞ୍ଚ ଟାଙ୍ଗୀ-ଚୌଦ୍ୱାର ଆଞ୍ଚଳିକ କମିଟି ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଗଣ ବିକ୍ଷୋଭ ଓ ସାଧାରଣ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ସେକ୍ ଅବ୍ଦୁଲ୍ଲାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ବରିଷ୍ଠ ଆଇନଜୀବୀ ହେମେନ୍ଦ୍ର ସାମଲ ଯୋଗଦେଇ ଭୂମିହୀନଙ୍କ ସମସ୍ୟା ଉପସ୍ଥାପନ କରିଥିଲେ। ବାରମ୍ବାର ଦାବିପରେ ୧୯୫୨ ମସିହା ଭୂ-ସଂସ୍କାର ଆଇନ୍ ଅନୁଯାୟୀ ଯୋଗ୍ୟ ବିବେଚିତ ହିତାଧିକାରୀମାନଙ୍କୁ ଜମିପଟ୍ଟା ଯୋଗାଇ ଦିଆଯାଉନାହିଁ। ଫଳରେ ଶତାଧିକ ପରିବାର ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି ବୋଲି ସାମଲ କହିଥିଲେ। ଅଶୋକ ସାମଲ, ରାମଚନ୍ଦ୍ର ମଲ୍ଲିକ, ସେକ୍ ଇମାମଉଦ୍ଦିନ୍, ଗୋରା ଖାନ୍, ଗୋପୀନାଥ ମଲ୍ଲିକ, କାଞ୍ଚନ ଦେଇ, ସନାତନ ସାହୁ, ଦିଲୀପ କୁମାର ମଲ୍ଲିକ, ତ୍ରିଲୋଚନ ସାମଲ ଓ ଅବ୍ଦୁଲ ଜମିଲ ପ୍ରମୁଖ ସରକାରୀ ବ୍ୟବସ୍ଥାକୁ ସମାଲୋଚନା କରିଥିଲେ। ବିଡ଼ିଓଙ୍କ ଅନୁପସ୍ଥିତିରେ ମଞ୍ଚ ପକ୍ଷରୁ ଏକ ସ୍ମାରକପତ୍ର ବ୍ଲକ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା।

## ଅଜଗର ଉଦ୍ଧାର ପାଇଁ ଅଢେଇ ଘଣ୍ଟା

**କଟକ ଅଫିସ,୨୯।୧୦**

କଟକସ୍ଥିତ ପ୍ରତାପନଗରୀ ୱାଲମୀ କଲୋନୀଠାରେ ଏକ ୧୧ ଫୁଟ ଓ ୨୫କେଜି ଓଜନର ଇଣ୍ଡିଆନ ରକ ପାଇଥନ ପ୍ରଜାତିର ଅଜଗରକୁ ଉଦ୍ଧାର ସମୟରେ ଅଢେଇ ଘଣ୍ଟା ନାକେଦମ ହେବାକୁ ପଡିଛି ବୋଲି କହିଛନ୍ତି ସ୍ନେକ ରେସ୍କ୍ୟୁ ତଥା ପିପୁଲ ଫର ଆନିମଲ୍ସର ସଦସ୍ୟ ଶୁଭେନ୍ଦୁ ସ୍ୱାଇଁ। ୱାଲମି କଲୋନୀଠାରେ ଏହି ଅଜଗର ରାସ୍ତା ଅତିକ୍ରମ କରୁଥିବା ଶୁଭେନ୍ଦୁ ଦେଖିବା ପରେ ଉଦ୍ଧାର ପାଇଁ ନିଜ ଟିମ୍ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ପରେ ଅପରାହ୍ନ ୩ଟାରୁ ଆରମ୍ଭ ହୋଇଥିଲା ଅପରେଶନ ଅଜଗର ଉଦ୍ଧାର। ଏହି ଅଜଗର ଉଦ୍ଧାରବେଳେ କାମୁଡିବାକୁ ଅନେକ ଥର ପ୍ରୟାସ କରିବା ସହ ସେଠାରେ ଥିବା ଏକ ବୁଦା ଭିତରକୁ ପଶିଯିବାକୁ ଉଦ୍ୟମ କରିଥିଲା। ଏହାକୁ କାବୁ କରିବା ସେତେ ସହଜ ମଧ୍ୟ ହୋଇ ନ ଥିଲା। କାହିଁକି ନା ଦୁର୍ଭାଗ୍ୟ ବଶତଃ ଏହି ସାପ ଯଦି ଗୁଡେଇ ହୋଇଯାଏ ତେବେ ଶରୀରର ହାଡ ଭାଙ୍ଗିଦେବାର ମଧ୍ୟ ଏହି ଅଜଗର କ୍ଷମତା ରଖୁଛି ବୋଲି ଶୁଭେନ୍ଦୁ କହିଛନ୍ତି। ରେସ୍କ୍ୟୁ ଟିମ୍ର ସଦସ୍ୟମାନେ ସର୍ତ୍କତାର ସହ ଏହି ଅଜଗରକୁ ଅପରାହ୍ନ ପ୍ରାୟ ସାଢେ ୫ଟାରେ କାବୁ କରି ଏକ ଅଖା ଭିତରେ ପୁରାଇଥିଲେ। କିଛିଦିନ ତଳେ ଏହି ଅଜଗର ଏକ ଛୋଟ ବାଛୁରିକୁ ଗିଳି ଦେଇଥିବା ଆଖପାଖର କିଛି ଲୋକ କହିଛନ୍ତି। ଏହି ସମାନ ଅଞ୍ଚଳରୁ ପୂର୍ବରୁ ଦୁଇଟି ଆହତ ଅଜଗରକୁ ଉଦ୍ଧାର କରିସାରିଛନ୍ତି ଶୁଭେନ୍ଦୁ। ସେ କହିଛନ୍ତି, ଅନେକ ସମୟରେ ଲୋକେ ସାପକୁ ଘଟଣାସ୍ଥଳରେ ମାରି ଦେଉଥିବା ଘଟଣା ନଜର ରହିଛି। ଆଖପାଖରେ ସାପ ଦେଖିଲେ ଭୟଭୀତ ନ ହୋଇ ସ୍ନେକ ହେଲ୍ପଲାଇନ କିମ୍ବା ବନବିଭାଗ କର୍ମଚାରୀଙ୍କୁ ଖବର ଦେଲେ ଏକ ବନ୍ୟପ୍ରାଣୀର ଜୀବନ ବଞ୍ଚିବା ସହ ଲୋକଙ୍କ ସମସ୍ୟା ଦୂର ହୋଇପାରିବ। ସ୍ନେକ୍ ରେସ୍କ୍ୟୁ ସମୟରେ ତାହାକୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ଓ ତାକୁ ନେଇ କୌଣସି ପ୍ରକାର ଷ୍ଟଣ୍ଟ ଦେଖାଇବା ବନ୍ୟପ୍ରାଣୀ ଆଇନ ଅନୁଯାୟୀ ଏକ ଗୁରୁତର ଅପରାଧ। ତେଣୁ ପ୍ରାଣୀଙ୍କୁ ପ୍ରତ୍ୟେକ ମଣିଷ ଭଲ ପାଇବା ଉଚିତ। ଦଶବର୍ଷ ଧରି ସ୍ନେକ ରେସ୍କ୍ୟୁ କାମ କରୁଥିବା ଶୁଭେନ୍ଦୁ ଏଯାବତ ୮ ହଜାରରୁ ଅଧିକ ବିଭିନ୍ନ ପ୍ରଜାତିର ସାପ ଉଦ୍ଧାର କରିସାରିଥିବା କହିଛନ୍ତି। ସୋମବାର ଉଦ୍ଧାର ଅଜଗରକୁ ନୂଆପଡ଼ାସ୍ଥିତ ରେଞ୍ଜ ଅଫିସକୁ ଆଣି ଫରେଷ୍ଟରଙ୍କ ଜିମା ଦିଆଯାଇଥିଲା। ଅଜଗରର ସ୍ୱାସ୍ଥ୍ୟପରୀକ୍ଷା କରିବା ପରେ ଫରେଷ୍ଟର ସୀତାକାନ୍ତ ବେହେରାଙ୍କ ସହାୟତାରେ ଡମଡମଣୀ ନିକଟସ୍ଥ ଏକ ଜଙ୍ଗଲରେ ଛଡାଯାଇଛି।




ଉଦ୍ଧାର ଅଜଗର।

- ରାଫାଲ କିଣାରେ ଦୁର୍ନୀତି ଅଭିଯୋଗ

# ସିପିଏମ୍ର ଗଣସ୍ୱାକ୍ଷର ସଂଗ୍ରହ ଅଭିଯାନ

**କଟକ ଅଫିସ, ୨୯।୧୦**




କଟକ କଲେଜ ଛକ ନେତାଜୀ ପ୍ରତିମୂର୍ତ୍ତି ସାମ୍ନାରେ ଗଣସ୍ୱାକ୍ଷର ସଂଗ୍ରହ କାର୍ଯ୍ୟକ୍ରମ।

ରାଫାଲ ଯୁଦ୍ଧବିମାନ କିଣାରେ ଦୁର୍ନୀତି ହୋଇଛି। ଏହାର ପର୍ଦ୍ଦାଫାଶ କରିବା ପାଇଁ ସିପିଏମ୍ ପକ୍ଷରୁ ସୋମବାର ଏକ ଗଣସ୍ୱାକ୍ଷର ଅଭିଯାନ କଟକରୁ ଆରମ୍ଭ କରାଯାଇଛି। ଏଥିସହିତ ଦଳ ପକ୍ଷରୁ ରାଫାଲ ବିମାନ କିଣା ନେଇ ପ୍ରଧାନମନ୍ତ୍ରୀଙ୍କୁ କେତେକ ପ୍ରଶ୍ନ ପଚରାଯାଇଛି।

ପ୍ରଥମତଃ ବିମାନର ଦାମ ୫୭୦ କୋଟିରୁ ୧୬୭୦ କୋଟି ଟଙ୍କା କାହିଁକି ହେଲା? ଦ୍ୱିତୀୟତଃ ୧୨୬ଟି ବିମାନ ବଦଳରେ ମାତ୍ର ୩୬ଟି କାହିଁକି କିଣା ହେବ? ତୃତୀୟତଃ ରାଷ୍ଟ୍ରାୟତ୍ତ ସଂସ୍ଥା ହାଲ୍ ବଦଳରେ ଅମ୍ବାନୀ କାହିଁକି ଠିକା ପାଇଲେ? ଚତୁର୍ଥତଃ କେନ୍ଦ୍ର ସରକାର ସଂସଦୀୟ ତଦନ୍ତ ପାଇଁ କାହିଁକି ଅମଙ୍ଗ? ଏହି ସବୁ ପ୍ରଶ୍ନ ଉପରେ ସିପିଏମ୍ ପକ୍ଷରୁ କଲେଜ ଛକ ନେତାଜୀ ପ୍ରତିମୂର୍ତ୍ତି ସାମ୍ନାରେ ଗଣସ୍ୱାକ୍ଷର ସଂଗ୍ରହ କରାଯାଇଥିଲା। ସେଠାରେ ଅନୁଷ୍ଠିତ ସଭାରେ ଜିଲା ସମ୍ପାଦକ ବଦ୍ରି ନାରାୟଣ ଦାଶ, ନଗର ସମ୍ପାଦକ ପ୍ରତାପ ମହାପାତ୍ର, ବରିଷ୍ଠ ନେତା ରବିନାରାୟଣ ମଲ୍ଲିକ, ଇଂ. ମନମୋହନ ପତି ପ୍ରମୁଖ ରାଫାଲ୍ କେଲେଙ୍କାରୀ ସ୍ୱାଧୀନ ଭାରତ ବର୍ଷର ସବୁଠାରୁ ବଡ଼ ପ୍ରତିରକ୍ଷା ଦୁର୍ନୀତି ବୋଲି ବର୍ଣ୍ଣନା କରି ଏହାକୁ ଘଷ୍ଟ ଘୋଡାଉଥିବା କେନ୍ଦ୍ର ସରକାରକୁ ହଟାଇବା ପାଇଁ ଜନ ଆନ୍ଦୋଳନ ଗଢି ତୋଳିବାକୁ ଆହ୍ୱାନ ଦେବା ସହିତ ଏକ ପଥପ୍ରାନ୍ତ ସଭା କରିଥିଲେ।

- ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି, ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ

# 'ସାମାଜିକ ଗଣମାଧ୍ୟମ ସହଯୋଗରେ ବିପର୍ଯ୍ୟୟର କ୍ଷୟକ୍ଷତିକୁ ହ୍ରାସ କରାଯାଇପାରୁଛି'

**କଟକ ଅଫିସ, ୨୯।୧୦**

ସମୟ ବଦଳିବା ସହିତ ବିପର୍ଯ୍ୟୟ ମୁକାବିଲା କରିବାର କୌଶଳ ବଦଳିଛି। ବର୍ତ୍ତମାନ ପରିସ୍ଥିତିରେ ହ୍ୱାଟସ ଅପ୍, ଫେସବୁକ୍ ଓ ଟୁଇଟର ଆଦି ସାମାଜିକ ଗଣମାଧ୍ୟମରେ ଜନସାଧାରଣ ସକ୍ରିୟ ରହୁଥିବାରୁ କୌଣସି ପରିସ୍ଥିତିରେ ବିପର୍ଯ୍ୟୟ ଘଟିଲେ ଏହାକୁ ବହୁ ପରିମାଣରେ ହ୍ରାସ କରାଯାଇପାରୁଛି ବୋଲି ପ୍ରଶାସନିକ ଅଧିକାରୀମାନେ କହିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ଯେକୌଣସି ସମୟରେ ଦେଖାଦେଇପାରେ। ତେଣୁ ସାଧାରଣ ଲୋକେ ନିଜେ ପ୍ରସ୍ତୁତ ରହିବା ସହିତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପରସ୍ପରକୁ ସାହାଯ୍ୟ କରିବାକୁ ଅଧିକାରୀମାନେ ପରାମର୍ଶ ଦେଇଛନ୍ତି। ସୋମବାର ପୂର୍ବାହ୍ନରେ ଜିଲା ରେଡ୍କ୍ରସ୍ ଭବନ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ଓଡିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ତଥା ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଯାଇଛି। ଜିଲା ଜରୁରିକାଳୀନ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ କଟକ ଜିଲା ଜରୁରୀ ଅଧିକାରୀ ପ୍ରବୋଧ କୁମାର ରାଉତ ଅଧ୍ୟକ୍ଷତା କରି କହିଲେ, ବିପର୍ଯ୍ୟୟ ମୁକାବିଲା ନିମନ୍ତେ ପୂର୍ବ ଓ ପର ପ୍ରସ୍ତୁତି ଅତ୍ୟନ୍ତ ଜରୁରୀ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ରାଉତ ବିପର୍ଯ୍ୟୟ ପ୍ରଶମନ ପାଇଁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ କଟକ ସଦର ବିଡିଓ ଦେବାଶିଷ ପଟ୍ଟନାୟକ, ସାଲେପୁର ବିଡିଓ ଶିବବ୍ରତ ଘୋଷ, ତହସିଲଦାର ପଦ୍ମଜା ଦାଶ, ନିର୍ବାହୀ ଯନ୍ତ୍ରୀ (ଜନସ୍ୱାସ୍ଥ୍ୟ) ସୁଶାନ୍ତ ଘଡେଇ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। ସହକାରୀ ଜିଲାପାଳ ସ୍ମିତା ରଥ ଧନ୍ୟବାଦ ଦେଇଥିଲେ।



ଯେଉଁମାନେ ଲୋକଙ୍କର ମଙ୍ଗଳ ପାଇଁ କାମ କରିଯାଉଥାନ୍ତି, ସେମାନେ କେବେହେଲେ ଅନ୍ୟମାନଙ୍କର ପ୍ରଶଂସା ପାଇଁ ଅପେକ୍ଷା ରଖନ୍ତି ନାହିଁ।
-ସିଡ୍‌ନୀ ସେଲ୍‌ଡନ୍



## ସଂକ୍ଷେପରେ

### ପୁରୀ ହିଂସା, ଜଣେ ଗିରଫ

**ପୁରୀ ଅଫିସ,୨୯।୧୦:** ପୁରୀ ହିଂସା ଘଟଣାରେ ସୋମବାର ଟାଉନ ଥାନା ପୋଲିସ ହରଚଣ୍ଡୀ ସାହିର କାର୍ତ୍ତିକ ସାହୁଙ୍କୁ ଗିରଫ କରିଛି। ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଘରେ ଭଙ୍ଗାରୁଜା ଘଟଣାରେ ତାଙ୍କୁ ଗିରଫ କରାଯାଇଥିବା ଜଣାପଡିଛି। ବର୍ତ୍ତମାନ ସୁଦ୍ଧା ପୁରୀ ହିଂସା ଘଟଣାରେ ମୋଟ ୧୦୭ ଜଣ ଗିରଫ ହେଲେଣି। ସିଂହଦ୍ୱାର ଥାନାରେ ରୁଜୁ ହୋଇଥିବା ମାମଲାଗୁଡ଼ିକରେ ୫୬ ଜଣ ଗିରଫ ହୋଇଥିବା ବେଳେ ଟାଉନ ଥାନାରେ ରୁଜୁ ମାମଲାଗୁଡ଼ିକରେ ୫୧ ଜଣ ଗିରଫ ହୋଇଥିବା ଜଣାପଡିଛି।

### ଶ୍ରୀମନ୍ଦିର ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି

**ପୁରୀ ଅଫିସ,୨୯।୧୦:** ଶ୍ରୀମନ୍ଦିର ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୧ଟାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ମୁଖ୍ୟ ପ୍ରଶାସକ ଅଧକ୍ଷତା କରିବେ। ଏଥିରେ ଶ୍ରୀମନ୍ଦିର ସଂସ୍କାର ନେଇ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ। ବୈଠକରେ ଜିଲାପାଳ, ଏସ୍‌ପିଙ୍କ ସମେତ ପରିଚାଳନା କମିଟିର ସେବାୟତ ସଦସ୍ୟମାନେ ଯୋଗଦେବେ ବୋଲି ଜଣାପଡିଛି। ବର୍ତ୍ତମାନ କାର୍ତ୍ତିକ ମାସ ଚାଲିଥିବା ବେଳେ ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ହେଉଛି। ତେଣୁ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ସମ୍ପର୍କରେ ମଧ ବୈଠକରେ ଆଲୋଚନା ହୋଇପାରେ ବୋଲି କୁହାଯାଉଛି।

### ବିନାୟକ ଦାସମହାପାତ୍ର ପିସିସି ମୁଖପାତ୍ର ନିଯୁକ୍ତ

**ପୁରୀ ଅଫିସ, ୨୯।୧୦:** ଦଇତାପତି ସେବକ ତଥା ବିଶ୍ୱାବସୁ ବିନାୟକ ଦାସମହାପାତ୍ରଙ୍କୁ ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ଭାବେ ନିଯୁକ୍ତ କରିଛି। ଏନେଇ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି, ପ୍ରଦେଶ କଂଗ୍ରେସ କମିଟି ସଭାପତି, ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି, ସାଧାରଣ ସମ୍ପାଦକଙ୍କୁ ଦଇତାପତି ଦାସମହାପାତ୍ର କୃତଜ୍ଞତା ଜଣାଇଛନ୍ତି। ଆଗାମୀ ନିର୍ବାଚନରେ କେନ୍ଦ୍ରରେ ଏବଂ ଓଡ଼ିଶାରେ କଂଗ୍ରେସ ନିଶ୍ଚିତ ଭାବେ ଜୟଯୁକ୍ତ ହେବ ବୋଲି ଦାସମହାପାତ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

### ଅଧିକାରୀଙ୍କୁ ଦୁର୍ନୀତି ନିବାରଣ ଶପଥ ପାଠ କରାଇଲେ ଜିଲାପାଳ

**ପୁରୀ ଅଫିସ, ୨୯।୧୦:** ଅକ୍ଟୋବର ୨୯ରୁ ନଭେମ୍ବର ୩୦ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ପାଳନ କରାଯାଉଛି। ଏହି ଅବସରରେ ସୋମବାର ସ୍ଥାନୀୟ ଭୂ ଅର୍ଜନ ସମ୍ମିଳନୀ କକ୍ଷରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଅଧିକାରୀ ଓ କର୍ମଚାରୀମାନଙ୍କୁ ଦୁର୍ନୀତି ନିବାରଣ ଶପଥ ପାଠ କରାଇଛନ୍ତି। ଏହି ଶପଥ ପାଠରେ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ପୂର୍ବାହ୍ନରେ ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୂଚନା କେନ୍ଦ୍ର ପାଠାଗାରରେ ବକ୍ତୃତା ଓ କାର୍ଟୁନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନଭେମ୍ବର ୧ରେ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

### ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ସୋସାଇଟି ଡିଇଓ

**ପୁରୀ ଅଫିସ, ୨୯।୧୦:** ପୁରୀ ଜିଲାରେ ୨୦୬ଟି ପ୍ୟାକ୍ସ ତଥା ସେବା ସମବାୟ ସମିତି ରହିଛି। ସେଥିରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟର (ଡିଇଓ)ମାନଙ୍କୁ ନିଯୁକ୍ତି ପତ୍ର କିମ୍ବା ଉପଯୁକ୍ତ ଦରମା ଦିଆଯାଉନାହିଁ। ସୋସାଇଟି ସମ୍ପାଦକ ମନଇଚ୍ଛା ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରୁଛନ୍ତି। ପୁରୀ ଜିଲାରେ କାର୍ଯ୍ୟରତ ୫୦ରୁ ଊର୍ଦ୍ଧ୍ୱ ଡିଇଓ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି ଯେ, ୨୦୧୬ରୁ ସେମାନେ ସୋସାଇଟିରେ କାର୍ଯ୍ୟ କରି ଆସୁଛନ୍ତି। ମାସିକ ୩ହଜାର ଟଙ୍କା ଦରମା ଦିଆଯାଉଛି। ଏପରି କି ବେଳେ ବେଳେ ଅନ୍ୟାୟ ଭାବେ ଛଟେଇ କରାଯାଉଛି। ଉପଯୁକ୍ତ ଦରମା, ସ୍ଥାୟୀ ନିଯୁକ୍ତି ଓ ଛଟେଇ ହୋଇଥିବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତ କରିବାକୁ ଜିଲାପାଳଙ୍କୁ ସାକ୍ଷାତ କରି ସେମାନେ ଅନୁରୋଧ କରିଛନ୍ତି। ଦେବାଶିଷ ମୁଦୁଲି, ସବ୍ୟସାଚୀ ମହାରଣା, ଗଣେଶ ଜେନା, ଅକ୍ଷୟ ଦାସ, ବିଶ୍ୱରଞ୍ଜନ ପଣ୍ଡା ପ୍ରମୁଖ ୪୦ରୁ ଊର୍ଦ୍ଧ୍ୱ ଡିଇଓ ଜିଲାପାଳଙ୍କୁ ଅଭିଯୋଗ ପ୍ରକୋଷ୍ଠରେ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

## ■ ହବିଷିଆଳି ଆଶ୍ରୟସ୍ଥଳରୁ...

# ଶୀତ ପଡ଼ିଲା, କମ୍ବଳ ବଣ୍ଟା ହେଲା

**ପୁରୀ ଅଫିସ,୨୯।୧୦**



ଆଶ୍ରୟସ୍ଥଳୀରେ ହବିଷିଆଳିମାନେ ମହାପ୍ରସାଦ ସେବନ ପାଇଁ ବସିଛନ୍ତି।

ଶ୍ରୀକ୍ଷେତ୍ରରେ ରହି କାର୍ତ୍ତିକ ବ୍ରତ ପାଳନ କରିବା ଭାଗ୍ୟରେ ଥିଲେ ମିଳେ। ଏହି ବିଶ୍ୱାସକୁ ନେଇ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ହବିଷିଆଳି ଆସି ପୁରୁଷୋତ୍ତମ କ୍ଷେତ୍ରରେ ଏକାଠି ହୋଇଛନ୍ତି। ପ୍ରତ୍ୟୁଷରୁ ଉଠି ନିତ୍ୟକର୍ମ ସାରି ରାଧାଦାମୋଦର ପୂଜା କରୁଛନ୍ତି। ଆଧ୍ୟାତ୍ମିକ ପରିବେଶରେ ଉଚ୍ଛୁଳି ପଡୁଛି ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ରେଲୱେ କଲ୍ୟାଣ ମଣ୍ଡପ, ଜଗନ୍ନାଥ ବଲ୍ଲଭ ମଠ ପରିସର ଓ ପୌର କଲ୍ୟାଣ ମଣ୍ଡପ ଆଶ୍ରୟସ୍ଥଳ। ସଞ୍ଜ ନଇଁଲେ ତୁଳସୀ ଚଉଁରା ମୂଳେ ସଞ୍ଜବତୀ ଜାଳି ନାମ, ଜପରେ ମଜ୍ଜି ଯାଉଛନ୍ତି ବ୍ରତଧାରୀ। ପରିଣତ ବୟସରେ ଥିରି ଥିରି ପାଦରେ ମେଳି ହୋଇଯାଉଛନ୍ତି ଆକାଶ ଦୀପ ଟାଣିବାକୁ। ଏମିତି ଏକ ପାରିବାରିକ ବନ୍ଧନରେ ବାନ୍ଧି ହୋଇଗଲେଣି ଶ୍ରୀକ୍ଷେତ୍ରରେ ହବିଷିଆଳି। ସାଥୀ ହୋଇ ରହୁଛନ୍ତି ପୁଣି ମହାପ୍ରସାଦ ସେବନ କରୁଛନ୍ତି। ସନ୍ଧ୍ୟା ବେଳେ ଶୁଣୁଛନ୍ତି ଭାଗବତ ଓ ପ୍ରବଚନ। ସୋମବାର ପଞ୍ଚମ ଦିନରେ ପହଞ୍ଚିଛି କାର୍ତ୍ତିକ ବ୍ରତ। ଅନ୍ୟପକ୍ଷରେ ଲଘୁଚାପ ପ୍ରଭାବରେ କୋହଲା ପବନ ସାଙ୍ଗକୁ ସାମାନ୍ୟ ଶୀତ ବି ପଡ଼ିଛି। ତେଣୁ ମୋଚି ସାହିସ୍ଥିତ କଲ୍ୟାଣ ମଣ୍ଡପ ଆଶ୍ରୟସ୍ଥଳରେ କେତେଜଣ ହବିଷିଆଳିଙ୍କୁ କମ୍ବଳ ବଣ୍ଟା ଯାଇଛି। ମଙ୍ଗଳବାର ଅନ୍ୟମାନଙ୍କୁ ବଣ୍ଟାଯିବ ବୋଲି ଦାୟିତ୍ୱରେ ଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

**ହାତ ପକାଇ ଥା ଉଡ଼ିଯିବ**

ଅପରାହ୍ନ ପ୍ରାୟ ୫ଟା ୪୦। ଦ୍ୱିତୀଥର ପାଇଁ ମହାପ୍ରସାଦ ସେବନ କରିବାକୁ ହବିଷିଆଳିମାନେ ଧାଡ଼ି ହୋଇ ବସିଥାନ୍ତି। ସମସ୍ତଙ୍କ ଆଗରେ ପଡିଥିଲା କଦଳୀ ପତ୍ର। ଏହି ସମୟରେ କୋହଲା ପବନ ପକାଉଥିଲା। ପବନ ଟିକେ ଅଧିକ ହେଉଥିବାରୁ କେତେଜଣଙ୍କ ପତ୍ର ଉଡି ଯାଉଥିଲା। ତେଣୁ ଏହାକୁ ଦେଖି ହବିଷିଆଳି ପରସ୍ପର କଥା ହେଉଥିଲେ ପତ୍ର ଉପରେ ହାତ ପକାଇ ଥା ଉଡ଼ିଯିବ। ଏହାପରେ ମହାପ୍ରସାଦ ପରସା ଯାଇଥିଲା। ସାମାନ୍ୟ ଶୀତୁଆ ପବନରେ ଗରମ ଗରମ୍ ମହାପ୍ରସାଦ ସେବନ କରିଥିଲେ ବ୍ରତଧାରୀ।

**ଗହଳିରେ ବି ଭଲ ଲାଗୁଛି**

ପ୍ରବଳ ଗହଳି, ନିଶ୍ୱାସ ମାରିବା ବି କଷ୍ଟକର ହୋଇପଡୁଛି। କିନ୍ତୁ ଏହି ଗହଳି ଭିତରେ ରହିବାକୁ ଖୁସି ଲାଗୁଛି। ଜୀବନରେ ଏମିତି ଗହଳି ଭିତରେ ରାତି ବିତାଇବାକୁ ପଡିବ କଳ୍ପନା ବାହାରେ ଥିଲା। ହେଲେ ମହାପ୍ରଭୁଙ୍କ ଇଚ୍ଛା। ପୁରୀକୁ ଆସି ଆଶ୍ରୟସ୍ଥଳରେ ରହିବାର ସୁଯୋଗ ମିଳିଛି। ଅନ୍ୟମାନଙ୍କ ଗହଣରେ ରହିଥିବାରୁ ଖୁସି ଲାଗୁଛି। ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳରେ ରହୁଥିବା ହବିଷିଆଳିଙ୍କ ମଧ୍ୟରୁ ଜଣେ ବ୍ରତଧାରୀ ସୋମବାର ଏମିତି କହୁଥିବା ଶୁଣିବାକୁ ମିଳିଥିଲା।

**ଉଷୁମ ପାଣି ଟିକେ ମିଳନ୍ତା କି**

ହବିଷିଆଳିଙ୍କ ମଧ୍ୟରୁ କିଏ ରାତି ୩ଟାରୁ ତ ଆଉ କେହି ୪ଟାରେ ଉଠି ପଡୁଛନ୍ତି। ପାହାନ୍ତା ପହରରେ ଏମାନେ ଗାଧୋଉଛନ୍ତି। କେତେକ ଆଶ୍ରୟସ୍ଥଳରେ ପ୍ରଶାସନ ପକ୍ଷରୁ ଏମାନଙ୍କ ଗାଧୋଇବା ପାଇଁ ବ୍ୟବସ୍ଥା କରାଯାଇଛି। ତଥାପି କେତେଜଣ ତୀର୍ଥ ପୁଷ୍କରିଣୀରେ ସ୍ନାନ କରିବାକୁ ଯାଉଛନ୍ତି। ଯେହେତୁ ଭୋରୁ ଗାଧୋଉଛନ୍ତି ତେଣୁ ପାଣି ସାମାନ୍ୟ ଥଣ୍ଡା ରହୁଛି। ଅଧିକାଂଶ ପରିଣତ ବୟସରେ ପହଞ୍ଚିଥିବା ଏହି ହବିଷିଆଳିଙ୍କ ମଧ୍ୟରୁ କେହି କେହି ଉଷୁମ ପାଣି ଖୋଜୁଛନ୍ତି। ଜଗନ୍ନାଥ ବଲ୍ଲଭରେ ରହୁଥିବା ଗଞ୍ଜାମ ଜିଲାର ଜଣେ ହବିଷିଆଳି ଉଷୁମ ପାଣି ଟିକେ ମିଳିଲେ ଭଲ ହୁଅନ୍ତା ବୋଲି କହିଛନ୍ତି।

**ବିଳମ୍ବ କରୁଛି ଆମ୍ବୁଲାନ୍ସ**

ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳ। ସନ୍ଧ୍ୟା ପ୍ରାୟ ୬ଟା ବେଳେ ବ୍ରହ୍ମଗିରିର ରଙ୍ଗ ବେଓ୍ୱା (୮୩)ଙ୍କୁ ଦୁଇଜଣ ସ୍ୱେଚ୍ଛାସେବୀ ଧରି ଧରି ଆଶ୍ରୟସ୍ଥଳ ପରିସର ସ୍ୱାସ୍ଥ୍ୟସେବା କେନ୍ଦ୍ରକୁ ଆଣିଥିଲେ। ସଙ୍ଗେ ସଙ୍ଗେ ରେଡ୍‌କ୍ରସ୍ ମହିଳା ସ୍ୱେଚ୍ଛାସେବୀ ତାଙ୍କ ସେବାରେ ଲାଗି ପଡିଲେ। କିଏ ମୁଣ୍ଡରେ ଡ୍ରାଗନ ଘସି ଦେଉଥିଲେ ତ ପୁଣି କେହି ଗୋଡ଼ ତଳିପାକୁ ଜୋର୍‌ରେ ଘସୁଥିଲେ। ସେଠାରେ ଉପସ୍ଥିତ ଡାକ୍ତର ଦେଖିଥିଲେ। ବ୍ଲଡ ପ୍ରେସର ଯୋଗୁ ସେ ଅସୁସ୍ଥ ହୋଇପଡିଥିବା ଡାକ୍ତର କହିଥିଲେ। ଏହାପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ଲାଗି ଆମ୍ବୁଲାନ୍ସକୁ ଖବର ଦିଆଯାଇଥିଲା। ହେଲେ ଆମ୍ବୁଲାନ୍ସ ପ୍ରାୟ ଅଧଘଣ୍ଟାଏ ପରେ ପହଞ୍ଚିଥିଲା। ଏମିତି ଅନେକ ସମୟରେ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ କରୁଛି ବୋଲି ଦାୟିତ୍ୱରେ ଥିବା ଜଣେ କର୍ମଚାରୀ କହିଥିଲେ।

## ହସ୍ପିଟାଲରେ ୫ ହବିଷିଆଳି



ଅସୁସ୍ଥ ହବିଷିଆଳିଙ୍କୁ ଚିକିତ୍ସା ପାଇଁ ନିଆଯାଉଛି।

**ପୁରୀ ଅଫିସ, ୨୯।୧୦**

ପୁରୀରେ ରହି କାର୍ତ୍ତିକ ବ୍ରତ ପାଳନ କରିବାକୁ ଆସିଛନ୍ତି ହଜାର ହଜାର ହବିଷିଆଳି। ସରକାରଙ୍କ ପକ୍ଷରୁ ଖୋଲାଯାଇଥିବା ୪ ଆଶ୍ରୟସ୍ଥଳୀରେ ପ୍ରାୟ ଅଢେଇ ହଜାରରୁ ଊର୍ଦ୍ଧ୍ୱ ବ୍ରତଧାରୀ ରହିଛନ୍ତି। ଆଶ୍ରୟସ୍ଥଳୀରେ ରହୁଥିବା ୫ ହବିଷିଆଳି ସୋମବାର ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବେଳେ ଜଣେ ଘରକୁ ଫେରି ଯାଇଛନ୍ତି।

ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳରେ ରହୁଥିବା ପୁରୀ ଜିଲା ଗଡ଼ଖୋର୍ଦ୍ଧାର କୁନ୍ତଳତା ସ୍ୱାଇଁ(୭୨), କଣାସର ଆଶାମଣି ବେହେରା (୬୩), ବ୍ରହ୍ମଗିରିର ଶଶିମଣି ପ୍ରଧାନ (୫୬), ବ୍ରହ୍ମଗିରି ଗୌଡ଼ବନ୍ଧର ରଙ୍ଗ ବେଓ୍ୱା (୮୩) ଏବଂ ନୟାଗଡ଼ ଜିଲାର କଳରା ମହାପାତ୍ର (୬୩) ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ପତଳା ଝାଡା ହେଉଥିବା କୁନ୍ତଳତାଙ୍କୁ ସଂକ୍ରାମକ ରୋଗ ଚିକିତ୍ସାଳୟ(ଆଇଡିଏଚ୍)ରେ ଭର୍ତ୍ତି କରାଯାଇଥିବା ବେଳେ ଅନ୍ୟମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। କଳରା ମହାପାତ୍ରଙ୍କୁ ଜ୍ୱର, ଶଶିମଣି ଓ ଆଶାମଣିଙ୍କୁ ଆଜ୍‌ମା, ରଙ୍ଗଙ୍କୁ ଉଚ୍ଚ ରକ୍ତଚାପ ଯୋଗୁ ହସ୍ପିଟାଲରେ ରହି ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ସୋମବାର ଏହି ଆଶ୍ରୟସ୍ଥଳୀରୁ ଜଗତ୍‌ସିଂହପୁର ଜିଲା ବାଲିତୁଠ ଅଞ୍ଚଳର ରେବତୀ ତ୍ରିପାଠୀ (୬୮) ଘରକୁ ଫେରି ଯାଇଛନ୍ତି। ଆଶ୍ରୟସ୍ଥଳୀ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସୂଚନା ମୁତାବକ ରେବତୀଙ୍କ ହୃଦ୍‌ରୋଗ ସମସ୍ୟ ଜଣାପଡ଼ିଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କ ପରିବାର ସଦସ୍ୟଙ୍କୁ ଖବର ଦିଆଯାଇଥିଲା। ପରିବାର ଲୋକେ ପହଞ୍ଚି ତାଙ୍କୁ ଘରକୁ ନେଇ ଯାଇଛନ୍ତି। ଏମାନଙ୍କ ଛଡା ୪ ଆଶ୍ରୟସ୍ଥଳୀରୁ କେତେଜଣ ହବିଷିଆଳି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧପତ୍ର ନେଇ ଆଶ୍ରୟସ୍ଥଳୀକୁ ଫେରିଛନ୍ତି।

**ଜଣେ ଘରକୁ ଫେରିଗଲେ**

# ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ




ଏଏସ୍‌ଆଇ କର୍ମଚାରୀ ଓ ଶ୍ରମିକ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ପୁରୀ ଅଫିସ, ୨୯।୧୦**

ଶ୍ରୀମନ୍ଦିର ମରାମତି କାମରେ ନିୟୋଜିତ ଶ୍ରମିକମାନେ ଗତମାସ ୧୪ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ସ୍ଥାୟୀ ନିଯୁକ୍ତି ଏବଂ ସେମାନଙ୍କୁ ଏଏସ୍‌ଆଇ କାର୍ଯ୍ୟରେ ନିୟୋଜିତ କରୁ ବୋଲି ଦାବି କରି ଶ୍ରମିକମାନେ ସ୍ଥାନୀୟ ଏଏସ୍‌ଆଇ ପୁରୀ ଉପମଣ୍ଡଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଚଳାଇଛନ୍ତି। ହେଲେ ଏ ପର୍ଯ୍ୟନ୍ତ କେହି କିଛି ଶୁଣୁନାହାନ୍ତି। ତେଣୁ ସେମାନେ ରାଜାରାସ୍ତାକୁ ଓହ୍ଲାଇବେ ବୋଲି ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଏଏସ୍‌ଆଇ କର୍ମଚାରୀ ଓ ଶ୍ରମିକ ସଂଘ ପୁରୀ ଉପମଣ୍ଡଳ ସଭାପତି ବିରଞ୍ଚି ପାଣି କହିଛନ୍ତି ଯେ, ଏଏସ୍‌ଆଇ ଅଧୀନରେ ଶ୍ରମିକମାନେ ୧୦ରୁ ୧୫ ବର୍ଷ ହେଲା କାମ କରିଆସୁଛନ୍ତି। କିନ୍ତୁ ବିନା କାରଣରେ ଏବଂ ନୋଟିସ ନ ଦେଇ ଗତ ସେପ୍ଟେମ୍ବର ୧ରୁ ଶ୍ରମିକଙ୍କୁ ଛଟେଇ କରାଯାଇଛି। ଶ୍ରୀମନ୍ଦିରର ମରାମତି ଓ ରକ୍ଷଣାବେକ୍ଷଣ ଠିକା ସଂସ୍ଥା ଦ୍ୱାରା ସମ୍ପାଦନ କରିବା ଏବଂ ଏହି ସଂସ୍ଥା ଅଧୀନରେ କାମ କରିବାକୁ ଶ୍ରମିକମାନଙ୍କୁ ଏଏସ୍‌ଆଇ ବାଧ କରୁଛି। ଆଉଟ୍‌ସୋର୍ସିଂ ଆଳ ଦେଖାଇ ଶ୍ରୀମନ୍ଦିର ମରାମତି କାମରେ ନିୟୋଜିତ ପ୍ରାୟ ୨୩ ଜଣଙ୍କୁ ଛଟେଇ କରାଯାଇଛି। ଦୀର୍ଘ ୪୬ ଦିନ ହେଲା ଖରା, ବର୍ଷାରେ ଏଏସ୍‌ଆଇର ପୁରୀ ଉପମଣ୍ଡଳ କାର୍ଯ୍ୟାଳୟ ଆଗରେ ଧାରଣାରେ ବସି ରହିଛୁ। ବିଭାଗକୁ ଅନେକଥର ପତ୍ର ଜରିଆରେ ଅବଗତ କରାଇଛୁ। ହେଲେ ସେମାନେ ଶୁଣୁନାହାନ୍ତି। ଜୋର ଜୁଲମ କରି ଆମ୍ଭମାନଙ୍କୁ କାମରୁ ବାହାର କରି ଅନ୍ୟ ଅଣକୁଶଳୀ ଶ୍ରମିକ ଓ ଠିକାଦାରଙ୍କୁ ଧରି କାର୍ଯ୍ୟ କରୁଛନ୍ତି। ତେଣୁ ଖୁବ୍‌ଶୀଘ୍ର ଯଦି ଆମକୁ କାମରେ ନ ଲଗାଯାଏ ତେବେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ପାଣି ଚେତାବନୀ ଦେଇଛନ୍ତି।

### ମଦ, ବାଣରେ ବ୍ୟବହୃତ ରାସାୟନିକ ପଦାର୍ଥ ଜବତ: ଜଣେ ଗିରଫ

**ବଲଙ୍ଗା,୨୯।୧୦(ଡି.ଏନ୍.ଏ)**

ବଲଙ୍ଗା ଥାନା ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତ ବେରବୋଇ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦାସଙ୍କ ଘରେ ରବିବାର ରାତ୍ରରେ ଚଢାଉ କରି ମଦ, ବାଣରେ ବ୍ୟବହୃତ ରାସାୟନିକ ପଦାର୍ଥକୁ ଜବତ କରିଛି । ନଂ ୧୪୧/୧୮ରେ ଏକ ମାମଲା ରୁଜୁ କରି ପୂର୍ଣ୍ଣଚନ୍ଦ୍ରଙ୍କୁ ଗିରଫ କରିବା ସହ କୋର୍ଟଚାଲାଣ କରିଛନ୍ତି। ପ୍ରକାଶ ଯେ, ପୂର୍ଣ୍ଣଚନ୍ଦ୍ରଙ୍କ ଘରେ ଚୋରା ମଦ ବିକ୍ରି ଓ ବେଆଇନ ଭାବେ ବାଣ ପ୍ରସ୍ତୁତ କରୁଥିବା ଅଭିଯୋଗ ହୋଇଆସୁଥିଲା। ବଲଙ୍ଗା ପୋଲିସ୍ ଚଢାଉ କରି ୪ ଲିଟରରୁ ଊର୍ଦ୍ଧ୍ୱ ଆସ୍କା-୪୦ ଏବଂ ବାଣ ତିଆରିରେ ବ୍ୟବହୃତ ରାସାୟନିକ ପର୍ଦାଥ ଜବତ କରିଛନ୍ତି। ଏହି ଚଢାଉ ଫଳରେ ଚୋରା ବେପାରୀ ଓ ବେଆଇନ ବାଣ ପ୍ରସ୍ତୁତକାରୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି।

## ଆଶ୍ରୟସ୍ଥଳରେ ସିସିଟିଭିକୁ ନେଇ ଅସନ୍ତୋଷ

**ପୁରୀ ଅଫିସ, ୨୯।୧୦**

ରାଜ୍ୟ ସରକାର ହବିଷିଆଳି ଯୋଜନାରେ ପ୍ରାୟ ଅଢେଇ ହଜାରରୁ ଊର୍ଦ୍ଧ୍ୱ ହବିଷିଆଳି ଆସି ପୁରୀରେ ରହିଛନ୍ତି। ୪ଟି ଆଶ୍ରୟସ୍ଥଳ ରେଲୱେ କଲ୍ୟାଣମଣ୍ଡପ, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ପୌର କଲ୍ୟାଣମଣ୍ଡପ ଏବଂ ଜଗନ୍ନାଥ ବଲ୍ଲଭ ପରିସରରେ ବ୍ରତଧାରୀମାନେ ରହିଛନ୍ତି। ସେମାନଙ୍କ ରହିବା, ଖାଇବା, ସ୍ୱାସ୍ଥ୍ୟସେବା ସାଙ୍ଗକୁ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ହବିଷିଆଳିମାନେ ସରକାରଙ୍କ ଏହି ଯୋଜନାକୁ ପ୍ରଶଂସା କରୁଛନ୍ତି। ହେଲେ କେତେଜଣ ପ୍ରଶାସନିକ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବରୁ ଏହି ଜନହିତକର ଯୋଜନାକୁ ନେଇ ସମାଲୋଚନା ହେଉଛି। ହବିଷିଆଳି ରହୁଥିବା ସ୍ଥାନରେ ସିସିଟିଭି ଲାଗିବାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ପରିସର ଆଶ୍ରୟସ୍ଥଳରେ ହବିଷିଆଳିଙ୍କ ଶୋଇବା ଜାଗାରେ ସିସିଟିଭି ଲାଗିଥିବାକୁ ନେଇ ଅସନ୍ତୋଷ ବଢିବାରେ ଲାଗିଛି।

ପୁରୀର ସନ୍ତୋଷ ପାତ୍ର କହିଛନ୍ତି, ସରକାରଙ୍କ ଏହି ଯୋଜନା ବାସ୍ତବିକ ସ୍ୱାଗତଯୋଗ୍ୟ। ପୁରୀ ଆସି ହବିଷ କରିବାକୁ ଚାହୁଁଥିଲେ ବି ଅନେକ ଆର୍ଥିକ ଦୃଷ୍ଟିକୋଣରୁ ଆସିପାରି ନ ଥାନ୍ତି। ଏହି ଯୋଜନା ସେମାନଙ୍କ ଇଚ୍ଛାକୁ ପୂରଣ କରିବାରେ ସଫଳ ହେଉଛି। ସବୁ କିଛି ଠିକ୍‌ଠାକ୍ ଚାଲିଛି। ହେଲେ ଆଶ୍ରୟସ୍ଥଳ ଭିତରେ ଏପରି କି ଶୋଇବା ଜାଗାରେ ସିସିଟିଭି ଲାଗିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସିସିଟିଭି ଲଗାଯିବା ପୂର୍ବରୁ ପ୍ରଶାସନିକ ଅଧିକାରୀ ଟିକେ ଚିନ୍ତା କରିବା ଦରକାର ଥିଲା। ଏହାଦ୍ୱାରା ଜଣଙ୍କ ଗୋପନୀୟତା ପଦାକୁ ଆସିବ। ତେଣୁ ପ୍ରଶାସନ ସିସିଟିଭି ହଟାଇଦେବା ଦରକାର। ଏ ସମ୍ପର୍କରେ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସର ଜଣେ ହବିଷିଆଳିଙ୍କୁ ପଚାରିବାରୁ ସରକାର ଆମକୁ ଆଣି ଏଠାରେ ରଖିଛନ୍ତି। ଆମ ପାଇଁ ସବୁ ସୁବିଧା କରିଛନ୍ତି। କ୍ୟାମେରା ଲଗାଯିବା ସମ୍ପର୍କରେ ମୁଁ ଜାଣିନି। ଯାହା ବି କରିଥିବେ ଆମ ସୁବିଧା ପାଇଁ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଏହାକୁ ନେଇ ପୁରୀର ଏକ ସଙ୍ଗଠନ ରାସ୍ତାକୁ ଓହ୍ଲାଇବାକୁ ଯୋଜନା କରୁଥିବା ଶୁଣିବାକୁ ମିଳିଛି।

## ଟାୟାର ଜାଳି ଓକିଲଙ୍କ ପ୍ରତିବାଦ

**ପୁରୀ ଅଫିସ, ୨୯।୧୦**

ପୋଲିସ ଓ ଆଇନଜୀବୀଙ୍କ ମଧ୍ୟରେ ଚାଲିଥିବା ବିବାଦ ଚରମ ସୀମାରେ ପହଞ୍ଚିଛି। କାର୍ଯ୍ୟବନ୍ଦ ଆନ୍ଦୋଳନକୁ ନେଇ ଓକିଲଙ୍କ ମଧ୍ୟରେ ଅନ୍ତଦ୍ୱନ୍ଦ ସୃଷ୍ଟି ହୋଇଛି। ଶନିବାର ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସଦସ୍ୟ ଏବଂ ବହୁ ଆଇନଜୀବୀ କୋର୍ଟ କାର୍ଯ୍ୟରେ ଯୋଗଦେବା ଲାଗି ଘୋଷଣା କରିଥିଲେ। ଏହାକୁ ନେଇ ବିବାଦ ତେଜିଛି। ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ଡ. ଟହଲି ଚରଣ ମହାନ୍ତିଙ୍କ ଘୋଷଣାକୁ ବିରୋଧ କରି ସୋମବାର ପୁରୀ ବାର୍ ଆସୋସିଏଶନ ବାର ଆଗରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ବାର୍ ସଭାପତି ପ୍ରେମାନନ୍ଦ ମହାନ୍ତି, ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀଙ୍କ ନେତୃତ୍ୱରେ ପୂର୍ବତନ ବାର ସଭାପତି ଜୟନାରାୟଣ ପଟ୍ଟନାୟକ, ସମ୍ପାଦକ ଶାରଦା ସାମଲ, ରମେଶ ପ୍ରଧାନ, ବିକାଶ ଶତପଥୀ, ବୈଷ୍ଣବ ପାଣି, ଅନିଲ ସାହୁଙ୍କ ସମେତ ଶତାଧିକ ଓକିଲ ବାର କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ରାଜ୍ୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷ ମହାନ୍ତିଙ୍କ ଇସ୍ତଫା ଦାବି କରିଥିଲେ। ଏହି ଅବସରରେ ବାର ସମ୍ପାଦକ ତ୍ରିପାଠୀ କହିଲେ, ଆଇନଜୀବୀଙ୍କୁ ପୋଲିସର ମାଡ଼ ପ୍ରତିବାଦରେ ଦୀର୍ଘ ୨ମାସ ଧରି କୋର୍ଟ କାର୍ଯ୍ୟ ବନ୍ଦ ରହିଛି। ଏଭଳି ସ୍ଥିତିରେ କେତେଜଣ ଓକିଲ କୋର୍ଟ କାର୍ଯ୍ୟରେ ଯୋଗଦେବା ନିଷ୍ପତ୍ତିକୁ ଆମେ ତୀବ୍ର ବିରୋଧ କରୁଛୁ। ଆଇନଜୀବୀଙ୍କ ସ୍ୱାର୍ଥରକ୍ଷା ଆମେ ଚାହୁଁଛୁ।

**ପୋଲିସ-ଆଇନଜୀବୀ ବିବାଦ**



ଓକିଲମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

### କାର୍ଯ୍ୟକ୍ଷମ ହେଲା ବିପର୍ଯ୍ୟୟ ପ୍ରାକ୍ ସୂଚନା ବ୍ୟବସ୍ଥା

**ପୁରୀ ଅଫିସ, ୨୯।୧୦**

ବିପର୍ଯ୍ୟୟ ପ୍ରାକ୍ ସୂଚନା ବ୍ୟବସ୍ଥା (ଏର୍ଲି ୱାର୍ଣ୍ଣିଂ ଡିସିମିନେଶନ ସିଷ୍ଟମ) ପୁରୀ ଜିଲାର ଉପକୂଳବର୍ତ୍ତୀ ୬ଟି ବ୍ଲକରେ କାର୍ଯ୍ୟକ୍ରମ ହୋଇଛି। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ପୁରୀ ଜିଲାର ସମୁଦ୍ର ଓ ଚିଲିକା ଉପକୂଳରେ ରହୁଥିବା ଲୋକମାନଙ୍କୁ ବାତ୍ୟା ପୂର୍ବରୁ ଏଥିରୁ ପ୍ରାକ ସତର୍କ ସୂଚନା ମିଳିପାରିବ। ଏହି ବ୍ୟବସ୍ଥା ରାଜ୍ୟର ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଭଦ୍ରକ ଓ ବାଲେଶ୍ୱର ଜିଲାରେ ଆରମ୍ଭ ହୋଇଛି। ପୁରୀ ଜିଲାର ଉପକୂଳବର୍ତ୍ତୀ କୃଷ୍ଣପ୍ରସାଦ, ବ୍ରହ୍ମଗିରି, ପୁରୀ ସଦର, ଗୋପ, କାକଟପୁର ଓ ଅସ୍ତରଙ୍ଗ ବ୍ଲକରେ କାର୍ଯ୍ୟକ୍ଷମ ହୋଇଛି। ଜିଲା ଆପାଦକାଳନୀ ପରିଚାଳନା କେନ୍ଦ୍ର ଏବଂ ବ୍ଲକ ଆପାଦକାଳୀନ ପରିଚାଳନା କେନ୍ଦ୍ରରେ ଏହାର କଣ୍ଟ୍ରୋଲ ରୁମ୍ ହୋଇଛି। ଏହି ୬ଟି ବ୍ଲକର ବିଦ୍ୟାଳୟ, ଥାନା, ବାତ୍ୟା ଆଶ୍ରୟସ୍ଥଳ, ଫିଶ ଲ୍ୟାଣ୍ଡିଙ୍ଗ ସେଣ୍ଟର କୋଠା ଆଦି ୨୬ଟି ସ୍ଥାନରେ ବତ୍ୟା ଓ ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ସୂଚନା ଦେବା ଲାଗି ସାଇରନ ଲଗାଯାଇଛି। ରାଜ୍ୟର ୬ ଜିଲାର ସମୁଦାୟ ୧୨୨ଟି ସ୍ଥାନରେ ସତର୍କ ସୂଚନା ଲାଗି ଏହି ସାଇରନ୍ ଲଗାଯାଇଛି।




ସମୁଦ୍ର କୂଳ ଥାନା ଉପରେ ଲାଗିଥିବା ଟାଓ୍ୱାର।


## ଟିମ୍ କରିବ କଲେଜର ଭାଗ୍ୟ ନିର୍ଦ୍ଧାରଣ

**ପୁରୀ ଅଫିସ, ୨୯।୧୦**

■ ଆଜି ଏସ୍‌ସିଏସ କଲେଜକୁ ଆସିବେ ୟୁଜିସି ପ୍ରତିନିଧି
■ ସଜେଇ ହେଉଛି କ୍ୟାମ୍ପସ, ରାତି ଅଧିଆ ଚାଲିଛି କାମ

ମଙ୍ଗଳବାର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ଙ୍କ ଏକ ପ୍ରତିନିଧି ଦଳ ସାମନ୍ତ ଚନ୍ଦ୍ରଶେଖର(ଏସ୍‌ସିଏସ) ମହାବିଦ୍ୟାଳୟକୁ ଦୁଇ ଦିନିଆ ଗସ୍ତରେ ଆସୁଛନ୍ତି। ଏନେଇ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପ୍ରତିନିଧି ଦଳଙ୍କ ଦୃଷ୍ଟି ଆକର୍ଷଣ ଲାଗି କ୍ୟାମ୍ପସ ସଜଡା ଚାଲିଛି। ଏହି ଟିମ୍ କଲେଜର ଭାଗ୍ୟ ନିର୍ଦ୍ଧାରଣ କରିବ। ଦୀର୍ଘ ଦିନ ଧରି ଅଳିଆ ଆବର୍ଜନା ହୋଇପଡିଥିବା କ୍ୟାମ୍ପସ ପରିସରରୁ ଅନାବନା ଗଛଲତାକୁ ଉପାଡି ନଷ୍ଟ କରାଯାଇଛି। କ୍ୟାମ୍ପସ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି। ଦୀର୍ଘ ଦିନ ଧରି ଚୂନ ଛାଡୁଥିବା କାନ୍ଥକୁ ମରାମତି କରାଯାଇ ରଙ୍ଗ କରାଯାଇଛି। କ୍ୟାମ୍ପସ ପଡିଆ ସଫା କରାଯାଇଛି। ଏଥିସହିତ କ୍ଲାସ ରୁମକୁ ପରିଷ୍କାର ପରିଚ୍ଛନ୍ନ ଏବଂ ଅବ୍ୟବହୃତ ହୋଇପଡିଥିବା ଶୌଚାଳୟ ସଫା କରାଯାଇଛି। କଲେଜ କର୍ତ୍ତୃପକ୍ଷ ସମସ୍ତ ରେକର୍ଡପତ୍ର ମଧ ସଜାଡିବାରେ ଲାଗି ପଡିଛନ୍ତି। ୟୁଜିସି ଟିମ ଗସ୍ତ ବେଳେ ଯେପରି କୌଣସି ଅସୁବିଧା ନହେବ ସେଥିପାଇଁ କଲେଜ ପକ୍ଷରୁ ତିନୋଟି ଟିମ୍ ଗଠନ କରାଯାଇଛି। ଗୋଟିଏ ଟିମ ଏକାଡେମିକ, ଅନ୍ୟ ଏକ ଟିମ୍ ସ୍ୱଚ୍ଛତା ଏବଂ ଅନ୍ୟ ଏକ ଟିମ ରେକର୍ଡ ପ୍ରସ୍ତୁତିରେ ଲାଗିଛନ୍ତି। ରାତି ଅଧିଆ କ୍ୟାମ୍ପସରେ ବାଉଁଶ ବନ୍ଧା ଯାଇ ରଙ୍ଗ ଦିଆ ଚାଲିଛି। ରାତି ସୁଧା କାମ ସାରିବା ଲାଗି କଲେଜ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ଏନେଇ କଲେଜ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ର କୁହନ୍ତି, ୟୁଜିସି ଟିମ ଗସ୍ତ ଲାଗି ଆମେ ପ୍ରସ୍ତୁତ ଅଛୁ। ଏହି ଟିମ କଲେଜରେ ଶିକ୍ଷାଦାନ, ପରୀକ୍ଷା ପଦ୍ଧତି, ପିଲାଙ୍କ ଦକ୍ଷତା ବିକାଶ, ପରୀକ୍ଷା ଫଳାଫଳ ରିପୋର୍ଟ, ସ୍ୱଚ୍ଛତା, କ୍ରୀଡା ଆଦି ଉପରେ ତର୍ଜମା କରିବାର କାର୍ଯ୍ୟକ୍ରମ ରହିଛି।



ଯେଉଁ କାର୍ଯ୍ୟ ଦ୍ୱାରା ନିଜର ମଙ୍ଗଳ ସଙ୍ଗେ ସଙ୍ଗେ ଅନ୍ୟର ମଙ୍ଗଳ ହୋଇଯାଉଥାଏ, ସେ କାର୍ଯ୍ୟକୁ ଖୋଜି ବାହାର କରିବା କମ୍ ସୌଭାଗ୍ୟର କଥା ନୁହେଁ। -ଜନାଥନ୍ ଏଡ୍ୱାର୍ଡ୍ସ



## ସଂକ୍ଷେପରେ

### କ୍ୟାମ୍ପ୍ କୋର୍ଟରୁ ୫୧ ଜଣଙ୍କୁ ଜାମିନ

**ନିମାପଡ଼ା,୨୯।୧୦(ଡି.ଏନ୍.ଏ.):** ନିମାପଡ଼ା ଉପକାରାଗାର ପରିସରରେ ଏକ କ୍ୟାମ୍ପ କୋର୍ଟ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିମାପଡ଼ା କୋର୍ଟର ଆଡିସନାଲ ଜିଲା ଜଜ୍ ଚିନ୍ତାମଣି ପଣ୍ଡା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନୀତିଶ ଚଣ୍ଡକ, କୋଣାର୍କ କୋର୍ଟର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦେଶପ୍ରିୟ ବାରିକ, ପିପିଲି କୋର୍ଟର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ଆସିଷ୍ଟାଣ୍ଟ ସେସନ୍ସ ଜଜ୍ ପ୍ରମୁଖ ଯୋଗଦେଇ ଜେଲରେ ଥିବା ବିଭିନ୍ନ ବ୍ୟକ୍ତିଙ୍କ ମାମଲାର ବିଚାର କରି ୫୧ଜଣଙ୍କୁ ବ୍ୟକ୍ତିଗତ ମୁଚାଲିକା(ପି.ଆର.ବଣ୍ଡ)ରେ ଛାଡିଥିବା ଜେଲର ବାବୁଲି ବାରିକ କହିଛନ୍ତି। ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବା ବହୁ ବ୍ୟକ୍ତି ଗିରଫ ହୋଇ ଜେଲରେ ରହିଥିଲେ। ଏହି ଆନ୍ଦୋଳନ ଯୋଗୁ ସେମାନଙ୍କର ଜାମିନ ହୋଇପାରି ନ ଥିଲା।

### ବଡ଼ଭାଇଙ୍କୁ ଛୁରାମାଡ଼ ଘଟଣା
### ୨ମାସ ପରେ ଅଭିଯୁକ୍ତ ସାନଭାଇ ଗିରଫ

**ଗୋପ, ୨୯।୧୦(ଡି.ଏନ୍.ଏ.):** ଗୋପ ଥାନା ଅଧୀନ ମହାଜନସାହିର ପ୍ରଭାତ କୁମାର ସାହୁ ଅଗଷ୍ଟ ୮ତାରିଖରେ କୌଣସି କାରଣକୁ ନେଇ ତାଙ୍କ ବଡ଼ ଭାଇଙ୍କୁ ଛୁରା ମାଡ଼ କରିଥିବା ନେଇ ଗୋପ ଥାନାରେ ଏକ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି ଗୋପ ପୋଲିସ କେସ୍ ନଂ୧୩୭ରେ ଦଫା ୩୪୧, ୨୯୪, ୨୨୪, ୩୦୭ ରେ ମାମଲା ରୁଜୁ କରିଥିବାବେଳେ ଅଭିଯୁକ୍ତ ପ୍ରଭାତ ଦୀର୍ଘଦିନ ଧରି ଫେରାର ଥିଲେ। ରବିବାର କୌଣସି ସୂତ୍ରରୁ ଖବର ପାଇ ଗୋପ ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନ, ନିମାପଡ଼ା ଉପଖଣ୍ଡ ଅଧିକାରୀ ନିରଞ୍ଜନ ପାଢ଼ୀ ଏକ ଅଜ୍ଞାତ ସ୍ଥାନରୁ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ। ସୋମବାର ତଦନ୍ତକାରୀ ଅଧିକାରୀ ସନ୍ତଚରଣ ପ୍ରଧାନ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବାବେଳେ କୋର୍ଟ ତାଙ୍କ ଜାମିନ ନାମଞ୍ଜୁର କରି ଜେଲ ହାଜତକୁ ପଠାଇ ଦେଇଛନ୍ତି।

### ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମହିଳାଙ୍କୁ ଆକ୍ରମଣ

**ବ୍ରହ୍ମଗିରି, ୨୯।୧୦(ଡି.ଏନ୍.ଏ.):** ବ୍ରହ୍ମଗିରି ଥାନା ଅନ୍ତର୍ଗତ ହାଣ୍ଡିଆଳି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସୋମବାର ଭୋର ସମୟରେ ମହିଳାଙ୍କୁ ଜଣେ ବ୍ୟକ୍ତି କଟୁରିରେ ହାଣି ଗୁରୁତର କରିଥିବା ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। କଟୁରି ଚୋଟରେ ମହିଳାଙ୍କ ଡାହାଣ ହାତରେ ଗଭୀର କ୍ଷତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ସୋମବାର ଭୋର ୪ଟା ସମୟରେ ହାଣ୍ଡିଆଳି ଗ୍ରାମର ବାବୁଲି ସାହୁଙ୍କ ସ୍ତ୍ରୀ ମମତା ସାହୁ ସାହୁ ଗାଁ ମୁଣ୍ଡ ପୋଖରୀ ନିକଟରେ ଥିବା ଜଙ୍ଗଲକୁ ଶୌଚ ହେବାକୁ ଯାଇଥିଲେ। ସେହି ସମୟରେ ଗାଁର ଜଣେ ଯୁବକ ଜଙ୍ଗଲ ବୁଲିବା ପାଇଁ ଯାଇଥିଲେ। ହଠାତ୍ ସେଠାରେ ଉଭୟଙ୍କ ମଧ୍ୟରେ ପୂର୍ବ ଶତ୍ରୁତାକୁ ନେଇ ବଚସା ହୋଇଥିଲା ଏବଂ ଏଥିରେ ଯୁବକ ଜଣଙ୍କ ଉତ୍କ୍ଷିପ୍ତ ହୋଇ ହାତରେ ଧରିଥିବା କଟୁରିରେ ମମତାଙ୍କ ହାତକୁ ଚୋଟ ମାରିଥିଲେ।

### ଦୁର୍ଘଟଣାରେ ଶିଶୁକନ୍ୟା ଆହତ

**ବ୍ରହ୍ମଗିରି, ୨୯।୧୦(ଡି.ଏନ୍.ଏ.):** ଅରଖକୁଦା ମେରାଇନ ଥାନା ଅନ୍ତର୍ଗତ ଅରଖକୁଦା ଗ୍ରାମରେ ସୋମବାର ଅପରାହ୍ନରେ ଏକ ବାଇକ୍ ଧକ୍କାରେ ଜଣେ ୩ ବର୍ଷର ଶିଶୁକନ୍ୟା ଆହତ ହୋଇଛନ୍ତି। ତାଙ୍କୁ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ମିଳିଥିବା ଖବର ଅନୁଯାୟୀ, ସୋମବାର ଅପରାହ୍ନ ସମୟରେ ଅରଖକୁଦା ଗ୍ରାମ ଭିତରେ ଜଣେ ବ୍ୟକ୍ତି ବାଇକ୍ ନେଇ ଯାଉଥିବା ବେଳେ ସେହି ଅରଖକୁଦା ଭାଗବତ ସାହିର ମାଧବ ବେହେରାଙ୍କ ଶିଶୁ କନ୍ୟା ସଞ୍ଜୁକ୍ତାଙ୍କୁ ଗାଡିଟି ଧକ୍କା ଦେଇଥିଲା।

### ବଙ୍ଗୀୟ ଯୁବକ ସଂଘର ପ୍ରବଚନ କାର୍ଯ୍ୟକ୍ରମ

**ପୁରୀ ଅଫିସ,୨୯।୧୦ :** ନୀଳକଣ୍ଠେଶ୍ୱର ବଙ୍ଗୀୟ ଯୁବକ ସଂଘର ପ୍ରବଚନ କାର୍ଯ୍ୟକ୍ରମ ରବିବାର ହେରାଗୋହିରୀ ସାହି ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ପ୍ରବଚକ ଲଳିତ ମୋହନ ମହାପାତ୍ର ଓ ଅଧ୍ୟାପକ ଡ. ପ୍ରମୋଦ କୁମାର ଦଳାଇ ଆଶୀର୍ବଚନ ପ୍ରଦାନ କରିଥିଲେ। ମନ୍ଦିର ପୂଜକ ବିନାୟକ ପାଙ୍ଗୋଶୀ, ପ୍ରଫେସର ରାମଚନ୍ଦ୍ର ସାହୁ, ସଙ୍ଗୀତ ନିର୍ଦ୍ଦେଶକ ବିପିନ ବାରିକ, ରାମକୃଷ୍ଣ ବେହେରା, ଲାଲା ଅନନ୍ତ କୁମାର ସିଂ, ଅବନୀ ଦାସ ପ୍ରମୁଖ ଯୋଗଦାନ କରିଥିଲେ।

## ■ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ
# ବିପର୍ଯ୍ୟୟ ସମୟରେ ଧୈର୍ଯ୍ୟ ରହିବା ଆବଶ୍ୟକ

**ପୁରୀ ଅଫିସ, ୨୯।୧୦**



ପୁରୀ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଓ ଅନ୍ୟମାନେ।

ଯେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଆସୁ ନା କାହିଁକି ତାହାର ମୁକାବିଲା ଲାଗି ପ୍ରତିଟି ବ୍ୟକ୍ତିଙ୍କ ଧୈର୍ଯ୍ୟ ଓ ସଂଯମତା ରହିବା ଜରୁରୀ। ମାନସିକ ସ୍ତରରେ ଦୃଢ ରହିଲେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରାଯାଇ ପାରିବ ବୋଲି ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ସ୍ଥାନୀୟ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ସୋମବାର ଜିଲା ପ୍ରଶାସନ ଏବଂ ପୁରୀ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କମିଟିର ମିଳିତ ଆନୁକୂଲ୍ୟରେ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସ-୨୦୧୮ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଭାସ୍କର ଚନ୍ଦ୍ର ସମାନ୍ତରାୟ, ପୁରୀ ବନ୍ୟପ୍ରାଣୀ ମଣ୍ଡଳ ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା, ପୁରୀ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କମିଟିର ଆବାହକ ହରିଶ୍ଚନ୍ଦ୍ର ଦାସ ଅତିଥି ଭାବେ ଯୋଗ ଦେଇ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କିଭଳି କରାଯାଇପାରିବ ସେ ଦିଗରେ ମତ ରଖିଥିଲେ। ଏଥିସହ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ୨୭ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିପର୍ଯ୍ୟୟ ପ୍ରସ୍ତୁତି ପ୍ରଶିକ୍ଷଣ ନେଇଥିବା ସ୍ୱେଚ୍ଛାସେବୀଙ୍କୁ କିଟ୍ ବଣ୍ଟନ କରାଯାଇଥିଲା। ଜିଲା ଆପଦକାଳୀନ ଅଧିକାରୀ ଇତିଶ୍ରୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲା ରେଡକ୍ରସ କାର୍ଯ୍ୟକାରୀ କମିଟି ସଦସ୍ୟ ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ପ୍ରାତଃରୁ ଏକ ସଚେତନତା ଶୋଭାଯାତ୍ରା ସିଂହଦ୍ୱାର ଠାରୁ ବାହାରି ଗାନ୍ଧିଘାଟରେ ପହଞ୍ଚିଥିଲା। ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ ପତାକା ହଲାଇ ଉଦ୍‌ଘାଟନ କରିଥିଲେ। ଅନ୍ୟପକ୍ଷରେ ଗାନ୍ଧିଘାଟରେ ଅଗ୍ନିଶମ ସେବା କର୍ମଚାରୀଙ୍କ ପକ୍ଷରୁ ମକଡ୍ରିଲ ହୋଇଥିଲା।



କର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ।

## ବିଜେଡିର ଯୁବସମାବେଶ

**ନିମାପଡ଼ା,୨୯।୧୦(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ କଳାପାଞ୍ଚଣ ହାଟପଡ଼ିଆଠାରେ ବିଜୁ ଜନତା ଦଳ ପକ୍ଷରୁ ଯୁବ ସମାବେଶ ଓ ମିଶ୍ରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ, ନିମାପଡ଼ା ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ଅଶୋକ ସାହୁ, ସମିତିସଭ୍ୟା ସୁନୀତା ସିଂ, ବିଜେଡି ନେତା ଦିନବନ୍ଧୁ ସାହୁ, ସରପଞ୍ଚ ଅଭିମନ୍ୟୁ ପଣ୍ଡା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନା ସବୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ଆୟୋଜିତ ମିଶ୍ରଣ ସମାରୋହରେ ୱାର୍ଡ ସଭ୍ୟା ବେବିନା ରାଉତ, କମଳଲୋଚନ ସାହୁଙ୍କ ନେତୃତ୍ୱରେ ଭାଜପା ଓ କଂଗ୍ରେସ ଦଳ ଛାଡି ଶତାଧିକ କର୍ମୀ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ଏହି ଅବସରରେ ୨ହଜାର କର୍ମୀ ଯୋଗଦେଇଥିବା ବେଳେ ପ୍ରାୟ ୩ଶହ ବାଇକ ଶୋଭାଯାତ୍ରା ପଞ୍ଚାୟତ ପରିକ୍ରମା କରିଥିଲା। କଳାପାଞ୍ଚଣ ହାଟପଡିଆଠାରେ ଏକ ନବନିର୍ମିତ ଅଙ୍ଗନୱାଡି ଗୃହକୁ ବିଧାୟକ ଦାଶ ଉଦ୍‌ଘାଟନ କରିଥିଲେ।

# କାକଟପୁର ବ୍ଲକ ସମ୍ମୁଖରେ ଭାଜପାର ବିକ୍ଷୋଭ



କାକଟପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**କାକଟପୁର, ୨୯।୧୦(ଡି.ଏନ୍.ଏ.)**

ବିଜେଡି ସରକାର ବ୍ୟାପକ ପିସି କାରବାର କରୁଥିବା ଓ ଦୁର୍ନୀତି କରୁଥିବା ଅଭିଯୋଗ କରି ସୋମବାର କାକଟପୁର ଭାଜପା ମଣ୍ଡଳ ପକ୍ଷରୁ କାକଟପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କାକଟପୁର ଭାଜପା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ରାଜ୍ୟନେତା ତୁଷାରକାନ୍ତି ବେହେରା, ମଙ୍ଗଳା ସାମନ୍ତରାୟ, ବିଜ୍ଞାନ ବିଶ୍ୱାଳ, ଦିଲ୍ଲୀପ ବରାଳ, ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ୫୦୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ କାକଟପୁର ମେଡିକାଲ ଛକସ୍ଥିତ ଦଳୀୟ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି କାକଟପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ଦଳ ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡି ସରକାର ବିରୋଧରେ ସେମାନେ ସ୍ଲୋଗାନ ଦେଇଥିଲେ। ଶେଷରେ ନିମାପଡ଼ା ଏସ୍‌ଡିପିଓ ନିରଞ୍ଜନ ପାଢ଼ୀ, କାକଟପୁର ଆଇଆଇସି ସୁମନ୍ତ ମହାନ୍ତି, ଅସ୍ତରଙ୍ଗ ଆଇଆଇସି ବୁଲୁ ମୁଣ୍ଡାଙ୍କ ଉପସ୍ଥିତିରେ କାକଟପୁର ବିଡିଓ ସୁଧୀର କୁମାର ନାୟକଙ୍କୁ ଦଳ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ନାଏବ ସରପଞ୍ଚଙ୍କ ମୁଣ୍ଡରେ ଲାଗିଲା ବନ୍ଧୁକ

**କାକଟପୁର, ୨୯।୧୦(ଡି.ଏନ୍.ଏ.)**

**ମହିଳା ସରପଞ୍ଚଙ୍କୁ ଅସଦାଚରଣ**

କାକଟପୁର ବ୍ଲକ ଅନ୍ତର୍ଗତ ଏକ ପଞ୍ଚାୟତର ନାଏବ ସରପଞ୍ଚଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ହତ୍ୟା ଧମକ ଦିଆଯାଇଥିବାବେଳେ ସେହି ପଞ୍ଚାୟତର ମହିଳା ସରପଞ୍ଚଙ୍କୁ ଅସଦାଚରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୋମବାର ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟଠାରେ ମାସିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମହିଳା ସରପଞ୍ଚ, ନାଏବ ସରପଞ୍ଚଙ୍କ ସମେତ ଅନ୍ୟ ୱାର୍ଡ ସଭ୍ୟାସଭ୍ୟମାନେ ଯୋଗଦେଇଥିଲେ। ବୈଠକ ଶେଷ ହେବା ପରେ ସମସ୍ତେ ନିଜ ନିଜ ଘରକୁ ଫେରିବାକୁ ବାହାରିଥିବାବେଳେ ହଠାତ୍ ୫ଜଣ ଦୁର୍ବୃତ୍ତ ଏକ କାର୍‌ରେ ଆସି ମହିଳା ସରପଞ୍ଚଙ୍କୁ ଧକ୍କା ମାରିବା ସହ ଅସଦାଚରଣ କରିଥିବାବେଳେ ନାଏବ ସରପଞ୍ଚଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ହତ୍ୟା ଧମକ ଦେଇଥିଲେ। ହଠାତ୍ ସେମାନେ ଚିତ୍କାର କରିବାରୁ ସେଠାରେ ସ୍ଥାନୀୟ ପହଞ୍ଚିଥିଲେ। ଏହା ଦେଖି ଦୁର୍ବୃତ୍ତମାନେ ସେଠାରୁ ଫେରାର୍ ହୋଇଯାଇଥିଲେ। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ନିମାପଡ଼ା,୨୯।୧୦(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ଅନ୍ତର୍ଗତ କଳାପାଞ୍ଚଣ ପଞ୍ଚାୟତର ନାକଡିହ ଜୟଦୁର୍ଗା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହୋଇଯାଇଛି। ଏହି ପ୍ରତିମୂର୍ତ୍ତିକୁ ବିଧାୟକ ସମୀର ରଞ୍ଜନ ଦାଶ ଉନ୍ମୋଚିତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ରାଉତ, ପୂର୍ବତନ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ନାୟକ, ବିଦ୍ୟାଳୟର ସଭାପତି ପ୍ରଭାତ କରଣ, ସରପଞ୍ଚ ଅଭିମନ୍ୟୁ ପଣ୍ଡା ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ଜୀବନୀ ଉପରେ ଗୁରୁତ୍ୱାରୋପ କରିଥିଲେ।

## ରାଶନ କାର୍ଡ ବଣ୍ଟନରେ ଅନିୟମିତତା ଅଭିଯୋଗ

**ସାକ୍ଷୀଗୋପାଳ, ୨୯।୧୦(ଡି.ଏନ୍.ଏ.)**

ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନୁଯାୟୀ ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ସତ୍ୟବାଦୀ ବ୍ଲକ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ତୁରନ୍ତ ଏହାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହିତ ବାଦ ପଡିଥିବା ଗରିବ ପରିବାର ଗୁଡିକୁ ରାଶନ କାର୍ଡ ଯୋଗାଇ ଦେବାକୁ ଏକ ଦାବିପତ୍ର ପୁରୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସତ୍ୟବାଦୀ ବିଡିଓ ଡ.ଗୌରବମୟ ପ୍ରଧାନଙ୍କୁ ସୋମବାର ଦିଆଯାଇଛି। କଂଗ୍ରେସର ଏକ ପ୍ରତିନିଧି ଦଳ ମଧ୍ୟରେ ସରପଞ୍ଚ ସୁବାଷ ଚନ୍ଦ୍ର ମହାପାତ୍ର, ସମିତିସଭ୍ୟ କୃଷ୍ଣଚନ୍ଦ୍ର ବରାଳ, ମନୋରଞ୍ଜନ ସାମନ୍ତରାୟ, ଜୟନ୍ତ ହୋତା, କାହ୍ନୁ ଚରଣ ପ୍ରଧାନ, ଦେବାଶିଷ ମିଶ୍ର, ତ୍ରିଲୋକ ମିଶ୍ର, ଶରତ ମାଝୀ, ଦୁର୍ଗା ପ୍ରସାଦ ମିଶ୍ର ଓ ଲିଙ୍ଗରାଜ ବେହେରା ପ୍ରମୁଖ ବିଡିଓଙ୍କୁ ସାକ୍ଷାତକରି ଦାବି ପତ୍ର ପ୍ରଦାନ କରିଥିଲେ।

## ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଗୋପ, ୨୯।୧୦(ଡି.ଏନ୍.ଏ.)**

ଗୋପ ବ୍ଲକ ସ୍ଥିତ ଗଣେଶ୍ୱରପୁରଠାରେ ସୋମବାର ୨୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ରାଜସ୍ୱ ନିରୀ ନିର୍ମିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ନିମାପଡ଼ା ବିଧାୟକ ତଥା ପୁରୀ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରିଛନ୍ତି। ଏହା ସହ ବିଧାୟକ ୧୦ଲକ୍ଷ ଟଙ୍କା ବ୍ୟୟରେ ଗଣେଶ୍ୱରପୁର ଗ୍ରାମ ପଞ୍ଚାୟତ ଗ୍ରାମୀଣ ବଦ୍ୟୁତ୍ ଯୋଜନାର ମଧ ଶିଳାନ୍ୟାସ କରିଥିଲେ। ଏହି ଅବସରରେ ବିଧାୟକ ଦାଶ ନବୀନ ସରକାରଙ୍କ ଅମଳରେ ଉନ୍ନତିକରଣ କାର୍ଯ୍ୟର ଅଭାବ ନାହିଁ ଏବଂ ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ଜୋରଦାର କରିବା ପାଇଁ ସେ ଉପସ୍ଥିତ ଥିବା କର୍ମୀ ଓ ପଞ୍ଚାୟତ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଉଦ୍‌ଘାଟନୀ ସଭାରେ ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ କୁମାର ମହାନ୍ତି, ଗଣେଶ୍ୱରପୁର ସରପଞ୍ଚ ଦେବବ୍ରତ ସାହୁ, ସମିତି ସଭ୍ୟ କରୁଣାକର ସାହୁ, ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ସ୍ୱାଇଁ, ବଣିଆସାହି ପୂର୍ବତନ ସରପଞ୍ଚ ନିରଞ୍ଜନ ଶଗଡ଼ିଆ, ଗଣେଶ୍ୱରପୁର ବିଜେଡ଼ି ସଭାପତି ଭ୍ରମରବର ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଗୋପୀନାଥ ମଠରେ ନୂତନ ମହନ୍ତଙ୍କ ଯୋଗଦାନ

**କଣାସ,୨୯।୧୦(ସ୍ୱ.ପ୍ର)**

କଣାସ ବ୍ଲକର ଗଡବଳଭଦ୍ରପୁର ଗ୍ରାମରେ ପ୍ରତିଷ୍ଠିତ ବହୁପୁରାତନ ଗୋପୀନାଥ ଓ ଦଧିବାମନ ମଠରେ ସୋମବାର ନୂତନ ମହନ୍ତଙ୍କ ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରକାଶ ଯେ, ମହନ୍ତ ଗୋବିନ୍ଦ ମହାରାଜଙ୍କ ଦେହାନ୍ତ ପରେ ମହନ୍ତ ଆସନ ଖାଲିପଡିଥିଲା । ପୁରୀ ମାତା ମଠ ତଥା ମଠାଧିସମାନଙ୍କ ଉପସଭାପତି ମହନ୍ତ ସୁବଳ ମହାରାଜ, ସିଦ୍ଧବକୁଳବନ ମଠାଧିସ ମହନ୍ତ ଶ୍ରୀନିବାସ ଦାସ ମହାରାଜ, ପୂର୍ଣ୍ଣମାସୀ ମଠାଧିସ ମହନ୍ତ ନବଗୌରାଙ୍ଗ ମହାରାଜ, ନନ୍ଦିନୀ ମଠାଧିସ ମହନ୍ତ ବ୍ରଜକିଶୋର ଦାସ ମହାରାଜ, ଗମ୍ଭିରା ରାଧାକାନ୍ତ ମଠାଧିସ ଶ୍ରୀମହନ୍ତ କମଳାକାନ୍ତ ଦାସ ମହାରାଜ ପ୍ରମୁଖ ମହାରାଜଙ୍କ ଭଳି ୫୦ରୁ ଉର୍ଦ୍ଧ୍ୱ ଉପସ୍ଥିତ ରହି ନୂତନ ମହନ୍ତ ଜଗବନ୍ଧୁ ଦାସଙ୍କୁ ଅଭିଷେକ କରି ମସ୍ତକରେ ଶୀରୀପା ପିନ୍ଧାଇଥିଲେ । ପିନ୍ଧାଇବା ସମୟରେ ସ୍ଥାନୀୟ ସରପଞ୍ଚ ସଂଗ୍ରାମକେଶରୀ ରାଉତରାୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ଅଭିଷେକ ପରେ ମହନ୍ତ ଜଗବନ୍ଧୁ ଦାସ ଓ ଯୋଗଦେଇଥିବା ମହନ୍ତମାନେ ଗ୍ରାମ ପରିକ୍ରମା କରିଥିଲେ ।


## ■ ବ୍ରହ୍ମଗିରି, କୃଷ୍ଣପ୍ରସାଦ ବ୍ଲକ ଫାଇଲିନ୍ କ୍ଷତିଗ୍ରସ୍ତ
# ସପ୍ତାହକ ମଧ୍ୟରେ କାର୍ଯ୍ୟାଦେଶ ପ୍ରଦାନ ନ କଲେ ଆନ୍ଦୋଳନ

**ବ୍ରହ୍ମଗିରି, ୨୯।୧୦(ଡି.ଏନ୍.ଏ.)**

୨୦୧୩ ମସିହା ଫାଇଲିନ୍ ବାତ୍ୟାରେ ପୁରୀ ଜିଲା ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକର ବାସହୀନ ପରିବାରଙ୍କୁ ବିଶ୍ୱବ୍ୟାଙ୍କ ସହାୟତାରେ ରାଜ୍ୟସରକାର ବାସଗୃହ ଯୋଗାଇଦେବାକୁ ଘୋଷଣା କରିଥିଲେ। ମାତ୍ର ପାଞ୍ଚ ବର୍ଷ ବିତିଯାଇଥିଲେ ମଧ୍ୟ ହିତାଧିକାରୀଙ୍କୁ ଆଜି ସୁଦ୍ଧା ଏହା ପ୍ରଦାନ କରାଯାଇନାହିଁ। ପ୍ରଶାସନ ତରଫରୁ ମିଳିଥିବା ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ହିଁ ରହିଯାଇଛି। ଫାଇଲିନ୍ କ୍ଷତିଗ୍ରସ୍ତଙ୍କ ବାରମ୍ବାର ଆନ୍ଦୋଳନ ପରେ ୨୦୧୭ରେ ରାଜ୍ୟ ସରକାର ୩୦୬୪ଜଣ ହିତାଧିକାରୀ ବାସଗୃହ ପାଇବା ପାଇଁ ଯୋଗ୍ୟ ବୋଲି ସ୍ଥିରୀକୃତ କରିଥିଲେ। ପରେ କ୍ଷତିଗ୍ରସ୍ତଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିବା ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକର ବିଡିଓଙ୍କୁ ଜିଲାପାଳଙ୍କ ଚିଠି ନଂ-୨୪୦୩ରେ ନିର୍ଦ୍ଦେଶ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। ଏ ନେଇ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକର ଫାଇଲିନ୍ ପ୍ରପିଡିତ କ୍ରିୟାନୁଷ୍ଠାନ କମିଟି ତରଫରୁ ଜିଲାପାଳଙ୍କୁ ଗତ ୨୭ତାରିଖରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏକ ସପ୍ତାହ ମଧ୍ୟରେ ଚିହ୍ନଟ ହିତାଧିକାରୀଙ୍କ କାର୍ଯ୍ୟାଦେଶ ପ୍ରଦାନ କରା ନ ଗଲେ ଆନ୍ଦୋଳନ ଜୋରଦାର ହେବ ବୋଲି କ୍ରିୟାନୁଷ୍ଠାନ କମିଟିର ଆବାହକ ବିହାରୀବନ୍ଧୁ ପଲାଇ କହିଛନ୍ତି।

## ଟ୍ରେନ ଟ୍ରାକ୍‌ରେ ଅନଧିକାର ପ୍ରବେଶ ରୋକିବାକୁ ରେଲ୍‌ୱେର ପଦକ୍ଷେପ

**ଭୁବନେଶ୍ୱର,୨୯।୧୦**




ପୂର୍ବତଟ ରେଳପଥ ପରିସୀମା ଅଧୀନରେ ଥିବା ଟ୍ରେନ ଲାଇନ୍‌ରେ ଅନଧିକାର ପ୍ରବେଶ ଏବଂ ବେଆଇନ ଭାବେ ରେଳ ଧାରଣା ଅତିକ୍ରମକୁ ରୋକିବା ଲାଗି ରେଲ୍‌ୱେ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିଲାଗି ରେଲୱେ ପକ୍ଷରୁ ଏକ ଅଭିଯାନ ଆରମ୍ଭ ହୋଇଛି। ଏହାକୁ ରୋକିବା ଲାଗି ରେଲୱେ ଏହାର ଅଧିକାରୀଙ୍କୁ ସଜାଗ ରଖିଥିବା ପ୍ରକାଶ କରିଛି। ରେଲୱେ ଅଧିନିୟମ ୧୯୮୯ ମୁତାବକ ଅତ୍ୟାବଶ୍ୟକ ପଦକ୍ଷେପ ନେବାକୁ ଆର୍‌ପିଏଫ୍‌ଙ୍କୁ ପରାମର୍ଶ ଦିଆଯାଇଛି। ରେଲୱେ ଅଧିନିୟମ ୧୯୮୯ର ଧାରା ୧୪୭ ଅନୁସାରେ ରେଳ ଧାରଣାରେ ଅନଧିକାର ପ୍ରବେଶ ଏକ ଦଣ୍ଡନୀୟ ଅପରାଧ। ଏଥିଲାଗି ୬ ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ କିମ୍ବା ୧ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଲାଗୁ ହେବ।

ରେଳଧାରଣାରେ ଯେକୌଣସି ପ୍ରକାରର ଅନଧିକାର ପ୍ରବେଶ ରୋକିବା ଲାଗି କିଛିମାସ ତଳେ ସମସ୍ତ ଛୋଟ ଷ୍ଟେଶନ ଏବଂ ପାସେଞ୍ଜର ହଲ୍ଟଗୁଡିକରେ ଫୁଟ୍ ଓଭର ବ୍ରିଜର ବ୍ୟବସ୍ଥା ନିମନ୍ତେ ପୂର୍ବତଟ ରେଳପଥ ପକ୍ଷରୁ ପ୍ରସ୍ତାବ ସମ୍ପର୍କରେ ଘୋଷଣା କରାଯାଇଛି। ଗୋଟିଏ ପ୍ଲାଟ୍‌ଫର୍ମରୁ ଅନ୍ୟ ଏକ ପ୍ଲାଟ୍‌ଫର୍ମ କିମ୍ବା ଷ୍ଟେଶନର ଗୋଟିଏ ପାର୍ଶ୍ୱରୁ ଅନ୍ୟ ଏକ ପାର୍ଶ୍ୱକୁ ଯିବା ଆସିବା ଲାଗି ଏହି ଫୁଟ୍ ଓଭରବ୍ରିଜଗୁଡିକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଜଗୁଆଳି ବିହୀନ ଲେଭଲ କ୍ରସିଂଗୁଡିକୁ ହଟାଇବା ଦିଗରେ ରେଲୱେର ଭୂମିକା ପ୍ରଶଂସାଯୋଗ୍ୟ। ପୂର୍ବତଟ ରେଳପଥ ପକ୍ଷରୁ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ ନିର୍ମାଣ, ଲେଭଲ୍ କ୍ରସିଂଗୁଡିକରେ କର୍ମଚାରୀ ନିଯୁକ୍ତି ମାଧ୍ୟମରେ ସମସ୍ତ ଜଗୁଆଳି ବିହୀନ ଲେଭେଲ୍ କ୍ରସିଂଗୁଡିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଯାଇଥିବା ରେଲ୍‌ୱେ ପକ୍ଷରୁ ସୂଚନା ରହିଛି।

## ■ ବନ୍ଦୋବସ୍ତ କେସ ଫଇସଲାରେ ବିଳମ୍ବ
# ଜିଲାପାଳଙ୍କ ଦ୍ୱାରସ୍ଥ ହେଲା କ୍ରିୟାନୁଷ୍ଠାନ କମିଟି

**ପୁରୀ ଅଫିସ, ୨୯।୧୦**



ବେବନ୍ଦୋବସ୍ତ ପଟ୍ଟାଧାରୀମାନେ ଜିଲାପାଳଙ୍କୁ ଭେଟି ଫେରୁଛନ୍ତି।

ଜିଲାର ବିଭିନ୍ନ ତହସିଲରେ ହଜାର ହଜାର ବନ୍ଦୋବସ୍ତ କେସ ପଡିରହିଛି। ସେଗୁଡିକ ତ୍ୱରାନ୍ୱିତ ହୋଇ ପାରୁ ନ ଥିବା ବେଳେ ରାଜ୍ୟ ସରକାର ରାଜସ୍ୱ ହରାଉଛନ୍ତି। ସବୁଠାରୁ ବଡ଼କଥା ହେଉଛି ଫଇସଲା ହୋଇ ନ ଥିବାରୁ ଦଖଲରେ ରହିଥିବା ଜମି ମାଲିକ ଉକ୍ତ ଜମି ଉପରେ ମାଲିକାନା ଜାହିର କରିପାରୁନାହିଁ। ଏପରି କି ଆବଶ୍ୟକ ସ୍ଥଳେ ଉକ୍ତ ଜମିକୁ ବନ୍ଧକ ରଖି ବ୍ୟାଙ୍କରୁ ଋଣ ମଧ୍ୟ ଆଣିପାରୁନାହିଁ। ଏହାକୁ ନେଇ ଜିଲାରେ ଜନ ଆନ୍ଦୋଳନ ମୁଣ୍ଡ ଟେକିବାରେ ଲାଗିଛି। ଗଠନ ହୋଇଛି ବେବନ୍ଦୋବସ୍ତ କ୍ରିୟାନୁଷ୍ଠାନ କମିଟି। କମିଟି ସଦସ୍ୟ ଏବଂ ଶାସନ ଦାମୋଦରପୁର ରାଜସ୍ୱ ସର୍କଲର ଶତାଧିକ ଲୋକେ ସୋମବାର ଉପରୋକ୍ତ ସମସ୍ୟାକୁ ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ୧୯୭୭ ମସିହା ବନ୍ଦୋବସ୍ତ ପରଠାରୁ ୪୧ ବର୍ଷ ମଧ୍ୟରେ ୨୦୦୨-୦୩ ଏବଂ ୨୦୧୬-୧୭ ଦୁଇଥର ପୁରୀ ତହସିଲ ପକ୍ଷରୁ ଶାସନ ଦାମୋଦରପୁର ରାଜସ୍ୱ ମୌଜା ଲୋକଙ୍କୁ ଫଇସଲା ନିମନ୍ତେ ନୋଟିସ କରାଯାଇଛି। ନିୟମ ଅନୁଯାୟୀ ଫର୍ମ ଓ ଦସ୍ତାବିଜ ଦାଖଲ କରିଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ୨୦୧୮ ଜାନୁୟାରୀ ୩୦ରେ ତତ୍କାଳୀନ ଅତିରିକ୍ତ ଜିଲାପାଳ ପୁରୀ ଜିଲାର ସମସ୍ତ ତହସିଲଦାରଙ୍କୁ ଚିଠି ଲେଖି ବେବନ୍ଦୋବସ୍ତ ମାମଲାଗୁଡିକ ତ୍ୱରିତ ଫଇସଲା କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ କେସ ଫଏସଲା ପାଇଁ ତହସିଲ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ। ତ୍ୱରିତ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେମାନେ ଚେତାଇ ଦେଇଛନ୍ତି। ବେବନ୍ଦୋବସ୍ତ କ୍ରିୟାନୁଷ୍ଠାନ କମିଟି ପୁରୀର ଆବାହକ ସୂର୍ଯ୍ୟନାରାୟଣ ରଥଙ୍କ ନେତୃତ୍ୱରେ ପ୍ରଭାତ ଷଡଙ୍ଗୀ, ପ୍ରତାପ ଷଡଙ୍ଗୀ ପ୍ରମୁଖ ଶତାଧିକ ଲୋକେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ।